Odia Spiritual Books #1005_11

# ଭାଗବତ

## bhAgabata - 11

## ୧୧

www.odia.org

**ଭାଗବତ - ୧୧**

*Odia Spiritual Books* ***#1005_11***

***Version:- 1.0_010108***

*Publisher:- www.odia.org*

*Price:- Priceless*

*Not for any business use*

ଅତିବଡ଼ୀ ଜଗନ୍ନାଥ ଦାସକୃତ

# ଶ୍ରୀମଦ୍ ଭାଗବତ

## ଏକାଦଶ ସ୍କନ୍ଧ

# ଏକାଦଶ ସ୍କନ୍ଧ

## ପ୍ରଥମ ଅଧ୍ୟାୟ

ନମଇଁ ନୃସିଂହ ଚରଣ । ଅନାଦି ପରମ କାରଣ ॥ 1
ନୀଳଜୀମୂତ କଳେବର । ଦେବମାନବେ ଅଗୋଚର ॥ 2
ମାୟା ସଂସାରେ ଯାର ଖେଳା । ଯା' ନାମ ଭବଜଳେ ଭେଳା ॥ 3
କରୁଣା କଟାକ୍ଷ ପ୍ରକାଶେ । ଭକତଜନ ଦୁଃଖ ନାଶେ ॥ 4
ସେ ପାଦେ ଶରଣ ମୋହର । ହେଲେ ତରିବି ତମଘୋର ॥ 5
ସେ ହରି ଚରିତ ପ୍ରକାଶ । ମୁକ୍ତି ଲକ୍ଷଣ ଏକାଦଶ ॥ 6
ଏ ଭାଗବତ ଧର୍ମ କଥା । ହେଲେ ଖଣ୍ଡଇ ଭବବ୍ୟଥା ॥ 7
ନାରଦ ବସୁଦେବ ବାଣୀ । ନିମି ରାଜନେ ନବମୁନି ॥ 8
ଉଦ୍ଧବ ନିସ୍ତାରଣ ବାଣୀ । ଯାହା କହିଲେ ଚକ୍ରପାଣି ॥ 9
ସେ କଥା ପ୍ରାକୃତେ ପ୍ରକାଶ । ଆରମ୍ଭେ ଜଗନ୍ନାଥ ଦାସ ॥ 10
ବ୍ୟାସନନ୍ଦନ ମୁଖୁଁ ଶୁଣି । ନିର୍ମଳ ଭାଗବତ ବାଣୀ ॥ 11
ସାଧୁସଙ୍ଗମେ ଗଙ୍ଗାତୀରେ । ଶୁକ ଚରଣ ଧରି କରେ ॥ 12
ଆନନ୍ଦେ କରି ଅଶ୍ରୁପାତ । । ବୋଇଲେ ଅଭିମନ୍ୟୁ ସୁତ ॥ 13

### ପରିକ୍ଷିତ ଉବାଚ

ଭୋ ମୁନି ନମେ ତୋ' ପୟରେ । ମୋତେ ଉଦ୍ଧର ଏ ସଂସାରେ ॥ 14
କହ ଶ୍ରୀକୃଷ୍ଣ ଗୁଣମାନ । ପୁଣି କି କଲେ ଭଗବାନ ॥ 15

### ଶୁକ ଉବାଚ

କହନ୍ତି ବ୍ୟାସଙ୍କ ତନୁଜ । ଶୁଣ ପରୀକ୍ଷ ମହାରାଜ ॥ 16
ଦେବଙ୍କ ବ୍ୟାକୁଳେ ମୁରାରି । ଅବନୀ ତଳେ ଅବତରି ॥ 17
ଅଂଶେ ମନୁଷ୍ୟରୂପ ଧରି । ଯାଦବ ତୁଳେ ରାମହରି ॥ 18
ଦୁଷ୍ଟ ଦନୁଜଗଣ ମାରି । ଅବନୀଭାରା ହେଲେ ହରି ॥ 19
କୁରୁ ପାଣ୍ଡବ ମଧ୍ୟେ ହରି । ମାୟା କନ୍ଦଳେ ଭେଦ କରି ॥ 20
କପଟ ପଶା ବନବାସ । ଆକର୍ଷି ଦ୍ରୌପଦୀର କେଶ ॥ 21



ଭୀମକୁ ବିଷଲଡୁ ଦେଇ । ଜତୁର ଘରେ ଅଗ୍ନି ଦାହି ॥ 22
ଏ ଆଦି ଯେତେ କଷ୍ଟମାନ । ପାଣ୍ଡବେ ଦେଲା ଦୁର୍ଯ୍ୟୋଧନ ॥ 23
ସେ ଅପମାନେ କ୍ରୋଧ ବହି । ସଙ୍ଗତେ ଘେନି ପାଞ୍ଚଭାଇ ॥ 24
ନିମିତ୍ତ କରି ତା'ଙ୍କୁ ହରି । ଅନେକ ଅକ୍ଷୌହିଣ ମାରି ॥ 25
ଭାରା ନିବାରି ଭଗବାନ । ଅନ୍ତେ ଚଳିଲେ ନିଜ ସ୍ଥାନ ॥ 26
ଯାଦବେ କୃଷ୍ଣ ଭୁଜବଳେ । ଅଜେୟ ଏ ମହୀମଣ୍ଡଳେ ॥ 27
ତାହାଙ୍କୁ ସଙ୍ଗେ ଘେନି କରି । ଦୁଷ୍ଟରାଜାଙ୍କ ପ୍ରାଣ ହରି ॥ 28
ମନରେ କରନ୍ତି ବିଚାର । ଯାବତ ଛନ୍ତି ଯଦୁବୀର ॥ 29
ତାବତ ପୃଥିବୀର ଭାର । ଉଶ୍ୱାସ କାହିଁ ଅଛି ଆର ॥ 30
ଦେବତା ଆଦି ନାଗ ନର । ଏଣେ ଏ ନୁହଁନ୍ତି ସଂହାର ॥ 31
ମୋର ବିଭବ ମୋର ହସ୍ତେ । ନାଶିବା ନୁହଇ ଉଚିତେ ॥ 32
କଳି ଭିଆଇ ନିଜବଂଶେ । ସଂହାରି ବିଶ୍ରମିବି ଶେଷେ ॥ 33
ବନୁ ଅନଳ ଜାତ ହୋଇ । ଯେହ୍ନେ ଲିଭଇ ବନ ଦହି ॥ 34
ଶୁଣ ରାଜନ ପରିକ୍ଷିତ । ଏମନ୍ତ ବିଚାରି ଅଚ୍ୟୁତ ॥ 35
ନିମିତ୍ତ ବିପ୍ରଶାପ କରି । କନ୍ଦଳେ ନିଜବଂଶ ମାରି ॥ 36
ଲାବଣ୍ୟରୂପେ ଜନ ମୋହି । ପ୍ରାଣୀ ନୟନେ ସୁଖ ଦେଇ ॥ 37
ସେ ରୂପ କରି ଅନ୍ତର୍ଦ୍ଧାନ । ହରିଲେ ପ୍ରାଣୀଙ୍କର ମନ ॥ 38
କୃଷ୍ଣ କୋମଳ ମଞ୍ଜୁବାଣୀ । ଯେ ଅବା କର୍ଣ୍ଣେ ଥିଲେ ଶୁଣି ॥ 39
ତେଣେ ତାହାଙ୍କ ମନ ହରି । ଅନ୍ତର ହୋଇଲେ ମୁରାରି ॥ 40
କୃଷ୍ଣର ପାଦପଦ୍ମ ଚିହ୍ନ । ସୁନ୍ଦର ମନ୍ଥର ଗମନ ॥ 41
ସେ ପାଦପଦ୍ମେ ଦେଇ ମନ । ଯେ ଅବା ଦେଖିଥିଲେ ଜନ ॥ 42
ସେ ରୂପେ ତା'ଙ୍କ ମନ ହରି । ନିଜ ଭୁବନେ ବିଜେ କରି ॥ 43
କୃଷ୍ଣର ଯଶ ଗୁଣ ଯେତେ । ସଂସାରେ ଶୁଣି ଗୁଣି ଚିତ୍ତେ ॥ 44
ପ୍ରାଣୀ ହୋଇବେ ଭବୁ ପାର । ଏମନ୍ତ ମହିମା ଯାହାର ॥ 45
ସେ ରୂପ କଲେ ଅନ୍ତର୍ଦ୍ଧାନ । ହରି ଚଳିଲେ ନିଜ ସ୍ଥାନ ॥ 46
ଶୁକ ଚରଣତଳେ ପଡି । କହେ ପରୀକ୍ଷ କରଯୋଡି ॥ 47

## ପରୀକ୍ଷିତ ଉବାଚ

ଅଖଣ୍ଡ ନିଜବଂଶ କୋପେ । କିମ୍ବା ହରିଲେ ବିପ୍ରଶାପେ ॥ 48
ଯେ ଯଦୁବଂଶ ମହୀତଳେ । କ୍ଷୟ ନୁହଁନ୍ତି ରିପୁବଳେ ॥ 49
ଯାହାର ସ୍ନେହ ଅନୁବନ୍ଧେ । ଈଶ୍ୱର ଖେଳଇ ଆନନ୍ଦେ ॥ 50
ଯାଦବେ ବିପ୍ର ଗୁରୁପାଦେ । ସେବନ୍ତି ବେଦବିଧି ବାଦେ ॥ 51
ସେ ବ୍ରହ୍ମଶାପ ନରହରି । ହେଲେ ପାରଇ ଆନ କରି ॥ 52
ସର୍ବ ସମ୍ପଦ ନିଜପୁରୀ । ମାୟାର ବଳେ ଭେଦ କରି ॥ 53
କିମ୍ପା ଗୋବିନ୍ଦ ସଂହାରିଲେ । ନିଜ ଭୁବନେ ବିଜେ କଲେ ॥ 54
ଯାଦବେ ଏକଆତ୍ମା ହୋଇ । କିପାଁ କନ୍ଦଳ କଲେ ସେହି ॥ 55
କି ଶାପ କି ଅବା କାରଣ । ଏ ସର୍ବ ମୋହର ପ୍ରଶନ ॥ 56
ଭୋ ମୁନି କହ ତୋଷମନେ । ଏମନ୍ତ ରାଜାର ବଚନେ ॥ 57

## ଶୁକ ଉବାଚ

ବୋଲନ୍ତି ବ୍ୟାସମୁନି ସୁତ । ଶୁଣ ହୋ କୃଷ୍ଣର ଚରିତ ॥ 58
ଜନମୋହନ ମାୟାଧର । ପ୍ରକାଶି ନର କଳେବର ॥ 59
ନାନା ବିଚିତ୍ରକର୍ମ କରି । କନ୍ଦଳେ ନିଜବଂଶ ମାରି ॥ 60
କାହାର ସାଧ୍ୟ ଏ ବେଭାର । ଶୁଣ ସୁମନେ ନୃପବର ॥ 61
କଳି କଳୁଷ ନିବାରଣ । ସଂସାରେ ସ୍ଥାପି ଯଶଗୁଣ ॥ 62
ଏବେ ଗୋବିନ୍ଦ କଲେ ଯେତେ । କହିବା ଶୁଣ ଏକଚିତ୍ତେ ॥ 63
ଯାଦବବଂଶ ନାଶ ଅର୍ଥେ । ଗୋବିନ୍ଦ ବିଚାରିଲେ ଚିତ୍ତେ ॥ 64
ବିପ୍ରେ ଯେ ଥିଲେ ନିଜ ଦେଶେ । କୃଷ୍ଣର ଦରଶନ ଆଶେ ॥ 65
ବିଶ୍ୱାମିତ୍ରଙ୍କୁ ଆଗ କରି । ଅସିତ କଣ୍ୱ ବ୍ରହ୍ମଚାରୀ ॥ 66
ବଶିଷ୍ଠ ନାରଦ ବିଶେଷି । ଭୃଗୁ ଅଙ୍ଗିରା ଅତ୍ରିଋଷି ॥ 67
ଦୁର୍ବାସା କଶ୍ୟପଙ୍କୁ ଘେନି । ଶ୍ରୀବାମଦେବ ମହାମୁନି ॥ 68
ଶ୍ରମେ ଚାଲନ୍ତି ବନପଥେ । ମିଳିଲେ ପିଣ୍ଡାରକ ତୀର୍ଥେ ॥ 69
ଏଣେ ଯେ କୃଷ୍ଣର କୁମରେ । ଆନନ୍ଦେ ସମୁଦ୍ରର ତୀରେ ॥ 70
ସକଳେ ଏକସ୍ଥାନେ ମିଳି । ରଙ୍ଗେ କରନ୍ତି ନାନାକେଳି ॥ 71
ଶାମ୍ବକୁ ନାରୀବେଶ କରି । ଅନେକ ଅଳଙ୍କାର ଭରି ॥ 72



ପ୍ରସବ ଗର୍ଭ ପ୍ରାପ୍ତ କରି । ଉଦରେ ଲୌହପାତ୍ର ଭରି ॥ 73
ଚାଲଇ ଚରଣ ମନ୍ଥରେ । ଶ୍ରମେ ଘୂର୍ମିତ କଳେବରେ ॥ 74
ମୁନିଙ୍କି ଦେଖି ଲଜ୍ଜା ପାଇ । ଅନ୍ତରେ ଅଧୋମୁଖ ହୋଇ ॥ 75
ରହିଲା ଲତା ଅଭ୍ୟନ୍ତରେ । ଏମନ୍ତେ କୃଷ୍ଣର କୁମରେ ॥ 76
ମୁନିଙ୍କ ପାଶେ ଯାଇ ଧୀରେ । କର ଅଞ୍ଜଳି ଦେଇ ଶିରେ ॥ 77
କୋମଳ ମଧୁର ବଚନେ । ବୋଲନ୍ତି ଶୁଣ ବିପ୍ରଜନେ ॥ 78
ଯାଦବ କୁଳବଧୂ ଏହି । ଅନେକ ଦିନୁ ଗର୍ଭ ବହି ॥ 79
ପ୍ରସବ ନୋହେ କି କାରଣେ । ପୁଛିଲୁ ତୁମ୍ଭର ଚରଣେ ॥ 80
ଚଳି ନ ପାରେ ଶ୍ରମଭାଗେ । ଲାଜେ ନ କହେ ତୁମ୍ଭ ଆଗେ ॥ 81
ତୁମ୍ଭେ ସର୍ବଜ୍ଞ ମୁନିବର । କି ଅଛି ଗର୍ଭରେ ଏହାର ॥ 82
ପୁତ୍ର ଦୁହିତା କିବା ଜାତ । ମାୟା ନ କରି କହ ସତ ॥ 83
ଶୁଣି ସେ କପଟ ବଚନ । କୋପେ ବୋଲନ୍ତି ମୁନିଜନ ॥ 84
ଏ ନାରୀ ଗର୍ଭବାସ ବାଣୀ । ଆମ୍ଭେ ଜାଣିଲୁ ପରିମାଣି ॥ 85
ଏହାର ଗର୍ଭ ହେବ କାଳ । ନିଷ୍ଠୁର ଲୌହର ମୂଷଳ ॥ 86
ଆଜ ଏ ଗର୍ଭ ପ୍ରସବିବ । ତୁମ୍ଭର ବଂଶ ବିନାଶିବ ॥ 87
କୁଳ ସମୂଳେ କରି ନାଶ । ଭୂମିରେ ଯେତେ ଯଦୁବଂଶ ॥ 88
ଏମନ୍ତ କହି ଗଲେ ମୁନି । କୃଷ୍ଣ କୁମରେ ତାହା ଶୁଣି ॥ 89
ବଜ୍ର ପଡ଼ିଲା ଯେହ୍ନେ ମୁଣ୍ଡେ । ଶାମ୍ବକୁ ଘେନି ରାଜଦାଣ୍ଡେ ॥ 90
ତକ୍ଷଣେ ଲୌହପାତ୍ର ଫେଇ । ପେଟ ଖୋଜନ୍ତି ହସ୍ତ ଦେଇ ॥ 91
କର୍କଶ ପିଙ୍ଗଳ ପିଚ୍ଛିଳ । ଦେଖିଲେ ଲୌହର ମୂଷଳ ॥ 92
ଗର୍ଭୁ ପଡ଼ିଲା ବଜ୍ର ପ୍ରାୟେ । ଦେଖି କମ୍ପିଲେ କୃଷ୍ଣପୋଏ ॥ 93
ଲୌହମୂଷଳ ତେଜଭରେ । ଚକ୍ଷୁ ବୁଜିଲେ ବେନିକରେ ॥ 94
ବୋଲନ୍ତି କଲୁ ମନ୍ଦକର୍ମ । କିବା ବୋଲିବେ କୃଷ୍ଣରାମ ॥ 95
ଏମନ୍ତେ ଶ୍ରୀକୃଷ୍ଣର ସୁତେ । ଲୌହମୂଷଳ ଘେନି ହସ୍ତେ ॥ 96
ଉଗ୍ରସେନର ସଭାତଳେ । ମିଳିଲେ ହୃଦୟ ବ୍ୟାକୁଳେ ॥ 97
ଲୌହମୂଷଳ ତଳେ ଥୋଇ । ବୋଲନ୍ତି ସଭାମୁଖ ଚାହିଁ ॥ 98
ଆମ୍ଭେ ଯେ କ୍ରୀଡ଼ା କଉତୁକେ । ଖେଳନ୍ତେ ତୀର୍ଥ ପିଣ୍ଡାରକେ ॥ 99

ଶାମ୍ବକୁ ନାରୀବେଶ କରି । ଉଦରେ ଲୌହପାତ୍ର ଭରି ॥ 100
ମୁନିଙ୍କି ପଚାରିଲୁ ଭାବେ । ଏ ଗର୍ଭ ପ୍ରସବ ପ୍ରସ୍ତାବେ ॥ 101
ଶୁଣି କୋପିଲେ ମୁନିଜନେ । ବନ-ଗହନ-ପଥ ଶ୍ରମେ ॥ 102
ବୋଇଲେ ଗର୍ଭେ ଅଛି କାଳ । ନିଷ୍ଠୁର ଲୌହର ମୂଷଳ ॥ 103
ଭୂମିରେ ଯଦୁବଂଶ ଯେତେ । ଏ ଲୌହେ ମରିବେ ସମସ୍ତେ ॥ 104
ନିର୍ମୂଳ କରି ଯଦୁକୁଳ । ଏ ଜାତ ଲୌହର ମୂଷଳ ॥ 105
ତକ୍ଷଣେ ଗର୍ଭ ଫେଇ ଦେଖି । ଭୟେ ବୁଜିଲୁ ବେନିଆଖି ॥ 106
ଏମନ୍ତେ କହି ସଭାମଧ୍ୟେ । କ୍ରୁମରେ ବସିଲେ ବିଷାଦେ ॥ 107
ଶୁଣି ସକଳ ଗୁରୁଜନେ । କହଇ ଦୁଃଖଦ ବଦନେ ॥ 108
ନିଷ୍ଠୁର ବ୍ରହ୍ମ କୋପାନଳ । ଦହଇ ଭୁବନମଣ୍ଡଳ ॥ 109
ଅନ୍ୟଥା କେ ତାହା କରିବ । ବ୍ରହ୍ମାଶଙ୍କର ବାସୁଦେବ ॥ 110
ଶୁଣି ବିଷାଦ ସଭାଜନ । ବଦନୁ ନ ସ୍ଫୁରେ ବଚନ ॥ 111
ତା' ଦେଖି ରାଜା ଉଗ୍ରସେନ । ଭୃତ୍ୟଙ୍କୁ ବୋଲନ୍ତି ବଚନ ॥ 112
ଏ ଲୌହ ଗିରିଶିଖେ ନେଇ । ଘଷ ସମୁଦ୍ରଜଳ ଦେଇ ॥ 113
ନିଃଶେଷ କରି ଲୌହ ଘଷ । ଯେମନ୍ତେ ନ ରହଇ ଶେଷ ॥ 114
ତକ୍ଷଣେ ରାଜା ଆଜ୍ଞା ପାଇ । ମୂଷଳ ଘେନି ବେଗେ ଯାଇ ॥ 115
ପର୍ବତେ ସମୁଦ୍ରର ଜଳେ । ଲୌହ ଘଷିଲେ ଭୁଜବଳେ ॥ 116
ଘଷନ୍ତେ ଲୌହଚୂର୍ଣ୍ଣ ଶିଳେ । ପଡ଼ଇ ସମୁଦ୍ର ଉଲ୍ଲୋଳେ ॥ 117
ଅନେକ ଦିନ ଘଷି ରୋଷେ । ଅଳପ ରହେ ଅବଶେଷେ ॥ 118
ଅଙ୍ଗୁଳି ଛିଡ଼ି ଘରଷଣେ । ନିଷ୍ଠୁରେ ନିଃଶେଷ କରଣେ ॥ 119
ନ ପାରି ପକାଇଲେ ଜଳେ । ଘୋର ଗଭୀର ମୀନମେଳେ ॥ 120
ଲୌହ ପଡ଼ନ୍ତେ ଘୋର ପାଣି । ଆହାର ପ୍ରାୟ ତାହା ମଣି ॥ 121
ମୀନ ଗିଳିଲା ଅତି ବେଗେ । ସେ ମୀନ ମତ୍ସ୍ୟଗଣ ସଙ୍ଗେ ॥ 122
ଚରନ୍ତେ ସମୁଦ୍ରର ଜଳେ । ଜାଲେ ପଡ଼ିଲା ରାତ୍ରକାଳେ ॥ 123
ଧୀବରେ ମୀନ ନେଇ ଏକା । ଜାରାଶବରେ ଦେଲା ଦେଖା ॥ 124
ମୀନ କାଟନ୍ତେ ତା'ର ଘରେ । ଲୌହ ଦେଖିଲା ତା' ଉଦରେ ॥ 125
କର୍କଶ ପିଙ୍ଗଳ ପ୍ରଚଣ୍ଡ । ଜଳଇ ଯେହ୍ନେ ମାରତଣ୍ଡ ॥ 126



ଦେଖି ଶବର ତୋଷ ହୋଇ । ନାରାଚଫଳ କଲା ନେଇ ॥ 127
ବାଣର ମୁନେ ତୀକ୍ଷ୍ଣଫଳ । ତେଜେ କି ଗଞ୍ଜାଇ ଅନଳ ॥ 128
ଯେ ଲୌହଚୂର୍ଣ୍ଣ ପଡ଼ିଜଳେ । ଭାସିଲା ସମୁଦ୍ର ଉଲ୍ଲୋଳେ ॥ 129
ତୀରେ ଲାଗନ୍ତେ ଲୌହଚୂର୍ଣ୍ଣ । ଜନ୍ମିଲା ଏରକାର ବନ ॥ 130
ତୀକ୍ଷ୍ଣ ତ୍ରିଶିର ସେ ସ୍ୱଭାବେ । ଯେଣେ ଯାଦବେ ନାଶଯିବେ ॥ 131
ସେ କାଳରୂପୀ ଭଗବାନ । ଜାଣଇଁ ସକଳ ବିଧାନ ॥ 132
ଖେଳଇ ମାୟାମୟ କକ୍ଷେ । ସେ ପ୍ରଭୁ ଡ଼ରେ ବ୍ରହ୍ମଶାପେ ॥ 133
କୁଳବିନାଶ ହେତୁ କରି । ଅବନୀଭାରା ହେଲେ ହରି ॥ 134
ନିଜ ଭୁବନେ ଅବଧାନ । ନିର୍ଲେପ ପ୍ରଭୁ ଭଗବାନ ॥ 135
ବୋଲଇ ଦାସ ଜଗନ୍ନାଥ । ଶ୍ରୀଏକାଦଶ ଭାଗବତ ॥ 136
ଜାହ୍ନବୀତୀରେ ରାଜା ଆଗେ । ଶୁକ କହିଲେ ସାଧୁସଙ୍ଗେ ॥ 137
ପୁରାଣ ଭାଗବତ ବାଣୀ । ସୁଜନେ ତର ଏହା ଶୁଣି ॥ 138

**ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଏକାଦଶସ୍କନ୍ଧେ ପ୍ରଥମୋଧ୍ୟାୟଃ ॥**

## ଦ୍ୱିତୀୟ ଅଧ୍ୟାୟ

### ଶୁକ ଉବାଚ

ଶୁଣ ପରିକ୍ଷ ମନସ୍ଥିରେ । ଅଦ୍ଭୁତ ଦ୍ୱାରକା ନଗରେ ॥ 1
ଗୋବିନ୍ଦ ଭୁଜଦଣ୍ଡବଳେ । ଯାଦବେ ଥା'ନ୍ତି ସୁଖଭୋଳେ ॥ 2
ଯହିଁ ନାରଦ ଥା'ନ୍ତି ନିତି । କୃଷ୍ଣଭକତି ହୃଦେ ଚିନ୍ତି ॥ 3
ମର୍ତ୍ତ୍ୟେ ମନୁଷ୍ୟ ଦେହ ଧରି । କେ କୃଷ୍ଣଭାବ ପରିହରି ॥ 4
ବାସବ ଆଦି ଦେବଗଣ । ଯା'କୁ ସେବନ୍ତି ଅନୁକ୍ଷଣ ॥ 5
ଭବ ବିରଞ୍ଚି ଯା'ର ପାଦେ । ସେବନ୍ତି ନିତ୍ୟେ ଅପ୍ରମାଦେ ॥ 6
ନାରଦମୁନି ଏକଦିନେ । ଗଲେ ବସୁଦେବ ଭୁବନେ ॥ 7
ନାରଦ ଆଗମନ ଭାବ । ଦେଖି ମିଳିଲେ ବସୁଦେବ ॥ 8
ପବିତ୍ର ଜଳେ ପାଦଧୋଇ । ଆସନେ ବସାଇଲେ ନେଇ ॥ 9
ଚରଣେ କରି ନମସ୍କାର । ଭାବେ ବୋଇଲେ ଯଦୁବୀର ॥ 10

## ବସୁଦେବ ଉବାଚ

ଧନ୍ୟ ଜୀବନ ଆଜ ମୋର । ଦେଖିଲି ଚରଣ ତୁମ୍ଭର ॥ 11
ତୁମ୍ଭେ ଯେ ଲୋକ-ପରିତ୍ରାଣେ । ବ୍ରହ୍ମାଣ୍ଡେ ବୁଲ ଅନୁକ୍ଷଣେ ॥ 12
ପିତାମାତାଙ୍କ ଆଗମନ । ପୁତ୍ରଙ୍କୁ କଲ୍ୟାଣ ଯେସନ ॥ 13
ବିଷ୍ଣୁ-ଭକତଜନ ଦେଖି । ନିର୍ମଳ ହୋଏ ଚର୍ମ ଆଖି ॥ 14
ଜନ୍ତୁଙ୍କୁ ଦେବଙ୍କ ଚରିତ । ସାଧଇ ଦୁଃଖ ସୁଖ ଅର୍ଥ ॥ 15
ତୁମ୍ଭର ପ୍ରାୟ ସାଧୁ ଯେତେ । କେବଳ ପ୍ରାଣୀ ସୁଖ ଅର୍ଥେ ॥ 16
ସାଧବେ ବିଷ୍ଣୁଭାବେ ଥା'ନ୍ତି । ଏଣୁ ପ୍ରାଣୀଙ୍କ ହିତ ଚିନ୍ତି ॥ 17
ଦେବଙ୍କ ଚରିତ ପ୍ରମାଦ । କରଇ ହରଷ ବିଷାଦ ॥ 18
ମନୁଷ୍ୟେ ସୁଖଭୋଗ ଚିନ୍ତି । କେ ଅବା ଦେବଙ୍କୁ ପୂଜନ୍ତି ॥ 19
ଦେବେ ତାହାଙ୍କ ଉପକାରେ । ଭଜନ୍ତି ଭକ୍ତି ଅନୁସାରେ ॥ 20
ସ୍ୱଭାବେ ଦେବେ ଛାୟାବତ । ବସନ୍ତି କର୍ମର ଆୟତ୍ତ ॥ 21
ତେଣୁ ସେ କର୍ମ ଅନୁସାରେ । ପ୍ରାଣୀଙ୍କି ତୋଷୁଥା'ନ୍ତି ବରେ ॥ 22
ସେ କର୍ମଫଳ ଅନୁମତେ । ପ୍ରାଣୀ ଭୁଞ୍ଜନ୍ତି ଏ ଜଗତେ ॥ 23
ବିଷ୍ଣୁ ଭକତ ପ୍ରାଣୀଙ୍କର । ଜଗତେ ନାହିଁ ଆତ୍ମାପର ॥ 24
ଦୟା କରନ୍ତି ସର୍ବଲୋକେ । ଦିନ ହରନ୍ତି ଦୁଃଖସୁଖେ ॥ 25
ଆଜ ମୁଁ ଦେଖି ତୁମ୍ଭପଦ । ଲଭିଲି ସକଳ ସମ୍ପଦ ॥ 26
ତଥାପି ବୈଷ୍ଣବର ଧର୍ମ । ବିଷ୍ଣୁ ପ୍ରସନ୍ନେ ଯେତେ କର୍ମ ॥ 27
ତାହା ଶୁଣିତେ ମୋର ଇଛା । ପୁଚ୍ଛଇ କହ ଧର୍ମଦୀକ୍ଷା ॥ 28
ଯେ ଧର୍ମ କଥନ ଶ୍ରବଣ । ସକଳ ଭୟ ନିବାରଣ ॥ 29
ପୂର୍ବେ ମୁଂ ତପଯୋଗବଳେ । ସେବିଲି ବିଷ୍ଣୁ ପାଦ ମୂଳେ ॥ 30
ବିଷ୍ଣୁ ଯାଚିଲେ ମୋତେ ବର । ମୋର ଅଦୃଷ୍ଟ ବଳୀୟାର ॥ 31
ମୋକ୍ଷ ନ ମାଗି ପୁତ୍ରକାମେ । ପଡ଼ିଲି ମାୟା ମୋହ ଭ୍ରମେ ॥ 32
ଏବେ ଉପାୟ ତୁମ୍ଭେ କର । ଯେମନ୍ତେ ତୁଟେ ଭ୍ରମ ମୋର ॥ 33
ବସୁଦେବର ବାକ୍ୟ ଶୁଣି । ମନଆନନ୍ଦେ ବ୍ରହ୍ମମୁନି ॥ 34

## ନାରଦ ଉବାଚ

ବୋଲନ୍ତି ଶୁଣ ଯଦୁବୀର । ଧନ୍ୟ ବଚନ ଏ ତୋହର ॥ 35



ତୋ ଚିତ୍ତ ଭାଗବତଧର୍ମେ । କଳ୍ପିଲା ପୂର୍ବ ପୁଣ୍ୟକର୍ମେ ॥ 36
ଶୁଣ ସେ ଧର୍ମର ମହିମା । କେ କହିପାରେ ଗୁଣ ସୀମା ॥ 37
ଯେବେ ଶ୍ରବଣେ ଏହା ଶୁଣି । ମନ ବଚନେ ପରିମାଣି ॥ 38
ଯଦ୍ୟପି ଦେବ-ବିଶ୍ୱଦ୍ରୋହୀ । ଅନ୍ୟ ପତିତ ଯେବେ ହୋଇ ॥ 39
ସେ ଧର୍ମେ ଯେବେ ମନ ପଶେ । ସର୍ବ କଳୁଷ ବେଗେ ନାଶେ ॥ 40
ଧନ୍ୟ ଯାଦବ ତୋ' ଜୀବନ । କୃଷ୍ଣରେ ନିବେଶିଲୁ ମନ ॥ 41
କୃଷ୍ଣର ଶ୍ରବଣ କୀର୍ତ୍ତନ । ଅଶେଷ ଦୁରିତ ଦହନ ॥ 42
କହିବା ଶୁଣ ସାବଧାନେ । ଯେ ଇତିହାସ ପୁରାତନେ ॥ 43
ପୂର୍ବେ ଯେ ବିଦେହମଣ୍ଡଳେ । ନିମି ରାଜାର ଯଜ୍ଞକାଳେ ॥ 44
ଦିବ୍ୟ ପୁରୁଷ ନବଋଷି । ମିଳିଲେ ଯଜ୍ଞଶାଳେ ଆସି ॥ 45
ସେ ନବଋଷି ମହାଜନ । ଶୁଣ ହେ ତାହାଙ୍କ ବିଧାନ ॥ 46
ବ୍ରହ୍ମାର ଶରୀରୁ ସମ୍ଭବ । ଯେ ମନୁ ନାମ ସ୍ୱାୟମ୍ଭୁବ ॥ 47
ତା'ର ତନୟ ପ୍ରିୟବ୍ରତ । ସୁଗୁଣ ସାଧୁ ଶୁଚିବନ୍ତ ॥ 48
ପ୍ରିୟବ୍ରତର ସୁତ ଯେହି । ଆଗ୍ନୀଧ୍ର ବୋଲି ନାମ ହୋଇ ॥ 49
ଆଗ୍ନୀଧ୍ରସୁତ ନାଭି ନାମ । ସୁନ୍ଦର ସର୍ବଗୁଣଧାମ ॥ 50
ଋଷଭ ତାହାର କୁମର । ସେ ବିଷ୍ଣୁଅଂଶେ ଅବତାର ॥ 51
ତା'ର ମହିମା ଗୁଣ ଯେତେ । ଅନ୍ତ କେ କରୁ ତ୍ରିଜଗତେ ॥ 52
ଅଶେଷ ମହିମା ଯାହାର । ଭରତ ତାହାର କୁମର ॥ 53
ଶତେକ ପୁତ୍ରେ ଶ୍ରେଷ୍ଠ ସେହି । ଅପରେ ଊନଶତ ଭାଇ ॥ 54
ସକଳେ ବେଦବିଦ୍ୟା ସାର । ପବିତ୍ରମୟ କଳେବର ॥ 55
ଭରତ ଥାଇ ପୁଣ୍ୟକର୍ମେ । ଭାରତ ଭୂମି ଯା'ର ନାମେ ॥ 56
ଭୁବନେ ରାଜଭୋଗ ଭୁଞ୍ଜି । ବନେ ପଶିଲା ରାଜ୍ୟ ତେଜି ॥ 57
ତପେ ତୋଷିଲା ଭାବଗ୍ରାହୀ । ଜାତିସ୍ମର ସେ ଜନ୍ମୁଁ ହୋଇ ॥ 58
ଏମନ୍ତେ ତିନିଜନ୍ମ ଅନ୍ତେ । ପଶିଲା ବିଷ୍ଣୁପାଦଗତେ ॥ 59
ଅଶେଷଦୁଃଖ ନାଶ ଗଲା । ଜନ୍ମ ମରଣୁଁ ନିସ୍ତରିଲା ॥ 60
ଆର ଯେ ଊନଶତ ଭାଇ । ତା'ଙ୍କ ମହିମା ଶୁଣ ତୁହି ॥ 61
ତାହାଙ୍କ ମଧ୍ୟେ ନବସୁତ । ସାଧୁ ସୁଗୁଣ ବଳବନ୍ତ ॥ 62

ହୋଇଲେ ନବଦ୍ୱୀପେ ରାଜା । ସୁଖେ ପାଳିଲେ ଜନପ୍ରଜା ॥ 63
ଏକ ଅଧିକେ ଅଶୀ ସୁତେ । ବେଦ ଅଭ୍ୟାସି ଦୃଢଚିତ୍ତେ ॥ 64
ତପେ ଆରାଧି ନାରାୟଣ । ଜଗତେ ହୋଇଲେ ବ୍ରାହ୍ମଣ ॥ 65
ଶେଷ ଯେ ନବସୁତ ଥିଲେ । ନିର୍ଗୁଣ ଯୋଗ ଅଭ୍ୟାସିଲେ ॥ 66
ସେ ଆତ୍ମଜ୍ଞାନୀ ସାଧୁ ଧୀର । ଜଟା ବିଭୂତି ଦିଗମ୍ବର ॥ 67
ମିତ୍ର ଅଇରି  ପକ୍ଷ ସମ । ଶୁଣ ହେ ତାହାଙ୍କର ନାମ ॥ 68
ସେ କବି ହରି ଅନ୍ତରୀକ୍ଷ । ଏ ତିନି ଜ୍ଞାନେ ଧ୍ୟାନେ ଦକ୍ଷ ॥ 69
ପ୍ରବୁଦ୍ଧ ଯେ ପିପ୍ପଳାୟନ । ଷଷ୍ଠରେ ଆବିର୍ହୋତ୍ର ନାମ ॥ 70
ଦ୍ରୁମିଳ ଚମସ ଏ ଦୁଇ । କରଭାଜନ ନବଭାଇ ॥ 71
ଏମନ୍ତେ ନବ ସହୋଦରେ । ଆନନ୍ଦେ ଭ୍ରମନ୍ତି ସଂସାରେ ॥ 72
ତାହାଙ୍କ ମନ କୃଷ୍ଣଦେହେ । କପଟ ତେଜି ଏକସ୍ନେହେ ॥ 73
ଦେଖନ୍ତି ସର୍ବଜୀବ ଦେହେ । ଏକା ଗୋବିନ୍ଦ ଆନ ନୋହେ ॥ 74
ପରମଆତ୍ମା ଭାବେ ମଜ୍ଜି । ଏକା ଗୋବିନ୍ଦ ପାଦେ ଭଜି ॥ 75
ସେ ଅବ୍ୟାହତ ଇଷ୍ଟଗତି । ଏମନ୍ତେ ନବବିପ୍ରେ ଥା'ନ୍ତି ॥ 76
ସିଦ୍ଧ ଗନ୍ଧର୍ବ ସୁରମେଳେ । ଯକ୍ଷକିନ୍ନର ରସାତଳେ ॥ 77
ଶିବ ସୁରଭିପୁରେ ଥା'ନ୍ତି । ବ୍ରହ୍ମାର ଭୁବନେ ମିଳନ୍ତି ॥ 78
ଏ ଆଦି ନାନା ଦେଶ ପୁରେ । ଭ୍ରମନ୍ତି ନବସହୋଦରେ ॥ 79
ସେ ନବମୁନି ଏକଦିନେ । ମିଳିଲେ ନିମି ଯଜ୍ଞସ୍ଥାନେ ॥ 80
ତାହାଙ୍କୁ ଯଜ୍ଞଶାଳେ ଦେଖି । ଜନକ ଆସନ ଉପେକ୍ଷି ॥ 81
ଦେଖିଲେ  ଦିବ୍ୟତେଜୋମୟେ । ରବିଶଶାଙ୍କ ସମ ନୋହେ ॥ 82
ଅଗ୍ନି ଯେ କୁଣ୍ଡମଧ୍ୟେ ଥିଲେ । ବିପ୍ରଙ୍କ ସଙ୍ଗତେ ଉଠିଲେ ॥ 83
ଜାଣିଲେ ବିଦେହରାଜନ । ଏ ସର୍ବେ କୃଷ୍ଣପରାୟଣ ॥ 84
ଆନନ୍ଦମନେ ନୃପବର । ପୂଜିଲେ ମୁନିଙ୍କ ପୟର ॥ 85
ପ୍ରଣାମ କରି ତା'ଙ୍କ ପାଦେ । ଆସନେ ବସାଇ ଆନନ୍ଦେ ॥ 86
ଦେଖଇ ରୂପ ତାହାଙ୍କର । ଯେସନେ ବ୍ରହ୍ମାଙ୍କ କୁମର ॥ 87
କରଯୁଗଳ ଶିରେ ଦେଇ । ବୋଲଇ ନିସ୍ତରିଲି ମୁହିଁ ॥ 88
ତୁମ୍ଭ ଚରଣଯୁଗ ଦେଖି । ନିର୍ମଳ କଲି ଚର୍ମଆଖି ॥ 89



ତୁମ୍ଭେ ଯେ ନବ ବିପ୍ରବର । ନିଶ୍ଚୟେ କୃଷ୍ଣ ଅନୁଚର ॥ 90
ସଂସାରେ ତୁମ୍ଭର ଭ୍ରମଣ । ଅଶେଷ ଲୋକ ପରିତ୍ରାଣ ॥ 91
ଏ ଯେ ମନୁଷ୍ୟ କଳେବର । ଦୁର୍ଲ୍ଲଭ କ୍ଷଣିକ ଭଙ୍ଗୁର ॥ 92
ତଥାପି ମନୁଷ୍ୟ ଶରୀରେ । ଯେ ଭଜେ ଗୋବିନ୍ଦ ପୟରେ ॥ 93
ତାହାଙ୍କୁ ଦେଖନ୍ତି ଯେ ପ୍ରାଣୀ । ତରନ୍ତି ଭବତରଙ୍ଗିଣୀ ॥ 94
କ୍ଷଣେ ନିମିଷେ ଲବେ ଲେଶେ । ଯେବେ ସେ ସାଧୁଜନ ପାଶେ ॥ 95
ଚିତ୍ତେ ଚିନ୍ତଇ କୃଷ୍ଣଭାବ । ତାହାକୁ ବୋଲି ନିଧିଲାଭ ॥ 96
ସେ ଲାଭ ତୁମ୍ଭର ବଚନ । ମୁଁ ଯେବେ ଶୁଣିତେ ଭାଜନ ॥ 97
ଯେ ଧର୍ମ ଆଚରଣେ ପ୍ରାଣୀ । ନିଶ୍ଚେ ଲଭନ୍ତି ଚକ୍ରପାଣି ॥ 98
ସେ ହରି ତା'ଙ୍କ ବଶେ ଥାଇ । ଏ ମାୟା ତା'ଙ୍କୁ ନ ଲାଗଇ ॥ 99
ଏମନ୍ତେ ନିମିବାକ୍ୟ ଶୁଣି । ବୋଲନ୍ତି ନବମହାମୁନି ॥ 100
ଶୁଣ ହେ ରାଜା ଏକ ଚିତ୍ତେ । ଯାହା କହିଲେ ଭାଗବତେ ॥ 101

## କବି ଉବାଚ

କବି ବୋଲନ୍ତି ରାୟେ ଶୁଣ । ଯେ ଭାଗବତ ଧର୍ମ ଗୁଣ ॥ 102
ନାନା ପ୍ରକାରେ ହରିପାଦେ । ଯାହାର ଚିତ୍ତ ଅପ୍ରମାଦେ ॥ 103
ଭଜଇ ଜାଣି ବିଷ୍ଣୁମାୟା । ସେ ହରି ତା'ରେ କରେ ଦୟା ॥ 104
ବିଷ୍ଣୁର ଅଭୟ ଚରଣ । ମଙ୍ଗଳ କୁଶଳ କାରଣ ॥ 105
ଅଶେଷ ଦୁଃଖ ନାଶକରେ । ଯେ ନିତ୍ୟେ କୃଷ୍ଣନାମ ଧରେ ॥ 106
ଦେହ ସମ୍ପଦ ଦାରା ସୁତ । ଏଣେ ମୋହିତ ଯା'ର ଚିତ୍ତ ॥ 107
କାମ ସଙ୍କଳ୍ପ ଦିନେ ଦିନେ । ବଢ଼ଇ ବିଷୟ-ଚିନ୍ତନେ ॥ 108
ମାୟାରେ ମନ ଆଗୋଚରେ । ଭ୍ରମଇ ଅଶେଷ ପ୍ରକାରେ ॥ 109
କୃଷ୍ଣର ଅଭୟ ଚରଣ । ଅଶେଷ ଦୁଃଖ ନିବାରଣ ॥ 110
ହରି ଚରଣ ଲାଭ ଅର୍ଥେ । ନାନା ଉପାୟ ଶାସ୍ତ୍ରଗତେ ॥ 111
ଯାହା କହିଲେ ଚକ୍ରଧର । ସେ ଭାଗବତ ଧର୍ମସାର ॥ 112
ଭାବେ ଅଭାବେ ମନେ ଗୁଣି । ମୂର୍ଖ ହିଁ ତରେ ଯାହା ଶୁଣି ॥ 113
ଏଣେ ଯେ ଚିନ୍ତେ କୃଷ୍ଣପାଦ । ତାହାକୁ ନ ଲାଗେ ପ୍ରମାଦ ॥ 114
ହୃଦେ ଗୋବିନ୍ଦପାଦ ଧ୍ୟାୟି । ନୟନ ବୁଜି ଯେବେ ଧାଇଁ ॥ 115

ପଥ ନ ଜାଣି ଯେବେ ଚୁଡ଼େ । ସେ ପ୍ରାଣୀ କେବେହେଁ ନ ପଡ଼ୋ। 116
ବେଦବଚନ ଧର୍ମଶାସ୍ତ୍ର । ଏ ବେନି ବିପ୍ରଙ୍କର ନେତ୍ର ॥ 117
ଏକ ନ ଥିଲେ କାଣ ହୋଇ । ଦୁଇ ଆଭାବେ ଅନ୍ଧ ସେହି ॥ 118
ଏମନ୍ତ ବିପ୍ର ଯେବେ ଚିତ୍ତେ । କୃଷ୍ଣଙ୍କୁ ଭଜେ ଅବିରତେ ॥ 119
ତାହାର ଅମଙ୍ଗଳ ନାହିଁ । ସକଳ ପାପୁ ସେ ତରଇ ॥ 120
ଏ ଧର୍ମ ଭାଗବତ ମତ । ଈଶ୍ୱର ବଚନ ନିର୍ମିତ ॥ 121
ଏହା ଯେ ନ କରନ୍ତି ପ୍ରାଣୀ । ଧର୍ମ-ସଂଶୟ ମନେ ଗୁଣି ॥ 122
କେବେ ହେଁ ନାହିଁ ସୁଖଲେଶ । ଉଭୟ ଲୋକେ ସେ ନିରାଶ ॥ 123
ମନ ବଚନ ଦେହ ଚିତ୍ତ । ଅବା ଇନ୍ଦ୍ରିୟ ବୁଦ୍ଧିକୃତ ॥ 124
କିବା ସ୍ୱଭାବ ଅନୁସାରେ । ଯେ କର୍ମ କରି ଏ ସଂସାରେ ॥ 125
ତା' ନାରାୟଣେ ସମର୍ପିବ । ଜୀବର ସ୍ୱଧର୍ମ ଏ ଭାବ ॥ 126
ଏ ଭାଗବତ ଧର୍ମ ଗୁଣ । ଈଶ୍ୱର ବଚନ ପ୍ରମାଣ ॥ 127
ଏଣେ ସକଳ ଜ୍ଞାନ ପାଇ । ଅଜ୍ଞାନତମ ନାଶ ଯାଇ ॥ 128
ଶୁଣ ବିଦେହ ମହୀପତି । ଯେ ହରିଭାବ ନ ଜାଣନ୍ତି ॥ 129
ନାନା ପ୍ରକାରେ ତପ କରେ । ସେ ପ୍ରାଣୀ ସଂସାରୁ ନ ତରେ ॥ 130
ହରି ବିମୁଖ ପ୍ରାଣୀ ଯେତେ । ସେ ଥା'ନ୍ତି ପଶୁଙ୍କ ସଙ୍ଗତେ ॥ 131
ତାହାଙ୍କ ମୋହେ ବିଷ୍ଣୁମାୟା । ବିଷୟା ରସେ ବଢ଼େ ସ୍ପୃହା ॥ 132
ଦେହକୁ ବସ୍ତୁପ୍ରାୟ ମଣେ । ବଇରୀ ମିତ୍ର ପରିମାଣେ ॥ 133
ଭ୍ରମଇଁ ଶୋକ ମୋହ ପଥେ । ଅଜ୍ଞାନ ବୁଦ୍ଧି ଭ୍ରମ ଗ୍ରସ୍ତେ ॥ 134
ତେଣୁ ସଂସାର ମୋହେ ଜଡି । ଦୁଃଖ ସଙ୍କଟେ ଥା'ନ୍ତି ପଡ଼ି ॥ 135
ଯା'ର ମାୟାରେ ଏତେ ଗତି । ତା' ଭାବ ବୁଧଜନେ ଚିନ୍ତି ॥ 136
କୃଷ୍ଣ ଭଜନ୍ତି ଏକମନେ । ନିର୍ମଳ ଧ୍ୟାନେ ଆତ୍ମାଜ୍ଞାନେ ॥ 137
ଗୁରୁଙ୍କୁ ଇଷ୍ଟଦେବ ଭାବେ । ମନେ ଚିନ୍ତନ୍ତି ଜ୍ଞାନଲାଭେ ॥ 138
ଜୀବ ଅଜ୍ଞାନଭାବ ଦେଖ । ଦୁଃଖକୁ ମଣେ ମହାସୁଖ ॥ 139
ଯେସନେ ସ୍ୱପ୍ନ ମନୋରଥେ । ଭ୍ରମଇଁ ନିଦ୍ରାର ଆୟତ୍ତେ ॥ 140
ମଣଇଁ ସତ୍ୟପ୍ରାୟ ତାହା । ମନ ବିଳାସ ମାତ୍ର ମାୟା ॥ 141
ଏ ମନ କୃଷ୍ଣପାଦେ ଦେଲେ । ଏ ମାୟା ନ ଲାଗଇ ଭଲେ ॥ 142



ଦୁର୍ଗମ ପଥ ଏ ଭଜନ । ଭୟେ ଭାଜିଲେ ଯୋଗୀଜନ ॥ 143
ଏବେ କହିବା ଶୁଣ ରାୟ । ସେ ହରି ଭଜନ ଉପାୟ ॥ 144
କୃଷ୍ଣର ଜନ୍ମକର୍ମ ଯେତେ । ନାନା ଚରିତ ଏ ଜଗତେ ॥ 145
ଶ୍ରବଣ ସ୍ମରଣ କୀର୍ତ୍ତନ । ତାରଇ ଅଶେଷ ଭୁବନ ॥ 146
ସେ ନାମଭାବେ ଚିତ୍ତ ଜଡ଼ି । ହୃଦରୁ ଲାଜଭୟ ଏଡ଼ି ॥ 147
କାମାଦି ସଙ୍ଗ ଦୂର କରି । ଏ ଘୋର ସଂସାରେ ବିହରି ॥ 148
ଉଚ୍ଚେ ଡ଼ାକିବ କୃଷ୍ଣ ନାମ । ଶୁଭିବ ସକଳ ଶ୍ରବଣ ॥ 149
ଆନନ୍ଦେ ତୋଳି ବେନିକର । କଣ୍ଠ ଗର୍ଜନ ଉଚ୍ଚସ୍ୱର ॥ 150
ଉନ୍ମତ୍ତ ପ୍ରାୟ ନୃତ୍ୟ କରେ । ଲୋଭ ବେଭାର ପରିହାରେ ॥ 151
ଗଗନ ସମୀରଣ ଜ୍ୟୋତି । ଯେ ଅବା ସଲିଳ ଧରିତ୍ରୀ ॥ 152
ନଦୀ ସାଗର ତରୁଗଣ । ପର୍ବତ ସ୍ଥାବର ଜଙ୍ଗମ ॥ 153
ଜନ୍ତୁଙ୍କ ବାହ୍ୟ ଅଭ୍ୟନ୍ତର । ଏ ସର୍ବ କୃଷ୍ଣର ଶରୀର ॥ 154
ନିଶ୍ଚୟ ଜାଣି ଏକଚିତ୍ତେ । ପ୍ରଣାମ କରୁଥିବ ନିତ୍ୟେ ॥ 155
ଅମୃତ ବିନୟ ବଚନ । କହି ତୋଷିବ ପ୍ରାଣୀମନ ॥ 156
ଏ ଭାବେ ଲଭି କୃଷ୍ଣପାଦ । ହରିବ ବିଷୟା ବିଷାଦ ॥ 157
ଶୁଣ ରାଜନ ପୁଣ୍ୟଦେହା । ତୁ ଅବା ପଚାରିବୁ ଏହା ॥ 158
ଯୋଗୀଏ ଯୋଗତପବଳେ । ଭ୍ରମନ୍ତି ଭାରତ ମଣ୍ଡଳେ ॥ 159
ନିର୍ମଳ ଜ୍ଞାନେ ହୃଦଗତେ । ଯାହା ଚିନ୍ତନ୍ତି ଏକଚିତ୍ତେ ॥ 160
ଅନେକ ଜନେ ଯାହା ସାଧି । ବହୁ ଦୁର୍ଲ୍ଲଭ ଯେଉଁ ସିଦ୍ଧି ॥ 161
ଶ୍ରୀକୃଷ୍ଣ ନାମର କୀର୍ତ୍ତନେ । କେମନ୍ତେ ଲଭେ ଏକ ଜନ୍ମେ ॥ 162
ଶୁଣ ହେ ରାଜା ମନ ଦେଇ । ଉତ୍ତମ ଶିଷ୍ୟେ ଏହା କହି ॥ 163
ଯେ ଭକ୍ତିଯୋଗ ପ୍ରାଣୀଙ୍କର । ଶ୍ରବଣ କୀର୍ତ୍ତନ ଗୋଚର ॥ 164
ଏଣୁ ସେ ତତ୍ତ୍ୱଜ୍ଞାନ ସ୍ଫୁରେ । ବିଷୟ ରସ ନ ସୁମରେ ॥ 165
ଏ ତିନି ଏକକାଳେ ହୋଇ । ପରମ ପ୍ରେମକୁ ଲଭଇ ॥ 166
ବଢଇ ଦିନେ ଦିନେ ଜ୍ଞାନ । ଜନ୍ତୁଙ୍କୁ ଭୋଜନ ଯେସନ ॥ 167
ଅନ୍ନ ଭୋଜନେ ପ୍ରତିଗ୍ରାସ । କ୍ଷୁଧା ପିପାସା କରେ ନାଶ ॥ 168
ସନ୍ତୋଷେ ତୁଷ୍ଟି ପୁଷ୍ଟି ଲଭେ । ସୁଖ ଉଦୟ ହୁଏ ତେବେ ॥ 169

କୃଷ୍ଣ ଭଜନ ଏହିମତେ । ଜ୍ଞାନୀ ସାଧନ୍ତି ଏ ଜଗତେ ॥ 170
ଜନ୍ମଇଁ ବିଷୟ ବୈରାଗ୍ୟ । ମାୟା ଜଡ଼ିତ ସୁଖ ତ୍ୟାଗ ॥ 171
ଅଜ୍ଞାନ ହରେ ଦିବ୍ୟଜ୍ଞାନେ । ଏ ଅନୁଭବ ଅଭ୍ୟାସନେ ॥ 172
ଆନନ୍ଦ ରସ ପାଇ ନିତି । ଚିତ୍ତେ ପ୍ରବେଶ ହୋଏ ଶାନ୍ତି ॥ 173
ଶାନ୍ତି ଭଜଇ ସୁଖଭରେ । ତ୍ରିଗୁଣ ତାପୁଁ ସେ ନିସ୍ତରେ ॥ 174
ଏମନ୍ତେ କବିର ବଚନ । ଜନକ ଶୁଣି ତୋଷମନ ॥ 175
ସୁଖ ସଙ୍କ୍ଷେ କୃତକୃତ୍ୟ । ବୋଲଇ ଦାସ ଜଗନ୍ନାଥ ॥ 176
ପୁରାଣ କହିଲଇଁ ଗୀତେ । ସୁଜନ ଜନଙ୍କର ହିତେ ॥ 177

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ
ସଂହିତାୟାଂ ଏକାଦଶସ୍କନ୍ଧେ ଦ୍ୱିତୀୟୋଽଧ୍ୟାୟଃ ॥

## ତୃତୀୟ ଅଧ୍ୟାୟ

### ଶୁକ ଉବାଚ

ଏମନ୍ତେ ବିଦେହ ରାଜନ । ମନେ ବିଚାରି ତତ୍ତ୍ୱଜ୍ଞାନ ॥ 1
ଆନନ୍ଦେ ଶିରେ କର ଦେଇ । ବୋଲଇ ନିସ୍ତରିଲି ମୁହିଁ ॥ 2
ତୁମ୍ଭେ ନିର୍ମଳ ଯୋଗୀଗଣ । କହିବା ଭକତ ଲକ୍ଷଣ ॥ 3
କି ରୂପେ ଭ୍ରମନ୍ତି ଜଗତେ । କୃଷ୍ଣଭଜନ ଅନୁମତେ ॥ 4
କିବା କହନ୍ତି ବାକ୍ୟସାର । କି ଧର୍ମ କରନ୍ତି ଆଚାର ॥ 5
ତାହାଙ୍କୁ ଜାଣିବା କେମନ୍ତେ । କହ ସଂଶୟ ମୋର ଚିତ୍ତେ ॥ 6

### ହରି ଉବାଚ

ହରି ବୋଲନ୍ତି ତାହା ଶୁଣି । ଶୁଣ ବିଦେହ ନୃପମଣି ॥ 7
କୃଷ୍ଣଭକତ ଏ ସଂସାରେ । ପ୍ରଚରେ ତ୍ରିବିଧ ପ୍ରକାରେ ॥ 8
ଉତ୍ତମ ମଧ୍ୟମ ପ୍ରାକୃତ । ଯାହାର ଲକ୍ଷଣ ଯେମନ୍ତ ॥ 9
ତାହା କହିବା ଶୁଣ ଏବେ । ରାଜନ ପଚାରିଲୁ ଯେବେ ॥ 10
ସକଳ ଦେହେ ନାରାୟଣ । ବସନ୍ତି ଅନାଦି କାରଣ ॥ 11



ସେ ନାରାୟଣ ଦେହଗତେ । ବସନ୍ତି ଭାବ ଅନୁମତେ ॥ 12
ଏ ଭାବେ ଦୃଢ଼ ଯା'ର ମନ । ସେ ପ୍ରାଣୀ ଭକତ ଉତ୍ତମ ॥ 13
ଇଶ୍ୱରଠାରେ ପ୍ରେମ କରେ । ମିତ୍ରଭାବନା ସାଧୁଠାରେ ॥ 14
କରୁଣା ଅଜ୍ଞାନ ଲୋକରେ । କରେ ଉପେକ୍ଷା ଶତ୍ରୁଠାରେ ॥ 15
ସେ ଭକ୍ତ ମଧ୍ୟମ ଅଟଇ । ଯେଣୁ ସେ ଭେଦକୁ ଦେଖଇ ॥ 16
ପ୍ରତିମାଠାରେ ଶ୍ରଦ୍ଧା ବହି । ହରିପୂଜାକୁ ଯେ କରଇ ॥ 17
ନ ସେବେ ବିଷ୍ଣୁର ସେବକ । ଇତର ମଣେ ଅନ୍ୟଲୋକ ॥ 18
ତା'କୁ ପ୍ରାକୃତ ବୋଲି କହି । ତଥାପି ଭକ୍ତ ସେ ବୋଲାଇ ॥ 19
ଇନ୍ଦ୍ରିୟ ଦ୍ୱାରେ ଅର୍ଥମାନ । ଗ୍ରହଣ କଲେ ହେଁ ଯେ ଜନ ॥ 20
କାହାକୁ ଦ୍ୱେଷ ନ କରଇ । କିଛି ହିଁ ହରଷ ନୁହଇ ॥ 21
ସକଳ ବିଷ୍ଣୁମାୟା ମଣି । ଉତ୍ତମଭକ୍ତେ ତାକୁ ଗଣି ॥ 22
ଦେହର ଜନ୍ମ ମୃତ୍ୟୁ ଦୁଇ । ସଂସାର ଧର୍ମ ଏ ବୋଲାଇ ॥ 23
ଇନ୍ଦ୍ରିୟମାନଙ୍କର ଶ୍ରମ । ପ୍ରାଣର କ୍ଷୁଧା ତୃଷା ଧର୍ମ ॥ 24
ମନର ଭୟ ବୁଦ୍ଧି ଧର୍ମ । ତୃଷ୍ଣା ଏଣେ ଯେ ନୋହି ଭ୍ରମ ॥ 25
ହରିଙ୍କୁ ସ୍ମରଣ କରଇ । ଉତ୍ତମ ଭାଗବତ ସେହି ॥ 26
ଯାହାର କାମ କର୍ମ ବେନି । ବାସନା ମିଶି ହୁଏ ତିନି ॥ 27
ଚିତ୍ତରେ ନୁହଇ ସମ୍ଭବ । ଆଶ୍ରୟ ଏକା ବାସୁଦେବ ॥ 28
ଉତ୍ତମ ଭକ୍ତ ସେ ବୋଲାଇ । ଶୁଣ ରାଜନ ମନ ଦେଇ ॥ 29
ଜନ୍ମ କରମେ ଯା'ର ମନ । ଏ ଘେନେ ଦେହେ ଅଭିମାନ ॥ 30
ସ୍ୱଜାତି କୁଳ ଧର୍ମ ବର୍ଣ୍ଣ । ଏ ଅହଙ୍କାରେ ନୋହେ ଛନ୍ନ ॥ 31
ଉତ୍ତମ ଲକ୍ଷଣ ଏ ଜାଣି । ଭକତ ମଧ୍ୟେ ପରିମାଣି ॥ 32
ଯାହାର ସୁତ ବିତ୍ତ ଦେହେ । ପର ଆପଣା ବୁଦ୍ଧି ନୋହେ ॥ 33
ସକଳ ଜୀବେ ସମବୁଦ୍ଧି । ଉତ୍ତମଭାବ ଏ ପ୍ରସିଦ୍ଧି ॥ 34
ସିଦ୍ଧ ଯୋଗୀନ୍ଦ୍ର ମୁନିଗଣ । ସେବନ୍ତି ଯେ ହରିଚରଣ ॥ 35
ଭବ ବିରଞ୍ଚି ଯା'ର ପାଦେ । ଧ୍ୟାନେ ଚିନ୍ତନ୍ତି ଅପ୍ରମାଦେ ॥ 36
ସେ ପ୍ରଭୁପାଦ ନିତ୍ୟେ ଚିନ୍ତି । ଲବ ନିମିଷ ନ ଛାଡ଼ନ୍ତି ॥ 37
ଏ ତିନିଭୁବନ ସମ୍ପତ୍ତି । ହେଲେ ହେଁ ତହୁଁ ନ ଚଳନ୍ତି ॥ 38

ନୁହଁନ୍ତି ମାୟାରେ ମୋହିତ । ସେ ପ୍ରାଣୀ ମହାଭାଗ୍ୟବନ୍ତ ॥ 39
ବିଷ୍ଣୁ ଭକତେ ସେ ପ୍ରଧାନ । ନିସ୍ତରେ ତା'କୁ ଦେଖି ଜନ ॥ 40
କେବେହେଁ ନୋହେ ମତିଭ୍ରମ । ସେ ପ୍ରାଣୀ ନାରାୟଣ ସମ ॥ 41
କୃଷ୍ଣର ପାଦ-ନଖପନ୍ତି । ଚନ୍ଦ୍ରକିରଣ ପ୍ରାୟ ଜ୍ୟୋତି ॥ 42
ସେ ଯାର ହୃଦରେ ପ୍ରକାଶେ । ଅଶେଷ ଘୋରତମ ନାଶେ ॥ 43
ସେ ଭକ୍ତ ଉତ୍ତମ ଲକ୍ଷଣ । ମଧ୍ୟମ ଭାବ କହୁଁ ଶୁଣ ॥ 44
ଈଶ୍ୱର ପାଦେ ଆଶ୍ରେ କରି । ଭକତେ ସମବୁଦ୍ଧି କରି ॥ 45
ସଂସାର ମଧ୍ୟେ ଯେତେ ଜନ । ସମସ୍ତ ହୃଦେ ଭଗବାନ ॥ 46
ସଦ ଅସଦେ କ୍ରୀଡ଼ା କରି । ଭାବ ଅଭାବ ନ ବିଚାରି ॥ 47
ସେ ପ୍ରାଣୀଭାବେ ଦୟାକରେ । ଅହଂ ପଣ୍ଡିତ ହେତୁ ଧରେ ॥ 48
ସେ ପ୍ରିୟାପ୍ରିୟ ଶତ୍ରୁମିତ୍ର । ଏ ସର୍ବ କୃଷ୍ଣର ଚରିତ ॥ 49
ଏଣେ ନ ହୋଇ ଅହଙ୍କାରୀ । ମନରେ ଗୁଣ ଦୋଷ ଧରି ॥ 50
ମିତ୍ରେ ନ ଧରେ ଗୁଣ ଦୋଷ । ଘେନି ଆପଣା ଶ୍ରେଷ୍ଠ ଅଂଶ ॥ 51
କର୍ମ କରଇ ବିଧିମତେ । ଫଳ ଆକାଙ୍‌କ୍ଷା କରି ଚିତ୍ତେ ॥ 52
ବସ୍ତୁ ଭେଦରେ କରେ ଶ୍ରମ । ଏଣୁ ସେ ବୋଲାଇ ମଧ୍ୟମ ॥ 53
ପ୍ରାକୃତଭାବ ଏବେ ଶୁଣ । ଯେବେ ସେବଇ ନାରାୟଣ ॥ 54
କେବଳ ଲଉକିକ ମତେ । ଶ୍ରଦ୍ଧା ନ ଥାଇ ଅନ୍ତର୍ଗତେ ॥ 55
ନ ସେବେ ବିଷ୍ଣୁର ସେବକ । ଇତର ଦେଖେ ଅନ୍ୟଲୋକ ॥ 56
ମନରେ ଅହଙ୍କାର ଭରି । ଦଣ୍ଡେ ବିଚାରେ ଭକ୍ତି କରି ॥ 57
ଏହା ପ୍ରାକୃତ ବୋଲି କହି । ତଥାପି ଭକ୍ତ ସେ ବୋଲାଇ ॥ 58
ଏଣୁ ଯେ ଚିତ୍ତେ ଭାବେ ଭଜେ । ହରି ତା ହୃଦୟ ନ ତେଜେ ॥ 59
ସେହି ରଜ୍ଜୁରେ ତା' ଚରଣ । ହୃଦରେ କରଇ ବନ୍ଧନ ॥ 60
ଚିତ୍ତେ ଚିନ୍ତିଲେ କ୍ଷଣମାତ୍ର । ହରଇ ଅଶେଷ ଦୁରିତ ॥ 61
ସେ ହରିପାଦ ହୃଦେ ଧରି । ଭକତ ଦୁସ୍ତରୁ ନିସ୍ତରି ॥ 62
ଶୁଣ ବିଦେହ ନରପତି । ତ୍ରିବିଧ ବଇଷ୍ଣବ ଗତି ॥ 63
ଏକାଦଶରେ କୃଷ୍ଣରସ । କହଇ ଦାସ ଜଗନ୍ନାଥ ॥ 64



ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଏକାଦଶସ୍କନ୍ଧେ ତୃତୀୟୋଽଧ୍ୟାୟ ॥

## ଚତୁର୍ଥ ଅଧ୍ୟାୟ

### ନିମି ଉବାଚ

ବୋଲନ୍ତି ନିମି ପୁଣ୍ୟଦେହା । ଜଗମୋହିନୀ ବିଷ୍ଣୁମାୟା ॥ 1
କି ରୂପେ ସଂସାର ପ୍ରଚରେ । ପ୍ରାଣୀ ତା' କେମନ୍ତେ ନିସ୍ତରେ ॥ 2
ତାହା ଜାଣିତେ ମୋର ଇଚ୍ଛା । କହି ପୂରାଅ ମନ ବାଞ୍ଛା ॥ 3
ଗୋବିନ୍ଦ କଥା ସୁଧାପାନ । ଶୁଣି ସନ୍ତୋଷ ନୋହେ ମନ ॥ 4
ବିଷ୍ଣୁମାୟାରେ ମୁହିଁ ଭ୍ରମି । ଜନ୍ମମରଣ ପଥଶ୍ରମୀ ॥ 5
ସେ ତାପେ ତାପିତ ମୋ' ଦେହ । ଅମୃତପାନ ମୋତେ ଦିଅ ॥ 6
ହରିକଥନେ ମୋତେ ରଖ । ତା' ଶୁଣି ବୋଲେ ଅନ୍ତରୀକ୍ଷ ॥ 7

### ଅନ୍ତରୀକ୍ଷ ଉବାଚ

ଶୁଣ ରାଜନ ଶୁଦ୍ଧଚେତା । ଏ ବିଷ୍ଣୁମାୟାର ବ୍ୟବସ୍ଥା ॥ 8
କେ ଜାଣିପାରେ ତା' ସଂସାରେ । ଶୁଣ କହିବା କିଛି ତୋରେ ॥ 9
ଅନାଦି ପୁରୁଷ ଅନନ୍ତ । ଯେମନ୍ତେ ସର୍ଜିଲେ ଜଗତ ॥ 10
ନିର୍ଲେପ ପ୍ରଭୁ ଭଗବାନ । ମାୟାର ପରମ କାରଣ ॥ 11
ସଂସାର କ୍ରୀଡ଼ା ଇଚ୍ଛା କରି । ଭାବେ ଈଶ୍ୱର ରୂପ ଧରି ॥ 12
ଈଶ୍ୱର ତେଜେ ଅନ୍ତରାଳ । ତକ୍ଷଣେ ଉପୁଜିଲା କାଳ ॥ 13
କାଳ ଶରୀରୁ ଆତ୍ମା ଜାତ । ସେ ନୋହେ ବିଷ୍ଣୁମାୟା ଗ୍ରସ୍ତ ॥ 14
ଆତ୍ମା ସମୀପେ ଆଶ୍ରା କରି । ଜୀବ ଉପୁଜେ ମାୟା ଧରି ॥ 15
ସେ ଜୀବ ଈଶ୍ୱର ଆୟତ୍ତ । ତ୍ରିଗୁଣ ମାୟାରେ ଯନ୍ତ୍ରିତ ॥ 16
ସେ ମାୟା ଜୀବ ଦେହେ ଥାଇ । ପ୍ରକୃତି ରୂପେ ସମ୍ଭବଇ ॥ 17
ସେ ମାୟା ପୁଣ ମହଦାଦି । ଜଗତ କାରଣ ପ୍ରସିଦ୍ଧି ॥ 18
ସେ ମାୟା ଜୀବକୁ ଅନାଇଁ । ଈଶ୍ୱର ବଶେ କ୍ଷୋଭ ପାଇ ॥ 19

ଯେସନେ ଜଳବିମ୍ବ ଜଳେ । ରୁପ ପ୍ରକାଶେ ବାୟୁବଳେ ॥ 20
ସେ ରୂପେ ବିରାଟ ପୁରୁଷ । ଈଶ୍ୱର ମାୟାରେ ପ୍ରବେଶ ॥ 21
ତାହାର ମଧ୍ୟେ ଆତ୍ମା ରୂପେ । ଜୀବ ଭ୍ରମଇ ମାୟାକଳ୍ପେ ॥ 22
ଜୀବ ବିଷୟଭୋଗ ଅର୍ଥେ । ନାନା ପ୍ରପଞ୍ଚ ଏ ଜଗତେ ॥ 23
ଯେ ଉଚ୍ଚନୀଚ ଦେହଧାରୀ । ଏ ପଞ୍ଚ ମହାଭୂତେ କରି ॥ 24
ସୃଷ୍ଟି କରଇ ଭଗବାନ । ସେ ମାୟା ପ୍ରକାଶେ ପ୍ରଧାନ ॥ 25
ଜୀବର ଭୋଗା ଭୋଗ ପାଇଁ । ଦଶଇନ୍ଦ୍ରିୟ ମନ ହୋଇ ॥ 26
ପ୍ରବେଶ କରେ ତା'ର ମଧ୍ୟେ । ବିବିଧ ବିଷୟଙ୍କ ସଧେ ॥ 27
ବସଇ ଜୀବର ସମୀପେ । ନିର୍ଲେପ ନିରଞ୍ଜନ ରୂପେ ॥ 28
ଜୀବକୁ ଭୁଞ୍ଜାଇ ଭୁଞ୍ଜଇ । ଅନ୍ତରେ ସାକ୍ଷୀରୂପେ ଥାଇ ॥ 29
ଜୀବ ମଣଇ ମୋର ଦେହ । ତେଣୁ ପଶଇ ମାୟା ମୋହ ॥ 30
କରେ କରାଏ ସର୍ବକର୍ମ । ଯେ ବେଦବିଧି ନିଜ ଧର୍ମ ॥ 31
ସଙ୍ଗ ନୁହଇ କର୍ମଫଳେ । ନଳିନୀଦଳ ଯେହ୍ନେ ଜଳେ ॥ 32
ଜୀବ ଈଶ୍ୱର ବଶ ହୋଇ । ଇନ୍ଦ୍ରିୟ ଅର୍ଥେ ଭୋଗ ପାଇଁ ॥ 33
ଦେହରେ କରେ ଅହଙ୍କାର । ବୋଲଇ ସର୍ବକର୍ମ ମୋର ॥ 34
ଏଣୁ ସେ କର୍ମର ଅଧୀନେ । ପଡ଼ଇ ଶରୀର ବନ୍ଧନେ ॥ 35
ବୋଲଇ କରୁଅଛି ମୁହିଁ । ମୋ ତହୁଁ କର୍ତ୍ତା ଭିନ୍ନ ନାହିଁ ॥ 36
ଦେହ ବନ୍ଧନେ ହୋଇ ଭ୍ରମ । କରଇ ନାନାମତେ କର୍ମ ॥ 37
ଭବବନ୍ଧନେ ଏହି ମତେ । ଭ୍ରମଇଁ ଦୁଃଖସୁଖ ପଥେ ॥ 38
ଦେହ ବିୟୋଗେ କର୍ମ ଘେନି । ଜନ୍ମ ଲଭଇ ନାନା ଯୋନି ॥ 39
ଅଶେଷ ଦେହେ କର୍ମ ଭୁଞ୍ଜେ । ଦୁର୍ଗମ ଦୁଃଖସୁଖ ବୁଝେ ॥ 40
ଯାବତ ମାୟା ନୋହେ ହତ । ତାବତ ସୁଖଦୁଃଖେ ଗ୍ରସ୍ତ ॥ 41
ଭବସଙ୍କଟେ ଏହି ମତେ । ଭ୍ରମଇଁ ଦୁଃଖ ସୁଖ ପଥେ ॥ 42
ଏ ବିଷ୍ଣୁମାୟାର ବିଧାନ । ଶୁଣ ହେ ବିଦେହ ରାଜନ ॥ 43
ଯେ ନିରାକାର ଆଦିକନ୍ଦ । ନିର୍ଗୁଣ ନିତ୍ୟ ସୁଖାନନ୍ଦ ॥ 44
ଅନାଦି ନିଧନ ସେ ହରି । ସୃଷ୍ଟି ପ୍ରଳୟ ଅଧିକାରୀ ॥ 45
ଏ ସୃଷ୍ଟି ତା'ର ଦେହଗତେ । ପ୍ରବେଶ ହେବା ଯେବେ ଚିନ୍ତେ ॥ 46



ପ୍ରଳୟକାଳେ ତେଜରାଶି । ବେଗେ ବ୍ରହ୍ମାଣ୍ଡ ମଧ୍ୟେ ପଶି ॥ 47
ଶତେବରଷ ଦେବମତେ । ଜଳ ନ ବରଷେ ଜଗତେ ॥ 48
ଦ୍ୱାଦଶସୂର୍ଯ୍ୟ ଶୂନ୍ୟେ ରହେ । ତିନିଭୁବନ ତେଜେ ଦହେ ॥ 49
ଅନନ୍ତ ମୁଖୁଁ ଅଗ୍ନି ଜାତ । ଦହଇ ପାତାଳ ସମସ୍ତ ॥ 50
ଦହନ ଅନ୍ତେ ମେଘମାଳେ । ମିଳନ୍ତି ଗଗନମଣ୍ଡଳେ ॥ 51
ସମ୍ବର୍ତ୍ତ ନାମ ସେ ବହନ୍ତି । ଶତେ ବରଷ ବରଷନ୍ତି ॥ 52
ଧାରା ବରଷେ ଘୋରବାୟେ । ପ୍ରମାଣ ହସ୍ତୀଶୁଣ୍ଢ ପ୍ରାୟେ ॥ 53
ଜଳ ବହୁଳେ ସୃଷ୍ଟି ନାଶ । ତା' ଦେଖି ବିରାଟ ପୁରୁଷ ॥ 54
ତକ୍ଷଣେ ତେଜି ତ୍ରିଭୁବନ । ବ୍ରହ୍ମଶରୀରେ ହୋଏ ଲୀନ ॥ 55
ଭୂତ ବିକାରେ ପଞ୍ଚଗୁଣ । ତ୍ରିଗୁଣ ଅହଙ୍କାର ପୁଣ ॥ 56
ମହତ ଦେହେ ବିଶ୍ରାମଇ । ପ୍ରଳୟ ନ ପାରଇ ସହି ॥ 57
ସେ ପୁଣି ମାୟା ଅବସାନେ । ପ୍ରକୃତି ତହିଁ ହୋଏ ଲୀନେ ॥ 58
ପ୍ରକୃତି ପ୍ରଳୟର ତ୍ରାସେ । ମିଳେ ପରମଆତ୍ମା ପାଶେ ॥ 59
ଏ ମାୟା ଜଗତମୋହିନୀ । ଖେଳଇ ଜୀବ ଆତ୍ମା ଘେନି ॥ 60
ଏ ବିଷ୍ଣୁ ମାୟାର କାରଣ । ସୃଷ୍ଟି ପାଳନ ସଂହରଣ ॥ 61
ଏମନ୍ତ ଅନ୍ତରୀକ୍ଷ ବାଣୀ । ଜନକ ବୋଲେ ତାହା ଶୁଣି ॥ 62

## ରାଜା ଉବାଚ

ଦୁର୍ବୋଧ ଈଶ୍ୱରର ମାୟା । ମୂଢ଼ କେମନ୍ତେ ଜାଣେ ତାହା ॥ 63
ସେ ମାୟା ନିସ୍ତରି କେମନ୍ତେ । ଉପାୟ ଥିଲେ କହ ମୋତେ ॥ 64

## ପ୍ରବୁଦ୍ଧ ଉବାଚ

ପ୍ରବୁଦ୍ଧ ବୋଲେ ଶୁଣ ରାୟ । କହିବା ତହିଁର ଉପାୟ ॥ 65
ଦୁଃଖ ବିନାଶି ସୁଖ ପାଇ । ଅଖଣ୍ଡ ଭୋଗ ଭୁଞ୍ଜିବଇଁ ॥ 66
ଏମନ୍ତ ଚିନ୍ତି ଗୃହବାସେ । କର୍ମ କରଇ ଫଳ ଆଶେ ॥ 67
କାମିନୀ ସଙ୍ଗେ କରେ ଭାବ । କେବଳ ଦୁଃଖମାତ୍ର ଲାଭ ॥ 68
ମରଣ-ପଥ-ହେତୁ ଧନ । ତା'ର ଅର୍ଜନେ ନିତ୍ୟେ ମନ ॥ 69
ଅନେକ ଦୁଃଖେ ତା' ସଞ୍ଚଇ । ନିଶି ଦିବସେ ମନ ଦେଇ ॥ 70
ନିରତେ ହୃଦୟ ନିର୍ଦ୍ଦୟ । ଏଣୁଟି ଧନ ଦୁଃଖମୟ ॥ 71

ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୋହେ ସୁଖେ ପ୍ରୟୋଜନ ॥ 72
ପଶୁ ତନୟ ଦାରା ଦାସ । ଏ ସର୍ବ ବିଜୁଳି ପ୍ରକାଶ ॥ 73
ଏହାଙ୍କ ସ୍ନେହେ ବନ୍ଦୀ ହୋଇ । ପୋଷଇ ଦୁଃଖଭାର ବହି ॥ 74
ସେ ପୁଣି ଯା'ନ୍ତି ଯେଝା ପଥେ । ଶୋକ ସନ୍ତାପ ଦେଇ ଚିତ୍ତେ ॥ 75
ଏହାଙ୍କ ସଙ୍ଗଫଳ ଏହି । ଏ ଭାବ ମୂଢ଼ ନ ଜାଣଇ ॥ 76
ଉଭୟଲୋକ କରେ ନାଶ । ଏହି କାରଣେ ଗୃହବାସ ॥ 77
ଭୁଞ୍ଜଇ ନିଜ କର୍ମଫଳ । ସେ ପୁଣି ନୁହଁଇ ନିଶ୍ଚଳ ॥ 78
ଗୃହୀ ସ୍ୱଭାବେ ପୁଣ୍ୟ କରି । ସ୍ୱର୍ଗେ ବସଇ ଦେହ ଧରି ॥ 79
କ୍ରମେ ସେ ଭୋଗ କ୍ଷୀଣ ହୋଇ । କର୍ମ ସରିଲେ ଭୋଗ କାହିଁ ॥ 80
ପୁଣି ପଡ଼ଇ ଘୋରତମେ । ଗତ ଆଗତ ପଥ ଶ୍ରମେ ॥ 81
ଏ କଥା ବୁଝି ଗୁରୁପାଦେ । ଆଶ୍ରେ କରିବ ଅପ୍ରମାଦେ ॥ 82
ଉତ୍ତମଗୁରୁ ଆଶ୍ରେ କରି । ତା'ଙ୍କ ବଚନ ଶିରେ ଧରି ॥ 83
ଯେ ଗୁରୁ ଜାଣେ ବେଦତତ୍ତ୍ୱ । ନିର୍ଗୁଣ ଆତ୍ମଜ୍ଞାନେ ରତ ॥ 84
ସମଦରଶୀ ନିଷ୍ପାପର । ତପ କଷଣ ସହେ ଧୀର ॥ 85
ନିରତେ ଥାଇ ପରହିତେ । ଈଶ୍ୱର ମାୟା ଜାଣି ଚିତ୍ତେ ॥ 86
ଏମନ୍ତ ଗୁରୁପାଦ ଭଜି । ହିଂସା କପଟ ଦୂରେ ତେଜି ॥ 87
ସେବା କରିବ ଦୃଢଚିତ୍ତେ । ଯେ ଗୁରୁଶିଷ୍ୟ ଭାବମତେ ॥ 88
ଏଣେ ପ୍ରସନ୍ନ ନାରାୟଣ । କରନ୍ତି ଆତ୍ମଜ୍ଞାନ ଦାନ ॥ 89
ପ୍ରଥମେ ବିଷୟ ଅସଙ୍ଗୀ । ପ୍ରେମ ପୁଲକ ତନୁ ଭଙ୍ଗୀ ॥ 90
ମନ ନ ଥିବ ଅନ୍ୟସଙ୍ଗେ । ଚିତ୍ତ ନିବେଶି ଗୁରୁଅଙ୍ଗେ ॥ 91
ସାଧୁସଙ୍ଗତେ ଥିବ ନିତ୍ୟେ । ଜନ୍ତୁକୁ ଦୟା ହୃଦଗତେ ॥ 92
ନିରତେ ପ୍ରେମ ମିତ୍ରଭାବ । ଏ ଆଦି ଯତନେ ସାଧିବ ॥ 93
ଶଉଚ ତପ ଦୟାଗୁଣ । ମଉନ ବେଦ ଅଧ୍ୟୟନ ॥ 94
ଅହିଂସା ସୁଖ-ଦୁଃଖେ ସମ । ଯେ ବ୍ରହ୍ମଚର୍ଯ୍ୟ ଆଦି କର୍ମ ॥ 95
ଏ ଆଦି ଧର୍ମମାନ ଯେତେ । ଶିକ୍ଷା କରିବ ଯଥୋଚିତ୍ତେ ॥ 96
ଜଗତ ବିଷ୍ଣୁଭାବେ ଚାହିଁ । ଉଦାସମତେ ଦେହ ବହି ॥ 97
ନିର୍ଲେପେ ସର୍ବସଙ୍ଗେ ଥିବ । ସ୍ୱଭାବ କର୍ମ ହିଁ କରିବ ॥ 98



ଗୃହଆରମ୍ଭୀ ଗୃହୀ ମେଳେ । ନ ପଶି ରହିବ ନିରୋଳେ ॥ 99
କର୍ମେ ଈଶ୍ୱର ଯାହା ଦେବ । ସନ୍ତୋଷେ ଉଦର ପୋଷିବ ॥ 100
ପରମଶାସ୍ତ୍ର ଭାଗବତ । ଅଭ୍ୟାସ କରୁଥିବ ନିତ୍ୟ ॥ 101
ଅନ୍ୟଶାସ୍ତ୍ରର ଗୁଣ ଦୋଷ । ମୁଖେ ନ କରିବ ପ୍ରକାଶ ॥ 102
ମନ ବଚନ ଯେଣେ ଦମି । ସେ ଶାସ୍ତ୍ରେ ହେଉଥିବ ଶ୍ରମୀ ॥ 103
ସତ୍ୟ କହିବ ନିତ୍ୟେ ତୁଣ୍ଡେ । କେବେହେଁ ନ ଥିବ ପାଷଣ୍ଡେ ॥ 104
କୃଷ୍ଣର ଜନ୍ମକର୍ମ ଗୁଣ । ନିରତେ ପଠନ ଶ୍ରବଣ ॥ 105
ଦେହ ସ୍ୱଭାବେ କରି କର୍ମ । ବେଦ ବଚନେ କୁଳଧର୍ମ ॥ 106
ସକଳ କୃଷ୍ଣେ ସମର୍ପିବ । ନିଷ୍କାମ ଚିତ୍ତେ ନିତ୍ୟେ ଥିବ ॥ 107
ସ୍ୱଧର୍ମ ତପ ଜପ ଦାନ । ଯେ ଆତ୍ମପ୍ରିୟ ବସ୍ତୁମାନ ॥ 108
ଯେ ଦାରା ସୁତ ଗୃହ ପ୍ରାଣ । କୃଷ୍ଣେ କରିବ ସମର୍ପଣ ॥ 109
ସର୍ବ ସମ୍ପଦ କୃଷ୍ଣେ ଦେଇ । ଉଦାସ ମତେ ଦେହ ବହି ॥ 110
ଯତ୍ନ କରିବ ଦୃଢଚିତ୍ତେ । କୃଷ୍ଣ ସନ୍ତୋଷ ଭାବ ମତେ ॥ 111
ଗୁରୁବଚନ ଶିରେ ଧରି । ସୁସାଧୁସନ୍ଥ ସେବା କରି ॥ 112
ସେବିବ ଜଙ୍ଗମ ସ୍ଥାବରେ । ପୁଣି ମହାତ୍ମା ସାଧନରେ ॥ 113
କୃଷ୍ଣର କଥା ଅନ୍ୟୋଅନ୍ୟେ । ନିରତେ ଶ୍ରବଣ କୀର୍ତ୍ତନେ ॥ 114
ସେବା କରିବ ବିଷ୍ଣୁଜନେ । ପବିତ୍ର ବିନୟ ବଚନେ ॥ 115
କୃଷ୍ଣଚରିତ ସାଧୁଜନେ । ସ୍ମରଣ ଶ୍ରବଣ ପ୍ରସନ୍ନେ ॥ 116
ନିର୍ମଳ କୃଷ୍ଣର ଚରିତ । ଯେ ନାମେ ଜଗତ ପବିତ୍ର ॥ 117
ଆନନ୍ଦେ ଦୁଃଖ ଛାଡ଼ି ମନେ । ଗୋଷ୍ଠୀ କରିବ ବିଷ୍ଣୁଜନେ ॥ 118
ଦିନ ବଞ୍ଚିବ ଭକ୍ତିସଧେ । ବିଷ୍ଣୁଭକତଜନ ମଧ୍ୟେ ॥ 119
କଣ୍ଠ କୁଣ୍ଠିତ ଜଡ଼ମତି । ପୁଲକ ଦେହ ରୋମପନ୍ତି ॥ 120
ଚିତ୍ତେ ଗୋବିନ୍ଦ ନାମ ସ୍ମରେ । ରୋଦନ କରେ ଉଚ୍ଚସ୍ୱରେ ॥ 121
କ୍ଷଣେ ହସଇ କ୍ଷଣେ ନାଚେ । ଘୋର ଗର୍ଜନ କରେ ଉଚ୍ଚେ ॥ 122
କ୍ଷଣକେ ଗାଏ ଗୁଣଗାଥା । କହଇ ଅଲୌକିକ କଥା ॥ 123
କ୍ଷଣକେ କୃଷ୍ଣଗୁଣ ଗୁଣି । ଚକ୍ଷୁ ବୁଜଇ ହୋଇ ତୁନି ॥ 124
ଏ ଭାଗବତ ଧର୍ମ ଦୀକ୍ଷା । ଗୁରୁବଚନେ ପାଇ ଶିକ୍ଷା ॥ 125

ନିଶ୍ଚଳ ଚିତ୍ତେ କୃଷ୍ଣପାଦେ । ଭକତି ଲଭେ ଅପ୍ରମାଦେ ॥ 126
ସେ ନାରାୟଣ ପରାୟଣ । ଏମନ୍ତେ ଅବିଦ୍ୟାହରଣ ॥ 127
ଏ ଭାବେ ଶୁଣି କୃଷ୍ଣରସ । ରାଜନ ହୋଇ ମନେ ତୋଷ ॥ 128
ଆନନ୍ଦେ ଶିରେ କର ଦେଇ । ବୋଲଇ ମୁନିଗଣ ଚାହିଁ ॥ 129

**ରାଜାଉବାଚ**

ଅନାଦି ପ୍ରଭୁ ନାରାୟଣ । ସଂସାର ପରମ କାରଣ ॥ 130
ଏକ ଅନେକ ରୂପ ଧରି । ସଂସାରେ ଖେଳେ ନରହରି ॥ 131
ତୁମ୍ଭେ ଯେ ମୋତେ ଦୟା ବହ । ସେ ନାରାୟଣ ରୂପ କହ ॥ 132
ଦେଖି ରାଜାର ସାଧୁପଣ । ପିପ୍ପଳାୟନ ବୋଲେ ଶୁଣ ॥ 133

**ପିପ୍ପଳାୟନ ଉବାଚ**

ସେ ନାରାୟଣ ବର୍ଣ୍ଣ ଚିହ୍ନ । କେ ମୁଖେ କହିତେ ଭାଜନ ॥ 134
ଯା ମାୟା ସଂସାର କାରଣ । ସୃଷ୍ଟି ପାଳନ-ସଂହରଣ ॥ 135
ସ୍ୱୟଂ ଅହେତୁ ଯେ ବୋଲାଇ । ସେ ନାରାୟଣ ଜାଣ ତୁହି ॥ 136
ସ୍ୱପ୍ନ ଜାଗ୍ରତ ସୁଷୁପ୍ତିରେ । କି ଅବା ସମାଧିକାଳରେ ॥ 137
ବାହ୍ୟ ଅନ୍ତରେ ଯେ ଅଛଇ । ତାହାକୁ ବ୍ରହ୍ମ ବୋଲି କହି ॥ 138
ଦେହ ଇନ୍ଦ୍ରିୟ ପଞ୍ଚପ୍ରାଣ । ଯେ ଅବା ଅନ୍ତର କାରଣ ॥ 139
ଯାହାର ଆଶ୍ରେୟ ଜୀଅଁନ୍ତି । ଯେଣେ ବିଷୟେ ସଞ୍ଚରନ୍ତି ॥ 140
ତାଙ୍କୁ ପରମଆତ୍ମା ଜାଣି । ଅପରେ ଶୁଣ ନୃପମଣି ॥ 141
ବ୍ରହ୍ମାଣ୍ଡ କୋଟିକୋଟି ମାତ୍ରେ । ଘଟଣ କରେ ନିଜ ଗାତ୍ରେ ॥ 142
ଭୂତ ଭବିଷ୍ୟ ବର୍ତ୍ତମାନେ । ଯାହାର ଶକ୍ତି ଅନୁମାନେ ॥ 143
ସମ୍ପୂର୍ଣ୍ଣେ ସର୍ବଜୀବେ ବସେ । କାହାରି ସଙ୍ଗେ ସେ ନ ମିଶେ ॥ 144
ମନ ବଚନ ଯା'ର ଦେହେ । ପଶି ନ ପାରନ୍ତି ଉପାୟେ ॥ 145
ନୟନ ଯାହା ନ ଦେଖଇ । ଇନ୍ଦ୍ରିୟଗଣେ ଭେଦ କାହିଁ ॥ 146
ଜୀବର ମନ ବୁଦ୍ଧି ପ୍ରାଣ । ଯାହାର ତହୁଁ ହୋନ୍ତି ଜାଣ ॥ 147
ସେ କାହୁଁ ପାରିବ ତା' ଚିନ୍ତି । ଅନେକ ଦୂରେ ସେ ରହନ୍ତି ॥ 148
ଅଗ୍ନିକଣିକା ବାୟୁବଳେ । ଯେହ୍ନେ ଉଡ଼ନ୍ତି ଅନ୍ତରାଳେ ॥ 149
ପବନେ ଦଶଦିଗେ ଯା'ନ୍ତି । ପୁଣି ଅନଳେ ନ ମିଶନ୍ତି ॥ 150



କୋଟି ବ୍ରହ୍ମାଣ୍ଡ ଏହି ମତେ । ଯାହାର ଦେହୁ ହୋନ୍ତି ନିତ୍ୟେ ॥ 151
ଏମନ୍ତ ମହିମା ଯାହାର । ତା'କୁ କେ କରିବ ଗୋଚର ॥ 152
ଶବଦବ୍ରହ୍ମ ଥାଇ ଦୂରେ । ସେ ପୁଣି ବେଦ ଅନୁସାରେ ॥ 153
ନାନା ପ୍ରପଞ୍ଚ ଏ ଜଗତେ । ବିଧି ନିଷେଧ ବେନିପଥେ ॥ 154
ଜଗତ ଭ୍ରମାଇଁ ଭ୍ରମଇଁ । ସେ ତା'କୁ ତତ୍ତ୍ୱେ ନ ଜାଣଇ ॥ 155
ପ୍ରଥମେ ଏକ ବ୍ରହ୍ମ ଥିଲା । ଦ୍ୱିତୀୟେ ପ୍ରକୃତି ହୋଇଲା ॥ 156
ପ୍ରକୃତି ତହୁଁ ସୂତ୍ର ଜାତ । ତାହାକୁ ବୋଲି ମହତତ୍ତ୍ୱ ॥ 157
ତାହାର ତହୁଁ ଅହଙ୍କାର । ଯେ ଜୀବ ଆତ୍ମାର ଆଧାର ॥ 158
ତା'ର ସମୀପେ ଜୀବ ଜାତ । ସେ ଜୀବ କର୍ମର ଆୟତ୍ତ ॥ 159
ଇନ୍ଦ୍ରିୟ ଅର୍ଥ ଦେବଗଣ । ଫଳେ ଏ ସର୍ବ ନାରାୟଣ ॥ 160
ତୁ ଯେବେ ବୋଲୁ ବ୍ରହ୍ମ ଏକ । ସେ ପୁଣି ପ୍ରକାଶେ ଅନେକ ॥ 161
ଏକଇ ଆତ୍ମା ନରହରି । ମାୟାରେ ନାନାଶକ୍ତି ଧରି ॥ 162
ଖେଳଇ ନାନାରୂପ ଧରି । ସ୍ଥୂଳ ସୂକ୍ଷ୍ମରେ ମୋଦ ଭରି ॥ 163
କ୍ରୀଡ଼ାର ଅନ୍ତେ ସର୍ବନାଶେ । କି ରୂପେ ରହେ ଅବଶେଷେ ॥ 164
କିପାଁ ନୁହଇ ବ୍ରହ୍ମବଧ । ଆଗମ ନିଗମେ ପ୍ରସିଦ୍ଧ ॥ 165
ଏମନ୍ତ କରୁ ଯେବେ ମନେ । ଶୁଣ କହିବା ସାବଧାନେ ॥ 166
ନିତ୍ୟ ନିର୍ଗୁଣ ନାରାୟଣ । ସେ ନୋହେ ଆଦି ଅବସାନ ॥ 167
ଯାହାର କ୍ଷୟ ବୃଦ୍ଧି ନାହିଁ । ଅଳପ ବହୁତ ନୁହଇ ॥ 168
ଯେ ନିତ୍ୟେ ଏକରୂପେ ଥାଇ । ଆଧି ଉପାଧି ଯା'ର ନାହିଁ ॥ 169
ନିତ୍ୟ ଆନନ୍ଦମୟୀ ସାକ୍ଷୀ । ଯାହାକୁ ଚିତ୍ତେ ମାତ୍ର ଲକ୍ଷ୍ୟ ॥ 170
ମନର କଳ୍ପନା ଜଗତ । ଏଣୁ ସେ ଦିଶେ ନାନାମତ ॥ 171
କୀଟ ପତଙ୍ଗ ତରୁ ତୃଣେ । ବସଇ ଶରୀର ପ୍ରମାଣେ ॥ 172
ସମେ ବସଇ ସର୍ବଦେହେ । ସ୍ଥୂଳ ନୟନେ ଭେଦ ନୋହେ ॥ 173
ଏ ରୂପେ ବ୍ରହ୍ମ ପରିମାଣି । ଯାହା ନୟନେ ଦେଖି ଶୁଣି ॥ 174
ମନ ଗୋଚରେ କରି ଯେତେ । ସତ୍ୟ ନୁହଁନ୍ତି ଏ ସମସ୍ତେ ॥ 175
ଏଣୁ ଏ ଆତ୍ମା ନିର୍ବିକାର । ଉପାଧି ଗୁଣେ ସେ ବିକାର ॥ 176
ଆଧି ଉପାଧି ଯେବେ ଯାଇ । ସେ ନିତ୍ୟେ ଏକରୂପ ହୋଇ ॥ 177

ନିତ୍ୟ ଆନନ୍ଦମୟ ସାକ୍ଷୀ । ସୁଷୁପ୍ତି ବୋଧେ ମାତ୍ର ଲକ୍ଷ୍ୟ ॥ 178
ଏମନ୍ତ ରୂପ ନାରାୟଣ । ତୁ ଅବା ବିଚାରୁ ଏସନ ॥ 179
ପୁଣ ସଂସାର କିପାଁ ହୋଇ । ମାୟା ସଂସ୍କାର ଯେଣୁ ଥାଇ ॥ 180
ସେ ମାୟା ନାଶ ଯାଇ ଯେଣେ । ଶୁଣ କହିବା ଏକମନେ ॥ 181
ସେ ନାରାୟଣ ପଦ୍ମପାଦ । ହରଇ ବିଷୟ ବିଷାଦ ॥ 182
ସକଳ ଛାଡ଼ି ସେ ଚରଣ । ଯେ ଭଜେ ଏକତ୍ୱ କରିଣ ॥ 183
ସେ ପାଦ ଯା'ରେ ଦୟା କରେ । ଭକ୍ତି ଜନ୍ମଇ ତା' ହୃଦରେ ॥ 184
ଘୋର କଳୁଷ ହେଲେ ନାଶେ । ନିର୍ମଳ ହୃଦୟ ପ୍ରକାଶେ ॥ 185
ଦର୍ପଣେ ରବିବିମ୍ବ ଯେହ୍ନେ । ବ୍ରହ୍ମ ପ୍ରକାଶ ତା'ର ମନେ ॥ 186
ଏମନ୍ତ ରୂପ ନାରାୟଣ । ତୁ ଏବେ ଶୁଦ୍ଧମନେ ଶୁଣ ॥ 187

### ନାରଦ ଉବାଚ

ଶୁଣ ଯାଦବ ଚୂଡ଼ାମଣି । ଏକଥା ଶୁଦ୍ଧମନେ ଶୁଣି ॥ 188
ନରକୁ ତରିଯାନ୍ତି ନର । ହୃଦେ ସାନନ୍ଦ ନୃପବର ॥ 189
ଜନକ ଶୋକ ଗଦଗଦେ । ମନ ସାନନ୍ଦେ ଋଷିପାଦେ ॥ 190
ବୋଲଇ ଶିରେ ଦେଇ କର । କୋମଳ ବଚନ ଗଭୀର ॥ 191

### ରାଜା ଉବାଚ

ଭୋ ମୁନି କହ କର୍ମଯୋଗ । ଯେଣେ ଖଣ୍ଡଇ ଭବରୋଗ ॥ 192
ଯେ କର୍ମ ସର୍ବକର୍ମ ନାଶେ । ପରମବ୍ରହ୍ମ ପରକାଶେ ॥ 193
ଜୀବ ନିସ୍ତରେ ଯାହା କରି । ଅନ୍ତେ ଲଭଇ ନରହରି ॥ 194
ସେ ଯୋଗ କହ ମୁନିଗଣ । ନମଇଁ ତୁମ୍ଭର ଚରଣ ॥ 195
ଏ କଥା ପିତାଙ୍କୁ ମୁଁ ପୂର୍ବେ । ସ୍ନେହେ ପୁଛିଲି ପୁତ୍ରଭାବେ ॥ 196
ସେ ମୋତେ ନ ଦେଲେ ଉତ୍ତର । ଏବେ ସୁଦୟା ତୁମ୍ଭେ କର ॥ 197
ଆବିରହୋତ୍ର ତାହା ଶୁଣି । ବୋଲନ୍ତି ଶୁଣ ନୃପମଣି ॥ 198

### ଆବିର୍ହୋତ୍ର ଉବାଚ

ଯେ କର୍ମ ଅକର୍ମ ବିକର୍ମ । ଏ ତିନି କହନ୍ତି ନିଗମ ॥ 199
ଈଶ୍ୱର ବାକ୍ୟ ତିନିବେଦ । ବ୍ରହ୍ମାଶଙ୍କର ନୋହେ ଭେଦ ॥ 200
ଏଣେ ମୋହିତ ସର୍ବଜନ । ନ ବୁଝି ବେଦର ବଚନ ॥ 201



ପରୋକ୍ଷ ଧର୍ମ ବେଦ କହେ । ପୁତ୍ରକୁ ଯେହ୍ନେ ବାପମାଏ ॥ 202
ଔଷଧ କଟୁ ତିକ୍ତ ଆଣି । କହନ୍ତି ନାନା ଚାଟୁବାଣୀ ॥ 203
ମଧୁର ବସ୍ତୁ ଥୋଇ ତଳେ । ଲୋଭେ ଭୁଞ୍ଜାନ୍ତି ତା'କୁ ବଳେ ॥ 204
ସେ ଯେହ୍ନେ ହରେ ତା'ର ରୋଗ । ଆନନ୍ଦେ କରେ ସୁଖଭୋଗ ॥ 205
ବେଦ ବଚନ ଏହିମତେ । କରାନ୍ତି କର୍ମ ମୋକ୍ଷଅର୍ଥେ ॥ 206
କହନ୍ତି ନାନାମତେ ବାଣୀ । କର୍ମର ଫଳ ପରିମାଣି ॥ 207
ଯେ ଫଳ ଲୋଭେ କରେ କର୍ମ । କର୍ମେ ତା ହୁଏ ମତିଭ୍ରମ ॥ 208
ଏହାକୁ କର୍ମ ବୋଲି ଜାଣ । ଯେ ଧର୍ମ ନିଗମ ପ୍ରମାଣ ॥ 209
ଅଜିତଇନ୍ଦ୍ରିୟ ଯେ ପ୍ରାଣୀ । ସେ ନ କରଇ ବେଦବାଣୀ ॥ 210
କରନ୍ତି ମୂର୍ଖଙ୍କର ରୀତି । ବିକର୍ମେ ଜନ୍ମ ମୃତ୍ୟୁ ପାନ୍ତି ॥ 211
ଏହା ବିକର୍ମ ବୋଲି ଜାଣି । ଅକର୍ମ ଶୁଣ ନୃପମଣି ॥ 212
ନାନାପ୍ରକାର ଧର୍ମ ଶୁଣି । ବେଦ ବଚନ ନ ପ୍ରମାଣି ॥ 213
ଭେଦ କରନ୍ତି ବେଦପଥେ । ପାଷଣ୍ଡ ଗୁରୁବାକ୍ୟ ମତେ ॥ 214
ନିନ୍ଦନ୍ତି ବେଦବାକ୍ୟ ନିତ୍ୟେ । ପାଷଣ୍ଡବାଦ ଅନୁମତେ ॥ 215
ଉଭୟଲୋକ ତା'ଙ୍କ ନାହିଁ । ନିରାଶେ ଥା'ନ୍ତି ଦୁଃଖ ସହି ॥ 216
ଅକର୍ମ ମତ ଏ ବିଚାର । ଏବେ ହୋ ଶୁଣ ନୃପବର ॥ 217
ଯେ ଧର୍ମ କହେ ବେଦମତେ । ଆନନ୍ଦେ ଧରି ତାହା ଚିତ୍ତେ ॥ 218
କର୍ମ ସମ୍ପାଦି କର୍ମଫଳ । ଯେ ଭାବେ ହୃଦୟ ନିର୍ମଳ ॥ 219
ସେ ଫଳ କୃଷ୍ଣପାଦେ ଦେଇ । ଚିତ୍ତେ ଭକତିଭାବ ବହି ॥ 220
ତାହାଙ୍କୁ ବୋଲି ମହାମତି । ଦୁର୍ଲ୍ଲଭମୁକ୍ତି ସେ ଲଭନ୍ତି ॥ 221
ଏ ବେଦ ଈଶ୍ୱରର ବାଣୀ । ବ୍ରହ୍ମାର ବଚନେ ପ୍ରମାଣି ॥ 222
ବେଦେ ଧରନ୍ତି ଶ୍ରୁତିଫଳ । ସେ ଆଦିଧର୍ମ ବୃକ୍ଷମୂଳ ॥ 223
ଏଣୁ ଏ ବେଦମାର୍ଗେ ତରି । ଏ ଜ୍ଞାନେ ବିଷ୍ଣୁଆଶ୍ରେ କରି ॥ 224
ଗୁରୁଭକତି ପରିମାଣେ । ବିଷ୍ଣୁଭକତି ତୀକ୍ଷ୍ଣବାଣେ ॥ 225
ଏଣେ ଯେ ମାୟାଜାଲ ଛେଦି । ଚିତ୍ତୁ ସଂଶୟଗ୍ରନ୍ଥି ଭେଦି ॥ 226
ନିର୍ଭୟେ ସଂସାରେ ଭ୍ରମନ୍ତି । ବିଷ୍ଣୁମାୟାରୁ ସେ ତରନ୍ତି ॥ 227
ଏବେ ହୋ ଶୁଣ ନରନାଥ । ଭକ୍ତିଲକ୍ଷଣ ପରମାର୍ଥ ॥ 228

ଗୁରୁବଚନ ଧରି ଶିରେ । ଈଶ୍ୱରରୂପ ଅନୁସାରେ ॥ 229
ପ୍ରତିମା କରି ନାନାମତେ । ଯେ ବିଧିବିଧାନ ଭକତେ ॥ 230
ଦାରୁ ପାଷାଣ ଧାତୁମୟୀ । ଲେପ ଲେଖନ ଯେତେ ହୋଇ ॥ 231
ଏ ଆଦି ଦୀକ୍ଷା ଅନୁମାନେ । ଆଗମ ନିଗମ ବିଧାନେ ॥ 232
ଏମନ୍ତ ପ୍ରତିମା କରାଇ । ଉତ୍ତମ ଶୁଭସ୍ଥାନେ ଥୋଇ ॥ 233
ନିର୍ମଳଜଳ ନଦୀକୂଳେ । ନିରୁପଦ୍ରବ ଭୂମିସ୍ଥଳେ ॥ 234
ନିର୍ମଳ କଳ୍ପିତ ଆସନେ । ସ୍ଥାପି ବସିବ ଶୁଦ୍ଧମନେ ॥ 235
ନିଶ୍ଚଳ କରି ନିଜାସନ । କୁଶ ପୀଠକ ବସ୍ତ୍ର ଚର୍ମ ॥ 236
ଏ ଆଦି ନିଗମ ବଚନେ । ଯେବା ମିଳିବ ବର୍ତ୍ତମାନେ ॥ 237
ପ୍ରଥମେ ପବନ ନିରୋଧି । ଯେ ବିଧିମତେ ଭୂତଶୁଦ୍ଧି ॥ 238
ପଞ୍ଚାଶବର୍ଣ୍ଣେ ଦେହନ୍ୟାସ । ଶ୍ରୀଗୁରୁ ବଚନେ ପ୍ରକାଶ ॥ 239
ବାମ ପାରୁଶେ ଗୁରୁଧ୍ୟାୟି । ଦକ୍ଷିଣେ ଆଚାର୍ଯ୍ୟ ବସାଇ ॥ 240
ପୂର୍ବେ ଦୁର୍ଗାଙ୍କୁ ନମସ୍କାର । ଗଙ୍ଗା ଯମୁନା ଗଣେଶ୍ୱର ॥ 241
ଏହାଙ୍କୁ ନମସ୍କାର ମାଥେ । ଦୂର୍ବା ଅକ୍ଷତ ଘେନି ହସ୍ତେ ॥ 242
କରିବ ଦଶଦିଗ ରକ୍ଷା । ଦିଗ ବନ୍ଧନ ମନ୍ତ୍ରଦୀକ୍ଷା ॥ 243
ପୂଜାର ଉପହାର ଭାବେ । ଯେବା ମିଳିବ ଯଥାଲାଭେ ॥ 244
ପ୍ରଣବେ ଅର୍ଘ୍ୟଜଳ କରି । ଶଙ୍ଖେ ଅକ୍ଷତ ପୁଷ୍ପ ଭରି ॥ 245
ଅଙ୍ଗ ମେଦିନୀ ଦ୍ରବ୍ୟମାନ । ସେ ଜଳେ କରିବ ପ୍ରୋକ୍ଷଣ ॥ 246
ଆଧାର ଶକ୍ତି ଆଦି ଧ୍ୟାନେ । ପୂଜିବ ନିଶ୍ଚଳ ଆସନେ ॥ 247
ହୃଦସ୍ଥ ପଦ୍ମ ଅଧିଷ୍ଠାନେ । ପୁଷ୍ପେ ପୂଜିବ ମନ୍ତ୍ରଧ୍ୟାନେ ॥ 248
ଧର୍ମାଦି ଚତୁର ଚରଣେ । ପୂଜିବ ପାରିଷଦଗଣେ ॥ 249
ମଧ୍ୟେ କମଳଦଳ ଯେତେ । କର୍ଣ୍ଣିକା କେଶର ସହିତେ ॥ 250
ସ୍ୱମନ୍ତ୍ରେ ରବି ସୋମାନଳ । ପୂଜିବ ତୃତୀୟ ମଣ୍ଡଳ ॥ 251
ସତ୍ତ୍ୱାଦିଗୁଣେ ନ୍ୟାସ କରି । ଭାବେ ପୂଜିବ ଆତ୍ମା ଚାରି ॥ 252
ଚତୁର ଆତ୍ମା ଶକ୍ତିନବ । ପୂର୍ବାଦି ଦିଗେ ତା' ପୂଜିବ ॥ 253
କେଶରେ ମୂଳମନ୍ତ୍ର ସ୍ମରି । ଧ୍ୟାନେ ପୂଜିବ ମୁଦ୍ରା ଧରି ॥ 254
ପ୍ରତିମା ଦେହେ ନିଜଅଙ୍ଗେ । ନ୍ୟାସ କରିବ ମନ୍ତ୍ରଭାଗେ ॥ 255



ହୃଦସ୍ଥେ ମନ୍ତ୍ରନ୍ୟାସ କରି । ଧ୍ୟାନେ ନିରୋପି ନରହରି ॥ 256
ପାଦାର୍ଘ୍ୟ ଆଚମନ ଆଦି । ସ୍ନାନ ଭୂଷଣ ବାସ ବିଧି ॥ 257
ଧୂପ ଦୀପ ପୁଷ୍ପ ଚନ୍ଦନ । ଭୋଜନ ଦ୍ରବ୍ୟ ସମର୍ପଣ ॥ 258
ଅଙ୍ଗ ଉପାଙ୍ଗ ଆଦି ଯେତେ । ପୂଜିବ ପାରିଷଦ ମତେ ॥ 259
ବସ୍ତ୍ର ଭୂଷଣ ଆଦି ଯେତେ । ମନ୍ତ୍ରେ ସମର୍ପି ଶୁଦ୍ଧଚିତ୍ତେ ॥ 260
ଏମନ୍ତେ ପୂଜି ନରହରି । ପ୍ରଣାମ ଦଣ୍ଡବତ କରି ॥ 261
କୃଷ୍ଣଙ୍କୁ ଈଶ୍ୱର ପ୍ରତ୍ୟକ୍ଷେ । ମଣି ନମିବ ପୁଣ ପଛେ ॥ 262
ଧ୍ୟାନେ କୃଷ୍ଣଙ୍କୁ ଶିରେ ଧରି । ମନ୍ତ୍ରେ ହୃଦସ୍ଥପଦ୍ମେ ଭରି ॥ 263
ଏମନ୍ତେ ନିତ୍ୟେ ପୂଜା କରି । ଶେଷ ନିର୍ମାଲ୍ୟ ଶିରେ ଧରି ॥ 264
ପ୍ରତିମା ନ ପାରିବ ଯେବେ । ଶୁଣ କହିବା ପୂଜା ଭାବେ ॥ 265
ସୂର୍ଯ୍ୟ ଅନଳ କିବା ଜଳେ । ଅଥବା ହୃଦସ୍ଥ କମଳେ ॥ 266
ଯେବେ ନ ପାରି ଏତେ ମତ । ଗୃହେ ଯେ ଅତିଥି ଆଗତ ॥ 267
ତାହାଙ୍କୁ ବିଷ୍ଣୁଭାବେ ମଣି । ପୂଜିବ ଦେଇ ଅନ୍ନପାଣି ॥ 268
ଏମନ୍ତେ ବିଷ୍ଣୁପୂଜା କରି । ଏ ଭବଜଳୁଁ ଯା'ନ୍ତି ତରି ॥ 269
କୃଷ୍ଣର ଭାବେ ଦୃଢ଼ବୁଦ୍ଧି । କରି ଲଭନ୍ତି ସର୍ବସିଦ୍ଧି ॥ 270
ଏଭାବେ ଈଶ୍ୱରର ବାଣୀ । ଯେ ଏହା ଏକାଦଶେ ଶୁଣି ॥ 271
କୃଷ୍ଣେ କରନ୍ତି ଦୃଢ଼ଚିତ୍ତ । ନୁହଁନ୍ତି ମାୟାରେ ମୋହିତ ॥ 272
ଖଣ୍ଡଇ ଭବଭୟ ତ୍ରାସ । କହଇ ଜଗନ୍ନାଥ ଦାସ ॥ 273
ନିର୍ମଳ ଭାଗବତ ବାଣୀ । ଶୁଣି ସଂସାରୁ ତର ପ୍ରାଣୀ ॥ 274

**ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଏକାଦଶସ୍କନ୍ଧେ ଚତୁର୍ଥୋଽଧ୍ୟାୟଃ ॥**

## ପଞ୍ଚମ ଅଧ୍ୟାୟ

ଏମନ୍ତେ କର୍ମଯୋଗ ଶୁଣି । ରାଜା ବୋଲଇ ମନେ ଗୁଣି ॥ 1
ନିର୍ଗୁଣ ନିରଞ୍ଜନ ହରି । ଧରଣୀ ତଳେ ଦେହ ଧରି ॥ 2
ଯେ କର୍ମ କଲେ ତ୍ରିଭୁବନେ । ଯେ ଅବତାର ଯେଉଁ ସ୍ଥାନେ ॥ 3
ସେ କଥା କହ ମୁନିଗଣ । ସନ୍ତୋଷ ନୋହେ ମୋର ମନ ॥ 4
ଏମନ୍ତ ରାଜା ସାଧୁକଥା । ଶୁଣି ଦ୍ରୁମିଳ ଶୁଦ୍ଧଚେତା ॥ 5

ରୋମପୁଲକ କଲା ତନୁ । ଅଶ୍ରୁ ଗଳଇ ତା ନୟନୁ ॥ 6

ଦ୍ରୁମିଳ ଉବାଚ

ବୋଲଇ ଶୁଣ ନରନାଥ । ଅଶେଷ କୃଷ୍ଣର ଚରିତ ॥ 7
କେ ତାହା ଅନୁମାନ କରି । ମୁଖେ କହିବ ଚିତ୍ତେ ଧରି ॥ 8
ବାଳକ ସମ ବୁଦ୍ଧିହୀନ । ଜଗତେ ଅଛି କେବା ଜନ ॥ 9
ପଣ୍ଡିତପଣେ ଗର୍ବ କରି । ହୃଦରେ ଅହଙ୍କାର ଭରି ॥ 10
କଥନେ କୃଷ୍ଣଗୁଣ ବଳେ । କେ ଅଛି ଭୁବନମଣ୍ଡଳେ ॥ 11
ମୃତ୍ତିକା ଖଣ୍ଡ ଚୂର୍ଣ୍ଣ କରି । କେ ଗଣିପାରେ ମନେ ଧରି ॥ 12
ସେ କାହିଁ କୃଷ୍ଣର ମହିମା । ମୁଖେ କହିବ ଗୁଣସୀମା ॥ 13
ବ୍ରହ୍ମାଣ୍ଡ ରଚି ପଞ୍ଚଭୂତେ । ଅଂଶେ ତାହାର ମଧଗତେ ॥ 14
ଆଦି ଅନନ୍ତ ନରହରି । ପଶେ ବିରାଟ ରୂପ ଧରି ॥ 15
ତିନିଭୁବନ ଦେହେ ଧରେ । ସୃଷ୍ଟି ପାଳନ ଅନ୍ତ କରେ ॥ 16
ଇନ୍ଦ୍ରିୟମାନଙ୍କର ଅର୍ଥ । ଯାହାର ଜ୍ଞାନେ ଆତଯାତ ॥ 17
ଦେହ ଇନ୍ଦ୍ରିୟ କ୍ରିୟା ଶକ୍ତି । ଯା'ର ନିଃଶ୍ୱାସୁ ପ୍ରକାଶନ୍ତି ॥ 18
ପ୍ରଥମେ ରଜୋଗୁଣ ଧରି । ବିଧାତା ରୂପେ ଅବତରି ॥ 19
ସୃଷ୍ଟି କରଇ ନାନାମତେ । ବିଧି ବିଧାନ ଦେବତନ୍ତ୍ରେ ॥ 20
ପାଳଇ ଯଜ୍ଞପତି ରୂପେ । ଜୀବ ଖେଳଇ ମୋହକଳ୍ପେ ॥ 21
ଈଶ୍ୱର ରୂପେ ତମୋଗୁଣେ । ଦହଇ ସୃଷ୍ଟି ସଂହାରଣେ ॥ 22
ଏ ଗୁଣମୟ ନିରାକାର । ଏଣୁ ତୃତୀୟ ରୂପ ତା'ର ॥ 23
ପୂର୍ବେ ଯେ ଦକ୍ଷପ୍ରଜାପତି । ତା'ର କୁମାରୀ ନାମ ମୂର୍ତ୍ତି ॥ 24
ଧର୍ମର ପତ୍ନୀ ସେ ଯୁକତେ । ବିଷ୍ଣୁ ତାହାର ଗର୍ଭେଗତେ ॥ 25
ଅରୂପ ହୋଇ ରୂପ ରାଶି । ସେ ନର ନାରାୟଣ ଋଷି ॥ 26
ତପ ଆରାଧି ଘୋର ବନେ । ବସିଲେ ବଦରିକାଶ୍ରମେ ॥ 27
କଳ୍ପେ ପର୍ଯ୍ୟନ୍ତ ତପ କରି । ମନ ପବନ ହୃଦେ ଧରି ॥ 28
ଦେଖି ତାହାଙ୍କ ତପ ଘୋର । ସ୍ୱର୍ଗେ କମ୍ପିଲା ସୁନାସୀର ॥ 29
କରଇ ମନରେ ବିଚାର । ନିଶ୍ଚେ ଘେନିବ ମୋର ପୁର ॥ 30
ମୋ' ପଦ ହରିବ ଏ ବଳେ । ଏମନ୍ତ ଭାଳି ସେ ବିକଳେ ॥ 31



ବିଚାରି ଦେବଙ୍କ ସଙ୍ଗତେ । ତପ ସମାଧି ବିଘ୍ନ ଅର୍ଥେ ॥ 32
ଉପାୟ କଲା ଶଚୀପତି । ଯେଣୁ ସ୍ୱଭାବେ ମନ୍ଦମତି ॥ 33
କନ୍ଦର୍ପେ ରାଇ ପୁରନ୍ଦର । ବୋଇଲେ ଚଳ ମଞ୍ଜପୁର ॥ 34
ବସନ୍ତ ପବନକୁ ଚାହିଁ । ବୋଲଇ ସଙ୍ଗେ ଚଳ ତୁହି ॥ 35
ତୁ ତ ସ୍ୱଭାବେ ଶୀତ ମନ୍ଦ । ଘେନିଣ ଅପସରା ବୃନ୍ଦ ॥ 36
କୋକିଳ ଧ୍ୱନି ଗୀତସ୍ୱନେ । ନୃତ୍ୟ କରିବ ବିଦ୍ୟମାନେ ॥ 37
ନାନାପ୍ରକାରେ ମନ ହରି । ତପ ସମାଧି ଭଗ୍ନ କରି ॥ 38
ବହନ ଆସ ସ୍ୱର୍ଗସ୍ଥାନେ । ଏମନ୍ତ ଇନ୍ଦ୍ରର ବଚନେ ॥ 39
ମଧୁର ଧ୍ୱନି ଗୀତସ୍ୱନେ । ମିଳିଲେ ବଦରିକା ସ୍ଥାନେ ॥ 40
ବସନ୍ତେ ପୁଷ୍ପିତ କାନନ । ଦେଖନ୍ତେ ହରେ ପ୍ରାଣୀ ମନ ॥ 41
କନ୍ଦର୍ପ ନାରାୟଣେ ଚାହିଁ । ପୁଷ୍ପକୋଦଣ୍ଡେ ଗୁଣ ଦେଇ ॥ 42
ପଞ୍ଚନାରାଚ ଅତି ତମେ । ବିନ୍ଧିଲା ବିଷ୍ଣୁର ମରମେ ॥ 43
ଲଳିତ ବହଇ ବସନ୍ତ । ଗାନ୍ଧାର ରାଗେ ଶୁଭେ ଗୀତ ॥ 44
ଦେଖିଣ ତାହାଙ୍କ ଉପାୟ । ଧ୍ୟାନେ ଜାଣିଲେ ଦେବାରାୟ ॥ 45
ଇନ୍ଦ୍ର ଯେ ଭୟକରି ଚିତ୍ତେ । ମୋର ସମାଧି ବିଘ୍ନ ଅର୍ଥେ ॥ 46
ଏହାଙ୍କୁ ପେଷି ଉଦ୍‌ବେଗେ । ମନ ବିଷାଦେ ଅଛି ସ୍ୱର୍ଗେ ॥ 47
ଏତେ ବିଚାରି ନାରାୟଣ । ବୋଇଲେ ଇନ୍ଦ୍ରଗଣେ ଶୁଣ ॥ 48
ରଙ୍ଗ ଅଧରେ ମନ୍ଦ ହସି । ତାହାଙ୍କୁ ବୋଲନ୍ତି ଆଶ୍ୱାସି ॥ 49
ଭୟ ନ କର ତୁମ୍ଭେ ଚିତ୍ତେ । ଉପାୟ କର ନାନାମତେ ॥ 50
ମୋହର ତପ ଭଗ୍ନକର । ଇନ୍ଦ୍ରକୁ ଯେବେ ତୁମ୍ଭ ଡ଼ର ॥ 51
ଆଜ ତୁମ୍ଭର ଆଗମନ । ଧନ୍ୟ ମଙ୍ଗଳ ମୋର ସ୍ଥାନ ॥ 52
ଏମନ୍ତେ କହି ଭଗବାନ । ତକ୍ଷଣେ ହୋଇଲେ ମଉନ ॥ 53
ତା' ଶୁଣି ଇନ୍ଦ୍ରଗଣ ଡ଼ରେ । ନମିଲେ ବିଷ୍ଣୁର ପ୍ରୟରେ ॥ 54
ଭୟେ କମ୍ପନ୍ତି ମୁଖ ଚାହିଁ । ବୋଲନ୍ତି ଶୁଣ ଭାବଗ୍ରାହୀ ॥ 55
ଏ ଯେ ବିଚିତ୍ର ନୋହେ ତୋ'ର । ତୁ ଧର୍ମଦେବ ନିରାକାର ॥ 56
ନିର୍ଗୁଣ ନିର୍ବିକଳ୍ପ ଦେହୀ । ପ୍ରକୃତି ତୋତେ ନ ଜାଣଇ ॥ 57
ତୋହର ଅଭୟ ଚରଣେ । ସେବନ୍ତି ଆତ୍ମଜ୍ଞାନୀ ଜନେ ॥ 58

ଯୋଗୀଙ୍କ ହୃଦସ୍ଥ କମଳେ । ତୋହର ଆସନ ନିଶ୍ଚଳେ ॥ 59
ତୋ'ର ଚରଣେ ଯେ ସେବନ୍ତି । ଦେବେ ତାହାଙ୍କୁ ବିଘ୍ନ ଚିନ୍ତି ॥ 60
ବୋଲନ୍ତି ଯଜ୍ଞ ତପ ତ୍ୟାଗୀ । ଏ କିମ୍ପା ହେବ ମୋକ୍ଷଭାଗୀ ॥ 61
ଏଣୁ ଡ଼ରନ୍ତି ଦେବଗଣ । କରନ୍ତି ବିଘ୍ନ ଆଚରଣ ॥ 62
ଯେ ଅନ୍ୟ ଦେବତା ଭଜନ୍ତି । ସେ ତାଙ୍କ ବିଘ୍ନ ନ କରନ୍ତି ॥ 63
ସମସ୍ତେ ମିଳି ଅଗ୍ନିକୁଣ୍ଡେ । ଘୃତ ସମିଧ ଖାଇ ତୁଣ୍ଡେ ॥ 64
ଯଜ୍ଞ ଭୋଜନେ ସୁଖ ପା'ନ୍ତି । ତେଣୁ ସେ ବିଘ୍ନ ନ କରନ୍ତି ॥ 65
ଯେ ତୁମ୍ଭ ଚରଣେ ସେବନ୍ତି । ସକଳ ଧର୍ମ ସେ ଜାଣନ୍ତି ॥ 66
ଏକାନ୍ତ ଚିତ୍ତେ ସୁଖେ ଥାଇ । ଅନ୍ୟ ଦେବଙ୍କୁ ନ ଗଣଇ ॥ 67
ତେଣୁ ସେ ଦେବେ କୋପଭରେ । ବିଘ୍ନ ଆଚରନ୍ତି ତାହାରେ ॥ 68
ଯେ ତୁମ୍ଭ ଚରଣେ କିଙ୍କର । ତାହାଙ୍କୁ ତୁମ୍ଭେ ଦୟାକର ॥ 69
ବିଘ୍ନ ତାହାଙ୍କ ପାଦ ନମେ । ଅନ୍ୟ ସଂସାରେ ଯାଇ ଭ୍ରମେ ॥ 70
କ୍ଷୁଧା ପିପାସା ଶୀତ ଜ୍ୱର । ଦୁର୍ଜୟ ଶୋକ ଭୟଙ୍କର ॥ 71
ମନ୍ଦପବନ କାମ ଭୋଗେ । ଥାଉଁ ନିରତେ ପ୍ରାଣୀ ସଙ୍ଗେ ॥ 72
ବିଘ୍ନ ଆଚରୁ ଶତ୍ରୁପଣେ । ଯେ ଧର୍ମ କରେ ଅନୁକ୍ଷଣେ ॥ 73
ଯେ ଘୋର ତପ ଆଚରନ୍ତି । ତାହାଙ୍କୁ ଆମ୍ଭେ ବିଘ୍ନ ଚିନ୍ତି ॥ 74
କଠୋର ତପ କରୁ ନାଶ । ସେ ହୋନ୍ତି କାମ କ୍ରୋଧେ ବଶ ॥ 75
ଛାଡ଼ନ୍ତି ତପ-ଧର୍ମ-ଲୟେ । ପଡ଼ନ୍ତି ବିଷ୍ଣୁମାୟା ମୋହେ ॥ 76
ଆମ୍ଭର ମହିମା ଏମନ୍ତ । ଯେ ପ୍ରାଣୀ ତୁମ୍ଭର ଭକତ ॥ 77
ତାହାଙ୍କୁ ଦେଖି ଆମ୍ଭେ ଡ଼ରୁ । ସେ ପ୍ରାଣୀ ତରନ୍ତି ସଂସାରୁ ॥ 78
ବାଛୁରୀ ଖୋଜେ ଜଳ ଥିଲେ । ତାହା ଯେସନେ ଲଂଘି ହେଲେ ॥ 79
ଏମନ୍ତ କହୁ ଇନ୍ଦ୍ରଗଣେ । ବିଷ୍ଣୁ ସମୀପେ ତତକ୍ଷଣେ ॥ 80
ଅଦ୍ଭୁତ ନାରୀ ରୂପରାଶି । ବିଜୁଳି ଯେହ୍ନେ ମେଘୁ ଖସି ॥ 81
ସେବନ୍ତି ନାରାୟଣ ପାଶେ । ତା' ଦେଖି ଇନ୍ଦ୍ରଗଣ ତ୍ରାସେ ॥ 82
କମ୍ପନ୍ତି ଜୀବନ ବିକଳେ । ନୟନ ବୁଜି ବେନି କରେ ॥ 83
ସେ ରୂପରାଶି ଦେହଗନ୍ଧେ । ଆଘ୍ରାଣ କରି ନାସାରନ୍ଧ୍ରେ ॥ 84
ହରିଲା ତାହାଙ୍କର ମନ । ରୂପକୁ ଚାହିଁ ହତଜ୍ଞାନ ॥ 85



ମୋହେ ପଡ଼ିଲେ ମହୀତଳେ । କନ୍ୟାଙ୍କ ରୂପଗନ୍ଧ ବଳେ ॥ 86
ତା' ଦେଖି ପ୍ରଭୁ ବ୍ରହ୍ମରାଶି । ରଙ୍ଗ ଅଧରେ ମନ୍ଦ ହସି ॥ 87
ବୋଲନ୍ତି ଦେବଗଣ ଚାହିଁ । ଭୟ ନ କର ତୁମ୍ଭେ କେହି ॥ 88
ମୋର ନିକଟେ କନ୍ୟା ଯେତେ । ଅଛନ୍ତି ସେବା ଅନୁମତେ ॥ 89
ତାହାଙ୍କ ପାଦେ ସେବାକର । କନ୍ୟା ଗୋଟିଏ ମାଗ ବର ॥ 90
ସେ ଯେବେ ଦେବେ ଏକନାରୀ । ତା' ଘେନି ଚଳ ସ୍ୱର୍ଗପୁରୀ ॥ 91
ସେ ହେଉ ସ୍ୱର୍ଗେ ଅଳଙ୍କାର । ରୂପେଣ ମୋହୁ ସୁନାସୀର ॥ 92
ତକ୍ଷଣେ ଆଜ୍ଞା ଶିରେ ଧରି । କନ୍ୟାଙ୍କ ପାଦେ ସେବା କରି ॥ 93
କନ୍ୟାଏ ଲଭି ତା'ଙ୍କ ମଧେ । ସ୍ୱର୍ଗେ ଚଳିଲେ ଅପ୍ରମାଦେ ॥ 94
ଉର୍ବଶୀ ନାମ ସେ ବୋଲାଇ । ଅପ୍‌ସରା ମଧେ ଶ୍ରେଷ୍ଠ ସେହି ॥ 95
ଇନ୍ଦ୍ର ସମୀପେ ଦେଲେ ନେଇ । ନମିଲେ ଶିରେ କର ଦେଇ ॥ 96
ଦେଖି ସାନନ୍ଦ ପୁରନ୍ଦର । ରୂପେ ମୋହିଲା ସ୍ୱର୍ଗପୁର ॥ 97
ସଭାରେ ଦେବଙ୍କ ଅଗ୍ରତ । କହିଲେ ସକଳ ବୃତ୍ତାନ୍ତ ॥ 98
ଇନ୍ଦ୍ର ସଭୟେ ତାହା ଶୁଣି । ଜାଣିଲେ ନିଶ୍ଚେ ଚକ୍ରପାଣି ॥ 99
ବିସ୍ମୟ ହୋଇ ଇନ୍ଦ୍ର ମନେ । ବୋଧିଲା ହୃଦସ୍ଥ ଯତନେ ॥ 100
ଏବେ ହୋ ଶୁଣ ନୃପବର । ବିଷ୍ଣୁର କଳା ଅବତାର ॥ 101
ପରମହଂସ ରୂପ ହୋଇ । ଅଶେଷ ଜ୍ଞାନମୟ ଦେହୀ ॥ 102
ଜଗତ ମଙ୍ଗଳ ନିମିତ୍ତେ । କହିଲେ ଆତ୍ମଜ୍ଞାନ ଯେତେ ॥ 103
ଯେ ଅବା କଲେ ଏ ଜଗତେ । ଏବେ ହୋ ଶୁଣ ଏକଚିତ୍ତେ ॥ 104
ତୃତୀୟେ ଦତ୍ତାତ୍ରେୟ ହୋଇ । ଜ୍ଞାନ ମଙ୍ଗଳ ପୁଣ୍ୟଦେହୀ ॥ 105
ବ୍ରହ୍ମା ମନରୁ ଅବତରି । ଚତୁଃସନଙ୍କ ରୂପଧରି ॥ 106
ପୁଣି ରଷଭ ଅବତାର । ଆମ୍ଭେ ହୋ ତାହାଙ୍କ କୁମର ॥ 107
ସେ ପୁଣି ହୟଗ୍ରୀବ ହେଲେ । ସେ ରୂପେ ବେଦ ଉଦ୍ଧରିଲେ ॥ 108
ମଧୁ କୈଟଭ ସଂହାରିଲେ । ବ୍ରହ୍ମାଙ୍କୁ ସଙ୍କଟୁ ତାରିଲେ ॥ 109
ପଞ୍ଚମେ ମୀନରୂପ ହୋଇ । ଧରଣୀ ନାବ-ଶୃଙ୍ଗେ ବହି ॥ 110
ପ୍ରଳୟ ଜଳେ ଶଙ୍ଖା ମାରି । ସେ ରୂପେ ନିଗମ ଉଦ୍ଧାରି ॥ 111
ପ୍ରଳୟ ବୃଷ୍ଟିଜଳେ ଭାସି । ଭୂମି ପାତାଳେ ଥିଲା ପଶି ॥ 112

ଶୂକର ରୂପ ଧରି ହରି । ଭୂମି ତୋଳିଲେ ଦନ୍ତୋପରି ॥ 113
ଆଦି ଅସୁର ହିରଣ୍ୟାକ୍ଷ । ତାହାକୁ ନାଶିଲେ ପ୍ରତ୍ୟକ୍ଷ ॥ 114
ଇନ୍ଦ୍ର ସମ୍ପଦ ଲାଭ ଅର୍ଥେ । ଦେବ ଦାନବ ଅନୁମତେ ॥ 115
ଗଭୀର କ୍ଷୀରସିନ୍ଧୁ ମଧ୍ୟେ । ମନ୍ଦର ଆଣି ସୁର-ସିଦ୍ଧେ ॥ 116
ଜଳେ ପକାନ୍ତେ ମହାଗିରି । ହରି ତା କୂର୍ମରୂପେ ଧରି ॥ 117
ଅମୃତ ଆଦି ନାନା ଦ୍ରବ୍ୟ । ଇନ୍ଦ୍ରଙ୍କୁ ଦେଲେ ହରି ସର୍ବ ॥ 118
ଗଜ କୁମ୍ଭୀର ଯୁଦ୍ଧ କାଳେ । ସେ ହରି ରୂପ ଅନ୍ତରାଳେ ॥ 119
ଚକ୍ରେ କୁମ୍ଭୀର ମୁଣ୍ଡ ହାଣି । ଗଜ ଉଦ୍ଧରି ଚକ୍ରପାଣି ॥ 120
କଶ୍ୟପ ଯଜ୍ଞେ ଋଷିମେଳା । ଷାଠିସହସ୍ର ବାଳଖିଲ୍ୟା ॥ 121
ନିତ୍ୟେ ଚାଲନ୍ତି ବନଦାଣ୍ଡେ । କାଷ୍ଠ ବହନ୍ତି କନ୍ଧେ ମୁଣ୍ଡେ ॥ 122
ଦିନେକ ଘେନି ଏକଡ଼ାଳେ । ଷାଠିସହସ୍ର ଏକମେଳେ ॥ 123
ବହି ଆଣନ୍ତେ ବାହୁବଳେ । ପଡ଼ିଲେ ଗୋଷ୍ପଦସଲିଳେ ॥ 124
ସମସ୍ତେ ହୋଇ ଏକମୁଖ । ଡ଼ାକନ୍ତି ନାରାୟଣ ରଖ ॥ 125
ଦେଖିଣ ତାହାଙ୍କ ବିକଳ । ଦୟାସାଗର ଆଦିମୂଳ ॥ 126
ତକ୍ଷଣେ ଦିବ୍ୟରୂପ ଧରି । ବିପ୍ରଙ୍କୁ ସଙ୍କଟୁ ଉଦ୍ଧରି ॥ 127
ଦେବ ଅସୁର ଯୁଦ୍ଧକାଳେ । ବାସବ ନିଜ ଭୁଜବଳେ ॥ 128
ବଜ୍ରେ ଛେଦିଲା ବୃତ୍ରକନ୍ଧ । ତେଣୁ ଲଭିଲା ବ୍ରହ୍ମବଧ ॥ 129
ବିଚାରି କଲା ମନେ ଦୁଃଖ । ଡ଼ାକିଲା ନାରାୟଣ ରଖ ॥ 130
ତକ୍ଷଣେ ଧର୍ମରୂପ ଧରି । ଇନ୍ଦ୍ରକୁ ସଂଙ୍କଟୁ ଉଦ୍ଧରି ॥ 131
ଆଦିଅସୁର ପଦ୍ମକକ୍ଷେ । ନାଶିଲେ ନରସିଂହ ରୂପେ ॥ 132
ଦୟାସାଗର ଦାମୋଦର । ଆନନ୍ଦ କଲେ ତିନିପୁର ॥ 133
ଦେବଙ୍କ ଛଳେ ଦୈତ୍ୟ ମାରି । ପୃଥ୍ୱୀ ପାଳଇ ନରହରି ॥ 134
ଅଦ୍ଭୁତ ବାମନ ଶରୀରେ । ମିଳିଲେ ବଳି ଯଜ୍ଞଘରେ ॥ 135
ସେ ରୂପେ ମୋହି ତା'ର ମନ । ଦାନେ ହରିଲେ ତ୍ରିଭୁବନ ॥ 136
ପାଦେ ତାହାର ଶିର ଚାପି । ପାତାଳପୁରେ ନେଇ ସ୍ଥାପି ॥ 137
ଇନ୍ଦ୍ରର ମନ କଲେ ଶୁଭ । ସୁଖେ ସେ ଭୁଞ୍ଜାଇ ଦୁର୍ଲ୍ଲଭ ॥ 138
ସେ ପୁଣି ଭୃଗୁବଂଶେ ହରି । ପରଶୁରାମ ରୂପ ଧରି ॥ 139



ଏକବିଂଶତି ବାର କୋପେ । ଅବନୀ ଭୂମି ବିଶ୍ୱରୂପେ ॥ 140
କ୍ଷତ୍ରିୟକୁଳ ସଂହରଣ । କଲେ ଅନାଦି ନାରାୟଣ ॥ 141
ରାବଣ ରାମ ରୂପେ ମାରି । ଜାନକୀ ସଙ୍କଟୁ ଉଦ୍ଧରି ॥ 142
ଧରଣୀ ମଧ୍ୟେ ଯଶ ଥୋଇ । ସଂସାର ତରେ ଯାହା ଗାଇ ॥ 143
ପୁଣି ଅନନ୍ତ ଅବତାରେ । ହଳ-ମୂଷଳ ଧରି କରେ ॥ 144
ଘୋର-ଦାନବ ଦର୍ପ ହରି । ସୁଖେ ସ୍ଥାପିଲେ ବସୁନ୍ଧରୀ ॥ 145
ପ୍ରବୋଧ-ବୁଦ୍ଧ ଅବତାରେ । ଜ୍ଞାନ ବିସ୍ତାରେ ଏ ସଂସାରେ ॥ 146
ଅଶ୍ୱ ଆରୋହି କଳ୍କୀ ରୂପେ । ମ୍ଲେଚ୍ଛ ସଂହାରେ ମହାକୋପେ ॥ 147
ଏମନ୍ତେ ନାନାରୂପ ଧରେ । ସେ ହରି ସଂସାରେ ବିହରେ ॥ 148
କେ ତା'ର ଗୁଣ କର୍ମ ସୁଖେ । ସଂଖ୍ୟା କରିବ ସପ୍ତଲୋକେ ॥ 149
ଯେ ଅବା କହିଲି ସଂକ୍ଷେପେ । ଭୋ ରାଜା ତୋହର ସମୀପେ ॥ 150
ନାରଦ ବସୁଦେବ ମେଳେ । ଶୁକ-ପରୀକ୍ଷ ଗଙ୍ଗାକୂଳେ ॥ 151
ଏମନ୍ତ ପ୍ରଶ୍ନ ଏକାଦଶ । କହିଲା ଜଗନ୍ନାଥ ଦାସ ॥ 152
ଶ୍ରୀଭାଗବତ ଧର୍ମକଥା । ଶୁଣି ଛାଡ଼ିବ ମନୁବ୍ୟଥା ॥ 153

ଇତି ଶ୍ରୀମଦ୍ ଭାଗବତେ ମହାପୁରାଣେ ପାରମହଂସ୍ୟାଂ
ସଂହିତାୟାଂ ଏକାଦଶସ୍କନ୍ଧେ ପଞ୍ଚମୋଦ୍ଧ୍ୟାୟଃ ॥

## ଷଷ୍ଠ ଅଧ୍ୟାୟ

ରାଜା ଉବାଚ

ବୋଲନ୍ତି ବିଦେହରାଜନ । ଭୋ ମୁନି ଶୁଣ ମୋ' ବଚନ ॥ 1
ଏ ଭୂମି ମଧ୍ୟେ ଦୁଷ୍ଟଲୋକେ । କୃଷ୍ଣଙ୍କୁ ନ ଭଜନ୍ତି ଥୋକେ ॥ 2
କାମ ସଙ୍କଳ୍ପ ଲୋଭେ ଜଡ଼ି । ଅଜ୍ଞାନ ମୋହେ ଥା'ନ୍ତି ପଡ଼ି ॥ 3
ଧର୍ମ ଅଧର୍ମ ନ ଜାଣନ୍ତି । ଅନ୍ତେ ସେ ଲଭନ୍ତି କି ଗତି ॥ 4
ଏ ବଡ଼ ସଂଶୟ ମୋ' ହୃଦେ । ଛେଦ କୁଶଳ-ଧର୍ମ-ବାଦେ ॥ 5
ଚମସ ଶୁଣି ତା ବଚନ । ବୋଲନ୍ତି ସଭା-ବିଦ୍ୟମାନ ॥ 6

ଚମସ ଉବାଚ

କୃଷ୍ଣର ମୁଖ ଭୁଜ ଉରୁ । ଅଭୟ ପାଦପଙ୍କଜରୁ ॥ 7
ବ୍ରାହ୍ମଣ ଆଦି ଚାରିବର୍ଣ୍ଣେ । ଜନ୍ମିଲେ ସ୍ୱଭାବେ ତ୍ରିଗୁଣେ ॥ 8

ଏଣୁ ଏ ବିଷ୍ଣୁ ପିତାମାତା । ଗୁରୁ ବାନ୍ଧବ ଇଷ୍ଟଦାତା ॥ 9
ଏମନ୍ତ ସ୍ୱାମୀ ସେବା ତେଜି । ଲୋଭେ ଯେ ଅନ୍ୟଦେବ ଭଜି ॥ 10
ସେ ପ୍ରାଣୀ ପତିତ ପାମର । ଅନ୍ତେ ପଡ଼ଇ ତମ ଘୋର ॥ 11
ବଦନ ଥାଉଁ ହରିବାଣୀ । ମୁଖେ ଯେ ନ ବୋଲନ୍ତି ପ୍ରାଣୀ ॥ 12
ନାମ ନ ଶୁଣନ୍ତି ଶ୍ରବଣେ । ଯେ ଥା'ନ୍ତି ପାପ ଆଚରଣେ ॥ 13
ସ୍ତ୍ରୀ ଶୂଦ୍ର ଆଦି ଯେତେ ନରେ । ଯେ ଥା'ନ୍ତି ନିନ୍ଦିତ ଆଚାରେ ॥ 14
ସେ ଯେବେ ସାଧୁଙ୍କୁ ଦେଖନ୍ତି । କଲୁଷ-ପଙ୍କୁ ନିସ୍ତରନ୍ତି ॥ 15
ବ୍ରାହ୍ମଣ କ୍ଷତ୍ରି ବୈଶ୍ୟଜନ । ସ୍ୱଭାବେ ଧନ୍ୟ ତିନିବର୍ଣ୍ଣ ॥ 16
ବିଷ୍ଣୁ ସ୍ମରଣେ ଶାନ୍ତି ମନେ । ଏ ଥା'ନ୍ତି ନିଗମ ବଚନେ ॥ 17
ବ୍ରାହ୍ମଣ ବେଦବିଦ୍ୟା ବଳେ । କୁଳ ସମ୍ପଦ ଧନ ଛଳେ ॥ 18
ମଜ୍ଜଇ କରି ଅହଙ୍କାର । କନ୍ଧେ ବହଇ ବେଦଭାର ॥ 19
ଧର୍ମ ଅଧର୍ମ ମାର୍ଗ କହି । ଆତ୍ମାକୁ ପଣ୍ଡିତ ବୋଲାଇ ॥ 20
ସଭାର ମଧ୍ୟେ ଚାଟୁ କହି । ହସି ହସାଇ ଜନମୋହି ॥ 21
ସ୍ୱଭାବେ ରଜୋଗୁଣ ଚାଣ୍ଡେ । ସଙ୍କଳ୍ପ କରେ କର୍ମକାଣ୍ଡେ ॥ 22
ଧନ ତନୟ ସୁଖ ଆଶେ । ଶରୀର ଅନ୍ତେ ନର୍କେ ପଶେ ॥ 23
ଅଳପ କାର୍ଯ୍ୟେ କ୍ରୋଧ ବହି । କାଳଭୁଜଙ୍ଗ ପ୍ରାପ୍ତ ହୋଇ ॥ 24
ସ୍ୱଭାବେ କାମ କ୍ରୋଧ ବଳେ । ନିତ୍ୟେ ଅସାଧୁ ସଙ୍ଗେ ମିଳେ ॥ 25
ଏଣୁ ଏ ବିପ୍ର ଆଦି ବର୍ଣ୍ଣେ । ପାପୀ ଦୁର୍ଜନ ମତିହୀନେ ॥ 26
ବିଷ୍ଣୁଜନଙ୍କୁ ଦେଖି ପାଶେ । ନିନ୍ଦା କରନ୍ତି ଉପହାସେ ॥ 27
ହସି ବୋଲନ୍ତି ହାସ୍ୟ ବାଣୀ । ନିକଟେ କୃଷ୍ଣକଥା ଶୁଣି ॥ 28
ଗୃହେ ଗୃହିଣୀ ଅଙ୍ଗସଙ୍ଗେ । ଚିତ୍ତ ବୁଡ଼ାଇ କାମଭୋଗେ ॥ 29
ଆଶା ବନ୍ଧନେ ଧନ ସଞ୍ଚେ । ମାୟା ସଙ୍କଳ୍ପେ କାଳ ବଞ୍ଚେ ॥ 30
ପିଣ୍ଡ ପରାଣ ତୁଷ୍ଟି ଅର୍ଥେ । ପଶୁ ହିଂସନ୍ତି ତର୍କଶାସ୍ତ୍ରେ ॥ 31
ଦେବ ଉଦ୍ଦେଶ୍ୟେ ଜନ୍ତୁ ମାରି । ପୂଜନ୍ତି ନାନା ଯଜ୍ଞ କରି ॥ 32
ଦାନ ଦକ୍ଷିଣା ବିଧିହୀନେ । କୁକର୍ମ କରନ୍ତି ଅଜ୍ଞାନେ ॥ 33
ପଶୁ ମାରଣେ ପାପ ଯେତେ । ଦେଖି ନ ଦେଖନ୍ତି ଅଗ୍ରତେ ॥ 34
ଶ୍ରୀମଦକୁଳ ଅଭିମାନ । ଐଶ୍ୱର୍ଯ୍ୟ ମଦିରାରେ ମନ ॥ 35



ଦାନ ପଠନ କର୍ମ ବଳେ । ସମ୍ପଦ ଦେଖନ୍ତି ନିଶ୍ଚଳେ ॥ 36
ସମ୍ପଦ ମଦେ ଅନ୍ଧ ହୋନ୍ତି । ସାଧୁ ଅସାଧୁ ନ ଗଣନ୍ତି ॥ 37
ବିଷ୍ଣୁ-ବୈଷ୍ଣବ ଜନ ଚାହିଁ । ନିନ୍ଦା କରନ୍ତି ଗର୍ବ ବହି ॥ 38
ଏ ଭାବେ ସର୍ବନାଶ କରେ । ନରକେ ପଡ଼ନ୍ତି ନିର୍ଭରେ ॥ 39
ସକଳ ଜୀବେ ନରହରି । ବସେ ଅନନ୍ତ ରୂପ ଧରି ॥ 40
ବିଷ୍ଣୁର ମାୟା ମୋହ ଭ୍ରାନ୍ତି । ଏହା ପାମରେ ନ ବୁଝନ୍ତି ॥ 41
ଯା'ର ମହିମା ବେଦ ଭଣେ । ଯୋଗୀନ୍ଦ୍ର ଯେ ହରି ଚରଣେ ॥ 42
ନିତ୍ୟେ ନିର୍ମଳ ଚିତ୍ତେ ଚିନ୍ତି । ଧ୍ୟାନ ଧାରଣେ ନ ଦେଖନ୍ତି ॥ 43
ସେ ହରି ନ ଭଜନ୍ତି ଚିତ୍ତେ । କୁବୁଦ୍ଧିଭାବ ଅବିରତେ ॥ 44
କୁତ୍ସିତ କଥା ରତ ନିତ୍ୟେ । ନାନାକୁପଥ ମନୋରଥେ ॥ 45
ମନ ଭ୍ରମାଇଁ ଭ୍ରମୁଥା'ନ୍ତି । ଦୁର୍ଗମ ପଥ ନ ଚିହ୍ନନ୍ତି ॥ 46
ନାରୀ ସେବନ ମାଂସ ମଦ୍ୟେ । ଲୋଭ ବେଭାର ଅନୁବାଦେ ॥ 47
ବେଦ ନ କହେ ଯାହା ମୁଖେ । ପ୍ରାଣୀ ତା କରେ ଆତ୍ମସୁଖେ ॥ 48
ଧର୍ମ ଅଧର୍ମ ବେନିପଥେ । ବେଦ କହଇ ଯାହା ନିତ୍ୟେ ॥ 49
ଆଦି ଈଶ୍ୱର ଆଜ୍ଞା ଏହୁ । ଏଥୁଁ ଅଧିକ କେବା କହୁ ॥ 50
ସେ ବେଦପଥ ଛାଡ଼ି ବଳେ । କର୍ମ କରନ୍ତି ଆତ୍ମଭୋଳେ ॥ 51
ନାରୀ ନ ସେବି କାମ ସଧେ । ସେବ ବିବାହ ଅନୁବନ୍ଧେ ॥ 52
ଛାଡ଼ି ନ ପାରି ହୀନ ଚିତ୍ତେ । ସେବନ୍ତି ମଦ ମାଂସ ନିତ୍ୟେ ॥ 53
ପଶୁ ମାରନ୍ତି ଯଜ୍ଞ ଲକ୍ଷ୍ୟେ । ଯେ ବେଦବିଧି ପିତୃପକ୍ଷେ ॥ 54
ଏ ନୋହେ ବେଦବିଧି ବାଣୀ । ନିତ୍ୟେ ଅସତ୍ୟ ପରିମାଣି ॥ 55
କଲେ କରିବ ଧର୍ମମତେ । ଯେ ବେଦବିଧି ଅନୁମତେ ॥ 56
ବିଧି ନିଷେଧ ଏ ପ୍ରସିଦ୍ଧି । ଏହା ନ ଜାଣେ ପଶୁବୁଦ୍ଧି ॥ 57
ଧନ ଅର୍ଜନେ ଧର୍ମ କରି । ଧର୍ମେ ପ୍ରାପତ ନରହରି ॥ 58
ଧନ ଅର୍ଜନେ ଦେହ ଧରେ । ମରଣ ସଙ୍କଟେ ନ ଡ଼ରେ ॥ 59
ସେ ଧନେ ପୋଷେ ନିଜ ଦେହୀ । ମୃତ୍ୟୁ ଭାବନା ନ ଡ଼ରଇ ॥ 60
ଯଦ୍ୟପି ଯଜ୍ଞର ବିଧାନ । ମାଂସ ଭକ୍ଷଣ ସୁରାପାନ ॥ 61
ତଥାପି ଯଜ୍ଞବିଧିମତେ । ଆଘ୍ରାଣ କରି ନାସାଗ୍ରତେ ॥ 62

କେବେହେଁ ନ କରିବ ପାନ । ଏ ବିଧି ବେଦର ବିଧାନ ॥ 63
କେବଳ ଯଜ୍ଞେ ପଶୁବଧ । ଅନ୍ୟତ୍ର ବଧଟି ପ୍ରମାଦ ॥ 64
ନାରୀ ସଙ୍ଗମ ଋତୁମତେ । କେବଳ ପୁତ୍ରଜନ୍ମ ଅର୍ଥେ ॥ 65
ଅନ୍ୟଥା ରତିସୁଖ ଅର୍ଥେ । ସଙ୍ଗ ନ କରି କଦାଚିତେ ॥ 66
ଜୀବର ସ୍ୱଧର୍ମ ଯେ ବାଣୀ । ସକଳ ବେଦେ ପରିମାଣି ॥ 67
ଏହା ନ ବୁଝି ମୂଢପ୍ରାଣୀ । ଦୁଃଖକୁ ସୁଖ ପ୍ରାପ୍ତ ମଣି ॥ 68
କରନ୍ତି ଜ୍ଞାନହୀନେ କର୍ମ । ଏଣୁ ସଂସାରେ ହୋନ୍ତି ଭ୍ରମ ॥ 69
ମୂର୍ଖ ସ୍ୱଭାବେ ମୂଢପ୍ରାଣୀ । ଆତ୍ମାକୁ ପଣ୍ଡିତ ବଖାଣି ॥ 70
କେବଳ ଦେବତା ବିଶ୍ୱାସେ । ନ ଜାଣି ଯଜ୍ଞେ ପଶୁ ହିଂସେ ॥ 71
ପଶୁଏ ଥା'ନ୍ତି ପ୍ରେତମେଳେ । ତା'ର ଜୀବନ ଅନ୍ତଃକାଳେ ॥ 72
ଧରି ଭକ୍ଷନ୍ତି ତା'ର ମାଂସ । କେବଳ ଅସ୍ଥି ରହେ ଶେଷ ॥ 73
ଯେ ଯାକୁ ମାରେ ସୁଖଭୋଳେ । ସେ ତାକୁ ହିଂସେ ଅନ୍ତଃକାଳେ ॥ 74
ଏ ବାଣୀ ପଣ୍ଡିତଙ୍କ ମଧ୍ୟେ । ପାପ ଲଭନ୍ତି ପଶୁବଧେ ॥ 75
ସକଳ ଦେହେ ନରହରି । ବସଇ ଆତ୍ମାରୂପ ଧରି ॥ 76
ସମେ ବସଇ ସର୍ବଦେହେ । ମୂଢ ନ ଜାଣେ ମାୟାମୋହେ ॥ 77
ପୁତ୍ରକଳତ୍ର କଳେବରେ । ମୋହର ବୋଲି ସ୍ନେହ କରେ ॥ 78
ସୁଖାନୁଭବେ ଜୀବ ମାରେ । କେବଳ ବିଷ୍ଣୁଦ୍ରୋହ କରେ ॥ 79
ଦୁଷ୍ଟ ପତିତ ବୋଲି ତା'ରେ । ପଡ଼େ ନରକ ଅନ୍ଧକାରେ ॥ 80
ପଣ୍ଡିତ ପଣେ ବାଦ ଚିନ୍ତି । ଦମ୍ଭେ ନ ବୁଝେ ମୋକ୍ଷଗତି ॥ 81
ବଞ୍ଚିତ ହୋଇ କୃଷ୍ଣନାମେ । ସଞ୍ଚଇ ଧର୍ମ ଅର୍ଥ କାମେ ॥ 82
କରଇ ନାନା କର୍ମ ନିତ୍ୟେ । କ୍ଷଣେ ନ ରହେ ସ୍ଥିର ଚିତ୍ତେ ॥ 83
କର୍ମ ହରଇ ପ୍ରାଣୀ ପ୍ରାଣ । ତାହାର କାହିଁ ପରିତ୍ରାଣ ॥ 84
ଚିତ୍ତେ ନ ବହେ ଦୟା ଶାନ୍ତି । ତାହାକୁ ବୋଲି ଆତ୍ମଘାତୀ ॥ 85
ପାଷଣ୍ଡ ଭାବେ ଅନୁମାନି । ଆତ୍ମାକୁ ମଣେ ତତ୍ତ୍ୱଜ୍ଞାନୀ ॥ 86
ମନ କଳ୍ପଇ ଯେତେ ଫଳେ । ଦଇବ ହରଇ ତା' ବଳେ ॥ 87
ବଞ୍ଚିତ ଇହ ପରଲୋକେ । ନିତ୍ୟେ ବଞ୍ଚଇ ଦୁଃଖଶୋକେ ॥ 88
ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୋହେ ସୁଖେ ପ୍ରୟୋଜନ ॥ 89



ଦୁଃଖରେ ପୋଷି ଦାରାସୁତ । ସର୍ବ ସମ୍ପଦ ପଶୁଭୃତ୍ୟ ॥ 90
ଏ ସର୍ବ ଛାଡ଼ି ଅନ୍ତଃକାଳେ । ଚଳଇ ପାପପୁଣ୍ୟବଳେ ॥ 91
ନରକେ ପଡ଼ି ଦୁଃଖ ଭୁଞ୍ଜେ । ଯମଯାତନା ଘୋର ପୁଞ୍ଜେ ॥ 92
ହରି ବିମୁଖ ଯେହୁ ପ୍ରାଣୀ । ନ ତରେ ଭବତରଙ୍ଗିଣୀ ॥ 93
ଏମନ୍ତେ ମୁନିବାକ୍ୟ ଶୁଣି । ରାଜା ବୋଲାଇ ମନେ ଗୁଣି ॥ 94

ରାଜା ଉବାଚ

ଭୋ ମୁନି ପ୍ରଭୁ ଭଗବାନ । କେବଣ ଯୁଗେ କେଉଁ ବର୍ଣ୍ଣ ॥ 95
କି ନାମ ରୂପ ଅନୁସାରେ । ଭକତ ଭଜେ କି ପ୍ରକାରେ ॥ 96
କେବଣ ଯୁଗେ କେଉଁ ରୂପେ । ଶରୀର ଧରେ ମାୟାକଳ୍ପେ ॥ 97
ଏହା ଶୁଣିତେ ମୋର ଇଚ୍ଛା । କହି ପୂରାଅ ମନୋବାଞ୍ଛା ॥ 98
ଜୀବ ଉଦ୍ଧାର ଏହୁ ବାଣୀ । କରଭାଜନ ତାହା ଶୁଣି ॥ 99

କରଭାଜନ ଉବାଚ

ବୋଲନ୍ତି ଶୁଣ ନରନାଥ । ଅଶେଷ କୃଷ୍ଣର ଚରିତ ॥ 100
କଳି କଳୁଷ ନିବାରଣ । ଯେ କରେ ଶ୍ରବଣ କୀର୍ତ୍ତନ ॥ 101
ଯେ ରୂପ ବହେ ସତ୍ୟଯୁଗେ । ତ୍ରେତା ଦ୍ୱାପର କଳିଯୁଗେ ॥ 102
ଇଚ୍ଛା ବିହାରେ ଅବତରେ । ସ୍ୱଭାବେ ନାନାରୂପ ଧରେ ॥ 103
ବିଧି-ବିଧାନେ ନାନାମତେ । ଯେ ରୂପ ପୂଜନ୍ତି ଜଗତେ ॥ 104
ଯେ ଯୁଗେ ଯେବା ଅବତାର । ଯେ ବର୍ଣ୍ଣ ନାମ ଦାମୋଦର ॥ 105
ସୁଖେ ବିହରେ ନରଲୋକେ । ଶୁଣ କହିବା ଏକେ ଏକେ ॥ 106
ପ୍ରଥମେ ଶୁକ୍ଳବର୍ଣ୍ଣ ଦେହେ । ଜଟାକଳାପ ମୁଣ୍ଡେ ବହେ ॥ 107
ହୃଦେ ଉତ୍ତରୀ ଅକ୍ଷମାଳ । ପିନ୍ଧନ୍ତି ବୃକ୍ଷର ବକଳ ॥ 108
ଆଜାନୁ ଲମ୍ବେ ଭୁଜ ଚାରି । ତ୍ରିଦଣ୍ଡ କମଣ୍ଡଳୁଧାରୀ ॥ 109
ଏମନ୍ତ ରୂପ ଭଗବାନ । ଦେଖି ପୂଜନ୍ତି ସାଧୁଜନ ॥ 110
ଯେ ରୂପ ସର୍ବଜନ ହିତ । ଶୁଚି ପବିତ୍ର ଶାନ୍ତ ଦାନ୍ତ ॥ 111
ତପ ଆଚରି ଶମ ଦମେ । ପ୍ରାଣ ସଂଯମୀ ମହାଶ୍ରମେ ॥ 112
ଭଜନ୍ତି ସେ ରୂପ ଚରଣେ । ନିଗମ ଧର୍ମ ଆଚରଣେ ॥ 113
ବୈକୁଣ୍ଠ ସୁପର୍ଣ୍ଣ ଲକ୍ଷଣ । ଶ୍ରୀବତ୍ସ କୌସ୍ତୁଭ ଭୂଷଣ ॥ 114

ହଂସପୁରୁଷ ଭଗବାନ । ପରମଆତ୍ମା ଦିବ୍ୟଜ୍ଞାନ ॥ 115
ଏ ରୂପେ ବହେ ସତ୍ୟଯୁଗେ । ଭକତଜନ ଅନୁରାଗେ ॥ 116
ଶୋଣିତ ବର୍ଣ୍ଣ ତ୍ରେତାଯୁଗେ । ବିଷ୍ଣୁ ସମ୍ଭୂତ ଭୂମିଭାଗେ ॥ 117
ସୁନ୍ଦର ଚତୁର୍ଭୁଜ ଧରେ । ସୁବର୍ଣ୍ଣ-ବର୍ଣ୍ଣ କେଶ ଶିରେ ॥ 118
ତ୍ରିଗୁଣ ମେଖଳା ଉତ୍ତରୀ । ସୁନ୍ଦର ସ୍ରୁବ ସ୍ରୁଚ ଧରି ॥ 119
ଯଜ୍ଞପୁରୁଷ ଦାମୋଦର । ସର୍ବଦେବଙ୍କ କଳେବର ॥ 120
ଅଶେଷ ଭୁବନ ଈଶ୍ୱର । ଅଜ୍ଞାନୀ ଜନେ ଅଗୋଚର ॥ 121
ସେ ରୂପ ଦେଖି ବିପ୍ରଗଣେ । ନିଗମ ପଥ ଆଚରଣେ ॥ 122
ଯଜ୍ଞେ ପୂଜିଲେ ଭଗବାନ । ଯେ ଯଜ୍ଞେ ବିଷ୍ଣୁ ଦରଶନ ॥ 123
ସେ ବିଷ୍ଣୁ ଯଜ୍ଞ ପୃଶ୍ନିଗର୍ଭ । ଜୟନ୍ତ ପୁଣି ସର୍ବଦେବ ॥ 124
ଯେ ଉରୁକ୍ରମ ବୃଷାକପି । ଉରୁଗାୟ ଏ ନାମ ଜପି ॥ 125
ଦ୍ୱାପର ଯୁଗେ ଶ୍ୟାମ ବର୍ଣ୍ଣ । ପୀତବସନ ପରିଧାନ ॥ 126
ନିଜ ଆୟୁଧ ଧରି କରେ । ଶ୍ରୀବତ୍ସ କଉସ୍ତୁଭ ଉରେ ॥ 127
ଏ ଆଦି ଲକ୍ଷଣେ ଲକ୍ଷିତ । ଅଶେଷଭୁବନେ ପୂଜିତ ॥ 128
କାମକୁ ନିନ୍ଦେ କଳେବର । ସମ୍ପଦ ରାଜରାଜେଶ୍ୱର ॥ 129
ସେ ରୂପ ଦେଖି ମୁନିଜନେ । ପୂଜନ୍ତି ମନ୍ତ୍ରଯନ୍ତ୍ର ଧ୍ୟାନେ ॥ 130
ସେ ସର୍ବଦେବମୟ ହରି । ଏମନ୍ତ ନାମେ ସ୍ତୁତି କରି ॥ 131
ଶ୍ରୀବାସୁଦେବ ନମୋସ୍ତୁତେ । ସଙ୍କରଷଣ ବୋଲି ତତେ ॥ 132
ପ୍ରଦ୍ୟୁମ୍ନ ଅନିରୁଦ୍ଧ ତୁହି । ଏ ଚାରିରୂପେ ଏକଦେହୀ ॥ 133
ନମସ୍ତେ ପ୍ରଭୁ ଜଗନ୍ନାଥ । ଯା'ର ଶରୀରୁ ଏ ଜଗତ ॥ 134
ତୁ ବିଶ୍ୱମୟ ବିଶ୍ୱପତି । ମହାପୁରୁଷ ସର୍ବଗତି ॥ 135
ଦ୍ୱାପର ଯୁଗେ ଏହି ମତେ । କୃଷ୍ଣଙ୍କୁ ପୂଜନ୍ତି ଜଗତେ ॥ 136
ଯେ ଅବା ଯେମନ୍ତ ଭାବଇ । ତା'କୁ ତେମନ୍ତ ସୁଖ ଦେଇ ॥ 137
ଦ୍ୱାପରଯୁଗ ଶେଷ କାଳେ । କଳି ଆଗମ ଅନ୍ତରାଳେ ॥ 138
ରୂପ ପ୍ରକାଶେ ଚକ୍ରପାଣି । ଯେସନ ଇନ୍ଦ୍ର ନୀଳମଣି ॥ 139
କୃଷ୍ଣମୂରତି ଭଗବାନ । କେବଳ ନାମ-ସଙ୍କୀର୍ତ୍ତନ ॥ 140
କୃଷ୍ଣର ରୂପ ଗୁଣ ଯେତେ । ଧ୍ୟାନେ ନିରୋପି ଶୁଦ୍ଧଚିତ୍ତେ ॥ 141



ପ୍ରତିମା କରି ନାନାରୂପେ । କୃଷ୍ଣପୂଜନ୍ତି ଯଜ୍ଞକଳ୍ପେ ॥ 142
ଅଙ୍ଗ ଉପାଙ୍ଗ ଅସ୍ତ୍ର ଯେତେ । ବିଷ୍ଣୁର ପାର୍ଷଦ ସହିତେ ॥ 143
ସକଳ ପୂଜି ସାବଧାନେ । ସ୍ତୁତି କରନ୍ତି ଏ ବଚନେ ॥ 144
ହେ ମହାପୁରୁଷ ମୁକୁନ୍ଦ । ବନ୍ଦୁଁ ତୋ' ଚରଣାରବିନ୍ଦ ॥ 145
ମୁନି କରନ୍ତି ଯା'ରେ ଧ୍ୟାନ । ହରଇ ପରାଭବମାନ ॥ 146
ଅଭୀଷ୍ଟଫଳ କାମଧେନୁ । ତୀର୍ଥନିବାସ ଯା' ଚରଣୁ ॥ 147
ଭବ-ବିରଞ୍ଚି ଯା'କୁ ନିତ୍ୟେ । ସ୍ତୁତି କରନ୍ତି ଅବିରତେ ॥ 148
ଶରଣଜନଙ୍କ ରକ୍ଷଣ । ଭୃତ୍ୟ ଆରତ ନିବାରଣ ॥ 149
ପ୍ରଣତଜନ ଯେ ପାଳଇ । ଏ ଭବଜଳେ ନାବ ହୋଇ ॥ 150
ଯେ ରାଜଲକ୍ଷ୍ମୀ ଦେବଗଣେ । ଧ୍ୟାନେ ବାଞ୍ଛନ୍ତି ଯା ଚରଣେ ॥ 151
ମର୍ତ୍ତ୍ୟେ ମନୁଷ୍ୟ ଦେହ ଧରି । କେ ତାହା ପାରେ ଦୂର କରି ॥ 152
ପିତୃବଚନ ଶିରେ ଧରି । ସ୍ୱରାଜ୍ୟ ଦୂରେ ପରିହରି ॥ 153
ଧାର୍ମିକ ପଣେ ଗମି ବନେ । ଯନ୍ତ୍ରିତ ପ୍ରିୟାର ବଚନେ ॥ 154
ଧାଇଁଲେ ମାୟାମୃଗ ଅର୍ଥେ । ବନଗହନ ଘୋରପଥେ ॥ 155
ସେ ପାଦେ ମୋର ନମସ୍କାର । ଧ୍ୟାନେ ଖଣ୍ଡଇ ତମ ଘୋର ॥ 156
ଯୁଗକୁ ଯୁଗ ଏହିମତେ । ପରମାନନ୍ଦ ଏ ଜଗତେ ॥ 157
ଧରଣୀ ମଧ୍ୟେ ଅବତରି । ଭ୍ରମଇଁ ନାନାରୂପ ଧରି ॥ 158
ସେ ରୂପ ପୂଜି ନରନାରୀ । ମାୟାସଂସାରୁ ଯା'ନ୍ତି ତରି ॥ 159
ସେ ପୁଣି ପଣ୍ଡିତ ବୋଲାଇ । ଗୁଣଜ୍ଞ ସର୍ବ ସାରଗ୍ରାହୀ ॥ 160
ସକଳ ଶାସ୍ତ୍ର ଅନୁମାନେ । ନିର୍ମଳ-ଚିତ୍ତେ ମହାଜନେ ॥ 161
ବେଦ ବିଚାରି ବ୍ରହ୍ମଭାଗ । ବୋଲନ୍ତି ଧନ୍ୟ କଳିଯୁଗ ॥ 162
ବ୍ରାହ୍ମଣ ଆଦି ଚାରିବର୍ଣ୍ଣେ । କୃଷ୍ଣର ନାମ ସଂକୀର୍ତ୍ତନେ ॥ 163
ମୁଖେ ଉଚ୍ଚାରି ନିତି ନିତି । ଅଶେଷ ପାପୁଁ ନିସ୍ତରନ୍ତି ॥ 164
କଳି-କଳୁଷ ଦୁଷ୍ଟଚିତ୍ତେ । ଗୃହ କଷଣ ଅବିରତେ ॥ 165
ନାମ-କୀର୍ତ୍ତନେ ଯେବେ ଥା'ନ୍ତି । ସଂସାରେ ନାହିଁ ତାଙ୍କ ଭ୍ରାନ୍ତି ॥ 166
ପରମ ଲାଭ ଏଥି ନାହିଁ । କୃଷ୍ଣ ଭକତି ହୃଦେ ଲଇଁ ॥ 167
ପ୍ରଜାଏ ସତ୍ୟଯୁଗ ଆଦି । ଭବିଷ୍ୟ କଥାକୁ ସମ୍ପାଦି ॥ 168

ଚିତ୍ତେ କଳ୍ପନ୍ତି ଅନୁରାଗେ । ଆମ୍ଭେ ଜନ୍ମିବୁ କଳିଯୁଗେ ॥ 169
ସେ ଯୁଗେ ନାମ ସଂକୀର୍ତ୍ତନ । କରି ତରିବେ ସର୍ବଜନ ॥ 170
ତାହାଙ୍କ ମଧ୍ୟେ ଆମ୍ଭେ ଥାଇ । ତୁଣ୍ଡେ ଗୋବିନ୍ଦ ନାମ ଗାଇ ॥ 171
ଭକତ ମୁଖୁଁ କୃଷ୍ଣ ଶୁଣି । ତରିବୁ ଭବତରଙ୍ଗିଣୀ ॥ 172
ଗୋବିନ୍ଦ-ଚରଣାରବିନ୍ଦ । ସ୍ୱାଦୁ-ସୁଗନ୍ଧ-ମକରନ୍ଦ ॥ 173
ମନ-ଭ୍ରମରେ କରି ପାନ । ଯେ ଅବା ଥିବେ ସାଧୁଜନ ॥ 174
ତାହାଙ୍କ ସଙ୍ଗେ ମିତ୍ରପଣେ । ସେବିବୁଁ କୃଷ୍ଣର ଚରଣେ ॥ 175
ଏମନ୍ତ ଚିନ୍ତେ କରି ଆଶା । କଳିକି କରନ୍ତି ପ୍ରଶଂସା ॥ 176
କଳିରେ ବିଷ୍ଣୁ-ପରାୟଣ । ହୋଇ କରିବେ ନାମମାନ ॥ 177
ଦ୍ରାବିଡ଼ ଦେଶରେ ଅନେକ । ଜନ୍ମିବେ ହରିଭକ୍ତ ଲୋକ ॥ 178
ଯେ ଦେଶେ ନଦୀ ତାମ୍ରପର୍ଣ୍ଣୀ । ଯେ କୃତମାଳା ପୟସ୍ୱିନୀ ॥ 179
କାବେରୀ ପୁଣ୍ୟା ମହାନଦୀ । ପ୍ରାଚୀ ତୀର୍ଥାଦି ଛନ୍ତି ଭେଦି ॥ 180
ତାହାଙ୍କ ଜଳ କରି ପାନ । ନିର୍ମଳ ହେବ ତା'ଙ୍କ ମନ ॥ 181
ଲବେ ନିମିଷେ କ୍ଷଣେ ଲେଶେ । ଯେ ଅବା ଥିବେ ଯେଉଁ ଦେଶେ ॥ 182
କୃଷ୍ଣର ନାମ ଉଚ୍ଚେ ଗାଇ । ରୋମ-ପୁଲକ ତନୁ ବହି ॥ 183
ନୟନୁ ବହେ ଅଶ୍ରୁଜଳ । ଲଭିବେ କୋଟିତୀର୍ଥଫଳ ॥ 184
ଏ ବଡ଼ ଲାଭ ଏ ଜଗତେ । କୃଷ୍ଣ-ଭଜନ ନାନାମତେ ॥ 185
ନିରତେ ସୁଖେ ଉଚ୍ଚାରିବେ । ଅଶେଷ ପାପୁଁ ନିସ୍ତରିବେ ॥ 186
ମୁଖେ ଗୁଣିବେ କୃଷ୍ଣନାମ । ଶ୍ରବଣ ମାତ୍ରେ ଅଭିରାମ ॥ 187
ସ୍ମରଣ କରି ହୃଦମଧ୍ୟେ । ଜନ୍ମ ମରଣ ବନ୍ଧ ଛେଦେ ॥ 188
ଦେବତା ଋଷି ପିତୃ ଭୂତ । ଯେ ଅବା ଅଛନ୍ତି ଆଗତ ॥ 189
ସେମାନଙ୍କର କର୍ମମାନ । ନ କଲେ ଋଣୀ ହୋନ୍ତି ଜନ ॥ 190
ଯେ ସର୍ବଭାବେ କୃଷ୍ଣପାଦେ । ଶରଣ ଗଲେ ଅପ୍ରମାଦେ ॥ 191
ସେ ଋଣୀ ନୋହେ ଏହାଙ୍କର । ଆବର ନୁହଇ କିଙ୍କର ॥ 192
ଯେ ଅନ୍ୟଭାବ ପରିହରି । କୃଷ୍ଣଚରଣେ ଆଶ୍ରେ କରି ॥ 193
ହରି ତା' ହୃଦୟକମଳେ । ପ୍ରକାଶ ହୋଇ ସର୍ବକାଳେ ॥ 194
ତା'ର ବିକର୍ମ ଯେତେ ଥା'ନ୍ତି । ହେଲେ ସମସ୍ତ ବିନାଶନ୍ତି ॥ 195



ଏ ଭାବେ କୃଷ୍ଣଭକ୍ତଜନ । ଶୁଣ ହେ ବିଦେହରାଜନ ॥ 196

ନାରଦ ଉବାଚ

ଏମନ୍ତେ ନବମୁନିଗଣେ । ରାଜାଙ୍କୁ ଚାହିଁ ଜଣେ ଜଣେ ॥ 197
କହିଲେ ଭାଗବତ ଧର୍ମ । ଯେ ରୂପେ କୃଷ୍ଣସେବାକର୍ମ ॥ 198
ଶୁଣି ସାନନ୍ଦ ଦଣ୍ଡଧାରୀ । ରୋମ-ପୁଲକେ ତନୁ ଘାରି ॥ 199
ନୟନୁଁ ଅଶ୍ରୁଜଳ ଝରେ । ନିର୍ମଳ ବାହ୍ୟ ଅଭ୍ୟନ୍ତରେ ॥ 200
ମୁନିଙ୍କ ଚରଣେ ପୂଜିଲା । ଆନନ୍ଦେ ନୟନ ବୁଜିଲା ॥ 201
ତକ୍ଷଣେ ସଭା-ବିଦ୍ୟମାନେ । ମୁନି ଚଳିଲେ ଅନ୍ତର୍ଦ୍ଧାନେ ॥ 202
ଯେ ଧର୍ମ କହିଗଲେ ମୁନି । ନିମି ତା ହୃଦୟରେ ଘେନି ॥ 203
ଭାବି ହୋଇଲେ ଭବୁଁ ପାର । ଏବେ ହୋ ଶୁଣ ଯଦୁବୀର ॥ 204
ତୁ ଏବେ ଏହି ଧର୍ମ କରି । ଅନ୍ତେ ଲଭିବୁ ନରହରି ॥ 205
ଧନ୍ୟ ଯାଦବ ତୋ ଜୀବନ । ଯାହାର ପୁତ୍ର ଭଗବାନ ॥ 206
ଲଭିଁଲୁ ପୂର୍ବ-ତପଫଳେ । ଏଣୁ ତୋ ଯଶ ମହୀତଳେ ॥ 207
ବିଖ୍ୟାତ ତିନିଭୁବନରେ । ଯେ ଯଶ ଗାଇ ପ୍ରାଣୀ ତରେ ॥ 208
ଆସନ ଭୋଜନ ଶୟନେ । ନିରତେ ଦେଖୁ ତୁ ନୟନେ ॥ 209
ଏ ମୋର ପୁତ୍ର ବୋଲି ଭୋଳେ । ଚୁମ୍ବନ ଦେଇ ଧରୁ କୋଳେ ॥ 210
ବ୍ରହ୍ମଙ୍କୁ କରୁ ଆଲିଙ୍ଗନ । ଏଣୁ ତୁ ତ୍ରିଭୁବନେ ଧନ୍ୟ ॥ 211
ଦନ୍ତବିକଟ ବିଦୁରଥ । ଶାଲ୍ୱ ପୌଣ୍ଡ୍ରକ ଚେଦିନାଥ ॥ 212
କଂସ ମାଗଧ ଆଦି ଯେତେ । ଦୁଷ୍ଟେ ଯେ ଥିଲେ ଭୂମିଗତେ ॥ 213
କୃଷ୍ଣେ ବଇରୀଭାବ ବହି । ପଶିଲେ ତା'ଙ୍କ ଦେହେ ଯାଇ ॥ 214
ସେ ହରି ଚରଣ କମଳେ । ଯେ ଭଜେ ପ୍ରେମଭାବେ ଭୋଳେ ॥ 215
ତାହାଙ୍କ ଗତି କେବା ଜାଣି । ବ୍ରହ୍ମାଶଙ୍କର ନ ପ୍ରମାଣି ॥ 216
କୃଷ୍ଣଙ୍କୁ ପୁତ୍ର ତୁ ନ ମଣ । ସେ ଟି ଅନାଦି ନାରାୟଣ ॥ 217
ଆଦିପୁରୁଷ ତୋ'ର ଘରେ । ମାୟା ମନୁଷ୍ୟ ଅବତାରେ ॥ 218
ହେଲେ ଅସୁରବଳ ମାରି । ଆପଦୁଁ ଅବନୀ ଉଦ୍ଧାରି ॥ 219
ସ୍ୱଭାବେ ଜନ୍ମ ଯା'ର ନାହିଁ । ମନ ବଚନେ ଭେଦ କାହିଁ ॥ 220
ସେ ହରି ଦେବକୀ ଉଦରେ । ଜନ୍ମ ଲଭିଲେ ତୋ'ର ପୁରେ ॥ 221

ତୋ ଯଶ ଜଗତେ ବିସ୍ତାରି । ପୁଣି ସେ ଯିବେ ନିଜପୁରୀ ॥ 222

ଶୁକ ଉବାଚ

ଏମନ୍ତେ ନାରଦର ବାଣୀ । ଦେବକୀ ବସୁଦେବ ଶୁଣି ॥ 223
ତନୁ ପୁଲକେ ରୋମରାଜି । ଅଶ୍ରୁଚଅଳେ ଚକ୍ଷୁ ବୁଜି ॥ 224
କୃଷ୍ଣଙ୍କୁ ପୁତ୍ରଭାବେ ମଣି । କିଛି ନ ବୋଲି ହେଲେ ତୁନି ॥ 225
ବୋଲନ୍ତି ଶୁକମୁନିବର । ସେ ନବ ଋଷଭକୁମର ॥ 226
ନିମିର ଯଜ୍ଞଶାଳେ ଥାଇ । ଯେ ଇତିହାସ ଗଲେ କହି ॥ 227
ସେ ଧ୍ୟାନଯୋଗ ପୁରାତନ । ବିଶେଷେ ନାରଦ ବଚନ ॥ 228
ଯେ ଏହା ଶ୍ରବଣେ ଶୁଣନ୍ତି । କି ଅବା ବଦନେ ଗୁଣନ୍ତି ॥ 229
ସକଳ ପାପୁଁ ଯାନ୍ତି ତରି । ଅନ୍ତେ ଲଭନ୍ତି ନରହରି ॥ 230
କହିଲା ଦାସ ଜଗନ୍ନାଥ । ସଂସାର ହିତେ ଭାଗବତ ॥ 231
ହରିଚରିତ ଗୀତବନ୍ଧେ । ସଂକ୍ଷେପେ ଏକାଦଶସ୍କନ୍ଧେ ॥ 232
ଅମୃତ ରସମୟ ଗୀତ । ଶୁଣନ୍ତେ ଜଗତ ପବିତ୍ର ॥ 233

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଏକାଦଶସ୍କନ୍ଧେ ଷଷ୍ଠୋଽଧ୍ୟାୟଃ ॥

## ସପ୍ତମ ଅଧ୍ୟାୟ

ଆନନ୍ଦେ ପରୀକ୍ଷିତ ଆଗେ । ଶୁକ କହନ୍ତି ଅନୁରାଗେ ॥ 1

ଶୁକ ଉବାଚ

ବ୍ରହ୍ମା ଶଙ୍କର ପୁରନ୍ଦର । ସଙ୍ଗତେ ଚନ୍ଦ୍ର ଦିବାକର ॥ 2
ଗନ୍ଧର୍ବ କିନ୍ନର ଚାରଣ । ସାଧ୍ୟ ଯେ ସିଦ୍ଧ ଦେବଗଣ ॥ 3
କୁବେର ସମୀର ବରୁଣ । ଦ୍ୱାଦଶ ବିଶ୍ୱଦେବା ପୁଣ ॥ 4
ପିତୃ ଗୁହ୍ୟକ ଋଷି ଆଦି । ଯକ୍ଷ ରାକ୍ଷସ ସେ ପ୍ରସିଦ୍ଧି ॥ 5
ନାଗ ଅପ୍‌ସରା ବିଦ୍ୟାଧରେ । ଏ ଆଦି ଯେତେ ଅନୁଚରେ ॥ 6
ଚଳିଲେ ଚଢି ନିଜାସନେ । ଦ୍ୱାରକା କୃଷ୍ଣଦରଶନେ ॥ 7
ମନୁଷ୍ୟ ରୂପେ ନରହରି । ଦେବକୀ ଗର୍ଭେ ଅବତରି ॥ 8
ନିର୍ଗୁଣ ବ୍ରହ୍ମ ଜନହିତେ । ଯଶ ବିସ୍ତାରି ଏ ଜଗତେ ॥ 9
ଯା' ଯଶ କଳମଷ ହରେ । ଯା'ର ଶ୍ରବଣେ ପ୍ରାଣୀ ତରେ ॥ 10



ତାହାର ଦରଶନ ଅର୍ଥେ । ରାତ୍ରେ ମିଳିଲେ ଶୂନ୍ୟପଥେ ॥ 11
ଦେଖିଲେ ଦ୍ୱାରକା ମଣ୍ଡଳ । ଯହିଁ ବିଜୟ ଆଦିମୂଳ ॥ 12
ଭୁବନମଙ୍ଗଳ ଶ୍ରୀମୁଖ । ଦେଖିଲେ ଖଣ୍ଡେ ଭବଦୁଃଖ ॥ 13
ଦ୍ୱାରକାପୁରେ ସର୍ବସିଦ୍ଧି । ଯହିଁ ସେବନ୍ତି ଅଷ୍ଟନିଧି ॥ 14
ସର୍ବ ସମ୍ପଦ ମୂଳ ସ୍ଥାନ । ଦେଖିଲେ ମୋହେ ପ୍ରାଣୀ ମନ ॥ 15
ସକଳ ଭୁବନ ଉପମା । କେ ମୁଖେ କହୁ ଗୁଣ ସୀମା ॥ 16
ଆକାଶେ ଦେବେ ରଥେ ଥାଇ । ଜୟଶବଦ ତୁଣ୍ଡେ ଗାଇ ॥ 17
ନନ୍ଦନବନୁ ପୁଷ୍ପ ଆଣି । ପ୍ରୋକ୍ଷଣ କରି ଗଙ୍ଗାପାଣି ॥ 18
ମଲ୍ଲିକା ଜାତି ପାରିଜାତ । ବିଚିତ୍ରମାଳା ଅପ୍ରମିତ ॥ 19
ବୃଷ୍ଟି କରନ୍ତି କୃଷ୍ଣଦେହେ । ସୁଗନ୍ଧ ଜଳଧାରା ପ୍ରାୟେ ॥ 20
ପୁଷ୍ପେ ଆଚ୍ଛାଦି ଯଦୁବୀର । ଯେସନେ ସମୁଦ୍ର ଉଲ୍ଲୋଳ ॥ 21
ସକଳ ଦେବେ ଏକମେଳେ । ଜୟ ଶବଦ ମୁଖଗୋଳେ ॥ 22
କପୋଳେ ବେନିକର ଦେଇ । ବୋଲନ୍ତି କୃଷ୍ଣମୁଖ ଚାହିଁ ॥ 23

ଦେବଗଣ ଉବାଚ

ନମୋ ନମସ୍ତେ ଆଦିମୂଳ । ଶରଣ ତୋ ପାଦକମଳ ॥ 24
ନମୋ ଗୋବିନ୍ଦ ହେ ଅଚ୍ୟୁତ । ତୁ ନାଥ ପ୍ରାଣୀ ପଞ୍ଚଭୂତ ॥ 25
ତୋହର ଅଭୟ ଚରଣ । ଅଶେଷ ଜନ୍ତୁଙ୍କ ଶରଣ ॥ 26
ସର୍ବ ଇନ୍ଦ୍ରିୟ ବୁଦ୍ଧି ମନ । ପ୍ରାଣାଦି ଏ ଦଶପବନ ॥ 27
ଏ ଆଦି ବିଷୟ ସକଳେ । ଶରଣ ତୋର ପାଦମୂଳେ ॥ 28
ସେ ପାଦପଦ୍ମ ସୁଖେ ହେଜି । ମୁନିଏ ଭକ୍ତିଭାବେ ଭଜି ॥ 29
ଆରୂଢ ଯୋଗୀ ଯୋଗବଳେ । ନିଶ୍ଚଳେ ହୃଦୟ କମଳେ ॥ 30
ଆରୋପି ଅଭୟ ଚରଣ । ନିଶ୍ଚିନ୍ତେ ପଶନ୍ତି ଶରଣ ॥ 31
ଅଶେଷ ଜନ୍ତୁ ହୃଦଗତେ । କର୍ମ-ବାସନା-ରଜ୍ଜୁ ଯେତେ ॥ 32
ନିମିଷେ ଧ୍ୟାନେ ତା' ସଂହାରେ । ରବି ଯେସନେ ଅନ୍ଧକାରେ ॥ 33
ଭବ-ଜଳଧି ସୁଖ-ନାବ । ତୋ'ର ଚରଣ ପଦ୍ମନାଭ ॥ 34
ଆମ୍ଭେ ସକଳ ଦେବଗଣ । ତୋ' ପାଦେ ପଶିଲୁ ଶରଣ ॥ 35
ତୁ ନାଥ ଜଗତ ଜୀବନ । ଅଶେଷ ଭୁବନ ପାବନ ॥ 36

ତୁ ନାଥ ରଜଗୁଣ ଧରି । ବିଧାତା ରୁପେ ସୃଷ୍ଟି କରି ॥ 37
ସାତ୍ତ୍ୱିକେ ବିଷ୍ଣୁରୁପ ହୋଇ । ପାଳନ କରୁ ନାଥ ତୁହି ॥ 38
ତମେ ସଂହାରୁ ଅନ୍ତଃକାଳେ । ତୋ ମାୟା ଲୀଳା ଯୋଗବଳେ ॥ 39
ସୃଷ୍ଟି ପାଳନ ସଂହାରଣ । କ୍ରମେ ସେ ସଂସାର କାରଣ ॥ 40
ସ୍ୱଭାବେ ତୁ ଯେ ସର୍ବଦେହୀ । ତୁ ଭୁଞ୍ଜୁ ପ୍ରାଣୀଙ୍କି ଭୁଞ୍ଜାଇ ॥ 41
ସେ ଦୋଷ ନ ଲାଗଇ ତୋରେ । ନଳିନୀଦଳ ଯେହ୍ନେ ନୀରେ ॥ 42
ତୁ ପୂର୍ଣ୍ଣ ସମସ୍ତ ଠାବରେ । ଶରଣ ଗଲୁ ତୋ' ପୟରେ ॥ 43
ତୁ ନାଥ ସର୍ବତ୍ର ସମାନ । ନିଶ୍ଚିନ୍ତସୁଖ ତୋ'ର ସ୍ଥାନ ॥ 44
ଯେଣୁ ନ ଲାଗେ ଶୁଭାଶୁଭ । ତେଣୁ ତୁ ସଂସାରେ ଦୁର୍ଲ୍ଲଭ ॥ 45
ବିବିଧ ତପ ବ୍ରତ ଦାନ । ଯୋଗ ସମାଧି ଆତ୍ମଜ୍ଞାନ ॥ 46
ଏ ଆଦି ସକଳ ସାଧନ । ସାଧି ପବିତ୍ର ନୋହେ ଜନ ॥ 47
ତୋହର ନାମ ଯଶଗୁଣ । ଯେ କରେ ଶ୍ରବଣ କୀର୍ତ୍ତନ ॥ 48
ଶ୍ରଦ୍ଧା ଭକତି ଶୁଦ୍ଧଚିତ୍ତେ । ତୋ' ରୂପେ ଦେଖେ ହୃଦଗତେ ॥ 49
ସର୍ବ ମୁନିଙ୍କ ମୋକ୍ଷଧାନ । କରେ ସମାନଭୂତି ଦାନ ॥ 50
ତୋ'ର ଚରିତ ସୁଧା ପାନ । ନିରତେ କରେ ଯା'ର ମନ ॥ 51
ସେ ପ୍ରାଣୀ ଭବୁ ଯା'ନ୍ତି ତରି । ବିପ୍ର ନ ତରେ କର୍ମ କରି ॥ 52
ଭକ୍ତିରେ ପ୍ରୀତି ନାହିଁ ଯା'ର । ସେ କାହିଁ ଜାଣେ ତୋ' ପୟର ॥ 53
ବେଦ ଉକତେ କର୍ମ କରେ । ଇନ୍ଦ୍ରାଦି ଦେବରୂପେ ତୋରେ ॥ 54
ଭଜନ୍ତି ବିପ୍ରେ ଯେ ପୟର । ଯଜ୍ଞରେ ଦେଇ ଘୃତଧାର ॥ 55
ତୋ' ମାୟା ଜାଣି ଆତ୍ମଯୋଗୀ । ଯେ ପାଦେ ସେବେ ସର୍ବତ୍ୟାଗୀ ॥ 56
ସେ ପାଦେ ପଶିଲୁ ଶରଣ । ଆମ୍ଭ ଅଶୁଭ ପରିତ୍ରାଣ ॥ 57
ତୁ ନାଥ ଦେବକୀର ବଳା । ତୋ'ର ହୃଦରେ ବନମାଳା ॥ 58
ଲମ୍ବଇ ପର୍ଯ୍ୟୁଷିତ ହୋଇ । ଦେଖି କମଳା ନ ସହଇ ॥ 59
ମଣଇ ସପତଣୀ ପ୍ରାୟେ । ଯେଣୁ ଶୋଭଇ ତୋର ଦେହେ ॥ 60
ତଥାପି ଦେଖି ତୋ' ବଦନ । ସପତ୍ନୀଭାବ ଛାଡ଼ି ମନ ॥ 61
ନିବେଶି ତୋହର ପୟରେ । କମଳମାଳେ ପୂଜା କରେ ॥ 62
ତୋ'ର ଅଭୟ-ପଦ୍ମପାଦ । ହରଇ ବିଷୟ-ବିଷାଦ ॥ 63



ତୋହର ତ୍ରିବିକ୍ରମ ରୂପ । ଆମ୍ଭେ ଯେ ଦେଖିଲୁ ସମୀପ ॥ 64
ତୋ' ନାଭିକମଳୁଁ ପ୍ରତ୍ୟକ୍ଷେ । ଚରଣ ଗଲା ଅନ୍ତରୀକ୍ଷେ ॥ 65
କେ କରିପାରେ ତାହା ହେତୁ । ଅଦ୍ଭୁତ ଯେହ୍ନେ ଧୂମକେତୁ ॥ 66
ବ୍ରହ୍ମାଣ୍ଡେ ଚରଣ ବାଜିଲା । ଶବଦେ ପ୍ରକୃତି କମ୍ପିଲା ॥ 67
ବ୍ରହ୍ମାଣ୍ଡ ଫୁଟି ପାଦବଳେ । ଗଙ୍ଗା ପଡ଼ିଲା ଅନ୍ତରାଳେ ॥ 68
ତିନି ଭୁବନେ ଜଳରାଶି । ଧ୍ୱଜ ପତାକା ପ୍ରାୟ ଦିଶି ॥ 69
ଅସୁରକୁଳ ଭୟଙ୍କର । ଆମ୍ଭ ନିର୍ଭୟ ସୁଖଘର ॥ 70
ସୁଜନ ସୁଖ ଭୋଗ ଅର୍ଥ । ଖଳକୁ ବୃଜିନ ପ୍ରାପତ ॥ 71
ସେ ପାଦପଦ୍ମେ ଭଗବାନ । ପବିତ୍ର କର ଆମ୍ଭ ମନ ॥ 72
ଯେ ପାଦ ଭବସିନ୍ଧୁ-ସେତୁ । ଅଶୁଭଗଣ ଧୂମକେତୁ ॥ 73
ଅଶେଷ ଲୋକ ଜ୍ଞାନଗୁରୁ । ଆମ୍ଭର ମଙ୍ଗଳ ବିସ୍ତାରୁ ॥ 74
ଭୋ ନାଥ ତୋହର ମହିମା । କେ କହିପାରେ ଗୁଣସୀମା ॥ 75
ନାସିକା ରନ୍ଧ୍ରେ ରଜ୍ଜୁ ଭେଦି । ଦୃଢେ ବୃଷଭ ଯେହ୍ନେ ବାନ୍ଧି ॥ 76
ସେ ପୁଣି ବନ୍ଦୀଶାଳେ ଥା'ନ୍ତି । ଅନ୍ୟୋନ୍ୟେ ହିଂସା ଆଚରନ୍ତି ॥ 77
ବ୍ରହ୍ମାଦି ଦେବେ ସେହିମତେ । ଯନ୍ତ୍ରିତ ତୋହର ଆୟତ୍ତେ ॥ 78
ତୁ କାଳରୂପୀ ଦାମୋଦର । ପ୍ରକୃତି ପୁରୁଷ ହିଁ ପର ॥ 79
ଏଣୁ ତୁ ପୁରୁଷ ପୁରାଣ । ତୋହର ଅଭୟ ଚରଣ ॥ 80
ଅଭୟବର ଦୀକ୍ଷାଗୁରୁ । ଆମ୍ଭର ଦୁଃଖ ତାପ ହରୁ ॥ 81
ସୃଷ୍ଟି ପାଳନ ସଂହାରଣ । ତୁ ନାଥ ଜଗତକାରଣ ॥ 82
ତୁହି ସେ କାଳରୂପ ଧରୁ । ପ୍ରକୃତି ପୁରୁଷ ସଂହାରୁ ॥ 83
ସେ ବେନି ତୋର ତହୁଁ ଜାତ । ପ୍ରଥମେ କରନ୍ତି ଜଗତ ॥ 84
ପ୍ରକୃତି ପୁରୁଷ ବିକାରେ । ବିଶ୍ୱ ଅଙ୍କୁର ଗର୍ଭେ ଧରେ ॥ 85
ତହୁଁ ମହତ ହେମମୟ । ବ୍ରହ୍ମାଣ୍ଡ କରୁ ତୁ ଉଦୟ ॥ 86
ପୃଥିବୀ ଆଦି ପଞ୍ଚଭୂତ । ମନ ଅହଙ୍କାର ଏ ସାତ ॥ 87
ଏ ରୂପେ ସପ୍ତଆବରଣେ । ବ୍ରହ୍ମାଣ୍ଡ କରୁ ତୁ ଭିଆଣ ॥ 88
ତୋର ଭିତରେ ଏ ସଂସାର । ରଚନା ଚତୁର୍ଦ୍ଦଶପୁର ॥ 89
ସ୍ଥାବର ଆଦି ଚାରିବର୍ଣ୍ଣ । ମଧ୍ୟେ ବିରାଜେ ତ୍ରିଭୁବନ ॥ 90

ଭୋ ନାଥ ତୋ’ର ମାୟାବଳେ । ତ୍ରିଗୁଣ ଘଟଣ ଶୟଳେ ॥ 91
ଜୀବନ ରୂପ ତୁମ୍ଭେ ଧର । ସର୍ବ ବିଷୟ ଭୋଗକର ॥ 92
ନିତ୍ୟ ପ୍ରକାଶ ତୁମ୍ଭ ଦେହୀ । ବିଷୟ ବାଧା ନ ଲାଗଇ ॥ 93
ଷୋଳସହସ୍ର ତୋ’ ରମଣୀ । ତୋ ମନ ନ ପାରିଲେ ଜାଣି ॥ 94
ବିବିଧ କାମ ପୁଷ୍ପଶରେ । କଟାକ୍ଷ ଭୂଭଙ୍ଗୀ ବିକାରେ ॥ 95
ଏଣୁ ଅଚ୍ୟୁତ ତୋର ନାମ । ନିର୍ଲେପ ନିତ୍ୟ ସୁଖଧାମ ॥ 96
ତୋ’ର ଅମୃତ କଥାମୟେ । ସଂସାର ନଦୀରୂପେ ବହେ ॥ 97
ତୋ’ ପାଦନୀର ସୁରନଦୀ । ବହେ ବ୍ରହ୍ମାଣ୍ଡ ମଧ୍ୟେ ଭେଦି ॥ 98
ଜଳେ ତ୍ରିଲୋକପାପ ହରେ । ଯେ ମୁଖେ ଗଙ୍ଗାନାମ ଧରେ ॥ 99
ଏ ବେନିନଦୀ ମଧ୍ୟେ ସ୍ନାନ । ଯେ କରେ ଧନ୍ୟ ତା’ ଜୀବନ ॥ 100
ନିଜ ଭୁବନେ ଥାଇ ପ୍ରାଣୀ । ଯେ ନିତ୍ୟେ କୃଷ୍ଣକଥା ଶୁଣି ॥ 101
ନିର୍ମଳ କରି ବୁଦ୍ଧି ମନ । ଯେ କରେ କଥାମୃତେ ସ୍ନାନ ॥ 102
ଯେ ଅବା ପଶି ଗଙ୍ଗାଜଳେ । ସ୍ନାନ କରନ୍ତି ସୁଖଭୋଳେ ॥ 103
ତୋଷେ କରନ୍ତି ଜଳ ପାନ । ତୁଣ୍ଡେ ଉଚ୍ଚାରି ତୋ’ର ନାମ ॥ 104
ଏମନ୍ତେ ବେନିନଦୀ ମଧ୍ୟେ । ଯେ ସ୍ନାନ କରନ୍ତି ଆନନ୍ଦେ ॥ 105
ଧରନ୍ତି ଦୁଃଖ ସୁଖେ ଦେହୀ । ତୋ’ ମାୟା ତାକୁ ନ ଲାଗଇ ॥ 106
ଏମନ୍ତେ ନାନାସ୍ତୁତି ଭଣି । ଦେବେ ନମିଲେ ଚକ୍ରପାଣି ॥ 107
ଶୂନ୍ୟ ମଣ୍ଡଳେ ରଥେ ଥାଇ । କପୋଳେ ବେନିକର ଦେଇ ॥ 108
କୃଷ୍ଣଙ୍କୁ ବନ୍ଦି ପ୍ରଜାପତି । ବୋଲନ୍ତି ଶୁଣ ଦାଶରଥି ॥ 109
ବାସବ ଆଦି ଦିଗପାଳେ । ନମିଲେ ତୋ’ର ପାଦତଳେ ॥ 110
ତାହାଙ୍କ ବୋଲ ତୁମ୍ଭେ ଧରି । ଦେବକୀ ଗର୍ଭେ ଅବତରି ॥ 111
ବିନାଶି ଅନେକ ଅସୁର । ହରିଲ ଅବନୀର ଭାର ॥ 112
ହେ ଦେବଦେବ ଜଗନ୍ନାଥ । ହେ ହୃଷୀକେଶ ପରମାର୍ଥ ॥ 113
ଗୋବିନ୍ଦ କୃଷ୍ଣ ଦାମୋଦର । ଆମ୍ଭର କଷ୍ଟ ଗଲା ଦୂର ॥ 114
ଦେବଙ୍କ ବାକ୍ୟ ଉପଦେଶେ । ଆଉ ତ ଭାରା ନାହିଁ ଶେଷେ ॥ 115
ଦୁଷ୍ଟ ସଂହାରି ସାଧୁକୁଳେ । ଧର୍ମ ଆରୋପିଲ ନିଶ୍ଚଳେ ॥ 116
ଧରଣୀ ସଙ୍କଟୁ ଉଦ୍ଧରି । ତୋ’ ଯଶ ସର୍ବଦିଗେ ପୂରି ॥ 117



ଯାଦବ ବଂଶେ ଦେହ ଧରି । ମର୍ତ୍ତ୍ୟେ ଅଦ୍ଭୁତ କର୍ମ କରି ॥ 118
ସମ୍ଭବି ଭୁବନମଣ୍ଡଳେ । ଯେ ଅବା କଲ କ୍ଷିତିତଳେ ॥ 119
ସେ କଳିମଳ-ବିନାଶନ । ଯେ ମୁଖେ କରିବେ କୀର୍ତ୍ତନ ॥ 120
ସେ ଜନମଧ୍ୟେ ପୁଣ୍ୟଦେହା । ତାକୁ ନ ଲାଗେ ତୁମ୍ଭ ମାୟା ॥ 121
ତୁ ଦେବ ବସୁଦେବ ଘରେ । ଜନ୍ମିଲୁ ଦେବକୀ ଉଦରେ ॥ 122
ଶତୁଁ ଅଧିକ ପଞ୍ଚବିଂଶ । ତୁମ୍ଭର ପୂରିଲା ବୟସ ॥ 123
ମନୁଷ୍ୟଭୋଗ ପୂର୍ଣ୍ଣ ହୋଇ । ଆଉ ତ ପ୍ରୟୋଜନ ନାହିଁ ॥ 124
ଦେବଙ୍କ କାର୍ଯ୍ୟ ଶେଷ ହୋଇ । ନିଜ ଭୁବନେ ଚଳ ତୁହି ॥ 125
ଯାଦବବଂଶ ମହୀତଳେ । ମରିବେ ବିପ୍ରଶାପବଳେ ॥ 126
ତୁ ନାଥ ଜ୍ଞାନ ଧ୍ୟାନ ଦୀକ୍ଷା । ଯେବେ ତୁମ୍ଭର ହୋଏ ଇଚ୍ଛା ॥ 127
ଆମ୍ଭର ବାକ୍ୟ ଅନୁସରି । ଭୋ ନାଥ ଚଳ ନିଜପୁରୀ ॥ 128
ତୁ ନାଥ ଜୀବନ ଆମ୍ଭର । ଆମ୍ଭେ ଯେ ତୋହର କିଙ୍କର ॥ 129
ତୁମ୍ଭ ଗୋଚରେ ଜ୍ଞାନଦୀକ୍ଷା । ଶରଣ ଗଲୁ କର ରକ୍ଷା ॥ 130
ବ୍ରହ୍ମା ବଚନେ ଅବଧାନ । ବୋଲନ୍ତି ଦେବକୀନନ୍ଦନ ॥ 131

ଭଗବାନ ଉବାଚ

ଗଭୀର ନାଦେ ଦାମୋଦର । ବୋଇଲେ ଶୁଣ ଦେବବର ॥ 132
ତୁମ୍ଭ ବଚନ ଅନୁସରି । ମଞ୍ଚେ ମାନବ ଦେହଧରି ॥ 133
ଅବନୀଭାରା କଲି ନାଶ । କେବଳ ନୋହିଲା ଉଶ୍ୱାସ ॥ 134
ଏ ଯଦୁବଂଶ ବାହୁବଳେ । ବ୍ରହ୍ମାଣ୍ଡ ଆଚ୍ଛାଦିବେ ହେଲେ ॥ 135
ଯେସନେ ସମୁଦ୍ର ଉଲ୍ଲୋଳ । ଲଂଘିଲେ ନ ରହଇ କୂଳ ॥ 136
ଏହାଙ୍କୁ ସଂହାର ନ କରି । ଯେବେ ମୁଁ ଯିବି ନିଜପୁରୀ ॥ 137
ତେବେ ଯାଦବଦଳ ତ୍ରାସେ । ଲୋକେ ନଶିବେ ଦଶଦିଶେ ॥ 138
ମୁହିଁ ବିନାଶି ଦୁଷ୍ଟବଳ । ଧରଣୀ ନ କଲି କୁଶଳ ॥ 139
ଏବେ ମୁଁ ନିଜ ବଂଶ ମାରି । ଧରଣୀ ସଙ୍କଟୁ ଉଦ୍ଧରି ॥ 140
ତେବେ ସେ ଯିବି ନିଜସ୍ଥାନେ । ଏମନ୍ତ କୃଷ୍ଣର ବଚନେ ॥ 141
ବ୍ରହ୍ମାଦି ସର୍ବଦେବଗଣେ । ନମିଲେ କୃଷ୍ଣର ଚରଣେ ॥ 142
କୃଷ୍ଣବଚନ ଶିରେ ଧରି । ଗଲେ ସେ ଯେ ଯାହାର ପୁରୀ ॥ 143

ଏବେ ହୋ ଶୁଣ ମହୀପତି । ଅଭୁତ ଗୋବିନ୍ଦର ଗତି ॥ 144
ଭୂମି ଗଗନ ଅଷ୍ଟଦିଶେ । ଘୋର ଅଭୁତ ଯଦୁବଂଶେ ॥ 145
ଉତ୍ପାତ ଦିଶେ ନିରନ୍ତରେ । ଦ୍ୱାରକା ବାହ୍ୟ ଅଭ୍ୟନ୍ତରେ ॥ 146
ଦେଖି ଚକିତ ଚକ୍ରପାଣି । ପୁଚ୍ଛନ୍ତି ବୁଧଜନେ ଆଣି ॥ 147
ଦେଖ ଉତ୍ପାତ ଘୋରନାଦ । କି ଅବା ପଡ଼ିବ ପ୍ରମାଦ ॥ 148
ବ୍ରାହ୍ମଣ ଶାପ କୋପାନଳ । ନିଶ୍ଚେ ଦହିବ ଯଦୁକୁଳ ॥ 149
ସେ ବିପ୍ରଶାପ କ୍ଷୟ ଅର୍ଥେ । ଉପାୟ ନ ଦିଶଇ ଏଥେ ॥ 150
ଏଣୁ ଦ୍ୱାରକାପୁରେ ବାସ । ଆମ୍ଭର ନୁହଇ ବିଶ୍ୱାସ ॥ 151
ପ୍ରଭାସତୀର୍ଥେ ଚାଲ ଯିବା । ଯହିଁ ସକଳ ତୀର୍ଥସେବା ॥ 152
ଦଣ୍ଡେ ହେଁ ବିଳମ୍ବ ନ କର । ଦେଖ ଉତ୍ପାତ ଭୟଙ୍କର ॥ 153
ପୁଣି ବୋଲନ୍ତି ଚକ୍ରପାଣି । ଆମ୍ଭେ ପୁରାଣେ ଅଛୁଁ ଶୁଣି ॥ 154
ଦକ୍ଷର ଶାପେ ଚନ୍ଦ୍ର ଅଙ୍ଗେ । ବାଧିଲା ରାଜଯକ୍ଷ୍ମା ରୋଗେ ॥ 155
ସେ ପୁଣି ବ୍ରହ୍ମାବାକ୍ୟେ ଗଲା । ପ୍ରଭାସତୀର୍ଥେ ସ୍ନାନ କଲା ॥ 156
ତକ୍ଷଣେ ହୋଇଲା ନୀରୁଜ । ଅଧିକେ ବିରାଜିଲା ତେଜ ॥ 157
ଆମ୍ଭେ ସେ ତୀର୍ଥେ କରି ସ୍ନାନ । ବ୍ରାହ୍ମଣେ ଦେବା ମହାଦାନ ॥ 158
ପିତୃ ତୋଷିବା ପିଣ୍ଡଦାନେ । ବିପ୍ରେ ଭୁଞ୍ଜାଇ ମିଷ୍ଟଅନ୍ନେ ॥ 159
ଅମୂଲ୍ୟ ରତ୍ନ ବିପ୍ରେ ଦେଇ । ବାକ୍ୟ କହିବା ଚାଟୁଆଇ ॥ 160
ମନ ସନ୍ତୋଷେ ଦାନ ଦେବା । ନିରତେ ଚରଣେ ସେବିବା ॥ 161
ଧନ କାର୍ପଣ୍ୟ ସେବାଫଳେ । କିବା ଅସାଧ ମହୀତଳେ ॥ 162
ବିପ୍ରଙ୍କୁ ଦାନେ ତୋଷ କରି । ଆମ୍ଭେ ବା ବ୍ରହ୍ମଶାପୁଁ ତରି ॥ 163
ଦାନେ ସକଳ ପାପ ହରି । ନାବେ ଯେସନେ ସିନ୍ଧୁ ତରି ॥ 164

ଶୁକ ଉବାଚ

ଏମନ୍ତ କୃଷ୍ଣବାକ୍ୟ ଶୁଣି । ସକଳ ବୁଧେ ମନେ ଗୁଣି ॥ 165
କୃଷ୍ଣର ବାକ୍ୟ ସତ୍ୟ କରି । ତୀର୍ଥଗମନ ମନେ ଧରି ॥ 166
ରଥ ଶକଟ ଗଜବାଜି । ଯେ ଯାହା ଅନୁରୂପେ ସାଜି ॥ 167
ଧନୁ ଖଡ଼ଗ ଆଦି କରି । ସକଳ ଅସ୍ତ୍ରଶସ୍ତ୍ର ଧରି ॥ 168
ସଜ ହୋଇଲେ ତୋଷମନେ । ଗୋବିନ୍ଦ ତୀର୍ଥ ଅନୁଯାନେ ॥ 169



ଉଦ୍ଧବ ଶୁଣି ତାହା ମନେ । ଜାଣିଲା କୃଷ୍ଣର ବଚନେ ॥ 170
ଅଦ୍‌ଭୁତ ଭୟଙ୍କର ଚାହିଁ । ଚକିତେ ଚିତ୍ତେ ବିଚାରଇ ॥ 171
ବ୍ରାହ୍ମଣ ଶାପେ ଯଦୁବଂଶ । ଘୋର କନ୍ଦଳେ ଯିବ ନାଶ ॥ 172
ମାୟାର ଯୋଗେ କୃଷ୍ଣରାମ । ନିଶ୍ଚୟେ ଯିବେ ନିଜଧାମ ॥ 173
ଉଦ୍ଧବ ଏମନ୍ତ ବିଚାରି । ବେନି ନୟନୁ ବହେବାରି ॥ 174
କାନ୍ଦି କୃଷ୍ଣର ସନ୍ନିଧାନେ । ଗୁପତେ ଆତ୍ମବିଦ୍ୟମାନେ ॥ 175
କୃଷ୍ଣ ଚରଣ ଧରି କରେ । ଉଦ୍ଧବ କହେ ଶୋକଭରେ ॥ 176

ଉଦ୍ଧବ ଉବାଚ

ହେ ଦେବ ଦେବ ନିରଞ୍ଜନ । ସୁପୁଣ୍ୟ ଶ୍ରବଣ କୀର୍ତ୍ତନ ॥ 177
କୁଳ କି ସଂହାରିବୁ ତୁହି । ଏମନ୍ତ ପ୍ରାୟ ମୁଁ ମଣଇଁ ॥ 178
ତୁ ଯେ ବୋଲାଉ ଭଗବାନ । ନ କରୁ ବ୍ରହ୍ମଶାପ ଆନ ॥ 179
ତୁ କାଳରୂପୀ ମାୟାଧର । ଏ ରୂପ କରିବୁ ଅନ୍ତର ॥ 180
ଏ ନରଲୋକ ଛାଡ଼ି ହରି । ନିଶ୍ଚୟ ଯିବୁ ନିଜପୁରୀ ॥ 181
ତୋହର ଅଭୟ ଚରଣ । ପରମ ମଙ୍ଗଳ କାରଣ ॥ 182
ସେ ପାଦେ ମୋର ମନ ଜଡ଼ି । ତିଳେ ମୁଁ ନ ପାରଇ ଛାଡ଼ି ॥ 183
ତୋ ପାଦେ ପଶିଲି ଶରଣ । ମୋତେ ନ ଛାଡ଼ ନାରାୟଣ ॥ 184
ତୋର ଚରିତ ସୁଧାପାନ । ଯେ କରେ ଶ୍ରବଣ କୀର୍ତ୍ତନ ॥ 185
ଭାବେ ଅମୃତ ପାନ କରେ । ସକଳ କର୍ମ ସେ ପାସୋରେ ॥ 186
ମାର୍ଜନ ସୁଗନ୍ଧ ଲେପନେ । ଆସନ ଭୋଜନ ଶୟନେ ॥ 187
କ୍ଷଣେ ନ ଛାଡୁ ପ୍ରଭୁ ମୋତେ । ମୁଁ ଏବେ ନ ଦେଖିଲେ ତୋତେ ॥ 188
କେମନ୍ତେ ଧରିବି ଜୀବନ । ହୋଇବ ଦଶଦିଗ ଶୂନ୍ୟ ॥ 189
ତୋହର ଅଙ୍ଗ ଉପହାର । ଶରୀରେ ଭୂଷଣ ମୋହର ॥ 190
ଗନ୍ଧ ବସନ ମାଳା ଯେତେ । ଭୁଞ୍ଜଇ ତୋ'ର ଭୋଗ ଅନ୍ତେ ॥ 191
ତୋ'ର ନିର୍ମାଲ୍ୟ ନିତ୍ୟେ ଖାଇ । ତୋ' ରୂପ ନୟନେ ଦେଖଇ ॥ 192
ତୁ ଯେ ମୋହର ପ୍ରାଣବନ୍ଧୁ । ଉଦ୍ଧର ତୋ'ର ମାୟାଛନ୍ଦୁ ॥ 193
ତୁ ନାଥ ଶରଣସୋଦର । ତୋ'ର ସଙ୍ଗତେ ମୋତେ କର ॥ 194
ଯେ ପ୍ରାଣୀ ଦିଗମ୍ବର ହୋଇ । ଭ୍ରମେ ସନ୍ୟାସରୂପ ବହି ॥ 195

ଇନ୍ଦ୍ରିୟଗଣ ଦୃଢ଼େ ଛନ୍ଦି । ମନ ପବନ ହୃଦେ ରୁନ୍ଧି ॥ 196
ବ୍ରହ୍ମ ଚିନ୍ତଇ ଅବିରତେ । ନିରହଙ୍କାର ଶୁଦ୍ଧଚିତ୍ତେ ॥ 197
ତପ-କଷଣ ସହେ ନିତ୍ୟ । ନିର୍ମଳମତି ଊର୍ଦ୍ଧ୍ୱରେତ ॥ 198
ଅଷ୍ଟାଙ୍ଗଯୋଗ ଭାବେ ଚିନ୍ତି । ଲଭନ୍ତି ବ୍ରହ୍ମଜ୍ଞାନ ଗତି ॥ 199
ତୋ'ର ଅମୃତରସ ବାଣୀ । ନିରତେ ଶ୍ରବଣେ ଯେ ଶୁଣି ॥ 200
ତୋ'ର ସେବକ ଯା'ର ବନ୍ଧୁ । ହେଲେ ସେ ତରେ ଭବ ସିନ୍ଧୁ ॥ 201
ତୋହର ପାଦେ ଯା'ର ମନ । ସେ ପ୍ରାଣୀ ଭକତ ଉତ୍ତମ ॥ 202

ଶୁକ ଉବାଚ

ଏମନ୍ତେ ଉଦ୍ଧବ ବଚନ । ନିବେଦି କୃଷ୍ଣ ସନ୍ନିଧାନ ॥ 203
ଉଦ୍ଧବ କହେ ପୁଣ ପୁଣ । ସ୍ୱାମୀର ଯେତେ ଭାବଗୁଣ ॥ 204
ନିବେଶି କୃଷ୍ଣର ଚରଣେ । ରହିଲା ଭାବିତ ବଦନେ ॥ 205
ଶ୍ରୀଏକାଦଶେ ଭାଗବତ । ଶୁକ କହନ୍ତି ଜ୍ଞାନତତ୍ତ୍ୱ ॥ 206
ଅମୃତ ରସମୟ ବାଣୀ । ଶୁଣି ତରିବେ ସର୍ବପ୍ରାଣୀ ॥ 207
ଶ୍ରୀଏକାଦଶେ କୃଷ୍ଣରସ । କହଇ ଜଗନ୍ନାଥ ଦାସ ॥ 208

ଇତି ଶ୍ରୀମଦ୍ ଭାଗବତେ ମହାପୁରାଣେ ପାରମହଂସ୍ୟାଂ
ସଂହିତାୟାଂ ଏକାଦଶସ୍କନ୍ଧେ ସପ୍ତମୋଽଧ୍ୟାୟଃ ॥

## ଅଷ୍ଟମ ଅଧ୍ୟାୟ

ଭଗବାନ ଉବାଚ

ହସି ବୋଲନ୍ତି ବାସୁଦେବ । ଶୁଣ ହେ ଭକତ ଉଦ୍ଧବ ॥ 1
ହେତୁ କାରଣ ତୁହି ଜାଣି । ଯେତେ କହିଲୁ ପରିମାଣି ॥ 2
ବ୍ରହ୍ମା ଶଙ୍କର ଆଦି ଦେବେ । ମୋର ନିକଟେ ଆସି ଏବେ ॥ 3
ଅନେକ ସ୍ତୁତି କଲେ ପାଶେ । ବୈକୁଣ୍ଠ-ଗମନ-ବିଶ୍ୱାସେ ॥ 4
ମୁଁ ଏବେ ଦେବକାର୍ଯ୍ୟ ସାରି । ଅବନୀଭାର ପରିହରି ॥ 5
ଏବେ ତ ପ୍ରୟୋଜନ ନାହିଁ । ନିଜ ଭୁବନେ ଯିବି ମୁହିଁ ॥ 6
ବ୍ରହ୍ମାବଚନ ଇଷ୍ଟ ମୋର । ଏଣୁ ମନୁଷ୍ୟେ ଅବତାର ॥ 7
ଏବେ ତୁ ଶୁଣ ମୋ' ବିଶ୍ୱାସେ । ଆଜହୁଁ ସପତ ଦିବସେ ॥ 8
ଏ ଯେତେ ମୋର ଯଦୁବଂଶ । ଘୋର କନ୍ଦଳେ ଯିବେ ନାଶ ॥ 9



ସପ୍ତମଦିନ ରାତ୍ରକାଳେ । ପ୍ରଚଣ୍ଡ ସମୁଦ୍ର ଉଲ୍ଲୋଳେ ॥ 10
ଏ ଯଦୁପୁରୀ ସିନ୍ଧୁଜଳେ । ବୁଡ଼ି ପଡ଼ିବ ରସାତଳେ ॥ 11
ମୋର ନିବାସ ମାତ୍ର ଥିବ । ଜଳେ ଦ୍ୱାରକା ନାଶ ଯିବ ॥ 12
ମୁଁ ପୁଣି ଯିବି ନିଜପୁରୀ । ଭୂମି ଦିଶିବ ହତଶିରୀ ॥ 13
ଲୋକେ ହୋଇବେ ଖଳବଳ । ନାଶିବେ ଭୁବନମଣ୍ଡଳ ॥ 14
ଶୁଣି ମୋହର ତନୁତ୍ୟାଗ । ଘୋର ଗହନ କଳିଯୁଗ ॥ 15
ବ୍ରହ୍ମାଣ୍ଡ ମଧ୍ୟେ ବଳେ ପଶି । ଭୂମି ଜଗତଜନ ନାଶି ॥ 16
ହରିବ ସର୍ବଜନ୍ତୁ ମନ । ତୁ ଏବେ ଶୁଣ ମୋ' ବଚନ ॥ 17
ଦଣ୍ଡେ ନ ରହ ମୋର ସଙ୍ଗେ । ଅରଣ୍ୟେ ପଶ ଯାଇ ବେଗେ ॥ 18
ଏ ଘୋର କଳିଯୁଗ ଗତି । ଲୋକେ ହୋଇବେ ଦୁଷ୍ଟମତି ॥ 19
ହିଂସା ବହିବେ ଏକେ ଏକେ । ସର୍ବେ ମଜ୍ଜିବେ ଦୁଃଖଶୋକେ ॥ 20
ଅଗମ୍ୟେ କରିବେ ଗମନ । ନିନ୍ଦିବେ ନିଗମ ବଚନ ॥ 21
ଏଣୁ ହୋଇବେ ଅଳ୍ପାୟୁଷ । ପାପେ ସକଳ ଯିବେ ନାଶ ॥ 22
ତୁ ଏବେ ଛାଡ଼ି ସୁତ ବିତ୍ତ । ଦାରା ସେବକେ ପ୍ରେମଚିତ୍ତ ॥ 23
ସକଳ କର୍ମ ଦୂର କରି । ମୋହର ପାଦେ ଚିତ୍ତ ଧରି ॥ 24
ପୃଥିବୀ କରି ପର୍ଯ୍ୟଟନ । ଅସତ୍ୟ ଦେଖ ତ୍ରିଭୁବନ ॥ 25
ଦୃଷ୍ଟି ଶ୍ରବଣ ବାକ୍ୟ ମନେ । ଯେତେ ବିଚାରୁ ଅନୁମାନେ ॥ 26
ଏ ସର୍ବ ମାୟାର ସଂଚାର । ଏଣେ ତୁ ବିଶ୍ୱାସ ନ କର ॥ 27
ବିବିଧ କର୍ମେ ଚିତ୍ତ ଭ୍ରମେ । ଅନ୍ଧ ଯେସନେ ଘୋରତମେ ॥ 28
ସଂସାରେ ଭେଦବୁଦ୍ଧି କରେ । ଦୋଷ ଆଦୋଷ ନ ବିଚାରେ ॥ 29
ଅକର୍ମ କର୍ମ ବୋଲି ମଣେ । ବିକର୍ମ ବୁଦ୍ଧି ବିଚାରଣେ ॥ 30
ଏଣୁ ମଣଇଁ ଗୁଣ ଦୋଷ । ଭେଦ ବେଭାରେ ବୁଦ୍ଧିଭ୍ରଂଶ ॥ 31
ବେଦ ବଚନେ ଏହିମତେ । କର୍ମାନୁସାରେ ନିଜ ପଥେ ॥ 32
ନିୟତ କର୍ମ ନ କରଇ । ବିକର୍ମେ ଦୋଷ ଗୁଣ ବହି ॥ 33
ନିଷେଧ କର୍ମ ବୋଲି ତା'ରେ । ତେଣୁ ପଡ଼ଇ ଏ ସଂସାରେ ॥ 34
ଏହା ତୁ ସୁମନେ ବିଚରି । ଚଞ୍ଚଳ ଚିତ୍ତ ସ୍ଥିର କରି ॥ 35
ସର୍ବ ଇନ୍ଦ୍ରିୟ ମନ ରୁନ୍ଧି । ନିୟତକର୍ମେ ଦେଇ ବୁଦ୍ଧି ॥ 36

ଆତ୍ମାକୁ ଦେଖ ସର୍ବମୟେ । ବିବେକ ସୁଜ୍ଞାନ ଉଦୟେ ॥ 37
ସମାଧି ବସି ଯୋଗଧ୍ୟାନେ । ଆତ୍ମାକୁ ଦେଖ ଆତ୍ମଜ୍ଞାନେ ॥ 38
ଏଣେ ସନ୍ତୋଷମନେ ରହ । ଖଣ୍ଡିବୁ ସକଳ ସଂଶୟ ॥ 39
ଯା'ର ହୃଦରେ ଦୋଷଗୁଣ । ଭେଦ ନ କରେ ବିଚାରଣ ॥ 40
ସକଳ କର୍ମ ସେ କରଇ । ବିଧି ନିଷେଧ ତା'ର କାହିଁ ॥ 41
ବାଳକ ବାଳିକା ସଙ୍ଗତେ । ଅଜ୍ଞାନେ ଖେଳନ୍ତି ଯେମନ୍ତେ ॥ 42
ବାଳ ସ୍ୱଭାବେ ଗୁଣ ବହି । ସଙ୍ଗ ଅସଙ୍ଗ ନ ଜାଣଇ ॥ 43
ବିତର୍କ ଜ୍ଞାନୀ ଏହିମତେ । କର୍ମ କରନ୍ତି ଏ ଜଗତେ ॥ 44
ସକଳ ଦେଖନ୍ତି ସମାନ । ଏଣୁ ନ ରହେ ବସ୍ତୁଜ୍ଞାନ ॥ 45
ତୁ ଏବେ ସର୍ବପ୍ରାଣୀ ହିତେ । ନିରତେ ରହି ଶାନ୍ତଚିତ୍ତେ ॥ 46
ଜ୍ଞାନ ବିଜ୍ଞାନେ ମନ ଦେଇ । ଚିତ୍ତ ନିଶ୍ଚଳେ ରଖ ତୁହି ॥ 47
ସଂସାର ଦେଖ ମୋ' ସ୍ୱରୂପେ । ଗଞ୍ଜି ନୋହିବୁ ଭବକୂପେ ॥ 48

ଶୁକ ଉବାଚ

ଏମନ୍ତେ କୃଷ୍ଣର ବଚନେ । ଶୁଣି ଉଦ୍ଧବ ଖେଦମନେ ॥ 49
ପ୍ରଣାମ କରି କୃଷ୍ଣପାଦେ । ବୋଲଇ ଶୋକ ଗଦଗଦେ ॥ 50

ଉଦ୍ଧବ ଉବାଚ

ହେ ମହାଯୋଗୀ ଯୋଗେଶ୍ୱର । ଦୁର୍ଲ୍ଲଭ ବଚନ ତୋହର ॥ 51
ନ ପଶେ ମୋହର ହୃଦୟେ । ନଳିନୀଦଳେ ଜଳ ପ୍ରାୟେ ॥ 52
ତୁମ୍ଭେ କହିଲ ତ୍ୟାଗ ଗୁଣ । ଯେ ଧର୍ମ ସନ୍ୟାସ ଲକ୍ଷଣ ॥ 53
କାମେ ଜଡ଼ିତ ମୋ'ର ମନ । ବିଷମ ବିଷୟା ଗହନ ॥ 54
ତୋ'ର ଭକତି ନାହିଁ ଚିତ୍ତେ । ମନକୁ ଜିଣିବି କେମନ୍ତେ ॥ 55
ତୋ'ର ସ୍ମରଣ ଯା'ର ଦୂରେ । କି ରୂପେ ତ୍ୟାଗ ତା ସଂସାରେ ॥ 56
ଯେ କିଛି ତୋହର ଚରଣେ । ମୁହିଁ ପୁଛଇ ଦାସପଣେ ॥ 57
ମୁଁ ମୂଢ ମାୟା ଜଡ଼ମତି । ଭୋ ନାଥ ଶୁଣ ଯଦୁପତି ॥ 58
ମୁହିଁ ମୋହର ଏ ଶରୀର । ସକଳ ସଂସାର ଗୋଚର ॥ 59
ମୋହେ ଜଡ଼ିତ ମୋର ଚିତ୍ତ । ଏଣୁ ମୁଁ କୈବଲ୍ୟ ବଞ୍ଚିତ ॥ 60
ଅସତ୍ୟ ସୁତ ଦାରା ଧନ । ମୋ' ମନ କରେ ନିତ୍ୟେ ଧ୍ୟାନ ॥ 61



ମାୟା ସଙ୍କଟ ଘୋରେ ଜଡ଼ି । ଭବବନ୍ଧନେ ଅଛି ପଡ଼ି ॥ 62
ଏ ମୋର ମୋହ ଜଡ଼ ପାଶ । କିଞ୍ଚିତେ ଛେଦ ହୃଷୀକେଶ ॥ 63
ନିଶ୍ଚୟ କରି ନିଜ ଦାସ । କହ ତୋ ମାର୍ଗ ଉପଦେଶ ॥ 64
ତୁ ଆତ୍ମା ସତ୍ୟ ନିତ୍ୟନିଧି । ଚଉଦଭୁବନେ ପ୍ରସିଦ୍ଧି ॥ 65
ତୁ ବ୍ରହ୍ମଜ୍ଞାନଗୁରୁ ଦାତା । ତୋ ବିନୁ ନାହିଁ ନା ବକତା ॥ 66
ନାନା ପ୍ରପଞ୍ଚ ବେଦବାଦେ । କେ ଅଛି ସୁରସଭା ମଧ୍ୟେ ॥ 67
ବ୍ରହ୍ମାଦି ଯେତେ ଦେହବନ୍ତ । ତୋହର ମାୟାରେ ମୋହିତ ॥ 68
ବିଷୟ ଧ୍ୟାନ ଅବିରତ । ଏଣୁ ସେ ତୋ' ମାର୍ଗେ ବଞ୍ଚିତ ॥ 69
ସେ କେବେ ତତ୍ତ୍ୱ ଅବଧାରୀ । ତୋ ମାୟା ନ ପାରିଲେ ତରି ॥ 70
ଯେଣୁ ତୁ ଅଷ୍ଟନିଧିଧାରୀ । ତେଣୁ ତୁ ସର୍ବଅଧିକାରୀ ॥ 71
ଅଶେଷ ମହିମା ତୋହର । ସର୍ବଜ୍ଞ ଜଗତଈଶ୍ୱର ॥ 72
ଅକୁଣ୍ଠ ବିକୁଣ୍ଠ ମହିମା । ବେଦ ନ ଜାଣେ ତୋ'ର ସୀମା ॥ 73
ହେ ଜଗନ୍ନାଥ ନାରାୟଣ । ତୋ ପାଦେ ପଶିଲି ଶରଣ ॥ 74
ତୋ ନାମ ଦୁରିତ ଦହନ । ତାପ ମୋ କର ବିମୋଚନ ॥ 75
ଉଦ୍ଧବ ବାକ୍ୟେ ଯଦୁମଣି । ମନ ସଂଶୟ ତାର ଜାଣି ॥ 76

ଭଗବାନ ଉବାଚ

ବୋଲନ୍ତି କମଳଲୋଚନ । ଉଦ୍ଧବ ଶୁଣ ମୋ' ବଚନ ॥ 77
ଯେ ପ୍ରାଣୀ ଲୋକତତ୍ତ୍ୱ ଜାଣେ । ମୋ'ର ମହିମା ପରିମାଣେ ॥ 78
ବିଷୟା ଭ୍ରମରୁ ସଂସାରେ । ଆତ୍ମାକୁ ଆପଣେ ଉଦ୍ଧରେ ॥ 79
ସୁମତି ଆତ୍ମା ଗୁରୁପଣେ । ଆତ୍ମାକୁ ବୁଝାଇ ଆପଣେ ॥ 80
ଆତ୍ମାରେ କରେ ଆତ୍ମଜ୍ଞାନ । କି ଅବା କରେ ଅନୁମାନ ॥ 81
ଜ୍ଞାନ ବୁଝଇ ଧୀରପଣେ । ଆତ୍ମା ସମାଧି ଆଚରଣେ ॥ 82
ଆତ୍ମା କୁଶଳେ ସର୍ବସିଦ୍ଧି । ତରଇ ସଂସାର ଜଳଧି ॥ 83
ପଣ୍ଡିତ ସାଂଖ୍ୟଯୋଗ ମତେ । ଧୀର ବିବେକ ପଣେ ମୋତେ ॥ 84
ଆତ୍ମାକୁ ଦେଖେ ସର୍ବଭୂତେ । ନିର୍ଲେପ ସର୍ବଶକ୍ତିଯୁତେ ॥ 85
ଏକ ବା ଦୁଇ ତିନିପଦ । କେ ଚାରିପଦ କେ ଅପଦ ॥ 86

କେ ବହୁପଦ ଆଦି ଯେତେ । ଏମନ୍ତେ ଦେହୀଛନ୍ତି ଯେତେ ॥ 87
ତା ମଧ୍ୟେ ମନୁଷ୍ୟ ଶରୀର । ଜାଣ ଅତ୍ୟନ୍ତ ପ୍ରିୟ ମୋର ॥ 88
ଯେଣୁ ବିବେକ ବଳେ ପୁଣି । ଏ ଦେହେ ମୋତେ ପରିମାଣି ॥ 89
ଈଶ୍ୱର ଅଛି ସର୍ବଭୂତେ । ଏ ଅନୁମାନ କରେ ଚିତ୍ତେ ॥ 90
ଏବେ ହୋ କହିବା ବିଶ୍ୱାସେ । ଯେ ପୁରାତନ ଇତିହାସେ ॥ 91
ଯଦୁରାଜନ ଅବଧୂତ । ଏ ବେନିଜନଙ୍କ ଚରିତ ॥ 92
ବ୍ରାହ୍ମଣ ଅବଧୂତ ରୂପେ । ମିଳିଲେ ନୃପତି ସମୀପେ ॥ 93
ସେ ସର୍ବଭୂତେ ଦୟାପର । ନିର୍ଭୟ ନିର୍ମଳ ଶରୀର ॥ 94
ଦେଖି ତାହାଙ୍କ ଦିବ୍ୟଗତି । ବିଶ୍ୱାସେ ପୁଛଇ ନୃପତି ॥ 95

ଯଦୁ ଉବାଚ

ଭୋ ମୁନି ନମୁଁ ତୋ ଚରଣେ । ଏକାନ୍ତେ ଭ୍ରମୁ କି କାରଣେ ॥ 96
ଏ ନରଲୋକେ ତୋ ଭ୍ରମଣ । ବାଳକ ପ୍ରାୟ ଆଚରଣ ॥ 97
ପ୍ରାଣୀଏ ଧର୍ମ ଅର୍ଥ କାମ । ନିମନ୍ତେ ହୋଇଣ ବିଭ୍ରମ ॥ 98
କର୍ମ କରନ୍ତି ଏ ଜଗତେ । ଆୟୁଷ ଶ୍ରେୟ ଯଶ ଅର୍ଥେ ॥ 99
ତୁ ତ ଚତୁର ବଳବନ୍ତ । ପଣ୍ଡିତକୁଳକୁ ମଣ୍ଡିତ ॥ 100
ସୁନ୍ଦର ଅଳପ ଭାଷିତ । ତୋ'ର ଚରିତ ବିପରୀତ ॥ 101
ଦୃଷ୍ଟି ଶ୍ରବଣ ଦେହେ ବହି । ନ ଦେଖି ନ ଶୁଣୁ କିପାଇଁ ॥ 102
ନ କରୁ ନ ଇଚ୍ଛୁ କିଞ୍ଚିତ୍ । ମତ୍ତ ପିଶାଚ ଜଡ଼ବତ ॥ 103
ଏ ସର୍ବଲୋକ ଭବକୂପେ । ନିତ୍ୟେ ଦଗଧ ନାନା ତାପେ ॥ 104
ଏହାଙ୍କ ମଧ୍ୟେ ତୁମ୍ଭେ ଥାଇ । ସାଧୁ ସୁନ୍ଦର ଦେହ ବହି ॥ 105
ସଂସାର ତାପ କିପାଁ ତୋତେ । ନ ବାଧେ ସଂଶୟ ମୋ ଚିତ୍ତେ ॥ 106
ଯେସନେ ଗଙ୍ଗାଜଳେ ହସ୍ତୀ । ଅଙ୍ଗକୁ ନ ଲାଗେ ତପତି ॥ 107
ସେହି ପ୍ରକାରେ ତୋ' ଶରୀର । ମୋର ମନକୁ ଅଗୋଚର ॥ 108
ବିଷୟ ଭୋଗ ଯେବେ ନାହିଁ । ଆନନ୍ଦ ହେଉ କାହିଁପାଇଁ ॥ 109
କହ କେବଣ ପ୍ରୟୋଜନ । ଶୁଣି ସାନନ୍ଦ ହେଉ ମନ ॥ 110

ଭଗବାନ ଉବାଚ

ରାଜା ବଚନେ ଅବଧୂତ । କ୍ଷଣେ ହୋଇଲେ ସ୍ତମ୍ଭୀଭୂତ ॥ 111



ରାଜାର ମୁଖ ଚାହିଁ ଧୀରେ । ବୋଲନ୍ତି ବଚନ ଗମ୍ଭୀରେ ॥ 112

ଅବଧୂତ ଉବାଚ

ଶୁଣ ହେ ଯଦୁ ନୃପବର । ଅନେକ ଗୁରୁ ଛନ୍ତି ମୋର ॥ 113
ଶୁଣିତେ ଯେବେ ତୋ'ର ଇଚ୍ଛା । ଯାହାର ତହୁଁ ଯେବା ଦୀକ୍ଷା ॥ 114
ଘେନି ମୁଁ ବୁଲଇ ସଂସାରେ । କହିବି ଶୁଣ ମନସ୍ଥିରେ ॥ 115
ପୃଥିବୀ ପବନ ଅନଳ । ଊର୍ଦ୍ଧ୍ୱେ ଯେ ଆକାଶ ମଣ୍ଡଳ ॥ 116
ରବି ଶଶାଙ୍କ ଆପ ସିନ୍ଧୁ । ଭ୍ରମର ସର୍ବପୁଷ୍ପବନ୍ଧୁ ॥ 117
କପୋତପକ୍ଷୀ ଗୁରୁ ମୋର । ପତଙ୍ଗ ସର୍ପ ଅଜଗର ॥ 118
ମୀନ ପିଙ୍ଗଳା ବେଶ୍ୟା ନାରୀ । କୁରର କୁମର କୁମାରୀ ॥ 119
ହରିଣ ଉର୍ଣ୍ଣନାଭ କରୀ । ଶରକାରକ ମଧୁହାରୀ ॥ 120
ଆବର କୀଟ ପେଶସ୍କାରୀ । ମୁଁ ଏତେ ଗୁରୁ ସେବା କରି ॥ 121
ଚବିଶ ଗୁରୁ ମୋର ଏତେ । ଶୁଣ ହେ ରାଜା ଏକଚିତ୍ତେ ॥ 122
ଯାହାର ତହୁଁ ଯେବା ଦୀକ୍ଷା । ମୁହିଁ ପାଇଲି ଗୁରୁଶିକ୍ଷା ॥ 123
ତାହା ମୁଁ ତୋହର ସମ୍ମୁଖେ । ଶୁଣ କହିବି ଏକେ ଏକେ ॥ 124
ଏ ଜୀବ ଆତ୍ମା ପରବଶ । ଅଦୃଷ୍ଟ କାରଣ ବିଶ୍ୱାସ ॥ 125
ଦୁଃଖ ପୀଡ଼ିତ କର୍ମଫଳେ । ସଂସାରେ ଜନ୍ମି ଅବହେଳେ ॥ 126
କର୍ମ ଆଦରି ସହେ ଦୁଃଖ । କେବେହେଁ ନୋହଇ ବିମୁଖ ॥ 127
ଦୁଃଖେ ନ ଛାଡ଼ି ନିଜ ପଥ । ଚଞ୍ଚଳ ନ କରଇ ଚିତ୍ତ ॥ 128
ଏଣୁ ମୁଁ ଦୁଃଖ ସୁଖ ସହି । ଏହା ଶିଖିଲି ଭୂମି ତହିଁ ॥ 129
କର୍ମ-କଷଣ ସହି ଧୀରେ । ଭ୍ରମଇଁ ସଂସାର ସାଗରେ ॥ 130
ଧନ୍ୟ ଜୀବନ ଏ ଜଗତେ । ଯେ ପ୍ରାଣ ଧରେ ପ୍ରାଣୀହିତେ ॥ 131
ଧନ୍ୟ ଜୀବନ ଧନ୍ୟ ତାର । ଦୁର୍ଲ୍ଲଭ କର୍ମ ଏ ବେଭାର ॥ 132
ଏହା ମୁଁ ବୃକ୍ଷଙ୍କର ସ୍ଥାନୁ । ଶିଖିଲି ପର୍ବତ ଗହନୁ ॥ 133
କେବଳ ଦେହ ମାତ୍ର ଧରି । ଇନ୍ଦ୍ରିୟ ପ୍ରବଳ ନ କରି ॥ 134
ଜ୍ଞାନ ଉଦ୍ଦେଶ୍ୟେ ଶୁଦ୍ଧମନ । ନ କରି ମାୟାଜଡ଼େ ଛନ୍ନ ॥ 135
ନ ଘେନି ପର ଗୁଣ ଦୋଷ । ଇନ୍ଦ୍ରିୟ ଭୋଗ ସୁଖ ଲେଶ ॥ 136
ଅସତ୍ୟ ଭୋଗ ଯେବେ ଥିବ । ସର୍ବଥା ତାହା ନ କରିବ ॥ 137

ଦେଖ ପବନ ଏ ଶରୀରେ । ବହଇ ଅନ୍ତର ବାହାରେ ॥ 138
ସର୍ବତ୍ର ବହଇ ସଂସାରେ । ଅଦେହ ସର୍ବ ଗନ୍ଧହରେ ॥ 139
ଏ ରୂପେ ସର୍ବଦେହେ ଥାଇ । ଉଦାସୀ ଜନ ପ୍ରାୟ ହୋଇ ॥ 140
କାହାରି ସଙ୍ଗେ ସଙ୍ଗ ନୋହେ । ସମେ ବସଇ ସର୍ବଦେହେ ॥ 141
ମୁଁ ଏହା ପବନେ ବିଚାରି । ଶିଖିଲି ଗୁରୁଶିକ୍ଷା କରି ॥ 142
ଏଣୁ ପବନ ପ୍ରାୟ ହୋଇ । ସଙ୍ଗତେ ଥାଇ ନ ମିଶଇ ॥ 143
ଆକାଶ ପ୍ରାୟ ସର୍ବଠାରେ । ବ୍ୟାପିଛି ଆତ୍ମ ନିର୍ବିକାରେ ॥ 144
ଦେହରେ ଥାଇ ସଙ୍ଗ ନୋହେ । ଘଟ ଆକାଶ ପ୍ରାୟ ରହେ ॥ 145
ମେଘ ଯେ ଶୂନ୍ୟେ ଜନ୍ମ ହୋଇ । ଶରୀରେ ଆକାଶ ଢାଙ୍କଇ ॥ 146
ଭୂମି ଲୋକଙ୍କୁ ଛାୟା ଦିଶେ । ସେ ଯେହ୍ନେ ଆକାଶେ ନ ମିଶେ ॥ 147
ଏଣୁ ଆକାଶେ ଗୁରୁ କରି । ଅବନୀ ମଧ୍ୟେ ଦେହ ଧରି ॥ 148
ଆନନ୍ଦେ ଭ୍ରମଇଁ ସଂସାରେ । ସ୍ପରଶ ନ କରି କାହାରେ ॥ 149
ଏଣୁ ଆକାଶ ଗୁରୁ ମୋର । ଏବେ ହୋ ଶୁଣ ନୃପବର ॥ 150
ଜଳ ଯେସନେ ସୁନିର୍ମଳ । ସ୍ୱଭାବେ ସ୍ନିଗ୍ଧ ସୁମଧୁର ॥ 151
ମଧୁର ସୁରୁଚି ବଚନ । ଶୁଣି ହରଷ ସର୍ବଜନ ॥ 152
ତୀର୍ଥର ପ୍ରାୟେ ଭବବନେ । ଭ୍ରମଇଁ ଜନ ପରିତ୍ରାଣେ ॥ 153
ତୀର୍ଥ ସ୍ପରଶେ ଲୋକବୃନ୍ଦ । ଯେସନେ ଲଭନ୍ତି ଆନନ୍ଦ ॥ 154
ସ୍ନାହାନ ତର୍ପଣ ମାର୍ଜନେ । ପବିତ୍ର ହୋନ୍ତି ପ୍ରାଣୀମାନେ ॥ 155
ଏ ଅନୁଭବେ ମୋର ଶିକ୍ଷା । ଜଳୁଁ ଶିଖିଲି ଗୁରୁଦୀକ୍ଷା ॥ 156
ତୀର୍ଥର ପ୍ରାୟେ ଭବବଣେ । ଭ୍ରମଇଁ ଜନ ପରିତ୍ରାଣେ ॥ 157
ଦେଖ ତୁ ମୋର କଳେବର । ସୁଦୀପ୍ତ ତେଜ ବଳୀୟାର ॥ 158
କେବଳ ପାତ୍ର ମୋ' ଉଦର । ଏଣୁ ମୁଁ ଲୋକେ ଭୟଙ୍କର ॥ 159
ତେଣୁ ମୁଁ ଧ୍ୟାନଯୋଗବଳେ । ଭୋଜନ କରେ ସର୍ବଠାରେ ॥ 160
ଅଗ୍ନି ଯେସନେ ସର୍ବଖାଇ । ବିଚାରେ ଗୁଣ ଦୋଷ ନାହିଁ ॥ 161
କେବେ ପ୍ରକାଶେ ଅପ୍ରକାଶେ । ଭୋଜନ କରେ ସର୍ବବାସେ ॥ 162
ଶ୍ରେୟ ଇଛନ୍ତା ଦାତାଙ୍କର । ପାପ ନାଶଇ ପୂର୍ବାପର ॥ 163
ଆପଣା ମାୟାରେ ସୃଜନ । ଯେ ସତ ଅସତ ଲକ୍ଷଣ ॥ 164



ତହିଁ ପ୍ରବେଶ ହୋଇ ତା'ର । ସ୍ୱରୂପ ପ୍ରକାଶେ ଈଶ୍ୱର ॥ 165
ଅଗ୍ନି ଯେମନ୍ତ କାଷ୍ଠ ପାଇଁ । ତେମନ୍ତ ରୂପ ପ୍ରକାଶଇ ॥ 166
ଏଣୁ ମୁଁ ଅଗ୍ନି ଗୁରୁ କରି । ଭ୍ରମଇଁ ଲୋକେ ଦେହଧରି ॥ 167
ଜନ୍ମ ଯୌବନ ଜରା ମୃତ୍ୟୁ । ଶୁଭ ଅଶୁଭ ଦୁଃଖ ହେତୁ ॥ 168
ଏ ସର୍ବଗୁଣ ବହେ ଦେହ । ଜୀବର ନୋହେ ପରିଗ୍ରହ ॥ 169
ଚନ୍ଦ୍ରର କ୍ଷୟ ବୃଦ୍ଧି ଯେହ୍ନେ । କୃଷ୍ଣ ଶୁକଳ ପକ୍ଷମାନେ ॥ 170
ଲୋକ-ଲୋଚନ ଭ୍ରାନ୍ତି ଦିଶେ । ଅକ୍ଷୟ ଏକକଳା ଶେଷେ ॥ 171
ଜୀବର ଏମନ୍ତ ବେଭାର । ସ୍ୱଭାବେ ଅଜର ଅମର ॥ 172
ଏ ଅନୁଭବେ ଚନ୍ଦ୍ର କାହିଁ । ଭ୍ରମଇଁ ଗୁରୁଶିକ୍ଷା ପାଇ ॥ 173
ଇନ୍ଦ୍ରିୟଗୁଣ ଏ ଶରୀରେ । ଭ୍ରମନ୍ତି ବିଷୟ ଗୋଚରେ ॥ 174
ଯେଝା ବିଷୟ ଅନୁଦିନେ । ଭୋଗ କରନ୍ତି ନିଜସ୍ଥାନେ ॥ 175
ଆତ୍ମାର ସଙ୍ଗ ନାହିଁ ତେଣେ । ଆଦିତ୍ୟ ଯେସନେ କିରଣେ ॥ 176
ସକଳ ସ୍ଥାନୁ ରସ ହରେ । ନିର୍ଦ୍ଦୋଷ ନିର୍ଲେପ ବିଚାରେ ॥ 177
କାଳରେ ସମସ୍ତ ତେଜଇ । ସଞ୍ଚିତ ଦାନେ କ୍ଷୋଭ ନୋହି ॥ 178
ଏ ଜୀବ ଆତ୍ମା ସର୍ବ ଦେହେ । ଇନ୍ଦ୍ରିୟ ରସେ ବଶ ନୋହେ ॥ 179
ଯେମନ୍ତେ ରବିବିମ୍ବ ନୀରେ । ତେମନ୍ତ ସ୍ଥୂଳ ବୁଦ୍ଧି ନରେ ॥ 180
ଆତ୍ମାର ଭେଦବୁଦ୍ଧି କରେ । ଉପାଧି ଗୁଣର ବିକାରେ ॥ 181
ଏ ଭାବେ ଯେତେ ଜନ ଥା'ନ୍ତି । ତାହାଙ୍କୁ ବୋଲି ମୂଢମତି ॥ 182
ଏ ଅନୁମାନେ ମୋ' ବିଚାର । ଏଣୁ ମୋ' ଗୁରୁ ଦିବାକର ॥ 183
ଅଧିକେ ସଂସାର ସଙ୍ଗତେ । ପୀରତି ନ କରିବ ଚିତ୍ତେ ॥ 184
ଯେବେ କରିବ ସ୍ନେହ ଆଶ । କପୋତ ପ୍ରାୟ ଯିବ ନାଶ ॥ 185
ଶୁଣ ରାଜନ ସାବଧାନେ । କପୋତପକ୍ଷୀ ଘୋରବନେ ॥ 186
କପୋତୀ ସଙ୍ଗେ ସ୍ନେହଭରେ । ଅରଣ୍ୟେ ଗୃହବାସ କରେ ॥ 187
କପୋତୀ ସଙ୍ଗେ ଭୋଗ ଆଶେ । ଦୃଢେ ଜଡ଼ିତ ମୋହପାଶେ ॥ 188
ନିତ୍ୟେ କରନ୍ତି କ୍ରୀଡ଼ାରଙ୍ଗ । ନିମିଷେ ନ ଛାଡ଼ନ୍ତି ସଙ୍ଗ ॥ 189
ସ୍ନେହ ବନ୍ଧନ ସଙ୍ଗମେଳେ । କାଳ ବଞ୍ଚନ୍ତି କୁତୂହଳେ ॥ 190
ସଙ୍ଗ ବିଚ୍ଛେଦ ତିଳେ ମାତ୍ରେ । କେବେହେଁ ନ ଦେଖନ୍ତି ନେତ୍ରେ ॥ 191

ଏକତ୍ର ଭୋଜନ ଶୟନେ । ଏ ରୂପେ ବିହରନ୍ତି ବନେ ॥ 192
କପୋତୀ ଚିନ୍ତେ ଯା' ବିଚାରେ । କପୋତ ଆଣେ ତତପରେ ॥ 193
ସେବକ ପ୍ରାୟ ଦିଏ ଆଣି । ଯାହା ମାଗଇ ତା' ଘରଣୀ ॥ 194
ଏମନ୍ତେ କେତେଦିନ ଗଲା । କପୋତୀ ଗର୍ଭ ଉପୁଜିଲା ॥ 195
କେତେହେଁ ଦିନ ଗର୍ଭେ ଥାଇ । ଜନ୍ମ ହୋଇଲେ ଡ଼ିମ୍ବ ଦୁଇ ॥ 196
ପକ୍ଷୀପକ୍ଷିଣୀ ସ୍ନେହ ବଶେ । ଡ଼ିମ୍ବ ତାପନ୍ତି ପୁତ୍ର ଆଶେ ॥ 197
ପୁଣି କେତେହେଁ ଦିନ ଗଲା । ଫୁଟି ବାଳକ ଉପୁଜିଲା ॥ 198
ଅତି କୋମଳ ବେନିକାୟେ । ଦେଖି ସାନନ୍ଦ ବାପମାଏ ॥ 199
ସମ୍ଭ୍ରମେ କପୋତ କପୋତୀ । ନିରତେ ବାଳକ ପୋଷନ୍ତି ॥ 200
ପୁତ୍ରଙ୍କ କୋମଳ ବଚନ । ଶୁଣନ୍ତେ ମୁଦ୍ରିତ ଲୋଚନ ॥ 201
ପତଙ୍ଗ ଉଚିତ ଆହାରେ । ପାଳନ୍ତି ଅତି ସ୍ନେହଭରେ ॥ 202
ଏମନ୍ତେ ବେନିଶିଶୁ ପାଳି । ପକ୍ଷୀ ସ୍ୱଭାବେ ରୋମାବଳୀ ॥ 203
ଉଠନ୍ତେ ବେନିପୁତ୍ର ଦେହେ । ଦେଖି ସାନନ୍ଦ ବାପମାଏ ॥ 204
ପାଳନ୍ତି ଅତି ସ୍ନେହଭରେ । ବାଳକ କୋମଳ ଆହାରେ ॥ 205
ବିଷ୍ଣୁ ମାୟାରେ ମୂଢ଼ମତି । ପାଳନ୍ତି କପୋତ କପୋତୀ ॥ 206
ଆହାର ଅର୍ଥେ ଏକଦିନେ । ବନେ ପଶିଲେ ବେନିଜନେ ॥ 207
ଖୋଜନ୍ତି କୋମଳ ଆହାର । ଏମନ୍ତେ ଶୁଣ ନୃପବର ॥ 208
ପକ୍ଷୀବାଳକ ନିଜ ସ୍ଥାନେ । ବ୍ୟାଧ ମିଳିଲା ଘୋରବନେ ॥ 209
ବୃକ୍ଷରୁ ଉଡ଼ି ବେନିବାଳେ । ବନେ ଚରନ୍ତି କୁତୁହଳେ ॥ 210
ଶବର ଦେଖି ତାହା ବେଗେ । ଜାଲ ପାତିଲା ଚଉଦିଗେ ॥ 211
ଉପରେ ବାନ୍ଧିଲା ଦଉଡ଼ି । ପକ୍ଷୀଙ୍କି ଆଣିଲା ଘଉଡ଼ି ॥ 212
ଆହାର ଦେଇ ଜାଲତଳେ । ଅନ୍ତରେ ବସିଲା ନିଶ୍ଚଳେ ॥ 213
ପକ୍ଷୀବାଳକ ଭକ୍ଷ ପାଇ । ବେଗେ ପଡ଼ିଲେ ଜାଲେ ଯାଇ ॥ 214
ଆହାର ଦେଖିଲେ ନୟନେ । ପଡ଼ିଲେ ଲୁବ୍ଧକ ବନ୍ଧନେ ॥ 215
ତକ୍ଷଣେ କପୋତ କପୋତୀ । ଆସି ମିଳିଲେ ବୃକ୍ଷ କତି ॥ 216
ଥଣ୍ଟେ ଆହାର ଦୃଢ଼େ ଧରି । ବୃକ୍ଷେ ଲୋଡ଼ନ୍ତି ଅନୁସରି ॥ 217
ନ ଦେଖି ଚାହିଁ ଦଶଦିଗେ । ପୁଣି ଦେଖନ୍ତି ଭୂମିଭାଗେ ॥ 218



ବନ୍ଧନ ଜାଲ ମଧ୍ୟେ ଦୃଢେ । ବେନି ବାଳକ ଧଡ଼ପଡ଼େ ॥ 219
ଉଡ଼ନ୍ତି ପ୍ରାଣର ବିକଳେ । ନାଦ ସେ କରନ୍ତି ଆକୁଳେ ॥ 220
ଦେଖି କପୋତୀ ଦୁଃଖଚିତ୍ତେ । ଭୂମି ପଡ଼ିଲା ମୋହଗତେ ॥ 221
ବାଳକ ଦେଖି ଜାଲତଳେ । କାନ୍ଦଇ ଜୀବନ ବିକଳେ ॥ 222
ମୂର୍ଚ୍ଛି ନ ପାରି ସ୍ନେହ ବଶେ । ଡେଇଁ ପଡ଼ିଲା ଜାଲପାଶେ ॥ 223
ପୁତ୍ରଙ୍କ ମୁଖେ ମୁଖ ଦେଇ । ଦେଖି କପୋତ ବିଚାରଇ ॥ 224
ଏବେ ମୁଁ ଏକା ବୃକ୍ଷେ ଥାଇ । କେମନ୍ତେ ଧରିବିଟି ଦେହୀ ॥ 225
ଏମନ୍ତେ କରଇ ରୋଦନ । କ୍ଷଣକ୍ଷଣକେ ଅଚେତନ ॥ 226
ପଡ଼ଇ ପୁଣପୁଣ ତଳେ । ପୁଣି ବସଇ ବୃକ୍ଷଡ଼ାଳେ ॥ 227
ପ୍ରାଣୁ ଅଧିକେ ମୋର ସୁତେ । ପଡ଼ିଲେ ଶବର ଆୟତ୍ତେ ॥ 228
ପତ୍ନୀ ପଡ଼ିଲା ଜାଲ ମଧ୍ୟେ । ପ୍ରାଣ ଧରିବି କେଉଁ ସଧେ ॥ 229
ପତ୍ନୀ ମୋହର ପ୍ରାଣସଖା । ସେ ମୋତେ କରିଗଲା ଏକା ॥ 230
ତାହାର ଗୁଣ ଅଛି ଯେତେ । ଚିତ୍ତେ ମୁଁ ଧରିବି କେମନ୍ତେ ॥ 231
ସେ ମୋର ଜୀବନ ଯୁବତୀ । ତା ବିନୁ କେ ବା ମୋର ଗତି ॥ 232
ବିହି ହୋଇଲା ବାମ ମୋର । ଆପଦେ ବୁଡ଼ିଲା ମୋ' ଘର ॥ 233
ଏ ଘୋର ବନେ ଗୃହୀପଣେ । ମୋ' ଜନ୍ମଗଲା ଅକାରଣେ ॥ 234
ଗୃହ ଆଶ୍ରମେ ମୋ ପୀରତି । କାମେ ମୋ ନ ପୂରିଲା ମତି ॥ 235
ବିଧାତା ମୋତେ ବାମ ହୋଏ । ବନ୍ଧନେ ପଡ଼ିଲେ ମୋ' ପୋଏ ॥ 236
ଏ ପତିବ୍ରତା ଶିରୋମଣି । ମୋହର ପ୍ରାଣର ଘରଣୀ ॥ 237
ଆହାର ପାଣି ଯେତେବେଳେ । ମୁହିଁ ଭୁଞ୍ଜଇ ବୃକ୍ଷଡ଼ାଳେ ॥ 238
ତେବେ ସେ ଭୁଞ୍ଜେ ମୋ' ଘରଣୀ । ମୋ' ବିନୁ ନ ଛୁଅଁଇ ପାଣି ॥ 239
ସେ ମୋତେ ଥୋଇ ଶୂନ୍ୟଗୃହେ । ପ୍ରାଣ ମୂର୍ଚ୍ଛିଲା ପୁତ୍ରସ୍ନେହେ ॥ 240
ସକଳ ସୁଖ ମୋର ଗଲା । ପୁତ୍ର ସଙ୍ଗତେ ପତ୍ନୀ ମଲା ॥ 241
ଏତେ କଷଣେ ବନେ ରହି । ମୋ' ପ୍ରାଣ ଥିବା ନ ଯୋଗାଇ ॥ 242
ଏମନ୍ତେ କରଇ ବିଳାପ । କାନ୍ଦଇ ପାଇ ମନସ୍ତାପ ॥ 243
ଜୀବନ ନ ପାରିଲା ଧରି । ଜାଲେ ପଡ଼ିଲା ହା ହା କରି ॥ 244
ଦେଖି ଶବର ତୋଷମନ । ପିଞ୍ଜରେ ଥୋଇଲା ବହନ ॥ 245

କପୋତ କପୋତୀ ବାଳକ । ଘେନିଣ ଚଳିଲା ଲୁବ୍ଧକ ॥ 246
ଏମନ୍ତେ ଗଲା ନିଜପୁରେ । ଶୁଣ ରାଜନ ମନସ୍ଥିରେ ॥ 247
ଏ ରୂପେ ସ୍ନେହ ଅବଲମ୍ବି । ସଂସାରେ ବନ୍ଦୀ ଯେ କୁଟୁମ୍ବୀ ॥ 248
ଦୁଃଖ ସେ ସହଇ ଶରୀରେ । ନିତ୍ୟେ କୁଟୁମ୍ବ ପୋଷିବାରେ ॥ 249
ନିରତେ ଆକୁଳ ହୃଦସ୍ଥ । ଏଣୁ ବୋଲାଇ ଦୁଃଖମସ୍ଥ ॥ 250
ଧର୍ମ-ବଞ୍ଚିତ କଳେବରେ । ମଜ୍ଜଇ ଏ ଘୋର ସଂସାରେ ॥ 251
ତୁ ଏବେ ବୁଝ ମୋ' ବଚନ । ହେ ରାଜା ସ୍ଥିର କରି ମନ ॥ 252
ଦେଖ ମନୁଷ୍ୟ କଳେବର । କେବଳ ମୁକତିର ଦ୍ୱାର ॥ 253
ଏ ଦେହ ପାଇ ମହୀତଳେ । ହେଲେ ତରନ୍ତି ଭବଜଳେ ॥ 254
ଦୁର୍ଲ୍ଲଭେ ପାଇ ଏ ଶରୀର । କୁଟୁମ୍ବେ ଦୃଢମତି ଯା'ର ॥ 255
ଦିନ ବଞ୍ଚଇ ଦୁଃଖସୁଖେ । ଅନ୍ତେ ପଡ଼ଇ କୁମ୍ଭୀପାକେ ॥ 256
ଏ ଭାବେ ବୁଝିଲି ସଂସାର । ଏଣୁ କପୋତ ଗୁରୁ ମୋର ॥ 257
ଏବେ ତୁ ଶୁଣ ଏକଚିତ୍ତେ । ଭାବେ କହିଲି ମୁହିଁ ଯେତେ ॥ 258
ଏ ଭାବେ ତୁଟଇ ସଂସାର । ବୋଲଇ ନିଗମ ବିଚାର ॥ 259
ଏଣୁ ସଂସାର ପ୍ରାଣୀହିତେ । ଶ୍ରୀ ଏକାଦଶ ଭାଗବତେ ॥ 260
କହଇ ଦାସ ଜଗନ୍ନାଥ । କୃଷ୍ଣଚରଣେ ଦେଇ ଚିତ୍ତ ॥ 261

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଅଷ୍ଟମୋଽଧ୍ୟାୟଃ ॥

## ନବମ ଅଧ୍ୟାୟ

ଅବଧୂତ ଉବାଚ

ଆନନ୍ଦେ କହେ ଅବଧୂତ । ଶୁଣ ହେ ଯଦୁ ନୃପନାଥ ॥ 1
ସକଳ ସ୍ଥାନେ ମହୀ ଭ୍ରମେ । ମୁଁ ଥାଇ ଅଜଗର ଧର୍ମେ ॥ 2
ସ୍ୱର୍ଗ ନରକ ବେନିବାଣୀ । ଏହା ମୁଁ ଏକଧର୍ମେ ଜାଣି ॥ 3
ଏଣୁ ମୋ' ଦୁଃଖ ସୁଖ ଏକ । ସମ ମଣଇ ସର୍ବଲୋକ ॥ 4
ଆହାରେ ଭଲ ମନ୍ଦ ନାହିଁ । ଯେ ସ୍ଥାନେ ଯେମନ୍ତ ମିଳଇ ॥ 5
ସନ୍ତୋଷେ କରଇ ଆହାର । ଏଣେ ବିଚାର ନାହିଁ ମୋର ॥ 6
ଅଳପ ବହୁତ ସନ୍ତୋଷ । ନ ମିଳେ କରେ ଉପବାସ ॥ 7



କର୍ମ କଷଣ ଦେହ ସହେ । ଅରଣ୍ୟେ ଅଜଗର ପ୍ରାୟେ ॥ 8
ସମ ମଣଇ ଦୁଃଖସୁଖ । ଅନ୍ତରେ ନୋହଇ ବିମୁଖ ॥ 9
ଦେହ ଇନ୍ଦ୍ରିୟବଳ ଥାଇ । ଉଦ୍ୟମ କିଛି ନ କରଇ ॥ 10
ଏ ଧର୍ମ ଅଜଗରେ ଚାହିଁ । ଶିଖିଲି ଗୁରୁ ଶିକ୍ଷା ପାଇ ॥ 11
ଏଣୁ ପ୍ରସନ୍ନ ଚିତ୍ତ ମୋର । ସ୍ୱଭାବେ ନିର୍ମଳ ଶରୀର ॥ 12
କେ ଜାଣିପାରେ ମୋ' ଅନ୍ତର । ଗଭୀର ଯେସନେ ସାଗର ॥ 13
ବରଷା ସମୟରେ ନଦୀ । ସମୂହେ ବହନ୍ତି ଆଚ୍ଛାଦି ॥ 14
ସେ ଯେହ୍ନେ ମିଳନ୍ତି ଜଳଧି । ତେଣେ ସେ ନୁହଁଇ ନା ବୃଦ୍ଧି ॥ 15
ଗ୍ରୀଷମେ ନୋହେ ହାନି ତା'ର । ସର୍ବଦା ସମ ସେହୁ ନୀର ॥ 16
ସ୍ନେହ ବିଶୁଦ୍ଧଭାବ ଧରେ । ପୂର୍ବସ୍ୱଗୁଣ ଦୋଷ ହରେ ॥ 17
ଏ ଭାବେ ଥାନ୍ତି ଯେତେ ପ୍ରାଣୀ । ସଂସାର ପାରନ୍ତି ସେ ଜିଣି ॥ 18
ସେ ରୂପେ ଜାଣ ମୁହିଁ ମନେ । ହାନି ବୃଦ୍ଧି ଭାବ ନ ଘେନେ ॥ 19
ତେଣୁ ମୁଁ ନାରାୟଣ ପର । ନାହିଁ ବିଷୟ ଆଶା ମୋର ॥ 20
ଏହା ସମୁଦ୍ର ଶିକ୍ଷା ପାଇ । ସାଧଇ ଶିଷ୍ୟଭାବ ବହି ॥ 21
ବିଷ୍ଣୁର ମାୟା ମୋହକଳ୍ପ । କପଟେ ହୋଇ ନାରୀରୂପ ॥ 22
ଜଗମୋହିନୀ ବିଷ୍ଣୁମାୟା । ଘନେ ଯେସନେ ବିଦ୍ୟୁଚ୍ଛାୟା ॥ 23
ସେ ରୂପେ ନ କରିବ ସଙ୍ଗ । ଅନଳେ ଯେସନେ ପତଙ୍ଗ ॥ 24
ସଂଯୋଗେ କରେ ପ୍ରାଣ ନାଶ । ଏଣୁ ନୋହିବ ତା' ବିଶ୍ୱାସ ॥ 25
ପତଙ୍ଗ ତହୁଁ ଏହା ଜାଣି । ଗୁରୁ ବଚନ ପରିମାଣି ॥ 26
ସ୍ତିରୀ ସଙ୍ଗମ କରି ଦୂରେ । ନିଶ୍ଚିନ୍ତେ ଭ୍ରମଇଁ ସଂସାରେ ॥ 27
କାଷ୍ଠପିତୁଳି ନାରୀ ରୂପେ । ଥୋଇବ ଯତିଙ୍କ ସମୀପେ ॥ 28
ଯତିଏ ତା'ର ରୂପ ଚାହିଁ । ଚରଣ ଅଗ୍ରେ ଯେବେ ଛୁଇଁ ॥ 29
ମନ ମଥଇ ତାହାଙ୍କର । ଯେଣୁ ମନ୍ମଥ ସୁଖଘର ॥ 30
ଜଳେ ପାଷାଣ ପ୍ରାୟ ମଜ୍ଜେ । ଗଜବନ୍ଧନ ଯେହ୍ନେ ଗଜେ ॥ 31
ଏଣୁ କୁଞ୍ଜରଭାବ ମଣି । ଗୁରୁ ବଚନ ପରିମାଣି ॥ 32
ସଙ୍ଗ ନ କରି ସ୍ତିରୀ ମେଳେ । ନିର୍ଭୟେ ବୁଲଇ ଶୟଳେ ॥ 33
ଏଣୁ କାମିନୀ ସଙ୍ଗ ତେଜି । ଙ୍କାନେ ବୁଲଇ ଚକ୍ଷୁ ବୁଜି ॥ 34

ଏବେ ହୋ ଶୁଣ ନୃପବର । ଗୁରୁ ମୋହର ମଧୁକର ॥ 35
ଅଳପ ଅଳ୍ପ ଗ୍ରାସ କରି । ଯାବତ ଦେହ ମାତ୍ର ଧରି ॥ 36
ଆହ୍ଲୁରି ତା'ର ଉପଦେଶ । ପାଇ ମୋ' ମନ ହେଲା ତୋଷ ॥ 37
ସେ ସର୍ବ ପୁଷ୍ପେ ବସୁଥାଇ । କେବଳ ମାତ୍ର ସାରଗ୍ରାହୀ ॥ 38
ମୁହିଁ ସକଳଗ୍ରନ୍ଥ ମାନ । ବିଚାର କରି ହାଦେ ପୁଣ ॥ 39
ଯେ ସର୍ବସାର ଆତ୍ମାହିତେ । ସେ କଥା ଘେନୁଥାଇ ଚିତ୍ତେ ॥ 40
ଯେବା ମିଳଇ ଭିକ୍ଷା ଅନ୍ନ । ରାତ୍ରରେ କରଇ ଭୋଜନ ॥ 41
ଗତ ଆଗତକୁ ନ ପାଞ୍ଚେ । ପାଣି ଉଦରପାତ୍ରେ ସଞ୍ଚେ ॥ 42
ଧନେ ମୋ' ନାହିଁ ପ୍ରୟୋଜନ । ଏଣୁ ଦରିଦ୍ର ମୋ ଜୀବନ ॥ 43
ଧନ ଅର୍ଜନେ ଯାର ଆଶ । ନିରତେ ଦୁଃଖଶୋକେ ପ୍ରାସ ॥ 44
ନ କରି ଆତ୍ମଭୋଗ ଦାନ । ଧନ ସଞ୍ଚଇ ରାତ୍ରଦିନ ॥ 45
ନିରତେ କରଇ ସଞ୍ଚୟ । ପାପୀ କୃପଣ ଦୁରାଶୟ ॥ 46
ତାହାର ଧନ ହରେ ଆନେ । ମଧୁ ସଞ୍ଚଇ ମାଛି ଯେହ୍ନେ ॥ 47
ନ ଦେଇ ନ ଖାଇ ସଞ୍ଚଇ । ତାହାର ମୁଖେ ଅଗ୍ନି ଦେଇ ॥ 48
ମଧୁ ଭକ୍ଷଇ ନେଇ ଆନ । ତେଣୁ ସେ ମୋ' ଗୁରୁ ରାଜନ ॥ 49
କମଳ ମଧ୍ୟେ ଭୃଙ୍ଗ ଯେହ୍ନେ । ମତ୍ତ ହୋଇଣ ମଧୁପାନେ ॥ 50
ପ୍ରଲୋଭେ ନ ପାରଇ ଛାଡ଼ି । ପଦ୍ମ ମୁଦ୍ରିତେ ବନ୍ଦୀ ପଡ଼ି ॥ 51
ଏ ଘେନି ଇନ୍ଦ୍ରିୟ ଲାଳସେ । ଯେ ପ୍ରାଣୀ ଜଡ଼େ ସ୍ନେହବଶେ ॥ 52
ଯେହ୍ନେ ଭ୍ରମର ନାନା ପୁଷ୍ପ । ଚୁମ୍ବି ଘେନଇ ମଧୁରସ ॥ 53
ବେଦାଦି ଶାସ୍ତ୍ରମାନ ଖୋଜି । ଘେନିବ ତତ୍ତ୍ୱସାର ହେଜି ॥ 54
କେବଳ ମାତ୍ର ପ୍ରାଣରକ୍ଷା । କରିବ ସ୍ତୋକ ସ୍ତୋକ ଭିକ୍ଷା ॥ 55
ମୁହିଁ ତାହାର ମାର୍ଗ ଚାହିଁ । ବୁଲଇ ଗୁରୁଶିକ୍ଷା ପାଇ ॥ 56
ଏଣୁ ଭ୍ରମର ଗୁରୁ ମୋର । ଏ ଅନୁଭବ ମୋ' ବିଚାର ॥ 57
ଶୁଣ ସୁଚିତ୍ତେ ନୃପବର । ମଧୁହାରୀ ଯେ ଗୁରୁମୋର ॥ 58
ମଧୁମକ୍ଷିକା ପୁଷ୍ପସାର । ନେଇ ରଖଇ ନିଜଘର ॥ 59
ବିନା ଉଦ୍ୟମେ ମଧୁହାରୀ । ଭୁଞ୍ଜଇ ବଳେ ତାହା କରି ॥ 60
ଏ ରୂପେ ଗୃହୀ ଦୁଃଖ ପାଇ । ଅନ୍ନ ବ୍ୟଞ୍ଜନ ରଖେ ନେଇ ॥ 61



ଅତିଥି ଆସି ଭୁଞ୍ଜେ ତାହା । ଏମନ୍ତେ ମୋ ଗୁରୁ ମଧୁହା ॥ 62
ଯେ ଥିବ ବନଚର ମତେ । ଚିତ୍ତ ନ ଦେବ ଗ୍ରାମ୍ୟଗୀତେ ॥ 63
ନିରତେ ଧ୍ୟାନେ ଥିବ ମନ । ଯୋଗ ସଂଯୋଗେ ଅବଧାନ ॥ 64
ଲୁବ୍ଧକ ଗୀତ ଶୁଣି କର୍ଣ୍ଣେ । ଯେସନେ ମୃଗ ମରେ ବନେ ॥ 65
ଏଣୁ ନ ଶୁଣି ଗ୍ରାମ୍ୟଗୀତ । ବୁଲଇ ଧ୍ୟାନେ ଦେଇ ଚିତ୍ତ ॥ 66
ସୁଗୀତ ବାଦ୍ୟ ନୃତ୍ୟରଙ୍ଗେ । ଅରଣ୍ୟେ ବେଶ୍ୟାଗଣ ସଙ୍ଗେ ॥ 67
ଚିତ୍ତେ ତାହାଙ୍କ ଭାବ ଘେନି । କାନନେ ଋଷିଶୃଙ୍ଗ ମୁନି ॥ 68
ବନ୍ଦୀ ହୋଇଲେ କାମପାଶେ । ଶ୍ରବଣ ଇନ୍ଦ୍ରିୟ ଲାଳସେ ॥ 69
ଏଣୁ ମୁଁ ମୃଗ ଗୁରୁ କରି । ଭ୍ରମଇ ଆଶା ଦୂର କରି ॥ 70
ଜିହ୍ୱା ମଧୁର ରସ ପାଇ । ଲାଳସେ ଛାଡ଼ି ନ ପାରଇ ॥ 71
ନିରତେ ଲୋଡ଼େ ଲୋଭ ମନେ । ମୀନ ବଡ଼ସୀ ଥୋପେ ଯେହ୍ନେ ॥ 72
ଜିହ୍ୱାକୁ ବର୍ଜି ଇନ୍ଦ୍ରିଗଣ । ହେଲେ ତ ଜିଣିପାରେ ମନ ॥ 73
ଏ ବୋଲ ବୁଝି ଯେଉଁ ପ୍ରାଣୀ । ଯୋଗେ ଜିହ୍ୱାକୁ ପାରେ ଜିଣି ॥ 74
ହେଲେ ଜିଣଇ ଇନ୍ଦ୍ରିଗଣ । ସେ ପ୍ରାଣୀ ନିଶ୍ଚେ ନାରାୟଣ ॥ 75
ତେଣୁ ସେ ମୀନ ଗୁରୁ ମୋର । ଏବେ ହୋ ଶୁଣ ନୃପବର ॥ 76
ପୂର୍ବେ ଯେ ବିଦେହ ନଗରେ । ପିଙ୍ଗଳାବେଶ୍ୟା ଥିଲା ଘରେ ॥ 77
ତାହାର ଧର୍ମ ମୁଁ ଆଚରି । ବୁଲଇ ଗୁରୁଶିକ୍ଷା କରି ॥ 78
ଶୁଣ ନୃପତି ସାବଧାନେ । ପିଙ୍ଗଳା ବେଶ୍ୟା ଏକଦିନେ ॥ 79
ଧନୀ ପୁରୁଷ ଏକ ମେଳେ । ସଙ୍କେତ କଲା କାମଭୋଳେ ॥ 80
ସଲ୍ଲଜେ ଯାଇ ତା'ର ପାଶ । ବୋଲଇ ମୋର ଘରେ ଆସ ॥ 81
ଆନ ପୁରୁଷେ କାର୍ଯ୍ୟ ନାହିଁ । ତୋ' ସଙ୍ଗେ ବିହରିବି ମୁହିଁ ॥ 82
ବହୁତ ଧନ ଦେବ ମୋତେ । ଏମନ୍ତ ଭାଳି ଲୋଭଚିତ୍ତେ ॥ 83
ଧନେ ବ୍ୟାକୁଳ ତା'ର ଚିତ୍ତ । ଏମନ୍ତେ ରବି ହେଲା ଅସ୍ତ ॥ 84
ସୁବେଶ କଲା ନିଜ ଦେହୀ । ବସ୍ତ୍ର ଭୂଷଣ ଗନ୍ଧ ଦେଇ ॥ 85
ଅତି ସୁନ୍ଦର ତନୁ ବେଶେ । ଦ୍ୱାରେ ବସିଲା ତା'ର ଆଶେ ॥ 86
ତିମିର ପ୍ରକାଶିଲା ନିଶି । ତାହାର ଦ୍ୱାରେ ଲୋକେ ଆସି ॥ 87
ଅଳପ ଧନ ଦେଲେ ଆଣି । ସମ୍ମତ ନ କଲା ତରୁଣୀ ॥ 88

ସୁବେଶେ ତନୁ ଥିଲା ସାଜି । ନିରାଶେ ସର୍ବେ ଗଲେ ଭାଜି || 89
ରଜନୀ ଦଶଦଣ୍ଡ ଗଲା । ଏମନ୍ତେ ଚିନ୍ତଇ ପିଙ୍ଗଳା || 90
ନିଶ୍ଚୟ ଧନବନ୍ତ କେହି । ପ୍ରବେଶ ହେବେ ମୋର ତହିଁ || 91
ଘରୁ ବାହାରି ଦ୍ୱାରେ ମିଳି । ପଥକୁ ଚାହିଁଇ ନିରୋଳି || 92
ପଥେ ଯେ ଆତଯାତ ଜନେ । ତାହାଙ୍କୁ ନିରେଖେ ନୟନେ || 93
ପୁଣି ଶୁଣଇ ବାକ୍ୟ ଯେଣେ । ଧନୀ ଅଇଲା ପ୍ରାୟ ମଣେ || 94
ମିଳଇ ପୁଣି ନିଜ ଦ୍ୱାରେ । କ୍ଷଣ କ୍ଷଣକେ ପଶେ ଘରେ || 95
ଏମନ୍ତେ ଧନର ଉଚ୍ଚାଟେ । ଉନ୍ନିଦ୍ରେ ବୁଲେ ଛଟପଟେ || 96
ପୁଣି ଭାଳଇ ଦୁଃଖମନେ । ଧନିକ ନଇଲା କେସନେ || 97
ସଙ୍କେତ କଲା ମୋର ସଙ୍ଗେ । ଧନେ ସୁରତ ସୁଖ ରଙ୍ଗେ || 98
ଏବେ ସେ ନଇଲା କିମ୍ପାଇ । କିବା କାରଣ ତା'ର ହୋଇ || 99
ଏମନ୍ତେ ମନ ତା'ରେ ଦେଇ । ଭାଳଇ ନିଜଦ୍ୱାରେ ରହି || 100
ପୁଣି ପଶଇ ଯାଇ ଘରେ । ବେଗେ ମିଳଇ ଆସି ଦ୍ୱାରେ || 101
ଘରେ ବାହାରେ ପୁଣ ପୁଣ । ଅସ୍ଥିରେ କରଇ ଭ୍ରମଣ || 102
ରଜନୀ ଅର୍ଦ୍ଧେ ଭୋଗ ଗଲା । ଧନିକେ ନ ଦେଖି ପିଙ୍ଗଳା || 103
ନିଃଶ୍ୱାସ ଛାଡ଼ି ଉଚ୍ଚସ୍ୱରେ । ଦୁଃଖେ ବସିଲା ନିଜ ଦ୍ୱାରେ || 104
ଦେଖ ତାହାର ପୂର୍ବଭାଗ୍ୟ । ଚିତ୍ତେ ଉପୁଜିଲା ବୈରାଗ୍ୟ || 105
ତେଣୁ ସେ କଲା ମନସ୍ଥିର । ଅନ୍ତରେ କରଇ ବିଚାର || 106

ପିଙ୍ଗଳା ଉବାଚ

ଦେଖ ମୋହର ମୋହଜାଲ । ଅଜ୍ଞାନେ ଗଲା ଏତେ କାଳ || 107
ସର୍ବ ନାଶିଲି ଧନ ଲୋଭେ । ନାରୀ ସ୍ୱଭାବେ କାମଭାବେ || 108
ଅସାଧୁ ପୁରୁଷଙ୍କ ମେଳେ । କାନ୍ତର ଭାବେ କାମଭୋଳେ || 109
ରମିଲି ଧନେ ଦେଇ ମନ । ଧିକ ଏ ମୋହର ଜୀବନ || 110
ନିକଟେ ଅଛି ମୋର ଭର୍ତ୍ତା । ସର୍ବ ସମ୍ପଦ ସୁଖଦାତା || 111
ଅନାଥ ନାଥ ଜନହିତା । ମୁକତି ଗତିର ବିଧାତା || 112
ଯେ ନିତ୍ୟ ପୁରୁଷ ରତନ । ତାହାଙ୍କ ଦୂରେ ଥୋଇ ମନ || 113
ରମିଲି କୁପୁରୁଷ ସଙ୍ଗେ । ଅଜ୍ଞାନ ମୋହ ରତିରଙ୍ଗେ || 114



ବୁଦ୍ଧି ମୋହର ଦୁଷ୍ଟ ଅତି । ବିପାକଫଳେ ହୀନଗତି || 115
ବଞ୍ଚିଲି କୁପୁରୁଷ ମେଳେ । ପୂର୍ବ ପାତକ କର୍ମଫଳେ || 116
ଏ କାୟା ଘରେ ବାସ ମୋର । ନିରତେ ବହେ ନବଦ୍ୱାର || 117
ଏହା ମଧରେ ମଳମୂତ୍ର । ସମ୍ପୂର୍ଣ୍ଣ କଫ ବାତ ପିତ୍ତ || 118
ଦୁର୍ଗନ୍ଧ କୃମି ଲାଳ ନାଡ଼ି । ଅଶେଷ ରୋଗେ ଛନ୍ତି ବେଢ଼ି || 119
ଅସ୍ଥି ପଞ୍ଜରା ଚାରିପାଶେ । ଛାଉଣି ନଖ ରୋମ କେଶେ || 120
ଶିରା ଶିକୁଳି ଗଣ୍ଠି କ୍ଷେପି । ଚର୍ମ ରୁଧିର ମାଂସ ଲେପି || 121
ଏମନ୍ତ ଘରେ ମୋତେ ଥୋଇ । ଯେ ଗୁରୁ ଗଲା ଶିକ୍ଷା ଦେଇ || 122
ସେ ଗୁରୁ ବାକ୍ୟ ନ ପ୍ରମାଣି । ଏ ଘରେ ମୁହିଁ ଦୋଚାରୁଣୀ || 123
ବିଦେହ ନଗରେ ମୁଁ ଥାଇ । ମୋ' ପରି ମୂଢ କେହି ନାହିଁ || 124
ଆତ୍ମାକୁ ଦିଅନ୍ତି ଯେ ହରି । ତା' ତହୁଁ ଆନ ଇଚ୍ଛା କରି || 125
ମୋ' ପ୍ରାଣନାଥ ଅଛି ପାଶେ । ମୁହିଁ ନ ଦେଖେ ମୋହବଶେ || 126
ସେ ନାଥ ସର୍ବଜୀବଆତ୍ମା । ନିର୍ଲେପ ନିର୍ଗୁଣ ମହାତ୍ମା || 127
ପ୍ରିୟ ଆନନ୍ଦ ଇଷ୍ଟଦାତା । ଘରେ ମୁଁ ଛାଡ଼ି ନିଜ ଭର୍ତ୍ତା || 128
ହୀନ ପୁରୁଷ ସଙ୍ଗେ ରମି । ମୁହିଁ ହୋଇଲି ପଥଶ୍ରମୀ || 129
ନିଷ୍ଫଳ ମୋହର ଜୀବନ । ଅଜ୍ଞାନେ ଗଲା ଏତେ ଦିନ || 130
ଏ ଦେହେ ବସେ ନାରାୟଣ । ସେ ହରି ଛାଡ଼ି ମୂଢପଣ || 131
ଯେ ଦେହେ ଅଛି ନାନା ରୋଗ । ତା ସଙ୍ଗେ କଲି ରତିରଙ୍ଗ || 132
ମର୍ତ୍ତ୍ୟମଣ୍ଡଳେ ଦେହ ବହି । ଦେବତା ହୋଇଲେ ମରଇ || 133
ଯାବତ ଅଛି ମୋହପାଶ । ତାବତ କରେ ଜ୍ଞାନ ନାଶ || 134
ଯାବତ ଗୋବିନ୍ଦ ଚରଣ । ଏ ଜୀବ ନ ପଶେ ଶରଣ || 135
ତାବତ ନୋହେ ଆତ୍ମା ସୁଖୀ । ନିରତେ ତାପତ୍ରୟେ ଦୁଃଖୀ || 136
ଏମନ୍ତେ ମନେ ବିଚାରଇ । ଆନନ୍ଦେ ଶିରେ କର ଦେଇ || 137
ବୋଲଇ ଧନ୍ୟ ଆଜ ଦିନ । ମୋତେ ପ୍ରସନ୍ନ ଭଗବାନ || 138
ଧନ୍ୟ ମୋହର ପିତାମାତ । ତେଣୁ ବୈରାଗ୍ୟଜ୍ଞାନ ଜାତ || 139
ଶ୍ରୀକୃଷ୍ଣ ଅଭୟ ଚରଣ । ଆଜ ମୁଁ ପଶିବି ଶରଣ || 140

ସକଳ ଆଶା ଦୂର କରି । ଭାବେ ସେବିବି ନରହରି ॥ 141
ଏକାନ୍ତେ ଭ୍ରମି ବନେ ବନେ । ରମିବି ଅଭୟ ଚରଣେ ॥ 142
କଷ୍ଟେ ରଖିବି ଏ ଶରୀର । ଜଳ ପବନ ମୋ' ଆହାର ॥ 143
ଜନ୍ତୁଏ ଭବକୂପେ ପଡ଼ି । କୃଷ୍ଣଭକତି ଦୂରେ ଏଡ଼ି ॥ 144
ମୋହରେ ମଜ୍ଜି ଏ ସଂସାରେ । ପଡ଼ନ୍ତି ଦୁଃଖ ମହାଘୋରେ ॥ 145
ବିଷୟ ଯାହାର ଲୋଚନ । ହରଇ ଆତ୍ମା ବୁଦ୍ଧିମନ ॥ 146
ଏ ମାୟା କାଳସର୍ପ ରୂପେ । ଜନ୍ତୁଙ୍କୁ ଗ୍ରାସେ ଭବକୂପେ ॥ 147
ଏହାଙ୍କୁ ପରିତ୍ରାଣ ଦାନ । ଗୋବିନ୍ଦ ବିନୁ ନାହିଁ ଆନ ॥ 148
ନିଷ୍କାମଜନ ଏ ସଂସାରେ । ଆତ୍ମାକୁ ଆପଣେ ଉଦ୍ଧରେ ॥ 149

ଅବଧୂତ ଉବାଚ

ଏମନ୍ତ ମନେ ମନେ ଚିନ୍ତି । ରଜନୀ ହୁଅନ୍ତେ ପାହାନ୍ତି ॥ 150
ନିଶ୍ଚଳ ଚିତ୍ତେ ସାବଧାନେ । ପିଙ୍ଗଳା ଗଲା ଘୋରବନେ ॥ 151
ପରମସୁଖ ବଇରାଗ୍ୟ । ଆଶା ପରମଦୁଃଖ ଯୋଗ ॥ 152
ଏଣୁ ସକଳ ଆଶା ତେଜି । କୃଷ୍ଣଚରଣ ଦୃଢ଼େ ଭଜି ॥ 153
ପିଙ୍ଗଳା ଭ୍ରମି ଘୋରବନେ । ପଶିଲା ଶ୍ରୀହରିଚରଣେ ॥ 154
ଏଣୁ ପିଙ୍ଗଳା ଗୁରୁ ମୋର । ଶୁଣ ହେ ଯଦୁନୃପବର ॥ 155
ସକଳ ସଙ୍ଗ କରି ଦୂର । ନିରାଶେ ଭ୍ରମଇ ସଂସାର ॥ 156
ବୋଲଇ ଦାସ ଜଗନ୍ନାଥ । ଯେତେ କହିଲେ ଅବଧୂତ ॥ 157
ଶ୍ରୀଏକାଦଶ ଭାଗବତେ । ଗୀତେ କହିଲି ଜନହିତେ ॥ 158
ଅଳପ ହୀନବୁଦ୍ଧି ମୋର । ଏଣୁ ମୁଁ ଅଜ୍ଞାନ ପାମର ॥ 159
ନ ଜାଣି ସମୁଦ୍ରର ଗତି । ହସ୍ତେ ମଞ୍ଛଇ ମୂଢ଼ମତି ॥ 160
ସେବଇ ସୁଜନ ପଯ୍ୟର । ଏ ଦୋଷ କ୍ଷମାକର ମୋର ॥ 161
ସୁଜନେ ମୋର ପ୍ରାଣବନ୍ଧୁ । ଏଣୁ ତରିବି ଭବସିନ୍ଧୁ ॥ 162

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ନବମୋଽଧ୍ୟାୟଃ ॥

## ଦଶମ ଅଧ୍ୟାୟ

ଅବଧୂତ ଉବାଚ



ଶୁଣ ହେ ଯଦୁନୃପବର । ଯେ ଅବା ଅନୁଭବ ମୋର ॥ 1
ଗୁରୁବଚନ ମୋର ଯେତେ । ସବୁ କହିବି ତୋ' ଅଗ୍ରତେ ॥ 2
ଏ ଯେତେ ଦ୍ରବ୍ୟ ପରିଗ୍ରହ । ସର୍ବ ତୁ ଜାଣ ଦୁଃଖମୟ ॥ 3
ଏ ଘେନି ଜ୍ଞାନୀ ଅକିଞ୍ଚନେ । ନିଶ୍ଚିନ୍ତେ ରହେ ସୁଖମନେ ॥ 4
ପକ୍ଷୀଙ୍କ ମଧ୍ୟେ ବଳୀୟାର । ସ୍ୱଭାବେ ପ୍ରଚଣ୍ଡ କୁରର ॥ 5
ନିତ୍ୟେ ମାରଇ ନାନାପକ୍ଷୀ । ଜୀବନ ପୋଷେ ମାଂସ ଭକ୍ଷି ॥ 6
ତା'ର ମହିମା ଜନେ ଶୁଣି । ବନ୍ଦୀ କରନ୍ତି ଘରେ ଆଣି ॥ 7
ସେ ପୁଣି ନିତ୍ୟେ ପକ୍ଷୀ ମାରେ । ମାଂସ ଭକ୍ଷଇ ନେଇ ପରେ ॥ 8
କେବଳ ଶ୍ରମ ମାତ୍ର ସାର । ନ କରେ ଉଚିତ ଆହାର ॥ 9
ମୁହିଁ ତାହାର ଦୁଃଖ ଚାହିଁ । ବୁଲଇ ଗୁରୁଶିକ୍ଷା ପାଇ ॥ 10
ନ କରି ବସ୍ତୁ ପରିଗ୍ରହ । ଏକା ଭ୍ରମଇଁ ଶୂନ୍ୟ ଦେହ ॥ 11
ନାହିଁ ମୋ' ମାନ ଅଭିମାନ । ଗୃହ କଳତ୍ର ପୁତ୍ର ଧନ ॥ 12
ଆତ୍ମାରେ ରମଇଁ ମୁଁ ନିତ୍ୟେ । ନିଶ୍ଚିନ୍ତେ ଭ୍ରମଇଁ ଜଗତେ ॥ 13
ପରମାନନ୍ଦ ରସ ପାଇ । ନିରତେ ସଂସାରେ ଭ୍ରମଇ ॥ 14
ବାଳକ ଠହୁଁ ଏହା ଶିଖି । ନୁହଇଁ ନାନା ଦୁଃଖେ ଦୁଃଖୀ ॥ 15
କେବଳ ଆହାର ବେଭାରେ । କ୍ରୀଡ଼ା କରଇ ସର୍ବଦ୍ୱାରେ ॥ 16
କିଛି ହିଁ ଚିନ୍ତା ନାହିଁ ତା'ର । ଏଣୁ ବାଳକ ଗୁରୁମୋର ॥ 17
ଏବେ ହୋ ଶୁଣ ମନସ୍ଥିରେ । ପୂର୍ବେ ଯେ ଅବନ୍ତୀ ନଗରେ ॥ 18
ସୁସାଧୁ ସୁନ୍ଦର ଶରୀରେ । କନ୍ୟାଏ ଥିଲା ବିପ୍ରଘରେ ॥ 19
ସେ କନ୍ୟା ବିଭାଅର୍ଥେ ବରି । ବିପ୍ର ମିଳିଲେ ପାଞ୍ଚଚାରି ॥ 20
କନ୍ୟାର ପିତା ସଙ୍ଗମେଳେ । ବିବାହ ପ୍ରସ୍ତାବ ନିରୋଳେ ॥ 21
ବିଚାର କରି କନ୍ୟା ମାତା । ନିକଟେ ବସାଇ ଦୁହିତା ॥ 22
ବୋଲଇ କନ୍ୟା ମୁଖ ଚାହିଁ । ତଣ୍ଡୁଳ ଅର୍ଥେ ଧାନ ଦେଇ ॥ 23
ବେଗେ ତୁ କୁଟ ରୋଳେ ଭରି । ତା' ଶୁଣି ବ୍ରାହ୍ମଣ କୁମାରୀ ॥ 24
ରୋଳେ ମୁଷଳ ଏକକରି । କୁଟଇ ବେନିକରେ ଧରି ॥ 25
ଭୁଜେ ତା ବଳୟକଙ୍କଣ । କୁଟନ୍ତେ ବାଜେ ରୁଣଝୁଣ ॥ 26
ଶୁଣି କୁମାରୀ ଲଜ୍ଜା ପାଇ । ଅଧେ କଙ୍କଣ ହସ୍ତୁ ଫେଇ ॥ 27

ପୁଣି କୁଟନ୍ତେ ଧୀରେ ଧୀରେ । ହସ୍ତକଙ୍କଣ ନାଦ କରେ ॥ 28
କୁମାରୀ ମନେ ବିଚାରଇ । ସଙ୍ଗ ଗହଳେ ଗୋଳ ହୋଇ ॥ 29
ଏମନ୍ତ ବିଚାରି ବିବେକେ । ପୁଣି ଫେଇଲା ରଖି ଏକେ ॥ 30
ବେନି କଙ୍କଣ ବେନିକରେ । କୁଟନ୍ତେ ଶବଦ ନ କରେ ॥ 31
ଅନେକ ଲୋକ ଯହିଁ ମିଳି । ଅବଶ୍ୟ ଉପୁଜଇ କଳି ॥ 32
ତେଣୁ କୁମାରୀ ଅନୁରାଗେ । ଗୁରୁ ବଚନ ଶିକ୍ଷାଭାଗେ ॥ 33
ଏକାନ୍ତେ ଭ୍ରମୁଥାଇ ମୁହିଁ । କେବେହେଁ ସଙ୍ଗ ନ କରଇ ॥ 34
ଅଭ୍ୟାସେ ଜିଣି ମୁଁ ପବନ । ନିରୋଧି ଏ ଚଞ୍ଚଳମନ ॥ 35
ବୈରାଗ୍ୟ ଯୋଗ ଅଭ୍ୟାସନେ । ବୁଲଇ ଆତ୍ମ ସଂଯମନେ ॥ 36
ଏକାଗ୍ର କରି ଦୃଢ ମନ । ହରିର ପାଦେ ନିବେଦନ ॥ 37
ତେଣୁ ନିଶ୍ଚଳ ମୋର ଧାନ । ବଞ୍ଚଇ ଦୁଃଖ ସୁଖେ ଦିନ ॥ 38
ସ୍ୱଭାବେ ରଜୋଗୁଣ ଛାଡ଼ି । ସତ୍ତ୍ୱ ସଂଯୋଗେ ତମ ଏଡ଼ି ॥ 39
ସତ୍ତ୍ୱକୁ ଜିଣି ସତ୍ତ୍ୱଗୁଣେ । ନିର୍ବାଣ ପରମକାରଣେ ॥ 40
ନିଶ୍ଚଳେ ଥାଇ ଆତ୍ମଧାନେ । ବାହ୍ୟ ଅନ୍ତର ନ ପ୍ରମାଣେ ॥ 41
ଯେସନେ ଶରକାରୀ ପଥେ । ଶର ବିନ୍ଧଇ ହେଟ ମାଥେ ॥ 42
ତାର ନିକଟେ ରାଜା ଗଲା । ସେ ତାହା ଜାଣି ନ ପାରିଲା ॥ 43
ତେଣୁ ତାହାର ଠହୁଁ ଦେଖି । ମୁଁ ଏବେ ଗୁରୁଶିକ୍ଷା ଶିଖି ॥ 44
ଏକା ମୁଁ ଭ୍ରମଇଁ ସଂସାର । ମୋହର କାହିଁ ନାହିଁ ଘର ॥ 45
ଏଣୁ ମୁଁ ସାବଧାନ ଚିତ୍ତ । ଅଲକ୍ଷ୍ୟ ଗତି ମୋର ନିତ୍ୟ ॥ 46
ଅଳ୍ପ ଭାଷଣ ମୁନି ପ୍ରାୟେ । ମୁହିଁ ରହଇ ସ୍ଥିର ଦେହେ ॥ 47
ବିଫଳ ଅନିତ୍ୟ ଦେହର । ଗୃହ ଆରମ୍ଭ ଦୁଃଖ ଘୋର ॥ 48
ଏ ଘେନି ଗୃହାରମ୍ଭ ଛାଡ଼ି । ଦେହର ରକ୍ଷା ମାତ୍ର ଲୋଡ଼ି ॥ 49
ପିତୃ ଅତିଥି ସେବା ଅର୍ଥେ । ଆଚାରେ ଥିବ ଲୋକମତେ ॥ 50
ଆତ୍ମା କାରଣେ ବ୍ୟର୍ଥ ଘର । କେବେହେଁ ନ କରି ତତ୍ପର ॥ 51
ଶରୀର ରଖଇ ନିରୋଳେ । ସର୍ପ ଯେସନେ ନାନା ବିଳେ ॥ 52
ଏଣୁ ମୁଁ ସର୍ପଦୀକ୍ଷା ଧରି । ଗୃହସ୍ଥ ଆଶ୍ରମ ନ କରି ॥ 53
ଥୟ ନ କରି ଏକସ୍ଥାନ । ବଞ୍ଚଇ ନାନାତୀର୍ଥେ ଦିନ ॥ 54



ଦେଖ ଏ ବିଷ୍ଣୁ ମାୟା କରି । ଜଗତ ସର୍ଜଇ ମୁରାରି ॥ 55
କାଳରୂପେ ପୁଣି ସଂହାରେ । ଆତ୍ମସୁଖେ ରହେ ନିରୋଳେ ॥ 56
ସ୍ୱଭାବେ ବୋଲାଇ ଈଶ୍ୱର । ସେ ହରି ସର୍ବଶକ୍ତିଧର ॥ 57
ପ୍ରକୃତି ପୁରୁଷ ଅନ୍ତର । ସ୍ୱଭାବେ ନାହିଁ ପରାପର ॥ 58
ଉପାଧି ବର୍ଜିତ ଈଶ୍ୱର । ଫେନ ବିନାଶେ ଯେହ୍ନେ ନୀର ॥ 59
ସୃଷ୍ଟି ଇଚ୍ଛଇ ଯେତେବେଳେ । ସୃଜଇ ମାୟା ଯୋଗବଳେ ॥ 60
ତ୍ରିଗୁଣମୟୀ ବିଷ୍ଣୁମାୟା । ବେଦବେଦାନ୍ତ କହେ ଯାହା ॥ 61
ସେ ମାୟା ନାନା ମୂର୍ତ୍ତି ଧରି । ବ୍ରହ୍ମାଣ୍ଡ ମଧ୍ୟେ ଅଛି ପୂରି ॥ 62
ସେ ମାୟାବଳେ ନାରାୟଣ । ଜଗତ କରେ ପୁଣ ପୁଣ ॥ 63
ତା' ମଧ୍ୟେ ଜୀବରୂପ ଧରି । ବିହରେ ନାନାକ୍ରୀଡ଼ା କରି ॥ 64
ଯେସନେ କୀଟ ଊର୍ଣ୍ଣନାଭ । ନିଜ ବଦନୁ ସୂତ୍ରଭାବ ॥ 65
ଜାଲ ନିର୍ମାଇ ରାତ୍ରମୁଖେ । ମଧ୍ୟେ ବିହରେ ମନସୁଖେ ॥ 66
ଏକାନ୍ତେ ରାତ୍ରେ କ୍ରୀଡ଼ା କରେ । ସୂର୍ଯ୍ୟ ଉଦୟେ ତା' ସଂହରେ ॥ 67
ଏ ରୂପେ ସୃଷ୍ଟିଲୀଳା କରି । ସଂସାର ଖେଳେ ନରହରି ॥ 68
ଏବେ ହୋ ଶୁଣ ନରପତି । ସଂସାରେ ଜୀବଆତ୍ମା ଗତି ॥ 69
ଦେହ ବିୟୋଗ କାଳେ ଜନ୍ତୁ । ମନେ ଚିନ୍ତଇ ଯେତେ ହେତୁ ॥ 70
ଏକାନ୍ତ ସ୍ନେହ ଦ୍ୱେଷ ଭୟେ । ନିଶ୍ଚୟଧାନ ଯହିଁ ରହେ ॥ 71
ଜନ୍ମଇ ସେହି ରୂପ ଧରି । ଯେସନେ କୀଟ ପେଷସ୍କାରୀ ॥ 72
କୀଟ ଆଣଇ ନାନାରୂପେ । ନିଜ ଭୁବନେ ନେଇ ସ୍ଥାପେ ॥ 73
ସେ କୀଟ ପ୍ରାଣ ଯିବାବେଳେ । ତାହାକୁ ଦେଖିଥାଇ ଡ଼ୋଳେ ॥ 74
ଭୟେ ଚିନ୍ତଇ ତାର ରୂପ । ଜନ୍ମଇଁ ଘେନି ସେ ସ୍ୱରୂପ ॥ 75
ମୋହର ମନ ସେହିମତେ । କୃଷ୍ଣ ଚରଣେ ଅବିରତେ ॥ 76
ନିଶ୍ଚଳେ ସ୍ଥାପି ସାବଧାନେ । ବୁଲଇ ମହୀ ପର୍ଯ୍ୟଟନେ ॥ 77
ଏମନ୍ତେ ମୋର ଗୁରୁ ଯେତେ । ତାହାଙ୍କୁ ଉପଦେଶ ମତେ ॥ 78
କାୟ ବଚନ ମନେ ଧରି । ଭ୍ରମଇଁ ଅବନୀ ବିହରି ॥ 79
ଆତ୍ମାର ଗୁରୁ ମୁଁ ଆପଣେ । ତେଣୁ ଧରଇ ତା'କୁ ମନେ ॥ 80
ଦେହର ଜନ୍ମ-ମୃତ୍ୟୁ ଦୁଇ । ବିଷ୍ଣୁମାୟାରେ ପ୍ରବର୍ତ୍ତଇ ॥ 81

ଏ ଭାବ ବୁଝି ମୋର ମତି । ଏ ଦେହେ ନ କରେ ପୀରତି ॥ 82
ଅନେକ ଜନ୍ମ କର୍ମଭାଗ୍ୟେ । ମୋହର ଜ୍ଞାନ ବଇରାଗ୍ୟେ ॥ 83
ଉଦାସୀ ମତେ ଦେହେ ଥାଇ । ଗୁରୁଙ୍କ ଉପଦେଶ ଧ୍ୟାୟି ॥ 84
ପୁତ୍ର କଳତ୍ର ପଶୁ ଦାସେ । ଏହାଙ୍କୁ ପୋଷି ଦେହ ଆଶେ ॥ 85
ଶରୀର ସଙ୍ଗେ ସେ ରମନ୍ତି । ମରଣେ କେହି ନ ଗଛନ୍ତି ॥ 86
ନିୟତ କର୍ମ ସଙ୍ଗ କରି । ଅନ୍ଧ ଯେସନେ ଯଷ୍ଟି ଧରି ॥ 87
ବୃକ୍ଷଙ୍କ ଧର୍ମ ପ୍ରାପ୍ତ ଦେହୀ । ଜନ୍ମିଲେ ଅବଶ୍ୟ ମରଇ ॥ 88
ଏଣୁ ଅନିତ୍ୟ ଦେହେ ମୁହିଁ । କେବେହେଁ ବିଶ୍ୱାସ ନ ଯାଇ ॥ 89
ଇନ୍ଦ୍ରିୟେ ଏହାକୁ ଆବୋରି । ଭୁଞ୍ଜନ୍ତି ଜଣେ ଜଣେ କରି ॥ 90
ଶ୍ମଶାନେ ମୃତପିଣ୍ଡ ଯେହ୍ନେ । ଶ୍ୱାନ ଶୃଗାଳଙ୍କ ବଦନେ ॥ 91
ରସ ଲାଳସେ ଜିହ୍ୱା ଧରେ । ଆହାର ଅର୍ଥେ ଭ୍ରମ କରେ ॥ 92
ନିଜ ସ୍ୱଭାବେ ଷଡ଼ରସେ । ଭ୍ରମଇଁ ନାନା ଦେଶେ ଦେଶେ ॥ 93
ତୃଷାର ବେଳେ କେବେ ପୁଣି । ମାଗଇ ସୁଶୀତଳ ପାଣି ॥ 94
ନ ପାଇ କରେ ବହୁ ପ୍ରାସ । ଏମନ୍ତେ ପ୍ରାଣୀ ଯାଏ ନାଶ ॥ 95
ଇନ୍ଦ୍ରି ଧରଇ ପୁଣ ବଳେ । ଭ୍ରମଇଁ ମଇଥୁନ ଫଳେ ॥ 96
ଅମୃତ ପ୍ରାପ୍ତ ଯୋନି ଦିଶେ । ଏଣୁ ଭ୍ରମଇଁ କାମବଶେ ॥ 97
ଶୀତ ତପତ ଚର୍ମ ଧରେ । ଅଗ୍ନି ପବନେ ଆଶ୍ରେ କରେ ॥ 98
କ୍ଷୁଧା ଅନଳେ ଦହେ ପେଟ । ଆତ୍ମାକୁ କରେ ଛଟପଟ ॥ 99
ଯାବତ ନ ପୂରେ ଉଦର । ତାବତ ଜ୍ଞାନ କାହିଁ ଆର ॥ 100
ଶ୍ରବଣ ଧରେ ପୁଣ ପୁଣି । ସ୍ତୁତି ନିନ୍ଦନ ବାକ୍ୟ ଶୁଣି ॥ 101
ନାସିକା ଧରେ ଗନ୍ଧ ଆଶେ । ଏଣୁ ଭ୍ରମଇଁ ସୁଖବାସେ ॥ 102
ଚକ୍ଷୁ ଧରଇ ରୂପ ଅର୍ଥେ । ଏଣୁ ଭ୍ରମଇଁ ନାନା ପଥେ ॥ 103
ଅନ୍ତେ ଧରଇ କର୍ମରାଶି । ବେଷ୍ଟିତ ହୁଏ କାଳପାଶି ॥ 104
ବହୁତ ସପତଣୀ ଯେହ୍ନେ । ସ୍ୱାମୀ ମାରନ୍ତି ଅପମାନେ ॥ 105
ଜୀବର ଅଳପ ଶକତି । ଶତେ ଯୁବତୀ ଏକପତି ॥ 106
କାମିନୀଗଣେ ବନ୍ଦୀ ହୋଇ । ସେ ଯେହ୍ନେ ଅଳପେ ମରଇ ॥ 107
ଏଣୁ ଏ ସାଧାରଣ ଦେହେ । ଜ୍ଞାନୀଙ୍କ ଜ୍ଞାନ ବସ୍ତୁ ନୋହେ ॥ 108



ଏ ଦେହ ପଡ଼େ ମାୟାଜଡ଼େ । ନିଜ ନିସ୍ତାରପଥ ହୁଡ଼େ ॥ 109
ଯେତେ ଏ ସୃଷ୍ଟିରେ ରଚନା । କୀଟହୁଁ ବ୍ରହ୍ମାଦି କଳ୍ପନା ॥ 110
ଆତ୍ମକ୍ରୀଡ଼ନେ ନରହରି । ପୂର୍ବେ ଅନେକ ସୃଷ୍ଟିକରି ॥ 111
ସଂସାରେ ଖେଳି ନାନାମତେ । ସନ୍ତୋଷ ନ ଲଭିଲା ଚିତ୍ତେ ॥ 112
ଏଣୁ ମାନବ ସୃଷ୍ଟି କଲା । ଯହିଁ ବିଶ୍ରାମ ସର୍ବଲୀଳା ॥ 113
ମନୁଷ୍ୟ ଦେହେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ॥ 114
ବ୍ରହ୍ମାଦି ସକଳ ଶରୀର । ସ୍ୱଭାବେ ଅସତ୍ୟ ସଂସାର ॥ 115
ଭ୍ରମିଣ କୋଟି ଯୋନି ଭ୍ରମେ । ବିପାକ ଅବଶେଷ କର୍ମେ ॥ 116
କେବଳ ଶୁଭକର୍ମ ଭାଗ୍ୟେ । ନିଷ୍ଠେ ଗୋବିନ୍ଦ ଅନୁରାଗେ ॥ 117
ଦୁର୍ଲ୍ଲଭ ମନୁଷ୍ୟ ଶରୀରେ । ଜନ୍ମ ଲଭଇ ମର୍ତ୍ତ୍ୟପୁରେ ॥ 118
ସ୍ୱଭାବେ ଅନିତ୍ୟ ସଂସାର । ଦୁର୍ଲ୍ଲଭ ନର କଳେବର ॥ 119
ସେ ଦେହ ଲଭି ମହୀତଳେ । ଅନେକ ଶୁଭକର୍ମ ଫଳେ ॥ 120
ଭାଗ୍ୟେ ଦୁର୍ଲ୍ଲଭ ଦେହ ପାଇ । ଯାହାର ଜ୍ଞାନ ପ୍ରକାଶଇ ॥ 121
ଜଗତ ଦେଖେ ବିଷ୍ଣୁମୟେ । ସେ ନ ପଡ଼ଇ ମାୟାମୋହେ ॥ 122
ମନୁଷ୍ୟ ମୁଣ୍ଡେ ମୃତ୍ୟୁ ବସେ । ଆତ୍ମାକୁ ଅନୁକ୍ଷଣେ ଗ୍ରାସେ ॥ 123
ଯାବତ ମୃତ୍ୟୁ ଅଛି ଦୂରେ । ସୁନ୍ଦର ଯୁବା କଳେବରେ ॥ 124
ସାଧିବ ସକଳ ଶକତି । ଯେଣେ ଜନ୍ମିବ ବିଷ୍ଣୁଭକ୍ତି ॥ 125
ଏ ଜୀବ ବନ୍ଦୀ କର୍ମପାଶେ । ସାଧିବ ବନ୍ଧନ ଉଶ୍ୱାସେ ॥ 126
ଏ ରୂପେ ହୃଦୟ ନିର୍ବେଦେ । ଆତ୍ମାକୁ ଈଶ୍ୱର ଅଭେଦେ ॥ 127
ଦେଖିବ ଜ୍ଞାନଚକ୍ଷୁ ଦ୍ୱାରେ । ଦୁର୍ଲ୍ଲଭ ମନୁଷ୍ୟ ଶରୀରେ ॥ 128
ସକଳ ସଙ୍ଗ ପରିହରି । ଏଣୁ ମୁଁ ଏହି ରୂପ ଧରି ॥ 129
ହୃଦରୁ ତେଜି ଅହଙ୍କାର । ଆନନ୍ଦେ ଭ୍ରମଇ ସଂସାର ॥ 130

ଭଗବାନ ଉବାଚ

ଏମନ୍ତ କହି ଅବଧୂତ । ଶାନ୍ତ ଗଭୀର ଗୁଣଯୁତ ॥ 131
ଶୁଣି ସାନନ୍ଦ ଯଦୁରାଜା । ତା'ର ଚରଣେ କଲା ପୂଜା ॥ 132
ରାଜାକୁ କହି ସାବଧାନେ । ବ୍ରାହ୍ମଣ ଗଲା ଅନ୍ତର୍ଦ୍ଧାନେ ॥ 133

ବିଚାରି ତାହାର ବଚନେ । ରାଜା ପଶିଲା ଘୋରବନେ ॥ 134

ସକଳ ସଙ୍ଗ ଦୂରେ ତେଜି । ଧ୍ୟାନେ ଗୋବିନ୍ଦପାଦ ଭଜି ॥ 135

ଯୋଗେ ବିନାଶି କଳେବର । ଲଭିଲା କୃଷ୍ଣର ପୟର ॥ 136

ଉଦ୍ଧବ କୃଷ୍ଣର ସମ୍ବାଦ । ଶୁଣନ୍ତେ ଖଣ୍ଡଇ ପ୍ରମାଦ ॥ 137

ପରୀକ୍ଷେ ଶୁକମୁନି କହେ । ସୃଜନେ ଏଣେ କର ଲୟେ ॥ 138

ଏ ଚଉବିଂଶ ଗୁରୁବାଣୀ । ଉଦ୍ଧବେ କହେ ଚକ୍ରପାଣି ॥ 139

ସେ କଥା ପରମ ଆନନ୍ଦେ । ସଂକ୍ଷେପେ ଏକାଦଶସ୍କନ୍ଧେ ॥ 140

ପ୍ରାକୃତବନ୍ଧେ ଭାଗବତ । ସମସ୍ତ ପ୍ରାଣୀଙ୍କର ହିତ ॥ 141

କହଇ ଦାସ ଜଗନ୍ନାଥ । କୃଷ୍ଣ ଚରଣେ ଦେଇ ଚିତ୍ତ ॥ 142

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ
ସଂହିତାୟାଂ ଏକାଦଶସ୍କନ୍ଧେ ଦଶମୋଦ୍ଧ୍ୟାୟଃ ॥

ବୋଲନ୍ତି ପ୍ରଭୁ ଚକ୍ରପାଣି । ଶୁଣ ଉଦ୍ଧବ ସାଧୁବାଣୀ ॥ 1

ତୁ ଅଟୁ ଭକତ ପ୍ରଧାନ । ତୋତେ ପ୍ରସନ୍ନ ମୋର ମନ ॥ 2

ଯେତେ କହିଲି ଧର୍ମ ତୋତେ । ଆଗମ ନିଗମ ଉକତେ ॥ 3

ସେ ଧର୍ମ ଦୃଢ଼କରି ମନେ । ସାଧନ କର ସାବଧାନେ ॥ 4

ଯେ ବର୍ଣ୍ଣଧର୍ମ କୁଳଧର୍ମ । ଯେ ବିଧି ଆଚାର ଆଶ୍ରମ ॥ 5

କର୍ମ କରିବ କାମ ତେଜି । ସାତ୍ତ୍ୱିକେ ମୋ'ର ପାଦେ ଭଜି ॥ 6

ଜୀବକୁ ଦୟା ଶୁଦ୍ଧଚିତ୍ତେ । ମୋହ ଗହନ ଏ ଜଗତେ ॥ 7

ଆରମ୍ଭମାନ ବିପର୍ଯ୍ୟୟ । ସର୍ବ ବିକାର ମାୟାମୟ ॥ 8

ସ୍ୱପନେ ନାନା ଉପଭୋଗେ । ସେ ଯେହ୍ନେ ଆତ୍ମାର ସଂଯୋଗେ ॥ 9

ମଣଇଁ ସତ୍ୟପ୍ରାୟ ତାହା । ଦୃଷ୍ଟି ଶ୍ରବଣେ ସର୍ବମାୟା ॥ 10

ଯେତେ ଦେଖଇ ନାନାରଙ୍ଗେ । ବିଫଳ ହୋଏ ନିଦ୍ରାଭଙ୍ଗେ ॥ 11

ଏ ମାୟା ତ୍ରିଗୁଣେ ଯନ୍ତ୍ରିତ । ବ୍ରହ୍ମାଦି ପ୍ରପଞ୍ଚ ଜଗତ ॥ 12

ଏଣୁ ପ୍ରବୃତ୍ତି ଧର୍ମ ଏଡ଼ି । ନିବୃତ୍ତି ଧର୍ମେ ଚିତ୍ତ ବଡ଼ି ॥ 13

ସାଧୁ ସଙ୍ଗମେ ସେବା ଧରି । ଧର୍ମ ସାଧିବ ଶିକ୍ଷା କରି ॥ 14

ଜାଣିଲେ ତତ୍ତ୍ୱ ଉପଦେଶ । ତେବେ କରିବ କର୍ମନ୍ୟାସ ॥ 15

ଯେ ଅବା କର୍ମ କରଷଣ । ମୋତେ କରିବ ସମର୍ପଣ ॥ 16



ଯମ-ନିୟମ ବେନିପଥେ । ଯତ୍ନେ ସାଧିବ ଯଥୋଚିତେ ॥ 17

ସେବିବ ସାଧୁ ସୁଜ୍ଞଜନ । ମୋର ଚରଣେ ଯା'ର ମନ ॥ 18

ସୁତ କଳତ୍ର ଧନ ପ୍ରାଣ । ଯେ ମୋତେ କରେ ସମର୍ପଣ ॥ 19

ଏମନ୍ତ ଗୁରୁ ସେବା କରି । ଚିତ୍ତେ ମୋହର ରୂପ ଧରି ॥ 20

ତେଜିବ ମାନ ଅହଙ୍କାର । ମଦ ମତ୍ସର ଯେ ବିକାର ॥ 21

ସୁହୃଦଭାବ ସର୍ବଭୂତେ । ନିର୍ମଳ ଦୟା ଶୁଦ୍ଧଚିତ୍ତେ ॥ 22

ଜ୍ଞାନ ଅଭ୍ୟାସି ଅବିରତ । ଚଞ୍ଚଳ ନ କରିବ ଚିତ୍ତ ॥ 23

ସମତା ଦୃଷ୍ଟି ସତ୍ୟଭାଷା । ଏଣେ କରିବ ନିତ୍ୟେ ଆଶ୍ରା ॥ 24

ଦାରା ତନୟ ଗୃହ କ୍ଷେତ୍ର । ସ୍ୱଜନ ବାନ୍ଧବ ଯେ ମିତ୍ର ॥ 25

ସମ୍ପଦ ବିପଦ ସଞ୍ଚୟେ । ଧରିବ ଉଦାସୀନ ଦେହେ ॥ 26

ଆକାଶ ଯେହ୍ନେ ସର୍ବଶୂନ୍ୟ । ସେ ରୂପେ ହୋଇ ଉଦାସୀନ ॥ 27

ବିମୁକ୍ତବନ୍ଧ ମହାଶୟ । ସର୍ବ ଦେଖିବ ମାୟାମୟ ॥ 28

କେବେହେଁ ନୋହି ଅଭିମାନୀ । ଆତ୍ମା ପରତେ ତତ୍ତ୍ୱଜ୍ଞାନୀ ॥ 29

ଆତ୍ମାକୁ ଦେଖୁଥିବ ଭିନ୍ନ । କାଷ୍ଠେ ଯେସନେ ହୁତାଶନ ॥ 30

ଏ ରୂପେ ଆତ୍ମା ନିର୍ବିକାର । ଏ ଦେହ ଗୁଣରୁ ବାହାର ॥ 31

ଦେହର ମଧ୍ୟେ ଯେଣୁ ଥାଇ । ତା' ନାମ ଗୁଣକୁ ଭଜଇ ॥ 32

କାଷ୍ଠ ସଂଯୋଗେ ଅଗ୍ନି ଯେହ୍ନେ । କାଷ୍ଠର ଆକାରକୁ ଘେନେ ॥ 33

ଈଶ୍ୱର ମାୟାରେ ନିର୍ମାଣ । ଏ ସ୍ଥୂଳ ସୂକ୍ଷ୍ମ ଦେହମାନ ॥ 34

ଜୀବର ସଂସାରଟି ଏହି । ସତ୍ୟ ପରାୟେ ପ୍ରତେ ହୋଇ ॥ 35

ଏସନ ଗୁରୁବାକ୍ୟ ଜାଣି । ଅବସ୍ତୁ ପ୍ରାୟ ସର୍ବ ମଣି ॥ 36

ଜଗତ ଦେଖି ବିଷ୍ଣୁମୟ । ଛାଡ଼ିବ ସକଳ ସଂଶୟ ॥ 37

ଗୁଣ କର୍ମ ଯେ ଅହଙ୍କାର । ଚିତ୍ତରୁ ହୋଇଯିବ ଦୂର ॥ 38

ରହିବ ନିଜରୂପ ଘେନି । ଇନ୍ଧନ ବିନା ଯେହ୍ନେ ଅଗ୍ନି ॥ 39

କର୍ମ କରଣେ ଫଳ ପାଇ । ପ୍ରାଣୀ ତା' ଅବଶ୍ୟ ଭୁଞ୍ଜଇ ॥ 40

ସ୍ୱତନ୍ତ୍ର ନୋହେ ସର୍ବକାଳେ । ଦୁଃଖେ ଭ୍ରମଇଁ ଏ ଶୟଳେ ॥ 41

ଜୀବର ଦେହେ ବନ୍ଧ ପାଶ । କେବେହେଁ ନାହିଁ ସୁଖ ଲେଶ ॥ 42

ନିଗଡ଼ ବନ୍ଧନ ପୟରେ । ବନ୍ଦୀ ଯେସନେ ବନ୍ଦୀଘରେ ॥ 43

କାଳ ବଞ୍ଚଇ ଦୁଃଖ ସହି । ମୂର୍ଖ ପଣ୍ଡିତ ଭେଦ ନାହିଁ ॥ 44
ଦାରୁଣ ଦୁଃଖ ସୁଖ ମଣେ । ସୁଖକୁ ଦୁଃଖ ପରିମାଣେ ॥ 45
ଏମନ୍ତ ବୁଦ୍ଧି ଅହଙ୍କାରେ । ଜୀବ ଭ୍ରମଇଁ ନିରନ୍ତରେ ॥ 46
ସେ ଯେବେ ଦୁଃଖ ସୁଖ ବୁଝେ । ସମ୍ମୁଖେ ମୃତ୍ୟୁସଙ୍ଗେ ଯୁଝେ ॥ 47
ବୁଦ୍ଧି ବିବେକ ଜ୍ଞାନ ବଳେ । ମରଣ ଜିଣଇ କେ ହେଳେ ॥ 48
କର୍ମେ ପ୍ରାଣୀର ସୁଖ ନାହିଁ । କେବଳ ଅନାଥଟି ସେହି ॥ 49
ଏହା ନ ବୁଝି ମୂଢଜନେ । ତପ କରନ୍ତି ଫଳକାମେ ॥ 50
କାହାରି ପୂର୍ବପୁଣ୍ୟଫଳେ । ଯଦ୍ୟପି ଅର୍ଥ କାମ ମିଳେ ॥ 51
ତେବେ ହେଁ ଦୁଃଖ ନୋହେ ଶେଷ । ଭୁଞ୍ଜନ୍ତେ ଲଭେ ବହୁ କ୍ଳେଶ ॥ 52
ଯାହାକୁ ବାନ୍ଧି ନେଇ ପଥେ । ଶ୍ମଶାନେ ଶିରଚ୍ଛେଦ ଅର୍ଥେ ॥ 53
ତାହାର ଯେତେ କାମ ଅର୍ଥ । ତୋଷଣେ ନୁହଁନ୍ତି ସମର୍ଥ ॥ 54
ସଂସାରେ ଦେଖି ଶୁଣି ଯେତେ । ବିଚାରେ ଦୁଃଖ ଏ ସମସ୍ତେ ॥ 55
ମାନ ମତ୍ସର ଗର୍ବ ଲୋଭ । ବିନାଶ ଅପଚୟସ୍ୱଭାବ ॥ 56
ଏ ସର୍ବ ଦୁଃଖର କାରଣ । ଉଦ୍ଧବ ଏହା ପରିମାଣ ॥ 57
କର୍ମର ଫଳ ନାନାଗତି । ଶୁଣ ତୁ ଏବେ ଦେଇ ମତି ॥ 58
ବିବିଧ ବିଧି ନାନା ଦାନ । ଯଜ୍ଞେ ଦେବତା ଆରାଧନ ॥ 59
ସେ ପୁଣ୍ୟବଳେ ସ୍ୱର୍ଗେ ଯାଇ । ଭୁଞ୍ଜଇ ଦିବ୍ୟଦେହ ବହି ॥ 60
ନାନା ପ୍ରକାରେ ସୁଖ ଯେତେ । ଭୋଗ କରଇ ଦେବମତେ ॥ 61
କର୍ମ ନିର୍ମିତ ପୁଣ୍ୟରଥେ । ଫଳ ଭୁଞ୍ଜଇ ସ୍ୱର୍ଗପଥେ ॥ 62
ଗନ୍ଧର୍ବ କିନ୍ନର ଯୁବତୀ । ରଥ ପାରୁଶେ ପନ୍ତିପନ୍ତି ॥ 63
ବିବିଧ ନୃତ୍ୟ ଗୀତମାନ । କରି ତୋଷନ୍ତି ତା'ର ମନ ॥ 64
ଦିବ୍ୟ ଯୁବତୀଗଣ ସଙ୍ଗେ । ବିମାନେ ରମେ ନାନାରଙ୍ଗେ ॥ 65
କ୍ଷୁଦ୍ର କିଙ୍କିଣୀନାଦ ଧୀରେ । ଲଳିତ ମଙ୍ଗଳ ମଧୁରେ ॥ 66
ଯାବତ କର୍ମଫଳ ପୂରେ । ତାବତ ସ୍ୱର୍ଗଭୋଗ କରେ ॥ 67
ପୁଣ ପଡ଼ଇ କର୍ମକ୍ଷୟେ । ସଂସାରେ ବିଷ୍ଣୁ ମାୟାମୋହେ ॥ 68
ଏଣୁ ଅର୍ଜିତ କର୍ମପାକେ । ଜୀବ ଭ୍ରମଇଁ ଦୁଃଖସୁଖେ ॥ 69
ଅସାଧୁ ସଙ୍ଗେ ଯେତେ ଭାବ । ଉଦ୍ଧବେ କହନ୍ତି ମାଧବ ॥ 70



ସୁକର୍ମେ ସାଧୁସଙ୍ଗ ପାଇ । କୁକର୍ମେ ଅସାଧୁ ମିଳଇ ॥ 71
ପୂର୍ବ ବିପାକ କର୍ମଦୋଷେ । ଅସାଧୁସଙ୍ଗ ମିଳେ ପାଶେ ॥ 72
ଅଧର୍ମ ବଢେ ଦିନୁଦିନେ । ନିରତେ କୁସଙ୍ଗ ମିଳନେ ॥ 73
ସତ୍ୟ ମଉନ ଶୁଚି ଦୟା । ଯଶ ଶ୍ରୀଲଜ୍ଜା ବୁଦ୍ଧି କ୍ରିୟା ॥ 74
ସର୍ବତ୍ର କ୍ଷମା ଶମ ଦମ । ଇନ୍ଦ୍ରିୟଭୋଗ୍ୟାଦି ଉତ୍ତମ ॥ 75
ଗୁଣେ ଯେତେକ ପ୍ରାଣୀ ଥା'ନ୍ତି । ଅସଙ୍ଗ ସଙ୍ଗେ ନାଶ ଯା'ନ୍ତି ॥ 76
ସ୍ତିରୀ ଲମ୍ପଟ କାମଯୁତ । କୃପଣ ପାଷଣ୍ଡ କୁତ୍ସିତ ॥ 77
ପରପୀଡ଼ନ ଭୂତହିଂସା । ସୁଖ ଗହନେ କରେ ଆଶା ॥ 78
ଯଜ୍ଞ ଆରମ୍ଭେ ବିଧିହୀନେ । ପଶୁ ମାରଣ ଅବିଧାନେ ॥ 79
କଳ୍ପିତ ପିତୃଯଜ୍ଞ ଛଳେ । ପଶୁଙ୍କୁ ବଧ କରେ ବଳେ ॥ 80
ପୂଜଇ ଭୂତ-ପ୍ରେତଗଣେ । ଆତ୍ମହିଂସନ ସେ ନ ଜାଣେ ॥ 81
ଜୀବମାରଣ କର୍ମଫଳେ । ନରକେ ପଡ଼େ ଅନ୍ତଃକାଳେ ॥ 82
ମାୟାଯନ୍ତ୍ରିତ ନାନାଯୋନି । ଭ୍ରମଇ ଜୀବ ଆତ୍ମା ଘେନି ॥ 83
ସ୍ଥାବର ଆଦି ଚାରିଦେହେ । ପଶୁ ପତଙ୍ଗ କୀଟ ହୋଏ ॥ 84
ସିଂହ ଶୃଗାଳ ବାଜି ଗଜେ । ଏ ରୂପେ ନାନା ଯୋନି ଭଜେ ॥ 85
ଅଶେଷ କୋଟିଜନ୍ମ ଭ୍ରମି । ଅର୍ଜିତ କର୍ମେ ପଥଶ୍ରମୀ ॥ 86
ଏମନ୍ତେ ଦୁଃଖ ଅବଶେଷେ । କିଞ୍ଚିତ ଧର୍ମର ବିଶ୍ୱାସେ ॥ 87
ଦୁର୍ଲ୍ଲଭ ମନୁଷ୍ୟ ଶରୀରେ । ଜନ୍ମ ଲଭଇ ମର୍ତ୍ତ୍ୟପୁରେ ॥ 88
ଭାଗ୍ୟେ ଦୁର୍ଲ୍ଲଭ ଦେହ ଧରି । ପୁଣ ଭ୍ରମଇଁ କର୍ମ କରି ॥ 89
କର୍ମଟି ନାନା ଦୁଃଖ ଦେଇ । କିଞ୍ଚିତ ସୁଖ ନାହିଁ ତହିଁ ॥ 90
କର୍ମ କରନ୍ତେ ପାଇ ଦେହ । ଏଣୁଟି କର୍ମ ଦୁଃଖମୟ ॥ 91
କୁବେର ବରୁଣ ଅନଳ । ଏ ଆଦି ଦଶଦିଗପାଳ ॥ 92
ଦେଖ ଏ କଳ୍ପ ଅଧିକାରୀ । ସ୍ୱଭାବେ ମୋର ଅଂଶଧାରୀ ॥ 93
ବ୍ରହ୍ମା ମୋହର ଅଂଶ ବହି । ସକଳ ସୃଷ୍ଟି ସେ କରଇ ॥ 94
ମୋହର ତହୁଁ ସମ୍ଭବନ୍ତି । ଭୟେ ନିକଟେ ନ ରହନ୍ତି ॥ 95
ଗୁଣ ସକାଶେ କର୍ମ ସୃଜେ । ଏଣୁ ବିଷୟ ଜୀବ ଭୁଞ୍ଜେ ॥ 96

ଏଣୁ ଏ ଜୀବ କର୍ମମସ୍ତେ । ଅକର୍ମେ ଦଣ୍ଡେ ହେଁ ନ ରହେ ॥ 97
ଯାବତ ବିଷୟରେ ରତି । ଗୁଣେ ବିଷମଭାବେ ଥାନ୍ତି ॥ 98
ତାବତ ନାନାବିଧ ରୂପେ । ଜୀବ ଭ୍ରମଇଁ ମୋହକଳ୍ପେ ॥ 99
ଯାବତ ନାନାଭାବ ଛନ୍ନ । ତାବତ ଜୀବ ପରାଧୀନ ॥ 100
ଈଶ୍ୱର ତହୁଁ ଭୟ ପାଇ । ଭ୍ରମଇଁ ମାୟାମୟ ହୋଇ ॥ 101
ଅନେକ ଭ୍ରମି ଶ୍ରମେ ଫୁଟେ । କେବେହେଁ ମାୟା ତା' ନ ତୁଟେ ॥ 102

ଶୁକ ଉବାଚ

ଏମନ୍ତେ ଗୋବିନ୍ଦର ବାଣୀ । ଉଦ୍ଧବ ବୋଲେ ତାହା ଶୁଣି ॥ 103
ପ୍ରଣାମ କରି କୃଷ୍ଣପାଦେ । ବୋଲେ ଆନନ୍ଦ ଗଦଗଦେ ॥ 104

ଉଦ୍ଧବ ଉବାଚ

ଶୁଣ ହେ ପ୍ରଭୁ ଦାମୋଦର । ତ୍ରିଗୁଣେ ଜାତ ଏ ଶରୀର ॥ 105
ଜୀବ ରହିଛି ଦେହ ମଧ୍ୟେ । ନିର୍ଲେପ ପରମ ଆନନ୍ଦେ ॥ 106
ଗୁଣ ବନ୍ଧନ ନାହିଁ ତା'ର । ସ୍ୱଭାବେ ନିତ୍ୟ ନିରାକାର ॥ 107
ତାର ବନ୍ଧନ ତିନିଗୁଣେ । ତୁ ନାଥ ବୋଲୁ କି କାରଣେ ॥ 108
କେମନ୍ତେ ନୋହେ ତା' ବନ୍ଧନ । କହ ହେ ଦେବକୀନନ୍ଦନ ॥ 109
କି ରୂପେ ଥାଇ ଅନ୍ତର୍ଗତେ । ସଂସାରେ ବିହରେ କେମନ୍ତେ ॥ 110
କେତେ ଲକ୍ଷଣେ ତାହା ଜାଣି । କେମନ୍ତେ ଭୁଞ୍ଜେ ଅନ୍ନପାଣି ॥ 111
କି ରୂପେ ପ୍ରଚରଇ ଜନେ । ଆସନ ଶୟନ ଭୋଜନେ ॥ 112
ନିଶ୍ଚଳେ ବସେ କେଉଁସ୍ଥାନେ । କହ କେଶବ ତୋଷମନେ ॥ 113
ତୁ ନାଥ ମୋର ପ୍ରାଣପତି । ଦାସବତ୍ସଳ ଦାଶରଥି ॥ 114
ଅଚ୍ୟୁତ ଅନନ୍ତ ମୁରାରି । ବଳେ କେ ପାରେ ତୋତେ ଧରି ॥ 115
ସଂସାରେ ବନ୍ଧ ମୋକ୍ଷ ଦୁଇ । କେମନ୍ତେ କଳ୍ପେ ତା'ର ଦେହୀ ॥ 116
ଏକ ଅନେକ ଅବା କେତେ । କହ ଗୋବିନ୍ଦ ଶୁଦ୍ଧଚିତ୍ତେ ॥ 117
ମୋହର ଚିତ୍ତେ ଭ୍ରମ ଯେତେ । କହିଲି ତୋହର ଅଗ୍ରତେ ॥ 118
ମୋ ଘରେ ଜ୍ଞାନଦୀପ ଜାଳି । ଅଜ୍ଞାନ ଖଣ୍ଡ ବନମାଳୀ ॥ 119
ବୋଲଇ ଦାସ ଜଗନ୍ନାଥ । କୃଷ୍ଣଚରଣେ ଦେଇ ଚିତ୍ତ ॥ 120
ଉଦ୍ଧବ ପଚାରିଲେ ଯେତେ । ଶ୍ରୀଏକାଦଶେ ଭାଗବତେ ॥ 121



ସୁଜନେ ଶୁଣ ଦେଇ ଚିତ୍ତ । ମୁଁ ତୁମ୍ଭ ଭୃତ୍ୟଙ୍କର ଭୃତ୍ୟ ॥ 122
ଜନ୍ମଜନ୍ମରେ ମୋର ମତି । ନ ଛାଡ଼ୁଁ ତୁମ୍ଭର ଭକତି ॥ 123

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଭଗବଦ୍ ଉଦ୍ଧବ ସମ୍ବାଦେ ଏକାଦଶୋଽଧ୍ୟାୟଃ ॥

## ଦ୍ୱାଦଶ ଅଧ୍ୟାୟ

ଶୁଣିଣ ଉଦ୍ଧବ ବଚନ । ବୋଲନ୍ତି ଶ୍ରୀମଧୁସୂଦନ ॥ 1

ଭଗବାନ ଉବାଚ

ତୁ ଯାହା କଲୁ ହେ ପ୍ରଶନ । ଜୀବ ଆତ୍ମାର ତତ୍ତ୍ୱଜ୍ଞାନ ॥ 2
ଜୀବର ବନ୍ଧ-ମୋକ୍ଷ ବେନି । ବିଚାରୁ ଯେତେ ଶାସ୍ତ୍ରଘେନି ॥ 3
କେହି ନ ପା'ନ୍ତି ତା'ର ଅନ୍ତ । ତେଣୁ ସେ ବୋଲାଇ ଅନନ୍ତ ॥ 4
ତ୍ରିଗୁଣେ ବନ୍ଧ-ମୋକ୍ଷ ହୋଇ । ଯେଣୁ ସେ ଗୁଣ ମାୟାମୟୀ ॥ 5
ବସ୍ତୁ ବିଚାରେ ବନ୍ଧ-ମୋକ୍ଷ । ଜୀବକୁ ନ ଲାଗେ ପ୍ରତ୍ୟକ୍ଷ ॥ 6
ଜନ୍ମ-ମରଣ ଶୋକ ମୋହ । ସୁଖ-ଦୁଃଖ ଆଦି ସଂଶୟ ॥ 7
କେବଳ ମାୟାଭ୍ରମ ଏହି । ଏଣେ ଜୀବର ଭେଦ ନାହିଁ ॥ 8
ସ୍ୱପ୍ନେ ଦେଖଇ ପ୍ରାଣୀ ଯାହା । ନିଦ୍ରା ବୋଧନେ ହୋଏ ମାୟା ॥ 9
ବିଦ୍ୟା ଅବିଦ୍ୟା ମୋ'ର ଦେହ । ବନ୍ଧ ମୋକ୍ଷ ହିଁ ମାୟାମୟ ॥ 10
ଏ ଦୁଇ ମଧ୍ୟେ ମୋ'ର ଅଂଶ । ଜୀବନ ସ୍ୱରୂପେ ପ୍ରକାଶ ॥ 11
ଅବିଦ୍ୟା ବଳେ ବନ୍ଦୀ ହୋଇ । ହୀନ କୁମତି ଭାବ ବହି ॥ 12
ତେଣୁ ଭ୍ରମଇଁ ମାୟାଭ୍ରମେ । କର୍ମ ଅର୍ଜିତ ପଥଶ୍ରମେ ॥ 13
ମଜ୍ଜଇ ମାୟା ଅହଙ୍କାରେ । ନିଜ ମହିମା ନ ସୁମରେ ॥ 14
ସ୍ୱଭାବେ ଏ ନିତ୍ୟ ମୁକତ । ଯଦ୍ୟପି ଜୀବ ବିଦ୍ୟାଯୁତ ॥ 15
ଆତ୍ମାକୁ ଆତ୍ମା ଯେବେ ସ୍ମରେ । ପରମ ଆନନ୍ଦେ ବିହରେ ॥ 16
ଏବେ ତୁ ଶୁଣ ହେ ଉଦ୍ଧବ । ଜୀବ ପରମ ବେନିଭାବ ॥ 17
ଯେଣୁ ସେ ବେନି ସଙ୍ଗ ହୋଏ । ବଦ୍ଧ ବିମୁକ୍ତ ଭାବ ବହେ ॥ 18
ଏକଇ ବୃକ୍ଷେ ହଂସ ଦୁଇ । ବସନ୍ତି ପ୍ରିୟଭାବ ବହି ॥ 19
ଏକ ଆରକେ ନ ଛାଡ଼ନ୍ତି । ସ୍ୱଭାବେ ବେନି ସଖା ହୋ'ନ୍ତି ॥ 20
ସମାନ ଶକ୍ତି ସେ ବହନ୍ତି । ବଦ୍ଧ ବିମୁକ୍ତ ବେନି ଗତି ॥ 21

ସେ ବୃକ୍ଷେ ଯେତେ ଫଳଫଳେ । ଏକ ଭୁଞ୍ଜଇ ତାହା ବଳେ ॥ 22
ଏକ ବଞ୍ଚଇ ଉପବାସେ । ନିର୍ଲେପ ନିରଞ୍ଜନ ଅଂଶେ ॥ 23
ନିତ୍ୟ ଆନନ୍ଦ ପରିପୂର୍ଣ୍ଣେ । ସକଳ ଦେଖଇ ନୟନେ ॥ 24
ସେହୁ ନ ଜାଣେ ନିଜ ପର । ଯେଣୁ ନିର୍ମଳ ଜ୍ଞାନ ତା'ର ॥ 25
ଯେ ହଂସ ବୃକ୍ଷଫଳ ଖାଇ । ଲୋଭେ ବନ୍ଧନ ତା'ର ଦେହୀ ॥ 26
ଅଜ୍ଞାନେ ନ ଜାଣଇ କିଛି । ଏମନ୍ତେ ବେନିଆତ୍ମା ଲକ୍ଷିୟ ॥ 27
ପରମ ପରମଆନନ୍ଦୀ । ଅବିଦ୍ୟା ସଙ୍ଗେ ଜୀବ ବନ୍ଦୀ ॥ 28
ପ୍ରତ୍ୟକ୍ଷେ ଦେହେ ସେ ବସଇ । ନ ଥିଲା ପ୍ରାପ୍ତ ଲକ୍ଷ୍ୟ ହୋଇ ॥ 29
ଏ ଭାବେ ଥା'ନ୍ତି ଯେତେ ପ୍ରାଣୀ । ପଣ୍ଡିତ ବୋଲି ତା'ଙ୍କୁ ଜାଣି ॥ 30
ଦେହେ ନ ଥାଇ ଥିଲା ପ୍ରାପ୍ତ । ଯେ ମଣେ ସେ ବଞ୍ଚିତକାପ୍ତ ॥ 31
ସ୍ୱପ୍ନ ଜାଗ୍ରତେ ଯେହ୍ନେ ମିଛ । କୁମତି ମଣେ ତା' ପ୍ରତ୍ୟକ୍ଷ ॥ 32
ଏଣୁ ବିଷୟ ଇନ୍ଦ୍ରିଗଣେ । ଭୁଞ୍ଜନ୍ତି ବିଧି ଆଚରଣେ ॥ 33
ଜୀବ ସେ ଉଦାସୀନ ରୂପେ । ବସନ୍ତି ତାହାଙ୍କ ସମୀପେ ॥ 34
ଏଣୁ ପରମ ନାମ ତା'ର । ନିର୍ଲେପ ନିତ୍ୟ ନିରାକାର ॥ 35
ଯେ ଭାବେ ଅହଙ୍କାର ମିଶେ । ଇନ୍ଦ୍ରି ବିଷୟରସେ ରସେ ॥ 36
କୁମତି ଅଦୃଷ୍ଟି ଅଧୀନ । କର୍ମର ଫଳେ ସେ ବନ୍ଧନ ॥ 37
ଏଣୁ ସେ ଗୁଣ କର୍ମମୟେ । ପ୍ରକାଶେ କର୍ତ୍ତା-ଭୋକ୍ତା ପ୍ରାୟେ ॥ 38
ଏଣୁ ପରମଆତ୍ମା ପ୍ରାୟେ । ଉଦାସୀ ମତେ ସର୍ବ ଠାଏଁ ॥ 39
କେବେହେଁ ନ କରିବ ସଙ୍ଗ । ସମୁଦ୍ରେ ଯେସନେ ତରଙ୍ଗ ॥ 40
ସର୍ବ ବିଷୟ ପରବଶ । କେବେହେଁ ନୋହିବ ବିଶ୍ୱାସ ॥ 41
ଆସନ ଶୟନ ମାର୍ଜନେ । ଭୋଜନ ପାନ ଅବଧାନେ ॥ 42
ଶ୍ରବଣ ସ୍ପର୍ଶନ କୀର୍ତ୍ତନେ । ପ୍ରପଞ୍ଚ ରୂପ ଦରଶନେ ॥ 43
ଏ ସର୍ବ ଭାବେ ଉଦାସୀନ । ଯେ କରେ ସେହୁ ମହାଜନ ॥ 44
ଯେହ୍ନେ ଆକାଶ ସବୁଠାରେ । ଅଛି ସେ ନ ଲାଗି କାହିଁରେ ॥ 45
ସୂର୍ଯ୍ୟର ପ୍ରତିବିମ୍ବ ଜଳେ । ଅଛି ସେ ନ ଲାଗି ନିଷ୍ଟଳେ ॥ 46
ସକଳ ସ୍ଥାନେ ସଞ୍ଚରଇ । ପବନ କାହିଁ ନ ଲାଗଇ ॥ 47
ତେସନେ ସର୍ବ ବିଷୟରେ । ଇନ୍ଦ୍ରିଗଣଙ୍କୁ ନିରନ୍ତରେ ॥ 48



ଭୁଞ୍ଜାଇ ସାକ୍ଷୀ ରୂପେ ଥାଏ । ଅଜ୍ଞାନୀ ପ୍ରାୟେ ବଦ୍ଧ ନୋହେ ॥ 49
ସ୍ୱପ୍ନ ଜାଗ୍ରତ ପ୍ରାପ୍ତ ହୋଇ । ତା'ର ସଂସାର ନିବର୍ତ୍ତଇ ॥ 50
ନିରଭିମାନ ଗୃହେ ଦେହେ । କରି ଭ୍ରମିବ ସର୍ବ ଠାଏଁ ॥ 51
ସଙ୍କଳ୍ପ ନ ଭାବିବ ମନେ । ଗୃହ ଶରୀର ଅଭିମାନେ ॥ 52
କେ କରେ ହିଂସା ଅହଙ୍କାର । କେ ପୁଣ କରେ ନମସ୍କାର ॥ 53
କେ ଅବା କରେ ନିନ୍ଦା ସ୍ତୁତି । ଏଣେ ନୋହିବ ଭେଦମତି ॥ 54
ଅଦୃଷ୍ଟ ମାନି ଅବଧାନ । ଚିତ୍ତେ ଧରିବ ଦିବ୍ୟଜ୍ଞାନ ॥ 55
ସମେ ଦେଖିବ ସର୍ବ ଅଂଶ । ଭେଦ ନ କରି ଗୁଣ ଦୋଷ ॥ 56
ଚିତ୍ତ ନିରୋଧି ଏ ଶରୀରେ । ଯେ କିଛି ନ ବୋଲେ ନ କରେ ॥ 57
ଅସାଧୁ ସାଧୁ ଭେଦ ନାହିଁ । ସ୍ତୁତି ନିନ୍ଦନ ନ କରଇ ॥ 58
ତାହାଙ୍କୁ ବୋଲିବା ପଣ୍ଡିତ । ସେ ଆତ୍ମାରାମେ ଜଡ଼ମତ ॥ 59
ସଂସାର ମଧ୍ୟେ ସେ ଆନନ୍ଦ । ଦେଖଇ ପ୍ରାଣୀ ଭଲ ମନ୍ଦ ॥ 60
ହୃଦରେ ତାହା ନ ଧରଇ । ଯେଣୁ ସେ ନିଜ ଭାବେ ଥାଇ ॥ 61
ଯେ ସର୍ବଶାସ୍ତ୍ରେ ସୁପଣ୍ଡିତ । ଜାଣଇ ସର୍ବ ଧର୍ମତତ୍ତ୍ୱ ॥ 62
ସେ ଯେବେ ଏତେ ଗୁଣ ଘେନି । ପରମାନନ୍ଦଙ୍କୁ ନ ଚିହ୍ନି ॥ 63
ସକଳ ଶାସ୍ତ୍ର ବ୍ୟର୍ଥ ତା'ର । କେବଳ ଶ୍ରମ ମାତ୍ର ସାର ॥ 64
କୁଧେନୁ ବାନ୍ଧି ଗୃହେ ଯେହ୍ନେ । ନିରାଶ ହୋ'ନ୍ତି କ୍ଷୀରପାନେ ॥ 65
ଦୁଷ୍ଟ ଭାରିଜା ଶୋଭା ଦେଖି । ଯେ ଗୃହେ କାମଲୋଭେ ରଖି ॥ 66
ସକଳ ଧର୍ମ ତା'ର ନାଶ । ନରକେ କରେ ଗୃହବାସ ॥ 67
ଯା'ର ଶରୀର ପରାଧୀନ । କୁପୁତ୍ର କରେ ଯେ ରକ୍ଷଣ ॥ 68
ମୋ ନାମ ନ ଶୁଣି ଯା' ମୁଖେ । ଯେ ଲୋଭେ ଗୃହେ ଧନ ରଖେ ॥ 69
ପାତ୍ରେ ନ କରେ ସମର୍ପଣ । କୁମତି କୁତ୍ସିତ କୃପଣ ॥ 70
ଦୁଃଖିହୁଁ ଦୁଃଖୀ ସେ ବୋଲାଇ । ଉଭୟ ଲୋକେ ସୁଖ ନାହିଁ ॥ 71
ମୋର ନିର୍ମଳ ଯଶ ନାମ । ଯେ ଅବା ଅଛି ଗୁଣଗ୍ରାମ ॥ 72
ଯାହାର ମୁଖେ ତା' ନ ଶୁଣି । ବ୍ୟର୍ଥ ଜୀବନ ସେହୁ ପ୍ରାଣୀ ॥ 73
ଯେବା ପଣ୍ଡିତ ଇହଲୋକେ । ମୋ' ନାମ ଧରେ ନିତ୍ୟେ ମୁଖେ ॥ 74
ମୁଁ ସର୍ବଭୂତେ ଅଛି ପୂରି । ଏ ଭାବେ ମନ ମୋରେ ଧରି ॥ 75

ଶ୍ରୀମଦେ ନ ଭୁଲେ ଶରୀର । ଭିକ୍ଷାରେ ପୋଷଇ ଉଦର ॥ 76
ପୁଣ ଭିକ୍ଷୁକ ମୋ'ର ଧନ । ତାକୁ ରମଇ ମୋ'ର ମନ ॥ 77
ତତ୍ତ୍ୱ ବିଚାରେ ତୁଟେ ଭ୍ରାନ୍ତି । ଭବ ସାଗରୁ ତରିଯା'ନ୍ତି ॥ 78
ବୋଲନ୍ତି ଜଗତ ଜୀବନ । ଏ ଯୋଗଗତି ତତ୍ତ୍ୱଜ୍ଞାନ ॥ 79
ଯେ ଏହା ନ ଧରନ୍ତି ଚିତ୍ତେ । ସଂସାରୁ ତରିବେ କେମନ୍ତେ ॥ 80
ତୁ ଯେବେ ମନ ମୋର ଦେହେ । ଧରି ନ ପାରୁ ମାୟାମୋହେ ॥ 81
ତେବେ ସକଳ କର୍ମ ମୋତେ । ସମର୍ପି ରହ ଦୃଢଚିତ୍ତେ ॥ 82
ସକଳ କର୍ମ ଏ ଜଗତେ । ଭାବେ କହିଲି ମୁହିଁ ତୋତେ ॥ 83
ମୋହର ଜନ୍ମକର୍ମ ନାମ । ସତ୍ୟ ପବିତ୍ର ପୁଣ୍ୟଧାମ ॥ 84
ଆବର ଗୁଣ ଅଛି ଯେତେ । ଉଦ୍ଧବ ଶୁଣ ଏକଚିତ୍ତେ ॥ 85
ସ୍ମରଣ ଶ୍ରବଣ କୀର୍ତ୍ତନ । ଯେ ତୋ'ର ଧର୍ମ ଆଚରଣ ॥ 86
ତାହା ସମର୍ପି ମୋ'ର ପାଦେ । ସଂସାରୁ ତର ଅପ୍ରମାଦେ ॥ 87
ଏ ରୂପେ ଉପାସନା କର । ନିଶ୍ଚେ ଲଭିବୁ ମୋ' ପଯ୍ୟର ॥ 88
ସାଧୁଙ୍କ ସଙ୍ଗ କର ନିତି । ଲଭିବୁ ନିର୍ମଳ ଭକତି ॥ 89
ଭକତି କରି ଶୁଦ୍ଧଚିତ୍ତେ । ଜ୍ଞାନ ଲଭିବୁ ତୁ ସାକ୍ଷାତେ ॥ 90
ଜ୍ଞାନେ ସଂସାରୁ ହେବୁ ପାର । ଶୁଣି ଉଦ୍ଧବ ଯୋଡ଼େ କର ॥ 91

ଉଦ୍ଧବ ଉବାଚ

ବୋଲଇ କୃଷ୍ଣ ମୁଖଚାହିଁ । ଭୋ ନାଥ ମୋତେ କର ତ୍ରାହି ॥ 92
ମୁଁ ତୋ'ର ଚରଣେ ଶରଣ । କହ ତୋ' ଭକତି ଲକ୍ଷଣ ॥ 93
କି ରୂପେ ଭକତଙ୍କୁ ଜାଣି । ଭକତି କି ରୂପେ ପ୍ରମାଣି ॥ 94
ତୁ ପରିପୂର୍ଣ୍ଣ ବ୍ରହ୍ମସାର । ସ୍ୱଭାବେ ପ୍ରକୃତିରୁ ପର ॥ 95
ଭକତ କରେ ତୋତେ ବଶ । ତା'ର ରକ୍ଷଣେ ତୋ' ପ୍ରକାଶ ॥ 96
ଭକତି ହିତେ ତୋ'ର ତନୁ । ତେଣୁ ଭକତ ବାକ୍ୟ ମାନୁ ॥ 97
ପ୍ରତ୍ୟକ୍ଷେ ଭକତ ପାଳନ । ତୁ ନାଥ ପୁରୁଷ ପୁରାଣ ॥ 98
ଅନାଦି ପ୍ରଭୁ ଭଗବାନ । କରୁଣାସିନ୍ଧୁ ଦିବ୍ୟଜ୍ଞାନ ॥ 99
ରୂପ ଅରୂପ ବ୍ରହ୍ମରାଶି । ତୁ ଏ ସଂସାର ମଧ୍ୟେ ପଶି ॥ 100
ସକଳ ତୋହର ଭିଆଣ । ଏଣୁ ତୁ ପରମ କାରଣ ॥ 101



ଭକତ ଲକ୍ଷଣ ଯେମନ୍ତେ । ମଣାଇଁ କହ ଦୟାଚିତ୍ତେ ॥ 102
ଭକ୍ତି ଲକ୍ଷଣ ମୋତେ କହ । ଯେଣେ ଖଣ୍ଡିବ ମାୟାମୋହ ॥ 103
ଶୁଣି ଉଦ୍ଧବର ବଚନ । କହନ୍ତି ଶ୍ରୀମଧୁସୂଦନ ॥ 104

ଭଗବାନ ଉବାଚ

ସମଦରଶୀ ସତ୍ୟସାର । ଶୁଦ୍ଧ ବିବେକ ମତି ଯା'ର ॥ 105
ଦ୍ରୋହ ବର୍ଜିତ ଶାନ୍ତିପର । ତ୍ୟାଗ ସ୍ୱଭାବ ମହାଧୀର ॥ 106
କୃପାଳୁ ସର୍ବଜୀବ ହିତ । ଶୁଚି ଦରିଦ୍ର ଦୃଢବ୍ରତ ॥ 107
ଅଳ୍ପଭୋଜନ ଧର୍ମେ ସ୍ଥିର । ମୃଦୁ ପ୍ରସନ୍ନ ଧୃତିଶୀଳ ॥ 108
ସୁକଲ୍ୟ ଅମାନୀ ମାନଦ । କବି ମଇତ୍ର ଶୁଦ୍ଧବୋଧ ॥ 109
ଚିତ୍ତ-ସଙ୍କଳ୍ପ ଅପ୍ରମାଦୀ । ଗଭୀରଚିତ୍ତ ଧୀରବୁଦ୍ଧି ॥ 110
ଏ ଆଦି ସପ୍ତବିଂଶ ଗୁଣ । ବିଶେଷେ ମୋହର ଶରଣ ॥ 111
ଏତେ ଲକ୍ଷଣ ଲକ୍ଷ୍ୟ ଯହିଁ । ନିଶ୍ଚୟ ବୈଷ୍ଣବଟି ସେହି ॥ 112
ମୁଁ ବେଦରୂପେ ଅଛି ଭଣି । ଧର୍ମ ଅଧର୍ମ ପରିମାଣି ॥ 113
ତହିଁରେ ଦୋଷ ଗୁଣ ଯେତେ । ନିର୍ଣ୍ଣୟ କରି ଶାସ୍ତ୍ରମତେ ॥ 114
ସକଳ ଧର୍ମ ତେଜି ଚିତ୍ତେ । ଯେ ମୋତେ ଭଜେ ଦୃଢବ୍ରତେ ॥ 115
ସେ ପ୍ରାଣୀ ଭକତ ଉତ୍ତମ । କହିଲେ ଶ୍ରୀପୁରୁଷୋତ୍ତମ ॥ 116
ଜାଣି ନ ଜାଣି ମୋ' ମହିମା । ଭଜନ୍ତି ଭକତ ଉତ୍ତମା ॥ 117
ବିଚାରି ସର୍ବଧର୍ମ ତେଜେ । ମୋତେ ଏକାନ୍ତଭାବେ ଭଜେ ॥ 118
ମୋ'ର ମଧୁରରୂପ ଦେଖି । ସକଳ ସୁନ୍ଦର ଉପେକ୍ଷି ॥ 119
ବେଗେ କରିବ ଦରଶନ । ବନ୍ଦନ ସ୍ମରଣ କୀର୍ତ୍ତନ ॥ 120
ନାନା ପ୍ରକାରେ ସେବା ଯେତେ । ଭାବେ କରିବ ଶୁଦ୍ଧଚିତ୍ତେ ॥ 121
ମୋ'ର ଅମୃତ କଥାସାର । ଶ୍ରୁତି ପୀରତି ନିତ୍ୟେ ଯା'ର ॥ 122
ମୋ' ରୂପ ଧ୍ୟାନେ ଦୃଢମତି । ସକଳ ମୋତେ ସମର୍ପନ୍ତି ॥ 123
ସେବକଭାବେ ଆତ୍ମାମନ । ମୋ' ପାଦେ କରେ ନିବେଦନ ॥ 124
ମୋ' ଜନ୍ମ କର୍ମର କଥନ । ମୋ'ର ଉତ୍ସବେ ହୃଷ୍ଟମନ ॥ 125
ନାନା ସୁବାଦ୍ୟ ନୃତ୍ୟଗୀତେ । କୀର୍ତ୍ତନ କରି ମୋ' ଅଗ୍ରତେ ॥ 126
ଗୋଷ୍ଠୀ କରିବ ବହୁ ମିଳି । ମୋ' ଗୃହେ ଦେଇ ଦୀପାବଳୀ ॥ 127

ଆନନ୍ଦେ କରି ମହୋତ୍ସବ । ଦିବସ ରଜନୀ ବଞ୍ଚିବ ॥ 128
ମୋହର ଯାତ୍ରା ପର୍ବାପର୍ବେ । ବିଧିବିଧାନ ଯଥାପୂର୍ବେ ॥ 129
ଯେବା ବୈଦିକ ଧ୍ୟାନ ମାନ । କରିବ ମନ୍ତ୍ର ତନ୍ତ୍ର ଧ୍ୟାନ ॥ 130
ବୈଷ୍ଣବ ଲକ୍ଷଣ ମୋ' ବ୍ରତ । ସେ ରୂପେ ଥିବ ଦୃଢଚିତ୍ତ ॥ 131
ଗୃହେ ସ୍ଥାପିବ ରୂପ ମୋ'ର । ଅତି ସୁନ୍ଦର ମନୋହର ॥ 132
ଆପଣା ହସ୍ତେ ନିର୍ମାଣିବ । ନୋହିଲେ ପରେ କରାଇବ ॥ 133
ନାନା କୁସୁମବନ ରୋପି । ସୁସ୍ୱାଦୁ ଫଳବୃକ୍ଷ ସ୍ଥାପି ॥ 134
ମାର୍ଜନୀ ଘେନି ନିଜ କର । ମାର୍ଜନା କରିବ ମୋ' ପୁର ॥ 135
ଗୋମୟେ ଲିପିବ ମୋ' ଘର । ଦିବ୍ୟମଣ୍ଡଣି ମନୋହର ॥ 136
ବାଳକ ଗୃହ ଯେହ୍ନେ ଦାଣ୍ଡେ । ଲେଖିବ ନାନା ଚୂର୍ଣ୍ଣପିଣ୍ଡେ ॥ 137
ଏ ଆଦି ପୁଣ୍ୟକର୍ମ ଯେତେ । ସାଧିବ ଗୃହାରମ୍ଭ ମତେ ॥ 138
ମାନ କୈତବ କୂଟ ଦମ୍ଭ । ଚିତ୍ତେ ନ କରିବ ଆରମ୍ଭ ॥ 139
ମୋ' ପ୍ରୀତିଅର୍ଥେ କର୍ମ କରି । ମୋର ଚରଣ ଚିତ୍ତେ ଧରି ॥ 140
ଯେ ପୁଣ୍ୟ ଆପଣେ କରିବ । କେବେହେଁ ପରେ ନ କହିବ ॥ 141
ଯେ ଦୀପ ମୋତେ ସମର୍ପିବ । ତା' ଆନ କାର୍ଯ୍ୟେ ନ ଜାଳିବ ॥ 142
ପୁଣି ଯା' ଅନ୍ୟେ ଭୋଗ ଦେବ । ତା' ମୋତେ କେବେହେଁ ନଦେବ ॥ 143
ଯେ ଦ୍ରବ୍ୟ ମୋତେ ସମର୍ପିବ । ପୁଣ ଗ୍ରହଣ ନ କରିବ ॥ 144
ମୋ' ଦ୍ରବ୍ୟେ ଅଧିକାର ଯେତେ । କେବେହେଁ ନ କଳ୍ପିବ ଚିତ୍ତେ ॥ 145
ଆତ୍ମାର ପ୍ରିୟବସ୍ତୁ ଯେତେ । ଉତ୍ତମ ବସ୍ତୁ ଯା' ଜଗତେ ॥ 146
ଯେବା ମିଳିବ ଅକସ୍ମାତେ । ଆନନ୍ଦେ ସମର୍ପିବ ମୋତେ ॥ 147
ମୋର ପ୍ରସନ୍ନେ ତା'ର ଫଳ । ହୋଇବ ଅନନ୍ତ ନିଶ୍ଚଳ ॥ 148
ମୋ'ର ମନ୍ଦିର ମନୋହର । କରିବ ବିଚିତ୍ର ସଂସ୍କାର ॥ 149
ମୋତେ ପୂଜିବ ଯେତେ ସ୍ଥାନେ । ଉଦ୍ଧବ ଶୁଣ ସାବଧାନେ ॥ 150
ଗୋରୁ ବ୍ରାହ୍ମଣ ମୁନି ରବି । ଗଗନ ପବନ ପୃଥିବୀ ॥ 151
ଜଳ ବୈଷ୍ଣବ ହୁତାଶନେ । ବିଷ୍ଣୁପୂଜିବ ଏତେ ସ୍ଥାନେ ॥ 152
ଯାହାକୁ ଯେମନ୍ତେ ପୂଜିବ । କହିବା ଶୁଣ ହେ ଉଦ୍ଧବ ॥ 153
ଶୀତଳ ଜଳ ତୃଣ ଦାନେ । ଗୋରୁଙ୍କୁ ପୂଜିବ ଗୋଷ୍ଠାନେ ॥ 154



ଅତିଥିମତେ ନାନାଦ୍ରବ୍ୟେ । ବିପ୍ରେ ପୂଜିବ ବିଷ୍ଣୁଭାବେ ॥ 155
ମୁନି ପୂଜିବ ମନ୍ତ୍ରତନ୍ତ୍ରେ । ସଂସ୍କାର ଦ୍ରବ୍ୟ ଦେଇ ଯେତେ ॥ 156
ପବିତ୍ର ପୁଷ୍ପ ଗନ୍ଧ ଅର୍ଘ୍ୟେ । ରବି ପୂଜିବ ବେଦମାର୍ଗେ ॥ 157
ଆକାଶବର୍ଣ୍ଣ ହୃଦେ ଧରି । ଧ୍ୟାନେ ପୂଜିବ ନରହରି ॥ 158
ପବନେ ଗନ୍ଧ ଆମୋଦନେ । ପୂଜିବ ଚିତ୍ତ ସମାଧାନେ ॥ 159
ମୃତ୍ତିକା କରି ଲିଙ୍ଗ ପ୍ରାୟେ । ମୋତେ ପୂଜିବ ଶିବଧ୍ୟାୟେ ॥ 160
ବୈଷ୍ଣବ ଆଣି ନିଜସ୍ଥାନେ । ପୂଜିବ ବାନ୍ଧବ ବିଧାନେ ॥ 161
ଅଭିଗମନ ଅନୁଯାନେ । ଅନ୍ନଭୋଜନ ଜଳପାନେ ॥ 162
ଜଳେ ପୂଜିବ ମୋତେ ଭାବେ । ବିବିଧ ଜଳମୟ ଦ୍ରବ୍ୟେ ॥ 163
ଆରମ୍ଭି ସଂସ୍କାର ଅନଳେ । ଘୃତ ଇନ୍ଧନ ଚରୁ ତିଳେ ॥ 164
ଅଗ୍ନି ପୂଜିବ ମୋର ଧ୍ୟାନେ । ନିର୍ମଳ ନିଶ୍ଚଳ ଭୁବନେ ॥ 165
ଆତ୍ମାକୁ ଆତ୍ମାରୂପେ ଧ୍ୟାୟି । ପୂଜିବ ନାନା ଭୋଗ ଦେଇ ॥ 166
ସକଳ ଭୂତେ ମୁଁ ବସଇ । ଅନ୍ତରେ ଅନ୍ତର୍ଯ୍ୟାମୀ ହୋଇ ॥ 167
ଏଣୁ ଅନନ୍ତ ରୂପେ ମୋତେ । ଧ୍ୟାନେ ପୂଜିବ ସର୍ବଭୂତେ ॥ 168
ଏ ବିଧିମତେ ନାନାଠାବେ । ମୋତେ ପୂଜିବ ପ୍ରିୟଭାବେ ॥ 169
ଯେତେ କହିଲି ପୂଜାସ୍ଥାନେ । ମୋତେ ପୂଜିବ ଏ ବିଧାନେ ॥ 170
ନୀଳଜୀମୂତ କଳେବର । ରାଜୀବଲୋଚନ ସୁନ୍ଦର ॥ 171
ଶଙ୍ଖ କମଳ ଚକ୍ର ଗଦା । ଚତୁରଭୁଜେ ଶୋହେ ସଦା ॥ 172
ସୁଗନ୍ଧ ବନମାଳା କଣ୍ଠେ । ରତ୍ନମେଖଳା କଟୀତଟେ ॥ 173
ଶ୍ରବଣେ ମକରକୁଣ୍ଡଳ । ଯେସନେ ଗଗନମଣ୍ଡଳ ॥ 174
ରବି ଶଶାଙ୍କ ବିରାଜଇ । ଏମନ୍ତ ଧ୍ୟାନେ ମନଦେଇ ॥ 175
ଏ ବିଧିମତେ ପୂଜା କରି । ମୋ' ରୂପ ମନେ ଅବଧାରି ॥ 176
ମୋ' ଭାବେ ଥିବ ନିରନ୍ତରେ । ଶୁଣ ଉଦ୍ଧବ କହୁଁ ତୋ'ରେ ॥ 177
ତୀର୍ଥଗମନ ଯଜ୍ଞଦାନ । କୂପ ତଡ଼ାଗ ଦେବସ୍ଥାନ ॥ 178
ଏ ଆଦି କର୍ମ କରି ଯେତେ । ମୋ' ପାଦେ ସମର୍ପିବ ନିତ୍ୟେ ॥ 179
ଏ ରୂପେ ପୂଜି ମୋ' ଚରଣେ । ଲଭି ଭକତି ଦୃଢମନେ ॥ 180
ନିରତେ ଥିବ ସାଧୁସଙ୍ଗେ । ନିର୍ମଳ ଭକ୍ତିଯୋଗମାର୍ଗେ ॥ 181

ଏ ଭାବେ ପ୍ରାଣୀ ମୋତେ ପାଇ । ଏ ବିନୁ ଅନ୍ୟଗତି ନାହିଁ ॥ 182
ଯେଣୁ ତୁ ମୋର ନିଜ ଦାସ । ତୋତେ କହିଲି ଉପଦେଶ ॥ 183
ଆଉ କହିବି ମୁହିଁ ଯେତେ । ଶୁଣ ଉଦ୍ଧବ ଏକଚିତ୍ତେ ॥ 184
ବୋଲଇ ଦାସ ଜଗନ୍ନାଥ । ସଂସାରହିତେ ଭାଗବତ ॥ 185
କୃଷ୍ଣବଚନ ଏକାଦଶେ । ଯେବା ଉଦ୍ଧବେ ଉପଦେଶେ ॥ 186
ସୁଜନ ଶୁଣି କର୍ଣ୍ଣପୁଟେ । ସଂସାରୁ ତରିବ ନିକଟେ ॥ 187

ଇତି ଶ୍ରୀମଦ୍ ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଦ୍ୱାଦଶୋଽଧ୍ୟାୟଃ ॥

## ତ୍ରୟୋଦଶ ଅଧ୍ୟାୟ

ଭଗବାନ ଉବାଚ

କୃଷ୍ଣ କହନ୍ତି ତୋଷଚିତ୍ତେ । ଶୁଣ ଉଦ୍ଧବ କହୁଁ ତୋତେ ॥ 1
ଯେ' ଧର୍ମ ସାଂଖ୍ୟ କର୍ମଯୋଗେ । ମୁହିଁ କହିଲି ବ୍ରହ୍ମଭାଗେ ॥ 2
ବେଦପଠନ ତପ ତ୍ୟାଗ । ପୁଣ୍ୟ ସମୂହ ବଇରାଗ୍ୟ ॥ 3
ଏ ଆଦି ପୁଣ୍ୟକର୍ମମାନ । ବିପୁଳ ଘର ଜଳଦାନ ॥ 4
ବିବିଧ ବ୍ରତ ମହାଦାନ । ଯମ ନିୟମ ଦେବାର୍ଚ୍ଚନ ॥ 5
ଧନ ସଞ୍ଚିଣ ଯଜ୍ଞକରେ । ତୀର୍ଥଗମନ ନିରନ୍ତରେ ॥ 6
ନାନା ଉପାୟେ ପଥ ହେରି । ମୋତେ ନ ପାରେ ବଶ କରି ॥ 7
ଏ ଜୀବ ସାଧୁସଙ୍ଗ ବିନୁ । ଲଭି ନ ପାରେ ମୋର ତନୁ ॥ 8
ସର୍ବ କୁସଙ୍ଗ ଦୋଷ ହରେ । ଯେ ନିତ୍ୟେ ସାଧୁସଙ୍ଗ କରେ ॥ 9
ଯେ' ଅବା ପତିତ ପାମର । ସତ୍‌ସଙ୍ଗେ ତରେ ଭବଘୋର ॥ 10
ଦୈତ୍ୟ ଦାନବ ଖଗ ମୃଗ । ଗନ୍ଧର୍ବ ଅପସରା ନାଗ ॥ 11
ସିଦ୍ଧ ଚାରଣ ବିଦ୍ୟାଧର । ଯକ୍ଷ ଗୁହ୍ୟକ ଯେ କିନ୍ନର ॥ 12
ସ୍ତ୍ରୀ ଶୂଦ୍ର ପତିତ ଚାଣ୍ଡାଳେ । ତରିଲେ ସାଧୁସଙ୍ଗ ମେଳେ ॥ 13
ସ୍ୱଭାବେ ରଜତମେ ଥା'ନ୍ତି । ସାଧୁସଙ୍ଗମେ ମୋତେ ପା'ନ୍ତି ॥ 14
ଉଦ୍ଧବ କହୁଁ ତୋ' ଅଗ୍ରତେ । ସତ୍‌ସଙ୍ଗେ ତରିଗଲେ ଯେତେ ॥ 15
ପୂର୍ବେ ଯେ ବୃଷପର୍ବା ବଳି । ତରିଲେ ସାଧୁସଙ୍ଗେ ମିଳି ॥ 16
ବାଣ ମୟ ଯେ ବିଭୀଷଣ । ସୁଗ୍ରୀ ଜାମ୍ବବ ହନୁମାନ ॥ 17



ଗଜ ଜଟାୟୁ ତୁଳାଧର । ପ୍ରହ୍ଲାଦ ବୃତ୍ର ଯେ ଅସୁର ॥ 18
ଲୁବ୍ଧକ କଂସର କୁବୁଜୀ । ସତ୍‌ସଙ୍ଗେ ମୋ'ର ପାଦେ ଭଜି ॥ 19
ଯଜ୍ଞକାମିନୀ ବ୍ରଜନାରୀ । ସାଧୁସଙ୍ଗମେ ଗଲେ ତରି ॥ 20
ସ୍ୱଭାବେ ସ୍ତିରୀଜନ୍ମ ହୋନ୍ତି । ବେଦ ପୁରାଣ ନ ଜାଣନ୍ତି ॥ 21
ମହାନ୍ତେ ନ କରନ୍ତି ସେବା । ସେ ନ ପୂଜନ୍ତି ଯଜ୍ଞଦେବା ॥ 22
କେବଳ ସାଧୁସଙ୍ଗ ଫଳେ । ମୋତେ ପାଇଲେ ଅନ୍ତଃକାଳେ ॥ 23
ଜାରପୁରୁଷ ଭାବେ ମୋତେ । ନିତ୍ୟେ ଭାବିଲେ ଅନ୍ତର୍ଗତେ ॥ 24
ଏଣୁ ତରିଲେ ବ୍ରଜନାରୀ । ଆନନ୍ଦେ କହିଲେ ମୁରାରି ॥ 25
କୀଟ ପତଙ୍ଗ ପଶୁ ମୃଗ । ସାଧୁସଙ୍ଗମେ ମୋକ୍ଷ ଯୋଗ ॥ 26
ଭକତିବଳେ ସାଧୁମେଳେ । ସେ ମୋତେ ଲଭିଲେ ନିଶ୍ଚଳେ ॥ 27
ଯୋଗୀନ୍ଦ୍ର ବିପ୍ର ମୁନିଗଣେ । ଧ୍ୟାନେ ଚିନ୍ତନ୍ତି ମୋ' ଚରଣେ ॥ 28
ନ ପାଇ ସାଂଖ୍ୟଯୋଗେ ଫୁଟି । ବିବିଧ ଦାନ ବ୍ରତ କୋଟି ॥ 29
ଏ ଆଦି ଚିତ୍ତ ବଇରାଗ୍ୟେ । ସନ୍ୟାସଭାବେ ସର୍ବତ୍ୟାଗେ ॥ 30
ଉପାୟ କରି ନାନାମତେ । ସେ ମୋତେ ଲଭିବେ କେମନ୍ତେ ॥ 31
ଯେ ସାଧୁସଙ୍ଗକୁ କରଇ । ସେ ତରେ ଭକ୍ତିଭାବ ପାଇ ॥ 32
ଏଣୁ ସାଧୁଙ୍କ ସଙ୍ଗ କରି । ମାୟା ତରିଲେ ଗୋପନାରୀ ॥ 33
ସାଧୁସଙ୍ଗମେ ମାୟା ହତ । ଶୁଣ ଉଦ୍ଧବ କହୁଁ ତତ୍ତ୍ୱ ॥ 34
ଅକ୍ରୂର ଯେତେବେଳେ ମୋତେ । ମଥୁରା ଘେନିଗଲା ରଥେ ॥ 35
ରାମ ସଙ୍ଗତେ ମୋତେ ଦେଖି । ସକଳ ସଂସାର ଉପେକ୍ଷି ॥ 36
ମୋ'ର ବିଯୋଗେ ବ୍ରଜନାରୀ । ଶୋକସାଗରେ ଜ୍ଞାନହାରି ॥ 37
ମୋ'ର ଚରଣେ ଅନୁରାଗେ । ଚିତ୍ତ ବୁଡ଼ାଇ ପ୍ରେମଭାଗେ ॥ 38
ଧରି ନ ପାରି ହୃଦ-ମନ । ଶୂନ୍ୟ ଦେଖିଲେ ତ୍ରିଭୁବନ ॥ 39
ରାସ-ଉତ୍ସବେ ମୋ'ର ସଙ୍ଗେ । ଯେତେ ରଜନୀ ବନଭାଗେ ॥ 40
ବଞ୍ଚିଲେ ଗୋପର ତରୁଣୀ । ତିଳାର୍ଦ୍ଧ ପ୍ରାୟ ତାହା ମଣି ॥ 41
ଏକ ରଜନୀ ମୋ' ବିଯୋଗେ । ମଣିଲେ କୋଟି କଳ୍ପଯୁଗେ ॥ 42
ମୋ' ବିନୁ ନ ଜାଣନ୍ତି ଆନ । ମୋ' ପାଦେ ତନୁ ପ୍ରାଣ ମନ ॥ 43
ନିବେଦି ତନୁ ପାସୋରିଲେ । ରାତ୍ର ଦିବସ ନ ଜାଣିଲେ ॥ 44

ମୋତେ ନ ପାଇ କେଉଁସ୍ଥାନ । ଦେଖନ୍ତି ତ୍ରିଭୁବନ ଶୂନ୍ୟ ॥ 45
ସେ ଯେହ୍ନେ କରନ୍ତି ମୋ' ସେବା । ତହିଁ କି ଉପଲକ୍ଷ୍ୟ ଦେବା ॥ 46
ଗିରି ଗହନ ଘୋରବନେ । ସମାଧି ବସି ଯୋଗୀଜନେ ॥ 47
ଦେହ ସଂସାର ପାସୋରନ୍ତି । ନିର୍ମଳଜ୍ଞାନେ ଦେଇ ମତି ॥ 48
ଦେଖ ଏ ଯେତେ ନଦନଦୀ । ପ୍ରବାହେ ମିଳନ୍ତି ଜଳଧି ॥ 49
ଲବଣ ଜଳେ ସେ ମିଶନ୍ତି । ସ୍ୱନାମ ଗୁଣ ପାସୋରନ୍ତି ॥ 50
ଗୋପକାମିନୀ ସେହିମତେ । ମନ ବଚନ ଦେଇ ମୋତେ ॥ 51
ଦେହ-ସଂସାର ପାସୋରିଲେ । ଜନ୍ମ-ମରଣୁଁ ନିସ୍ତରିଲେ ॥ 52
ଜାରପୁରୁଷଭାବେ ମୋହେ । ମୋତେ ନ ଜାଣନ୍ତି ନିଶ୍ଚୟେ ॥ 53
ପରମବ୍ରହ୍ମ ମୁଁ ସ୍ୱଭାବେ । ଅନ୍ତେ ପଶିଲେ ମୋ'ର ଠାବେ ॥ 54
ଏଣୁ ଏ ସାଧୁଙ୍କ ସଙ୍ଗମ । ତାରଇ ସ୍ଥାବର ଜଙ୍ଗମ ॥ 55
ଏ ବୋଲ ବୁଝି ହେ ଉଦ୍ଧବ । ମୋ'ର ଚରଣେ କର ଭାବ ॥ 56
ବିଧି ନିଷେଧ ଆଦିକର୍ମ । ଛାଡ଼ି ସକଳ ଲୋକ ଧର୍ମ ॥ 57
ପ୍ରବୃତ୍ତି ନିବୃତ୍ତି ଏ ବେନି । ଦୃଷ୍ଟି ଶ୍ରବଣେ ଅନୁମାନି ॥ 58
ସକଳ ଛାଡ଼ି ଜ୍ଞାନବଳେ । ଭଜ ତୁ ମୋ' ପାଦକମଳେ ॥ 59
ମୁହିଁ ସେ ମହାମହେଶ୍ୱର । ସକଳ ଆତ୍ମା ମୋ' ଗୋଚର ॥ 60
ତୁ ଏକଭାବେ ଯେବେ ଭାବୁ । ତେବେ ଏ ସଂସାରୁ ତରିବୁ ॥ 61
ଶରଣ ପଶ ମୋର ପାଦେ । ନ ଡ଼ର ବିଷୟା ବିଷାଦେ ॥ 62
ଯେ ମୋର ଚରଣ ଚିନ୍ତଇ । ସଂସାରେ ତା'ର ଭୟ ନାହିଁ ॥ 63
ଏମନ୍ତ ଗୋବିନ୍ଦର ବାଣୀ । ଉଦ୍ଧବ ଭୟ କଲା ଶୁଣି ॥ 64
କୃଷ୍ଣଚରଣ ତଳେ ପଡ଼ି । ବୋଲଇ ବେନିକର ଯୋଡ଼ି ॥ 65

ଉଦ୍ଧବ ଉବାଚ

ଭୋ ନାଥ ତୋହର ବଚନ । ଶୁଣି ସଂଶୟ ମୋ'ର ମନ ॥ 66
ତୁ ଏବେ କଥା ଅନୁସାରେ । ବୋଇଲୁ କର୍ମ ତେଜିବାରେ ॥ 67
ପୁଣି ବୋଇଲୁ ଭଜ ମୋତେ । ଏଣୁ ମୁଁ ଭ୍ରାନ୍ତି କଲି ଚିତ୍ତେ ॥ 68
କି କର୍ମ କଲେ ନରହରି । ପ୍ରାଣୀ ସଂସାରୁ ଯା'ନ୍ତି ତରି ॥ 69
କି କର୍ମ ତେଜି ଭବୁଁ ପାର । କହ ହେ କମଳାର ବର ॥ 70



ଏ ବେନି ସଂଶୟ ମୋ' ଖେଦ । ଜ୍ଞାନ ଖଡ଼ଗେ ନାଥ ଛେଦ ॥ 71
ଗୋବିନ୍ଦ କମଳଲୋଚନ । ପାପ ମୋ' କର ବିମୋଚନ ॥ 72
ମୋ' ଘରେ ଜ୍ଞାନଦୀପ ଜାଳି । ଅଜ୍ଞାନ ଖଣ୍ଡ ବନମାଳୀ ॥ 73
ଉଦ୍ଧବ ବାକ୍ୟେ ଯଦୁପତି । କହନ୍ତି ଜୀବଆତ୍ମା ଗତି ॥ 74

ଭଗବାନ ଉବାଚ

ଶୁଣ ହେ ଭକତନିପୁଣ । ଏ ଜୀବ ସ୍ୱଭାବେ ନିର୍ଗୁଣ ॥ 75
ଈଶ୍ୱର ନିରଞ୍ଜନ ଏହି । ମାୟା ଶୟଳେ ଦେହ ବହି ॥ 76
ଯେଣୁ ଅବିଦ୍ୟାବନ୍ଧ ତା'ର । ଏ ଘେନି କର୍ମେ ଅଧିକାର ॥ 77
ବିଧି ନିଷେଧ ଏଣୁ କରି । ସୁକର୍ମ କୁକର୍ମ ବିଚାରି ॥ 78
ଏଣୁ କେବଳ ମୋକ୍ଷଲାଭେ । କର୍ମ କରିବ ଶୁଦ୍ଧଭାବେ ॥ 79
ଏମନ୍ତେ ସାଧି ଶୁଦ୍ଧକର୍ମ । ଲଭେ ଭକତି ତୁଟେ ଭ୍ରମ ॥ 80
ଭକତି ଉପୁଜିବ ଯେବେ । ଛାଡ଼ିବ ସର୍ବକର୍ମ ତେବେ ॥ 81
ଏ ଭାବେ ଥିଲେ ହେ ଉଦ୍ଧବ । କର୍ମ ଲକ୍ଷିତ ଶୁଭାଶୁଭ ॥ 82
ଜୀବର ନୁହଇ ବନ୍ଧନ । କହିଲେ ଯଶୋଦାନନ୍ଦନ ॥ 83
ଏବେ ତୁ ଶୁଣ ମୋ' ବିଚାର । ଜୀବ ଆତ୍ମାର ମୋକ୍ଷଦ୍ୱାର ॥ 84
ଏ ଜୀବଆତ୍ମା ମହେଶ୍ୱର । ସୂକ୍ଷ୍ମ ନିର୍ମଳ ନିରାକାର ॥ 85
ପୁରାଣପୁରୁଷ ଏ ଆଦି । ଦେହେ ପ୍ରକାଶେ ଚକ୍ରଭେଦି ॥ 86
ପ୍ରଥମ ଚକ୍ର ସୂକ୍ଷ୍ମରୂପ । ଦ୍ୱିତୀୟେ ପ୍ରକାଶେ ଅଳପ ॥ 87
ତହୁଁ ଅଧିକ ମଣିପୁରେ । ପ୍ରକାଶେ ଅନାହତ ଦ୍ୱାରେ ॥ 88
ମୃଣାଳସୂତ୍ର ମାର୍ଗେ ଜ୍ୟୋତି । ଧ୍ୟାନ ଅଭ୍ୟାସେ ଯାହା ଚିନ୍ତି ॥ 89
ଚକ୍ରପବନ ମହାବଳୀ । ମନ ପବନ ସଙ୍ଗେତୋଳି ॥ 90
ବିଶୁଦ୍ଧଚକ୍ର ରନ୍ଧ୍ରଦେଶେ । ଆସନ ଦୃଢ଼ବନ୍ଧ ପାଶେ ॥ 91
ପ୍ରାଣକୁ ବ୍ରହ୍ମରନ୍ଧ୍ରେ ଥୋଇ । ନିଶ୍ଚଳ ଧ୍ୟାନେ ମନ ଦେଇ ॥ 92
ତେବେ ତୁ ଦେଖିବୁ ସାକ୍ଷାତେ । ଆତ୍ମାର ରୂପ ଦୃଷ୍ଟିମାତ୍ରେ ॥ 93
ଅଗ୍ନି ଯେସନେ ଥାଏ ଶୂନ୍ୟେ । କେବଳ ଉଷ୍ମ ଅନୁମାନେ ॥ 94
ଲୌହ ପାଷାଣ ଘରଷଣ । ସଂଯୋଗେ ଉଠେ ଅଗ୍ନିକଣ ॥ 95
ଯତ୍ନେ ସମିଧ ଦେଲେ ତହିଁ । ସ୍ୱଭାବେ ଶିଖା ପ୍ରକାଶଇ ॥ 96

ପୁଣି ପାଇଲେ ଘୃତଧାର । ଜଳଇ ଅତି ବଳୀୟାର ॥ 97
ଏ ରୂପେ ଆତ୍ମା ସୂକ୍ଷ୍ମବାଣୀ । ବେଦବଚନେ ପରିମାଣି ॥ 98
ସେ ଷଡ଼ଚକ୍ର ଭେଦି ସ୍ଫୁରେ । ଶବଦ ଦ୍ୱାଦଶ ପ୍ରକାରେ ॥ 99
ଏ ଅନାହତ ପୁରେ ସ୍ଥିତି । ଜୀବ ଆତ୍ମାର ତତ୍ତ୍ୱ ଗତି ॥ 100
ଏ ଜୀବ ସୃଷ୍ଟି ପ୍ରକରଣେ । ଯେ ଏକାଦଶ ଇନ୍ଦ୍ରିଗଣେ ॥ 101
କେ ଜ୍ଞାନମାର୍ଗରେ ସଞ୍ଚରେ । କେ କର୍ମପଥରେ ପ୍ରଚରେ ॥ 102
ମନ ସଙ୍କଳ୍ପେ ବୁଦ୍ଧି ଚିନ୍ତି । ଯେ ଅଭିମାନେ ଅହଂକୃତି ॥ 103
ରଜ ତମସ ସତ୍ତ୍ୱଗୁଣ । ମାୟାର ବିକାର ଏ ପୁଣ ॥ 104
ଉଦ୍ଧବେ କହିଲେ ଶ୍ରୀପତି । ଜାଣ ତୁ ଏହିରୂପେ ଚିନ୍ତି ॥ 105
ସେ ନିତ୍ୟ ସନାତନ ହରି । ଅନନ୍ତ ଶକ୍ତି ଅଛି ଧରି ॥ 106
ପ୍ରଥମେ ଏକରୂପ ତା'ର । ଅନାଦି ଅବ୍ୟକ୍ତ ଈଶ୍ୱର ॥ 107
ସେ ନିଜ ଶକ୍ତିଭାବ ବଳେ । ଅଶେଷରୂପ ଏ ଶୟଳେ ॥ 108
ପ୍ରକାଶ କରି ନିଜ ଶକ୍ତି । ମାୟାସଂଯୋଗେ ନାନାମୂର୍ତ୍ତି ॥ 109
ସେ ଯେବେ ରଜୋଗୁଣେ ମିଶେ । ତା' ତହୁଁ ସଂସାର ପ୍ରକାଶେ ॥ 110
ସୃଷ୍ଟି ପାଳଇ ସତ୍ତ୍ୱେ ମିଶି । ତାମସଗୁଣେ ତାହା ନାଶି ॥ 111
ଈଶ୍ୱର ମାୟାଲୀଳା କରି । ଖେଳଇ ଜଗତ ଆବୋରି ॥ 112
ସେ ଏକରୂପ ଭଗବାନ । ତା' ତହୁଁ ସୃଷ୍ଟି ନୋହେ ଭିନ୍ନ ॥ 113
ସୂତ୍ରେ ପାଷାଣ ଗୁଛି ଯେହ୍ନେ । ସୂତ୍ରେ ବସନ ଅନୁମାନେ ॥ 114
ଏ ରୂପେ ଜଗତ ଗ୍ରଛନ । ଅନ୍ତର ବାହ୍ୟେ ଭଗବାନ ॥ 115
ଅନାଦି ଅରୂପ ପ୍ରତ୍ୟକ୍ଷ । ସଂସାର ରୂପ କଳ୍ପବୃକ୍ଷ ॥ 116
କର୍ମ ଏହାର ମୂଳବୀଜ । ରସ ସଂଯୋଗେ ମହାତେଜ ॥ 117
ବଢଇ ଫଳ ପୁଷ୍ପ ଘେନି । ବିଭୋଗ ଅପବର୍ଗ ବେନି ॥ 118
ପୁଣ୍ୟ-ପାତକ ରଜବୀର୍ଯ୍ୟେ । ବୃକ୍ଷ ଅଙ୍କୁରି ଉଠେ ତେଜେ ॥ 119
ଅନନ୍ତ ବାସନାର ମୂଳେ । ଏ ବୃକ୍ଷ ସ୍ଥାପନା ନିଶ୍ଚଳେ ॥ 120
ଏ ତିନି ନାଡ଼ ତିନିଗୁଣେ । ବୃକ୍ଷର ନିର୍ମାଣ କାରଣେ ॥ 121
ଏ ପଞ୍ଚଡ଼ାଳ ପଞ୍ଚଭୂତେ । ପଞ୍ଚବିଷୟ ରସଯୁତେ ॥ 122
ଶାଖା ସମୂହ ଇନ୍ଦ୍ରିଗଣେ । ଏ ନିତ୍ୟେ ଥା'ନ୍ତି ମାୟାବଣେ ॥ 123



ଉପରେ ବେନିପକ୍ଷୀ ନିତ୍ୟେ । ବସନ୍ତି ରକ୍ଷା ଭୋଗ ଅର୍ଥେ ॥ 124
ବାତ ପିତ୍ତ ଯେ କଫ ଘେନି । ବୃକ୍ଷର ବଳ୍କଳ ଏ ତିନି ॥ 125
ଯେ ସୁଖ ଦୁଃଖ ବେନି ଫଳେ । ପକ୍ଷୀଏ ଭୁଞ୍ଜନ୍ତି ତା' ବଳେ ॥ 126
ଲତା ବେଷ୍ଟିତେ ତରୁକ୍ଷୀଣ । କଳ୍ପେ ପର୍ଯ୍ୟନ୍ତେ ତା' ଜୀବନ ॥ 127
ଯାବତ ଚନ୍ଦ୍ର ସୂର୍ଯ୍ୟ ଦିଶେ । ତାବତ ଏ ବୃକ୍ଷ ପ୍ରକାଶେ ॥ 128
ଏକଇ ପଥୀ ତା'ର ଫଳ । ଭୁଞ୍ଜଇ ନିତ୍ୟେ ମହାବଳ ॥ 129
ସେ ଫଳ ଖାଇ ମତ୍ତଭୋଳେ । ନିରତେ ପଶେ ନାନାଘରେ ॥ 130
ଆର ପକ୍ଷୀଏ ଥାଇ ଭୋକେ । ସକଳ ସାକ୍ଷୀ ରୂପେ ଦେଖେ ॥ 131
ବୃକ୍ଷର ଫଳ ଯେ ଭୁଞ୍ଜଇ । କିରାତ ଜାଲେ ସେ ପଡ଼ଇ ॥ 132
ଏକଇ ବ୍ରହ୍ମ ନାନାରୂପେ । ଭ୍ରମଇ ମାୟାମଧ୍ୟ କଳ୍ପେ ॥ 133
ସେ ଯେବେ ଜାଣେ ବେଦସାର । ସଂସାରେ ଭ୍ରମ କାହିଁ ତା'ର ॥ 134
ଏହା ତ ବୁଝି ହେ ଉଦ୍ଧବ । ଉତ୍ତମ ଗୁରୁପାଦେ ସେବ ॥ 135
ଭକ୍ତି-କୁଠାରେ ଦୁର୍ବାସନା । ଛେଦ ତୁ ଗୁରୁବାକ୍ୟେ ସିନା ॥ 136
ଆତ୍ମାକୁ ଜାଣି ସାବଧାନେ । ଗୁରୁବଚନ ଅନୁମାନେ ॥ 137
ସାଧନକର୍ମ ଛାଡ଼ି ଚିତ୍ତେ । ଭଜ ତୁ ମୋର ପାଦଗତେ ॥ 138
କହଇ ଦାସ ଜଗନ୍ନାଥ । ଶ୍ରୀଏକାଦଶେ ଭାଗବତ ॥ 139
ଜୀବର ଗତି ଅନୁଭବ । ଉଦ୍ଧବେ କହିଲେ ମାଧବ ॥ 140
ଏ ବ୍ରହ୍ମପ୍ରେମ ତରଙ୍ଗିଣୀ । ସୁଜନେ ତର ଏହା ଶୁଣି ॥ 141

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ତ୍ରୟୋଦଶୋଽଧ୍ୟାୟଃ ॥

## ଚତୁର୍ଦ୍ଦଶ ଅଧ୍ୟାୟ

ଭଗବାନ ଉବାଚ

କହନ୍ତି ପ୍ରଭୁ ଦାମୋଦର । ଶୁଣ ଉଦ୍ଧବ ଜ୍ଞାନସାର ॥ 1
ନାହିଁ ସଂସାରେ ଅନୁମାନୁ । ନିସ୍ତାର ଭକ୍ତିଯୋଗ ବିନୁ ॥ 2
ମୁଁ ଯେ ବୋଇଲି ମୋତେ ଭଜ । ସଂସାରେ ସର୍ବକର୍ମ ତେଜ ॥ 3
ତା'ର ପ୍ରସ୍ତାବ ଏବେ ଶୁଣ । ଯେଣେ ଜିଣିବୁ ତିନିଗୁଣ ॥ 4
ଏ ଭାବେ ପ୍ରକୃତି ପ୍ରମାଣ । ତମ ସାତ୍ତ୍ୱିକ ରଜୋଗୁଣ ॥ 5

ଈଶ୍ୱର ନିତ୍ୟ ନିରଞ୍ଜନ । ନିର୍ଗୁଣ ସତ୍ୟ ସନାତନ ॥ 6
ଏଣେ ତାହାର ନାହିଁ ଭେଦ । ଶୁଣ କହିବା ତତ୍ୱବୋଧ ॥ 7
ଭକତି ଲକ୍ଷଣ ଶସ୍ୟଲେ । ସାଧିବ ଯେଉଁ ଗୁଣବଳେ ॥ 8
ସାତ୍ତ୍ୱିକ କରି ତୀକ୍ଷ୍ଣବଣ । ଜିଣିବ ରଜତମ ଗୁଣ ॥ 9
ନିର୍ମଳ ଚିତ୍ତ ହୃଦେ ଧରି । ଯେବେ ସୁଜନେ ସେବା କରି ॥ 10
ଏ ଭାବେ ସାତ୍ତ୍ୱିକ ନିର୍ଗୁଣ । କର୍ମେ ନାଶନ୍ତି ବେନିଗୁଣ ॥ 11
ନିର୍ଗୁଣ ନିତ୍ୟ ସନାତନ । ସେବିବ ଆଦି ନାରାୟଣ ॥ 12
ତେଣେ ଅଧର୍ମ କ୍ଷୟ ଯାଇ । ସାତ୍ତ୍ୱିକ ଜ୍ଞାନ ପ୍ରକାଶଇ ॥ 13
ଜନ୍ମ ଉଦକକାଳକର୍ମ । ଆଗମଶାସ୍ତ୍ର ପ୍ରଜାଜନ ॥ 14
ନିଶ୍ଚଳଧ୍ୟାନ ମନ୍ତ୍ର ଦେଶ । ଏ ଆଦି ସଂସ୍କାର ବିଶେଷ ॥ 15
ଏଣୁ ଏ ଯେତେ ବସ୍ତୁ ଜାତ । ଜାଣ ତୁ ତ୍ରିଗୁଣେ ଜଡ଼ିତ ॥ 16
ସାତ୍ତ୍ୱିକଭାବେ ଏହା ସାଧି । ସାଧୁ ପଣ୍ଡିତ ଶୁଦ୍ଧବୁଦ୍ଧି ॥ 17
ରଜ-ତାମସଗୁଣ ଦୁଇ । ଗୁରୁବଚନେ ଦୂରେ ଥୋଇ ॥ 18
ତେବେ ସାତ୍ତ୍ୱିକମୟ ଜ୍ଞାନ । ନିକଟେ ହୋଏ ଉତପନ୍ନ ॥ 19
କେବଳ ପରମାର୍ଥଶାସ୍ତ୍ର । ଅଭ୍ୟାସ କରୁଥିବ ନିତ୍ୟ ॥ 20
ତର୍କ-ପାଷଣ୍ଡଶାସ୍ତ୍ର ଯେତେ । ଅଭ୍ୟାସ ନ କରିବ ଚିତ୍ତ ॥ 21
ସୁଗନ୍ଧ ସୁଶୀତଳ ବାରି । ସୁଦୂରେ ସ୍ନାନ ପରିହରି ॥ 22
ସାତ୍ତ୍ୱିକମୟ ତୀର୍ଥ ଜଳେ । ସ୍ନାନ ମାର୍ଜନ ସାଧୁମେଳେ ॥ 23
ନିରତେ ଥାଇ ଶୁଦ୍ଧଚିତ୍ତେ । ତମ ରାଜସଜନ ଯେତେ ॥ 24
ତାହାଙ୍କୁ ନ କରିବ ସଙ୍ଗ । ସମୁଦ୍ରେ ଯେସନେ ତରଙ୍ଗ ॥ 25
ପବନ ବଳେ ଜନ୍ମ ହୋଇ । ନିର୍ମଳ ରୂପ ନ ଦିଶଇ ॥ 26
ଏଣୁ ଅସାଧୁ ସଙ୍ଗ ତେଜି । ନିତ୍ୟେ ସାତ୍ତ୍ୱିକ ଭାବେ ଭଜି ॥ 27
ଯେ ପ୍ରାଣୀ ଦ୍ୟୂତକ୍ରୀଡ଼ା ରତ । ଅସାଧୁ ସଙ୍ଗ ଅବିରତ ॥ 28
କେବେହେଁ ନ କରିବ ମେଳେ । ନିଶ୍ଚିନ୍ତେ ରହିବ ନିରୋଳେ ॥ 29
ସାତ୍ତ୍ୱିକମୟ ପୁଣ୍ୟଦେଶେ । ନିବାସ କରିବ ବିଶ୍ୱାସେ ॥ 30
ପୁଣ୍ୟ କରିବ ପୁଣ୍ୟକାଳେ । କାମନା ନ କରିବ ଫଳେ ॥ 31
ସାତ୍ତ୍ୱିକ ବିନା କର୍ମ ଯେତେ । କେବେହେଁ ନ କଳ୍ପିବ ଚିତ୍ତେ ॥ 32



ସାତ୍ତ୍ୱିକ କର୍ମମାତ୍ର କରି । ରଜ ତାମସ ପରିହରି ॥ 33
ଅପରେ ଯେତେ କାମ୍ୟକର୍ମ । ତେଣେ ନୋହିବ ମତିଭ୍ରମ ॥ 34
ବୈଷ୍ଣବଦୀକ୍ଷା ଶିବମତ । କରିବ ହୋଇ ଶୁଦ୍ଧଚିତ୍ତ ॥ 35
ଶାକ୍ତିକ ଆଦି କ୍ଷୁଦ୍ରଦୀକ୍ଷା । କେବେହେଁ ନ କରିବ ଶିକ୍ଷା ॥ 36
ସାତ୍ତ୍ୱିକେ ବିଷ୍ଣୁଧ୍ୟାନ କରି । ଗୃହ ସଂସାର ନ ସୁମରି ॥ 37
ବିଷ୍ଣୁର ମନ୍ତ୍ର ଉପଦେଶେ । ସାତ୍ତ୍ୱିକଜନଙ୍କ ବିଶ୍ୱାସେ ॥ 38
କେବଳ ସାତ୍ତ୍ୱିକ ସଂସାରେ । ଚିତ୍ତ ସାଧିବ ନିରନ୍ତରେ ॥ 39
ଶରୀର କର୍ମମାତ୍ର ଯେତେ । ବାହ୍ୟେ କରିବ ଲୋକମତେ ॥ 40
ଏ ଦଶବିଧି ବସ୍ତୁଜାତ । ଜାଣ ତୁ ତ୍ରିଗୁଣେ ଜଡ଼ିତ ॥ 41
ଏଣୁ ପଣ୍ଡିତଜନ ଯେତେ । କର୍ମ ସାଧନ୍ତି ସତ୍ତ୍ୱମତେ ॥ 42
ସାତ୍ତ୍ୱିକ ସେବା ତତପରେ । ସତ୍ତ୍ୱ ବଢଇ ନିରନ୍ତରେ ॥ 43
ତେଣେ ବିଶୁଦ୍ଧ ହୋଏ ମନ । ନିର୍ମଳ ପ୍ରକାଶଇ ଜ୍ଞାନ ॥ 44
ଯେସନେ ବନେ ବାଂଶ ବାଂଶେ । ଅନଳ ଉପୁଜେ ଘରଷେ ॥ 45
ସେ ବନ ଦହେ ତେଜବଳେ । ପୁଣି ସେ ଲିଭଇ ନିଶ୍ଚଳେ ॥ 46
ଏ ରୂପେ ଗୁଣମୟ ଦେହ । ଦହି ସାତ୍ତ୍ୱିକଭାବେ ରହ ॥ 47
ବିଷ୍ଣୁ ସ୍ମରଣେ ଚିତ୍ତ ଜଡ଼ି । ଭଜ ତୁ ସର୍ବଧର୍ମ ଏଡ଼ି ॥ 48
ଏମନ୍ତ ଶୁଣି କୃଷ୍ଣବାଣୀ । ଉଦ୍ଧବ ଯୋଡ଼ି ବେନିପାଣି ॥ 49

ଉଦ୍ଧବ ଉବାଚ

ବୋଲଇ ମନେ ପାଇ ଖେଦ । ଭୋନାଥ ଶୁଣିବା ଗୋବିନ୍ଦ ॥ 50
ବିଷୟ ଆପଦର ସ୍ଥାନ । ଭଲେ ଜାଣନ୍ତି ସର୍ବଜନ ॥ 51
ସକଳ ଶାସ୍ତ୍ର ମୁଖୁଁ ଶୁଣି । ଗୁରୁ ବଚନ ପରିମାଣି ॥ 52
ଦୁର୍ଜୟ ଲାଳସ ବିଷୟ । ପୁଣି ଭୁଞ୍ଜନ୍ତି କିପାଁ କହ ॥ 53
ଯେସନେ କରନ୍ତେ ଭର୍ତ୍ସନ । ଉଚ୍ଛିଷ୍ଟ ନ ଛାଡ଼ଇ ଶ୍ୱାନ ॥ 54
ଯେହ୍ନେ ଗଧୁଣୀ ପାଦ ଦୁଇ । ଗଧକୁ ପ୍ରହାରଇ ନେଇ ॥ 55
ଗଧ ଅଜ୍ଞାନ ଭାବ ଦେଖ । ପୁଣି ଧାମଇଁ ତା'ର ପାଖ ॥ 56
ଯେସନେ ଅତି ହିଁ ନିର୍ଲ୍ଲଜ । ପ୍ରାଣ ବିନାଶଠାରେ ଅଜ ॥ 57
ପୂଜାର ବେଲପତ୍ରିମାନ । ଖାଉଣ ଥାଇ ପୁଣପୁଣ ॥ 58

ଏଣୁ ସଂଶୟ ଚିତ୍ତ ମୋର । ଶୁଣି ବୋଲନ୍ତି ଦାମୋଦର ॥ 59

ଭଗବାନ ଉବାଚ

ଏ ଜୀବ ବହି ଅହଙ୍କାର । ବୋଲଇ ଏ ଦେହ ମୋହର ॥ 60
ରଜୋଗୁଣରୁ ଏ ପ୍ରକାଶ । ହୁଅନ୍ତେ ବୁଦ୍ଧି କରେ ଭ୍ରଂଶ ॥ 61
ସଙ୍କଳ୍ପ ବିକଳ୍ପ ଏ ବେନି । ନାନା ବିକାର ମନେ ଘେନି ॥ 62
ବେନି ସଂଯୋଗେ ମୋହ ଜଡ଼େ । ନାନା ପ୍ରକାରେ କାମ ବଢେ ॥ 63
କୁମତିଜନଙ୍କର ମନେ । ପ୍ରକାଶେ ନାନା କୁସାଧନେ ॥ 64
ନିରତେ କାମବଶ ହୋଇ । କର୍ମ କରନ୍ତି ମୋହ ବହି ॥ 65
ଏମନ୍ତେ ବୁଦ୍ଧି ହୋଏ ଭ୍ରମ । ନ ମଣେ ହାନି ଲାଭ କର୍ମ ॥ 66
କେବଳ ଦୁଃଖ ମାତ୍ର ସାର । ଏ କଥା ନ ବୁଝେ ପାମର ॥ 67
ମିଥ୍ୟାଭିଳାଷେ ମନ ଗ୍ରସ୍ତ । ରାଜସଗୁଣେ ବିମୋହିତ ॥ 68
ମୁଖେ ଉପମା କେତେ ଦେବା । ଯେଣେ ଭ୍ରମନ୍ତି ସୁରଦେବା ॥ 69
ଏ ରୂପେ ଅନେକ ଭ୍ରମନ୍ତି । ଏ କଥା ସାଧବେ ବୁଝନ୍ତି ॥ 70
ଏ କଥା ବୁଝି ସାଧୁଜନ । ମନ କରନ୍ତି ସଞ୍ଚମନ ॥ 71
ବିଷୟ ସଙ୍ଗ ଦୁଃଖରାଶି । ଏଣେ ନୁହଁନ୍ତି ଚିତ୍ତଗ୍ରାସି ॥ 72
ସାତ୍ତ୍ୱିକେ ମୋର ପାଦସେବା । ଏ କଥା ବୁଝନ୍ତି ସାଧବା ॥ 73
କ୍ରମେ ଅଭ୍ୟାସି ସତ୍ତ୍ୱଗୁଣ । ସମର୍ପି ମୋ' ଚରଣେ ମନ ॥ 74
ସାତ୍ତ୍ୱିକଗୁଣ ମନେ ଧରି । ସାଧିବ ଅଳ୍ପ ଅଳ୍ପ କରି ॥ 75
ଅଭ୍ୟାସେ ନବଦ୍ୱାର ରୁନ୍ଧି । ମନ ପବନ ହୃଦେ ଛନ୍ଦି ॥ 76
ଆହାର ଜିଣିବ ଆସନେ । ମନ ନିବେଶି ମୋର ଧ୍ୟାନେ ॥ 77
ସର୍ବ ବିଷୟରସୁ ମନ । ଅଭ୍ୟାସେ କରିବ ବନ୍ଧନ ॥ 78
ଆନନ୍ଦ-ରଜ୍ଜୁ ଦେଇ ଗଳେ । ବାନ୍ଧିବ ମୋ ପାଦକମଳେ ॥ 79
ପୂର୍ବେ ଏ ଯୋଗ ଅଭ୍ୟାସନେ । ମୁହିଁ କହିଲି ଶିଷ୍ୟଗଣେ ॥ 80
ସନକ ଆଦି ଚାରିଜଣ । ବିଶେଷେ ବ୍ରହ୍ମାଙ୍କ ନନ୍ଦନ ॥ 81
ସେ ମୋର ତହୁଁ ଶୁଣି ଏହା । ପରମଯୋଗରେ ସେନେହା ॥ 82
ଅଭ୍ୟାସ କରି ଏହୁ ଜ୍ଞାନ । ଫିଟିଲା ମାୟାମୋହ ଛନ୍ନ ॥ 83
ଆନନ୍ଦଭାବେ ତରିଗଲେ । ଭଜିଣ ମୋ' ପାଦକମଳେ ॥ 84



ଉଦ୍ଧବ କୃଷ୍ଣବାକ୍ୟ ଶୁଣି । ଭାବେ ବୋଲଇ ମନେ ଗୁଣି ॥ 85

ଉଦ୍ଧବ ଉବାଚ

ଭୋ ନାଥ ପ୍ରଭୁ ଭଗବାନ । ଏଣେ ସଂଶୟ ମୋର ମନ ॥ 86
କାହିଁ ତୁ ବସି କେଉଁଠାବେ । ବ୍ରହ୍ମାର ପୁତ୍ରଙ୍କ ପ୍ରସ୍ତାବେ ॥ 87
କି ରୂପେ ଧରି ତୁ ଶରୀର । ଯୋଗ କହିଲୁ ଦାମୋଦର ॥ 88
ତୋହର ଦୟା ଯେବେ ମୋତେ । ସେ ଯୋଗ କହ ମୋ' ଅଗ୍ରତେ ॥ 89
ଏମନ୍ତ ଶୁଣି ତା ବଚନ । ବୋଲନ୍ତି ଦେବକୀନନ୍ଦନ ॥ 90

ଉଦ୍ଧବ ଉବାଚ

ଶୁଣ ଉଦ୍ଧବ ସାଧୁ ଧୀର । ସେ ଚାରି ବ୍ରହ୍ମାଙ୍କ କୁମର ॥ 91
ପିତାର ପାଦେ ହସ୍ତ ଦେଇ । ଯୋଗ ପୁଛିଲେ ଚାରିଭାଇ ॥ 92
ଭୋ ତାତ ଶୁଣ ଦେବବର । ଦୁସ୍ତର ଏ ଭବସାଗର ॥ 93
ପ୍ରାଣୀ ଅଛନ୍ତି ଏଥେ ମଜ୍ଜି । ବିଷ୍ଣୁମାୟାକୁ ସତ୍ୟ ବୁଝି ॥ 94
ସ୍ଥାବର ଆଦି ଜନ୍ତୁ ଯେତେ । ଏ ମାୟା ତରିବେ କେମନ୍ତେ ॥ 95
ପ୍ରାଣୀଙ୍କ ମନ ମାୟାସଙ୍ଗେ । ନାନା ପ୍ରପଞ୍ଚ ସଂଚେ ରଙ୍ଗେ ॥ 96
ଲାଳସ ବିଷୟ ଗୋଚରେ । ଚିତ୍ତ ନିବେଶି ନିରନ୍ତରେ ॥ 97
ଏଣୁ ବିଷୟ ଚିତ୍ତ ମଧ୍ୟେ । ପ୍ରବେଶ କରେ ଭାବ ଭେଦେ ॥ 98
ଅନ୍ୟୋନ୍ୟ ଭାବେ ଚିତ୍ତ ଜଡ଼େ । କେବେହେଁ ସଙ୍ଗ ତା' ନ ଛାଡ଼େ ॥ 99
ସେ ସଙ୍ଗ ତୁଟଇ କେମନ୍ତେ । ପ୍ରସନ୍ନେ କହ ତାତ ଏତେ ॥ 100
କି ରୂପେ ତାରଣ ଉପାୟେ । ଭୋ ନାଥ ପୁଚ୍ଛୁଁ ତୋ'ର ପାୟେ ॥ 101
ପୁତ୍ରଙ୍କ ବାକ୍ୟ ଶୁଣି କର୍ଣ୍ଣେ । ବିଧାତା ବେଦ ଅନୁମାନେ ॥ 102
ଚିନ୍ତି ନ ପାରି ଦୁଃଖମନେ । ବସିଲା ନିଶ୍ଚଳ ଆସନେ ॥ 103
ସମାଧି କରି ଚିନ୍ତେ ମୋତେ । ସଂଶୟ ଜାଣିବା ନିମନ୍ତେ ॥ 104
ବ୍ରହ୍ମାର ଧ୍ୟାନବଳେ ମୁହିଁ । ମିଳିଲି ହଂସରୂପ ହୋଇ ॥ 105
ବ୍ରହ୍ମାଙ୍କୁ ଦେଖା ଦେଲି ତହିଁ । ତକ୍ଷଣେ ମୋ'ର ରୂପ ଚାହିଁ ॥ 106
ବେଗେ ବ୍ରହ୍ମାର ପୁତ୍ରଗଣେ । ନମିଲେ ମୋହର ଚରଣେ ॥ 107
ତକ୍ଷଣେ କରି ଅବଧାନ । ମୋତେ ପୁଛିଲେ ବିଦ୍ୟମାନ ॥ 108
ଭୋ ହଂସ କେଣେ ତୋ' ବିଶ୍ରାମ । କେ ତୁମ୍ଭେ କିବା ତୁମ୍ଭ ନାମ ॥ 109

କିବା କାରଣେ କିସ ଅର୍ଥେ । ଏଥେ ମିଳିଲ ଶୂନ୍ୟପଥେ ॥ 110
ନିଶ୍ଚେ ଜାଣିବା ଅର୍ଥେ ମୋତେ । ପୁଛିଲେ ବ୍ରହ୍ମା-ଚାରିସୁତେ ॥ 111
ତାହାଙ୍କ ପ୍ରଶ୍ନ ମୁହିଁ ଶୁଣି । ଯାହା କହିଲି ପରିମାଣି ॥ 112
ଶୁଣ କହିବା ତୋ'ର ଆଗେ । ଆତ୍ମା ପ୍ରସନ୍ନ ଅନୁରାଗେ ॥ 113
ବସ୍ତୁ ବିଚାରେ ଆତ୍ମା ଏକ । କେବେହେଁ ନୁହଁଇ ଅନେକ ॥ 114
ତୁମ୍ଭର ପ୍ରଶନ ପ୍ରସ୍ତାବ । କହିବା ଯେମନ୍ତେ ଜାଣିବ ॥ 115
ସର୍ବଶରୀର ପଞ୍ଚଭୂତେ । ରଚିତ ଏ ମାୟା ଜଗତେ ॥ 116
ସକଳ ଦେହେ ଏକ ଧର୍ମ । ସକଳ ଦେହେ ଏକ ବ୍ରହ୍ମ ॥ 117
କେ ବୋଲି ପଚାରିଲେ ମୋତେ । ଏ ପ୍ରଶ୍ନ ଘଟିବ କେମନ୍ତେ ॥ 118
ତାହା କହିବା ତୁମ୍ଭେ ଶୁଣ । ମୁହିଁଟି ପ୍ରଭୁ ନାରାୟଣ ॥ 119
ହୃଦୟେ ଯାହା ପରିମାଣି । ଯେ କିଛି ଶୁଣି ମୁଖେ ଭଣି ॥ 120
ଇନ୍ଦ୍ରି-ଗୋଚରେ ମନ ବୁଦ୍ଧି । ଯେ ଭୋଗ ବିଷୟ ପ୍ରସିଦ୍ଧି ॥ 121
ଏ ସର୍ବ ମୋହର ଆୟତ୍ତ । ମୋ' ବିନୁ କିଛି ନୋହେ ସତ୍ୟ ॥ 122
ମୁଁ ସର୍ବ ବିଷୟ ଗୋଚର । ମୋ ତହୁଁ ଆତ୍ମା ନୋହେ ପର ॥ 123
ଜୀବ ସ୍ୱରୂପେ ସର୍ବଦେହେ । ମୁଁ ଥାଇ ସକଳ ବିଷୟେ ॥ 124
ବିଷୟ ମୋର ଦେହେ ପଶେ । ତେଣୁ ଇନ୍ଦ୍ରିୟ ରସେ ରସେ ॥ 125
ଏ ଦେହ ମାତ୍ର ଚିତ୍ରଗତି । ବିଷୟ-ବାସନା ସମ୍ଭୂତି ॥ 126
ଦୁର୍ଜୟ ବିଷୟ ବାସନା । କେ ତାହା ଖଣ୍ଡିପାରେ କିନା ॥ 127
ବିଷୟ ସେବନେ ନିରତେ । ମଜ୍ଜଇ ଚିତ୍ତ ଅନୁବ୍ରତେ ॥ 128
ବିଷୟ ଧ୍ୟାନେ ଚିତ୍ତ ଜଡ଼େ । ତ୍ରିଗୁଣ ମାୟା ନିତ୍ୟେ ବଢ଼େ ॥ 129
ଏଣୁ ଯେ ମୋହର ଚରଣେ । ଆଶ୍ରେ କରନ୍ତି ଦାସପଣେ ॥ 130
ସେ ପ୍ରାଣୀ ବେନି ପରିହରେ । ବିଷୟ ବାସନା ନ ସରେ ॥ 131
ଜାଗ୍ରତ ସ୍ୱପନ ସୁଷୁପ୍ତି । ଗୁଣହୁଁ ତିନି ବୁଦ୍ଧି ବୃତ୍ତି ॥ 132
ସର୍ବଶରୀରେ ସାକ୍ଷୀରୂପେ । ଏ ଜୀବ ବସଇ ପ୍ରତ୍ୟକ୍ଷେ ॥ 133
ଭୂତ-ଭବିଷ୍ୟ-ବର୍ତ୍ତମାନେ । ଏ ଜୀବ ଥାଇ ସର୍ବସ୍ଥାନେ ॥ 134
ବସଇ ସକଳ ଶରୀରେ । ଏ ସତ୍ୟ ଅନ୍ତର ବାହାରେ ॥ 135
ସର୍ବ ଶରୀରେ ନିରପେକ୍ଷେ । ମୋ' ରୂପ ଦେଖିବ ପ୍ରତ୍ୟକ୍ଷେ ॥ 136



ଅନାଦି ଅବିଦ୍ୟାରେ ବନ୍ଦୀ । କର୍ମ ବାସନା ବଳେ ଛନ୍ଦି ॥ 137
ସତ୍ତ୍ୱାଦି ହେତୁ ତିନିଗୁଣ । ଏ ମାୟା ଦେହର କାରଣ ॥ 138
ଏମନ୍ତଜାଣଇଁ ସେ ଯେବେ । ତ୍ରିଗୁଣ ବାହାର ସେ ତେବେ ॥ 139
ଏଣୁ ନିର୍ଗୁଣ ଆତ୍ମା କରେ । ସକଳ ଜନ୍ମ ପାପ ହରେ ॥ 140
ମୋର ଚରଣେ ଚିତ୍ତ ବଳେ । ନିବେଶି ସମାଧି ନିଶ୍ଚଳେ ॥ 141
ସହଜ ଚିତ୍ତ ଦୃଢ଼ କରେ । ବିଷୟରସ ନ ସୁମରେ ॥ 142
ବିଅର୍ଥ-ଅହଙ୍କାରେ ମନ । ଜୀବର ସଂସାର ବନ୍ଧନ ॥ 143
ମାୟାସଂସାର ଘୋରବନେ । ଏ ଜୀବଭ୍ରମେ ଅକାରଣେ ॥ 144
ଏଣୁ ପଣ୍ଡିତ ସାଧୁଜନ । ମୋ' ଦେହେ ଦେଇ ବୁଦ୍ଧି ମନ ॥ 145
ସଂସାର ଚିନ୍ତା ଦୂର କରେ । ଚିତ୍ତେ ମୋ' ଚରଣ ସୁମରେ ॥ 146
ଯାବତ ନାନାକର୍ମ ଚିନ୍ତେ । ଏ ଜୀବ ଭ୍ରମଇଁ ନିରତେ ॥ 147
ତାବତ ଘୋରଦୁଃଖେ ମନ । ଜାଣି ନ ଜାଣେ ମୂଢ଼ଜନ ॥ 148
ଜ୍ଞାନ-ଅଜ୍ଞାନ ମାର୍ଗ ଦୁଇ । ସ୍ୱପ୍ନ ଦୃଷ୍ଟାନ୍ତେ କହିବଇଁ ॥ 149
ଯେସନେ ସ୍ୱପ୍ନେ ନାନା ଅର୍ଥ । ନିଦ୍ରାରେ ମଣେ ତାହା ସତ୍ୟ ॥ 150
ସେ ପୁଣି ନିଦ୍ରା ଅବସାନେ । ସକଳ ମିଥ୍ୟା କରି ମଣେ ॥ 151
ସେ ରୂପେ ଦେହ-ଧର୍ମ ଯେତେ । ବର୍ଣ୍ଣ ଆଶ୍ରମ ଅନୁମତେ ॥ 152
କର୍ମେ ସ୍ୱର୍ଗାଦି ଫଳ ପାଇ । ଏ ସର୍ବ ସତ୍ୟ ନୋହେ କେହି ॥ 153
ଯେ ପ୍ରାଣୀ ସ୍ଥୂଳ ଦେହଗତେ । ଇନ୍ଦ୍ରିୟଭୋଗ ନାନାମତେ ॥ 154
କରଇ ଅନୁକ୍ଷଣେ ପ୍ରୀତି । ଜାଗ୍ରତେ ସ୍ୱପ୍ନେ ତା' ଭୁଞ୍ଜନ୍ତି ॥ 155
ଆତ୍ମା ସମ୍ବନ୍ଧ ନାହିଁ ତେଣେ । ଏ ସର୍ବ ଉପାଧି ତ୍ରିଗୁଣେ ॥ 156
ଏମନ୍ତ ଅନୁମାନି ଚିତ୍ତେ । ସହଜ ଦୁଃଖସୁଖ ପଥେ ॥ 157
ତେଜିଣ ହରଷ ବିଷାଦ । ସଂସାର-ବାସନା-ପ୍ରମାଦ ॥ 158
ଅଧର୍ମ କୁଟ ବାଦବୁଦ୍ଧି । ଏ ସର୍ବ ଛେଦ ଜ୍ଞାନ ସାଧି ॥ 159
ସାଧୁଙ୍କ ମୁଖାମୃତ ବାଣୀ । ଜ୍ଞାନ ଖଡ଼୍ଗ କରେ ଘେନି ॥ 160
ଗୁରୁବଚନ ଅନୁରାଗେ । ଚିତ୍ତ ବଡ଼ିମା କାଟ ବେଗେ ॥ 161
ସର୍ବ ସଂଶୟ ମନୁ ତେଜ । କେବଳ ଭାବେ ମୋତେ ଭଜ ॥ 162
ମନ ବିଳାସ ଏ ଜଗତ । ଗଗନେ ବିଜୁଳି ଯେମନ୍ତ ॥ 163

ଅତି ଚଞ୍ଚଳ ଅତି ଲୋଳ । ଯେସନେ ପ୍ରକାଶେ ଅନଳ ॥ 164
ଏକତ୍ୱ ବ୍ରହ୍ମଜ୍ଞାନମୟ । ପ୍ରକାଶେ ବହୁରୂପ ପ୍ରାୟ ॥ 165
ଅନିତ୍ୟ ସଂସାର ଗହନ । ଏହା ତୁ ଚିତ୍ତେ ଅନୁମାନ ॥ 166
ତୁମ୍ଭେ ଯେ ବୋଲ ସର୍ବଦେହେ । ଏ ଭେଦ ଦୃଷ୍ଟି ସର୍ବଠାଏଁ ॥ 167
ଏ ଦୃଷ୍ଟି ନିବର୍ତ୍ତଇ ଯେବେ । ଆତ୍ମା ପ୍ରକାଶ ହୋଏ ତେବେ ॥ 168
ଆତ୍ମାର ସୁଖ ପୂର୍ଣ୍ଣକରେ । ଅନନ୍ତ ବାସନାରୁ ତରେ ॥ 169
ସକଳ ଚେଷ୍ଟା ପରିହରେ । ଆନନ୍ଦସାଗରେ ବିହରେ ॥ 170
ଏଣୁ ସେ ଜ୍ଞାନୀଜନ ଯେତେ । ଭଜନ୍ତି ମୋ'ର ପାଦଗତେ ॥ 171
ଭକତିରସ ମଦେ ଲୀନ । ଜଗତେ ସିଦ୍ଧ ଯୋଗୀଜନ ॥ 172
କେବଳ ନିଜ ଦେହ ଚିନ୍ତି । ଅଛି କି ନାହିଁ ନ ଜାଣନ୍ତି ॥ 173
ମଦ୍ୟପ ଯେହ୍ନେ ମଦ୍ୟ ଖାଇ । ସତ୍ୟ ଅସତ୍ୟ ନ ଜାଣଇ ॥ 174
କେବଳ ସୁଖ ମଦ୍ୟପାନେ । ଅଜ୍ଞାନେ ଘୂର୍ମିତ ଲୋଚନେ ॥ 175
ଅଛି କି ନାହିଁ ନିଜ ଦେହୀ । ଉଭୟ ମତ ନ ଜାଣଇ ॥ 176
ଜ୍ଞାନୀ ଏମନ୍ତ ରସେ ରସେ । ସୁଖ ସମୁଦ୍ରେ ନିତ୍ୟେ ଭାସେ ॥ 177
ଅଦୃଷ୍ଟବଶ ଏ ଶରୀର । ଯାବତ କର୍ମର ବେଭାର ॥ 178
ଏ ଭାବଦେଖି ସିଦ୍ଧଜନେ । ଆଦର ନ କରନ୍ତି ମନେ ॥ 179
ସ୍ୱପନ ଅନୁଭବ ମତ । ମଣଇଁ ଜ୍ଞାନୀ ଯୋଗୀ ଚିତ୍ତ ॥ 180
ଶୁଣ ହେ ସନକାଦି ଜନ । ତୁମ୍ଭେ ଯେ ବ୍ରହ୍ମାଙ୍କ ନନ୍ଦନ ॥ 181
ପରମ ସାଂଖ୍ୟଯୋଗ ମାର୍ଗ । ଭାବେ କହିଲି ତୁମ୍ଭ ଆଗ ॥ 182
ସର୍ବ ଆଶ୍ରୟ ଯେଣୁ ମୁହିଁ । ଯଜ୍ଞେ ସକଳ ହବି ଖାଇ ॥ 183
ଏଣୁ ମୁଁ ସର୍ବଯଜ୍ଞପତି । ମୁଁ ସାଂଖ୍ୟରୂପେ ସତ୍ୟବ୍ରତୀ ॥ 184
ଏ ଧର୍ମ ପ୍ରକାଶ କାରଣେ । ମିଳିଲି ତୁମ୍ଭ ସନ୍ନିଧାନେ ॥ 185
ଯେଣୁ ମୁଁ ପରମ ଆଶ୍ରୟ । ସର୍ବ ଜଗତ ମୋର ଦେହ ॥ 186
ସକଳ ଗଜପତି ସାର । ମୁଁ ଜୀବ ଆତ୍ମାର ଗୋଚର ॥ 187
ସାତ୍ତ୍ୱିକ ରଜତମ ଗୁଣ । ମୋର କିଙ୍କର ଏ ପ୍ରମାଣ ॥ 188
ସକଳ ଶରୀରେ ମୁଁ ପୂରି । ମୁଁ ବନ୍ଧୁପ୍ରିୟ ଅଧିକାରୀ ॥ 189
ଅନନ୍ତଶକ୍ତି ମୁଁ କାରଣ । ମୁଁ ନିରପେକ୍ଷ ମୁଁ ନିର୍ଗୁଣ ॥ 190



ଅଣିମା ଆଦି ନିଧି ମୋର । ଏଣୁ ମୁଁ ବୋଲଇ ଈଶ୍ୱର ॥ 191
ସକଳ ମୋହର କିଙ୍କର । ଏଣୁ ମୋ' ନାହିଁ ନିଜ ପର ॥ 192
ତୁମ୍ଭେ ଯେ ବ୍ରହ୍ମାଙ୍କର ସୁତ । ଏଣୁ ମୁଁ ଜାଣି ତୁମ୍ଭ ଚିତ୍ତ ॥ 193
ବ୍ରହ୍ମାର ଧ୍ୟାନ ମନେ କରି । ମିଳିଲି ହଂସରୂପ ଧରି ॥ 194
ପରମଯୋଗ ତୁମ୍ଭ ଆଗେ । ମୁହିଁ କହିଲି ଅନୁରାଗେ ॥ 195
ଏ ଯୋଗ ଶୁଣି ଚିତ୍ତେ ଧର । ସଂସାର ପର୍ଯ୍ୟଟନ କର ॥ 196
ଏମନ୍ତେ ପ୍ରଭୁ ବାସୁଦେବ । ବୋଲନ୍ତି ଶୁଣ ହେ ଉଦ୍ଧବ ॥ 197
ବ୍ରହ୍ମାର ପୁତ୍ର ଚାରିଜଣ । ସାନନ୍ଦ ଶୁଣି ମୋ' ବଚନ ॥ 198
ସର୍ବସଂଶୟ କଲ ଦୂର । ଆନନ୍ଦେ ଧରି ମୋ' ପୟର ॥ 199
ସ୍ତୁତି ବଚନ ଅନୁବାଦେ । ଭାବେ ପୂଜିଲେ ମୋ'ର ପାଦେ ॥ 200
ବ୍ରହ୍ମାଙ୍କୁ କରି ଅବଧାନ । ମୁଁ ତହୁଁ ହେଲି ଅନ୍ତର୍ଦ୍ଧାନ ॥ 201
ଏମନ୍ତ କହନ୍ତେ ଅଚ୍ୟୁତ । ଶୁଣି ଉଦ୍ଧବ କୃତକୃତ୍ୟ ॥ 202
ଆନନ୍ଦେ କୃଷ୍ଣପାଦ ଧରି । ରୋମପୁଲକ ତନୁ କରି ॥ 203
ଶ୍ରୀଏକାଦଶେ ଭାଗବତ । ଭକ୍ତିଯୋଗର ଶୁଦ୍ଧତତ୍ତ୍ୱ ॥ 204
କୃଷ୍ଣସନ୍ଦେଶ ବ୍ରହ୍ମରସ । କହଇ ଦାସ ଜଗନ୍ନାଥ ॥ 205

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଚତୁର୍ଦ୍ଦଶୋଽଧ୍ୟାୟଃ ॥

## ପଞ୍ଚଦଶ ଅଧ୍ୟାୟ

କୃଷ୍ଣଚରଣ ଧରି କରେ । ଉଦ୍ଧବ ବୋଲଇ ସଧୀରେ ॥ 1

ଉଦ୍ଧବ ଉବାଚ

ଭୋ ନାଥ କମଳଲୋଚନ । ଶୁଣି ମୁଁ ତୋହର ବଚନ ॥ 2
ସଂଶୟ କରି ହୃଦଗତେ । ଏବେ ମୁଁ ପଚାରଇ ତୋତେ ॥ 3
ଭକ୍ତି ଲକ୍ଷଣ ଧର୍ମ ଯେତେ । ତୁମ୍ଭେ କହିଲ ସର୍ବ ମୋତେ ॥ 4
ଯେତେ ପ୍ରକାରେ ତାହା ସାଧି । ଭକ୍ତି ଲକ୍ଷଣ ନାନାବିଧି ॥ 5
ଜଗତେ ବିପ୍ରଛନ୍ତି ଯେତେ । ମୋକ୍ଷ ଲକ୍ଷଣ ବେଦମତେ ॥ 6
ନାନା ପ୍ରକାରେ ସେ କହନ୍ତି । ଏଣୁ ଲାଗିଲା ମୋତେ ଭ୍ରାନ୍ତି ॥ 7
ମୋକ୍ଷ ଲକ୍ଷଣ ଧର୍ମ ଏକ । କି ଅବା ଅଛଇ ଅନେକ ॥ 8

କି ଅବା ସକଳ ପ୍ରମାଣ । ସଂଶୟ ଛେଦ ନାରାୟଣ ॥ 9
ଏ ସର୍ବ ତୁମ୍ଭର ଗୋଚର । ଭକତି ବିନୁ ନାହିଁ ସାର ॥ 10
ତୁମ୍ଭେ ଯେ ସର୍ବ କହ ମୋତେ । ଚିତ୍ତେ ମୁଁ ଧରିବି କେମନ୍ତେ ॥ 11
ବୋଲ ଯେ ସର୍ବଧର୍ମ ତେଜ । ନିଶ୍ଚଳେ ମୋର ପାଦେ ଭଜ ॥ 12
ଏହିଟି ସର୍ବ ମୋକ୍ଷଧର୍ମ । ଏଣେ ଖଣ୍ଡଇ ଭବଭ୍ରମ ॥ 13
ତୁମ୍ଭର ବଚନୁ ଅଧିକେ । ବିପ୍ରେ କହନ୍ତି ଏକେ ଏକେ ॥ 14
ନାନା ପ୍ରକାରେ ସେ କହନ୍ତି । ବେଦପୁରାଣ ଭାବେ ଚିନ୍ତି ॥ 15
ଏକାନ୍ତ ଭକତି ଲକ୍ଷଣ । ସତ୍ୟ ବା ସକଳ ପ୍ରମାଣ ॥ 16
ଏଣୁ ସଂଶୟ ମୋ'ର ଚିତ୍ତେ । ନିଶ୍ଚୟ କହ ନାଥ ମୋତେ ॥ 17
ଏମନ୍ତ ତା'ର ବୋଲ ଶୁଣି । ହସି ବୋଲନ୍ତି ଚକ୍ରପାଣି ॥ 18

ଭଗବାନ ଉବାଚ

ଉଦ୍ଧବ ଏକମନେ ଶୁଣ । ଯେ ଆଦି ପରମ କାରଣ ॥ 19
ବେଦବଚନ ସୃଷ୍ଟି ଅନ୍ତେ । ପ୍ରଳୟ ନାଶିଲା ଜଗତେ ॥ 20
ପୁଣି ସଂସାର ଆଦିକାଳେ । ମୁହିଁ ବ୍ରହ୍ମାଙ୍କୁ ଯୋଗବଳେ ॥ 21
କହିଲି ସର୍ବବେଦ ବାଣୀ । ସେ ବ୍ରହ୍ମା ନିଜପୁତ୍ରେ ଆଣି ॥ 22
ନାମ ତା' ସ୍ୱାୟମ୍ଭୁବ ମନୁ । ଦ୍ୱିତୀୟେ ପଦ୍ମଯୋନି ତନୁ ॥ 23
ତାହାକୁ ସର୍ବବେଦ ଦେଲା । ସେ ପୁଣି ଧରି ନ ପାରିଲା ॥ 24
ଥିଲେ ଯେ ସପ୍ତରଷିଗଣେ । ତାହାଙ୍କୁ ଦେଲେ ଜଣେ ଜଣେ ॥ 25
ଭୃଗୁ ଅଙ୍ଗିରା ଆଦିକରି । ଅଭ୍ୟାସେ ବେଦ ସେ ବିସ୍ତାରି ॥ 26
ସେ ପୁଣି ପିତୃଗଣ ମଧ୍ୟେ । ବେଦ ପ୍ରକାଶିଲେ ଆନନ୍ଦେ ॥ 27
ସେ ପିତୃଗଣେ ତାହା ଧରି । ଅଭ୍ୟାସେ ଅଭ୍ୟାସ ବିସ୍ତାରି ॥ 28
ସେ ପୁଣି ଗୁହ୍ୟକ ଚାରଣେ । ଆନନ୍ଦେ ଦେଲେ ସାଧୁପଣେ ॥ 29
ମନୁଷ୍ୟ ସିଦ୍ଧ ବିଦ୍ୟାଧର । ରାକ୍ଷସ ଗନ୍ଧର୍ବ କିନ୍ନର ॥ 30
କିଂଦେବ ଯକ୍ଷ ନାଗ କପି । କ୍ରମେ ଏହାଙ୍କ ମଧ୍ୟେ ବ୍ୟାପି ॥ 31
ଏ ରୂପେ ସର୍ବ ମୁଖେ ଭଣି । ମୁଁ ତାହା ଦୂରେ ଥାଇ ଶୁଣି ॥ 32
ବେଦୁଁ ହୋଇଲା ନାନାଗତି । ତା' ତତ୍ତ୍ୱ କେହି ନ ଜାଣନ୍ତି ॥ 33
ସ୍ୱଭାବେ ତ୍ରିଗୁଣେ ଯନ୍ତ୍ରିତ । ଏଣୁ ପ୍ରକୃତି ଭିନ୍ନ ମତ ॥ 34



ଯାହାକୁ ଯେମନ୍ତ ଦିଶଇ । ସେ ଭାବେ ବେଦ ସେ ବୋଲଇ॥ 35
ଏଣୁ ପ୍ରକୃତି ଭିନ୍ନ ମତେ । ଅର୍ଥ ନ ଜାଣନ୍ତି ସମସ୍ତେ ॥ 36
କେହୁ ପାଷାଣ୍ଡମତେ ଜାଣି । କୁତର୍କ ଖଣ୍ଡେ କେ ବଖାଣି ॥ 37
ଭାବ ନ ଲଭି ଛନ୍ନମତି । ସ୍ତିରୀସଙ୍ଗମ ଭାବେ ଚିନ୍ତି ॥ 38
ତତ୍ତ୍ୱେ ନ ମଜ୍ଜି ମାୟାଗ୍ରାହି । ତେଣୁ ପାଷଣ୍ଡ ଭେଦ ହୋଇ ॥ 39
ଏମନ୍ତ ଭାବେ ନାନାମତେ । ବେଦ ବିଚାରନ୍ତି ଜଗତେ ॥ 40
ଏ ରୂପେ ଶ୍ରଦ୍ଧା ଅନୁମତେ । ମୋହର ମାୟାରେ ମୋହିତେ ॥ 41
ଯେ ଯାହା ଶ୍ରେୟ ଚିନ୍ତି ଚିତ୍ତେ । କର୍ମ କରନ୍ତି ନାନାମତେ ॥ 42
ଫଳଇ କର୍ମ ଅନୁସାରେ । ବିପାକ ଲଭନ୍ତି ସଂସାରେ ॥ 43
କେ ଧର୍ମ ମାର୍ଗ ଆଚରନ୍ତି । କେ ଅବା କାମ୍ୟକର୍ମ ଚିନ୍ତି ॥ 44
କେ ସତ୍ୟ ଶମ ଦମ ଦାନେ । କେ ଯଜ୍ଞ ତପ ଅନୁମାନେ ॥ 45
କାହାର ଚିତ୍ତେ ତ୍ୟାଗ ଭୋଗ । କେ ଅଷ୍ଟଐଶ୍ବର୍ଯ୍ୟ ସଂଯୋଗ ॥ 46
କେ ବ୍ରତ ନିୟମ ଆଚରେ । ଏମନ୍ତେ ଅନେକ ପ୍ରକାରେ ॥ 47
କର୍ମ ସାଧନ୍ତି ଫଳ ଲୋଭେ । ଗୁଣ ବୈଭବ କ୍ରିୟାଦମ୍ଭେ ॥ 48
ଏମନ୍ତେ ଯେତେ ଫଳ ସାଧି । ସୁଖ ସମ୍ପଦ ନାନାବିଧି ॥ 49
ଅନ୍ତେ ସକଳ ହୋନ୍ତି ନାଶ । କେବେହେଁ ନାହିଁ ସୁଖଲେଶ ॥ 50
କର୍ମ ସରିଲେ ଫଳକ୍ଷୟେ । କେବଳ କ୍ଲେଶ ମାତ୍ର ରହେ ॥ 51
ଏଣୁ ସଂସାର-ଘୋରବନେ । ବୃଜିନ-ଅନଳ ଦହନେ ॥ 52
ପ୍ରାଣୀଏ ହୋନ୍ତି ଆତଯାତ । ନ ବୁଝି ବେଦର ବୃତ୍ତାନ୍ତ ॥ 53
ଏ ବୋଲ ବୁଝି ତୁ ନିରତେ । କେବଳ ଆଶ୍ରେ କର ମୋତେ ॥ 54
ମୁଁ ଆତ୍ମା ପ୍ରିୟସଖା ହୋଇ । ସକଳ କର୍ମଫଳ ଦେଇ ॥ 55
ମୁଁ ଗତି ପତି ହିତକର୍ତ୍ତା । ମୁହିଁ ସେ ସର୍ବଲୋକ ପିତା ॥ 56
ମୋତେ ଭଜନ୍ତି ପ୍ରାଣୀ ଯେତେ । ସୁଖେ ସେ ତରନ୍ତି ନିଶ୍ଚିନ୍ତେ ॥ 57
ଜନ୍ମ ମରଣେ ନାହିଁ ଭ୍ରାନ୍ତି । ହେଲେ ସଂସାରୁ ତରିଯା'ନ୍ତି ॥ 58
ବିଷୟ ସୁଖେ ଯା'ର ଚିତ୍ତ । ମୋର ଭଜନେ ସେ ବଂଚିତ ॥ 59
ଯେ ପ୍ରାଣୀ ଅକିଞ୍ଚନ ମତ । ଶମ ସୁଶାନ୍ତ ଦାନ୍ତଚିତ୍ତ ॥ 60
ମୋର ଆନନ୍ଦରସେ ରସେ । ସୁଖସମୁଦ୍ରେ ନିତ୍ୟେ ଭାସେ ॥ 61

ଭିକ୍ଷୁକ ପଣେ ଶାନ୍ତ ହୋଇ । ମୋର ଚରିତ ଗୁଣ ଗାଇ ॥ 62
ଆନନ୍ଦେ ବିହରେ ସଂସାରେ । ଭିକ୍ଷୁକ ଗୁଣ ମୋ' ସୋଦରେ ॥ 63
ମୁଁ ଯାକୁ ହୁଅଇ ସଦୟ । ତାହାର କାହିଁ ଦୁଃଖ ଭୟ ॥ 64
ଦେଖଇ ଅନ୍ତର ବାହାରେ । ସକଳ ସୁଖ ସବୁ ଠାରେ ॥ 65
ମୋହର ଭାବେ ଯେ ରମଇ । ତା'ର ସମ୍ପଦେ କାର୍ଯ୍ୟ ନାହିଁ ॥ 66
ବ୍ରହ୍ମାପଦକୁ ନାହିଁ ବାଞ୍ଛା । ନ କରେ ଇନ୍ଦ୍ରପଦେ ଇଚ୍ଛା ॥ 67
ସପତଦ୍ୱୀପେ ରାଜପଦ । କି ଅଷ୍ଟନିଧି ଭୋଗେ ସଧ ॥ 68
ପାତାଳ ଭୋଗେ ଇଚ୍ଛା ନାହିଁ । ନିର୍ବାଣପଦ ନ ବାଞ୍ଛଇ ॥ 69
ମୋତେ ସମର୍ପେ ଚିତ୍ତ ବିତ୍ତ । ନୋହଇ ମାୟାରେ ମୋହିତ ॥ 70
ସେ ମୋର ଯେଡ଼େ ପ୍ରିୟ ହୋଇ । କହଇ ଶୁଣ ମନଦେଇ ॥ 71
ବ୍ରହ୍ମା ଯେ ମୋହର ନନ୍ଦନ । ତା'କୁ ନ ରମେ ମୋର ମନ ॥ 72
ମୋହର ଆତ୍ମା ପଶୁପତି । ତେଣେ ମୋହର ନାହିଁ ପ୍ରୀତି ॥ 73
ମୋହର ଭାଇ ହଳପାଣି । ଲକ୍ଷ୍ମୀ ଯେ ମୋହର ଘରଣୀ ॥ 74
ନିତ୍ୟେ ବସଇ ବକ୍ଷସ୍ଥଳେ । ମୋ' ରୂପ ଯେତେ ଭୂମଣ୍ଡଳେ ॥ 75
ତୁ ଯେ ମୋହର ପ୍ରିୟତମ । କେହି ନୁହଁନ୍ତି ତୋ'ର ସମ ॥ 76
ସ୍ୱଭାବେ ନିରପେକ୍ଷ ଶାନ୍ତ । ତପସ୍ୱୀ ରିପୁ-ବିବର୍ଜିତ ॥ 77
ସମଦରଶୀ ପ୍ରେମଚିତ୍ତ । ଦୟାସାଗର ପରହିତ ॥ 78
ଏମନ୍ତ ପ୍ରାଣୀଙ୍କର ପଛେ । ନିତ୍ୟେ ମୁଁ ବୁଲଇ ପ୍ରତ୍ୟକ୍ଷେ ॥ 79
ଆବୋରି ଥାଇ ବେନିପାଶେ । ତା'ର ଚରଣ-ରେଣୁ ଆଶେ ॥ 80
ସେ ପ୍ରାଣୀ ବହେ ଯେତେ ଗୁଣ । ଉଦ୍ଧବ ସାବଧାନେ ଶୁଣ ॥ 81
ସ୍ୱଭାବେ ଅକିଂଚନ ଦେହେ । ସକଳ ଭୂତେ ଦୟା ବହେ ॥ 82
କାମକୁ ଜିଣି ପ୍ରେମପ୍ଲୁତ । କେବଳ ସୁଶାନ୍ତ ମହତ ॥ 83
ସେ ମୋର ସୁଖ ଅନୁମାନେ । କେ ତା'ର ମହିମା ବଖାଣେ ॥ 84
ତା' ଅନୁଭବ ସେ ଜାଣଇ । କେ ତା'ର ଗୁଣ ପାରେ କହି ॥ 85
ଏମନ୍ତ ଯେ ମୋର ଭକତ । ସେ ଯେବେ ବିଷୟେ ବାଞ୍ଛିତ ॥ 86
ଅଜିତ-ଇନ୍ଦ୍ରିୟଙ୍କ ଦୋଷେ । ଯେବେ ବିଷୟରସେ ରସେ ॥ 87
ମୋର ଭକତିଭାବ ବଳେ । ବିଷୟ ନ ଲାଗେ ନିଶ୍ଚଳେ ॥ 88



ମୋ' ନାମ ନିତ୍ୟେ ଭଣେ ମୁଖେ । ଆନନ୍ଦେ ବିହରଇ ସୁଖେ ॥ 89
ଜଳନ୍ତା ଅନଳେ ଯେସନ । ସମିଧ ହୁଅଇ ଦହନ ॥ 90
ତା'ର ଶରୀରେ ପାପ ଯେତେ । ଦହନ ହୋନ୍ତି ସେହିମତେ ॥ 91
ଉଦ୍ଧବ ଶୁଣ ଏକ ଚିତ୍ତେ । ଗୁପତ କଥା କହୁଁ ତୋତେ ॥ 92
ଯେତେ ଏ ଦାନ ବ୍ରତ ତ୍ୟାଗ । ଧର୍ମ ଆଚାର ସାଂଖ୍ୟଯୋଗ ॥ 93
ଏ ମୋତେ ନ ପାରନ୍ତି ଧରି । ନାନା ପ୍ରକାରେ ବଶକରି ॥ 94
ଭକତଜନେ ବଶ ମୁହିଁ । ତା'ର ରକ୍ଷଣେ ମୋର ଦେହୀ ॥ 95
ମୁଁ ଏ ସଂସାର ଅଛି ଛନ୍ଦି । ଭକତ ପାରେ ମୋତେ ବାନ୍ଧି ॥ 96
ଦୁର୍ଜ୍ଜୟଦେହ ମୋର ଶୂନ୍ୟ । ଭକତଭାବେ ମୁଁ ବନ୍ଧନ ॥ 97
ଏଣୁ ଭକତଜନ ପାଶେ । ନିତ୍ୟେ ମୁଁ ଥାଇ ଭାବବଶେ ॥ 98
ତେଣୁ ଭକତ ଏ ସଂସାର । ଅଶେଷ ଜନ୍ମପାପ ହରେ ॥ 99
ଚଣ୍ଡାଳ ପତିତ ପାମର । ମ୍ଲେଚ୍ଛ ଅଧମ ଦୁରାଚାର ॥ 100
ଏ ଆଦି ପାପୀଜନ ଯେତେ । ଯେବେ ମୋ' ଭକତ ଅଗ୍ରତେ ॥ 101
ଦଇବଯୋଗେ ସଙ୍ଗମେଳେ । ମିଳନ୍ତି ପୂର୍ବ-ପୁଣ୍ୟଫଳେ ॥ 102
ଦର୍ଶନ ସ୍ପର୍ଶନ ଶ୍ରବଣେ । ନିର୍ମଳ ହୋନ୍ତି ତତକ୍ଷଣେ ॥ 103
ପାପ ନ ରହେ ତା'ଙ୍କ ମନେ । ରବି-ସମୀପେ ତମ ଯେହ୍ନେ ॥ 104
ଯେ ପ୍ରାଣୀ ଦୟା ସତ୍ୟ ଯୁକ୍ତ । ତପୀ ଧାର୍ମିକ ବିଦ୍ୟାବନ୍ତ ॥ 105
ମୋର ଭକତି ଯେବେ ନାହିଁ । ପବିତ୍ର ନୋହେ ତା'ଙ୍କ ଦେହୀ ॥ 106
ସେ କାହୁଁ ସଂସାର ତରିବ । ଯେବେ ନ ଜାଣେ ମୋର ଭାବ ॥ 107
ବୋଲନ୍ତି ପ୍ରଭୁ ଭଗବାନ । ଶୁଣ ହେ ଭକତ ଲକ୍ଷଣ ॥ 108
ନିରତେ ଅଙ୍ଗ ପୁଲକିତ । ନୟନେ ଅଶ୍ରୁଜଳ ଯୁତ ॥ 109
ଅନ୍ତର ଦ୍ରବଇ ନିରତେ । ମତି ଚଞ୍ଚଳ ବିପରୀତେ ॥ 110
ଜଗତ ମୋର ରୂପ ଜାଣେ । ନିଜ ଶରୀର ନ ପ୍ରମାଣେ ॥ 111
ବୋଲନ୍ତି ପ୍ରଭୁ ଚକ୍ରପାଣି । ଏତେ ଲକ୍ଷଣେ ଭକ୍ତ ଜାଣି ॥ 112
ଭକତି ବିନା ଅର୍ନ୍ତଗତ । କେବେହେଁ ନୁହଇ ପ୍ରଶସ୍ତ ॥ 113
ବୋଲଇ ଗଦଗଦ ବାଣୀ । କ୍ଷଣେ ହସଇ କ୍ଷଣେ ତୁନି ॥ 114
କ୍ଷଣକେ ଗାଏ ଗୁଣଗାଥା । ହୁଙ୍କାରେ ଅଲୌକିକ କଥା ॥ 115

କ୍ଷଣକେ ହରିଗୁଣ ଗୁଣି । ଚକ୍ଷୁ ସଂହରି ହୋଏ ତୁନି ॥ 116
କ୍ଷଣକେ କରଇ ରୋଦନ । ଉଚ୍ଚେ ଡ଼ାକଇ ମୋ'ର ନାମ ॥ 117
ନାଚଇ ଉନମତ୍ତ ହୋଇ । ଲଜ୍ଜା ସଙ୍କୋଚ ଦୂରେ ଥୋଇ ॥ 118
କ୍ଷଣେ ମଉନଭାବେ ବଶେ । କ୍ଷଣକେ ଆନୁଆନ ଘୋଷେ ॥ 119
ମୋର ଭକତ ଏ ଲକ୍ଷଣ । ଉଦ୍ଧବ ଭଲେ ଏହା ଜାଣ ॥ 120
ମୋର ଭକତ ମୋର ମିତ୍ର । ସେ କରେ ଜଗତ ପବିତ୍ର ॥ 121
ନିର୍ମଳମତି ତା'ର ନିତ୍ୟେ । ଭ୍ରମଇ ଉଦାରଚରିତେ ॥ 122
ଅନଳେ ଦହନ୍ତେ ସୁବର୍ଣ୍ଣ । ଉଜ୍ଜ୍ୱଳ ହୁଅଇ ଯେସନ ॥ 123
ଭକତଜନ ସେହି ମତେ । ନିର୍ମଳ ହୋନ୍ତି ଏ ଜଗତେ ॥ 124
ଏ ରୂପେ ଭକ୍ତିଯୋଗ ବଳେ । ଯେ ମୋତେ ଭଜଇ ନିଶ୍ଚଳେ ॥ 125
ଅଶେଷ ବାସନା ତାହାର । ମନରୁ ଛାଡ଼ି ଯା'ନ୍ତି ଦୂର ॥ 126
ମୋର ମଙ୍ଗଳ-କଥାମାନ । ଯେ କରେ ଶ୍ରବଣ-କୀର୍ତ୍ତନ ॥ 127
କର୍ଣ୍ଣରେ ପଶି ମୋର କଥା । ହରଇ ସର୍ବ ମନବ୍ୟଥା ॥ 128
ଯେ ନିତ୍ୟେ ଗୁଣେ ନିଜ ମୁଖେ । ସେ ସୂକ୍ଷ୍ମ ପରମାର୍ଥ ଦେଖେ ॥ 129
ଅଞ୍ଜନ ରଞ୍ଜୁଥିଲେ ନିତ୍ୟେ । ମଳି ନ ରହେ ଯେହ୍ନେ ନେତ୍ରେ ॥ 130
ବିଷୟ-ସ୍ମରଣେ ନିରତେ । ଯେହ୍ନେ ବିଷୟ ଜଡ଼େ ଚିତ୍ତେ ॥ 131
ମୋ'ର ସ୍ମରଣ ଯା'ର ଚିତ୍ତେ । ତା' ପାଶେ ଥାଇ ମୁଁ ନିରତେ ॥ 132
ଏ ବୋଲ ବୁଝି ମୋତେ ଭଜ । ଅସାଧୁ ମେଳ ବେଗେ ତେଜ ॥ 133
ମୋ ରୂପ ଦେଖ ସର୍ବଠାବେ । ମୋର ଚରଣ ଭଜ ଭାବେ ॥ 134
ସକଳ ସଙ୍ଗ ଦୂରକରି । ମୋତେ ଚିନ୍ତବ ଚିତ୍ତେ ଧରି ॥ 135
ନିରୋଳେ ବସି ଏକସ୍ଥାନେ । ନିଶ୍ଚଳେ କଳ୍ପିତ ଆସନେ ॥ 136
ମୋର ମଧୂର ରୂପ ଧ୍ୟାନେ । ବସି ଚିନ୍ତିବ ସ୍ଥିରମନେ ॥ 137
ଏଣୁ କୁସଙ୍ଗ ଦୂର କରି । ହୃଦେ ମୋ' ଭାବ ଅନୁସରି ॥ 138
ଆତ୍ମାର ହିତ ନିତ୍ୟେ କର । ହସି ବୋଲନ୍ତି ଦାମୋଦର ॥ 139
ଉଦ୍ଧବ ଶୁଣି କୃଷ୍ଣବାଣୀ । କପୋଳେ ଦେଇ ବେନିପାଣି ॥ 140

ଉଦ୍ଧବ ଉବାଚ

ବୋଲଇ ଶୁଣ ଭଗବାନ । ତୁମ୍ଭେ କହିଲ ତତ୍ତ୍ୱଜ୍ଞାନ ॥ 141



କି ରୂପେ ଜଗତ ବିଖ୍ୟାତ । କହ ହେ ତିଭୁବନନାଥ ॥ 142
ଭକ୍ତବତ୍ସଳ ଭଗବାନ । ବିକଚ-କମଳ-ଲୋଚନ ॥ 143
ଯେ ଜ୍ଞାନ ଯୋଗୀଜନେ ଚିନ୍ତି । ଘୋର ସଂସାରୁ ତରିଯା'ନ୍ତି ॥ 144
କି ରୂପେ କରି ତୋତେ ଧ୍ୟାନ । କହ ହେ ଦେବକୀନନ୍ଦନ ॥ 145
ଶୁଣି ଉଦ୍ଧବବାଣୀ କର୍ଣ୍ଣେ । କୋମଳ ମଧୁର ବଚନେ ॥ 146

ଭଗବାନ ଉବାଚ

ବୋଲନ୍ତି ପ୍ରଭୁ ଜଗନ୍ନାଥ । ଶୁଣ ଉଦ୍ଧବ ଧ୍ୟାନମତ ॥ 147
ସମ ଆସନେ ବସି ଧୀରେ । ସୁଖରେ ସମ କଳେବରେ ॥ 148
ଜାନୁଯୁଗଳେ ବେନିପାଣି । ଦୃଢ଼େ ସ୍ଥାପିବ ବେଳ ଜାଣି ॥ 149
ବେନିନୟନ ନାସାଅଗ୍ରେ । ନିଶ୍ଚଳେ ସ୍ଥାପିବ ସମଗ୍ରେ ॥ 150
ପବନ ତୋଳି ନାସାଦ୍ୱାରେ । ପୂରକ-କୁମ୍ଭକ ପ୍ରକାରେ ॥ 151
ଅଳପ ଅଳପ ସାଧନେ । ଚିତ୍ତ ସ୍ଥାପିବ ସଂଯମନେ ॥ 152
ଓଁକାର ପବନ ନିଶ୍ଚଳୁଁ । ତୋଳିବ ହୃଦୟସ୍ଥକମଳୁ ॥ 153
ଉତ୍ତମ ଘଣ୍ଟାନାଦ ସ୍ୱନେ । ମନ ପବନ ଏକଧ୍ୟାନେ ॥ 154
ମୃଣାଳସୂତ୍ର ମାର୍ଗେ ଧରି । ନିଶ୍ଚଳେ ଅନାହତେ ପୂରି ॥ 155
ଲବ ନିମିଷ ଦଣ୍ଡ ଘଡ଼ି । ନିତ୍ୟେ ସାଧିବ ଦୁଃଖପଡ଼ି ॥ 156
ଏ ରୂପେ ଅନ୍ତର ବାହାରେ । ଧ୍ୟାନେ ସାଧିବ ନିରନ୍ତରେ ॥ 157
ଏମନ୍ତ ସାଧି ଏକମାସେ । ପ୍ରାଣପବନ ସ୍ଥାପି ବଶେ ॥ 158
ହୃଦୟସ୍ଥପଦ୍ମ ମଧ୍ୟଭାଗେ । ଯେ ଅଷ୍ଟଦଳ ଅଷ୍ଟଦିଗେ ॥ 159
ମଧ୍ୟେ ପାଖୁଡ଼ା ଚାରିପାଖେ । ନିତ୍ୟେ ଲମ୍ବଇ ଅଧୋମୁଖେ ॥ 160
ଧ୍ୟାନେ ଚିନ୍ତିବ ଦୃଢ଼ବନ୍ଧେ । ଯେ ଅଷ୍ଟଦଳ ତା'ର ଊର୍ଦ୍ଧ୍ୱେ ॥ 161
ସୂର୍ଯ୍ୟମଣ୍ଡଳ ଚିନ୍ତା କରି । ସୋମ ମଣ୍ଡଳ ମଧ୍ୟେ ଭରି ॥ 162
ତାହାର ମଧ୍ୟେ ହୁତାଶନ । ତା' ମଧ୍ୟେ ସୁବର୍ଣ୍ଣ-ଆସନ ॥ 163
ତା'ର ଉପରେ ଦିବ୍ୟରୂପ । ଚିନ୍ତିବ ମୋହର ସ୍ୱରୂପ ॥ 164
ଆଜାନୁ ଲମ୍ବେ ଭୁଜ ଚାରି । ଶଙ୍ଖ କମଳ ଗଦା ଅରୀ ॥ 165
ଶ୍ରୀମୁଖ ସୁନ୍ଦର କପୋଳ । ବିକଚପଦ୍ମ ପ୍ରାୟେ ଡ଼ୋଳ ॥ 166
ଶ୍ରବଣେ ମକର କୁଣ୍ଡଳ । ହୃଦେ ଲମ୍ବଇ ବନମାଳ ॥ 167

ନୀଳଜଳଦ କଳେବର । କଣ୍ଠେ କୌସ୍ତୁଭମଣି ହାର ॥ 168
ହୃଦରେ ଶ୍ରୀବତ୍ସର ଚିହ୍ନ । ପୀତବସନ ପରିଧାନ ॥ 169
ମଞ୍ଜୁମଞ୍ଜୀର ପାଦଯୁଗେ । ରତ୍ନମେଖଳା କଟୀଭାଗେ ॥ 170
ଯଜ୍ଞୋପବୀତ କନ୍ଧେ ଶୋହେ । ସୁନ୍ଦର ତନୁ ମନ ମୋହେ ॥ 171
ମେଘ ଗମ୍ଭୀର ପ୍ରାୟ ସ୍ୱନ । ପ୍ରସନ୍ନ ଶ୍ରୀମୁଖ ଲକ୍ଷଣ ॥ 172
ଅତି କୋମଳ ଅଟେ ଦେହୀ । ସର୍ବାଙ୍ଗେ ଚିତ୍ତ ଦୃଢେ ଦେଇ ॥ 173
ଏ ରୂପେ ଧ୍ୟାନ ମୋତେ କରି । ଚଞ୍ଚଳ ଇନ୍ଦ୍ରିୟ ନିବାରି ॥ 174
ବୁଦ୍ଧିକି କରି ଆଗୁସାର । ପଣ୍ଡିତଜନଙ୍କ ବେଭାର ॥ 175
ସର୍ବସଙ୍ଗମୁଁ ମନ ହରି । ନିଶ୍ଚଳେ ମୋତେ ଧ୍ୟାନ କରି ॥ 176
ମୋ' ରୂପ ଚିନ୍ତିବ ନିରତେ । ଅନ୍ୟ ନ ସୁମରିବ ଚିତ୍ତେ ॥ 177
ପୁଣି ସେ ରୂପ ଥୋଇ ପାଶେ । ଚିତ୍ତ ନିବେଶିବ ଆକାଶେ ॥ 178
ଏମନ୍ତେ ଆକାଶ-ମଣ୍ଡଳେ । ବ୍ରହ୍ମ ପ୍ରକାଶିବ ନିଶ୍ଚଳେ ॥ 179
ସେ ବ୍ରହ୍ମେ ଚିତ୍ତ ସ୍ଥିର ଯେବେ । ମୋ' ରୂପ ନ ଚିନ୍ତିବ ତେବେ ॥ 180
ଏମନ୍ତ ସମାଧି ଯୋଗରେ । ଯେ ଆତ୍ମା ସମର୍ପେ ଆତ୍ମାରେ ॥ 181
ଜ୍ୟୋତିରେ ଜ୍ୟୋତି ମିଶେ ଯେହ୍ନେ । ମୋତେ ସେ ଲଭଇ ତେସନେ ॥ 182
ସେ ବ୍ରହ୍ମରୂପ ସର୍ବଭୂତେ । ଆତ୍ମାରେ ପ୍ରକାଶିବ ନିତ୍ୟେ ॥ 183
ମନ ସଂଯମି ଏହିମତେ । ମୋ' ରୂପ ଦେଖିବ ଜଗତେ ॥ 184
ଏ ରୂପେ ଯୋଗଧ୍ୟାନମତେ । ମନକୁ ନିବେଶି ନିଶ୍ଚିନ୍ତେ ॥ 185
ଇନ୍ଦ୍ରିୟ ଜ୍ଞାନ କ୍ରିୟାଭ୍ରମ । ତେଜି ତୁ ଲଭିବୁ ନିର୍ବାଣ ॥ 186
ଏମନ୍ତେ ଭ୍ରମ ଯିବ ତୋର । କହିଲେ ବ୍ରହ୍ମାଣ୍ଡଠାକୁର ॥ 187
ବୋଲଇ ଦାସ ଜଗନ୍ନାଥ । ଶ୍ରୀ ଏକାଦଶେ ଭାଗବତ ॥ 188
ଶୁକ ପରୀକ୍ଷିତ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ॥ 189
କଳି କଲୁଷ ଭୟ ନାହିଁ । ସୁଜନେ ତର ଏହା ଗାଇ ॥ 190

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ପଞ୍ଚଦଶୋଽଧ୍ୟାୟଃ ॥

## ଷୋଡ଼ଶ ଅଧ୍ୟାୟ

ଭଗବାନ ଉବାଚ



ବୋଲନ୍ତି କମଳାରମଣ । ଉଦ୍ଧବ ସାବଧାନେ ଶୁଣ ॥ 1
ଏ ଜ୍ଞାନଯୋଗ ଏହିମତେ । ଜ୍ଞାନୀ ସାଧନ୍ତି ଏ ଜଗତେ ॥ 2
ଏ ପୁଣି ବହୁଦିନେ ସିଦ୍ଧି । ଯୋଗ ପ୍ରକାଶେ ନାନାବିଧି ॥ 3
ଏଣୁ ଭକତ ଯୋଗୀଜନେ । ସାଧ କରନ୍ତି ଅଳ୍ପଦିନେ ॥ 4
ନିକଟେ ଖଟେ ସର୍ବସିଦ୍ଧି । ଅଷ୍ଟାଙ୍ଗଯୋଗ ଏ ପ୍ରସିଦ୍ଧି ॥ 5
ଏମନ୍ତ କୃଷ୍ଣମୁଖୁଁ ଶୁଣି । ଉଦ୍ଧବ ବୋଲେ ମଞ୍ଜୁବାଣୀ ॥ 6

ଉଦ୍ଧବ ଉବାଚ

ଶୁଣ ହେ କମଳାର ବର । ଅଶେଷ ବ୍ରହ୍ମାଣ୍ଡଠାକୁର ॥ 7
କେଉଁ ଧାରଣା କେଉଁମତେ । ଜ୍ଞାନୀ ସାଧନ୍ତି ଏ ଜଗତେ ॥ 8
ସିଦ୍ଧି ଲକ୍ଷଣ ଅବା କେତେ । ସର୍ବ ନିର୍ଣ୍ଣୟ କହ ମୋତେ ॥ 9
ଏମନ୍ତ ଉଦ୍ଧବର ବାଣୀ । ଶୁଣି କହନ୍ତି ଚକ୍ରପାଣି ॥ 10

ଭଗବାନ ଉବାଚ

ଉଦ୍ଧବ ସାବଧାନେ ଶୁଣ । କହିବା ଯୋଗସିଦ୍ଧିମାନ ॥ 11
ସଂସାରେ ଅଷ୍ଟାଦଶ ସିଦ୍ଧି । ଜ୍ଞାନୀ ସାଧନ୍ତି ନାନାବିଧି ॥ 12
ସିଦ୍ଧିଙ୍କ ମଧ୍ୟେ ଅଷ୍ଟସାର । ଯେଣୁ ମୁଁ ବୋଲାଇ ଈଶ୍ୱର ॥ 13
ଅଣିମା ଆଦି ଅଷ୍ଟସିଦ୍ଧି । ମୁକ୍ତି ଲକ୍ଷଣ ଏ ପ୍ରସିଦ୍ଧି ॥ 14
ଯେ ଦଶ ସିଦ୍ଧି ରହେ ଶେଷେ । ସ୍ୱଭାବେ ତିନିଗୁଣେ ମିଶେ ॥ 15
ଅଣିମା ଲଘିମା ଏ ବେନି । ମହିମା ଘେନି ସିଦ୍ଧି ତିନି ॥ 16
ଯୋଗୀଙ୍କ ଦେହେ ଥା'ନ୍ତି ନିତ୍ୟେ । ପ୍ରାପ୍ତି ରହଇ ଇନ୍ଦ୍ରିୟୁତେ ॥ 17
ପ୍ରାକାମ୍ୟ ଶ୍ରୁତି ଦୃଷ୍ଟି ବସେ । ଈଷିତା ଶକ୍ତି ପରକାଶେ ॥ 18
ବଶିତା ଶକ୍ତି ଯେ ବୋଲାଇ । ବିଷୟ ତା'କୁ ନ ଲାଗଇ ॥ 19
ଅଷ୍ଟମ କାମବଶାୟିତା । ଯୋଗୀଙ୍କ ମନୋରଥ ଦାତା ॥ 20
କ୍ଷୁଧା ପିପାସା ଜରା ମୃତ୍ୟୁ । ଲୋଭ ମୋହ ଏ ଷଡ଼ହେତୁ ॥ 21
ଏ ଷଡ଼ଉର୍ମି ନିବାରଣ । ଅନୁବିଂସିଦ୍ଧି ଏ ଲକ୍ଷଣ ॥ 22
ପ୍ରାଣୀଏ ଅତିଦୂରେ ଥାଇ । ନିନ୍ଦା ସ୍ତବନ ଯାହା କହି ॥ 23
ସେ କଥା ଜାଣଇ ତକ୍ଷଣ । ଦୂରଶ୍ରବଣ ଏହା ନାମ ॥ 24
ବିଶ୍ୱସଂସାର ଚରାଚର । ନିତ୍ୟେ ଯେ ଏହାର ଗୋଚର ॥ 25

ଉଦ୍ଧବ ସାବଧାନେ ଶୁଣ । ଦୂରଦର୍ଶନ ଏ ଲକ୍ଷଣ ॥ 26
ମନ ହୁଁ ବେଗ ଦେହ ଗତି । ଏ ସିଦ୍ଧି ମନୋଜବ ହୋନ୍ତି ॥ 27
ଯେ କାମରୂପ ସିଦ୍ଧି କହି । କଳ୍ପିତେ ଦେହ ପ୍ରକାଶଇ ॥ 28
ଚତୁରଦଶେ ସିଦ୍ଧି ଗୁଣ । ଯେ ପରକାୟପ୍ରବେଶନ ॥ 29
ଇଚ୍ଛାମରଣ ଯେବେ ହୋଇ । ସ୍ୱଚ୍ଛନ୍ଦମୃତ୍ୟୁ ସିଦ୍ଧି ସେହି ॥ 30
ଦେବଙ୍କ ସଙ୍ଗେ ବିହରଇ । ଅମରସିଦ୍ଧି ତାକୁ କହି ॥ 31
ମନ କଳ୍ପିତେ ଫଳ ପାଇ । ସଙ୍କଳ୍ପସିଦ୍ଧି ସେ ବୋଲାଇ ॥ 32
ଧ୍ୟାନ ଧାରଣା ଅବହେଳେ । ଯାହା କହନ୍ତି ଯୋଗବଳେ ॥ 33
ଅନ୍ୟଥା ନୁହଁଇ ସେ ପୁଣ । ବଚନସିଦ୍ଧି ଏ ପ୍ରମାଣ ॥ 34
ଏ ସିଦ୍ଧି ଅଷ୍ଟାଦଶ ଜାଣ । ସାମାନ୍ୟ ସିଦ୍ଧି ଏବେ ଶୁଣ ॥ 35
ଭୂତ ଭବିଷ୍ୟ ବର୍ତ୍ତମାନେ । ଯୋଗୀ ଜାଣନ୍ତି ଯୋଗଧ୍ୟାନେ ॥ 36
ଏ ସିଦ୍ଧି ତ୍ରିକାଳଜ୍ଞ ନାମ । ଆବର ସିଦ୍ଧି ଏବେ ଶୁଣ ॥ 37
ଶୀତ ବରଷା ଘର୍ମ ବାତ । ଯହିଁରେ ନ କରଇ ଗ୍ରସ୍ତ ॥ 38
ଯେଣେ ତ୍ରିବିଧ ତାପ ନାହିଁ । ଅଦ୍ୱନ୍ଦ୍ୱସିଦ୍ଧି ଏ ବୋଲାଇ ॥ 39
ପ୍ରାଣୀଙ୍କ ଚିତ୍ତ ଯେବେ ଜାଣି । ଚିତ୍ତଜ୍ଞସିଦ୍ଧି ସେ ବଖାଣି ॥ 40
ଅନଳ ତପନ ଜଳଧି । ଅପରେ ବିଷ ଶସ୍ତ୍ର ଆଦି ॥ 41
ଏ ସର୍ବ ଯେଣେ ନ ବାଧଇ । ବିଷ୍ଟମ୍ଭସିଦ୍ଧି ତାକୁ କହି ॥ 42
ପର ଅପର ରିପୁବଳେ । ଅଜେୟ ହୋଇ ସର୍ବକାଳେ ॥ 43
ଶୁଣ ଉଦ୍ଧବ ମନ ଦେଇ । ଅପରାଜେୟସିଦ୍ଧି ସେହି ॥ 44
ସକଳ ସିଦ୍ଧି ତୋ' ଅଗ୍ରତେ । କହିଲି ଉପଦେଶ ମତେ ॥ 45
ଯେଉଁ ଧାରଣେ ଯେଉଁ ସିଦ୍ଧି । ଶୁଣ କହିବା ଯଥାବିଧି ॥ 46
ଯେ ଭୂତସୂକ୍ଷ୍ମେ ଦେଇ ମତି । ଧାରଣାଯୋଗେ ମୋତେ ଚିନ୍ତି ॥ 47
ଏଣେ ସେ ସୂକ୍ଷ୍ମରୂପେ ରହି । ଅଣିମାସିଦ୍ଧିକି ଲଭଇ ॥ 48
ମହତରୂପେ ମୋତେ ଚିନ୍ତି । ମହିମାସିଦ୍ଧି ସେ ଲଭନ୍ତି ॥ 49
ସକଳଭୂତ ମଧ୍ୟେ ମୁହିଁ । ଅଣୁ ପ୍ରମାଣେ ପ୍ରକାଶଇ ॥ 50
ସେ ରୂପ ଯୋଗବଳେ ଧ୍ୟାୟି । ଲଘିମା ସିଦ୍ଧିକି ଲଭଇ ॥ 51
ଅହଙ୍କରଣ ରୂପେ ମୋତେ । ସାଧଇ ଇନ୍ଦ୍ରିୟ ସଂଯୁକ୍ତେ ॥ 52



ଚିତ୍ତେ ଧରଇ ଯୋଗବଳେ । ସେ ପ୍ରାପ୍ତିସିଦ୍ଧି ଲଭେ ହେଳେ ॥ 53
ଯେ କ୍ରିୟାଶକ୍ତି ମହତ୍ତତ୍ତ୍ୱେ । ଯୋଗୀଏ ଭଜି ଦୃଢଚିତ୍ତେ ॥ 54
ମହତ ରୂପେ ମୋତେ ଧ୍ୟାୟି । ପ୍ରାକାମ୍ୟସିଦ୍ଧି ଯୋଗେ ପାଇ ॥ 55
ତ୍ରିଗୁଣ ଅଧୀଶ୍ୱର ହୋଇ । ଏ ଭୂତ କ୍ଷେତ୍ରକାଳ ମୁହିଁ ॥ 56
ଏମନ୍ତ ଭାବି ସର୍ବଭୂତେ । ଈଷିତାଶକ୍ତି ଲଭେ ନିତ୍ୟେ ॥ 57
ସକଳ ଐଶ୍ବର୍ଯ୍ୟର ଧାମ । ତୁରୀୟ ରୂପ ନାରାୟଣ ॥ 58
ଧାରଣା ଯୋଗେ ଚିତ୍ତ ଧରି । ବଶିତାସିଦ୍ଧି ବଶ କରି ॥ 59
ନିର୍ଗୁଣ ବ୍ରହ୍ମ ରୂପେ ମୋତେ । ମନ ନିବେଶି ଶୁଦ୍ଧଚିତ୍ତେ ॥ 60
ସେ କାମବଶାୟିତା ପାଇ । ମନ କଳ୍ପନା ସିଦ୍ଧ ଯହିଁ ॥ 61
କ୍ଷୀରଜଳଧି ମଧ୍ୟେ ସ୍ଥାନ । ବୋଲାଇ ଶ୍ୱେତଦ୍ୱୀପ ନାମ ॥ 62
ସେ ସ୍ଥାନ ମଧ୍ୟେ ମୋ'ର ଧାମ । ନୀଳଜଳଦ ତନୁ ଶ୍ୟାମ ॥ 63
ବିଶୁଦ୍ଧ ଧର୍ମମୟ ମୂର୍ତ୍ତି । ଯୋଗ ଧାରଣେ ମୋତେ ଚିନ୍ତି ॥ 64
କ୍ଷୁଧା ପିପାସା ଜିଣି ହେଳେ । ଅନୁବିଂସିଦ୍ଧି ଲଭେ ଭଲେ ॥ 65
ଆକାଶ ପ୍ରାୟ ଶୂନ୍ୟରୂପୀ । ମୁଁ ଥାଇ ସର୍ବଭୂତେ ବ୍ୟାପୀ ॥ 66
ଯେ ମୋତେ ନାଦ ରୂପେ ଭାବେ । ଦୂର ଶ୍ରବଣ ବେଗେ ଲଭେ ॥ 67
ଚକ୍ଷୁ ଯୁଗଳ ସୂର୍ଯ୍ୟେ ଥୋଇ । ନୟନେ ଆଦିତ୍ୟ ବସାଇ ॥ 68
ବେନି ସଂଯୋଗେ ମଧ୍ୟଗତେ । ମୋତେ ଧ୍ୟାୟିଲେ ଦୃଢଚିତ୍ତେ ॥ 69
ଦୂରଦର୍ଶନସିଦ୍ଧି ହୋଇ । ସକଳ ବିଶ୍ୱ ସେ ଦେଖଇ ॥ 70
ମନ ବଚନ ଦେହ ପ୍ରାଣ । ଦେଇ ଯେ ଭଜେ ମୋ' ଚରଣ ॥ 71
ମନର ସଙ୍ଗେ ତା' ଗମନ । ଏ ସିଦ୍ଧି ମନୋଜବ ନାମ ॥ 72
ଅଚିନ୍ତ୍ୟଶକ୍ତି ମୋ' ଚରଣ । ଧାରଣା ଯୋଗେ କରି ଧ୍ୟାନ ॥ 73
ଯେ ରୂପ କଳ୍ପଇ ତା' ମନେ । ସେ ରୂପ ହୋଇ ତତକ୍ଷଣେ ॥ 74
ଶୁଣ ଉଦ୍ଧବ ସାଧୁ ଧୀର । ସେ କାମରୂପସିଦ୍ଧି ସାର ॥ 75
ପର ଶରୀର ଶୂନ୍ୟ ଦେଖି । ତା' ଦେହେ ଆତ୍ମା ଉପଲକ୍ଷି୍ୟ ॥ 76
ଧ୍ୟାନ କରଇ ମୋର ପାଦେ । ନିଶ୍ଚଳ ମନେ ଅପ୍ରମାଦେ ॥ 77
ପଶଇ ତା'ର ଦେହେ ଯାଇ । କାୟପ୍ରବେଶସିଦ୍ଧି ଏହି ॥ 78
ମୋ' ରୂପ ବ୍ରହ୍ମମୟ ଧ୍ୟାନେ । ଦୃଢେ ବସିବ ଯୋଗାସନେ ॥ 79

ପ୍ରାଣ ତୋଳିବ ଯାଗବଳେ । ସ୍ଥାପିବ ହୃଦସ୍ଥ କମଳେ ॥ 80
ପୁଣି ତୋଳିବ ଦୃଢେ ଊର୍ଦ୍ଧ୍ୱେ । ନେଇ ସ୍ଥାପିବ ବ୍ରହ୍ମରନ୍ଧ୍ରେ ॥ 81
ସେ ବ୍ରହ୍ମରନ୍ଧ୍ର ଭେଦି ବଳେ । ପରମବ୍ରହ୍ମେ ଆତ୍ମା ମିଳେ ॥ 82
ଶୁଣ ହୋ ଭକତ ଉତ୍ତମ । ସ୍ୱଚ୍ଛନ୍ଦମୃତ୍ୟୁ ଏହା ନାମ ॥ 83
ନିତ୍ୟେ ମୁଁ ସତ୍ତ୍ୱରୂପେ ଥାଇ । ଯେ ମୋତେ ସତ୍ତ୍ୱରୂପେ ଧ୍ୟାଇ ॥ 84
ସାଧି ଅମରସିଦ୍ଧି ଯୋଗ । ଭୁଞ୍ଜଇ ସ୍ୱର୍ଗ ବଇଭୋଗ ॥ 85
ଯେ କଳ୍ପବୃକ୍ଷ ରୂପେ ମୋତେ । ସତ୍ୟ ସ୍ୱରୂପେ ଚିନ୍ତେ ନିତ୍ୟେ ॥ 86
ଧାରଣା ଯୋଗେ ଧ୍ୟାନବଳେ । ସଙ୍କଳ୍ପସିଦ୍ଧି ଲଭେ ହେଳେ ॥ 87
ସଂସାରେ ହର୍ତ୍ତାକର୍ତ୍ତା ମୁହିଁ । ମୋ' ବିନୁ ଅନ୍ୟଗତି ନାହିଁ ॥ 88
ମୁଁ ସର୍ବଆତ୍ମା ଅଧୀଶ୍ୱର । ମୋହର ନାହିଁ ପରାପର ॥ 89
ଏ ଭାବେ ମୋତେ ଯେ ଚିନ୍ତଇ । ବଚନସିଦ୍ଧି ତା'ର ହୋଇ ॥ 90
ଭୂତ ଭବିଷ୍ୟ ବର୍ତ୍ତମାନ । ମୋର ଭକ୍ତିରେ ଶୁଦ୍ଧମନ ॥ 91
ଯୋଗୀ ଜାଣଇ ତାହା ହେଳେ । ନ ପୋଡ଼େ ପୁଣି ସେ ଅନଳେ ॥ 92
ଯେସନେ ଜଳଜନ୍ତୁଙ୍କର । ଜଳେ ନ ନାଶଇ ଶରୀର ॥ 93
ଧ୍ୱଜ ଚାମର ଛତ୍ରମାନ । ଶ୍ରୀବତ୍ସ ଚକ୍ରାଦିଭୂଷଣ ॥ 94
ଏଣେ ଭୂଷିତ ମୂର୍ତ୍ତିମାନ । ଯେ ମୋ' ବିଭୂତି କରେ ଧ୍ୟାନ ॥ 95
ସେ କାହିଁ ନୋହେ ପରାଜିତ । ଶୁଣ ଉଦ୍ଧବ ଦେଇ ଚିତ୍ତ ॥ 96
ଏମନ୍ତେ ଧାରଣା ଧିଆନେ । ସାଧ କରନ୍ତି ଯୋଗୀଜନେ ॥ 97
ଏ ଅଷ୍ଟାଦଶସିଦ୍ଧି ଯେତେ । କିଞ୍ଚିତେ ସାଧନ୍ତି ମୋ' ଭକ୍ତେ ॥ 98
ମୋ' ନାମ ଶ୍ରବଣ କୀର୍ତ୍ତନେ । ସିଦ୍ଧେ ସାଧନ୍ତି ଅଳ୍ପଦିନେ ॥ 99
ସଂସାରେ ଯେତେ ସିଦ୍ଧିଭାବ । ତାହାଙ୍କୁ ନୁହଇ ଦୁର୍ଲ୍ଲଭ ॥ 100
ଏ ଯେତେ ସିଦ୍ଧି ଅଷ୍ଟାଦଶ । ଯୋଗୀଙ୍କ ବିଘ୍ନ ଉପଦେଶ ॥ 101
ଭକତିଯୋଗ ଜ୍ଞାନଯୋଗେ । ଏ ବିଘ୍ନ ଆଚରନ୍ତି ବେଗେ ॥ 102
ଯେ ଯୋଗୀ ସିଦ୍ଧପଥେ ଥା'ନ୍ତି । ବିଅର୍ଥେ ଦିନ ସେ ବଞ୍ଚନ୍ତି ॥ 103
ଭକତି ମାର୍ଗେ ଜ୍ଞାନଯୋଗେ । ଜ୍ଞାନୀ ଲଭନ୍ତି ସିଦ୍ଧି ବେଗେ ॥ 104
ମୁଁ ସେ ସକଳ ସିଦ୍ଧିଦାତା । ଆତ୍ମାର ଗତି ପିତାମାତା ॥ 105
ମୋ' ତହୁଁ ସର୍ବସିଦ୍ଧି ସ୍ଫୁରେ । ଯେ ଜ୍ଞାନଯୋଗ ଏ ସଂସାରେ ॥ 106



ଏଣୁ ଯେ ସେବେ ମୋ'ର ପାଦ । ତା'ର ଚରଣେ ସର୍ବସିଦ୍ଧ ॥ 107
ଭକତି ବିନୁ ଯେତେ ଭାବ । ସେ କାହିଁ ସଂସାରୁ ତରିବ ॥ 108
ମୁଁ ସର୍ବଗତି ହେ ଉଦ୍ଧବ । ଯେ ସାଂଖ୍ୟଯୋଗ ଧର୍ମଭାବ ॥ 109
ସକଳପ୍ରାଣୀଙ୍କ ଗୋଚରେ । ମୁଁ ଅଛି ଅନ୍ତର ବାହାରେ ॥ 110
ମୁହିଁ ସେ ସର୍ବଭୂତବାସୀ । ଅନ୍ତର ବାହାରେ ପ୍ରକାଶି ॥ 111
ଧରଇ ଆତ୍ମାରୂପେ ସର୍ବ । କେ ଜାଣିପାରେ ମୋର ଭାବ ॥ 112
ସକଳ ପ୍ରାଣୀଙ୍କ ଗୋଚରେ । ମୋ' ବିନୁ ଅନ୍ୟ ନାହିଁ ପରେ ॥ 113
ସକଳ ସିଦ୍ଧିଗୁଣେ ମୁହିଁ । ମୋ' ତହୁଁ ଅନ୍ୟ ନାହିଁ କେହି ॥ 114
ଏମନ୍ତ କହି ଭାବଗ୍ରାହୀ । ସଦୟେ ଉଦ୍ଧବକୁ ଚାହିଁ ॥ 115
ସେ ହରି ଧ୍ୟାନ କରି ଚିତ୍ତେ । ଶ୍ରୀଏକାଦଶ ଭାଗବତେ ॥ 116
ବ୍ରାହ୍ମଣ ଜଗନ୍ନାଥ ବାଣୀ । ଭକତ ପ୍ରେମତରଙ୍ଗିଣୀ ॥ 117

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଷୋଡ଼ଶୋଽଧ୍ୟାୟଃ ॥

## ସପ୍ତଦଶ ଅଧ୍ୟାୟ

ଉଦ୍ଧବ କୃଷ୍ଣବିଦ୍ୟମାନେ । ବୋଲଇ ବିନୟ ବଚନେ ॥ 1

ଉଦ୍ଧବ ଉବାଚ

ଭୋ ନାଥ ପ୍ରଭୁ ଭଗବାନ । ତୁମ୍ଭେ ଅନାଦି ନିରଞ୍ଜନ ॥ 2
ପରମବ୍ରହ୍ମ ତୋ' ମହିମା । କେ ଜାଣିପାରେ ଗୁଣସୀମା ॥ 3
ବିଶ୍ୱ ଉତ୍ପତ୍ତି ସ୍ଥିତି ନାଶ । ତୋହର ଚରଣୁଁ ପ୍ରକାଶ ॥ 4
ସକଳଭୂତେ ତୋ'ର ସ୍ଥିତି । ତୁ ନାଥ ତ୍ରିଭୁବନପତି ॥ 5
ଭକତି କରି ତୋ' ଚରଣେ । ସଂସାରେ ମହରଷିଗଣେ ॥ 6
ତୋ' ପାଦପଦ୍ମ ଯେତେ ସ୍ଥାନେ । ଭଜନ୍ତି ଭକ୍ତି ଅନୁମାନେ ॥ 7
ସେ କଥା କହ ଭଗବାନ । ସଂଶୟ କର ମୋ' ଛେଦନ ॥ 8
ତୁ ଆତ୍ମା ସର୍ବଭୂତେ ପୂରି । ବସୁ ଗୁପତରୂପ ଧରି ॥ 9
ସକଳ ଦେଖୁ ତୁ ନୟନେ । ତୋତେ ନ ଦେଖେ କେହି ଜଣେ ॥ 10

ତୋହର ମାୟାରେ ଜଗତ । ଅଜ୍ଞାନ ନିଦ୍ରାରେ ମୋହିତ ॥ 11
ଏ ତିନିପୁରେ ତୋ' ବିଭୂତି । ଯହିଁ ବା ଯେଉଁରୂପେ ସ୍ଥିତି ॥ 12
ଭକତି କରି ତୋ' ଚରଣେ । ସଂସାରୁ ତରିଗଲେ ଜନେ ॥ 13
ସକଳ କହ ନାଥ ମୋତେ । ନମଇଁ ତୋର ପାଦଗତେ ॥ 14
ତୋ' ପାଦ ସର୍ବତୀର୍ଥ ସ୍ଥାନ । ନମଇଁ ପ୍ରଭୁ ଭଗବାନ ॥ 15
ଏମନ୍ତ ଶୁଣି ବ୍ରହ୍ମରାଶି । ଉଦ୍ଧବମୁଖ ଚାହିଁ ହସି ॥ 16

ଭଗଭବାନ ଉବାଚ

ବୋଲନ୍ତି କମଳାଇ ବର । ଶୁଣ ହେ ଭକତଶେଖର ॥ 17
କୁରୁପାଣ୍ଡବେ ମହାଘୋର । ଯେ କାଳେ ହୋଇଲା ସମର ॥ 18
ଉଭୟ ବଳ ମଧ୍ୟେ ମୁହିଁ । ସ୍ଥାପିଲି ନନ୍ଦିଘୋଷ ନେଇ ॥ 19
ଅର୍ଜୁନ ବନ୍ଧୁବର୍ଗ ଦେଖି । ବସିଲା ସମର ଉପେକ୍ଷି ॥ 20
ମୁଁ ତେବେ ଅର୍ଜୁନେ ବୁଝାଇ । ଅନେକ ଉପଦେଶ ଦେଇ ॥ 21
ଜ୍ଞାନେ ମୋହିଲି ତା'ର ମନ । ମୋତେ ପଚାରିଲା ଅର୍ଜୁନ ॥ 22
ତିନି ଭୁବନେ ମୋ' ବିଭୂତି । ଯହିଁ ବା ଯେଉଁରୂପେ ସ୍ଥିତି ॥ 23
ମୋର ବିଭୂତି ରଣମଧ୍ୟେ । ପ୍ରଧାନେ କହିଲି ଆନନ୍ଦେ ॥ 24
ଏବେ କହିବି ତୋତେ ମୁହିଁ । ଯହିଁ ଯେମନ୍ତ ରୂପେ ଥାଇ ॥ 25
ସକଳଭୂତେ ବାସ ମୋର । ମୁଁ ଆତ୍ମା ସୁହୃଦ ଈଶ୍ୱର ॥ 26
ସକଳ ଭୂତମଧ୍ୟ ବ୍ରହ୍ମ । ପ୍ରକୃତି ପୁରୁଷ ପରମ ॥ 27
ମୋହର ତହୁଁ ସୃଷ୍ଟି ଜାତ । ମୁହିଁ ସେ ପାଳଇ ଜଗତ ॥ 28
ମୁହିଁ ସଂସାର ଗତି ପତି । କାଳ ସଂହାରଣେ ଶକତି ॥ 29
ମୁହିଁ ସେ ସତ୍ତ୍ୱ ରଜ ତମ । ପ୍ରକୃତି ପୁରୁଷ ଉତ୍ତମ ॥ 30
ମୁହିଁ ମହତ ଅହଙ୍କାର । ସକଳ ଜୀବ ମୋକ୍ଷସାର ॥ 31
ଦୁର୍ଜୟ ମଧ୍ୟେ ମନ ମୁହିଁ । ବେଦେ ହିରଣ୍ୟଗର୍ଭ ହୋଇ ॥ 32
ସକଳ ମନ୍ତ୍ର ମଧ୍ୟେ ସାର । ତ୍ରିଧାମ ବ୍ରହ୍ମ ମୁଁ ଓଁକାର ॥ 33
ଅକାର ଅକ୍ଷରଙ୍କ ମଧ୍ୟେ । ଗାୟତ୍ରୀଛନ୍ଦ ବେଦବାଦେ ॥ 34
ଦେବଙ୍କ ମଧ୍ୟେ ଇନ୍ଦ୍ର ମୁହିଁ । ବସୁଙ୍କ ମଧ୍ୟେ ଅଗ୍ନି ହୋଇ ॥ 35
ବିଷ୍ଣୁ ମୁଁ ଆଦିତ୍ୟ ମଧ୍ୟରେ । ନୀଳଲୋହିତ ରୁଦ୍ରଙ୍କରେ ॥ 36



ବ୍ରହ୍ମରଷିରେ ଭୃଗୁ ମୁହିଁ । ରାଜରଷିରେ ମନୁ ହୋଇ ॥ 37
ଅମରରଷିଙ୍କର ମଧ୍ୟେ । ମୁହିଁ ନାରଦ ବେଦବାଦେ ॥ 38
ମୁଁ କାମଧେନୁ ଧେନୁମଧ୍ୟେ । ମୁହିଁ କପିଳ ସିଦ୍ଧବୃନ୍ଦେ ॥ 39
ପକ୍ଷୀଙ୍କ ମଧ୍ୟେ ଖଗେଶ୍ୱର । ମୁଁ ଦକ୍ଷପ୍ରଜାପତି ସାର ॥ 40
ପିତୃଗଣଙ୍କ ମଧ୍ୟେ ବର । ଅର୍ଯ୍ୟମା ନାମଟି ମୋହର ॥ 41
ପ୍ରହ୍ଲାଦ ଦୈତ୍ୟମଧ୍ୟେ ମୁହିଁ । ମନୁଷ୍ୟେ ନୃପତି ବୋଲାଇ ॥ 42
ଯକ୍ଷଙ୍କ ମଧ୍ୟେ ମୁଁ କୁବେର । ଐରାବତ ଗଜସାର ॥ 43
ଜଳଚରଙ୍କ ମଧ୍ୟେ ଜାଣ । ଉଦ୍ଧବ ମୁହିଁଟି ବରୁଣ ॥ 44
ତେଜସ୍ୱୀ ମଧ୍ୟେ ରବି ମୁହିଁ । ନକ୍ଷତ୍ର ମଧ୍ୟେ ଚନ୍ଦ୍ର ହୋଇ ॥ 45
ଅଶ୍ୱଙ୍କ ମଧ୍ୟେ ମୁଁ ପ୍ରଧାନ । ମୋହର ଉଚ୍ଚୈଃଶ୍ରବା ନାମ ॥ 46
ଧାତୁଙ୍କ ମଧ୍ୟେ ମୁଁ ସୁବର୍ଣ୍ଣ । ସଂଯମକର୍ତ୍ତା ମଧ୍ୟେ ଯମ ॥ 47
ସର୍ପଙ୍କ ମଧ୍ୟେ ମୁଁ ବାସୁକି । ଅନନ୍ତ ନାଗଗଣେ ଲେଖି ॥ 48
ମୃଗଙ୍କ ମଧ୍ୟେ ସିଂହ ମୁହିଁ । ଆଶ୍ରମେ ସନ୍ୟାସ ବୋଲାଇ ॥ 49
ମୁଁ ବିପ୍ର ଚାରିବର୍ଣ୍ଣପତି । ତୀର୍ଥଙ୍କ ମଧ୍ୟେ ଭାଗୀରଥୀ ॥ 50
ତଡ଼ାଗ ମଧ୍ୟେ ସିନ୍ଧୁ ମୁହିଁ । ଶସ୍ତ୍ରଙ୍କ ମଧ୍ୟେ ଧନୁ ହୋଇ ॥ 51
ଧାନୁକୀ ମଧ୍ୟେ ମୁହିଁ ହର । ପର୍ବତେ ମେରୁ ମହୀଧର ॥ 52
ଗହନ ମଧ୍ୟେ ହିମଗିରି । ବୃକ୍ଷେ ଅଶ୍ୱତ୍ଥ ରୂପ ଧରି ॥ 53
ଶସ୍ୟଙ୍କ ମଧ୍ୟେ ଧାନ୍ୟ ମୁହିଁ । ଆଚାର୍ଯ୍ୟେ ବଶିଷ୍ଠ ବୋଲାଇ ॥ 54
ମୁଁ ବୃହସ୍ପତି ବ୍ରହ୍ମବାଦେ । କୁମାର ଦେବସେନା ମଧ୍ୟେ ॥ 55
ଅଗ୍ରଣୀମାନଙ୍କ ମଧ୍ୟରେ । ବ୍ରହ୍ମା ମୁଁ ବୋଲାଇ ବେଭାରେ ॥ 56
ଯଜ୍ଞମାନଙ୍କ ମଧ୍ୟେ ପୁଣ । ମୁଁ ବ୍ରହ୍ମଯଜ୍ଞ ବୋଲି ଜାଣ ॥ 57
ବ୍ରତମାନଙ୍କ ମଧ୍ୟେ ମୁହିଁ । ଅହିଂସା ବୋଲି ଜାଣ ତୁହି ॥ 58
ପବନ ଅଗ୍ନି ଅର୍କ ଜଳ । ବଚନ ଆତ୍ମା ଯେ ନିର୍ମଳ ॥ 59
କରନ୍ତି ଯେତେ ମଧ୍ୟେ ଥାଇ । ସକଳେ ଶୁଚି ମୁଁ କରଇ ॥ 60
ଯୋଗଙ୍କ ମଧ୍ୟେ ମୁଁ ସମାଧି । ଜିଣିବା ଲୋକେ ମନ୍ତ୍ରବିଧି ॥ 61
କୁଶଳମାନଙ୍କରେ ମୁହିଁ । ଆତ୍ମା ବିବେକ ବିଦ୍ୟା ହୋଇ ॥ 62
ମୁଁ ଶତରୂପା ନାରୀଙ୍କରେ । ମୁଁ ସ୍ୱାୟମ୍ଭୁବ ପୁରୁଷରେ ॥ 63

ମୁନିଙ୍କ ମଧ୍ୟେ ସାଧୁଗୁଣ । ମୁହିଁଟି ନରନାରାୟଣ ॥ 64
ମୁଁ ପୁଣି ବ୍ରହ୍ମଚାରୀଙ୍କର । ମଧ୍ୟରେ ସନତ କୁମାର ॥ 65
ଧର୍ମମାନଙ୍କ ମଧ୍ୟେ ପୁଣ । ସନ୍ୟାସଧର୍ମ ବୋଲି ଜାଣ ॥ 66
ଅଭୟସ୍ଥାନ ମାନଙ୍କରେ । ଅନ୍ତର ନିଷ୍ଠା ମୁଁ ବେଭାରେ ॥ 67
ମୁଁ ସତ୍ୟ ଗୁହ୍ୟଗୁଣ ମଧ୍ୟେ । ବତ୍ସର କାଳ ଯୁଗବାଦେ ॥ 68
ଋତୁଙ୍କ ମଧ୍ୟେ ମୁଁ ବସନ୍ତ । ଅଗ୍ରହାୟଣ ମାସନାଥ ॥ 69
ନକ୍ଷତ୍ର ମଧ୍ୟେ ଅଭିଜିତ । ଯୁଗଙ୍କ ମଧ୍ୟେ ଯୁଗସତ୍ୟ ॥ 70
ଧୀରଙ୍କ ମଧ୍ୟେ ମୁଁ ଦେବଳ । ବ୍ୟାସେ ମୁଁ ସତ୍ୟବତୀବାଳ ॥ 71
କବିଙ୍କ ମଧ୍ୟେ ଶୁକ୍ର ମୁହିଁ । ମୋ' ରୂପ ଭକ୍ତ ମଧ୍ୟେ ତୁହି ॥ 72
ବାନର ମଧ୍ୟେ ହନୁମାନ । ମୁଁ ବିଦ୍ୟାଧରେ ସୁଦର୍ଶନ ॥ 73
ସୁନ୍ଦର ମଧ୍ୟେ ପଦ୍ମକୋଷ । ମୁଁ ତୃଣମାନଙ୍କରେ କୁଶ ॥ 74
ହବିଙ୍କ ମଧ୍ୟେ ଗବ୍ୟଘୃତ । ରତ୍ନେ ମୁଁ ପଦ୍ମରାଗ ଖ୍ୟାତ ॥ 75
ବ୍ୟବସାୟୀଙ୍କ ଲକ୍ଷ୍ମୀ ମୁହିଁ । କପଟ ମଧ୍ୟେ ଦ୍ୟୂତ ହୋଇ ॥ 76
ସତ୍ତ୍ୱ ମୁଁ ଜାଣ ସତ୍ତ୍ୱବନ୍ତେ । ଇନ୍ଦ୍ରିୟ ବଳ ବଳବନ୍ତେ ॥ 77
ସେ ପୁଣି ଭାଗବତ ଜନ । ମୁଁ ତା'ଙ୍କ ଭକ୍ତିକର୍ମମାନ ॥ 78
ବାସୁଦେବ ଯେ ସଙ୍କର୍ଷଣ । ପ୍ରଦ୍ୟୁମ୍ନ ଅନିରୁଦ୍ଧ ପୁଣ ॥ 79
ନାରାୟଣ କୋଳ ନୃସିଂହ । ଯେ ହୟଗ୍ରୀବ ପିତାମହ ॥ 80
ଏ ନବମୂର୍ତ୍ତି ଆଦିଦେବ । ମୁଁ ବାସୁଦେବ ହେ ଉଦ୍ଧବ ॥ 81
ଗନ୍ଧର୍ବେ ବିଶ୍ୱାବସୁ ଖ୍ୟାତି । ଅପ୍‌ସରା ମଧ୍ୟେ ପୂର୍ବଚିତ୍ତି ॥ 82
ପର୍ବତ ମଧ୍ୟେ ସ୍ଥିରଭାବ । ଭୂମିର ଗନ୍ଧ ମୁଁ ଉଦ୍ଧବ ॥ 83
ପରମ ରସ ଭୂମିରସେ । ଶବଦ ସଂଗ୍ରହ ଆକାଶେ ॥ 84
ପ୍ରଭା ମୁଁ ରବିଶଶାଙ୍କର । ତେଜସ୍ୱୀ ମଧ୍ୟେ ଦିବାକର ॥ 85
ମୁଁ ଦାତା ବଳିନୃପମଣି । ଅର୍ଜୁନ ବୀରମଧ୍ୟେ ଗଣି ॥ 86
ପ୍ରାଣୀମାନଙ୍କ ମୁଁ ନିଶ୍ଚୟ । ଉତ୍ପତ୍ତି ସ୍ଥିତି ଯେ ପ୍ରଳୟ ॥ 87
ସର୍ବ ଇନ୍ଦ୍ରିୟମାନଙ୍କର । ମୁହିଁ ସେ ବିଷୟ ଗୋଚର ॥ 88
ପୃଥିବୀ ପବନ ଆକାଶ । ସଲିଳ ଅନଳ ପ୍ରକାଶ ॥ 89
ପ୍ରକୃତି ସତ୍ତ୍ୱ ରଜ ତମ । ବିକାର ମହତ ପରମ ॥ 90



ମୁଁ ଗୁଣ ଗୁଣୀ ମୁହିଁ ଜୀବ । ନିର୍ଗୁଣେ ମୁହିଁ ସଦାଶିବ ॥ 91
ମୁଁ ଆତ୍ମା ସର୍ବଜୀବ ଦେହୀ । ମୋ' ବିନୁ ସ୍ଥୂଳ ସୂକ୍ଷ୍ମ ନାହିଁ ॥ 92
କେ ମୋତେ ତ୍ରିଭୁବନେ ଜାଣେ । କେ ଅବା ସୂକ୍ଷ୍ମରେଣୁ ଗଣେ ॥ 93
ତେଜ ସମ୍ପଦ ଅଇଶ୍ୱର୍ଯ୍ୟ । ତିତିକ୍ଷା ଜ୍ଞାନ ଲାଜ ବୀର୍ଯ୍ୟ ॥ 94
ଭାଗ୍ୟ ସୌଭଗ ତ୍ୟାଗ ଯଶ । ଏ ସର୍ବ ଜାଣ ମୋ'ର ଅଂଶ ॥ 95
ଯେଣୁ ତୁ ସାଧୁ ଶୁଦ୍ଧମତି । ତେଣୁ କହିଲି ମୋ' ବିଭୂତି ॥ 96
ସଂସାରେ ଦେଖୁ ଯେତେ ଅଂଶ । ଏ ସର୍ବ ମନର ବିଳାସ ॥ 97
ବିଜୁଳି ଗଗନେ ଯେସନ । ଶୟନେ ସ୍ୱପନ ତେସନ ॥ 98
ଏବେ ତୁ ବୁଝି ମୋ' ବଚନ । ସାଧ ତୁ ଏ ମନ ପବନ ॥ 99
ସର୍ବ ସଂକଳ୍ପ ଛାଡ଼ ତୁହି । ସକଳ କର୍ମ ମୋତେ ଦେଇ ॥ 100
ଏକାନ୍ତେ ବୀର ଭଜ ମୋତେ । ସଂସାର ଚିନ୍ତା ଛାଡ଼ି ଚିତ୍ତେ ॥ 101
ମୋର ବଚନେ ଅନୁସର । ଏ ଭବଜଳୁଁ ହୁଅ ପାର ॥ 102
ହରି ଚରଣେ ଦେଇ ଚିତ୍ତ । କହଇ ଦାସ ଜଗନ୍ନାଥ ॥ 103
ଉଦ୍ଧବ-କୃଷ୍ଣର ସମ୍ବାଦ । ସୁଜନଜନେ ସୁଖପ୍ରଦ ॥ 104
ଏଣୁ ଯେ ଭଜେ କୃଷ୍ଣପାଦ । ସେ ତରେ ଏ ଘୋର ପ୍ରମାଦ ॥ 105

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ସପ୍ତଦଶୋଦ୍ଧ୍ୟାୟଃ ॥

## ଅଷ୍ଟାଦଶ ଅଧ୍ୟାୟ

ଦିବ୍ୟ ବିଭୂତି ଶୁଣି କର୍ଣ୍ଣେ । ଉଦ୍ଧବ ଅତି ହୃଷ୍ଟମନେ ॥ 1
ଦେହ ପୁଲକେ ରୋମରାଜି । ଭାବ ଗଦ୍‌ଗଦେ ଚକ୍ଷୁ ବୁଜି ॥ 2

ଉଦ୍ଧବ ଉବାଚ

ବୋଲଇ ହେ ମଧୁସୂଦନ । ଭକ୍ତି ସଂଶୟ ବିମୋଚନ ॥ 3
ଯେ ଧର୍ମ ଭକ୍ତିର ଲକ୍ଷଣ । ଶ୍ରୀମୁଖେ କହିଲ ଆପଣ ॥ 4
ସ୍ୱଧର୍ମ ସାଧି କେଉଁମତେ । ବୈଷ୍ଣବ ଲକ୍ଷଣ ଯୁକତେ ॥ 5
ପୂର୍ବେ ଯେ ହଂସରୂପ ଧରି । ବ୍ରହ୍ମାପୁତ୍ରଙ୍କୁ ଦୟାକରି ॥ 6

ପରମଧର୍ମ କଥା ଯେତେ । କହିଲ ତାହାଙ୍କ ଅଗ୍ରତେ ॥ 7
ସେ ଧର୍ମ କାଳେ ନଷ୍ଟ ଗଲା । ସଂସାରେ କେହି ନ ପାଳିଲା ॥ 8
ଏବେ ଏ କ୍ଷିତି ତଳେ ପୁଣି । କେ ତାହା ତୁମ୍ଭ ବିନୁ ଜାଣି ॥ 9
ସେ ଧର୍ମ କହିପାରୁ ତୁହି । ତୋ' ଠହୁଁ କର୍ତ୍ତା ବକ୍ତା ନାହିଁ ॥ 10
ବ୍ରହ୍ମାସଦନେ ସୁରଲୋକେ । ତୋ' ବିନୁ କେ କହିବ ଏକେ ॥ 11
ସଙ୍ଗତେ ଜ୍ଞାନ ଧର୍ମ ଘେନି । ତୁ ନାଥ ତେଜିବୁ ଅବନୀ ॥ 12
ସେ ଧର୍ମ -ଗୂଢତତ୍ତ୍ୱ ଜାଣି । ତୁ ତାହା କହୁ ପରିମାଣି ॥ 13
ତୁ ସର୍ବ ଧର୍ମଜ୍ଞାନ-ଦାତା । ତୁ ସର୍ବକର୍ତ୍ତା ବକ୍ତା ପିତା ॥ 14
ଭକ୍ତିଲକ୍ଷଣ ଧର୍ମ ଯେତେ । ଭୋ ନାଥ କହ ମୋ' ଅଗ୍ରତେ ॥ 15
ଏମନ୍ତ ଉଦ୍ଧବ ବଚନ । ଶୁଣି ବୋଲନ୍ତି ଭଗବାନ ॥ 16

ଭଗବାନ ଉବାଚ

ଶୁଣ ହେ ଭକତଶେଖର । ଯେ ବର୍ଣ୍ଣାଶ୍ରମ-ଧର୍ମାଚାର ॥ 17
ମୁଁ ସତ୍ୟଯୁଗେ ହଂସରୂପେ । ବ୍ରହ୍ମାର ପୁତ୍ରଙ୍କ ସମୀପେ ॥ 18
ପ୍ରଥମଯୁଗେ ଶୁକ୍ଳବର୍ଣ୍ଣେ । ମୁହିଁ ପ୍ରବର୍ତ୍ତାଇଲି ଜନେ ॥ 19
ଓଁକାର ରୂପେ ଥିଲା ବେଦ । କେହି ନ ଜାଣେ ତା'ର ଭେଦ ॥ 20
ମୁଁ ଧର୍ମ ବୃକ୍ଷରୂପ ଧରି । ସେ ବେଦ ଲୋକରେ ବିସ୍ତାରି ॥ 21
ଏଣୁ ସେ ଯୁଗେ ଯେତେ ନର । ସକଳେ ସତ୍ୟଧର୍ମ ପର ॥ 22
ମନ ବଚନ ହୃଦେ ଧରି । ମୋତେ ଭଜନ୍ତି ତପକରି ॥ 23
ଚିତ୍ତେ ଚିନ୍ତିଲେ ଭୋଗ ଯେତେ । ସମୀପେ ମିଳନ୍ତି ସମସ୍ତେ ॥ 24
ଏମନ୍ତେ ସତ୍ୟଯୁଗ ଗଲା । ଶୁଣ ଉଦ୍ଧବ ମୋ'ର ଲୀଳା ॥ 25
ତ୍ରେତୟାଯୁଗେ ମୋର ଦେହୀ । ଯଜ୍ଞପୁରୁଷେ ଜାତ ହୋଇ ॥ 26
ବେଦ ଉଚିତ ଯଜ୍ଞମାର୍ଗେ । ଧର୍ମ ପ୍ରଚାର ଭୂମିଭାଗେ ॥ 27
ମୋ' ପାଦ ଉରୁ ଭୁଜାନନେ । ଜନ୍ମ ହୋଇଲେ ଚାରିବର୍ଣ୍ଣେ ॥ 28
ମୋ' ଭୁଜୁଁ ଜନ୍ମ କ୍ଷତ୍ରି ଜାତି । ଉରୁରୁ ବୈଶ୍ୟ ଉତପତ୍ତି ॥ 29
ମୁଖୁଁ ବ୍ରାହ୍ମଣ ମୋ'ର ଜାତ । ଶୂଦ୍ର ମୋ' ଚରଣୁ ସମ୍ଭୂତ ॥ 30
ଏଣୁ ମୁଁ ପୁରୁଷ ପୁରାଣ । ଈଶ୍ୱର ବ୍ରହ୍ମାଣ୍ଡକାରଣ ॥ 31
ବିରାଟ ପୁରୁଷ ମୋ' ଗତି । ମୋ' ଠହୁଁ ସୃଷ୍ଟି ଉତପତ୍ତି ॥ 32



ମୋ'ର ଜଘନୁ ଗୃହକାରୀ । ହୃଦୟପଦ୍ମୁଁ ବ୍ରହ୍ମଚାରୀ ॥ 33
ମୋ' ବକ୍ଷସ୍ଥଳୁଁ ବନବାସୀ । ମସ୍ତକୁ ଜନ୍ମିଲେ ସନ୍ନ୍ୟାସୀ ॥ 34
ଏ ସର୍ବବର୍ଣ୍ଣ ସର୍ବାଶ୍ରମ । ସମ୍ଭବ ଉଚ୍ଚ ନୀଚ ସ୍ଥାନ ॥ 35
ପ୍ରକୃତି ଜନ୍ମ ଅନୁସାରେ । ସ୍ୱଭାବ ଆଚାର ବେଭାରେ ॥ 36
ଉତ୍ତମ ସଙ୍ଗେ ସଙ୍ଗ ଯା'ର । ସେ କରେ ଉତ୍ତମ ବେଭାର ॥ 37
ହୀନ ସଙ୍ଗତେ ହୀନଗତି । ହସି କହନ୍ତି ଯଦୁପତି ॥ 38
ଉଦ୍ଧବ ଏକମନେ ଶୁଣ । ବ୍ରାହ୍ମଣ ଆଦି ଯେ ଲକ୍ଷଣ ॥ 39
ତପ ଶଉଚ ଶମ ଦମ । ମୋର ଭକତି ଅନୁପମ ॥ 40
ସତ୍ୟ ସନ୍ତୋଷ କ୍ଷମା ଦୟା । ଆର୍ଜବ ହୃଦୟ ନିର୍ମାୟା ॥ 41
ଏ ସର୍ବ ବ୍ରାହ୍ମଣ ଲକ୍ଷଣ । କ୍ଷତ୍ରିୟ ଧର୍ମ ଏବେ ଶୁଣ ॥ 42
ତେଜ ଶଉଚ ବଳ ଶୌର୍ଯ୍ୟ । ତିତିକ୍ଷା ଉଦ୍ୟମ ଔଦାର୍ଯ୍ୟ ॥ 43
ବିପ୍ର ଭକତି ଧୃତିମନ୍ତ । ବିକ୍ରମ ଅଇଶ୍ୱର୍ଯ୍ୟ ଯୁକ୍ତ ॥ 44
ଦାନ ଅର୍ଜନେ ତତପର । ରଣେ ହୋଇବ ଆଗୁସାର ॥ 45
କ୍ଷତ୍ରିୟ ଲକ୍ଷଣ ଏ ଜାଣ । ଅପରେ ବୈଶ୍ୟଗୁଣ ଶୁଣ ॥ 46
ବିପ୍ରପୋଷଣ ଦାନଯୁକ୍ତ । ଦମ୍ଭ ବର୍ଜିତ କୃଷିରତ ॥ 47
କ୍ରୟ ବିକ୍ରୟ ସାଧୁମତେ । ଧନସଞ୍ଚୟ ଧର୍ମଯୁକ୍ତେ ॥ 48
ବୈଶ୍ୟର କୁଳଧର୍ମ ଏହି । ଏବେ ହୋ ଶୂଦ୍ରଧର୍ମ କହି ॥ 49
ବ୍ରହ୍ମ କ୍ଷତ୍ରିୟ ବୈଶ୍ୟଗଣେ । ସେବା କରିବ ଅନୁକ୍ଷଣେ ॥ 50
ସକଳ ଜୀବେ ଥିବ ଦୟା । କେବେହେଁ ନ କରିବ ମାୟା ॥ 51
ଶୂଦ୍ରଜନର ଏ ବେଭାର । ଶୁଣ ହୀନଜନ ଆଚାର ॥ 52
ଅସତ୍ୟ ବାକ୍ୟ ନିଷ୍ଠାହୀନ । ନାସ୍ତିକ କ୍ରୋଧ ହତଜ୍ଞାନ ॥ 53
ବିରୋଧ ବାଦ କୁବଚନ । କନ୍ଦଳ ଆଚାର ଲଂଘନ ॥ 54
ପରହିଂସନ ପରବାଦ । ପର ରମଣୀ ଧନେ ସଧ ॥ 55
ନୀଚଜନଙ୍କ ଏ ସ୍ୱଭାବ । ସାମାନ୍ୟ ଶୁଣ ହେ ଉଦ୍ଧବ ॥ 56
ନଥିବ ହିଂସା ଚୋରି ଦମ୍ଭ । ଆବର କାମ କ୍ରୋଧ ଲୋଭ ॥ 57
ସତ୍ୟବଚନ ପ୍ରିୟବାଣୀ । ଭୃତ୍ୟ ସୁହୃଦ ଯେତେ ପ୍ରାଣୀ ॥ 58
ଏ ସର୍ବଲୋକେ ସାଧାରଣ । ସ୍ୱଧର୍ମ ସ୍ୱଭାବ ପ୍ରମାଣ ॥ 59

ବ୍ରାହ୍ମଣ ଆଦି ଯଥାକ୍ରମେ । ଯେ ଥିବେ ଯେମନ୍ତ ଆଶ୍ରମେ ॥ 60
ବ୍ରାହ୍ମଣ ଆଶ୍ରମ ବ୍ୟବସ୍ଥା । ଶୁଣ ଉଦ୍ଧବ ସାଧୁକଥା ॥ 61
ବ୍ରାହ୍ମଣ କୁଳେ ଜନ୍ମ ହୋଇ । ବେଦପଠନେ ଦୀକ୍ଷା ବହି ॥ 62
ଗାୟତ୍ରୀମନ୍ତ୍ର ଗୁରୁମୁଖେ । ଜାଣି ସେବିବ ଗୁରୁପାଖେ ॥ 63
ବେଦପଠନ ଦିନେଦିନେ । କରିବ ଗୁରୁ ସନ୍ନିଧାନେ ॥ 64
ତ୍ରିସଂଧ୍ୟା ସ୍ନାନ ହୋମ କରି । ତ୍ରିଦଣ୍ଡ କମଣ୍ଡଳୁ ଧରି ॥ 65
କନ୍ଧେ କୃଷ୍ଣାଜିନ ମେଖଳା । ଅରୁଣ ବାସ ଅକ୍ଷମାଳା ॥ 66
ମନ୍ତ୍ର ଜପନ ପୂଜା ହୋମ । ମାର୍ଜନ ଭୋଜନ ନିୟମ ॥ 67
ଏ ଆଦି କର୍ମ ବ୍ରହ୍ମଚାରୀ । କରିବ ମଉନ ଆଚରି ॥ 68
କର ଚରଣ ନଖ ଯେତେ । ଯେ ଲୋମ କକ୍ଷ ଲିଙ୍ଗଗାତ୍ରେ ॥ 69
ଦୀକ୍ଷା ସମ୍ପୂର୍ଣ୍ଣ ଯାଏ ଧରି । କେବେହେଁ ବ୍ୟପନ ନ କରି ॥ 70
ନିରତେ ଥିବ ଯେ ସଂଯତେ । ବୀର୍ଯ୍ୟ ନ ଦେବ ଯୋନିପଥେ ॥ 71
ଯଦ୍ୟପି ନିଦ୍ରାଗତ କାଳେ । ସ୍ୱପ୍ନ ଗୋଚରେ ବୀର୍ଯ୍ୟ ଟଳେ ॥ 72
ବେଗେ ପ୍ରଭାତୁ ସ୍ନାନ କରି । ହୃଦୟେ ଗାୟତ୍ରୀ ସୁମରି ॥ 73
ଜପ କରିବ ହସ୍ତରେଖେ । ଉଭାରି ରବି ଅଭିମୁଖେ ॥ 74
ଗୁରୁଚରଣେ ନମସ୍କାର । ଯତ୍ନେ କରିବ ସପ୍ତବାର ॥ 75
ଗୋରୁ ବ୍ରାହ୍ମଣ ବୃଦ୍ଧପାଦେ । ବନ୍ଦନ କରିବ ଆନନ୍ଦେ ॥ 76
ତ୍ରିସନ୍ଧ୍ୟା ସେବିବ ସ୍ନାହାନେ । ଗାୟତ୍ରୀ ଜପିବ ମଉନେ ॥ 77
ସାକ୍ଷାତେ ଗୁରୁ ଯେ ଈଶ୍ୱର । ଗୁରୁଙ୍କୁ ନ ମଣିବ ନର ॥ 78
ଗୁରୁଟି ସର୍ବ ଦେବମୟେ । ମୁହିଁ ବସଇ ଗୁରୁଦେହେ ॥ 79
ଏ ଘେନି ଗୁରୁ ଭଗବାନ । ସେ ନୋହେ ମନୁଷ୍ୟ ସମାନ ॥ 80
ସ୍ୱଧର୍ମେ ନିରତେ ପ୍ରଭାତେ । ଭିକ୍ଷା ମାଗିବ ନିତ୍ୟେନିତ୍ୟେ ॥ 81
ଗୁରୁ ସମୀପେ ତାହା ନେଇ । ଥୋଇବ ଶିରେ କର ଦେଇ ॥ 82
ପ୍ରସନ୍ନେ ଗୁରୁ ଦେବେ ଯେତେ । ତାହା ଭୁଞ୍ଜିବ ତୋଷଚିତ୍ତେ ॥ 83
ଗୁରୁ ସେବନେ ଅବଧାନେ । ରଜନୀ ବଂଚିବ ମଉନେ ॥ 84
ଗୁରୁ ସମୀପେ ଭୃତ୍ୟ ପ୍ରାୟେ । ପ୍ରଥମେ ଥିବ ଉଭା ପାୟେ ॥ 85
ଗୁରୁ ପ୍ରସନ୍ନେ ଆଜ୍ଞା ପାଇ । ବସିବ ଗୁରୁମୁଖ ଚାହିଁ ॥ 86



ସଭୟେ ସମୀପେ ବସିବ । ଚରଣ ଅଗ୍ର ନ ଦିଶିବ ॥ 87
ଅଳପ ଦୂରେ ଉଭା ହୋଇ । କର ଯୁଗଳ ଶିରେ ଦେଇ ॥ 88
ନିତ୍ୟେ ନମିବ ଗୁରୁପାଦେ । ବେଦପଠନ ଅନୁବାଦେ ॥ 89
ଏ ରୂପେ ଗୁରୁସେବା କରି । ଦିନ ବଞ୍ଚିବ ବ୍ରହ୍ମଚାରୀ ॥ 90
ଏ ଦେହସୁଖ ଦିନେ ଦିନେ । କେବେହେଁ ନ ଚିନ୍ତିବ ମନେ ॥ 91
ଯାବତ ବିଦ୍ୟାପୂର୍ଣ୍ଣ ନୋହେ । ତାବତ ଗୁରୁଦୀକ୍ଷା ବହେ ॥ 92
ମନ ବଚନ ନିଜ ଦେହେ । ନିତ୍ୟେ ସେବିବ ଗୁରୁପାୟେ ॥ 93
ମୋତେ ପୂଜିବ ଗୁରୁଦେହେ । ମୋ' ତହୁଁ ଗୁରୁ ଭିନ୍ନ ନୋହେ ॥ 94
ଯଦି ସେ ବ୍ରହ୍ମଚାରୀ ଜନ । ବ୍ରହ୍ମଲୋକକୁ ଥିବ ମନ ॥ 95
ଗୁରୁଙ୍କ ଦେହ ସମର୍ପଣ । କରି ଶୁଝିବ ଗୁରୁଋଣ ॥ 96
ଅଗ୍ନିରେ ଗୁରୁରେ ଆତ୍ମାରେ । ମୁଁ ଅଛି ସକଳ ଭୂତରେ ॥ 97
ମୋତେ କରିବ ଉପାସନ । ବୁଦ୍ଧି ନ କରି ଭିନ୍ନାଭିନ୍ନ ॥ 98
ନିତ୍ୟେ ସଂଯତ ବ୍ରହ୍ମଚାରୀ । ନୟନେ ନ ଦେଖିବ ନାରୀ ॥ 99
ସ୍ତ୍ରୀସଙ୍ଗୀ ସଙ୍ଗେ ସମ୍ଭାଷଣ । କେବେହେଁ ନୋହିବଟି ପୁଣ ॥ 100
ତମ ରାଜସ ପ୍ରାଣୀ ଯେତେ । ସଙ୍ଗ ନୋହିବ କଦାଚିତେ ॥ 101
ଯେଣୁ ଏ ଦୁଷ୍ଟଗଣ ସଙ୍ଗ । କରଇ ନିଜଧର୍ମ ଭଙ୍ଗ ॥ 102
ଶଉଚ ସ୍ନାନ ଆଚମନ । ତ୍ରିକାଳ ସନ୍ଧ୍ୟା ଉପାସନ ॥ 103
ତୀର୍ଥଗମନ ଜପ ହୋମ । ଶ୍ରବଣ କୀର୍ତ୍ତନ ମୋ' ନାମ ॥ 104
ମୋ'ର ଚରଣ ସେବା ଯେତେ । ସଂଯତେ କରିବ ନିରତେ ॥ 105
ଅସାଧୁ ସଙ୍ଗେ ସମ୍ଭାଷଣ । ଯେ ଅବା ଅଭକ୍ଷ୍ୟ ଭକ୍ଷଣ ॥ 106
ଏ ଆଦି ଧର୍ମର ଲଂଘନେ । କେବେହେଁ ନ ଚିନ୍ତିବ ମନେ ॥ 107
ସମାନ ଧର୍ମ ଆଚରଣ । ଏ ଆଦି ଆଶ୍ରମ ଲକ୍ଷଣ ॥ 108
ସଂଯମେ ମନବାକ୍ୟ ଧରି । ଏତେ ଲକ୍ଷଣେ ବ୍ରହ୍ମଚାରୀ ॥ 109
ମୋର ଚରଣ ସେବାକରି । ସକଳ ବର୍ଣ୍ଣେ ଅଧିକାରୀ ॥ 110
ଏ ରୂପେ ବ୍ରାହ୍ମଣର ସୁତ । ସାଧିବ ବ୍ରହ୍ମଚାରୀ ବ୍ରତ ॥ 111
ଏମନ୍ତ ବ୍ରତେ ବ୍ରହ୍ମଚାରୀ । ବିରାଜେ ଅଗ୍ନିରୂପ ଧରି ॥ 112
ମୋର ଭକତ ଏ ଶୟଳେ । ମୋ' ସେବା ତୀର୍ଥ ତପଫଳେ ॥ 113

ତା'ର ଦୁରିତ ଯେତେ ଦେହେ । ମୋ' ନାମେ ଅଗ୍ନିକୁଣ୍ଡେ ଦହେ ॥ 114
ଏମନ୍ତ ବ୍ରତେ ବ୍ରହ୍ମଚାରୀ । ଯଦି ସକଳ ବେଦ ଧରି ॥ 115
ତାତ ଜନନୀଙ୍କି ଜଣାଇ । ଦକ୍ଷିଣା ଗୁରୁପାଦେ ଦେଇ ॥ 116
ଗୁରୁବଚନ ଶିରେ ଧରି । ବେଦ ଉତ୍ସର୍ଗେ ସ୍ନାନ କରି ॥ 117
ଛାଡ଼ିବ ବ୍ରହ୍ମଚାରୀ ବେଶ । ବନେ ବା ଭୁବନେ ପ୍ରବେଶ ॥ 118
ଏମନ୍ତେ ନିଜଭାବେ ଥିବ । ଯେ ପୂର୍ବ ଆଶ୍ରମ ସ୍ୱଭାବ ॥ 119
ଅନ୍ୟ ଆଶ୍ରମ ଯେବେ ଭଜି । ପୂର୍ବ ଆଶ୍ରମ ତେବେ ତେଜି ॥ 120
ଯେବେ ବ୍ରାହ୍ମଣ ବ୍ରହ୍ମଚାରୀ । ଗୃହ ଆଶ୍ରମେ ଚିତ୍ତ ଧରି ॥ 121
ବିଚାରି କନ୍ୟା କୁଳବତୀ । ରୂପ ଲକ୍ଷଣ ତାର ଚିନ୍ତି ॥ 122
ବୟଃ ଆକୃତି ପରିମାଣି । କନ୍ୟା ବରିବ ସୁଲକ୍ଷଣୀ ॥ 123
ବିବାହ କରି ଶୁଭଲଗ୍ନେ । ଯେ ବେଦ ବିଧାନ ପ୍ରମାଣେ ॥ 124
ସୁଖେ ସାଧିବ ଗୃହବାସେ । କାମ କାଞ୍ଚନ ପୁତ୍ର ଆଶେ ॥ 125
ଯେ ଧର୍ମ ଗୃହସ୍ଥ କାରଣ । ଉଦ୍ଧବ ସାବଧାନେ ଶୁଣ ॥ 126
ବ୍ରାହ୍ମଣ କୁଳଧର୍ମ ଯେତେ । ଶୁଣ କହିବା ତୋ ଅଗ୍ରତେ ॥ 127
ବେଦାଧ୍ୟୟନ ଅଧ୍ୟାପନ । ଗ୍ରହଣ ଯଜନ ଯାଜନ ॥ 128
ଦାନ ହିଁ ଦେଉଥିବ ନିତ୍ୟେ । ଲୋଭ ନ କରି ଶୁଦ୍ଧଚିତ୍ତେ ॥ 129
ଗୃହେ ହୋଇବ ସର୍ବସହ । ଯେ ନୀଚକର୍ମ ପ୍ରତିଗ୍ରହ ॥ 130
କେବେହେଁ ନ ଘେନିବ କର । ନାଶଇ ଇହ ପରକାଳ ॥ 131
ଯେ ଅବା ଦୁଷ୍ଟ ପ୍ରତିଗ୍ରହ । ଉଭୟ ଲୋକେ ଦୁଃଖମୟ ॥ 132
ଯେ ପ୍ରତିଗ୍ରହ ଭୟଙ୍କର । ଯଶ ତପସ୍ୟା ତେଜହର ॥ 133
ସେ ପ୍ରତିଗ୍ରହ ନ କରିବ । ଦୁଃଖେ ବା କୁଟୁମ୍ବ ପୋଷିବ ॥ 134
ନିତ୍ୟେ ଯାଜନ ଅଧ୍ୟାପନେ । ବଞ୍ଚିବ କିଞ୍ଚିତ ଭୋଜନେ ॥ 135
ଯେ ଧର୍ମକର୍ମ ବିପରୀତେ । କେବେହେଁ ନ କଳ୍ପିବ ଚିତ୍ତେ ॥ 136
ଚିତ୍ତ ସନ୍ତୋଷ ଯଥାଲାଭେ । ନିତ୍ୟେ ବଂଚିବ ମୋର ଭାବେ ॥ 137
ଯେ ବିପ୍ର ହରି ପରାୟଣେ । ଗୃହେ ବସଇ ସାଧୁପଣେ ॥ 138
ନିତ୍ୟେ କରଇ ମୋତେ ଧ୍ୟାନ । ସେ ନୋହେ ନରକେ ପତନ ॥ 139
ସେ ଗୃହ ଅନ୍ଧକୂପୁଁ ତରେ । ଆତ୍ମାକୁ ଆପଣେ ନିସ୍ତାରେ ॥ 140



ଯେ ଅବା ପୂର୍ବକର୍ମ ଦୋଷେ । ଦୁଃଖୀ ଦରିଦ୍ର ଗୃହବାସେ ॥ 141
ମୋହରେ ପରାୟଣ ହୋଇ । ଯେ ବିପ୍ର ଦୁଃଖେ ଶୀର୍ଣ୍ଣ ହୋଇ ॥ 142
ଏମନ୍ତ ବିପ୍ରଦୁଃଖ ଚାହିଁ । ଯେ ଅବା ଚିତ୍ତେ ଦୟାବହି ॥ 143
ବିପ୍ରପୋଷଣ କରେ ନିତ୍ୟେ । ମୁଁ ଥାଇଁ ତାହାର ଅଗ୍ରତେ ॥ 144
ବ୍ରାହ୍ମଣମୁଖେ ମୋ' ଆହାର । ବିପଦ ଖଣ୍ଡଇ ତାହାର ॥ 145
ସମୁଦ୍ର ମଧ୍ୟେ ନାବ ଯେହ୍ନେ । ପ୍ରାଣୀଙ୍କି ତାରଇ ଯେସନେ ॥ 146
ପିତାର ପ୍ରାୟେ ହୋଇ ରାଜା । ବିପଦ ମଧ୍ୟୁ ସର୍ବପ୍ରଜା- ॥ 147
ଜନଙ୍କୁ କରିବ ଉଦ୍ଧାର । ଯେଣୁ ବୋଲାଏ ନରେଶ୍ୱର ॥ 148
ଆପଣା ଆତ୍ମାକୁ ଆପଣେ । ଉଦ୍ଧାର କରେ ସତ୍ତ୍ୱଗୁଣେ ॥ 149
ଯେସନେ ଗଜର ବିପତ୍ତି । ଦେଖି ଉଦ୍ଧରେ ଗଜପତି ॥ 150
ଯେ ରାଜା ଏମନ୍ତ ପ୍ରକାର । ଅଶୁଭ ନାଶେ ଆପଣାର ॥ 151
ସୂର୍ଯ୍ୟସମାନ ତେଜ ରାଶି । ଏମନ୍ତ ବିମାନରେ ବସି ॥ 152
ହରଷ ହୋଇ ନିରନ୍ତରେ । ରହଇ ଇନ୍ଦ୍ରର ସଙ୍ଗରେ ॥ 153
ଏମନ୍ତେ ବ୍ରାହ୍ମଣ ବଞ୍ଚିବ । ଯଦ୍ୟପି ବିପଦ ପଡ଼ିବ ॥ 154
ତେବେ ବଞ୍ଚିବ ବୈଶ୍ୟମତେ । କୃଷି ବାଣିଜ୍ୟ ବେନିପଥେ ॥ 155
ଅଥବା ଶସ୍ତ୍ର ଧରି କରେ । ବଞ୍ଚିବ ପଦାତି ପ୍ରକାରେ ॥ 156
ହିଂସା ନ ବହି ହୃଦୟରେ । ବିଅର୍ଥେ ନ ନାଶିବ ପରେ ॥ 157
କ୍ଷତ୍ରିୟବୃତ୍ତି କରି ଅବା । କେବେହେଁ ନ କରିବ ସେବା ॥ 158
ଏମନ୍ତେ ବିପଦ ବଞ୍ଚିବ । ଶୁଭେ ଯେ ନିଜଧର୍ମେ ଥିବ ॥ 159
ବିପଦେ ବୈଶ୍ୟବୃତ୍ତି ଧରି । କ୍ଷତ୍ରିୟ କୁଟୁମ୍ବ ଆବୋରି ॥ 160
ବଞ୍ଚିବ ଅବା ମୃଗୟାରେ । ନୋହିଲେ ବ୍ରାହ୍ମଣ ବୃତ୍ତିରେ ॥ 161
ଆପଦୁଁ ତରି କାଳକ୍ରମେ । କ୍ଷତ୍ରିୟ ଥିବ ନିଜଧର୍ମେ ॥ 162
ଏମନ୍ତେ ବିପଦୁଁ ବଞ୍ଚିବ । ନୀଚକୁ ସେବା ନ କରିବ ॥ 163
ବିପଦେ ବୈଶ୍ୟ ଶୂଦ୍ରପ୍ରାୟେ । କୁଟୁମ୍ବ ତାରିବ ଉପାୟେ ॥ 164
ବିପଦେ ଶୂଦ୍ର ତା'ର କର୍ମେ । ବଞ୍ଚିବ ନିଜଗୁଣ ଧର୍ମେ ॥ 165
ଏମନ୍ତେ ବର୍ଣ୍ଣ-ଧର୍ମ-ପଥେ । କହିଲି ତୋହର ଅଗ୍ରତେ ॥ 166
ଅବଶ୍ୟ କର୍ତ୍ତବ୍ୟ ଏ ଜାଣ । ଗୃହରେ ପଞ୍ଚଯଜ୍ଞ ପୁଣ ॥ 167

କରିବ ବେଦ ଅଧ୍ୟୟନ । ସ୍ୱଧା ଯେ ସ୍ୱାହା ବଳି ଅନ୍ନ ॥ 168
ଏ ଆଦି ପଞ୍ଚମ ପ୍ରକାରେ । ଯଥା ବିଭବ ଅନୁସାରେ ॥ 169
ଦେବତା ଋଷି ପିତୃଭୂତ । ଅତିଥିମାନଙ୍କୁ ଉଚିତ ॥ 170
ପୂଜା କରିବ ପ୍ରତିଦିନେ । ମୋ' ରୂପ ଅଟନ୍ତି ଏମାନେ ॥ 171
ଧର୍ମେ ଯେ ଧନ ଅରଜିବ । ଯେ ଅବା ହେଲେ ମିଳିଯିବ ॥ 172
ତହିଁରେ ଯଜ୍ଞ ଆଚରିବ । ଭୃତ୍ୟଙ୍କୁ ପୀଡ଼ା ନ କରିବ ॥ 173
ଏ ଭାବେ ଗୃହଧର୍ମ ମତ । ଚିତ୍ତ ନ କରି ମୋହଗ୍ରସ୍ତ ॥ 174
ଗୃହରେ ବିପଦ-ସମ୍ପଦେ । କୁଳ-କାଞ୍ଚନ-ବନ୍ଧୁ-ମଦେ ॥ 175
ମୋହେ ନୋହିବ ମନ ଛନ୍ନ । ଏ ସର୍ବ ନଶ୍ୱର ସମାନ ॥ 176
ଭାବେ ଜାଣିବ ଶୁଣି ଦେଖି । ଇଚ୍ଛାଏ ସକଳ ଉପେକ୍ଷି ॥ 177
ଏ ସୁତ-ଦାରା-ବନ୍ଧୁ ସଙ୍ଗ । ଯେସନେ ସମୁଦ୍ର ତରଙ୍ଗ ॥ 178
ପଥିକ ଯେହ୍ନେ ବୃକ୍ଷତଳେ । ଶ୍ରମେ ମିଳନ୍ତି ଏକମେଳେ ॥ 179
ଶ୍ରମ ସାରିଲେ ଯେଝାମତେ । ଚଳନ୍ତି ବୃକ୍ଷଥାଇ ପଥେ ॥ 180
ଯେସନେ ପ୍ରାଣୀ ନିଦ୍ରାଗତେ । ସମ୍ପଦ ଦେଖେ ସ୍ୱପ୍ନମତେ ॥ 181
ଏହି ପ୍ରକାରେ ଗୃହବାସ । ଏଣେ ନ କରିବ ବିଶ୍ୱାସ ॥ 182
ଏହା ତୁ ବୁଝି ଯଦୁବୀର । ଚଞ୍ଚଳ ଚିତ୍ତ ସ୍ଥିର କର ॥ 183
ଅନିତ୍ୟ ଅସତ୍ୟ ଶରୀର । ଅନ୍ତେ ଲଭଇ ତମଘୋର ॥ 184
ଏଣୁ ଅତିଥି ପ୍ରାୟ ହୋଇ । ମୋର ଭକତ ଗୃହେ ଥାଇ ॥ 185
ପୁତ୍ର କଳତ୍ର ବନ୍ଧୁ ଶିରୀ । ନ ବୋଲେ ମୋହରି ମୋହରି ॥ 186
ଦଇବ ମାୟା ଏ ସଂସାର । ଏଣେ ନ କର ଅହଙ୍କାର ॥ 187
ଏ ଭାବେ ଥାଏ ଯେଉଁଜନ । ସେ ନୋହେ ଗୃହରେ ବନ୍ଧନ ॥ 188
ଏମନ୍ତେ ଗୃହ-ଅବଧାନେ । ଧର୍ମ ସାଧିବ ଯଜ୍ଞଦାନେ ॥ 189
ମୋର ଭକତି ଦିନେଦିନେ । ସାଧିବ ହୃଦୟ ଯତନେ ॥ 190
ଗୃହସ୍ଥଭାବେ ଏହିମତେ । ଭାବେ ବଞ୍ଚିବ ଦିନାକେତେ ॥ 191
ବୟସ-ତୃତୀୟ ପ୍ରାପତେ । ବନେ ଚଳିବ ତପଅର୍ଥେ ॥ 192
ପତ୍ନୀ ନିବେଶି ପୁତ୍ରପାଶେ । ଅଥବା ଚଳିବ ସନ୍ନ୍ୟାସେ ॥ 193
ପୁତ୍ର ନ ଥିଲେ ଘେନି ସଙ୍ଗେ । ନିଜ ଆୟୁଷ ବେନିଭାଗେ ॥ 194



ଧର୍ମ କରଣେ କର୍ମ ଯେତେ । ବନେ ସାଧିବ ଯେଝାମତେ ॥ 195
ଗୃହ ନିର୍ବନ୍ଧ ଯାର ମନେ । ଆକୁଳ ସୁତ-ଦାରା-ଧନେ ॥ 196
ମୂଢ଼ କୃପଣ ସ୍ତିରୀଯୁତ । ମୁହିଁ ମୋହର ଏ ସମସ୍ତ ॥ 197
ଏଣୁ ବଞ୍ଚଇ ଗୃହବାସେ । ଅଶାନ୍ତ ଇନ୍ଦ୍ରିୟ ଲାଳସେ ॥ 198
କୁଟୁମ୍ବ-ନିସ୍ତାରଣ ଆଶେ । ଭାଳଇ ରଜନୀ ଦିବସେ ॥ 199
ବୃଦ୍ଧ ଜନନୀ ତାତ ମୋର । ବନିତା ବାଳକ କୁମର ॥ 200
କି ରୂପେ ନିସ୍ତାରିବି ମୁହିଁ । ଏଣେ ଆକୁଳ ମନ ହୋଇ ॥ 201
କ୍ଷଣେ ନ ପାରେ ଗୃହ ଛାଡ଼ି । ନିରତେ ଚିନ୍ତା ଚିତ୍ତେ ଜଡ଼ି ॥ 202
ଦାରା ତନୟ ନିତ୍ୟେ ଚିନ୍ତି । ଗୃହେ ମଜ୍ଜଇ ମୂଢ଼ମତି ॥ 203
ଅନ୍ତେ ପଡ଼ଇ ତମ ଘୋରେ । ଭ୍ରମଇଁ ଏ ଘୋର ସଂସାରେ ॥ 204
ଗୃହ କରଣ ବର୍ଣ୍ଣଭାବ । ଉଦ୍ଧବ କହିଲେ ମାଧବ ॥ 205
ସେ ଗୁରୁଶିଷ୍ୟ ପାଦଗତ । ନମଇଁ ଦାସ ଜଗନ୍ନାଥ ॥ 206

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଅଷ୍ଟାଦଶୋଦ୍ଧ୍ୟାୟଃ ॥

## ଊନବିଂଶ ଅଧ୍ୟାୟ

ଭଗବାନ ଉବାଚ

ବୋଲନ୍ତି ପ୍ରଭୁ ଭଗବାନ । ଶୁଣ ହେ ଭକତ ନିପୁଣ ॥ 1
ଯେ ବାନପ୍ରସ୍ଥର ଲକ୍ଷଣ । କହିବା ତା'ର ଆଚରଣ ॥ 2
ଯେବେ ଚଳିବ ବନବାସେ । ପତ୍ନୀ ନିବେଶି ପୁତ୍ର ପାଶେ ॥ 3
ପୁତ୍ର ନ ଥିଲେ ଘେନି ସଙ୍ଗେ । ନିଜ ଆୟୁଷ ବେନିଭାଗେ ॥ 4
ବନେ ଭକ୍ଷିବ କନ୍ଦମୂଳ । ପିନ୍ଧିବ ବୃକ୍ଷର ବଲ୍କଳ ॥ 5
କି ଅବା ଚର୍ମ-ତୃଣ-ପତ୍ରେ । ଅଖଣ୍ଡ-ନଖ-ଲୋମ ଗାତ୍ରେ ॥ 6
ଆବର ଶ୍ମଶ୍ରୁ ନ ଛେଦିବ । ଭୂମିରେ ଶୟନ କରିବ ॥ 7
ଅଙ୍ଗ ଦଶନ ନ ମାଜିବ । ମନ ଚଞ୍ଚଳ ନ କରିବ ॥ 8

ଉତ୍ତମ ପୁଣ୍ୟତୀର୍ଥ ଜଳେ । ସ୍ନାନ କରିବ ତିନିକାଳେ ॥ 9

ପଞ୍ଚଅନଳ ଗ୍ରୀଷ୍ମକାଳେ । ତାପ ସହିବ ତପବଳେ ॥ 10

ବରଷାକାଳେ ବରଷଣ । ସହିବ ତହିଁର କଷଣ ॥ 11

ଆକଣ୍ଠମଗ୍ନ ଶୀତଜଳେ । ରାତ୍ରେ ବଞ୍ଚିବ ଶୀତକାଳେ ॥ 12

ଏମନ୍ତେ ନାନା ଦୁଃଖ ସହି । ତପ କରିବ ମୋତେ ଧ୍ୟାୟି ॥ 13

ଯେ ଅବା ଶାକ ଫଳ ମୂଳ । ବନେ ମିଳିବ ଯେବା ଜଳ ॥ 14

ଅଗ୍ନି ତପନେ କରି ପାକ । ଭକ୍ଷିବ ଫଳମୂଳ ଶାକ ॥ 15

ପାଷାଣେ କୁଟି କିବା ଦନ୍ତେ । ଭକ୍ଷଣ କରିବ ବନସ୍ତେ ॥ 16

ଆପଣା ବୃତ୍ତିର କାରଣେ । କର୍ମ ସମ୍ପାଦିବ ଆପଣେ ॥ 17

ଏମନ୍ତେ ଥାଇ ତପୋବନେ । ଦ୍ରବ୍ୟ ଯାଚିବ ଯେବେ ଆନେ ॥ 18

କେବେହେଁ ନ ଘେନିବ କରେ । ଯେବା ମିଳିବ ବନଘୋରେ ॥ 19

ତେଣେ ଜୀବନମାତ୍ର ପୋଷି । ବନେ ସାଧିବ ଧର୍ମରାଶି ॥ 20

ପଶୁମାରଣେ କର୍ମ ଯେତେ । କେବେହେଁ ନ କଳ୍ପିବ ଚିତ୍ତେ ॥ 21

ବେଦବଚନେ ଯେ ପ୍ରକାଶ । ଇଷ୍ଟ ଦରଶ ପୌର୍ଣ୍ଣମାସ ॥ 22

ଅନଳ ହୋତ୍ରେ ଚତୁର୍ମାସେ । ମୋତେ ପୂଜିବ ବନବାସେ ॥ 23

ଏ ରୂପେ ତପ କରି ବନେ । ମୋ' ଭାବ ଭକ୍ତି ଅବଧାନେ ॥ 24

ଦେହ ଅନ୍ତରେ ଦିବ୍ୟରୂପେ । ସେ ବସେ ଋଷିଙ୍କ ସମୀପେ ॥ 25

ଯେ ଏତେ କଷ୍ଟ କରି ତପ । କରଇ କାମନା ସଙ୍କଳ୍ପ ॥ 26

ତା' ଠାରୁ ମୂର୍ଖ କେବା ଜନ । ଅଛଇ ଏ ତିନି ଭୁବନ ॥ 27

ତପ ସାଧନେ ଘୋରବନେ । ବଞ୍ଚିବ ଦୁଃଖ ଶୋକମନେ ॥ 28

ସ୍ୱଭାବେ ବୃଦ୍ଧଦେହେ ଆସି । ଯେବେ ଜନ୍ମିବ ରୋଗରାଶି ॥ 29

ଯୋଗ ଧାରଣା ପରିକଳି । ନିଜ ଶରୀରେ ଅଗ୍ନିଜାଳି ॥ 30

ପଞ୍ଚପରାଣ ନିଜ ପିଣ୍ଡେ । ହୋମ କରିବ ଅଗ୍ନିକୁଣ୍ଡେ ॥ 31

ଏମନ୍ତେ ଯୋଗ ଅବଧାରି । ଅନ୍ତେ ମିଳିବ ବିଷ୍ଣୁପୁରୀ ॥ 32

ଯାହାର ପୂର୍ବଭାଗ୍ୟ ବଶେ । ବୈରାଗ୍ୟ ଉପୁଜେ ବିଶ୍ୱାସେ ॥ 33

ତାହାକୁ ଇହପର ଲୋକେ । ଦିଶଇ ନାନା ଦୁଃଖ ସୁଖେ ॥ 34

ତେବେ ସକଳ ତ୍ୟାଗ କରି । ସନ୍ନ୍ୟାସ ରୂପେ ଦଣ୍ଡ ଧରି ॥ 35



ଗୁରୁବଚନ ଦୃଢ଼େ ଧରି । ଆଚାର୍ଯ୍ୟ ଭାବେ ପୂଜା କରି ॥ 36

ଦକ୍ଷିଣା କରି ସର୍ବଧନ । ତୋଷିବ ଆଚାର୍ଯ୍ୟର ମନ ॥ 37

ହୋଇବ ନିରପେକ୍ଷମନା । ଛାଡ଼ିବ ସଂସାର ବାସନା ॥ 38

ବନେ ପଶିବ ତପ ଅର୍ଥେ । ଶୁଣ ଉଦ୍ଧବ ଏକଚିତ୍ତେ ॥ 39

ଯେବେ ସନ୍ନ୍ୟାସୀ ତତ୍ତ୍ୱଜ୍ଞାନେ । ଚିତ୍ତ ନିବେଶି ଶୁଦ୍ଧମନେ ॥ 40

ମୋର ଚରଣ ଦୃଢ଼େ ଧରି । ଯୋଗ ସାଧିବ ତପକରି ॥ 41

ତାହାକୁ ଦେବଗଣେ ଆସି । ଅଶେଷ ବିଘ୍ନ ପରକାଶି ॥ 42

ମୋହିନୀ ବେଶେ ସ୍ତିରୀରୂପେ । ମିଳନ୍ତି ତାହାର ସମୀପେ ॥ 43

ମାୟାରେ କରି ଅଙ୍ଗ-ସଙ୍ଗ । ତପ କରନ୍ତି ତା'ର ଭଙ୍ଗ ॥ 44

ଆମ୍ଭର ସଙ୍ଗ ଛାଡ଼ି ଏକେ । ଏ କିପାଁ ଯିବ ବିଷ୍ଣୁଲୋକେ ॥ 45

ଏତେ ବିଚାରି ଦେବଗଣେ । ବିଘ୍ନ କରନ୍ତି ଅନୁକ୍ଷଣେ ॥ 46

ଯଦ୍ୟପି ସଂସାର-ବେଭାର । ଲାଜେ ନୋହିବ ଦିଗମ୍ବର ॥ 47

ତେବେ କୌପୀନ ବସ୍ତ୍ର ଧରେ । ତ୍ରିଦଣ୍ଡ କମଣ୍ଡଳୁ କରେ ॥ 48

ଦୃଢ଼େ ସନ୍ନ୍ୟାସରୂପ ବହେ । ହେଲେ ସକଳପାପ ଦହେ ॥ 49

ଦୃଷ୍ଟି ପବିତ୍ର ପାଦନ୍ୟାସ । ବସ୍ତ୍ର ପବିତ୍ର ଜଳଗ୍ରାସ ॥ 50

ବାକ୍ୟ ପବିତ୍ର କହି ସତ୍ୟ । ମନ ପବିତ୍ରେ ଥିବ ନିତ୍ୟ ॥ 51

ମଉନ ବ୍ରତ ନିତ୍ୟାଚାର । ଯେ ଧର୍ମ ସନ୍ନ୍ୟାସେ ବେଭାର ॥ 52

ଜିଣିବ ବଚନ ପବନ । ଯୋଗ-ଅଭ୍ୟାସେ ଦୃଢମନ ॥ 53

ପ୍ରାଣଧାରଣା ଯୋଗବଳେ । ବସିବ ଆସନେ ନିଶ୍ଚଳେ ॥ 54

ମନ ପବନ ଇନ୍ଦ୍ରିଗଣେ । ଯେବେ ସନ୍ନ୍ୟାସୀ ନାହିଁ ଜିଣେ ॥ 55

କେବଳ ଦଣ୍ଡ ଧରି କରେ । ବିଅର୍ଥେ ଭ୍ରମଇଁ ସଂସାରେ ॥ 56

ଏ ମାୟାମୟ ତ୍ରିଭୁବନ । ମନେ ନ କରି ବସ୍ତୁଜ୍ଞାନ ॥ 57

ବ୍ରାହ୍ମଣ ଆଦି ଚାରିବର୍ଣ୍ଣେ । ଭିକ୍ଷା ମାଗିବ ଅବଧାନେ ॥ 58

ନିନ୍ଦିତ ବର୍ଣ୍ଣ ଦୁରାଚାର । ବର୍ଜିବ ପାପିଷ୍ଠ ପାମର ॥ 59

ଏମନ୍ତେ ଭିକ୍ଷା ସପ୍ତଦ୍ୱାରେ । ମାଗିବ ସତ୍ୟ ଅନୁସାରେ ॥ 60

କର୍ମେ ମିଳିବ ଭିକ୍ଷା ଯେତେ । ଆନନ୍ଦେ ଘେନି ଶୁଦ୍ଧ ଚିତ୍ତେ ॥ 61

ନିର୍ଜନେ ନଗର ଉପାନ୍ତେ । ଆନନ୍ଦେ ବସିବ ଏକାନ୍ତେ ॥ 62

ପିତୃ-ଅତିଥି-ଦେବଜନେ । ଭିକ୍ଷା ସମର୍ପି ତୋଷମନେ ॥ 63
ଶେଷଭୋଜନେ ପ୍ରାଣ ପୋଷି । ଏମନ୍ତେ ଭ୍ରମିବ ସନ୍ନ୍ୟାସୀ ॥ 64
ସଙ୍ଗବର୍ଜିତ ସମମତି । ନିରତେ ପରହିତେ ବ୍ରତୀ ॥ 65
ଆତ୍ମା ବିଷୟେ ଦୃଢଚିତ୍ତ । ଉତ୍ତମ ଉଦାର ଚରିତ ॥ 66
ବିରଳ କୁଶଳ ଆସନେ । ନିର୍ମଳେ ଅନ୍ତର୍ଗତ ଧ୍ୟାନେ ॥ 67
ଅଭେଦ ଭାବେ ନିତ୍ୟେ ଧ୍ୟାୟି । ସର୍ବ ଦେଖିବ ବିଷ୍ଣୁମୟୀ ॥ 68
ଆତ୍ମାର ଗତି ବନ୍ଧ ମୋକ୍ଷ । ସୁଜ୍ଞାନେ ଦେଖିବ ପ୍ରତ୍ୟକ୍ଷ ॥ 69
ମନ ନିବେଶି ସାବଧାନେ । ବୁଝିବ ବନ୍ଧମୋକ୍ଷ ଜ୍ଞାନେ ॥ 70
ଭକତି ଭାବେ ଷଡ଼ଅରି । ଜିଣିବ କାମ ଆଦିକରି ॥ 71
ବିଷୟ ସଙ୍ଗକୁ ଉପେକ୍ଷି । ହୋଇବ ଆତ୍ମାମୁଖେ ସୁଖୀ ॥ 72
ଭିକ୍ଷା କାରଣେ ଗ୍ରାମପୁରେ । ପଶି ମାଗିବ ସପ୍ତଦ୍ୱାରେ ॥ 73
ତୀର୍ଥ ସ୍ନାହାନେ ପୁଣ୍ୟଦେଶେ । ଗମନ କରିବ ବିଶ୍ୱାସେ ॥ 74
ସୁପୁଣ୍ୟ ନଦନଦୀ ତୀରେ । କୂପ ଦୀର୍ଘିକା ସରୋବରେ ॥ 75
ଭ୍ରମିବ କରେ ଦଣ୍ଡଧରି । ପୀରତି ସର୍ବଭୂତେ କରି ॥ 76
ବିଷୟ-ରସ-ଭାବ ଯେତେ । କେବେହେଁ ନ ଚିନ୍ତିବ ଚିତ୍ତେ ॥ 77
ଏ ମାୟାମୋହ ତ୍ରିଭୁବନ । ମନେ ନ କରି ବସ୍ତୁଜ୍ଞାନ ॥ 78
ଇନ୍ଦ୍ରିୟଗୁଣେ ଆସକତ । ନୋହି ଭ୍ରମିବ ଯେ ପଣ୍ଡିତ ॥ 79
ଚିତ୍ତୁ ସଂଶୟ-ଅଭିମାନ । ତେଜି କରିବ ଆତ୍ମଧ୍ୟାନ ॥ 80
ଜ୍ଞାନ ଭକତି ନିଷ୍ଠାପର । ନିତ୍ୟେ ଯେ ବିଶ୍ୱାସ ମୋହର ॥ 81
ସକଳଭୂତେ ଅନପେକ୍ଷ । ଜ୍ଞାନ ବୈରାଗ୍ୟ-ଗୁଣେ ଦକ୍ଷ ॥ 82
ସର୍ବ ଆଶ୍ରମ ଧର୍ମ ତେଜି । ମୋର ଚରଣ ଦୃଢେ ଭଜି ॥ 83
ପୃଥିବୀ କରି ପର୍ଯ୍ୟଟନ । ଛାଡ଼ିବ ଆଶ୍ରମ ଲକ୍ଷଣ ॥ 84
ନାହିଁ ତାହାର ଅବଶେଷ । କର୍ମ-ଅଧିକାରେ ପ୍ରବେଶ ॥ 85
ବାଳକ ପ୍ରାୟ ଏ ସଂସାରେ । ଭ୍ରମଇଁ ଆହାର ବେଭାରେ ॥ 86
ଭଲେ ଜାଣଇଁ ସର୍ବଧର୍ମ । ଜଡ଼ର ପ୍ରାୟେ କରେ କର୍ମ ॥ 87
ବାତୁଳ ପ୍ରାୟେ କହେ ବାଣୀ । ଅନ୍ତରେ ସର୍ବ-ଧର୍ମ ଜାଣି ॥ 88
ଅନ୍ତରେ ଥିବ ବେଦମତେ । ନ ପଶି ପାଷଣ୍ଡଙ୍କ ପଥେ ॥ 89



ପ୍ରାଣୀଙ୍କି ନ କରିବ ହିଂସା । ତେଜିବ ବାଦତର୍କ ଭାଷା ॥ 90
ନ ଥିବ ପ୍ରିୟ-ପକ୍ଷପାତେ । ପ୍ରାଣୀଙ୍କ ଭଲମନ୍ଦ ମତେ ॥ 91
ଅଙ୍ଗରେ ଈଶ୍ୱର ଯେସନ । ବିଲଗେ ଥାଇ ସନ୍ନିଧାନ ॥ 92
କେବେ ହେଁ ପ୍ରାଣୀଙ୍କ ସଙ୍ଗତେ । ସଙ୍ଗତି ନ ଚିନ୍ତିବ ଚିତ୍ତେ ॥ 93
କେବେ ହେଁ ପ୍ରାଣୀଙ୍କର ଚିତ୍ତେ । ଉଦ୍ବେଗ ନ ଦେବ ଯୁକତେ ॥ 94
ବଞ୍ଛିବ ସର୍ବଲୋକ ହିତେ । ଉଦ୍ବେଗ ନୋହି କଦାଚିତେ ॥ 95
କନ୍ଦଳେ ପର ଅପମାନେ । ବିବାଦ ନ ଚିନ୍ତିବ ମନେ ॥ 96
ଜନ୍ତୁଙ୍କ ତୁଲେ ରିପୁଭାବ । କେବେହେଁ ହୃଦେ ନ ଚିନ୍ତିବ ॥ 97
ଏକଇ ଆତ୍ମା ସର୍ବଭୂତେ । ଚନ୍ଦ୍ର ଯେସନେ ଶୂନ୍ୟପଥେ ॥ 98
ଅନେକ ଜଳଘଟ ମଧ୍ୟେ । ଯେସନେ ଦେଖି ନାନାଭେଦେ ॥ 99
ଲାଭ-ଅଲାଭେ ସମଭାବ । ଦୁଃଖ-ହରଷ ନ କରିବ ॥ 100
ଅଦୃଷ୍ଟ ଦୁଃଖ ସୁଖ ହେତୁ । ଅଦୃଷ୍ଟ-ବଶ ସର୍ବଜନ୍ତୁ ॥ 101
ଉପାୟ ଆହାର କାରଣେ । ଚିନ୍ତିବ ଶରୀର-ଧାରଣେ ॥ 102
ଏ ଦେହ ଥିଲେ ଜ୍ଞାନ ପାଇ । ଜଳେ ଯେସନେ ଚନ୍ଦ୍ର ଛାଇ ॥ 103
ଜ୍ଞାନେ ସକଳ ପାପ ନାଶେ । ନିର୍ବାଣ ମୁକତି ପ୍ରକାଶେ ॥ 104
ଯେ ଅବା ଅନ୍ନ କ୍ଷୁଧାକାଳେ । ମିଳିବ ପୂର୍ବକର୍ମ ଫଳେ ॥ 105
ଯେ ଶଯ୍ୟା କିବା ବସ୍ତ୍ର ଲାଭ । ଦଇବେ ଯେ ଅବା ଘଟିବ ॥ 106
ତାହା ସନ୍ତୋଷେ ଭୋଗକରି । କର୍ମ ସାଧିବ ଦେହଧରି ॥ 107
ସ୍ନାନ ସଉଚ ଆଚମନ । ଯେ ନିତ୍ୟ ବିଧିର ବିଧାନ ॥ 108
ଭାବଅଭାବ ଏକକରି । ସାଧିବ ମୁନି ଦଣ୍ଡ ଧରି ॥ 109
ଯେ ନିତ୍ୟେ କର୍ମଦଣ୍ଡ ଧରେ । ସେ ଭଲମନ୍ଦ ନ ବିଚାରେ ॥ 110
କର୍ମ କରିବ ଇଚ୍ଛାମତେ । ଲୀଳାରେ ଈଶ୍ୱର ଯେମନ୍ତେ ॥ 111
ଯେ ସ୍ୱର୍ଗବାସ ସୁଖଭୋଗ । ଅନ୍ତେ ଦୁରିତ ଦୁଃଖଯୋଗ ॥ 112
ଏତେ ବିଚାରି ଚିତ୍ତ ସ୍ଥିରେ । ବୈରାଗ୍ୟ ଜନ୍ମେ ଯା’ ଅନ୍ତରେ ॥ 113
ଗୁରୁଚରଣ ସେବା କରି । ତା’ଙ୍କ ବଚନ ଶିରେ ଧରି ॥ 114
ଗୁରୁଙ୍କୁ ବିଷ୍ଣୁପ୍ରାୟ ମଣି । ସେବା କରିବ ମନ ଜାଣି ॥ 115
ଗୁରୁବଚନ ଧରି ଚିତ୍ତେ । ମୋର ଭକତି ଦୃଢବ୍ରତେ ॥ 116

ନିଶ୍ଚଳେ ମୋତେ ଆଶ୍ରେ କରି । ସୁଖେ ସେ ତରେ ଭବବାରି ॥ 117
ଯଦି ସନ୍ନ୍ୟାସୀ ଯୋଗବଳେ । ଷଡ଼ଅଇରି ଇନ୍ଦ୍ରିମେଳେ ॥ 118
ସଂସାର ନ ପାରଇ ଜିଣି । ଗୁରୁବଚନ ନ ପ୍ରମାଣି ॥ 119
ବିଷୟେ ନୋହେ ବଇରାଗ୍ୟ । ପ୍ରଚଣ୍ଡ ଇନ୍ଦ୍ରିଗଣ ବେଗ ॥ 120
ଅଶାନ୍ତି ଦେହ ବହେ ନିତ୍ୟେ । ମିଥ୍ୟା ଆରମ୍ଭ ଦଣ୍ଡ ହସ୍ତେ ॥ 121
କେବଳ ସନ୍ନ୍ୟାସ ଲକ୍ଷଣ । ତା'ରେ ହସନ୍ତି ଦେବଗଣ ॥ 122
ସେ ନୋହେ ଭବଜଳୁଁ ପାର । ଆତ୍ମା ନିନ୍ଦିତ ଦୁରାଚାର ॥ 123
ଉଭୟଲୋକେ ତା'ର ନାଶ । ଜନେ କରନ୍ତି ଉପହାସ ॥ 124
କେହି ନ କରେ ତାକୁ ରକ୍ଷା । ବିନାଶ ହେତୁ ତା'ର ଦୀକ୍ଷା ॥ 125
ଅହିଂସା ସନ୍ନ୍ୟାସ ଲକ୍ଷଣ । କୃଷ୍ଣ କହନ୍ତି ପୁଣପୁଣ ॥ 126
ତିତିକ୍ଷା ଶମ ଦମ ଶାନ୍ତି । ବନସ୍ଥଜନର ଏ ଗତି ॥ 127
ଗୃହସ୍ଥ ସର୍ବଜୀବ ରକ୍ଷା । ବ୍ରାହ୍ମଣ ସେବା ଗୁରୁଦୀକ୍ଷା ॥ 128
ତପ ଶଉଚ ମୋ' ଭଜନ । ଏ ଆଦି ବ୍ରହ୍ମଚର୍ଯ୍ୟ କର୍ମ ॥ 129
ପତ୍ନୀ ସଙ୍ଗମ ଋତୁକାଳେ । ଗୃହସ୍ଥ ଧର୍ମ ଏ ଶସ୍ତଳେ ॥ 130
ଏ ଚାରିଭାଗେ ଧର୍ମଗୁଣ । କହିଲି ଆଶ୍ରମ ଲକ୍ଷଣ ॥ 131
ଏଣୁ ସ୍ୱଧର୍ମେ ମୋର ପାଦେ । ଯେ ନର ଭଜେ ଅପ୍ରମାଦେ ॥ 132
ସେ ମୋତେ ଦେଖେ ସର୍ବଭୂତେ । ଯେ ରୂପେ ଅଛି ମୁଁ ଜଗତେ ॥ 133
ମୋ'ର ଭକତି ବିନୁ ଆନେ । ଯେ ନର କିଛି ହିଁ ନ ଜାଣେ ॥ 134
ଦୃଢ ଭକତି ଯୋଗବଳେ । ପଶେ ମୋ' ଚରଣ କମଳେ ॥ 135
ମୁଁ ବ୍ରହ୍ମ ଉତ୍ପତ୍ତି ପାଳନ । ସଂସାର ପ୍ରଳୟ କାରଣ ॥ 136
ସର୍ବଭୂତଙ୍କ ଆତ୍ମା ମୁହିଁ । ମୋର ଭଜନେ ମୋତେ ପାଇ ॥ 137
ମୋର ଭକତି ବିନୁ ନର । ନୁହଇ ବଜଳୁ ପାର ॥ 138
ଉଦ୍ଧବ ପଚାରିଲୁ ଯେତେ । ଆଶ୍ରମଧର୍ମ ଶାସ୍ତ୍ରମତେ ॥ 139
ତୁ ଏହା ଦୃଢଚିତ୍ତେ ଧର । ହସି ବୋଲନ୍ତି ଦାମୋଦର ॥ 140
ସେ ହରି ଅଭୟ ଚରଣେ । ପାମର ଜଗନ୍ନାଥ ଭଣେ ॥ 141
କେବଳ ଦାସ ଭାବେ ମତି । ଚରଣେ ଶରଣ ମୁଁ ନିତି ॥ 142
ପରମଗତି ମୁକ୍ତି ଯେହୁ । ତା' ବିନୁ ଅନ୍ୟ ଆଶ୍ରା କାହୁଁ ॥ 143



ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଊନବିଂଶ ଅଧ୍ୟାୟଃ ॥

## **ବିଂଶ ଅଧ୍ୟାୟ**

ଭଗବାନ ଉବାଚ

କହନ୍ତି ପ୍ରଭୁ ଭଗବାନ । ଶୁଣ ହେ ଭକତ ପ୍ରଧାନ ॥ 1
ଯେ ଜନ ଆତ୍ମା ତତ୍ତ୍ୱଜ୍ଞାନ । ଅନୁଭବରେ ବିଚକ୍ଷଣ ॥ 2
ବିମଳମତି ଧୀରବାଣୀ । ଜଗତ ମାୟାମାତ୍ର ଜାଣି ॥ 3
ସେ ଜ୍ଞାନ ଦେଇ ମୋ' ଚରଣେ । ଭାବେ ଖଟିବେ ଭୃତ୍ୟପଣେ ॥ 4
ମୋତେ ବାଞ୍ଛନ୍ତି ଜ୍ଞାନୀଜନ । ମୁଁ ତା'ଙ୍କ ପ୍ରିୟ ଇଷ୍ଟଧନ ॥ 5
ମୋର ଚରଣ ଶ୍ରେଷ୍ଠ ମଣେ । ଜ୍ଞାନବିଜ୍ଞାନ ଦୃଢମନେ ॥ 6
ଏଣୁ ମୋ' ଜ୍ଞାନୀ ପ୍ରିୟତମ । କେହି ନୁହଁନ୍ତି ତା'ର ସମ ॥ 7
ସେ ମୋତେ ଜ୍ଞାନବନ୍ଧେ ଧରେ । ସକଳ କର୍ମ ପରିହରେ ॥ 8
ତୀର୍ଥ ଗମନ ଜପ ଦାନ । ଯଜ୍ଞେ ଦେବତା ଆରାଧନ ॥ 9
ଏ କୋଟି କୋଟି ବ୍ରତ ଧର୍ମ । ଏ ଆଦି ଯେତେ ପୁଣ୍ୟକର୍ମ ॥ 10
ନାନା ପ୍ରକାରେ ତପ କରି । ଜ୍ଞାନକଳାକୁ ନୋହେ ସରି ॥ 11
ଉଦ୍ଧବ ଏହା ବୁଝି ମନେ । ତୁ ମୋତେ ଭଜ ତତ୍ତ୍ୱଜ୍ଞାନେ ॥ 12
ମୋତେ ଭଜିଲେ ଖଣ୍ଡେ ଭ୍ରମ । ଏବେ ତୁ ଛାଡ଼ ସର୍ବଧର୍ମ ॥ 13
ଜ୍ଞାନମାର୍ଗରେ କର ଆଶା । ମୋ ପାଦେ ରହିବ ଭରସା ॥ 14
ପୂର୍ବେ ଅଶେଷ ମୁନିଗଣେ । ଜ୍ଞାନେ ସେବିଲେ ମୋ' ଚରଣେ ॥ 15
ସଂଶୟ ଛାଡ଼ି ଶୁଦ୍ଧମନେ । ଗମିଲେ ବୈକୁଣ୍ଠଭୁବନେ ॥ 16
ଉଦ୍ଧବ ଦେଖ ଏ ସଂସାର । ସ୍ୱଭାବେ ତ୍ରିଗୁଣ ବିକାର ॥ 17
ଏ ସର୍ବମାୟା ନାନାମତେ । ଆଶ୍ରେ କରନ୍ତି ସର୍ବଚିତ୍ତେ ॥ 18
ଏ ମାୟା ପ୍ରଳୟେ ନ ଥାଇ । ପୂର୍ବେ ତ କେହି ନ ଜାଣଇ ॥ 19
ମଧ୍ୟେ ବିଳସେ ନାନାରୂପେ । ଜଗନ୍ମୋହିନୀ ମାୟା କଳ୍ପେ ॥ 20
ଏଣୁ ଏ ଆଦି ମଧ୍ୟ ଅନ୍ତ । କେବଳ ମାୟା ମାତ୍ର ସତ୍ୟ ॥ 21

ଉଦ୍ଧବ କୃଷ୍ଣବାଣୀ ଶୁଣି । ଜ୍ଞାନମହିମା ପରିମାଣି ॥ 22
ଜ୍ଞାନ-ବୈରାଗ୍ୟ-କର୍ମ ଯେତେ । ପୁଛିଲା କୃଷ୍ଣପାଦଗତେ ॥ 23

ଉଦ୍ଧବ ଉବାଚ

ହେ ବିଶ୍ୱେଶ୍ୱର ନାରାୟଣ । ଅନାଦି ପୁରୁଷ ପୁରାଣ ॥ 24
ତୁ ବିଶ୍ୱରୂପୀ ବିଶ୍ୱଦେହ । ଭକ୍ତି ଲକ୍ଷଣ ମୋତେ କହ ॥ 25
ବିଶୁଦ୍ଧ-ବିଜ୍ଞାନ-କାରଣ । ଯାହା ବାଞ୍ଛନ୍ତି ମୁନିଗଣ ॥ 26
ଘୋର ସଂସାର ମାୟା ଭ୍ରମେ । ମୁହିଁ ତୃଷିତ ପଥଶ୍ରମେ ॥ 27
ତୋ' ପାଦପଦ୍ମ ଛତ୍ର ପ୍ରାୟେ । ଶୀତଳ ମଧୁଧାରା ବହେ ॥ 28
ତୋ' ପାଦପଦ୍ମେ ମୋର ଆଶା । ଭବାବ୍ଧି ତରଣେ ଭରସା ॥ 29
ମୁଁ ମୂଢ଼ ନିଜପଥ ଛୁଡ଼ି । ଭ୍ରମଇଁ ଅନ୍ଧକୂପେ ପଡ଼ି ॥ 30
ଏ କାଳସର୍ପ ମୋ' ଶରୀରେ । କୋପେ ଦଂଶଇ ନିରନ୍ତରେ ॥ 31
ଅଳପ ସୁଖେ ତୃଷ୍ଣାଘୋର । କେମନ୍ତେ ହୋଇବି ଉଦ୍ଧାର ॥ 32
ତୁ ନାଥ ଶରଣ-ସୋଦର । ଏ କୂପୁଁ କୃପାରେ ଉଦ୍ଧର ॥ 33
ତୋ'ର ବଚନ ସୁଧାଧାର । ବରଷା କର ମୋର ଶିର ॥ 34
ଏମନ୍ତ ଭକ୍ତବାକ୍ୟ ଶୁଣି । ହସି ବୋଲନ୍ତି ଚକ୍ରପାଣି ॥ 35

ଭଗବାନ ଉବାଚ

ଶୁଣ ଉଦ୍ଧବ ସାମରଥା । ଯେ ପୂର୍ବେ ଇତିହାସ କଥା ॥ 36
କୁରୁପାଣ୍ଡବ ଯୁଦ୍ଧ ଅନ୍ତେ । ଏ କଥା ଭୀଷ୍ମର ଅଗ୍ରତେ ॥ 37
ପଣ୍ଡୁକୁମର ଯୁଧିଷ୍ଠିର । ଧର୍ମେ ସେ ଜିଣିଲେ ସମର ॥ 38
ଜ୍ଞାତି ବାନ୍ଧବ କୁଳକ୍ଷୟେ । ବ୍ୟାକୁଳେ ସଂଶୟ ହୃଦୟେ ॥ 39
ପୁଛିଲା ମୋର ବିଦ୍ୟମାନେ । ଯେ ପ୍ରଶ୍ନ ଭୀଷ୍ମ ସନ୍ନିଧାନେ ॥ 40
ସେ ମୋକ୍ଷଧର୍ମ ଯାହା କହି । ଶ୍ରବଣେ ଶୁଣିଅଛି ମୁହିଁ ॥ 41
ଏବେ ତୁ ସାବଧାନେ ଶୁଣ । ଭକ୍ତି-ବୈରାଗ୍ୟ-ମୁକ୍ତିଜ୍ଞାନ ॥ 42
ଭୀଷ୍ମ ବଦନୁଁ ଅଛି ଶୁଣି । ଶୁଣ କହିବା ପରିମାଣି ॥ 43
ପ୍ରକୃତି ପୁରୁଷ ମହତ । ଯେ ଅହଙ୍କାର ପଞ୍ଚଭୂତ ॥ 44
ମାତ୍ର ଇନ୍ଦ୍ରିୟ ଏକାଦଶ । ତ୍ରିଗୁଣ ଘେନି ଅଷ୍ଟାବିଂଶ ॥ 45
ଜଗତ କାରଣ ସମସ୍ତେ । ଶାସ୍ତ୍ରେ କହନ୍ତି ନାନାମତେ ॥ 46



ବୁଦ୍ଧିବିବେକ ଅନୁମତେ । ବିଚାରି ଜାଣିବା ସାକ୍ଷାତେ ॥ 47
ଯେ ତତ୍ତ୍ୱଜ୍ଞାନ ମୋର ମତ । ତା' ବିନୁ କିଛି ନୋହେ ସତ୍ୟ ॥ 48
ଏ ତତ୍ତ୍ୱଜ୍ଞାନ ପୁରାତନ । ଜଗତ ଉତ୍ପତ୍ତି କାରଣ ॥ 49
ଏବେ କହିବା ବୀର ଶୁଣ । ଭକତି ଲକ୍ଷଣର ଗୁଣ ॥ 50
ଜନ୍ମ ମରଣ ଏ ଜଗତେ । ଦୁଃଖ ସନ୍ତୋଷ ଆଦି ଯେତେ ॥ 51
ଆଦ୍ୟନ୍ତ ମଧ ପରିମାଣି । ଏ ସର୍ବ ମିଥ୍ୟା ବୋଲି ଜାଣି ॥ 52
ଯାହାକୁ ଆଦି-ମଧ-ଅନ୍ତେ । ବିନାଶ ନ ଦେଖି ଜଗତେ ॥ 53
ସେ ସତ୍ୟ ଜ୍ଞାନତତ୍ତ୍ୱ ଜାଣ । ଅଧିକ ମିଥ୍ୟା ପରିମାଣ ॥ 54
ନୟନେ ଦେଖି ଶୁଣି କର୍ଣ୍ଣେ । ଯେ ଅବା କରି ଅନୁମାନେ ॥ 55
ବିକଳ୍ପ ସଙ୍କଳ୍ପ କାରଣ । ବିଚାରେ ନୋହେ ଏ ପ୍ରମାଣ ॥ 56
କର୍ମର ଫଳ ଏ ଜଗତ । କର୍ମ ସରିଲେ ହୋଏ ହତ ॥ 57
ସ୍ଥାବରୁ ବ୍ରହ୍ମଲୋକ ଯାଏଁ । କର୍ମ ସରିଲେ ହୋନ୍ତି କ୍ଷୟେ ॥ 58
ଏଣୁ ଅନିତ୍ୟ ପରିମାଣି । ବିରକ୍ତି ଭାବେ ରହେ ପ୍ରାଣୀ ॥ 59
ପୂର୍ବେ ମୁଁ କହିଥିଲି ତୋତେ । ଭକତିଯୋଗ ହିଁ ଯେମନ୍ତେ ॥ 60
ଯେ ଭକ୍ତି ମୁକ୍ତିର କାରଣ । ଏବେ କହିବା ବୀର ଶୁଣ ॥ 61
ମୋହର କଥାମୃତବାଣୀ । ଯେ ଶ୍ରଦ୍ଧାଚିତ୍ତେ ନିତ୍ୟେ ଶୁଣି ॥ 62
ବଦନେ କରଇ କୀର୍ତ୍ତନ । ସୁସ୍ୱରଗୀତେ ଅନୁକ୍ଷଣ ॥ 63
ମୋ'ର ପୂଜାରେ ଏକମତି । ଆଦରେ କରେ ନାନାସ୍ତୁତି ॥ 64
ମୋ'ର ବ୍ୟାପାରେ ତତପର । ସାଷ୍ଟାଙ୍ଗେ କରେ ନମସ୍କାର ॥ 65
ଉଦ୍ଧବ ଯେ ମୋର ଭକତ । ଅଧିକେ ପୂଜାକର୍ମ ରତ ॥ 66
ମୋତେ ଦେଖିବ ସର୍ବଭୂତେ । ନିରତେ ଥିବ ପ୍ରାଣୀହିତେ ॥ 67
ମୋ'ର କାରଣେ କର୍ମ ଯେତେ । ଆଦରେ କରୁଥିବ ନିତ୍ୟେ ॥ 68
ମୋ'ର ମହିମା ଯେତେ ଗୁଣ । କୀର୍ତ୍ତନ କରୁଥିବ ପୁଣ ॥ 69
ଅଧିକ କର୍ମ କରି ଯେତେ । ଅନ୍ତରେ ସମର୍ପିବ ମୋତେ ॥ 70
ଆଶା ନ କରି କର୍ମଫଳେ । ଶରଣ ମୋ' ପାଦକମଳେ ॥ 71
କର୍ମେ ମିଳିବ ଯେତେ ଭୋଗ । ମୋ' ପ୍ରୀତିଅର୍ଥେ ପରିତ୍ୟାଗ ॥ 72
ମୋହର ଅର୍ଥେ କରି ପୁଣ୍ୟ । ଯେ ବ୍ରତ ଯଜ୍ଞ ତପ ଦାନ ॥ 73

ଅର୍ପଣ କରି ସର୍ବ ମୋତେ । ବ୍ରହ୍ମଆନନ୍ଦମୟ ଚିତ୍ତେ ॥ 74
ଦେହ ଜୀବନ ଦେଇ ମୋତେ । ବନ୍ଦିବ ମୋ'ର ପାଦଗତେ ॥ 75
ଏ ସର୍ବ ଭକତି ଉପାୟେ । ଯେ ଅବା ସାଧେ ନିଜ ଦେହୋ। 76
ତା'ର ଭକତି ମୋ'ର ପାଦେ । ନିଶ୍ଚଳ ହୁଏ ଅପ୍ରମାଦେ ॥ 77
ତା'ର ସାଧନା ସିଦ୍ଧି ଯେତେ । ମୋ' ଠହୁଁ ନାହିଁ ନା ଜଗତେ ॥ 78
ଯେ ପ୍ରାଣୀ ମୋହର ଚରଣେ । ଦଣ୍ଡେ ନିମିଷେ ଅବା କ୍ଷଣେ ॥ 79
ମନ ନିଶ୍ଚଳ କରେ ଯେବେ । ଜ୍ଞାନ ବୈରାଗ୍ୟ ଲଭେ ତେବେ ॥ 80
ମୋ' ପାଦଭକ୍ତି ବୋଲି ଧର୍ମ । ଦେଖାଏ ଆତ୍ମତତ୍ତ୍ୱଜ୍ଞାନ ॥ 81
ହୃଦୟେ ଭକତି ଉଦୟେ । ବୈରାଗ୍ୟ ଜନ୍ମାଏ ବିଷୟେ ॥ 82
ଅଣିମା ଆଦି ଅଷ୍ଟନିଧି । ନିକଟେ ଥାନ୍ତି ନିରବଧି ॥ 83
ଏମନ୍ତ କୃଷ୍ଣବାକ୍ୟ ଶୁଣି । ଉଦ୍ଧବ ଯୋଡ଼ି ବେନିପାଣି ॥ 84
ବୋଲଇ କୃଷ୍ଣମୁଖ ଚାହିଁ । ଭୋନାଥ ଶୁଣ ଭାବଗ୍ରାହୀ ॥ 85

ଉଦ୍ଧବ ଉବାଚ

ତୋହର ଅଭୟ ଚରଣେ । ମୁହିଁ ପୁଚ୍ଛଇ ଦାସପଣେ ॥ 86
ଯମ ନିୟମ ଶମ ଦମ । କେତେ ପ୍ରକାରେ ଯଥାକ୍ରମ ॥ 87
ତିତିକ୍ଷା ଧୃତି ତପ ଦାନ । କହ ହେ ପ୍ରଭୁ ଭଗବାନ ॥ 88
ଶଉର୍ଯ୍ୟ ଋତ ସତ୍ୟ ତ୍ୟାଗ । ଧନ ଦକ୍ଷିଣା ଯଜ୍ଞ ଭାଗ ॥ 89
ପୁରୁଷମାନଙ୍କର ବଳ । କି ଦୟା ଲାଭ ଆଦିମୂଳ ॥ 90
କି ପରାବିଦ୍ୟା ଲଜ୍ଜା ଶିରୀ । କି ଦୁଃଖ ସୁଖ ନରହରି ॥ 91
କେ ମୂର୍ଖ କି ରୂପେ ପଣ୍ଡିତ । କେ ସାଧୁମାର୍ଗ କେ କୁପଥ ॥ 92
କାହାକୁ ବୋଲି ସ୍ୱର୍ଗଲୋକ । କେ ଅବା ଅଟଇ ନରକ ॥ 93
ଧନାଢ୍ୟ ଜାଣିବା କେମନ୍ତେ । କେ ଦୁଃଖୀ ଦରିଦ୍ର ଜଗତେ ॥ 94
କାହାକୁ ବୋଲି ବନ୍ଧୁଘର । କୃପଣ କେ ଅବା ଈଶ୍ୱର ॥ 95
ଏ ଆଦି ପଚାରଇ ଯେତେ । ଭୋ ନାଥ କହ ଦୟାଚିତ୍ତେ ॥ 96
ମୋ' ଚିତ୍ତେ ସଂଶୟ ପ୍ରମାଣୁ । ଏ ପ୍ରଶ୍ନ ପଚାରିଲି ତେଣୁ ॥ 97
ଯେ ଅବା ଘଟେ ଯେଉଁମତେ । ଭୋ ନାଥ କହ ଦୟାଚିତ୍ତେ ॥ 98
ପୁରୁଷସିଂହ ଚକ୍ରପାଣି । ଏମନ୍ତ ଭକ୍ତବାକ୍ୟ ଶୁଣି ॥ 99



ଚିତ୍ତେ ସକଳ ଅବଧାରି । କହନ୍ତି ପ୍ରଭୁ ଦଇତ୍ୟାରି ॥ 100

ଭଗବାନ ଉବାଚ

ଶୁଣ ଉଦ୍ଧବ ଏକଚିତ୍ତେ । ଯେ ପ୍ରଶ୍ନ ପଚାରିଲୁ ମୋତେ ॥ 101
ବଚନ ମଧ୍ୟେ ସତ୍ୟବାଣୀ । ନିର୍ଲୋଭ ପରଧନେ ଜାଣି ॥ 102
ଲଜ୍ଜା ସକଳ ସଙ୍ଗ ତ୍ୟାଗ । ଧନ ସଂଚୟେ ବଇରାଗ୍ୟ ॥ 103
ମଉନ ବ୍ରହ୍ମଚର୍ଯ୍ୟ ଗୁଣ । ସ୍ଥଇର୍ଯ୍ୟ ଆସ୍ତିକ ଲକ୍ଷଣ ॥ 104
ଜୀବେ ଅହିଂସା ଭୟ କ୍ଷମା । ଯମ ଦ୍ୱାଦଶ ଏ ମହିମା ॥ 105
ଶଉଚ ତପ ଜପ ହୋମ । ଆନନ୍ଦେ ମୋହର ଅର୍ଚ୍ଚନ ॥ 106
ଆଚାର୍ଯ୍ୟ ସେବା ତୀର୍ଥଗତି । ଶ୍ରଦ୍ଧାଏ ପୂଜିବ ଅତିଥି ॥ 107
ସକଳ ଚେଷ୍ଟା ପରହିତେ । ସନ୍ତୋଷ ଅବଲମ୍ବ ଚିତ୍ତେ ॥ 108
ନିୟମ ଦ୍ୱାଦଶ ଏ ଜାଣ । ଏଣେ ଜୀବର ପରିତ୍ରାଣ ॥ 109
ଯମ ନିୟମ ବେନିପଥେ । ଯେବା ଆଚରେ ଶୁଦ୍ଧଚିତ୍ତେ ॥ 110
ଯମରେ ମୋକ୍ଷସଙ୍ଗ ହୋଇ । ନିୟମେ କାମନା ଲଭଇ ॥ 111
ମୋ' ଦେହେ ଥିବ ବୁଦ୍ଧି ଶମ । ଇନ୍ଦ୍ରିୟ ସଂଯମନ ଦମ ॥ 112
ଜିହ୍ୱା-ଉପସ୍ଥ-ଜୟ ଧୃତି । ତିତିକ୍ଷା ସର୍ବଦୁଃଖେ ଶାନ୍ତି ॥ 113
ପରକୁ ଦଣ୍ଡତ୍ୟାଗ ଦାନ । ତପ ସର୍ବକାମ ବର୍ଜନ ॥ 114
ନିଜ ସ୍ୱଭାବ ଯେବେ ଜିଣି । ଶଉର୍ଯ୍ୟ ବୋଲି ତା'କୁ ଭଣି ॥ 115
ସମାନଦୃଷ୍ଟି ସର୍ବଭୂତେ । ଏ ସତ୍ୟପଦ ମୋର ମତେ ॥ 116
ପ୍ରିୟ ଆବର ସତ୍ୟ ଯେହି । କବି ବୋଲନ୍ତି ଋତ ଏହି ॥ 117
ସକଳ କର୍ମଫଳ-ତ୍ୟାଗ । ଶଉଚ ଲକ୍ଷଣ ସ୍ୱଭାବ ॥ 118
ସଂସାରେ ସନ୍ନ୍ୟାସ ଧାରଣ । ଉତ୍ତମ ତ୍ୟାଗ ଏ ଲକ୍ଷଣ ॥ 119
ଧନାଢ୍ୟ ବୋଲି ଏ ଶୟଳେ । ଯେ ନିତ୍ୟେ ଇଷ୍ଟଧର୍ମ ପାଳେ ॥ 120
ମୁଁ ଯଜ୍ଞରୂପୀ ହୃଷୀକେଶ । ଦକ୍ଷିଣା ଜ୍ଞାନ ଉପଦେଶ ॥ 121
ସୁଦୃଢେ ପବନ-ଧାରଣ । ପରମବଳ ଏ ଲକ୍ଷଣ ॥ 122
ଭଗ ମୋ ଅଇଶ୍ୱର୍ଯ୍ୟ ଭାବ । ମୋର ଭକତି ବଡ଼ ଲାଭ ॥ 123
ପ୍ରାଣୀ-ବିଷୟେ ଭେଦବୁଦ୍ଧି । ନ କରେ ସେ ବିଦ୍ୟା ପ୍ରସିଦ୍ଧି ॥ 124
ନିନ୍ଦିତ କର୍ମେ ଯେ ଡ଼ରଇ । ଉଦ୍ଧବ ଜାଣ ଲଜ୍ଜା ସେହି ॥ 125

ସକଳ ଭାବେ ଅନପେକ୍ଷ । ଏ ଶିରୀଲାଭଟି ପ୍ରତ୍ୟକ୍ଷ ॥ 126
ସମେ ଯେ ଦୁଃଖ ସୁଖ ମଣି । ସେ ମହାସୁଖୀ ନିତ୍ୟେ ଭଣି ॥ 127
ନିରତେ କାମଭୋଗେ ସୁଖୀ । ତାହାକୁ ବୋଲି ମହାଦୁଃଖୀ ॥ 128
ଯେ ଆତ୍ମା-ବନ୍ଧ-ମୋକ୍ଷ ଜାଣେ । ସେ ପ୍ରାଣୀ ପଣ୍ଡିତ ବଖାଣେ ॥ 129
ଦେହ କଳତ୍ର ବନ୍ଧୁ ଘର । ଏଣେ ଯେ କରେ ଅହଙ୍କାର ॥ 130
ତାହାକୁ ମୂର୍ଖ ବୋଲି ଜାଣି । ହସି କହନ୍ତି ଚକ୍ରପାଣି ॥ 131
ମୋତେ ଭଜଇ ଯେ ଯେମନ୍ତେ । ଉତ୍ତମ ପଥ ଏ ଜଗତେ ॥ 132
ଯେଣେ ଚଞ୍ଚଳ ହୋଏ ଚିତ୍ତ । ଉଦ୍ଧବ ଜାଣ ସେ କୁପଥ ॥ 133
ଯା'ର ଉଦୟ ତମଗୁଣ । ସେ ପ୍ରାଣୀ ନରକ ଲକ୍ଷଣ ॥ 134
ପ୍ରାଣୀ ପରମବନ୍ଧୁ ମୁହିଁ । ଗୁରୁଙ୍କ ପ୍ରାୟ ହିତ ବହି ॥ 135
ଉଦ୍ଧବ ଏ ଉତ୍ତମ ଘର । ଅଟେ ମନୁଷ୍ୟ କଳେବର ॥ 136
ମୋ' ସର୍ବଗୁଣେ ଯା'ର ମନ । ତା'ର ସମୀପେ ସର୍ବଧନ ॥ 137
ମୋ ଭାବେ ଯା'ର ଚିତ୍ତ ନାହିଁ । ସଂସାରେ ଦରିଦ୍ରଟି ସେହି ॥ 138
ଅଜିତ ଇନ୍ଦ୍ରିୟ ଯାହାର । ସଂସାରେ କୃପଣ ସେ ନର ॥ 139
ତ୍ରିଗୁଣ ସଙ୍ଗ ଯା'ର ନାହିଁ । ଉଦ୍ଧବ ଈଶ୍ୱରଟି ସେହି ॥ 140
ଯେ ପ୍ରଶ୍ନ କଲୁ ବୀର ତୁହି । କହିଲି ବୁଝ ମନ ଦେଇ ॥ 141
ଅଧିକେ ବିଶେଷ ବର୍ଣ୍ଣନ । ପ୍ରସ୍ତାବେ ନାହିଁ ପ୍ରୟୋଜନ ॥ 142
ସକଳ ଭୂତେ ଗୁଣ ଦୋଷ । ଉଦ୍ଧବ ଦେଖିବାଟି ଦୋଷ ॥ 143
ଗୁଣ ଦୋଷ ହିଁ ନ ଦେଖଇ । ଉଦ୍ଧବ ଗୁଣ ସେ ବୋଲାଇ ॥ 144
ବୋଲଇ ଦାସ ଜଗନ୍ନାଥ । ଶ୍ରୀଏକାଦଶେ ଭାଗବତ ॥ 145
ଉଦ୍ଧବ ପୁଛିଲେ ଯେମନ୍ତ । ଶ୍ରୀକୃଷ୍ଣ କହିଲେ ତେମନ୍ତ ॥ 146
ସୁଜନେ ଶୁଣି ମନସ୍ଥିରେ । ନ ବୁଡ଼ ସଂସାର-ସାଗରେ ॥ 147
ଏଣେ ସନ୍ତୋଷ କର ଚିତ୍ତ । ମୁଁ ତୁମ୍ଭ ଭୃତ୍ୟଙ୍କର ଭୃତ୍ୟ ॥ 148

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ବିଂଶୋଦଧ୍ୟାୟଃ ॥



## ଏକବିଂଶ ଅଧ୍ୟାୟ

ଉଦ୍ଧବ କୃଷ୍ଣମୁଖ ଚାହିଁ । ବୋଲଇ ଶିରେ କରଦେଇ ॥ 1

ଉଦ୍ଧବ ଉବାଚ

ଭୋ ନାଥ ଦେବ ତୋର ବାଣୀ । ବିଧି-ନିଷେଧ ମାର୍ଗେ ଭଣି ॥ 2
ସର୍ବ ବିଷୟ ନାନା ଭେଦ । କହଇ ଗୁଣ-ଦୋଷ-ବାଦ ॥ 3
ସ୍ୱର୍ଗ ନରକ ବେନିମାର୍ଗ । ବିଧି-ନିଷେଧ କର୍ମଭୋଗ ॥ 4
କର୍ମ ସାଧିଲେ ବେନିମତେ । ଅନ୍ତେ ଗମନ୍ତି ବେନିପଥେ ॥ 5
ଏ ବେଦ ଜଗତ ଈଶ୍ୱର । ସଂସାର ଚକ୍ର ମୂଳାଧାର ॥ 6
ଏ ବେଦ ସର୍ବଭୂତ ଆଖି । ବାହ୍ୟ ଅନ୍ତରେ କର୍ମ ସାକ୍ଷୀ ॥ 7
ଏ ମାର୍ଗେ ଗୁଣଦୋଷ ସାର । ଏଣେ ନ ତୁଟଇ ସଂସାର ॥ 8
ନାଶଇ ଗୁଣ-ଦୋଷ-ଭେଦ । ଏ ବିନା କାହିଁ ମୋକ୍ଷପଦ ॥ 9
ତୋ' ମୁଖୁଁ ପୂର୍ବେ ମୁହିଁ ଶୁଣି । ଏ କଥା ମନେ ପରିମାଣି ॥ 10
ସଂଶୟ କଲି ଭ୍ରମଚିତ୍ତେ । ଭୋ ନାଥ କହ ମୋ' ଅଗ୍ରତେ ॥ 11
ଏମନ୍ତ ଉଦ୍ଧବ ବଚନ । ଶୁଣି କହନ୍ତି ଭଗବାନ ॥ 12

ଭଗବାନ ଉବାଚ

ଉଦ୍ଧବ ଏକମନେ ଶୁଣ । ଯେ ଯୋଗ ଲୋକ - ପରିତ୍ରାଣ ॥ 13
ଭକତି ଧର୍ମ ଜ୍ଞାନ ଘେନି । ଏମନ୍ତେ ଯୋଗମାର୍ଗ ତିନି ॥ 14
ଏ ତିନିପଥୁଁ ଅନ୍ୟମତେ । ଉପାୟ ନ ଦେଖି ଜଗତେ ॥ 15
ଏ କଥା ଶୁଣ ମନଦେଇ । ଉତ୍ତମ ଶିଷ୍ୟେ ଏହା କହି ॥ 16
ଏ ତିନିଯୋଗ ତୋ'ର ଆଗେ । ଶୁଣ କହିବି ବେଦମାର୍ଗେ ॥ 17
କର୍ମର ଫଳ ତ୍ୟାଗ କରି । ବିଷ୍ଣୁର ଭାବ ଚିତ୍ତେ ଧରି ॥ 18
ଦିନ ବଞ୍ଚଇ ଦୃଢଭାବେ । ସେ ଅଧିକାରୀ ଜ୍ଞାନଯୋଗେ ॥ 19
ତାହାକୁ ବୋଲି ଜ୍ଞାନଯୋଗୀ । ନିର୍ଲେପଜ୍ଞାନେ ସୁଖଭୋଗୀ ॥ 20
ଯାହାର କର୍ମଭୋଗ ଚିତ୍ତେ । ନିବର୍ତ୍ତ ନୋହେ କଦାଚିତେ ॥ 21
ତାହାର କର୍ମଯୋଗ ସାର । ବେଦ-ବିହିତ ଯେ ବେଭାର ॥ 22
ତାହାକୁ ବୋଲି କର୍ମଯୋଗୀ । ଯେ କର୍ମଯୋଗେ ସୁଖଭୋଗୀ ॥ 23

ବିଷୟରସ ଥାଇ ଚିତ୍ତେ । ବୈରାଗ୍ୟ ସମ୍ଭବେ କିଞ୍ଚିତେ ॥ 24
ମୋ' ନାମ ଶ୍ରବଣ-କୀର୍ତ୍ତନେ । ଶ୍ରଦ୍ଧା ଉପୁଜେ ଯା'ର ମନେ ॥ 25
ସେ ଭକ୍ତିଯୋଗେ ଅଧିକାରୀ । କେବେହେଁ ନୁହଁଇ ସଂସାରୀ ॥ 26
ମୁଁ ତାକୁ କରଇ ସଦୟ । ତାହାର ସୁବୁଦ୍ଧି ଉଦୟ ॥ 27
ସକଳ ସିଦ୍ଧି ସେ ସାଧଇ । ତାହାର କର୍ମବନ୍ଧ ନାହିଁ ॥ 28
ଯାବତ ଜ୍ଞାନ ନୋହେ ଚିତ୍ତେ । କର୍ମ ସାଧିବ ଲୋକମତେ ॥ 29
ମୋ'ର ଅମୃତକଥା ପାନେ । ଶ୍ରଦ୍ଧା ନୁହଇ ଯେତେଦିନେ ॥ 30
ତାବତ ବେଦ ଅଧିକାରେ । କର୍ମ କରିବ ଏ ସଂସାରେ ॥ 31
ଏ ତିନିଯୋଗ ବୀର ତୋତେ । କହିଲି ସ୍ୱକର୍ମ ଉଚିତେ ॥ 32
ସ୍ୱଧର୍ମ ଭାବେ ଏ ଜଗତେ । ଯଜ୍ଞାଦି କର୍ମ କରେ ଯେତେ ॥ 33
ସେ କର୍ମଫଳ ଆଶା ତେଜେ । କେବଳ ମୋ' ଚରଣେ ଭଜେ ॥ 34
ଉଦ୍ଧବ ରହେ ସେ ନିଶ୍ଚିନ୍ତେ । ନ ଗମେ ଦୁଃଖସୁଖ ପଥେ ॥ 35
ସ୍ୱର୍ଗ-ସମ୍ପଦେ ଇଚ୍ଛାନାହିଁ । ନରକେ ପଡ଼ିବ ସେ କାହିଁ ॥ 36
ମୋ' ଭାବେ ରହେ ସେ ନିଶ୍ଚିନ୍ତ । ବିକର୍ମେ ନ ଭ୍ରମେ ତା' ଚିତ୍ତ ॥ 37
ମୁହିଁ ବସଇ ତା'ର ଅଙ୍ଗେ । ସକଳ ସିଦ୍ଧି ଥା'ନ୍ତି ସଙ୍ଗେ ॥ 38
ଉଦ୍ଧବ ଚିତ୍ତେ ଅନୁମାନ । ଏ ମୋ' ବିଶୁଦ୍ଧ ତତ୍ତ୍ୱଜ୍ଞାନ ॥ 39
ଜ୍ଞାନରୁ ଭକତି ଉଦୟ । ଏଣୁ ଏ ଧନ୍ୟ ନରଦେହ ॥ 40
ଏଣୁ ଏ ସ୍ୱର୍ଗବାସୀଜନେ । ନିତ୍ୟେ ଚିନ୍ତନ୍ତି ଦୁଃଖମନେ ॥ 41
ଭାରତଭୂମି ମଧ୍ୟେ ଯାଇ । ମନୁଷ୍ୟଦେହ ଆମ୍ଭେ ପାଇ ॥ 42
ଭକତିଯୋଗେ ଅନୁକ୍ଷଣେ । ଭଜିବୁ ଶ୍ରୀକୃଷ୍ଣ ଚରଣେ ॥ 43
ନରକବାସୀ ଏହିମତେ । ନିତ୍ୟେ ଚିନ୍ତନ୍ତି ହୃଦଗତେ ॥ 44
ଦୁର୍ଲ୍ଲଭ ମନୁଷ୍ୟ ଶରୀର । ନରକ-ନିସ୍ତାରଣ-ଦ୍ୱାର ॥ 45
ଆମ୍ଭେ ପାଇବା ଅବା କାହିଁ । ପୂର୍ବ ଅର୍ଜିଲା ପୁଣ୍ୟ ନାହିଁ ॥ 46
ଏମନ୍ତେ ସ୍ୱର୍ଗେ ନର୍କେ ଥାଇ । ନିତ୍ୟେ ଚିନ୍ତନ୍ତି ଚିତ୍ତେ ଧ୍ୟାୟି ॥ 47
କର୍ମ-ସାଧନା ନାହିଁ ତହିଁ । ଏଣୁ ବାଞ୍ଛନ୍ତି ନରଦେହୀ ॥ 48
ମନୁଷ୍ୟେ ସାଧି ଭକ୍ତିଯୋଗ । ସ୍ୱର୍ଗ ନରକ ବେନିଭୋଗ ॥ 49
ଏ ବୋଲ ବୁଝି ବୁଧଜନେ । ଏ ବେନି ଦେଖନ୍ତି ସମାନେ ॥ 50



ସଂସାର ଈଶ୍ୱରର ମାୟା । ଚିତ୍ତେ ଚିନ୍ତନ୍ତି ନିତ୍ୟେ ଏହା ॥ 51
ସ୍ୱର୍ଗ-ନରକ ବେନିପଥେ । କେବେହେଁ ନ କଳ୍ପନ୍ତି ଚିତ୍ତେ ॥ 52
ମନୁଷ୍ୟ ଦେହେ ମୂଢ଼ ନରେ । ଅଜ୍ଞାନେ ଭ୍ରମନ୍ତି ସଂସାରେ ॥ 53
ଯେ ଏ ଦୁର୍ଲ୍ଲଭ ଦେହ ବହି । ଆତ୍ମାର ଗତି ନ ଜାଣଇ ॥ 54
ବିଷୟ-ରସେ କରେ ଆଶ । ସେ ଦେହେ ପ୍ରୟୋଜନ କିସ ॥ 55
ଯେ ଦେହ ନରକ ନିପାତେ । ତାହା ନ ଇଚ୍ଛି କଦାଚିତେ ॥ 56
ଏଣୁ ଏ ନରଦେହ ପାଇ । ଯାବତ ମୃତ୍ୟୁ ନ ଘଟଇ ॥ 57
ତାବତ ଜ୍ଞାନ-ବଇରାଗ୍ୟେ । ମୋର ଭକତି ଯୋଗମାର୍ଗେ ॥ 58
ବେଗେ ମରଣ ମୁଖୁଁ ତର । ମନୁଷ୍ୟଦେହ ନୋହେ ଚିର ॥ 59
ଏ ଦେହ ସର୍ବସିଦ୍ଧି ହେତୁ । ସଂସାର-ସିନ୍ଧୁ-ପାର ସେତୁ ॥ 60
ଏ ଦେହେବୃକ୍ଷେ ହଂସ ବସେ । ଅଜ୍ଞାନେ ଫଳଲୋଭ ଆଶେ ॥ 61
ବୃକ୍ଷ ଆବୋରି ଯମଦୂତେ । ଅମୋଘ ଖଡ଼୍‌ଗ ଧରି ହସ୍ତେ ॥ 62
ରାତ୍ର-ଦିବସ କାଟି ବଳେ । ବୃକ୍ଷକୁ ଉପାଡ଼ନ୍ତି ସମୂଳେ ॥ 63
ଏଣୁ ଏ ବୃକ୍ଷେ ହଂସପକ୍ଷୀ । ଯମକିଙ୍କର ଘାତ ଲକ୍ଷି୍ୟ ॥ 64
ଏ ଫଳଲୋଭ ଛାଡ଼ି ମନେ । ସୁଜ୍ଞାନେ ରହେ ନିଜ ସ୍ଥାନେ ॥ 65
ରାତ୍ର ଦିବସ କାଳଦୂତେ । ଆୟୁଷ ହରନ୍ତି ନିରତେ ॥ 66
ଏ ବୋଲ ବୁଝି ବୁଧନରେ । ଆକୁଳେ କମ୍ପନ୍ତି ଅନ୍ତରେ ॥ 67
ଏ ଦେହଧର୍ମ ଦୂରକରି । ଅଜ୍ଞାନ-ଚେଷ୍ଟା ପରିହରି ॥ 68
ଶାନ୍ତି-ସମାଧି-ପୂର୍ଣ୍ଣଜ୍ଞାନେ । ଥା'ନ୍ତି ନିର୍ଗୁଣ ଆତ୍ମାଧ୍ୟାନେ ॥ 69
ସର୍ବଶରୀର ମଧ୍ୟେ ସାର । ଦୁର୍ଲ୍ଲଭ ନର-କଳେବର ॥ 70
ସୁଲଭ-ନାବ ରୂପେ ଖଟେ । ବନ୍ଧନ ଭବସିନ୍ଧୁ-ତଟେ ॥ 71
ଏ ନାବେ ଗୁରୁ କର୍ଣ୍ଣଧାର । ମୁହିଁ ଅନୁକୂଳ ସମୀର ॥ 72
ଏମନ୍ତ ନାବ ଥାଉଁ କୂଳେ । ଯେ ବା ନ ତରେ ଭବଜଳେ ॥ 73
ସେ ଜୀବ ହୀନ ମୂଢ଼ମତି । ତାହାକୁ ବୋଲି ଆତ୍ମାଘାତୀ ॥ 74
ସଂସାର-କୂପେ ସେ ପତିତ । ଦୁର୍ଲ୍ଲଭ-ଦେହେ ସେ ବଞ୍ଚିତ ॥ 75
ଏଣୁ ନିବୃତ୍ତ ଚିତ୍ତେ ଯୋଗୀ । ସର୍ବ-ଆରମ୍ଭ ପରିତ୍ୟାଗି ॥ 76
ଅଭ୍ୟାସ ବଳେ ଅନ୍ତର୍ଗତେ । ମନ ରୁନ୍ଧିବ ଦୃଢ଼ଚିତ୍ତେ ॥ 77

ଏ ମନ ସ୍ୱଭାବେ ଚଞ୍ଚଳ । କେବେହେଁ ନୁହଁଇ ନିଶ୍ଚଳ ॥ 78
ପବନ-ଗତି ଅନୁରୋଧେ । ସମେ ସାଧନ ଦୃଢବନ୍ଧେ ॥ 79
ପବନ-ଦ୍ୱାରେ ମନ ଥୋଇ । ଆସନ ଦୃଢବନ୍ଧେ ଦେଇ ॥ 80
ଅଭ୍ୟାସେ ବଶ ହୋନ୍ତି ତା'ର । ପ୍ରାଣ-ଇନ୍ଦ୍ରିୟ-ଅହଙ୍କାର ॥ 81
ଚଞ୍ଚଳ ମନ ଏଣେ ଧରି । ସାଧିବ ସତ୍ତ୍ୱଗୁଣେ ଭରି ॥ 82
ପରମ ଯୋଗ ଏ ସାଧନ । ଅଭ୍ୟାସେ ମନ ନିରୋଧନ ॥ 83
ଚଞ୍ଚଳ ତୁରଙ୍ଗମ ଯେହ୍ନେ । ଶ୍ରମେ ସୁସାଧ ଦିନେଦିନେ ॥ 84
ଅଳପ ଅଳପ ଅଭ୍ୟାସେ । ମନପବନ ସ୍ଥାପି ବସେ ॥ 85
ନିଶ୍ଚିନ୍ତେ ରହେ ଦେହବହି । ସଂସାର ସାକ୍ଷୀପ୍ରାୟ ହୋଇ ॥ 86
ଦେଖଇ ଜନ୍ତୁଙ୍କ ମରଣ । ଭବସାଗର ସଞ୍ଚରଣ ॥ 87
ପ୍ରସନ୍ନ ହୋଏ ଯେବେ ମନ । ଅସତ୍ୟ ଦେଖେ ତ୍ରିଭୁବନ ॥ 88
ଗୁରୁବଚନେ ଚିତ୍ତ ସ୍ଥିର । ବୈରାଗ୍ୟ ବିଷୟେ ତାହାର ॥ 89
ନିରତେ ହୋଇ ସ୍ଥିରମନା । କ୍ରମେ ସେ ଖଣ୍ଡେ ଦୁର୍ବାସନା ॥ 90
ସଙ୍କଳ୍ପ ତୁଟେ ନିରବଧି । ଯମାଦି ଯୋଗପଥ ସାଧି ॥ 91
ମନକୁ ତତ୍ତ୍ୱଜ୍ଞାନେ ଆଣି । ଭକତିଯୋଗେ ପରିମାଣି ॥ 92
ମୋ' ରୂପ କରି ଉପାସନା । କୀର୍ତ୍ତନ ଅର୍ଚ୍ଚନ ବନ୍ଦନା ॥ 93
ମନ ସଂଯମ କରି ହୃଦେ । ନିଶ୍ଚଳେ ଦେଇ ମୋ'ର ପାଦେ ॥ 94
ଆନନ୍ଦେ ଭ୍ରମଇଁ ଶୟଳେ । ଯେବେ ସେ ଦୁଷ୍ଟ ସଙ୍ଗମେଳେ ॥ 95
ନିନ୍ଦିତ-କର୍ମମାନ କରେ । ସେ ପାପ ମୋର ଧ୍ୟାନେ ହରେ ॥ 96
ଏ ବିନେ ଅନ୍ୟ ପ୍ରାୟଶ୍ଚିତ୍ତେ । ପାପ ନ ଯାଏ କଦାଚିତେ ॥ 97
ଯେ ଯାହା ଅଧିକାର କର୍ମ । ଏ ବିନେ ଅନ୍ୟ ଯେ ଅଧର୍ମ ॥ 98
ମୋ' ନାମ ଶ୍ରବଣ-କୀର୍ତ୍ତନେ । ଶ୍ରଦ୍ଧା ଉପୁଜେ ଯା'ର ମନେ ॥ 99
ନିରତେ ସର୍ବକର୍ମ ତେଜେ । କେବଳ ଦୃଢେ ମୋତେ ଭଜେ ॥ 100
ସଙ୍କଳ୍ପ ଭୋଗ ଦୁଃଖମୟେ । ଯେବେ ଛାଡ଼ନ୍ତେ ସୁଖ ନୋହେ ॥ 101
ଯେବା ମିଳିବ ଅକସ୍ମାତେ । ଆନନ୍ଦେ ସମର୍ପିବ ମୋତେ ॥ 102
ପୀରତି କରି ମୋ' ଚରଣେ । ଭାବେ ଭଜିବ ଅନୁକ୍ଷଣେ ॥ 103
ସୁଦୃଢେ ଭକତ-ସମାଜେ । ମୁଁ ତାଙ୍କ ହୃଦୟ-ପଙ୍କଜେ ॥ 104



ବସଇ କାମ ଦୂରକରି । ନିର୍ମଳ-ଜ୍ୟୋତି ରୂପ ଧରି ॥ 105
ଯେବେ ସକଳଭୂତେ ଏକେ । ମୁଁ ବସିଥିଲା ପ୍ରାୟ ଦେଖେ ॥ 106
କାମ ନ ରହେ ତା'ର ଦେହେ । ସଂସାରୁ ତରେ ଏ ଉପାୟେ ॥ 107
ସଂଶୟ ଗ୍ରନ୍ଥି ତା'ର ହୃଦେ । ମୁହିଁ ଛେଦଇ ଅପ୍ରମାଦେ ॥ 108
ସକଳ କର୍ମ ତତକ୍ଷଣେ । ଦହଇ ମୋହର ସ୍ମରଣେ ॥ 109
ମୁହିଁ ଅଖିଳ-ଆତ୍ମା ଅଟେ । ମୋର ଦର୍ଶନେ ସର୍ବତୁଟେ ॥ 110
ଏ ଭାବ ବୁଝି ନିରବଧି । ଯତ୍ନେ ଭକତି ଯୋଗ ସାଧି ॥ 111
ଏଣୁ ଭକତି-ଯୋଗଯୁକ୍ତେ । ଯେ ଯୋଗୀ ଭଜେ ଦୃଢଚିତ୍ତେ ॥ 112
ସେ ମହାଶୟ ଏ ଜଗତେ । ଜ୍ଞାନ-ବୈରାଗ୍ୟ ଅନୁମତେ ॥ 113
ଏଣୁ ସଂସାରେ ଯୋଗୀଜନ । ନିର୍ବାଣପଦ ତପ ଦାନ ॥ 114
ଜ୍ଞାନ ବୈରାଗ୍ୟ ଦୂରକରି । ମୋର ଭକତି ଅନୁସରି ॥ 115
ସର୍ବ ସଂଶୟ ଦୂରକରି । ମାୟା ସଂସାରୁ ଯା'ନ୍ତି ତରି ॥ 116
ଏଣୁ ଭକତ ମୋର ଯେବେ । କଳ୍ପଇ ସ୍ୱର୍ଗ-ଅପବର୍ଗେ ॥ 117
ଆଉ ଅଧିକେ ବାଞ୍ଛା ଯେତେ । ତା' ପାଦେ ଖଟନ୍ତି ସମସ୍ତେ ॥ 118
ଏଣୁ ମୋ ଭାବ ଯେ ଜାଣଇ । ତା'ର କଳ୍ପନା ଆର କାହିଁ ॥ 119
ମୁହିଁ ସମ୍ପଦ ଦେଲେ ତା'ରେ । ତକ୍ଷଣେ ଦୂରେ ପରିହରେ ॥ 120
ସକଳଭାବେ ସେ ଉଦାର । ମୁଁ ନିରପେକ୍ଷ-ଜ୍ଞାନ ତା'ର ॥ 121
ଏଣୁ ନିଷ୍କାମ ଯାର ମତି । ସେ ଲଭେ ଏକାନ୍ତ ଭକତି ॥ 122
ମୋର ଭକତ ଯେଉଁ ନର । ଶୁଭ-ଅଶୁଭ ନାହିଁ ତାର ॥ 123
ତାହାର ନାହିଁ ଗୁଣ ଦୋଷ । ସେ ପ୍ରାଣୀ ମୋହର ବିଶ୍ୱାସ ॥ 124
ଏଣୁ ଭକତି-ଯୋଗ-ପଥେ । ଯେ ପ୍ରାଣୀ ଆଶ୍ରେ କରେ ମୋତେ ॥ 125
ସର୍ବ ସଙ୍କଳ୍ପ ତା'ରେ ମିଳେ । ଯେ ମୋତେ ଭଜଇ ନିଶ୍ଚଳେ ॥ 126
ଏଣୁ ମୁଁ ତୋହର ବଚନେ । ଜ୍ଞାନ-ବୈରାଗ୍ୟ ଅନୁମାନେ ॥ 127
କହିଲି ଭକତି ଲକ୍ଷଣ । ଏବେ ହୋ ସାବଧାନେ ଶୁଣ ॥ 128
ପାମର ହୀନ ଜଗନ୍ନାଥ । ଗୀତ ପ୍ରବନ୍ଧେ ଭାଗବତ ॥ 129
ଯାହା କହିଲି ଜନହିତେ । ସୁଜନେ ଶୁଣ ଏକ ଚିତ୍ତେ ॥ 130
ଉଦ୍ଧବ ମାଧବ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ॥ 131

କଳି-କଲୁଷ ନ ଲାଗଇ । ସୁଜନେ ତର ଏହା ଗାଇ ॥ 132

ଇତି ଶ୍ରୀମଦ୍ ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଏକବିଂଶୋଦ୍ଧ୍ୟାୟ ॥

## ଦ୍ୱାବିଂଶ ଅଧ୍ୟାୟ

ଭଗବାନ ଉବାଚ

କୃଷ୍ଣବୋଲନ୍ତି ବୀର ଶୁଣ । ଏ ମୋର ଭକତି ଲକ୍ଷଣ ॥ 1

ଜ୍ଞାନ ବୈରାଗ୍ୟ ଏଥୁଁ ଜାତ । ଏଣୁ ତତ୍ତ୍ୱଜ୍ଞାନ ପ୍ରାପତ ॥ 2

ଏ ମାର୍ଗ ତେଜି କ୍ଷୁଦ୍ରପଥେ । ଯେ ପ୍ରାଣୀ ଭଜନ୍ତି ଜଗତେ ॥ 3

କାମେ ଚଞ୍ଚଳଚିତ୍ତେ ରାଗ । ଏଣୁ ସେ କରେ ନାନାଭୋଗ ॥ 4

ସେ ଗତାଗତ ପଥେ ଭ୍ରମେ । ଜନ୍ମ-ମରଣ ପଥଶ୍ରମେ ॥ 5

ତାହାର ଦୁଃଖ ମାତ୍ର ସାର । କେବେହେଁ ନ ତୁଟେ ସଂସାର ॥ 6

ଭକତି ଜ୍ଞାନ ଯେ ବିସ୍ତାରେ । ସେ ଗୁଣ-ଦୋଷ ନ ସୁମରେ ॥ 7

ଏ ଦୋଷଗୁଣ କର୍ମଯୋଗେ । ବିଚାର କରି ବେଦମାର୍ଗେ ॥ 8

ଯେ ବର୍ଣ୍ଣେ ଯେ ଧର୍ମ ବିଚାର । ଯେ ବିଧି ଯା'ର ଅଧିକାର ॥ 9

ନିଷ୍ଠିତ-କର୍ମ ବିଲଂଘନେ । ବିଚାରି ଦୋଷ ବେଦଜ୍ଞାନେ ॥ 10

ଦ୍ରବ୍ୟେ ନ ବସେ ଦୋଷଗୁଣ । ଶୁଦ୍ଧ-ଅଶୁଦ୍ଧ ବିଚାରଣ ॥ 11

ଆଚାର ମୂଳେ ଧର୍ମ ଜାତ । ଧର୍ମେ ଧାରଣା ଏ ଜଗତ ॥ 12

ଏଣୁ ଧାର୍ମିକ ପ୍ରାଣୀଙ୍କର । ନିଗମ ଦେଖାଏ ଆଚାର ॥ 13

ଉଦ୍ଧବ ଭକ୍ତିଯୋଗେ ମୋ'ର । ନାହିଁ ନିଗମେ ଅଧିକାର ॥ 14

ପୃଥିବୀ ଅଗ୍ନି ବାୟୁ ଜଳ । ଆକାଶ ମିଶି ପଞ୍ଚ ଠୁଳ ॥ 15

ଏ ପଞ୍ଚଭୂତ ଦେହେ ଯେତେ । ବ୍ରହ୍ମାଦି ସ୍ଥାବର ପର୍ଯ୍ୟନ୍ତେ ॥ 16

ସମାନ ଦ୍ରବ୍ୟେ ନାନାଭେଦ । ବ୍ରାହ୍ମଣେ ବିଚାରନ୍ତି ବେଦ ॥ 17

ଏ ନାମ ରୂପ ଗୁଣଦୋଷ । ନିଗମ ବଚନେ ପ୍ରକାଶ ॥ 18

ଏ ହେତୁ ଲୋକ ବ୍ୟବହାର । ବିବିଧ କଳ୍ପନା ବିଚାର ॥ 19

ଯେ ଦେଶକାଳ ଗୁଣ ଦ୍ରବ୍ୟେ । ମୁହିଁ ବିଚାରଇ ପ୍ରଭାବେ ॥ 20



ଦ୍ରବ୍ୟ ବିଚାରେ ଏ ପ୍ରସିଦ୍ଧି । ଯେ ଅବା ଦୋଷଗୁଣ ବିଧି ॥ 21

ଯେ ଦେଶେ କୃଷ୍ଣମୃଗ ସାର । ନ ଦେଖି କୃଷ୍ଣଭକ୍ତ ନର ॥ 22

ସେ ଦେଶେ ପୁଣ୍ୟ ଲେଶ ନାହିଁ । ତହିଁ ନ ଥିବ ଦେହ ବହି ॥ 23

ସେ ଦେଶ ଦେଶରେ ଅସାର । ନାହିଁ ସୁକର୍ମେ ଅଧିକାର ॥ 24

ଯେ ଦେଶେ କୃଷ୍ଣମୃଗ ସାର । ବସନ୍ତି ସୁପୁରୁଷ ନର ॥ 25

ଯେ ଦେଶ ଦେଶଙ୍କରେ ସାର । ତହିଁ ସୁକର୍ମେ ଅଧିକାର ॥ 26

କଳିଙ୍ଗ ଅଙ୍ଗ ବଙ୍ଗ ଦେଶ । ସେ ନୋହେ ସଂସ୍କାର ବିଶେଷ ॥ 27

ଊଷରଭୂମି ମ୍ଳେଚ୍ଛେ ଯହିଁ । ସେ ଦେଶ ପତିତ ବୋଲାଇ ॥ 28

ଏଣୁ ଶୁଦ୍ଧାଶୁଦ୍ଧ ବିଚାରି । ବିଶୁଦ୍ଧ ଦେଶେ କର୍ମ କରି ॥ 29

କହିଲି ଦେଶ ଶୁଦ୍ଧ ଗୁଣ । ଏବେ ତୁ କାଳଶୁଦ୍ଧ ଶୁଣ ॥ 30

ବିଶୁଦ୍ଧ କାଳେ କର୍ମ କଲେ । ସେ କର୍ମଫଳ ଲଭେ ଭଲେ ॥ 31

ଏଣୁ ଅଶୁଦ୍ଧ ଦେଶ କାଳେ । କର୍ମ କରନ୍ତି ଯେବା ବଳେ ॥ 32

ତାହାଙ୍କ କର୍ମଫଳ ନାହିଁ । ଅଶୁଦ୍ଧ-ଦୋଷେ ନାଶ ଯାଇ ॥ 33

ଏଣୁ ପଣ୍ଡିତ ଜ୍ଞାନଗୁଣେ । ବିଶୁଦ୍ଧ ଦେଶେ ଶୁଭକ୍ଷଣେ ॥ 34

ବିଚାରି କର୍ମ ସେ କରନ୍ତି । ବିଶୁଦ୍ଧକାଳ ବିବର୍ଜନ୍ତି ॥ 35

ଏଣୁ ସକଳ ଦ୍ରବ୍ୟଗତେ । ବିଚାରି ଶୁଦ୍ଧାଶୁଦ୍ଧ ମତେ ॥ 36

ବିଶୁଦ୍ଧ ଦ୍ରବ୍ୟ ଘେନି କାଳେ । କର୍ମ ସାଧନ୍ତି ଏ ଶସ୍ଥଳେ ॥ 37

ଯେ ଦ୍ରବ୍ୟ ଯେଣେ ଶୁଦ୍ଧ ହୋଇ । ଶୁଣ ଉଦ୍ଧବ ମନଦେଇ ॥ 38

କେତେ ହେଁ ଦ୍ରବ୍ୟ ଏ ଶସ୍ଥଳେ । ପବିତ୍ର ହୋନ୍ତି ଶୁଦ୍ଧଜଳେ ॥ 39

କେତେ ହେଁ ବ୍ରାହ୍ମଣ ବଚନେ । ପବିତ୍ର ହୋନ୍ତି ବିଦ୍ୟମାନେ ॥ 40

କେତେ ହେଁ ସଂସ୍କାର ବିଶେଷେ । ପବିତ୍ର ହୋନ୍ତି ଶୁଦ୍ଧଦେଶେ ॥ 41

କେତେ ହେଁ ଅଶୁଦ୍ଧ ସଙ୍ଗତେ । ଅଶୁଦ୍ଧ ବୋଲାନ୍ତି ଜଗତେ ॥ 42

ପତିତଜନ ଯାହା ଛୁଇଁ । ସେ ଦ୍ରବ୍ୟ ଅଶୁଦ୍ଧ ବୋଲାଇ ॥ 43

କେତେ ହେଁ ଦ୍ରବ୍ୟ ଭିନ୍ନେ ଭିନ୍ନେ । ଅଶୁଦ୍ଧ ଅଶୁଦ୍ଧ-ବଚନେ ॥ 44

କେତେ ହେଁ ଦ୍ରବ୍ୟ ବୃଷ୍ଟିକାଳେ । ଦୂଷିତ ହୋନ୍ତି ଏ ଶସ୍ଥଳେ ॥ 45

ସେ ପୁଣି ପବିତ୍ର ସମସ୍ତେ । ସ୍ୱଭାବ ଗୁଣେ ଶୁଦ୍ଧ ହୋଏ ॥ 46

ଅଶୁଦ୍ଧ ଶୁଦ୍ଧ ଏହି ରୂପେ । ବିଚାର କରି ବେଦକଳ୍ପେ ॥ 47

ଅଶୌଚକାଳେ ଦ୍ରବ୍ୟ ଯେତେ । ଅଶୁଦ୍ଧ ହୋନ୍ତି ଶାସ୍ତ୍ରମତେ ॥ 48
ଗ୍ରହଣ ରବିଚନ୍ଦ୍ର ଯେବେ । ସ୍ନାନେ ପବିତ୍ର ହୋନ୍ତି ତେବେ ॥ 49
ଧାନ୍ୟ କାମିନୀ ବୃକ୍ଷଫଳେ । ପବିତ୍ର ହୋନ୍ତି ଯଥାକାଳେ ॥ 50
ରବି କିରଣେ ଦ୍ରବ୍ୟ ତିନି । ପବିତ୍ର ଅସ୍ଥି ଚର୍ମ ଭୂମି ॥ 51
ଧାତୁ-ବିକାର ରସଦ୍ରବ୍ୟ । ଅନଳେ ପବିତ୍ର ଏ ସର୍ବ ॥ 52
ଜଳ ସିଞ୍ଚନେ ଭୂମି ପଥ । ତକ୍ଷଣେ ହୁଅନ୍ତି ପବିତ୍ର ॥ 53
ଗୋମୟଜଳ ସମାର୍ଜନେ । ପବିତ୍ର ଚତ୍ୱର ଅଙ୍ଗଣେ ॥ 54
ମନୁଷ୍ୟଦେହ ପଶି ଜଳେ । ପବିତ୍ର ହୋନ୍ତି ସ୍ନାନକାଳେ ॥ 55
ସଂସ୍କାର ତପ ଜପ ଦାନ । ଏ ସର୍ବ ପବିତ୍ର ବିଧାନ ॥ 56
ଏମନ୍ତେ ବିବିଧ ପ୍ରକାରେ । ପବିତ୍ର ବାହ୍ୟ କଳେବରେ ॥ 57
ମୋର ସ୍ମରଣ ଯେବେ କରେ । ସେ ଶୁଦ୍ଧ ଅନ୍ତର ବାହାରେ ॥ 58
ଯେ ନିତ୍ୟେ ମୋ' ନାମ ସୁମରି । ସେ ସର୍ବକର୍ମେ ଅଧିକାରୀ ॥ 59
ଗୁରୁ ବଚନେ ମନ୍ତ୍ରତନ୍ତ୍ର । ନ୍ୟାସେ ଶୋଧନ ସର୍ବଗାତ୍ର ॥ 60
ମୋହର ନାମ ଉଚ୍ଚାରିଲେ । ସକଳେ ଶୁଦ୍ଧ ହୋନ୍ତି ଭଲେ ॥ 61
ଏମନ୍ତ ଶୁଦ୍ଧତନୁ ଧରି । ବିଶୁଦ୍ଧ ଦ୍ରବ୍ୟେ କର୍ମ କରି ॥ 62
ପରମ ଧର୍ମ ତେବେ ସାଧେ । ମୋ'ର ବଚନ ଅପ୍ରମାଦେ ॥ 63
ଏଣୁ ବିଶୁଦ୍ଧକର୍ମ କଲେ । ପବିତ୍ର ହୋନ୍ତି କଳେବରେ ॥ 64
ଯଥାର୍ଥ ଫଳ ସେ ଲଭନ୍ତି । ଯେବା ଏମନ୍ତ ନ କରନ୍ତି ॥ 65
ସେ କର୍ମ ଅଧର୍ମ ସଂଯୁତ । ତାହାକୁ ବୋଲି ବିପରୀତ ॥ 66
ସେ ଫଳ ବିପରୀତେ ପାଇ । ଯେଣୁଟି ତହିଁ ଦୋଷ ଥାଇ ॥ 67
ବିଧି ନିଷେଧ ବିଚାରଣ । ଏଣୁ ସମ୍ପାଦି ଦୋଷଗୁଣ ॥ 68
ଯାହାର ଦୋଷ ଗୁଣ ଯେତେ । ସହଜ ଆଚାର ସମେତେ ॥ 69
ଯେ ଯାହା କୁଳ ବ୍ୟବହାର । ନ ଘଟେ ଗୁଣ-ଦୋଷ ତା'ର ॥ 70
ଯେବେ ଅଶୁଦ୍ଧ-କର୍ମ-ଦୋଷେ । ଯାହାର ଚିତ୍ତେ ପାପ ମିଶେ ॥ 71
ସହଜେ ପାପକର୍ମ କରେ । ଯେ କର୍ମେ ପୂର୍ବପୁଣ୍ୟ ହରେ ॥ 72
ଦେହ ଅନ୍ତରେ ପାପଫଳେ । ଜନମ ପତିତ ଚାଣ୍ଡାଳେ ॥ 73
ନିନ୍ଦିତ-ବୃତ୍ତି ତା ଜୀବନ । ବଞ୍ଚଇ କରି ସୁରାପାନ ॥ 74



ସ୍ୱଭାବେ ପାପୀ ପ୍ରାଣୀଙ୍କର । ନିନ୍ଦିତ ନୋହେ ଦୁରାଚାର ॥ 75
ପଙ୍କେ ପଡ଼ିଲେ ଯେହ୍ନେ ପ୍ରାଣୀ । ପଙ୍କିଳ ବୋଲି ତାକୁ ଜାଣି ॥ 76
ଏଣୁ ସେ କର୍ମର ସକାଶେ । ବନ୍ଧନ ହୁଅଇ ବିଶେଷେ ॥ 77
ସେହି ସକାଶୁ ତାର ଗତି । ହସି କହନ୍ତି ଯଦୁପତି ॥ 78
ଏଣୁ ନିର୍ମଳ-କର୍ମଗୁଣ । ଅଶେଷ ଦୋଷ ନିବାରଣ ॥ 79
ଶୁଣ ଉଦ୍ଧବ କହୁଁ ତୋତେ । ବିଷୟ ଧ୍ୟାନ ଯା'ର ଚିତ୍ତେ ॥ 80
ବିଷୟ ଭୋଗେ ସେ ବନ୍ଧନ । ବଢଇ କାମ୍ୟକର୍ମେ ମନ ॥ 81
କାମ ଜନ୍ମିଲେ ତା'ର ଫଳ । ବଢଇ ବିରୋଧ କନ୍ଦଳ ॥ 82
କନ୍ଦଳୁଁ କ୍ରୋଧ ହୋଏ ଜାତ । ଏଣୁ ହୁଅଇ ଜ୍ଞାନ ହତ ॥ 83
ହୃଦରେ ତମଗୁଣ ବସେ । ତା'ର ଚେତନା ବଳେ ଧ୍ୱଂସେ ॥ 84
ଚେତନା ହତେ ହତଜ୍ଞାନ । ତେବେ ଶରୀର ହୋଏ ଶୂନ୍ୟ ॥ 85
ବୁଦ୍ଧି ବିହୀନେ ମୂଢଜନ । ହୋଏ ସେ ମୂର୍ଚ୍ଛିତ ସମାନ ॥ 86
ବଞ୍ଚଇ ମୃତପିଣ୍ଡ ପ୍ରାୟେ । ଜୀବ ପରମଜ୍ଞାନ ନୋହେ ॥ 87
ବୃକ୍ଷର ପ୍ରାୟେ ସେ ଜୀଅଁଇ । ପାପବଳ୍କଳ ମଧ୍ୟେ ଥାଇ ॥ 88
ବିଷୟ ସଙ୍ଗେ ଏତେ ଗୁଣ । ଉଦ୍ଧବ ସାବଧାନେ ଶୁଣି ॥ 89
ଏଣୁ ଏ ନିଗମ-ବଚନେ । ଯେ ଫଳଶ୍ରୁତି କର୍ଣ୍ଣେ ଶୁଣେ ॥ 90
କର୍ଣ୍ଣରୋଚନ ମାତ୍ର ସାର । କେବେହେଁ ନୋହେ ଭବୁଁ ପାର ॥ 91
ନ ଲଭେ ପରିତ୍ରାଣ ଗତି । ବେଦବଚନେ ଫଳ ଚିନ୍ତି ॥ 92
ବେଦର ତତ୍ତ୍ୱ ଯେ ନ ଜାଣେ । ସେ ଫଳଶ୍ରୁତି ପରିମାଣେ ॥ 93
ରୋଗ ବିନାଶ ହେତୁ ଯେହ୍ନେ । ଔଷଧ ବୈଦ୍ୟର ବଚନେ ॥ 94
ଖଣ୍ଡ ଶାକର ହସ୍ତେ ଘେନି । ପୁତ୍ରକୁ ଯେସନେ ଜନନୀ ॥ 95
ବୋଲଇ ମଧୁର ବଚନ । ତୁ ବେଗେ କର ଏହା ପାନ ॥ 96
ଏ ଖଣ୍ଡ ଦେବି ତୋତେ ମୁହିଁ । ଭକ୍ଷଣ ନ କଲେ ନ ଦେଇ ॥ 97
ଏ ଫଳଶ୍ରୁତି ଏହିମତେ । ମୂର୍ଖକୁ ଭଣ୍ଡାଇ ଜଗତେ ॥ 98
ନାନା ପ୍ରକାରେ ପ୍ରବର୍ତ୍ତାଇ । ପୁତ୍ରକୁ ମାତା ପ୍ରାୟ ହୋଇ ॥ 99
ଏଣୁ ସେ କଳ୍ପଇ ଜଗତେ । ବେଦବଚନେ କର୍ମପଥେ ॥ 100
ଆକୁଳ-ହୃଦୟେ ନିରତେ । ଭ୍ରମଇଁ ଦାରା ଧନ ସୁତେ ॥ 101

ଏ ଧନ ସୁତ-ପରିବାର । ଅନର୍ଥ କାରଣ ବେଭାର ॥ 102
ଏଣୁ ସକଳ ପ୍ରାଣୀଚିତ୍ତ । ଆକୁଳ ହୃଦସ୍ଥ ନିରତ ॥ 103
ଭ୍ରମଇଁ ମାୟାଜଡ଼-ଘୋରେ । ଆତ୍ମାର ଗତି ନ ସୁମରେ ॥ 104
ଆପଣା ଅର୍ଥଭୋଗ ଚିନ୍ତି । ନିଗମମାର୍ଗେ ସେ ଭ୍ରମନ୍ତି ॥ 105
ଏ ବେଦ ଅର୍ଥ ଯେବେ ଜାଣେ । ଚିତ୍ତେ ପଣ୍ଡିତ ପରିମାଣେ ॥ 106
ତେବେ କି ଭ୍ରମଇଁ ସଂସାରେ । ଜନ୍ମମରଣ ଦୁଃଖ ଘୋରେ ॥ 107
ଏଣୁ ଯେ ପ୍ରାଣୀ କୁପଣ୍ଡିତ । ନ ଜାଣେ ବେଦପଥତତ୍ତ୍ୱ ॥ 108
ପୁଷ୍ପକୁ ଫଳ ପ୍ରାୟ ମଣି । ଶ୍ରୁତିବଚନ ପରିମାଣି ॥ 109
ନିରତେ ଭ୍ରମେ ପୁଷ୍ପବାସେ । ଫଳ ଭକ୍ଷଣ ଲୋଭ ଆଶେ ॥ 110
ଏଣୁ ଅଜ୍ଞାନୀ ଅବିବେକ । ଭ୍ରମଇଁ ଇହ ପରଲୋକ ॥ 111
ଯାହାର ଇଷ୍ଟ ଫଳଶ୍ରୁତି । ସେ ପ୍ରାଣୀ ମୋତେ ନ ଜାଣନ୍ତି ॥ 112
ବସଇ ପ୍ରାଣୀ ହୃଦଗତେ । ଜୀବନ ରୂପେ ମୁଁ ସାକ୍ଷାତେ ॥ 113
ମୋତେ ନ ଚିନ୍ତି ଜଡ଼ମତି । ଅମୃତ ମଣେ ଫଳଶ୍ରୁତି ॥ 114
ଏଣୁ ଭ୍ରମଇଁ ମାୟାମୋହେ । କେବଳ ଆକୁଳ-ହୃଦୟେ ॥ 115
ଉଦ୍ଧବ ଶୁଣ ତତ୍ତ୍ୱ କହି । ମୋର ସମ୍ମତମାର୍ଗ ଏହି ॥ 116
ତତ୍ତ୍ୱ ନ ବୁଝି ବେଦପଥେ । ଫଳ ଭୁଞ୍ଜନ୍ତି କୁପଣ୍ଡିତେ ॥ 117
ହିଂସା ନ ଛାଡ଼େ ଯେବେ ହୃଦେ । ବେଦବଚନ ଅନୁବାଦେ ॥ 118
ଯଜ୍ଞେ ହିଂସନ୍ତି ପଶୁଗଣ । ଅନାସ୍ଥା କରି ତତ୍ତ୍ୱଜ୍ଞାନ ॥ 119
ଦେବତା ପିତୃଯଜ୍ଞ କରି । ଆନନ୍ଦେ ଭ୍ରମେ ଜୀବ ମାରି ॥ 120
ନ ଭାବି ଇହ ପରଲୋକେ । ଦୃଷ୍ଟି ଶ୍ରବଣେ ମାତ୍ର ସୁଖେ ॥ 121
ଫଳ କାରଣେ ପଶୁମାରେ । ଯେସନେ ଦ୍ୟୁତେ ଧନହାରେ ॥ 122
ଧନର ଲୋଭେ ନିଜ ଧନ । ଦ୍ୟୁତରେ ହାରଇ ଯେସନ ॥ 123
ସଙ୍କଳ୍ପେ କରେ ଧନ ନାଶ । ଯେସନେ ବଣିଜାର ଆଶ ॥ 124
କିଣଇ ନିଜ ଧନ ଦେଇ । ଅଧିକ ଆଶେ ଲୋଭ ବହି ॥ 125
ରଜ ତାମସ ଗୁଣ ବହି । ଅଜ୍ଞାନେ ଚେତନା ହରାଇ ॥ 126
ବାସବ ଆଦି ଦେବଗଣେ । ଯଜ୍ଞେ ପୂଜଇ ଅନୁକ୍ଷଣେ ॥ 127
ଆତ୍ମାର ଗତି ନ ସୁମରେ । ସ୍ୱର୍ଗଭୋଗକୁ ଇଚ୍ଛାକରେ ॥ 128



ନାନାପ୍ରକାରେ ଲୋଭ ଚିତ୍ତେ । ପିତୃଦେବତା ପୂଜେ ନିତ୍ୟେ ॥ 129
ସ୍ୱର୍ଗେ ବସଇ ଦିନାକେତେ । ପୁଣି ସେ ସ୍ୱର୍ଗଭୋଗ ଅନ୍ତେ ॥ 130
ଜନ୍ମ ହୁଅଇ ମହୀତଳେ । ଧନ-ସମ୍ପଦ-ମହାକୁଳେ ॥ 131
ଉତ୍ତମପୁର ସ୍ୱର୍ଗ ପ୍ରାୟେ । ପୁଣି ଭୁଞ୍ଜଇ ନରଦେହେ ॥ 132
ଏହି ପ୍ରକାରେ ଚିନ୍ତାକରି । ପଶୁଙ୍କୁ ହିଂସେ ଯଜ୍ଞ କରି ॥ 133
ପୁଷ୍ପର ଠାରେ ଫଳ ବୁଦ୍ଧି । ଏ ଘେନି ଭ୍ରମେ ନିରବଧି ॥ 134
କର୍ମ ଆକୁଳେ ଲୋଭ ଜଡ଼େ । ଏଣୁ ଭ୍ରମଇ ଚିତ୍ତ ଦୃଢେ ॥ 135
ଚିତ୍ତ-ସଙ୍କଳ୍ପ-ଭୋଗଭରେ । ଗୁରୁବ୍ରାହ୍ମଣ ନିନ୍ଦାକରେ ॥ 136
ମୋ'ର ଭକତି ଆର କାହିଁ । ମୋ' କଥା କର୍ଣ୍ଣେ ନ ଶୁଣଇ ॥ 137
ଶ୍ରୁତି ଯେ କହେ ତିନିଖଣ୍ଡ । ଜ୍ଞାନ ଦେବତା କର୍ମକାଣ୍ଡ ॥ 138
ସେ ବେଦୁଁ କର୍ମ ଉତପତ୍ତି । ପରମବ୍ରହ୍ମ ତା'ର ଗତି ॥ 139
ବ୍ରହ୍ମ-ପରୋକ୍ଷେ ପରମୁଖେ । ସେ ବେଦ କହୁଥା'ନ୍ତି ସୁଖେ ॥ 140
ଜ୍ଞାନ ନ କହି ସେ ସାକ୍ଷାତେ । ଦେଖାଇ ଘରଦ୍ୱାର ପଥେ ॥ 141
ସେ ସର୍ବବେଦ ବ୍ରହ୍ମମୟେ । ସ୍ୱଭାବେ ସମୁଦ୍ରର ପ୍ରାୟେ ॥ 142
ଦୁର୍ବୋଧ ଅତି ଗତି ତା'ର । ବେଦର ନାହିଁ ଅନ୍ତଃ ପର ॥ 143
ଦେଖ ମୁଁ ଅଛି ସର୍ବପୂରି । ଅନନ୍ତଶକ୍ତି ରୂପ ଧରି ॥ 144
ଜଗତ ମୋ' ତହୁଁ ପ୍ରକାଶେ । ଅନ୍ତେ ମୋହର ଦେହେ ମିଶେ ॥ 145
ଏଣୁ ଅନନ୍ତ ଦେବଗତି । ନାନାପ୍ରକାରେ ଫଳଶ୍ରୁତି ॥ 146
ତାହାର ସ୍ଥୂଳ-ସୂକ୍ଷ୍ମ-ଗତି । କେ ବୁଝିପାରିବ ସୁମତି ॥ 147
ଷଡ଼ଚକ୍ର ଭେଦି ଉଦସ୍ଥ । ଏଣୁ ବୋଲାଇ ବ୍ରହ୍ମମସ୍ଥ ॥ 148
ମୃଣାଳସୂତ୍ର ପ୍ରାୟ ହୋଇ । ଶବଦ ରୂପେ ମୁଁ ଅଛଇ ॥ 149
ଯେସନେ ଉର୍ଣ୍ଣନାଭସୂତ୍ର । ହୃଦରୁ କରଇ ନିର୍ମିତ ॥ 150
ଆକାଶ ଶବ୍ଦରୂପ ଧରି । ସମାନ ରୂପେ ଅଛି ପୂରି ॥ 151
ବ୍ୟାପେ ପଞ୍ଚାଶବର୍ଣ୍ଣଭେଦେ । ନାନା ପ୍ରକାର ସ୍ୱରନାଦେ ॥ 152
ଗାୟତ୍ରୀ ପଙ୍କ୍ତି ଅନୁଷ୍ଟୁପ । ଉଷ୍ଣିକ ବୃହତୀ ତ୍ରିଷ୍ଟୁପ ॥ 153
ସପ୍ତ ପ୍ରକାରେ ଛନ୍ଦଭାଷେ । କହେ ବିବିଧ ଉପଦେଶେ ॥ 154
କି ଅବା କହେ ବ୍ରହ୍ମମୁଖେ । କି ଅବା କଳ୍ପନା-ବିପାକେ ॥ 155

ଏମନ୍ତେ ବିବିଧ କଳ୍ପନା । ଏ ବେଦ ବ୍ରହ୍ମର ରଚନା ॥ 156
କେ ଅଛି ବେଦ ବୁଝିବାରେ । ଶରୀର ବହି ଏ ସଂସାରେ ॥ 157
ମୁହିଁ ସେ ବେଦ ତତ୍ତ୍ୱଜ୍ଞାତା । ମୋ' ତହୁଁ କେହି ସାମରଥା ॥ 158
ନାନା ପ୍ରକାରେ ନାନା ଭେଦେ । ମୁହିଁ ଅଛଇ ବେଦ ମଧ୍ୟେ ॥ 159
ଯେ ମୋତେ ନ ଭଜେ ଜଗତେ । ମାୟା ଦେଖାଉଥାଇ ନିତ୍ୟେ ॥ 160
ଏଣୁ ନ ବୁଝେ ବେଦଗତି । ଅଜ୍ଞାନ ମୋହେ ଜଡ଼ମତି ॥ 161
ବିଧି-ନିଷେଧ ତର୍କବଳେ । ନାନା ବିକଳ୍ପ ଏ ଶବ୍ଦଳେ ॥ 162
କହିଲେ ଯଶୋଦାର ସୁତ । ନାନା ପ୍ରକାରେ ବେଦତତ୍ତ୍ୱ ॥ 163
ସେ ହରି ଅଭୟ ଚରଣେ । ପାମର ଜଗନ୍ନାଥ ଭଣେ ॥ 164

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଦ୍ୱାବିଂଶୋଽଧ୍ୟାୟଃ ॥

## ତ୍ରୟୋବିଂଶ ଅଧ୍ୟାୟ

ଉଦ୍ଧବ ଉବାଚ

ଉଦ୍ଧବ ଶିରେ ଦେଇ କର । ବୋଲଇ ଶୁଣ ଦାମୋଦର ॥ 1
ବେଦ-ବିଚାର-ତତ୍ତ୍ୱ ଜାଣି । ଯେବେ ସଂସାରୁ ତରେ ପ୍ରାଣୀ ॥ 2
ସେ ତତ୍ତ୍ୱ ଏକ ଅବା କେତେ । କହ କେଶବ ମୋ' ଅଗ୍ରତେ ॥ 3
ତ୍ରି ନବ ଏକାଦଶ ପଞ୍ଚ । ଶୁଣିଛି ତୁମ୍ଭେ କହିଅଛ ॥ 4
ନାନା ପ୍ରକାରେ ମୁନିଗଣେ । କହନ୍ତି ତତ୍ତ୍ୱ-ବିଚାରଣେ ॥ 5
କେ ଷଟ ସପ୍ତ ଚାରି ଭଣେ । କେ ଏକାଦଶ ପରମାଣେ ॥ 6
କେ ପଞ୍ଚବିଂଶ ଷଡ଼ବିଂଶ । କେହୁ କହନ୍ତି ସପ୍ତଦଶ ॥ 7
କାହାର ମତେ ତ୍ରୟୋଦଶ । କେ ଅବା ନବ, କେ ଷୋଡ଼ଶ ॥ 8
ଏ ସର୍ବ ସତ୍ୟ ଅବା କେତେ । ପ୍ରସ୍ତାବେ ପୁଛିଲଇଁ ତୋତେ ॥ 9
ଏମନ୍ତେ ଉଦ୍ଧବ ବଚନ । ଯେ ତା'ର ଚିତ୍ତଗତ ଭ୍ରମ ॥ 10
ଶୁଣି କହନ୍ତି ଚକ୍ରପାଣି । ଶୁଣ ହୋ ମୁନିଗଣ-ବାଣୀ ॥ 11

ଭଗବାନ ଉବାଚ



ମୁନି କହନ୍ତି ସର୍ବସ୍ଥାନେ । ଯେ ଅବା ଯେତେ ଅନୁମାନେ ॥ 12
କେବେ ହେଁ ନୋହେ ଦୁର୍ଘଟନ । ସେ ସତ୍ୟ ଏ ତିନିଭୁବନ ॥ 13
ସଂସାରେ ମୁନିଗଣ ଚିତ୍ତ । ମୋ'ର ମାୟାରେ ବିମୋହିତ ॥ 14
ନାନା ପ୍ରକାରେ ତର୍କବଳେ । ତତ୍ତ୍ୱ ବଖାଣନ୍ତି ଶବ୍ଦଳେ ॥ 15
କୁତର୍କ ବିବାଦ ପ୍ରକାରେ । ତତ୍ତ୍ୱ ବିଚାରନ୍ତି ସଂସାରେ ॥ 16
ଏଣୁ ବଚନ ଏହାଙ୍କର । ବୁଝ ତୁ ଅନେକ ପ୍ରକାର ॥ 17
ମୁଁ ଯାହା କହିଅଛି ତୋତେ । ସଂସାରେ ତତ୍ତ୍ୱ ମାତ୍ର ଏତେ ॥ 18
ମୁନିଏ ବିବାଦେ ଏମନ୍ତେ । ତର୍କ କରନ୍ତି ଯେଝାମତେ ॥ 19
ଶୁଣ ଉଦ୍ଧବ ସାଧୁ ଧୀର । ଏ ତତ୍ତ୍ୱମାନଙ୍କ ବିଚାର ॥ 20
ଅନ୍ୟୋନ୍ୟେ ପ୍ରବେଶ ସେ ହୋଇ । କାର୍ଯ୍ୟ କାରଣ ରୂପେ ଥାଇ ॥ 21
ସେ ପରସ୍ପରେ ମିଶାମିଶି । ଘଟ ମୃତ୍ତିକା ପ୍ରାୟ ଦିଶି ॥ 22
ଜାଣିଲେ ଏକରୂପ ସେହି । ବିକଳ୍ପେ ନାନାରୂପ ହୋଇ ॥ 23
ଯେ ପୂର୍ବାପର ତତ୍ତ୍ୱଙ୍କର । ଊଣା ଅଧିକେ ଯେ ବିଚାର ॥ 24
ପଣ୍ଡିତଗଣେ ବାଦ ଚିନ୍ତି । ଯେତେ ବା କହିଣ ଅଛନ୍ତି ॥ 25
ମୁନିବଚନ ସୁଘଟନ । ତେଣୁ ସେ ନୁହଇ ଖଣ୍ଡନ ॥ 26
ସ୍ୱଭାବେ ମୋର ମାୟା ଘେନି । ଯୁକ୍ତି କରନ୍ତି ତୋତେ ମୁନି ॥ 27
ତାଙ୍କ ବଚନ ମହୀତଳେ । ମୁହିଁ ସ୍ଥାପଇ ସୁନିଶ୍ଚଳେ ॥ 28
ଏଣୁ ଯେ ତତ୍ତ୍ୱଜ୍ଞ ପୁରୁଷ । ଦିଅନ୍ତି ଜ୍ଞାନ ଉପଦେଶ ॥ 29
ଈଶ୍ୱର ପୁରୁଷଙ୍କ ଗାତ୍ରେ । ବିଚ୍ଛେଦ ନାହିଁ ତିଳମାତ୍ରେ ॥ 30
ବିକଳ୍ପ କଳ୍ପନା ଗୋଚରେ । ଜୀବ ପରମ ଭେଦ କରେ ॥ 31
ଯୁକ୍ତି କରନ୍ତି ଶ୍ରୁତିଭେଦେ । ପଣ୍ଡିତ ସ୍ୱଭାବ ବିବାଦେ ॥ 32
ତଥାପି ତାହାଙ୍କ ବଚନ । ମୁହିଁ ଯେ କରଇ ସ୍ଥାପନ ॥ 33
ପ୍ରକୃତି ଭେଦ ତିନିଗୁଣ । ତତ୍ତ୍ୱରେ ନୁହଁନ୍ତି ଗଣନ ॥ 34
କାଳ ସ୍ୱଭାବ ଯେ ଈଶ୍ୱର । ତ୍ରିଗୁଣୁଁ ଅଟନ୍ତି ସେ ପର ॥ 35
ତାହାର ସର୍ବଶକ୍ତି ଭାବେ । ତା ତହୁଁ ତ୍ରିଗୁଣ ସମ୍ଭବେ ॥ 36
ତେଣୁ ଏ ସଂସାରେ ଭକତ । ଯେ ସୂତ୍ର ନାମ ମହତ୍ତତ୍ତ୍ୱ ॥ 37
ପୁରୁଷ ପ୍ରକୃତି ମହତ । ଅହଙ୍କାର ନଭ ମରୁତ ॥ 38

ତେଜ ସହିତେ ଅପେ କ୍ଷିତି । ଏ ନବତତ୍ତ୍ୱରେ ଗଣତି ॥ 39
ଚକ୍ଷୁ ନାସିକା ଚମ କର୍ଣ୍ଣ । ଜିହ୍ୱା ଇନ୍ଦ୍ରିୟ ପଞ୍ଚଜ୍ଞାନ ॥ 40
ବଚନ ଗୁଦ ପାଦ ପାଣି । ଉପସ୍ଥ ପଞ୍ଚକର୍ମ ଘେନି ॥ 41
ଉଭୟକର୍ତ୍ତା ମନ ମିଶି । ଏ ରୂପେ ଏକାଦଶ ଭାଷି ॥ 42
ଶବ୍ଦ ସ୍ୱରଶ ରୂପ ରସ । ଗନ୍ଧ ଏ ପାଞ୍ଚ ପରକାଶ ॥ 43
ଜ୍ଞାନ ଇନ୍ଦ୍ରିୟର ଏ ଅର୍ଥ । ଏମନ୍ତେ ପଞ୍ଚବିଂଶ ତତ୍ତ୍ୱ ॥ 44
ଜୀବ ପରମ ଭେଦ କଲେ । ଷଡ଼ବିଂଶତି ହୋଏ ଭଲେ ॥ 45
କାର୍ଯ୍ୟକାରଣରୂପୀ ଯେହି । ପ୍ରକୃତି ବୋଲି ତା'କୁ କହି ॥ 46
ପୁରୁଷ ଅବ୍ୟକ୍ତ ଅଟଇ । କେବଳ ଦୃଷ୍ଟି ମାତ୍ର ଦେଇ ॥ 47
ସେ ଦୃଷ୍ଟିଯୋଗେ ହୋଇ ଜାତ । ମହତ ଆଦି ସର୍ବସତ୍ତ୍ୱ ॥ 48
ପ୍ରକୃତି ବଳେ ହୋଇ ରୁଣ୍ଡ । ସୃଜନ୍ତି ଅଶେଷ ବ୍ରହ୍ମାଣ୍ଡ ॥ 49
ଜୀବ-ପରମ ପଞ୍ଚଭୂତ । କେ ବୋଲେ ଏହା ସପ୍ତତତ୍ତ୍ୱ ॥ 50
ଜୀବ-ପରମ ଏକ ମାନି । କେହି ବା ଷଡ଼ତତ୍ତ୍ୱ ଗଣି ॥ 51
ତେଜ ଆବର ଜଳ ଅନ୍ନ । ଆତ୍ମାରୁ ଏ ଯେ ଉତପନ୍ନ ॥ 52
ଏ ତହୁଁ ଆନ ସବୁ ଜାତ । ଏଣୁ କେ ବୋଲେ ଏହା ଚାରିତତ୍ତ୍ୱ ॥ 53
କର୍ମ ଇନ୍ଦ୍ରିୟ ପଞ୍ଚଭୂତେ । ଆବର ପଞ୍ଚତନମାତ୍ରେ ॥ 54
ମନ ପରମ ଆତ୍ମା ଘେନି । କେ ସପ୍ତଦଶ ତତ୍ତ୍ୱ ଭଣି ॥ 55
ମନ ଆତ୍ମାକୁ ଏକ ମାନି । କେହୁ ଷୋଡ଼ଶ ତତ୍ତ୍ୱ ଗଣି ॥ 56
କର୍ମ ଇନ୍ଦ୍ରିୟ ପଞ୍ଚଭୂତ । ଜୀବ ପରମ ମନସ୍ତତ୍ତ୍ୱ ॥ 57
ଏ ରୂପେ ତ୍ରୟୋଦଶ ତତ୍ତ୍ୱ । କେହି ବା ବୋଲନ୍ତି ଏମନ୍ତ ॥ 58
ଜୀବ ପରମ ମନ ତିନି । ଏକଇ ଆତ୍ମା କେହୁ ମାନି ॥ 59
ପଞ୍ଚଇନ୍ଦ୍ରିୟ ପଞ୍ଚଭୂତ । କେ ବୋଲେ ଏକାଦଶ ତତ୍ତ୍ୱ ॥ 60
ମନ ବୁଦ୍ଧି ଯେ ଅହଙ୍କାର । ପଞ୍ଚମହାଭୂତ ଆବର ॥ 61
ପୁରୁଷ ଘେନି କେହୁ ମୁନି । ନବତତ୍ତ୍ୱ ଯେ ପରିମାଣି ॥ 62
ଏମନ୍ତ ମୁନିଙ୍କ ବଚନେ । ଯେ ତତ୍ତ୍ୱ ଘଟେ ଅନୁମାନେ ॥ 63
ଶାସ୍ତ୍ର ବିଚାରନ୍ତି ସଂସାରେ । ଏମନ୍ତେ ଅନେକ ପ୍ରକାରେ ॥ 64
ନ୍ୟାୟ ବଚନ ଯୁକ୍ତି ମୂଳ । କର୍ଣ୍ଣେ ଶୁଣନ୍ତେ କୁତୂହଳ ॥ 65



ପଣ୍ଡିତମାନଙ୍କ ବଚନ । କେବେହେଁ ନୋହେ ଦୁର୍ଘଟନ ॥ 66
ଏମନ୍ତ ଗୁଣମୟବାଣୀ । ଉଦ୍ଧବ କୃଷ୍ଣମୁଖୁଁ ଶୁଣି ॥ 67
ପୁଣି ସଂଶୟ କରି ମନେ । ପୁଚ୍ଛଇ କୃଷ୍ଣ ସନ୍ନିଧାନେ ॥ 68

ଉଦ୍ଧବ ଉବାଚ

ପ୍ରକୃତି ପୁରୁଷ ସ୍ୱଭାବେ । ଏକୁ ଆରେକ ଭିନ୍ନ ଯେବେ ॥ 69
ଆଶ୍ରେ କରନ୍ତି ଅନ୍ୟୋଅନ୍ୟେ । ନିତ୍ୟେ ବସନ୍ତି ଏକସ୍ଥାନେ ॥ 70
ପ୍ରକୃତି ପୁରୁଷର ଦେହେ । ବସଇ ଜୀବନର ପ୍ରାୟେ ॥ 71
ପ୍ରକୃତି ପୁରୁଷ ନ ଛାଡ଼େ । ଏଣୁ ନ ଥା'ନ୍ତି ଏକ ଜଡ଼େ ॥ 72
କେମନ୍ତେ ଦେହୁଁ ଆତ୍ମା ଭିନ୍ନ । ସମ୍ଭୁ ନାହିଁ ମୋର ମନ ॥ 73
ଏ ଚିତ୍ତ ସଂଶୟ ମୋହର । ଛେଦ ହେ କମଳାର ବର ॥ 74
ଗୋବିନ୍ଦ କମଳଲୋଚନ । ପରମପୁରୁଷ ଉତ୍ତମ ॥ 75
ତୋ'ର ମାୟାରେ ଜୀବ ଯେତେ । ମୋହେ ଯନ୍ତ୍ରିତ ଏ ଜଗତେ ॥ 76
ଯାହାକୁ ହେଉ ତୁ ସଦୟ । ଜ୍ଞାନ ତା ହୃଦରୁ ଉଦୟ ॥ 77
ତୁ ଆତ୍ମା ସର୍ବଜୀବଗତି । ତୁ ଗୁରୁ ଜ୍ଞାନଗମ୍ୟ ମତି ॥ 78
ତୁ ଜାଣୁ ତୋ'ର ମାୟାଗତି । ଅପରେ ତାହା ନ ଜାଣନ୍ତି ॥ 79
ଏମନ୍ତ ଶୁଣି ତା' ବଚନ । କହନ୍ତି ଦେବକୀନନ୍ଦନ ॥ 80
ପୁରୁଷ ପ୍ରକୃତି ତ୍ରିଗୁଣ । ସଂଯୋଗ ବିୟୋଗ କାରଣ ॥ 81
ପୁରୁଷ ବିନା ପ୍ରକୃତିର । ପ୍ରକାଶ ନୁହଇ ଗୋଚର ॥ 82
ରବି ବିହୀନେ ଚକ୍ଷୁ ଯେହ୍ନେ । ତେମନ୍ତେ ପୁରୁଷ ବିହୀନେ ॥ 83
ରବି ଯେସନେ ସ୍ୱପ୍ରକାଶ । ଉଦ୍ଧବ ତେମନ୍ତ ପୁରୁଷ ॥ 84
ପୁରୁଷ-ପ୍ରକୃତି ଏ ଭିନ୍ନ । ଏକ ବିହୀନେ ଅନ୍ଧ ଆନ ॥ 85
ମୋର ବିମୁଖ ପ୍ରାଣୀଙ୍କର । ଏ କଥା ନୁହଇ ଗୋଚର ॥ 86
ସକଳ ଗୁଣ-ଭେଦ ଯେତେ । ବିସ୍ତାରି କହିଅଛି ତୋତେ ॥ 87
ତୁ ତାହା ଚିତ୍ତେ ଭଲେ ସ୍ମର । ଶୁଣି ଉଦ୍ଧବ ଯୋଡ଼ିକର ॥ 88
ବୋଲଇ ବିନୟ ବଚନ । ଭୋ ନାଥ କର ଅବଧାନ ॥ 89
ତୋ'ର ବିମୁଖ ଯେତେ ପ୍ରାଣୀ । ତାହାଙ୍କୁ ନିଜକର୍ମ ଆଣି ॥ 90
ନାନା ଯୋନିରେ ଜାତ କରେ । ତେଣୁ ଶରୀର ପ୍ରାଣୀ ଧରେ ॥ 91

ଭ୍ରମନ୍ତି ନିଜ କର୍ମପଥେ । ଦୁଃଖ-ଦୁରିତ ଭୋଗ ଅର୍ଥେ ॥ 92
ଶରୀର ଧରନ୍ତି କେମନ୍ତେ । ଛାଡ଼ନ୍ତି ନିଜ କର୍ମ ଅନ୍ତେ ॥ 93
ନାନା ବିପାକେ ଭୁଞ୍ଜେ କର୍ମ । ଗତ-ଆଗତ ପଥଶ୍ରମ ॥ 94
ଭୋ ନାଥ ଭକତବତ୍ସଳ । କରୁଣାସିନ୍ଧୁ ଆଦିମୂଳ ॥ 95
ନମୋ ଗୋବିନ୍ଦ ଦାମୋଦର । କହ ସଂଶୟ ଯାଉ ମୋର ॥ 96
ଉଦ୍ଧବ ବାକ୍ୟେ ଜଗନ୍ନାଥ । ଜୀବର ଗତି ପରମାର୍ଥ ॥ 97
କହନ୍ତି ଉଦ୍ଧବକୁ ଚାହିଁ । ଶୁଣ ହେ ଏକଚିତ୍ତେ ତୁହି ॥ 98
ମନଟି କର୍ମମୟ ହୋଇ । ନାନାପ୍ରକାରେ ସୃଜେ ମହୀ ॥ 99
ପ୍ରାଣୀ ଜୀବନ ଅନ୍ତଃକାଳେ । ମନ ଇନ୍ଦ୍ରିୟ ପଞ୍ଚମେଳେ ॥ 100
ପ୍ରାଣ ସଙ୍ଗତେ ଯାହା ଭାବେ । ସେ ଅନୁସାରେ ଜନ୍ମ ଲଭେ ॥ 101
ଏ ଆତ୍ମା ମନ ପଛେ ପଛେ । ସ୍ୱଭାବେ ବୁଲଇ ପ୍ରତ୍ୟକ୍ଷେ ॥ 102
ଏଣୁ ସେ ମନ ଥାଏ ଯହିଁ । ଏ ଜୀବ ଆତ୍ମା ମିଳେ ତହିଁ ॥ 103
ଏ ଆତ୍ମା ଅହଙ୍କାରେ ବନ୍ଦୀ । ଅଦୃଷ୍ଟବଶ ନିରବଧି ॥ 104
ଏଣୁ ଏ ନାନା ମନୋରଥେ । ବିଷୟ ଧ୍ୟାନ ଅବିରତେ ॥ 105
ବେଦବଚନେ କର୍ମ କରେ । ଶୋକ-ହରଷେ ସେ ବିହରେ ॥ 106
ଧ୍ୟାନେ ଚିନ୍ତଇ ସ୍ୱର୍ଗବାସ । ଦେବତ୍ୱ ଇନ୍ଦ୍ରପଦେ ଆଶ ॥ 107
ଭୂମିରେ ଚିନ୍ତେ ରାଜପଦ । ନାନାପ୍ରକାର ଭୋଗେ ସଧ ॥ 108
ଏମନ୍ତ ଚିନ୍ତଇ ନିରତେ । ମନ ଭ୍ରମାଇଁ ନାନପଥେ ॥ 109
ଏମନ୍ତେ ମନ ଯହିଁ ରହେ । ଜ୍ଞାନ ହରଇ ପୂର୍ବଦେହେ ॥ 110
ମନ-ବାସନା ଜୀବ ସଙ୍ଗେ । କର୍ମ ମିଳଇ ତା'ର ଆଗେ ॥ 111
ସେ ପରଦେହେ ଯେବେ ପଶେ । ଏକାନ୍ତେ ମନ ତହିଁ ମିଶେ ॥ 112
ଆତ୍ମା ସଙ୍ଗତେ ରହେ ସ୍ଥିରେ । ପୂର୍ବଶରୀର ସେ ପାସୋରେ ॥ 113
ଲଭଇ ନୂଆଦେହେ ସଙ୍ଗ । ତେବେ ପାସୋରେ ପୂର୍ବଅଙ୍ଗ ॥ 114
ଜୀବ ସଙ୍ଗତେ ଚଳେ ପ୍ରାଣ । ଏମନ୍ତେ ଲଭଇ ମରଣ ॥ 115
ପୂର୍ବଶରୀର ପରିତ୍ୟାଗି । ନୂତନ ଦେହେ ଅନୁରାଗୀ ॥ 116
ସେ ଦେହେ ରହେ ଆତ୍ମାଭାବେ । ପ୍ରାଚୀନ ପ୍ରକୃତି ସ୍ୱଭାବେ ॥ 117
ଜୀବର ଜନ୍ମ ଏ ପ୍ରକାରେ । ଶରୀରୁ ଶରୀରେ ସଞ୍ଚରେ ॥ 118



ଏ ଜୀବ ସ୍ୱପ୍ନ ମନୋରଥେ । ଯେ ରୂପେ ଭ୍ରମୁଥାଇ ନିତ୍ୟେ ॥ 119
ନିଦ୍ରା ଅବସାନେ ସଚେତେ । ଯେ ରୂପେ ପାସୋରଇ ଚିତ୍ତେ ॥ 120
ସେହି ପ୍ରକାରେ ପୂର୍ବଦେହୀ । ପାସୋରେ ପରତନୁ ପାଇ ॥ 121
ଏ ଆତ୍ମା ନିର୍ମଳ ସ୍ୱଭାବେ । ମନର ବଶ ହୋଏ ଯେବେ ॥ 122
ଉତ୍ତମ ମଧ୍ୟମ ଅଧମ । ଗତି ଲଭଇ କରି କର୍ମ ॥ 123
କୁପୁତ୍ର-ବଶେ ସାଧୁଜନେ । ଲଭନ୍ତି ମନ୍ଦଗତି ଯେହ୍ନେ ॥ 124
ଏ ଦେହ ଜନ୍ମ ମୃତ୍ୟୁ ଦୁଇ । କ୍ଷଣକୁ କ୍ଷଣ ନିତ୍ୟେ ପାଇ ॥ 125
କାଳର ଅତି ସୂକ୍ଷ୍ମଗତି । ଏଣୁ ନ ପାରେ କେହି ଚିନ୍ତି ॥ 126
ଜନ୍ମ-ମରଣ ବେନି ମତ । ବିଚାରେ ନୁହନ୍ତି ଏ ସତ୍ୟ ॥ 127
ଜନ୍ମାଦି ମରଣ ପର୍ଯ୍ୟନ୍ତେ । ଜୀବର ଭ୍ରମ ବୋଲି ଏତେ ॥ 128
ଏ ବେନିମାର୍ଗ ଅନୁସରି । ଉଦ୍ଧବେ କହିଲେ ମୁରାରି ॥ 129
ଯେସନେ ଦୀପର ଅନଳ । ବୃକ୍ଷର ଫଳ ସ୍ରୋତଜଳ ॥ 130
ବୟସ ଅବସ୍ଥା ବିକାର । ଏ ରୂପେ ସର୍ବ ପ୍ରାଣୀଙ୍କର ॥ 131
ଅଗ୍ନିରେ ଦୀପ ବୁଦ୍ଧି କରି । ନଦୀରେ ଜଳକୁ ଆବୋରି ॥ 132
ବୋଲନ୍ତି କ୍ଷୟ-ବୃଦ୍ଧି ଦୁଇ । ଜଳର ଅଗ୍ନିର ହୁଅଇ ॥ 133
ସେ ରୂପେ ଆତ୍ମା ଦେହେ ମାନି । ଜନ୍ମ ମରଣ ଅଭିମାନୀ ॥ 134
ମର୍ତ୍ତ୍ୟେ ମନୁଷ୍ୟ ଦେହ ବହି । ଦେବତା ହୋଇଲେ ମରଇ ॥ 135
ଯେସନେ ଅଗ୍ନି ଦାରୁ ସଙ୍ଗ । ହୁଅଇ ସଂଯୋଗ ବିଯୋଗ ॥ 136
ଜନ୍ମମରଣ ତା'କୁ ମାନି । ଏ ରୂପେ କହନ୍ତି ଅଜ୍ଞାନୀ ॥ 137
ଗର୍ଭେ ପ୍ରବେଶ ଜନ୍ମ ବୁଦ୍ଧି । ବାଲୁତ ପଞ୍ଚମ ଅବଧି ॥ 138
କୁମାର ଅବସ୍ଥା ଷୋଡ଼ଶ । ଯୌବନ ଚାଳିଶ ବରଷ ॥ 139
ମଧ୍ୟମ ବୟସ ଷାଠିଏ । ଜରା ମରଣ ନବ ହୋଏ ॥ 140
ଏ ମନୋରଥମୟ ଦେହ । ଯେ ଉଚ୍ଚନୀଚ ଗୁଣମୟ ॥ 141
ଅବସ୍ଥା ଭେଦେ ଜନ୍ମମୃତ୍ୟୁ । ବିବେକ ଜ୍ଞାନ ଜାଣି ହେତୁ ॥ 142
ଛାଡ଼ିଲେ ଦେହ ଆତ୍ମାଭାବ । ମଣଇ ଆତ୍ମାକୁ ବିଲଗ ॥ 143
ଦେହରୁ ଦେହ ହୋଇ ଜାତ । ହୁଅଇ ପିତାପୁତ୍ର ମତ ॥ 144
ଆତ୍ମାର ଜନ୍ମମୃତ୍ୟୁ ନାହିଁ । ଦେହରୁ ବିଲକ୍ଷଣ ସେହି ॥ 145

ଯେସନେ ବୀଜୁଁ ବୃକ୍ଷ ଜାତ । ସେ ବୀଜ ପୁଣି ବୃକ୍ଷେ ସ୍ଥିତ ॥ 146
ବିପାକେ ଜନ୍ମମୃତ୍ୟୁ ନାହିଁ । ବୀଜର ଜନ୍ମମୃତ୍ୟୁ କାହିଁ ॥ 147
ବୃକ୍ଷରୁ ବୀଜ ବିଲକ୍ଷଣ । ସେ ରୂପେ ଦେହୁଁ ଆତ୍ମା ଭିନ୍ନ ॥ 148
ମାୟା ଶରୀରେ ଅପଣ୍ଡିତ । ଆତ୍ମାକୁ କରଇ ସଂଯୁତ ॥ 149
ତତ୍ତ୍ୱ ବିଷୟେ ମୂଢପଣେ । ସଂସାରେ ସତ୍ୟ ବୋଲି ମଣେ ॥ 150
ସତ୍ତ୍ୱଗୁଣରୁ ଋଷିଦେବ । ରଜରୁ ଅସୁର ମାନବ ॥ 151
ତମୁଁ ତୀର୍ଯ୍ୟକ ଭୂତ ଜାତ । କର୍ମ ଭ୍ରମଣ ତିନିମତ ॥ 152
ଯେସନେ ନୃତ୍ୟ ଗୀତ ତାନ । ଦେଖି ଶିଶୁର ହୋଏ ମନ ॥ 153
ତାହାର ପ୍ରାୟ ନାଚେ ଗାଏ । ସେ ରୂପେ ଆତ୍ମା ଥାଇ ଦେହେ ॥ 154
ବୃକ୍ଷ ପର୍ବତ ଛାୟା ଯେହ୍ନେ । ନିଶ୍ଚଳ ଜଳ ଅକମ୍ପନେ ॥ 155
ଜଳ ଚଞ୍ଚଳେ ଯେହ୍ନେ ଚଳେ । ନିର୍ଣ୍ଣୟ ହୋନ୍ତି ଏ ଶୟଳେ ॥ 156
ଭ୍ରମିଲେ ନେତ୍ର ପ୍ରାଣୀଙ୍କର । ଭ୍ରମଇଁ ଯେହ୍ନେ ଭୂମଣ୍ଡଳ ॥ 157
ସ୍ୱପ୍ନେ ଅନର୍ଥ ଦେଖି ଯେତେ । ଜନ୍ମ ମରଣ ଏହିମତେ ॥ 158
କେବେହେଁ ନୁହଁଇ ଏ ସତ୍ୟ । ଏ ମୋର ମାୟା ବିକଳ୍ପିତ ॥ 159
ଏଣୁ ତୁ ଭ୍ରମ ପରିହର । ଚଞ୍ଚଳ ଚିତ୍ତ ସ୍ଥିର କର ॥ 160
ଏଣୁ ଏ ଲୋକଧର୍ମ ଯେତେ । ମିଥ୍ୟା ବିଚାରି ଘେନ ଚିତ୍ତେ ॥ 161
ଯେ ଅବା ସ୍ତୁତି ଅପମାନ । ଏ ବେନି ଚିତ୍ତେ ତୁ ନ ଘେନ ॥ 162
କେ ଅବା କରେ ଅଧିକ୍ଷେପ । କେ ଅବା ଅପମାନ ଲେପ ॥ 163
କେ ଅବା କରେ ଅଭିମାନ । ଭର୍ତ୍ସନ ତର୍ଜନ ତାଡ଼ନ ॥ 164
କେ ଅବା କରେ ନିନ୍ଦା ସ୍ତୁତି । କେ ଉପହାସେ ବା ହସନ୍ତି ॥ 165
କେ ଅବା ବଳେ ଧନ ନାଶେ । କେ ମାରେ କେବା ବାନ୍ଧେ ରୋଷେ ॥ 166
ଭୋଜନପାତ୍ରେ ଧୂଳି ଦ୍ୟନ୍ତି । କେ ବଳେ ତୋଳି କଚାଡ଼ନ୍ତି ॥ 167
ତଥାପି ଧୀର ମହାଶୟ । ନିଷ୍କାମ ଗଭୀର ହୃଦୟ ॥ 168
ଯେ ପ୍ରାଣୀ ନିନ୍ଦାସ୍ତୁତି ସହେ । ଅଦୃଷ୍ଟ ମାନି ସ୍ଥିର ରହେ ॥ 169
ଈଶ୍ୱରନିଷ୍ଠ ତତପରେ । ଆତ୍ମାକୁ ଆପଣେ ଉଦ୍ଧରେ ॥ 170

ଉଦ୍ଧବ ଉବାଚ

ଉଦ୍ଧବ କୃଷ୍ଣମୁଖୁଁ ଶୁଣି । ବୋଲଇ ଶୁଣ ଚକ୍ରପାଣି ॥ 171



ଏ ବଡ଼ ସଂଶୟ ମୋ' ଚିତ୍ତେ । ଏମନ୍ତେ କେ ଅଛି ଜଗତେ ॥ 172
କେ ପାରେ ଏତେ ଦୁଃଖ ସହି । ମର୍ତ୍ତ୍ୟେ ମନୁଷ୍ୟ ଦେହବହି ॥ 173
ଯାହାର ମର୍ମ ଅଭ୍ୟନ୍ତର । ଭେଦଇ କୁବଚନ ଶର ॥ 174
ସେ ଚିତ୍ତ ନିବାରିବ କାହିଁ । ଏମନ୍ତ ପ୍ରାଣୀ ନ ଦେଖଇ ॥ 175
ଯେ ଅବା ସର୍ବଶାସ୍ତ୍ରମତେ । ଯୋଗ ଅଭ୍ୟାସି ଦୃଢଚିତ୍ତେ ॥ 176
ସେହି ଭ୍ରମଇ ଏ ଜଗତେ । ନିନ୍ଦା ସ୍ତବନ ବେନିପଥେ ॥ 177
ସ୍ତୁତି-ନିନ୍ଦନ ଯେ ପ୍ରକାର । ଯେ ଦୁଷ୍ଟ ବଚନ ପ୍ରହାର ॥ 178
ଯେବା ଅଛନ୍ତି ସାଧୁଜନେ । ତୋ ପାଦ ସୁଧାରସ ପାନେ ॥ 179
ଚିତ୍ତ ଆନନ୍ଦେ ଭୋଳ ମତି । ଏ କର୍ମ ସେ ଅବା ସହନ୍ତି ॥ 180
ଏ ବଡ଼ ଭ୍ରମ ମୋର ଚିତ୍ତେ । ଭୋ ନାଥ ସହିବି କେମନ୍ତେ ॥ 181
ଉଦ୍ଧବ କହେ କୃଷ୍ଣ ପାଶେ । ସୁଜନେ ମଜ୍ଜ ଏହି ରସେ ॥ 182
ବୋଲଇ ଦାସ ଜଗନ୍ନାଥ । ପ୍ରାକୃତବନ୍ଧେ ଭାଗବତ ॥ 183

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ତ୍ରୟୋବିଂଶୋଽଧ୍ୟାୟଃ ॥

## ଚତୁର୍ବିଂଶ ଅଧ୍ୟାୟ

ଦୟାସାଗର ଚକ୍ରପାଣି । ଉଦ୍ଧବ ମୁଖୁଁ ପ୍ରଶ୍ନ ଶୁଣି ॥ 1

ଭଗବାନ ଉବାଚ

ବୋଲନ୍ତି ସତ୍ୟ ତୋ ବଚନ । ଏମନ୍ତ ଅଛି କେବା ଜନ ॥ 2
କେ ଚିତ୍ତ ଧରି ପାରେ ସ୍ଥିରେ । ଦୁର୍ଜନ ବଚନ ପ୍ରହାରେ ॥ 3
ଯେ ପାରେ ଏତେ ଦୁଃଖ ସହି । ସେ ପ୍ରାଣୀ ତ୍ରିଭୁବନେ ନାହିଁ ॥ 4
ସମରେ ରିପୁବାଣ ଘାଏ । ଯେବେ ରୁଧିର ବହେ ଦେହେ ॥ 5
ସେ ଦୁଃଖ ମନେ ନ ଧରନ୍ତି । ଯେ କ୍ଷତ୍ରିବୃତ୍ତି ଆଚରନ୍ତି ॥ 6
ଦୁର୍ଜନ-କୁବଚନ-ବାଣ । ମର୍ମ ବିଦାରେ ତତକ୍ଷଣ ॥ 7
ଏବେ ତୁ ଶୁଣ ହୋ ବିଶ୍ୱାସେ । ଯେ ପୁରାତନ ଇତିହାସେ ॥ 8
ତୁ ଯେଣୁ ମୋହର ବିଶ୍ୱାସ । ତେଣୁ ମୁଁ କରିବି ପ୍ରକାଶ ॥ 9

ପୂର୍ବେ ହୋ ଅବନ୍ତୀ ନଗରେ । ଥିଲା ଦୁର୍ଜନ ବିପ୍ରବରେ ॥ 10
ଦମ୍ଭ ଆଚରି କାମୀ ଲୋଭୀ । ନିରତେ କ୍ରୋଧେ ପରାଭବୀ ॥ 11
କୁତ୍ସିତ ବୁଦ୍ଧି ତା'ର ମନ । ନାନା ପ୍ରକାରେ ସଞ୍ଚେ ଧନ ॥ 12
କୃଷି ବାଣିଜ୍ୟ କର୍ମକରେ । ବନ୍ଧକ ଧାର ଉପହାରେ ॥ 13
ଜ୍ଞାତି ଅତିଥି ବନ୍ଧୁ ଯେତେ । ତା'ଙ୍କୁ ନ ସେବେ କଦାଚିତ୍ତେ ॥ 14
ମଧୁର ବାକ୍ୟ ଶୁଦ୍ଧଚିତ୍ତେ । ତିଳେ ନ ରହେ ପରହିତେ ॥ 15
କନ୍ଦଳ ଦୁଷ୍ଟ ବ୍ୟବହାର । ଦୁଃଶୀଳମତି ଦୁରାଚାର ॥ 16
ସୁତ ବନିତା ଦାସଦାସୀ । ଏହାଙ୍କୁ ନ ପୋଷେ ଆଶ୍ୱାସି ॥ 17
ଆପଣେ ନ ଭକ୍ଷଇ ଭଲେ । ପ୍ରାଣୀଙ୍କି ନ ଦିଏ ମାଗିଲେ ॥ 18
ଯକ୍ଷର ପ୍ରାୟେ ସଞ୍ଚେ ଧନ । ଧନେ ଆକୁଳ ନିତ୍ୟେ ମନ ॥ 19
ସେ ବିପ୍ର ବଞ୍ଚିତ ଜୀବନ । ଏମନ୍ତେ ଗଲା କେତେ ଦିନ ॥ 20
ଅନ୍ନ ନ ପାଇ ଦାରାସୁତ । କ୍ରୋଧିତ ଇଷ୍ଟବନ୍ଧୁ ମିତ୍ର ॥ 21
ନ କରି ଯଜ୍ଞ-ଧର୍ମ କର୍ମ । ଧନ ରକ୍ଷଣେ ତା'ର ମନ ॥ 22
ଧର୍ମକୁ କରି ଅନାଦର । ନାଶିଲା ପୂର୍ବପୁଣ୍ୟ ତା'ର ॥ 23
ପୁତ୍ର କାମିନୀ ପରିବାର । ଯେ ଅବା ଦାସଦାସୀ ତା'ର ॥ 24
ସକଳେ ଭାଳି ଏକଚିତ୍ତେ । ଧନ ହରିଲେ ତା' ଗୁପତେ ॥ 25
ଅନଳେ ଗଲା କିଛି ପୋଡ଼ି । ବଣିଜନାବ ଜଳେ ବୁଡ଼ି ॥ 26
ଚଉର୍ଯ୍ୟେ କିଛି ଧନ ଗଲା । ରାଜା ହିଁ କିଛି ବହି ନେଲା ॥ 27
ସଞ୍ଚିତ ଧନ ଯେତେ ଥିଲା । ଏମନ୍ତେ ନାନାମତେ ଗଲା ॥ 28
ନିର୍ଦ୍ଧନ ଦେଖି ଦାରାସୁତେ । ବନ୍ଧୁବାନ୍ଧବ ତା'ର ଯେତେ ॥ 29
ଦାସୀ ସେବକ ପରିଜନେ । ଛାଡ଼ି ଚଳିଲେ ଅନ୍ୟସ୍ଥାନେ ॥ 30
ଏମନ୍ତେ ବିପ୍ର ଦୁଃଖଚିତ୍ତେ । ରାତ୍ର ଦିବସ ଭାଳେ ନିତ୍ୟେ ॥ 31
ବିକଳ ଚିତ୍ତେ ଦୁଃଖେ କାନ୍ଦେ । ନିର୍ଦ୍ଧନ ବାନ୍ଧବ ବିଚ୍ଛେଦେ ॥ 32
ଏମନ୍ତେ ଚିନ୍ତା-ଶୋକଭରେ । ପଡ଼ିଲା ତୀବ୍ର-ତାପଜ୍ୱରେ ॥ 33
ଭାଳଇ ଅତି ଭୟଚିତ୍ତେ । ମୁଁ ଏବେ ବଞ୍ଚିବି କେମନ୍ତେ ॥ 34
ଏମନ୍ତେ ଭାଳୁ ଭାଳୁ ଦିନେ । ବୈରାଗ୍ୟ ଉପୁଜିଲା ମନେ ॥ 35
ବୋଲଇ ଆତ୍ମା ଅନୁସରି । ବିଫଳେ ଅଛି - ଦେହ ଧରି ॥ 36



ଧିକ୍ ଜୀବନ ଜନ୍ମ ମୋର । ନିନ୍ଦିତ ବିପ୍ର କଳେବର ॥ 37
ଆପଣା ଦୋଷେ ମୁଁ ବିନାଶ । ହେଲେ ସକଳ କଲି ନାଶ ॥ 38
ଆପଣା ହସ୍ତେ ମନସୁଖେ । ଅନଳ ଦେଲି ନିଜ ମୁଖେ ॥ 39
ମୋହର ନିଜ-କର୍ମ-ପାକେ । ବଞ୍ଚିତ ହେଲି ନରଲୋକେ ॥ 40
ପୁତ୍ର କଳତ୍ର ପରିବାର । ବନ୍ଧୁବାନ୍ଧବ ଯେତେ ମୋ'ର ॥ 41
ଏହାଙ୍କୁ ଦୁଃଖ ଦେଇ ଚିତ୍ତେ । ଧନ ସଞ୍ଚିଲି ମୁଁ ନିରତେ ॥ 42
ତେଜିଲି ଧର୍ମ-କର୍ମ-ଭୋଗ । ସକଳ ସୁଖେ ମୋ' ବିଯୋଗ ॥ 43
ଧନେ ମୁଁ ହୋଇଲି ନିରାଶ । ଉଭୟଲୋକ କଲି ନାଶ ॥ 44
ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୋହେ ସୁଖେ ପ୍ରୟୋଜନ ॥ 45
ବଞ୍ଚିତ ହୋଇ ଇହଲୋକେ । ଅନ୍ତେ ମୁଁ ପଡ଼ିବି ନରକେ ॥ 46
କୁଷ୍ଠ ଯେସନେ ରୂପ ନାଶେ । ଲୋଭ ତେମନ୍ତ ଗୁଣ ଯଶେ ॥ 47
ଅର୍ଜନ ସାଧନ ସଞ୍ଚୟ । ଧନ ସେ ସର୍ବଦୁଃଖମୟ ॥ 48
ଚଉର୍ଯ୍ୟ ହିଂସା ମିଥ୍ୟା ଦମ୍ଭ । ଭେଦ ବଇର ମଦ ଗର୍ବ ॥ 49
କ୍ରୋଧ କୁଟିଳ ଅବିଶ୍ୱାସ । ସ୍ପର୍ଦ୍ଧା ବ୍ୟସନ ଯେ ବିଶେଷ ॥ 50
ଏ ପଞ୍ଚଦଶ ଦୋଷ ଧନେ । ଏଣୁ ପଣ୍ଡିତ ସାଧୁଜନେ ॥ 51
ଧନ-ସଞ୍ଚୟ ଦୂର କରି । ନିୟତ-କର୍ମକୁ ଆବୋରି ॥ 52
ଧୀରେ ରହନ୍ତି ସମଚିତ୍ତେ । ଧନ୍ୟ ଜୀବନ ଏ ଜଗତେ ॥ 53
ଧନର ଦୋଷ ଆର ଯେତେ । କହିବା ଶୁଣ ଏକଚିତ୍ତେ ॥ 54
ତାତ ଜନନୀ ଭ୍ରାତା ସୁତ । ସୁହୃଦ ବାନ୍ଧବ କଳତ୍ର ॥ 55
ଏହାଙ୍କୁ ଦେଖି ରିପୁ ପ୍ରାୟେ । ଧନ ସଞ୍ଚଇ ନିତ୍ୟେ ଧାୟେ ॥ 56
ଭେଦ ଉପୁଜେ ବନ୍ଧୁମେଳେ । ଧନ-ସଞ୍ଚୟନ ବ୍ୟାକୁଳେ ॥ 57
ବିଚ୍ଛେଦ କରେ ଦାରା ସୁତ । କଦର୍ଯ୍ୟ ବୋଲନ୍ତି ଜଗତ ॥ 58
ଧନ ଏ ସକଳ କାରଣ । କୃପଣେ ମର୍ଯ୍ୟାଦା ଲଂଘନ ॥ 59
ଅଳପ ଧନର କାରଣେ । ବଇର ବଢେ ଅନୁକ୍ଷଣେ ॥ 60
ସ୍ୱଜନ ବନ୍ଧୁ କୁଳଭେଦେ । କନ୍ଦଳ ବାଦ ଅନୁବାଦେ ॥ 61
ମନୁଷ୍ୟ-ଦେହେ ଜନ୍ମ ହୋଇ । ବ୍ରାହ୍ମଣ ତନୁ ମୁହିଁ ପାଇ ॥ 62
ସ୍ୱର୍ଗେ ବାଞ୍ଛନ୍ତି ସୁରଗଣେ । ମନୁଷ୍ୟ ଜନ୍ମ ଅନୁକ୍ଷଣେ ॥ 63

ମୁଁ ଏ ଦୁର୍ଲ୍ଲଭ ଜନ୍ମ ଲଭି । ନିସ୍ୱତ-କର୍ମେ ପରାଭବୀ ॥ 64

ଏ ଜନ୍ମ କଲି ଅନାଦର । ଧନ ସଞ୍ଚସ୍ଥ ଧିକ ମୋର ॥ 65

ମନୁଷ୍ୟ-ଦେହ ଭୂମିଭାଗେ । ସାଧଇ ସ୍ୱର୍ଗ ଅପବର୍ଗେ ॥ 66

ସେ ଦେହ ଅନର୍ଥର ଘର । ଧନ ସାଧଇ କେବା ନର ॥ 67

ଦେବତା-ଋଷି-ପିତୃଗଣେ । ସେବା ନ କଲି ମୂଢପଣେ ॥ 68

ଯକ୍ଷର ପ୍ରାୟେ ସଞ୍ଚି ଧନ । ଲଂଘିଲି ବନ୍ଧୁ ଗୁରୁଜନ ॥ 69

ସ୍ୱଭାବେ ବୟସ ସରିଲା । ଏ ଜନ୍ମ ବିଅର୍ଥ ହୋଇଲା ॥ 70

ଜାଣଇଁ ଅନିତ୍ୟ ଜଗତ । ଈଶ୍ୱରମାୟାରେ ମୋହିତ ॥ 71

ଏ ଧନ ଅର୍ଥେ କୁପଣ୍ଡିତ । ବ୍ୟର୍ଥ-ବ୍ୟାକୁଳେ ଲୋଭଗ୍ରସ୍ତ ॥ 72

ଏଣୁ କି କାର୍ଯ୍ୟ ଧନଧାନ୍ୟେ । ଭାଳଇ ବ୍ୟର୍ଥ ପ୍ରୟୋଜନେ ॥ 73

ମରଣ ମୁଖେ ଏବେ ପଡ଼ି । ଭାଳଇ ନିଜପଥ ହୁଡ଼ି ॥ 74

ଏବେ ଜାଣିଲି ମୋର ଭାଗ୍ୟ । ଗୋବିନ୍ଦ କଲେ ଅନୁରାଗ ॥ 75

ଏ ମୋର ପୂର୍ବ ପୁଣ୍ୟ ଯଶ । ତେଜିଲି ଧନ ଜନ ଆଶ ॥ 76

ଚଞ୍ଚଳମନ ହୃଦେ ରୁନ୍ଧି । ଏବେ ସାଧିବି ସର୍ବସିଦ୍ଧି ॥ 77

ହରି ଚରଣେ ଦେଇ ମତି । ଖଣ୍ଡିବି ଅଶେଷ ଦୁର୍ଗତି ॥ 78

ପୂର୍ବେ ଖଟ୍ୱାଙ୍ଗ ନୃପବର । କରି ଦେବଙ୍କ ଉପକାର ॥ 79

ପୁଣି ସେ ଆସି ମହୀତଳେ । ନିମିଷ ମାତ୍ର ପୁଣ୍ୟଫଳେ ॥ 80

ଭାବେ ଆରାଧି ଚକ୍ରଧର । ଭବସାଗରୁ ହେଲା ପାର ॥ 81

ଏବେ ମୁଁ ସର୍ବ ଆଶା ଛେଦି । ନାନା ପ୍ରକାରେ ତପ ସାଧି ॥ 82

ସଂସାରୁ ତରିବି ଯେମନ୍ତେ । ଏମନ୍ତ ଭାଳି ଦୃଢଚିତ୍ତେ ॥ 83

ନିଶ୍ଚଳ ଶାନ୍ତ-ଦାନ୍ତ-ଚିତ୍ତେ । ତପସ୍ୱୀଜନଙ୍କର ମତେ ॥ 84

ପୃଥିବୀ କରି ପର୍ଯ୍ୟଟନ । ଗିରି ଦୁର୍ଗମ ଘୋରବନ ॥ 85

ଗୁପତେ ଅବଧୂତ ବେଶେ । ବୁଲଇ ପୁର-ଗ୍ରାମ-ଦେଶେ ॥ 86

ସ୍ୱଭାବେ ଦିଶେ କୁଘଟନ । ବୃଦ୍ଧ ଭିକ୍ଷୁକ ସେ ବ୍ରାହ୍ମଣ ॥ 87

ଗ୍ରାମେ ବୁଲଇ ଭିକ୍ଷା ଆଶେ । ମଳିନ ଅବଧୂତ ବେଶେ ॥ 88

ଅତି ପ୍ରପଞ୍ଚ ଅତି କ୍ଷୀଣ । ଦିଶଇ ଜାତିବର୍ଣ୍ଣହୀନ ॥ 89

ଗୁପତ ଦେଖି ତା'ର ଚିହ୍ନ । ଲୋକେ କରନ୍ତି ଅପମାନ ॥ 90



ତାହାକୁ ଦୁଷ୍ଟଗଣେ ବେଢି । କେ ଧାଇଁ ପିଟେ ମୁଣ୍ଡେବାଡ଼ି ॥ 91

କେ ଦଣ୍ଡ-କମଣ୍ଡଳୁ ବଳେ । ଘେନି ପଳାନ୍ତି କୁତୁହଳେ ॥ 92

କେ ଯଜ୍ଞସୂତ୍ର କନ୍ଧୁଁ ଫେଡ଼େ । କେ ପୃଷ୍ଠେ ମାରନ୍ତି ଚାପୋଡ଼େ ॥ 93

କେ କନ୍ଥା ଜୁରକରି ବଳେ । ଭୟେ ପଳାନ୍ତି ଏକମେଳେ ॥ 94

ପୁଣି ରହନ୍ତି ଦୂରେ ଯାଇ । ନାନା ଭର୍ତ୍ସନେ ଗାଳି ଦେଇ ॥ 95

କେ ହସି କରତାଳି ଦେଇ । ଗୁପତେ ତା'ର ପଛେ ରହି ॥ 96

ଭିକ୍ଷା ମାଗିଲେ ଅନ୍ନପାଣି । ତା'କୁ ଦିଅନ୍ତି ଲୋକେ ଆଣି ॥ 97

ଯେବେ ଭୁଞ୍ଜଇ ଜଳତୀରେ । କେ ମୂତେ ଭିକ୍ଷାର ଉପରେ ॥ 98

କେ ମୁଖେ ଅଧୋବାୟୁ ଛାଡ଼େ । କେ ହସି କରେ କର ତାଡ଼େ ॥ 99

କେ ମାରି ଆନକୁ ଦେଖାଇ । ହସନ୍ତି ତା'ର ମୁଖ ଚାହିଁ ॥ 100

ତର୍ଜନ ଗର୍ଜନ କେ କରେ । କେ ରଜ୍ଜୁ ବାନ୍ଧନ୍ତି ପସ୍ତରେ ॥ 101

କେ ଅବା ପୂର୍ବେ ତା'କୁ ଚିହ୍ନି । କହନ୍ତି ପାଞ୍ଚସାତ ଘେନି ॥ 102

ଏହାର ନାଶ ଗଲା ଧନ । କୋପେ ଛାଡ଼ିଲେ ବନ୍ଧୁଜନ ॥ 103

ଦେଖ କପଟେ କ୍ଷୀଣବେଶ । ଜଗତେ ବୋଲାଇ ସନ୍ନ୍ୟାସ ॥ 104

ଦେଖ ବୁଲଇ ଅଧୋମୁଖେ । ଚକ୍ଷୁମଳିନ ସର୍ବଦେଖେ ॥ 105

ରାତ୍ରେ ପଶିବ ଘରେଘରେ । ଚୋରି କରିବ ଅଭ୍ୟନ୍ତରେ ॥ 106

ଏହାକୁ ମାରି କର ଦୂର । ଦଣ୍ଡେ ନ ଥାଉ ଆମ୍ଭପୁର ॥ 107

ଦେଖ ମଉନ ମୁଖେ ଚାହେଁ । ଜଳେ ମୀନକୁ ବକ ପ୍ରାୟେ ॥ 108

ଆଜ କରିବ ଜାଣ ଚୋରି । ଦୂର କରାଅ ୟାକୁ ମାରି ॥ 109

ଏମନ୍ତେ ଦୁଷ୍ଟଗଣେ ମିଳି । ହସନ୍ତି ଦେଇ କରତାଳି ॥ 110

ଭୟେ କରାଇ ତାକୁ ତ୍ରାସ । କରନ୍ତି ହାସ ପରିହାସ ॥ 111

ଏମନ୍ତେ ସର୍ବ ବାକ୍ୟ ଶୁଣେ । ପରମାନନ୍ଦ ମନେ ଗୁଣେ ॥ 112

କେବେହେଁ ନୋହେ ମନେ ଦୁଃଖୀ । ପୂର୍ବ ଅର୍ଜିତ କର୍ମ ଲକ୍ଷି ॥ 113

ଯେ ଅବା ଯେତେବେଳେ ହୋଏ । ଗୋରୁଙ୍କ ପ୍ରାୟେ ସର୍ବ ସହେ ॥ 114

ଅଦୃଷ୍ଟ ମାନି କହେ କଥା । କେ ଅଛି ଦୁଃଖସୁଖଦାତା ॥ 115

ଗ୍ରହ ଦେବତା କାଳଧର୍ମ । ଆତ୍ମା କି ଅବା କେହି ଜନ ॥ 116

ନୁହଁନ୍ତି ସୁଖଦୁଃଖଦାତା । ମନଟି ପରମକରତା ॥ 117

ଜନ୍ମମରଣ ବେନିପଥେ । ଯେ ମନ ଭ୍ରମାଏ ନିରତେ ॥ 118
ମନ ସେ ତ୍ରିଗୁଣ ସୃଜଇ । ତ୍ରିଗୁଣେ କର୍ମ ସଞ୍ଚରଇ ॥ 119
କର୍ମେ ତ୍ରିଲୋକ ଦେହପାଇ । ତୀର୍ଯ୍ୟକ ନର ଦେବ ହୋଇ ॥ 120
ଏଣୁ ମନର ଏ ସଂସାର । ସଂସାରୁ ବିଲଗ ଈଶ୍ୱର ॥ 121
ଈଶ୍ୱର ବସେ ସାକ୍ଷୀରୂପେ । କର୍ମ କରାଇ ନାନାରୂପେ ॥ 122
କର୍ମରେ ସଙ୍ଗ ନାହିଁ ତା'ର । ଜ୍ଞାନରେ ଚେଷ୍ଟା ଯେଣୁ ତା'ର ॥ 123
ମନ ତାହାର ସଙ୍ଗେ ମିଶେ । ଲିଙ୍ଗ-ଶରୀରେ ଜୀବ ବସେ ॥ 124
କର୍ମ କରଇ ଗୁଣବଳେ । ସଂସାରେ ବନ୍ଧନ ନିଶ୍ଚଳେ ॥ 125
ଏଣୁ ଏ ମନର ସଂଯମ । ପରମଜ୍ଞାନର କାରଣ ॥ 126
ଦାନ ସ୍ୱଧର୍ମ ଯେ ନିୟମ । ସୁବ୍ରତ କର୍ମ କିବା ଯମ ॥ 127
ଏ ସର୍ବ ମନର ସଂଯମ । ମନ ସଂଯମ ପରଜ୍ଞାନ ॥ 128
ମନ ସଂଯମ ଅଟେ ଯା'ର । କି କାର୍ଯ୍ୟ ଦାନାଦିରେ ତା'ର ॥ 129
ମନ ଆୟତ୍ତ ଯା'ର ନୋହି । ଦାନାଦି କର୍ମେ କିବା ହୋଇ ॥ 130
ଏଣୁ ଯେ ମନ ବଶକରେ । ସର୍ବ ଇନ୍ଦ୍ରିୟ ସେ ସଂହରେ ॥ 131
ମନର ବଶ ଯେବା ହୋଇ । ଇନ୍ଦ୍ରିୟ ଅର୍ଥେ ସେ ଭ୍ରମଇଁ ॥ 132
ଯୋଗୀଏ ଯୋଗବଳ ଧରି । ବଳେ ଇନ୍ଦ୍ରିୟ ବଶ କରି ॥ 133
ମନ ଅବଶେ ଯୋଗଭ୍ରଷ୍ଟ । ଏଣୁ ଏ ମନ ଅଟେ ଶ୍ରେଷ୍ଠ ॥ 134
ଯେ ତାକୁ ବଶ କରିପାରେ । ସର୍ବ ଇନ୍ଦ୍ରିୟ ଜୟ କରେ ॥ 135
ଦୁର୍ଜୟ ଶତ୍ରୁ ଅଟେ ମନ । ତା'କୁ ନ ଜିଣି ଯେବା ଜନ ॥ 136
ଉଦାସୀ ମିତ୍ର ଶତ୍ରୁ ଆନ । ବିଚାରେ ମୂଢ଼ ସେହୁ ଜନ ॥ 137
ମନ କଳ୍ପିତ ଦେହ ପାଇ । ମୁହିଁ ମୋହର ଚିତ୍ତେ ଧ୍ୟାୟି ॥ 138
ଅନ୍ୟୋନ୍ୟ ଶତ୍ରୁ ମିତ୍ର ଚିନ୍ତି । ଅପାର ସଂସାରେ ଭ୍ରମନ୍ତି ॥ 139
ଯେ ପ୍ରାଣୀ ଆତ୍ମାକୁ ନ ଜାଣେ । ସେ ରିପୁମିତ୍ର ପରିମାଣେ ॥ 140
ମାୟା ସଂସାରେ ଜ୍ଞାନହାରି । ଜୀବକୁ ଜୀବ ହିଂସା କରି ॥ 141
ସ୍ୱଭାବେ ଜୀବ ନିର୍ବିକାର । ଦୋଷ ଅଦୋଷ ନାହିଁ ତା'ର ॥ 142
ଆପଣା ହସ୍ତେ ଜିହ୍ୱା ଛେଦି । କେ ତା'ର ଅଛି ପ୍ରତିବାଦୀ ॥ 143
ଦେବତା ବଶେ ସର୍ବଭୂତେ । ଇନ୍ଦ୍ରିୟ ଅଭେଦେ ନିଶ୍ଚିନ୍ତେ ॥ 144



କୋପଇ ଏକ ଅଙ୍ଗେ ଥାଇ । ଆରକ ଅଙ୍ଗେ ପ୍ରହାରଇ ॥ 145
ଏ ଦୁଃଖ ସୁଖ ବିଚାରିଲେ । ଲାଗଇ ନାହିଁ ଆତ୍ମାତୁଲେ ॥ 146
ଯେବେ ବୋଲିବା ଗ୍ରହଦୋଷେ । ପ୍ରାଣୀ ବନ୍ଧନ ଗୁଣପାଶେ ॥ 147
ଏ ଅନୁମାନ ସତ୍ୟ ନୋହେ । ଗ୍ରହ କି ମାରେ ଗ୍ରହ ଦେହେ ॥ 148
ଏ ଦୁଃଖସୁଖ ହେତୁ କର୍ମ । ବିଚାରି କଲେ ତୁଟେ ଭ୍ରମ ॥ 149
ସ୍ୱଭାବେ ଦେହ ଜଡ଼ମୟ । ସଞ୍ଚିତ ମୃତ୍ତିକାର ପ୍ରାୟ ॥ 150
ଆତ୍ମା ପରମହଂସ ପକ୍ଷେ । ନିତ୍ୟେ ବସଇ ନାନାବୃକ୍ଷେ ॥ 151
ଏ ଆତ୍ମା ବ୍ରହ୍ମ ସୂକ୍ଷ୍ମସାର । ନିର୍ମଳ ନିତ୍ୟ ନିରାକାର ॥ 152
ଏଣୁ ଏ ଦୁଃଖସୁଖ ପାଇ । ଏ ଅନୁମାନ ନ ଘଟଇ ॥ 153
ଯେବେ ବୋଲିବା ନ୍ୟାୟେ ଅଛି । କାଳହିଁ ଦୁଃଖସୁଖ ଲେଖି ॥ 154
ଫଳଇ ଦେହେ ଯଥାକାଳେ । ବୃଦ୍ଧ ତରୁଣ କିବା ବାଳେ ॥ 155
ତେବେ ଆତ୍ମାର କିବା ଦୋଷ । ସ୍ୱଭାବେ ଆତ୍ମା ବିଷ୍ଣୁଅଂଶ ॥ 156
ଏଣୁ ଦୁଃଖସୁଖ ବିଚାରେ । ନ ଘଟେ ନିଜ କିବା ପରେ ॥ 157
ଯେଣୁ ଏ ଅନିତ୍ୟ ସଂସାରେ । ପ୍ରାଣୀ ବନ୍ଧନ ଅହଙ୍କାରେ ॥ 158
ଏଣୁ ଏ ମାନ ଅପମାନ । ନ ଘେନେ ଆତ୍ମଜ୍ଞାନୀ ଜନ ॥ 159
ଶତ୍ରୁ ବାନ୍ଧବ ନିଜ ପର । ଏ ଦୁଃଖ ସୁଖ ଭ୍ରମ ମୋର ॥ 160
ବୁଲଇ ମାୟାଭ୍ରମ ଜଡ଼େ । ଏଣୁ ସଂସାର ପ୍ରାଣୀ ପଡ଼େ ॥ 161
ପୂର୍ବେ ଯେ ମହାଋଷିଗଣେ । ପରମ ଆତ୍ମନିଷ୍ଠାଜ୍ଞାନେ ॥ 162
ତରିଲେ ଏ ଘୋରସଂସାର । ମୁଁ ଏବେ କରି ସେ ବିଚାର ॥ 163
ଗୋବିନ୍ଦପାଦେ ସେବା କରି । ଘୋରସଂସାରୁ ଯିବି ତରି ॥ 164
ଏତେ ବିଚାରି ବିପ୍ରମନେ । ଚିତ୍ତ ନିରୋଧି ଯୋଗଧ୍ୟାନେ ॥ 165
ହରିଚରଣ କଲା ସାର । ତେଜିଲା ମାନ ଅହଙ୍କାର ॥ 166
ନିର୍ମଳ ଚିତ୍ତ ମୋ' ଚରଣେ । ବୁଲେ ଅବନୀ ପର୍ଯ୍ୟଟନେ ॥ 167
ମୋର ଚରଣାମ୍ବୁଜ ବିନେ । କିଛି ନ ଜାଣେ ରାତ୍ରଦିନେ ॥ 168
ଫିଟିଲା ଅଶେଷ ବନ୍ଧନ । ମୋହର ପାଦେ ଦେଇ ମନ ॥ 169
ଉଦ୍ଧବ ଏହା ମନେ ଧର । ସର୍ବ ସଂଶୟ ପରିହର ॥ 170
ନିର୍ମଳ ଚିତ୍ତ ମୋର ପାଦେ । ସମର୍ପି ରହ ତୁ ଆନନ୍ଦେ ॥ 171

ଏ ଭିକ୍ଷୁଗୀତା ଇତିହାସେ । ତୋ ଆଗେ କହିଲି ବିଶ୍ୱାସେ ॥ 172

ଏ ଗୁଣମୟ ବ୍ରହ୍ମଜ୍ଞାନ । ଯେ କରେ ଶ୍ରବଣ ପଠନ ॥ 173

ଅଶେଷ ଦୋଷ ତା'ର ହରେ । ନ ପଡ଼େ ଭବପଙ୍କ-ଘୋରେ ॥ 174

ହରଇ କାମ-କ୍ରୋଧ-ଦୋଷ । ନ ଲାଗେ ଦୁଃଖ ଶୋକ ତ୍ରାସ ॥ 175

ଉଦ୍ଧବେ କହେ ନାରାୟଣ । ସୁଜନେ ସାବଧାନ ଶୁଣ ॥ 176

ପରମଭାଗବତବାଣୀ । ଶୁକ ଯା' ଶ୍ରୀମୁଖେ ବଖାଣି ॥ 177

କହଇ ଦାସ ଜଗନ୍ନାଥ । ଶ୍ରୀଏକାଦଶେ ଭାଗବତ ॥ 178

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଚତୁର୍ବିଂଶୋଽଧ୍ୟାୟଃ ॥

## ପଞ୍ଚବିଂଶ ଅଧ୍ୟାୟ

ଭଗବାନ ଉବାଚ

ବୋଲନ୍ତି ପ୍ରଭୁ ନାରାୟଣ । ଉଦ୍ଧବ ସାବଧାନେ ଶୁଣ ॥ 1

ତୁ ଅଟୁ ଭକତ ପ୍ରଧାନ । କହିବା ସାଂଖ୍ୟଯୋଗ ଜ୍ଞାନ ॥ 2

ଯେ ଜ୍ଞାନ ଜାଣି ବିଜ୍ଞଜନ । ଛୁଡ଼ନ୍ତି ବିକଳ୍ପ ସମ୍ଭ୍ରମ ॥ 3

ଯେ ଜ୍ଞାନ ବିଜ୍ଞାନ କଳ୍ପିତ । ପ୍ରଥମେ ସୃଷ୍ଟିର ଅଗ୍ରତ ॥ 4

ପରମବ୍ରହ୍ମ ମାତ୍ର ଥିଲେ । ସେ ଯେବେ ସୃଷ୍ଟି ଆରମ୍ଭିଲେ ॥ 5

ସେ କାଳେ ବିବେକ ପ୍ରଧାନ । ସୃଷ୍ଟିରେ ପ୍ରବର୍ତ୍ତିଲେ ଜାଣ ॥ 6

ବିଜ୍ଞାନମୟ ବ୍ରହ୍ମଭାଗେ । ଲୋକେ ଜାଣନ୍ତି ଯୋଗମାର୍ଗେ ॥ 7

ଆଦି ଗଣନା ସତ୍ୟଯୁଗେ । ସେ ବ୍ରହ୍ମ ହୋଇ ବେନିଭାଗେ ॥ 8

ପ୍ରକୃତି ରୂପେ ଏକ ଅଂଶ । ଦ୍ୱିତୀୟେ ପୁରୁଷ ପ୍ରକାଶ ॥ 9

ଯେ ଭାଗ ପ୍ରକୃତି ରୂପିଣୀ । ସୃଷ୍ଟିପାଳନ-ସଂହାରିଣୀ ॥ 10

ସେ ଭାଗ ଜଡ଼ରୂପା ହୋଇ । ଈଶ୍ୱରବଶେ କ୍ଷୋଭ ପାଇ ॥ 11

ତେଣୁ ସେ ବ୍ରହ୍ମ ବେନିଖଣ୍ଡ । ସଂଯୋଗେ ଜନ୍ମିଲା ବ୍ରହ୍ମାଣ୍ଡ ॥ 12

ବ୍ରହ୍ମାଣ୍ଡ ମଧ୍ୟେ ତିନିଗୁଣ । ଜନ୍ମିଲା ପ୍ରକୃତି କାରଣ ॥ 13

ତ୍ରିଗୁଣ ସତ୍ତ୍ୱ ରଜ ତମ । ଯେ କ୍ରିୟାଶକ୍ତି ଉପାଦାନ ॥ 14



ସେ ପୁଣ ତ୍ରିଗୁଣେ ଜଡ଼ିତ । ତହୁଁ ଉପୁଜିଲା ମହତ ॥ 15

ମହତେ ତ୍ରିଗୁଣ ବିକାର । ତହୁଁ ଜନ୍ମିଲା ଅହଙ୍କାର ॥ 16

ସେ ପୁଣି ହୋଏ ତିନିଅଂଶ । ସାତ୍ତ୍ୱିକ ରାଜସ ତାମସ ॥ 17

ପଞ୍ଚତନ୍ମାତ୍ର ଇନ୍ଦ୍ରିଗଣ । ମନର ପରମ କାରଣ ॥ 18

ତାମସ ଅହଙ୍କାରୁ ଜାତ । ହୋଇଲେ ପଞ୍ଚ ମହାଭୂତ ॥ 19

ମଧ୍ୟେ ଅହଙ୍କାର ରାଜସ । ଜନ୍ମିଲେ ଇନ୍ଦ୍ରି ଏକାଦଶ ॥ 20

ଅନ୍ତେ ଯେ ଥିଲା ସତ୍ତ୍ୱଗୁଣ । ତହୁଁ ଜନ୍ମିଲେ ଦେବଗଣ ॥ 21

ଏ ସର୍ବେ ଜନ୍ମି ଏକମେଳେ । କ୍ଷଣେ ନ ରହନ୍ତି ନିଶ୍ଚଳେ ॥ 22

ମୁହିଁ ତାହାଙ୍କ ହୃଦେ ଯାଇ । ପଶିଲି ଗୁରୁ ପ୍ରାୟ ହୋଇ ॥ 23

ତେବେ ସମସ୍ତେ ହୋଇ ରୁଣ୍ଡ । ଏକତ୍ୱେ ସୃଜିଲେ ବ୍ରହ୍ମାଣ୍ଡ ॥ 24

ଦିଶଇ ହେମମୟ ଅଣ୍ଡ । ମୋର ବିହାର କ୍ରୀଡ଼ାଭାଣ୍ଡ ॥ 25

ଅଶେଷ ଜଳେ ସେ ଭାସଇ । ସଲିଳ ବିନ୍ଧ ପ୍ରାୟ ହୋଇ ॥ 26

ମୁଁ ପୁଣି ପଶି ତା'ର ମଧ୍ୟେ । ନିଦ୍ରା ପ୍ରସାରିଲି ଆନନ୍ଦେ ॥ 27

ମୋ' ନାଭିକମଳୁଁ କମଳ । ଜନ୍ମିଲା ଅତ୍ୟନ୍ତ କୋମଳ ॥ 28

ସେ ପଦ୍ମୁଁ ବ୍ରହ୍ମା ଅବତରେ । ଯେ ଯୋଗବଳେ ସୃଷ୍ଟି କରେ ॥ 29

ସେ ରଜୋଗୁଣେ ଜାତ ହୋଇ । ବିଶେଷେ ମୋର ଆଜ୍ଞା ପାଇ ॥ 30

ଶତେ ବରଷ ଦେବମତେ । ତପ ସାଧିଲା ସେ ନିରତେ ॥ 31

ସେ ତପେ ମୋର ମନ ତୋଷି । ମୁଁ ପୁଣି ତା'ର ଦେହେ ପଶି ॥ 32

ସେ ମୋର ନିଗମ ବଚନେ । ସୃଷ୍ଟି କରଇ ଅନୁମାନେ ॥ 33

ସ୍ୱଭାବେ ବ୍ରହ୍ମା ପ୍ରଜାପତି । ବେଦବଚନେ ତା'ର ମତି ॥ 34

ବ୍ରହ୍ମାଣ୍ଡ ମଧ୍ୟେ ତପୋବଳେ । କଳ୍ପିଲା ଭୁବନମଣ୍ଡଳେ ॥ 35

ଦ୍ୱିସପ୍ତଲୋକ ଅଧ ଉର୍ଦ୍ଧ୍ୱେ । ସୃଜିଲା ବେଦବାକ୍ୟ ଛନ୍ଦେ ॥ 36

ସ୍ୱର୍ଗ ସୃଜିଲା ପ୍ରଜାପତି । ଯେ ଲୋକେ ଦେବଗଣ ସ୍ଥିତି ॥ 37

ପୁଣି ଚାହିଁଲା ଅଧୋମୁଖେ । ମନୁଷ୍ୟ ସୃଜିଲା ଭୂଲୋକେ ॥ 38

ଏ ବେନିଲୋକ ସୃଜି ମନେ । ପୁଣି କଳ୍ପିଲା ମଧ୍ୟଶୂନ୍ୟେ ॥ 39

ତାହାକୁ ଭୁବଲୋକ ଭଣେ । ଯହିଁ ଭ୍ରମନ୍ତି ଭୂତଗଣେ ॥ 40

ଏ ତିନିଲୋକର ଉପରେ । ପୁଣି ବିଧାତା ସୃଷ୍ଟିକରେ ॥ 41

ସିଦ୍ଧ ପୁରୁଷେ ଯହିଁ ଥା'ନ୍ତି । ଯୋଗୀନ୍ଦ୍ର ତହିଁ ସଞ୍ଚରନ୍ତି ॥ 42
ପୁଣି ଏ ତିନିଲୋକ ତଳେ । ବ୍ରହ୍ମା କଳ୍ପିଲା ଯୋଗବଳେ ॥ 43
ପାତାଳ ନାମେ ଭୂମିତଳେ । ଯହିଁ ଅସୁର ନାଗବଳେ ॥ 44
ଏ ତିନିଲୋକ ମଧ୍ୟେ କ୍ରମେ । କର୍ମ ସଙ୍ଗତେ ଜୀବଭ୍ରମେ ॥ 45
ଏ ତିନିଲୋକ ଊର୍ଦ୍ଧ୍ୱଗତି । ପୁଣି କଳ୍ପିଲା ପ୍ରଜାପତି ॥ 46
ମହାନ୍ତେ ଯହିଁ ଥା'ନ୍ତି ସୁଖେ । ତାହା କଳ୍ପିଲା ମହଲୋକେ ॥ 47
ତା'ର ଉପରେ ଜନଲୋକ । ଯହିଁ ନ ପଶେ ଦୁଃଖ ଶୋକ ॥ 48
ସେ ଜନ ଲୋକର ଉପରେ । ଯହିଁ ବସନ୍ତି ତପୀବରେ ॥ 49
ସତ୍ୟେ ସାତ୍ତ୍ୱିକେ ଯହିଁ ଥା'ନ୍ତି । ସେ ସତ୍ୟ ବ୍ରହ୍ମଲୋକ ସ୍ଥିତି ॥ 50
ସେ ବ୍ରହ୍ମଲୋକ ଊର୍ଦ୍ଧ୍ୱଦେଶେ । ସହସ୍ର ସୂର୍ଯ୍ୟ ପ୍ରାୟ ଦିଶେ ॥ 51
କିବା କହିବା ତାର ଜ୍ୟୋତି । ମୋର ଭକତେ ଯହିଁ ଥା'ନ୍ତି ॥ 52
ଭକତି-ଯୋଗବଳେ ମୋତେ । ଚିନ୍ତା କରନ୍ତି ଅବିରତେ ॥ 53
ମୁଁ ଯେଣୁ ବୈକୁଣ୍ଠ ଠାକୁର । ତେଣୁ ବୈକୁଣ୍ଠ ନାମ ମୋ'ର ॥ 54
ଏଣୁ ମୁଁ ବ୍ରହ୍ମା ପ୍ରଜାପତି । ଲୋକଆଧାର ଲୋକସ୍ଥିତି ॥ 55
ସମସ୍ତ ପାଳି ଯୋଗବଳେ । ପୁଣି ସଂହରେ ଅନ୍ତଃକାଳେ ॥ 56
ଏଣୁ ଏ ଅନିତ୍ୟ ସଂସାର । ତ୍ରିଗୁଣ-କର୍ମରେ ସଞ୍ଚାର ॥ 57
ଏ ଭବକୂପେ ଜନ୍ତୁ ପଡ଼ି । ଅଶେଷ-କର୍ମପାଶେ ଜଡ଼ି ॥ 58
ଭ୍ରମନ୍ତି ଏ ଘୋର ସଂସାରେ । ରଜ-ତାମସ-ଅହଙ୍କାରେ ॥ 59
ବୃହତ ସୂକ୍ଷ୍ମ ସ୍ଥୂଳ ଅଣୁ । ସ୍ଥାବର ଜଙ୍ଗମ ଯେ ତନୁ ॥ 60
ମାୟା ନିର୍ମିତ ସର୍ବଜନ । ବ୍ରହ୍ମାଦି ଚଉଦଭୁବନ ॥ 61
ଏଣୁ ଈଶ୍ୱର ଏ ଭୁବନେ । ସର୍ବତ୍ର ବସଇ ସମାନେ ॥ 62
ସୃଷ୍ଟି-ପ୍ରଳୟ ନିତ୍ୟେ କରେ । ମାୟାସଂସାରେ ସେ ବିହରେ ॥ 63
ଏଣୁ ଏ ଅନିତ୍ୟ ସଂସାର । ନିତ୍ୟ ପୁରୁଷ ମୁଁ ଈଶ୍ୱର ॥ 64
ଏ ମାୟା ପ୍ରକୃତି ବିକାର । ଜଗତ-ହେତୁ ଏ ବେଭାର ॥ 65
ଏକଇ ବ୍ରହ୍ମ ଏ ବୃତ୍ତାନ୍ତ । ବିକାର ଆଦି ମଧ୍ୟ ଅନ୍ତ ॥ 66
ଯେ ଆଦି ଅନ୍ତର କାରଣ । ସେ ସତ୍ୟ ବୋଲି ତୁହି ଜାଣ ॥ 67
ପ୍ରକୃତି ପୁରୁଷ ଏ ବେନି । ଜଗତ ପିଅର ଜନନୀ ॥ 68



ବିଶ୍ୱ-ପ୍ରକାଶ ହେତୁ ମୁହିଁ । ମୁଁ କାଳରୂପେ ସଂହାରଇ ॥ 69
ମୋର କଟାକ୍ଷ ମାତ୍ରେ ଜାଣ । ଅଶେଷ ବ୍ରହ୍ମାଣ୍ଡ ନିର୍ମାଣ ॥ 70
ଭ୍ରୂଭଙ୍ଗମାତ୍ରେ ମୁହିଁ ଯେବେ । ମୋତେ ଚିନ୍ତଇ ଆତ୍ମାଭାବେ ॥ 71
କୋଟିବ୍ରହ୍ମାଣ୍ଡ ମାୟାମୟ । କ୍ଷଣମାତ୍ରକେ ଯା'ନ୍ତି କ୍ଷୟ ॥ 72
ଯେ ଯାହା ତହୁଁ ଥା'ନ୍ତି ଆସି । ଅନ୍ତେ ଚଳନ୍ତି ତାହା ଗ୍ରାସି ॥ 73
ପ୍ରକୃତି-ସଂଯୋଗେ ଜଗତ । ଅନ୍ତେ ପ୍ରକୃତି କରେ ଗ୍ରସ୍ତ ॥ 74
ସେ ଦୈବୀମାୟା କାଳରୂପୀ । ପ୍ରକୃତି ରୂପେ ଥାଇ ବ୍ୟାପି ॥ 75
ଏଣୁ ସେ କାଳେ ସୃଷ୍ଟିକରେ । ଅନ୍ତେ ବ୍ରହ୍ମାଣ୍ଡ ସେ ସଂହରେ ॥ 76
କାଳପୁରୁଷ ତା'ର ସଙ୍ଗେ । ପ୍ରବେଶ କରେ ଜୀବ ଅଙ୍ଗେ ॥ 77
ସେ ଜୀବ ପଶେ ମୋ'ର ତହିଁ । ମୁହିଁ କେବଳ ମାତ୍ର ଥାଇ ॥ 78
ମୁହିଁ ସକଳ ଭାବେ ସାକ୍ଷୀ । ମୋ' ବିନୁ ଆନ ନାହିଁ ଲକ୍ଷ୍ୟ ॥ 79
ମୁହିଁ ମୋହର ଆଶ୍ରେ ଥାଇ । ଏଣୁ ନିରାଧାର ବୋଲାଇ ॥ 80
ମୁହିଁ ସକଳ ଅବଶେଷେ । କେବଳ ଥାଇ ନିଜ ଅଂଶେ ॥ 81
ଏହାକୁ ସାଂଖ୍ୟଯୋଗ କହି । ଏ ଜ୍ଞାନେ ସଂଶୟ ନ ଥାଇ ॥ 82
ଚିତ୍ତୁ ସକଳ ହରେ ଦୋଷ । କେବଳ କୈବଲ୍ୟ ପ୍ରକାଶ ॥ 83
ଏ ଭାବେ ନିରତେ ଯେ ମିଶେ । ଅଜ୍ଞାନ ହରେ ଜ୍ଞାନ ଦିଶେ ॥ 84
ଉଦ୍ଧବେ କହେ ହୃଷୀକେଶ । ଶ୍ରୀଭାଗବତେ ଏକାଦଶ ॥ 85
ସୁଜନେ ଶୁଣ ଏକମନେ । କୃଷ୍ଣଚରିତ ତତ୍ତ୍ୱଜ୍ଞାନେ ॥ 86
ନିଶ୍ଚୟେ ହୋଇବ ପ୍ରବେଶ । କହଇ ଜଗନ୍ନାଥ ଦାସ ॥ 87

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ପଞ୍ଚବିଂଶୋଽଧ୍ୟାୟଃ ॥

## ଷଡ଼୍ବିଂଶ ଅଧ୍ୟାୟ

ଭଗବାନ ଉବାଚ

କୃଷ୍ଣ ବୋଲନ୍ତି ବସ୍ତ ଶୁଣ । କହିବା ତ୍ରିଗୁଣ ଲକ୍ଷଣ ॥ 1
ତପସ୍ୟା ତ୍ୟାଗ ଶମ ଦମ । ସତ୍ୟ ସନ୍ତୋଷ ଦୟା ଧର୍ମ ॥ 2

ତିତିକ୍ଷା ଶ୍ରଦ୍ଧା ଲଜ୍ଜା ସ୍ତୁତି | ନିଷ୍ପୃହମତି ଆତ୍ମରତି || 3
ଏ ସର୍ବ ଭାବ ସତ୍ତ୍ୱଗୁଣେ | ସାଂଖ୍ୟଯୋଗର ପରମାଣେ || 4
ଏବେ ହୋ ସ୍ଥିରମନେ ଶୁଣ | ରାଜସ୍ୱ ଗୁଣର ଲକ୍ଷଣ || 5
କାମ ବ୍ୟାପାର ତୃଷ୍ଣା ମଦ | ଗର୍ବ ବିଳାସ ମତିଭେଦ || 6
ଯଶ ପ୍ରଭାବ ସୁଖଇଚ୍ଛା | ଲୋଭ ସଙ୍କଳ୍ପ ମନ୍ତ୍ରଦୀକ୍ଷା || 7
ଉଦ୍ୟମ ବୀର୍ଯ୍ୟ ପରିହାସ | ଭଣେ ଉତ୍ସାହ ସ୍ତୁତି ଆଶ || 8
ଏତେ ଲକ୍ଷଣେ ରଜୋଗୁଣ | ଶୁଣ ହୋ ତାମସ ଲକ୍ଷଣ || 9
ବିଷାଦ କ୍ରୋଧ ଲୋଭ ହିଂସା | ଯାଚଜ୍ଞା ଦମ୍ଭ ମିଥ୍ୟାଭାଷା || 10
କନ୍ଦଳ ଶୋକ ଅଭିମାନ | ବିଳାସ ଅଳସ ଶୟନ || 11
ଏତେ ତାମସ ଗୁଣ ଜାଣି | ଏବେ ହୋ ଶୁଣ ତତ୍ତ୍ୱବାଣୀ || 12
ମିଶ୍ରିତ-ଗୁଣର ଲକ୍ଷଣ | ମୁହିଁ ମୋହର ଏହି ଭ୍ରମ || 13
ଯା' ଚିତ୍ତ ଧର୍ମ ଅର୍ଥ କାମେ | ଦୃଢେ ରମଇ ଗୃହାଶ୍ରମେ || 14
ତ୍ରିଗୁଣେ ଜନ୍ମ ତା'ର ଜାଣ | ଏବେ କହିବା ବୀର ଶୁଣ || 15
ଯାହାର ଶମ ଦମ ଦୟା | ସୁଶାନ୍ତି ଅନ୍ତରେ ନିର୍ମାୟା || 16
ସେ ସତ୍ତ୍ୱଯୁତ ଅନୁମାନି | କାମାଦି ଯୁକ୍ତ ରଜୋଗୁଣୀ || 17
ଦମ୍ଭ ମତ୍ସର କ୍ରୋଧ ଯା'ର | ସେ ପ୍ରାଣୀ ତମ ଦୁରାଚାର || 18
ଯେ ସର୍ବ ଧର୍ମ ପରିହରେ | ମୋ' ଭାବେ ଶ୍ରଦ୍ଧା ଭକ୍ତି କରେ || 19
ଯେ ସର୍ବଭାବେ ନିରପେକ୍ଷ | ସେ ତତ୍ତ୍ୱ ଜାଣିବ ପ୍ରତ୍ୟକ୍ଷ || 20
ଆତ୍ମ-କଲ୍ୟାଣ ଆଶେ ମୋତେ | ଭଜେ ରାଜସ ସେ ଯୁଗତେ || 21
ଯେ ହିଂସାକର୍ମେ ଭଜେ ମୋତେ | ତାମସ ବୋଲି ଜାଣ ଚିତ୍ତେ || 22
ଏଣୁ ତ୍ରିଗୁଣ-ଚିହ୍ନ ଜାଣି | ଶୁଣ କହିବା ପରିମାଣି || 23
ଜୀବର ସଙ୍ଗ ତିନିଗୁଣେ | ମୋହର ସଙ୍ଗ ନାହିଁ ତେଣେ || 24
ତ୍ରିଗୁଣେ କର୍ମଫଳ ଭୁଞ୍ଜେ | ଜୀବ ସଂସାର-ଚକ୍ରେ ମଜ୍ଜେ || 25
ଏଣୁ ସାତ୍ତ୍ୱିକେ ଯେତେ ପ୍ରାଣୀ | ସ୍ୱଭାବେ ରଜ ତମ ଜିଣି || 26
ନିର୍ମଳ-ସତ୍ତ୍ୱଗୁଣ ଯେବେ | ସକଳ ସିଦ୍ଧି ଲଭେ ତେବେ || 27
ଯେ ରଜୋଗୁଣେ ସଙ୍ଗ ହୋଇ | ସେ ଦୁଃଖ ଯଶଶ୍ରୀ ଲଭଇ || 28
ଯେ ମୂଢ ତମୋଗୁଣେ ମିଶେ | ସେ ଶୋକ-ମୋହ-ହିଂସା ବଶେ|| 29



ପ୍ରସନ୍ନ ଚିତ୍ତ ଇନ୍ଦ୍ରିଶାନ୍ତ | ନିର୍ଭୟ ବିଷୟ - ରହିତ || 30
ଚିତ୍ତେ ପ୍ରକାଶେ ସତ୍ତ୍ୱ ଯେବେ | ଦୃଢେ ମୋହର ପାଦେ ସେବେ || 31
ଯେ କର୍ମଫଳ ପ୍ରାପ୍ତି ଅର୍ଥେ | ମନ ଚଞ୍ଚଳ ଅବିରତେ || 32
ଭ୍ରମଇ ସଦା ନିରଳସ | ଜାଣିବ ରାଜସ ପ୍ରକାଶ || 33
ଯାହାର ଚିତ୍ତ ସ୍ଥିର ନୋହେ | ମନ ସଙ୍କଳ୍ପ ନାଶ ପ୍ରାପ୍ତେ || 34
ଅଜ୍ଞାନେ ବିଷାଦ ହୁଅଇ | ତମ ବଢଇ ଜାଣ ତୁହି || 35
ଏ ସତ୍ତ୍ୱ ରାଜସ ତାମସ | ଦେବତା ମନୁଷ୍ୟ ରାକ୍ଷସ || 36
ନିବୃତ୍ତି ପ୍ରବୃତ୍ତି ମୋହରେ | କ୍ରମେ ତ୍ରିଗୁଣେ ସେ ସଞ୍ଚରେ || 37
ସତ୍ତ୍ୱଗୁଣରୁ ଜାଗରଣ | ଯେ ସ୍ୱପ୍ନ ରଜୋଗୁଣୁ ଜାଣ || 38
ତମୁଁ ସୁଷୁପ୍ତି ପ୍ରାଣୀଙ୍କର | ନିର୍ଗୁଣ ଅବସ୍ଥା ଅନ୍ତର || 39
ଏ ତିନିଗୁଣ ଊର୍ଦ୍ଧ୍ୱଦେଶେ | ସୁଖେ ସାତ୍ତ୍ୱିକ-ପ୍ରାଣୀ ବସେ || 40
ତାମସ ଗୁଣ ଅଧୋଗତି | ସେ ପ୍ରାଣୀ ନରକେ ପଡ଼ନ୍ତି || 41
ଯେ ପ୍ରାଣୀ ରଜୋଗୁଣେ ଯୁତ | ସେ ମଧ-ଲୋକେ ଗତାଗତ || 42
ଭୁଞ୍ଜଇ ସୁଖଦୁଃଖ କରି | ସମ୍ପଦେ ବିପଦେ ବିହରି || 43
ସାତ୍ତ୍ୱିକ ପ୍ରାଣୀ ଯେବେ ମରେ | ସ୍ୱର୍ଗ-ସମ୍ପଦ ଭୋଗ କରେ || 44
ଯେବେ ମରଇ ରଜୋଗୁଣୀ | ଏ ନରଲୋକେ ତା ଭ୍ରମଣି || 45
ଯେ ପ୍ରାଣୀ ତମୋଗୁଣେ ମରେ | ମହାନରକେ ସେ ସଞ୍ଚରେ || 46
ମୁହିଁ ନିର୍ଗୁଣ ନିରାକାର | ନିର୍ଗୁଣେ ମୋ' ଲୋକେ ସଞ୍ଚାର || 47
ଜଗତେ କର୍ମ ଯେ କରନ୍ତି | ସେ ଫଳ ମୋତେ ସମର୍ପନ୍ତି || 48
କିବା ନିଷ୍କାମେ ତାହାତେଜେ | ସାତ୍ତ୍ୱିକ ଭାବେ ମୋତେ ଭଜେ || 49
ଯେ ରଜୋଗୁଣୀ ଏ ଜଗତେ | କର୍ମ କରନ୍ତି ସଙ୍କଳ୍ପିତେ || 50
ଦମ୍ଭ-ମତ୍ସର-ହିଂସାମାନ | ତାମସ କର୍ମେ ଏ ପ୍ରଧାନ || 51
ଯେ କର୍ମ କରେ ସତ୍ତ୍ୱଗୁଣେ | ତା' ଜାଣି ମୁକତି ଲକ୍ଷଣେ || 52
ସଙ୍କଳ୍ପ-ବିକଳ୍ପ କାରଣେ | ଜ୍ଞାନ-ସାଧନ ରଜୋଗୁଣେ || 53
ପ୍ରାକୃତଭାଗ ତମୋଗୁଣ | ଅଜ୍ଞାନ ସଂସାର କାରଣ || 54
ମୋରେ ଅର୍ପିତ ଯେଉଁ ଜ୍ଞାନ | ନିର୍ଗୁଣ-ସାଧନ-ଲକ୍ଷଣ || 55
ସାତ୍ତ୍ୱିକ-ଫଳେ ବନବାସ | ଗ୍ରାମେ କର୍ମସାଧେ ରାଜସ || 56

ମଦିରାପାନେ ଗୋଷ୍ଠିମେଳୀ । ଦ୍ୟୂତ ଶକଟା ପଶା ଖେଳି ॥ 57
ତାମସଗୁଣ ଫଳ ଏତେ । ଗ୍ରାମ-ଅରଣ୍ୟ ମଧ୍ୟଗତେ ॥ 58
ମୋର ମନ୍ଦିରେ ପୁଣ୍ୟକର୍ମ । ସାତ୍ତ୍ୱିକମତେ କରେ ଧର୍ମ ॥ 59
ମୋ' କଥା ଶ୍ରବଣ-କୀର୍ତ୍ତନ । ତା'କୁ ନ ବାଧେ ତିନିଗୁଣ ॥ 60
ସାତ୍ତ୍ୱିକକର୍ତ୍ତା କର୍ମଭାଗ । ସେ ମୋତେ କରେ ଫଳତ୍ୟାଗ ॥ 61
ରାଜସକର୍ତ୍ତା କର୍ମଭାଗୀ । ସକାମ ଭୋଗେ ଅନୁରାଗୀ ॥ 62
ସ୍ୱଭାବେ କର୍ମଗୁଣ ତମ । ମୂଢ଼ ଅଜ୍ଞାନ ମତିଭ୍ରମ ॥ 63
ମୋର ଆଶ୍ରିତ-ପ୍ରାଣୀ ଯେତେ । ନିର୍ଗୁଣ ସଞ୍ଚରନ୍ତି ନିତ୍ୟେ ॥ 64
ସାତ୍ତ୍ୱିକଶ୍ରଦ୍ଧା ଜ୍ଞାନରସେ । ରାଜସ ଶ୍ରଦ୍ଧା କର୍ମେ ବସେ ॥ 65
ତାମସଶ୍ରଦ୍ଧା ପାପକର୍ମେ । ନିରତେ ବଢ଼ଇ ଅଧର୍ମେ ॥ 66
ମୋର ସେବାରେ ଶ୍ରଦ୍ଧା ପୁଣ । ନିଷ୍କାମ ସ୍ୱଭାବେ ନିର୍ଗୁଣ ॥ 67
ସାତ୍ତ୍ୱିକ ପବିତ୍ର ଆହାର । ଭୁଞ୍ଜଇ ନିତ୍ୟେ ନିର୍ବିକାର ॥ 68
ଇନ୍ଦ୍ରିୟ-ତୁଷ୍ଟି-ହେତୁ ରସ । ଅପଥ୍ୟ ଭୁଞ୍ଜଇ ରାଜସ ॥ 69
ସକଳ ଗୁଣେ ହୀନ ହୋଇ । ଦୁଃଖ-ଦୁରିତ ଥାଏ ଯହିଁ ॥ 70
ଦୁର୍ଗନ୍ଧ ହୀନ-ଆଚରଣ । ତାମସ ଭୋଜନ ଲକ୍ଷଣ ॥ 71
ଯେ ଦ୍ରବ୍ୟ ମୋତେ ସମର୍ପଣ । ନିର୍ଗୁଣ ଆହାର ଲକ୍ଷଣ ॥ 72
ସାତ୍ତ୍ୱିକ ସୁଖ ଆତ୍ମାଧାନେ । ରାଜସ ବିଷୟ-ଗ୍ରହଣେ ॥ 73
ତାମସ ସୁଖ ଦ୍ୱନ୍ଦ୍ୱ -ମୋହ । ନିର୍ଗୁଣ ସୁଖ ମୋ' ଆଶ୍ରୟ ॥ 74
ଯେ ଦ୍ରବ୍ୟ ଦେଶକାଳ କର୍ମ । ଆକୃତି ଫଳ ଶ୍ରଦ୍ଧା ଜ୍ଞାନ ॥ 75
ଅବସ୍ଥା ନିଷ୍ଠା ଆଦି ଜାଣ । ତ୍ରିଗୁଣ ସକଳ ଏ ଧର୍ମ ॥ 76
ଯେ କିଛି ଦେଖି ଶୁଣି କର୍ଣ୍ଣେ । ଯେ ଅବା ସ୍ଥାପି ଅନୁମାନେ ॥ 77
ପ୍ରକୃତି ପୁରୁଷରୁ ଜାତ । ଏ ସର୍ବ ତ୍ରିଗୁଣେ ଯନ୍ତ୍ରିତ ॥ 78
ଏ ତିନିଗୁଣ ଯେବେ ଜିଣି । ଶୁଣ ଉଦ୍ଧବ ପରିମାଣି ॥ 79
ସକଳ-ଧର୍ମ ଛାଡ଼ି ଯେବେ । ମୋତେ ଭଜଇ ଭକ୍ତିଭାବେ ॥ 80
ସେ ସର୍ବଭାବେ ଭକ୍ତି ସାଧେ । ସଂସାର ତାହାରେ ନ ବାଧେ ॥ 81
ଏ ବୋଲ ବୁଝି ଜୀବ ଯେବେ । ଆଶ୍ରେ କରଇ ମୋର ଭାବେ ॥ 82



ସର୍ବ-ସଂଶୟ ଦୂର କରି । ନିସ୍ତରେ ନରଦେହ ଧରି ॥ 83
ସକଳ ଭାବେ ନିରପେକ୍ଷ । ତ୍ରିଗୁଣ ଜିଣେ ସେ ପ୍ରତ୍ୟକ୍ଷ ॥ 84
ନିର୍ଗୁଣ ପୂର୍ଣ୍ଣବ୍ରହ୍ମେ ମିଶେ । ନିଶ୍ଚିନ୍ତେ ଭବଭୟ ନାଶେ ॥ 85
ବୋଲଇ ଦାସ ଜଗନ୍ନାଥ । ଭାଷାପ୍ରବନ୍ଧେ ଭାଗବତ ॥ 86
ଉଦ୍ଧବ-ବୋଧ କୃଷ୍ଣରସ । ନିତ୍ୟେ ସୁଜନେ ଏଣେ ରସ ॥ 87

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଷଡ଼୍‌ବିଂଶୋଽଧ୍ୟାୟଃ ॥

## ସପ୍ତବିଂଶ ଅଧ୍ୟାୟ

ଉଦ୍ଧବେ ଚାହିଁ ହୃଷୀକେଶ । କହନ୍ତି ନାନା ଉପଦେଶ ॥ 1

ଭଗବାନ ଉବାଚ

ଅନେକ ଜନ୍ମ ତପଫଳେ । ମନୁଷ୍ୟଜନ୍ମ ମହୀତଳେ ॥ 2
ଯାହାର ଦିବ୍ୟଜ୍ଞାନ ସ୍ଫୁରେ । ମୋର ମହିମା ସେ ସୁମରେ ॥ 3
ମନ ନିବେଶି ମୋ' ପଦ୍ମରେ । ବିଷୟ-ସୁଖ ନ ବିଚାରେ ॥ 4
ପରମାନନ୍ଦ ସୁଖ ପାଇ । ସେ ପ୍ରାଣୀ ରହେ ପୂର୍ଣ୍ଣ ହୋଇ ॥ 5
ଏ ଗୁଣମୟ ନରଅଙ୍ଗ । କେବେହେଁ ନୋହେ ତା'ର ସଙ୍ଗ ॥ 6
ଅବିଦ୍ୟା-ବନ୍ଧ ନ ଲାଗଇ । ତାହାର ସ୍ମୃତିଭଙ୍ଗ ନାହିଁ ॥ 7
ଯେ ପ୍ରାଣୀ ଶରଣ ମୋହର । ମୁହିଁ ତାହାର ସୁଖଘର ॥ 8
ଅସାଧୁ ସଙ୍ଗେ ନ ରମନ୍ତି । ଏଣୁ ଏ ସଂସାରୁ ତରନ୍ତି ॥ 9
ଯେ ଶିଶ୍ନୋଦର ପରାୟଣ । ଅସାଧୁମତି ଯେ ଦୁର୍ଜନ ॥ 10
ତା' ସଙ୍ଗେ ଯେହୁ ସଙ୍ଗ ହୋଇ । ସେ ନିଶ୍ଚେ ନରକେ ପଡ଼ଇ ॥ 11
ଅନ୍ଧକୁ ହୋଇ ଅନୁଗତ । ଅନ୍ଧ ଯେସନେ ପଡ଼େ ଖାତ ॥ 12
ଏଣୁ ଦୁର୍ଜନ ସଙ୍ଗଦୋଷ । କରେ ସକଳ ଜ୍ଞାନଧ୍ୱଂସ ॥ 13
ଥିଲା ଯେ ବୁଧଗ୍ରହ-ସୁତ । ସେ ପୁରୁରବା ନରନାଥ ॥ 14
ଉର୍ବଶୀ ବିରହେ ସେ ବୀର । ସକାମେ ତେଜିଲା ନଗର ॥ 15

ଉନ୍ମତ୍ତ-ଉଲଗ୍ନ-ଶରୀରେ । ଭ୍ରମିଲା ଦେଶ-ବନ-ଘୋରେ ॥ 16
କାନ୍ଦଇ ଉର୍ବଶୀ ନ ପାଇ । କ୍ଷଣକ୍ଷଣକେ ଛନ୍ନ ହୋଇ ॥ 17
ଉର୍ବଶୀଠାରେ ଚିତ୍ତ ଦେଇ । ଏମନ୍ତେ କେତେକାଳ ଯାଇ ॥ 18
ପୁଣ ଗନ୍ଧର୍ବ ସେବାଫଳେ । ରମିଲା ଉର୍ବଶୀର ମେଳେ ॥ 19
କାମ-ସମ୍ପୂର୍ଣ୍ଣେ ଭୋଗକଲା । ରାତ୍ରିଦିବସ ନ ଜାଣିଲା ॥ 20
ଏମନ୍ତ ରାତ୍ରଦିନ ଭାଳେ । ନୟନୁ ଅଶ୍ରୁଜଳ ଗଳେ ॥ 21
ଏମନ୍ତେ କେତେଦିନ ଗଲା । ହୃଦରେ ଜ୍ଞାନ ପ୍ରସରିଲା ॥ 22
ଏମନ୍ତେ ରାତ୍ରେ ଏକଦିନେ । ରାଜା ବିଚାରୁଅଛି ମନେ ॥ 23

ପୁରୁରବା ଉବାଚ

ଦେଖ ମୋହର କର୍ମଫଳ । ଉର୍ବଶୀ ସଙ୍ଗେ ଏତେ କାଳ ॥ 24
ବିବିଧରଙ୍ଗେ କରି ଖେଳା । କେତେ ରଜନୀ ଦିନ ଗଲା ॥ 25
ଏମନ୍ତେ ବିବିଧ ବିନୋଦ । ତା' ସଙ୍ଗେ ବଳିଲା ମୋ' ସଧ ॥ 26
ସ୍ୱଭାବେ ଏକସଙ୍ଗେ ଗଲା । କ୍ଷଣକେ ତେଜି ନ ପାରିଲା ॥ 27
ନିଶି-ଦିବସ ଏକକରି । ଏକାନ୍ତେ କେତେଦିନ ହରି ॥ 28
ଦେଖ ଚଞ୍ଚଳ ମୋ'ର ଚିତ୍ତ । କାମିନୀ-କାମେ ବିମୋହିତ ॥ 29
ଯୁବତୀ ସଙ୍ଗେ କରି ଖେଳା । ବିଅର୍ଥେ ଆୟୁଷ ମୋ' ଗଲା ॥ 30
ବଞ୍ଚିତ ହୋଇଲି ଜଗତେ । ଧର୍ମାର୍ଥକାମ ଅପ୍ରପାତେ ॥ 31
ନ ଦେଖି ଆଦିତ୍ୟର ଗତି । ଅଜ୍ଞାନେ ଗଲା ଦିବାରାତି ॥ 32
ନାରୀ ସଙ୍ଗମେ ଗଲା କାଳ । ଧିକ ମୋ' ଜୀବନ ନିଷ୍ଫଳ ॥ 33
ଦେଖ ମୁଁ ନୃପଶିରୋମଣି । ମୋ' ପ୍ରାଣ ଜିଣିଲା ତରୁଣୀ ॥ 34
ଏ ନର-କଳେବର ପାଇ । ମୁଁ କ୍ରୀଡ଼ାମୃଗ ପ୍ରାୟେ ହୋଇ ॥ 35
ଉର୍ବଶୀ-ବିୟୋଗେ ବିକଳ । ଅଜ୍ଞାନେ ନାଶିଲି ସକଳ ॥ 36
ଧନ-ସମ୍ପଦ ମୋର କେଣେ । ଗଲା ନ ଦେଖେ ଅନ୍ଧପଣେ ॥ 37
ନୟନେ ନ ଦେଖିଲି ତାହା । ଉନ୍ମତ୍ତ-ମାୟାରେ ଉତ୍ସାହା ॥ 38
ସେ ମାନ ମୋର କେଣେ ଗଲା । ମାୟା-ପଟଳ ଆକର୍ଷିଲା ॥ 39
ଏକାନ୍ତେ ଭ୍ରମଇ ଜଗତେ । ଉଲଗ୍ନ ବେଶେ ଉନମତ୍ତେ ॥ 40
ଉର୍ବଶୀ ପଥେ ଯାଉଁ ଚଳି । ମୋ' ମୁଣ୍ଡେ ତା'ର ପଦଧୂଳି ॥ 41



ଲମ୍ପଟ ଉନ୍ମତ୍ତ ମୋ ବେଶ । ମୋ' ମୁଣ୍ଡେ ମୁକୁଳିତ କେଶ ॥ 42
ଦେଖ ନିର୍ଦ୍ଦୟା ତା ହୃଦୟେ । ଲେଉଟି କେବେହେଁ ନ ଚାହେଁ ॥ 43
ଯେ ଅବା ନାରୀବଶ ହୋନ୍ତି । କିବା ତାହାଙ୍କ ତେଜ ମତି ॥ 44
ଯେସନେ ଗଧ କାମଭୋଳେ । ଗଧୁଣୀ ପାଶେ ଯାଇ ମିଳେ ॥ 45
ସେ ତାକୁ ଚରଣେ ତାଡ଼ଇ । ନିର୍ଲ୍ଲଜ ସେ ତା' ନ ଜାଣଇ ॥ 46
ଏ ପାପଚିତ୍ତ ନିରୋଧନେ । ଉପାୟ ନ ଦିଶେ ମୋ ମନେ ॥ 47
ବିଦ୍ୟା ତପସ୍ୟା ଶାସ୍ତ୍ର ଦାନ । ଏକାନ୍ତ ନିବାସ ମଉନ ॥ 48
ଏଣେ ତା' ପ୍ରୟୋଜନ କିସ । ଯା' ମନ ନାରୀ କଲା ବଶ ॥ 49
ଏଣୁ ଜୀବନ ମୋ'ର ଧିକ । ନିଷ୍ଫଳ ମୋ' ଜ୍ଞାନ-ବିବେକ ॥ 50
ମୁହିଁ ଯେ ପ୍ରଭୁପଣ ପାଇ । ଗୋରୁ-ଗର୍ଦ୍ଦଭ ପ୍ରାୟ ହୋଇ ॥ 51
କି ତପବିଦ୍ୟା ତା' ସାଧନ । କଟାକ୍ଷେ ମୋହିଲା ମୋ' ମନ ॥ 52
ସର୍ବ ନିଷ୍ଫଳ ନାରୀ ସଙ୍ଗେ । ବଞ୍ଚିତ ହେଲି ନରଅଙ୍ଗେ ॥ 53
ଉର୍ବଶୀ ସଙ୍ଗେ ଏତେଦିନ । ବଞ୍ଚିଲି ଧିକ ମୋ' ଜୀବନ ॥ 54
ମୋତେ ନ ଛାଡ଼େ କାମଜ୍ୱର । ମୁଁ ରୋଗୀ ପାପିଷ୍ଠ ପାମର ॥ 55
ନାରୀ ସଙ୍ଗମେ ଯା'ର ମନ । ମୋହେ ହୁଅଇ ହତଜ୍ଞାନ ॥ 56
ତା'ର ଜୀବନ ଉଦ୍ଧାରଣେ । କେ ପାରେ ବିନା ନାରାୟଣେ ॥ 57
ଜ୍ଞାନ-ଆଧାର ଭଗବାନ । ଗୁଣ-ରଞ୍ଜନ ପୂର୍ଣ୍ଣକାମ ॥ 58
ମୋ'ର ଜୀବନ ପରିତ୍ରାଣେ । କୃଷ୍ଣ ହୁଁ ଅନ୍ୟ ନାହିଁ ଜଣେ ॥ 59
ଇନ୍ଦ୍ରିୟମାନଙ୍କୁ ନ ଜିତି । ମୁଁ ମୂଢ଼ ଅତ୍ୟନ୍ତ ଦୁର୍ମତି ॥ 60
ଉର୍ବଶୀ ଉଚିତ ବଚନ । ଯେଣୁ ନ ବୁଝି ହେଲି ଭ୍ରମ ॥ 61
ତାହାର କିସ ଅବା ଦୋଷ । ମୋ'ର ଅଜ୍ଞାନେ ମୁହିଁ ନାଶ ॥ 62
ଏ ଦେହେ କିବା କାର୍ଯ୍ୟ ଅଛି । ଦୁର୍ଗନ୍ଧ ମଳିନ ଅଶୁଚି ॥ 63
ରୁଧିର ମାଂସ ମଳ ମୂତ୍ର । ଅନ୍ତ୍ର ଜଡ଼ିତ ଶିରା ସୂତ୍ର ॥ 64
ଅଙ୍ଗ ନିର୍ମିତ ଅସ୍ଥି-ଚର୍ମେ । ଏ ନରଦେହେ ପାଇ କର୍ମେ ॥ 65
ଏ ସର୍ବ ଅମେଧ-ମନ୍ଦିର । ଅନିତ୍ୟ ନର-କଳେବର ॥ 66
ଏହାକୁ ନିତ୍ୟ ପ୍ରାୟ ମଣି । ଯେ ପ୍ରାଣୀ ରମନ୍ତି ତରୁଣୀ ॥ 67
ସେ କୀଟ କୃମି ସଙ୍ଗେ ସଙ୍ଗ । ଯେ ସତ୍ୟ ମଣେ ନାରୀ ଅଙ୍ଗ ॥ 68

ଏ ବୋଲ ବୁଝି ସ୍ତିରୀ ସଙ୍ଗେ । ପଣ୍ଡିତ ନୋହେ ମତିଭଙ୍ଗେ ॥ 69
ବିଷୟ-ସଙ୍ଗ ଇନ୍ଦ୍ରିମେଳେ । ମନ-ବିକ୍ଷେପ ରସଭୋଳେ ॥ 70
ନିତ୍ୟେ ସେବନ୍ତି ଅନୁସଙ୍ଗେ । ଯେସନେ ଜଳଧି-ତରଙ୍ଗେ ॥ 71
ବଢଇ ରସଲୋଭେ ଚିତ୍ତ । କେବେହେଁ ନୁହଇ ଆୟତ୍ତ ॥ 72
ନ ଦେଖେ ନ ଶୁଣଇ ଯେବେ । ମନ ନିଶ୍ଚଳ ହୋଏ ତେବେ ॥ 73
ମନ-ନିଶ୍ଚଳେ ଇନ୍ଦ୍ରିଗଣ । ବଳେ ଯେ ହୁଅନ୍ତି ସଂଯମ ॥ 74
ତେଣୁ ସ୍ତୀସଙ୍ଗ ପରିହାରେ । ଇନ୍ଦ୍ରିୟଗଣଙ୍କୁ ନିବାରେ ॥ 75
ଶ୍ରବଣେ ଶୁଣି ସ୍ତିରୀରୂପ । ଚିତ୍ତେ ଜଡ଼ଇ କାମକଷ୍ଟ ॥ 76
ଏଣୁ କାମିନୀ ସଙ୍ଗଦୋଷେ । ପଣ୍ଡିତଜନ ମନ ତ୍ରାସେ ॥ 77

ଭଗବାନ ଉବାଚ

ଏତେ ବିଚାରି ନୃପବର । ଚଞ୍ଚଳଚିତ୍ତ କଲା ସ୍ଥିର ॥ 78
ଉର୍ବଶୀ ସଙ୍ଗ ଦୂରକରି । ମୋର ଚରଣ ହୃଦେ ଧରି ॥ 79
ଭକତିଯୋଗେ ଧରି ମନ । ମୋ' ପାଦେ କଲା ଆରାଧନ ॥ 80
ଚିତ୍ତେ ଯେ ଥିଲା ମୋହପାଶ । ମୋ' ଧ୍ୟାନେ କଲା ସର୍ବନାଶ ॥ 81
ମୋ ନାମ ଜପି ଶୁଦ୍ଧମନେ । ଅନ୍ତେ ପଶିଲା ମୋ' ଭୁବନେ ॥ 82
ତୁ ଏବେ ଦୃଢଚିତ୍ତେ ବୁଝି । ନାରୀ-ସଙ୍ଗମ ଦୂରେ ତେଜି ॥ 83
ସାଧୁ-ସଙ୍ଗମେ ପ୍ରୀତି କର । ମୋ'ଭାବେ ଆନନ୍ଦେ ବିହର ॥ 84
ସାଧୁସଙ୍ଗମେ ଜ୍ଞାନ ବଢେ । କର୍ମ-ବାସନା-ବନ୍ଧ ଛିଡ଼େ ॥ 85
ସ୍ୱଭାବେ ସାଧୁଜନ ଯେତେ । ସମାନ ଦେଖନ୍ତି ଜଗତେ ॥ 86
ତାହାଙ୍କ ଚିତ୍ତ ନିରପେକ୍ଷ । ମିତ୍ର-ଅଇରି ବେନିପକ୍ଷ ॥ 87
ଚିତ୍ତ ନିବେଶି ମୋ' ଚରଣ । ସ୍ୱଭାବେ ଶାନ୍ତ-ପରାୟଣ ॥ 88
ନିର୍ଦ୍ୱନ୍ଦ୍ୱ ନିଷ୍କାମ ନିର୍ମୋହ । ସ୍ୱଭାବେ ନାହିଁ ପରିଗ୍ରହ ॥ 89
ଏହାଙ୍କ ସଙ୍ଗେ ସଙ୍ଗ କର । ମୋ'ର ଭକତି ହୃଦେ ଧର ॥ 90
ମୋ'ର ପବିତ୍ର ଯଶ ଗୁଣ । ନିତ୍ୟେ ତାହାଙ୍କ ମୁଖୁଁ ଶୁଣ ॥ 91
ମୋ' ନାମ ପଶି କର୍ଣ୍ଣଦ୍ୱାରେ । ହୃଦୁ ଅଶେଷ ପାପ ହରେ ॥ 92
ସାଧୁଙ୍କ ମୁଖୁଁ ସାଧୁବାଣୀ । ଦୁର୍ଗତି ଖଣ୍ଡେ ତାହା ଶୁଣି ॥ 93



ସାଧୁଜନଙ୍କ ସଭାମଧ୍ୟେ । ମୋ' ନାମ-ଗୁଣ ଅନୁବାଦେ ॥ 94
ନିତ୍ୟେ କହନ୍ତି ମୋ'ର କଥା । ମୋ' ପୁଣ୍ୟ ଯଶଗୁଣଗାଥା ॥ 95
ଆନନ୍ଦେ ଶୁଣି କର୍ଣ୍ଣଦ୍ୱାରେ । ବଦନେ ଗାବନ୍ତି ସୁସ୍ୱରେ ॥ 96
ନୟନୁ ଅଶ୍ରୁଜଳ ଝରେ । ରୋମ ପୁଲକ କଳେବରେ ॥ 97
ଚିତ୍ତ ମୋହର ପାଦଗତେ । ପୀରତି କରେ ଶ୍ରଦ୍ଧାଚିତ୍ତେ ॥ 98
ନାନା କଷଣେ ନିର୍ବିବାଦେ । ଭକତି ଲଭେ ମୋ'ର ପାଦେ ॥ 99
ଲଭଇ ବ୍ରହ୍ମ ଅନୁଭବ । ଆନନ୍ଦ-ସ୍ୱରୂପ-ସ୍ୱଭାବ ॥ 100
ନିର୍ଗୁଣ ଆତ୍ମା ଯେ ସ୍ୱରୂପ । ନିର୍ମଳ ଅନନ୍ତ ଅରୂପ ॥ 101
ମୋର ଭକତି ଦୃଢମନେ । ଯାର ଉପୁଜେ ଅକିଞ୍ଚନେ ॥ 102
କି ଅବଶେଷ ତା'ର ମନେ । କର୍ମ-କରଣେ ତ୍ରିଭୁବନେ ॥ 103
ସଂସାରବନ୍ଧ ତା'ର ନାହିଁ । ଜନ୍ମ-ମରଣୁଁ ନିସ୍ତରଇ ॥ 104
ଅଗ୍ନି ସେବନେ ଯେହ୍ନେ ଶୀତ । ତେମନ୍ତ ସାଧୁଙ୍କ ସଙ୍ଗତ ॥ 105
କର୍ମ-ବାସନା ନାଶକରେ । ନ ପୁଣ ପଡ଼ଇ ସଂସାରେ ॥ 106
ଏବେ ତୁ ମନ ସ୍ଥିର କର । ଚିତ୍ତ ନିବେଶି ମୋ ପୟର ॥ 107
ଦେଖ ଏ ସଂସାର-ସାଗର । ଅତି ଉତ୍କଟ ଭୟଙ୍କର ॥ 108
କର୍ମ-ବାସନା-ରଜ୍ଜୁ ବନ୍ଦୀ । ଜୀବ ସଞ୍ଚରେ ନିରବଧି ॥ 109
ପୁଣି ଉଠଇ ପୁଣ ବୁଡ଼େ । ନିଗମ ପଥ ନିତ୍ୟେ ଛୁଡ଼େ ॥ 110
ଏ ଘୋର ସଂସାର-ତରଙ୍ଗ । ନିସ୍ତାର-ହେତୁ ସାଧୁସଙ୍ଗ ॥ 111
ସାଧୁ-ସଙ୍ଗମ-ନାବେ ବସି । ନିସ୍ତରେ ଘୋର ଜଳରାଶି ॥ 112
ସକଳ ଜୀବର ଜୀବନ । ଯେହ୍ନେ ସଂସାରେ ଲେଖି ଅନ୍ନ ॥ 113
ଆରତ-ଜନ-ପ୍ରାଣୀଙ୍କର । ଠାକୁର ମୁହିଁ ଜୀବନର ॥ 114
ଧାର୍ମିକ ପ୍ରାଣୀଙ୍କର ମନ । ଯେହ୍ନେ ଭରସା କରେ ଧର୍ମ ॥ 115
ସନ୍ଥ-ଚରଣ ସେହିମତେ । ନିସ୍ତାର ହେତୁ ଏ ଜଗତେ ॥ 116
ଘୋର-ରଜନୀ ଅନ୍ଧକାର । ଯେହ୍ନେ ହରଇ ଦିବାକର ॥ 117
ଜ୍ଞାନ-ଚକ୍ଷୁକୁ ଦେଇ ସନ୍ଥ । ଅଜ୍ଞାନ-ତମ କରେ ହତ ॥ 118
ସୁଜନଜନର ଏ ଭାବ । ଉଦ୍ଧବେ କହିଲେ ମାଧବ ॥ 119

ସେ ପୁରୁରବା ଦଣ୍ଡଧାରୀ । ଉର୍ବଶୀ ସଙ୍ଗ ପରିହରି ।। 120
ସାଧୁସଙ୍ଗମ ହେତୁ କରି । ଘୋର ସଂସାରୁ ଗଲା ତରି ।। 121
ଏଣୁ ଯେ ସୁଜନ ସଙ୍ଗତେ । କ୍ଷଣେ ନିମିଷେ ଏ ଜଗତେ ।। 122
ବସେ ସକଳ ପରିହରି । ସେ ପ୍ରାଣୀ ଭବୁ ଯାଏ ତରି ।। 123
ବୋଲଇ ଦାସ ଜଗନ୍ନାଥ । ଶ୍ରୀକୃଷ୍ଣ-ଉଦ୍ଧବ ଚରିତ ।। 124
ଶୁଣନ୍ତେ ଖଣ୍ଡେ ଭବ-ବ୍ୟାଧି । ସୁଜନେ ଶୁଣ ନିରବଧି ।। 125
ହରି-ଭକତିର ମହିମା । କେ କହିପାରେ ଗୁଣସୀମା ।। 126
ଭକତି-ଯୋଗ-ଅବଧାନେ । ସଂସାରୁ ତର ବୁଧଜନେ ।। 127
ହରିଙ୍କ ଗୁଣ-କର୍ମମାନ । ହରଇ ପାପ କୋଟିଜନ୍ମ ।। 128

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ସପ୍ତବିଂଶ ଅଧ୍ୟାୟଃ ।।

## ଅଷ୍ଟାବିଂଶ ଅଧ୍ୟାୟ

ଉଦ୍ଧବ କୃଷ୍ଣର ବଚନେ । ଚିନ୍ତେ ଭକତି ଅନୁମାନେ ।। 1
ବୋଲଇ କୃଷ୍ଣ ମୁଖ ଚାହିଁ । ଭୋ ନାଥ ଶୁଣ ଭାବଗ୍ରାହୀ ।। 2

ଉଦ୍ଧବ ଉବାଚ

ଶରୀର ବହି ଏ ସଂସାରେ । ଜୀବ ସକଳ କର୍ମ କରେ ।। 3
ତୁମ୍ଭ ଭକତିଯୋଗ ଯେତେ । ମୋତେ କହିଲ ନାନାମତେ ।। 4
ମାୟା-ପ୍ରପଞ୍ଚ ଏ ଜଗତ । ତୁମ୍ଭ ଚରଣ ମାତ୍ର ସତ୍ୟ ।। 5
ଭକତଜନ ତୋ' ପକ୍ଷରେ । ପୂଜନ୍ତି କେମନ୍ତ ପ୍ରକାରେ ।। 6
ବେଦ ଆଗମ ଶାସ୍ତ୍ରମତେ । ପରମଧର୍ମ ଏ ଜଗତେ ।। 7
ବ୍ୟାସ ଅଙ୍ଗିରା ବ୍ରହ୍ମାସୁତ । ଯେ ଧର୍ମ ତାହାଙ୍କର ମତ ।। 8
ସକଳ ଗ୍ରନ୍ଥ ଅବଧାରି । ସେ କର୍ମଯୋଗ ଅଧିକାରୀ ।। 9
କର୍ମ-ସାଧନ ନାନାମତେ । କହନ୍ତି ପ୍ରାଣୀ ଶ୍ରେଷ୍ଠ ଅର୍ଥେ ।। 10
ଧର୍ମ କରନ୍ତି ନାନାମତେ । ଏବେ ମୁଁ ପଚାରଇଁ ତୋତେ ।। 11
ତୋ' ମୁଖକମଳୁ ଗଳିତ । ଶୁଚି-ସୁରୁଚି-ସୁଲଳିତ ।। 12



ଏ କର୍ମଯୋଗ ତୁମ୍ଭେ ମୁଖେ । କହିଲ ମୁନିଙ୍କ ସମ୍ମୁଖେ ।। 13
ଏ କଥା ପାର୍ବତୀ ସମ୍ମୁଖେ । ଈଶ୍ୱର କହିଛନ୍ତି ସୁଖେ ।। 14
ମୋ' ମନ ବିନା କର୍ମଯୋଗେ । ସ୍ଥିର ନ ରହେ ହୃଦଭାଗେ ।। 15
ଏ କର୍ମଯୋଗ ଧର୍ମସାର । ସକଳ ବର୍ଣ୍ଣେ ଅଧିକାର ।। 16
ସ୍ତ୍ରୀ ଶୂଦ୍ର ଆଦି ଯେତେ ପ୍ରାଣୀ । ତରନ୍ତି କର୍ମଯୋଗ ଜାଣି ।। 17
କେମନ୍ତେ ଜୀବକୁ ଉଦ୍ଧାରି । ଏ ଦେହେ ଭକ୍ତିଭାବ କରି ।। 18
ଏଥି ସଂଶୟ କହ ମୋତେ । ଯେମନ୍ତେ ଯାଇ ମୁଁ ପରତେ ।। 19
ଏସନ ଶୁଣି ଜଗଦୀଶ । ସଧୀରେ ମନ୍ଦମନ୍ଦ ହାସ ।। 20
ଅମଳ-କମଳ-ଲୋଚନ । ଏ କର୍ମବନ୍ଧ ବିମୋଚନ ।। 21
ଶୁଣି ଉଦ୍ଧବ ବାକ୍ୟସାର । ବୋଲନ୍ତି ପ୍ରଭୁ ଦାମୋଦର ।। 22

ଭଗବାନ ଉବାଚ

ଶୁଣ ଉଦ୍ଧବ ଏକମନେ । ଯାହା ପୁଚ୍ଛିଲୁ ସନ୍ନିଧାନେ ।। 23
ଉଦ୍ଧବ କର୍ମଯୋଗ-କଥା । କେବା କଥନେ ସାମରଥା ।। 24
ଅନନ୍ତ ମହିମା କର୍ମର । କେ କରିପାରିବ ଗୋଚର ।। 25
କିଛି କହିବା ସଂକ୍ଷେପରେ । ଶୁଣ ଉଦ୍ଧବ ମନ ସ୍ଥିରେ ।। 26
ଯେ କର୍ମଯୋଗ - ପ୍ରକରଣ । ଅଶେଷ ଜୀବ ପରିତ୍ରାଣ ।। 27
ଆଗମ-ନିଗମ-ପୁରାଣେ । ସକଳ ଶାସ୍ତ୍ରେ ଯା' ବଖାଣେ ।। 28
ତ୍ରିବିଧ-ମତେ ସେ କହନ୍ତି । ମୋ' ପାଦପୂଜା ଅର୍ଥେ ଚିନ୍ତି ।। 29
ଏଣୁ ଯାହାର ଯେଣେ ଇଚ୍ଛା । କରନ୍ତି ନାନାମତେ ଦୀକ୍ଷା ।। 30
ଅଶେଷ ଜନ୍ମ ପୁଣ୍ୟଭାଗ୍ୟେ । ମୋତେ ପୂଜନ୍ତି କର୍ମଯୋଗେ ।। 31
ବ୍ରାହ୍ମଣକୁଳେ ଜନ୍ମ ହୋଇ । ଯଜ୍ଞୋପବୀତ କନ୍ଧେ ବହି ।। 32
ଗୁରୁବଚନ ମନେ ଧରି । ଗାୟତ୍ରୀ ଉପଦେଶ କରି ।। 33
ଶ୍ରଦ୍ଧା-ଭକତି କରି ଚିନ୍ତେ । ଯେ ଅବା ପୂଜିବ ଯେମନ୍ତେ ।। 34
ଶୁଣ ମୋ' ପୂଜାବିଧି ଯେତେ । ଭାବେ କହିବା ତୋ' ଅଗ୍ରତେ ।। 35
ପ୍ରତିମା ସ୍ଥାପି ଭୂମିତଳେ । ଅଥବା ସ୍ଥଣ୍ଡିଳେ ଅନଳେ ।। 36
ସୂର୍ଯ୍ୟେ ପୂଜିବ କିବା ଜଳେ । ଅଥବା ହୃଦସ୍ଥ-କମଳେ ।। 37

ଶ୍ରଦ୍ଧା-ଭକତି ଚିତ୍ତ ଯୁତେ । ଦ୍ରବ୍ୟ ସମର୍ପି ନାନାମତେ ॥ 38
ଗୁରୁଚରଣ ଭାବେ ଭଜି । ମୋତେ ପୂଜିବ ମାୟା ତେଜି ॥ 39
ସ୍ୱଭାବେ ଶୁଚିମନ୍ତ ହୋଇ । ଦନ୍ତ ବଦନ ଜଳେ ଧୋଇ ॥ 40
ସ୍ନାନ କରିବ ଯଥାକାଳେ । ପ୍ରଭାତେ ପୁଣ୍ୟ ନଦୀଜଳେ ॥ 41
ବେଦ ଆଗମ ମନ୍ତ୍ରମତେ । ସ୍ନାନ କରିବ ଶୁଦ୍ଧଚିତ୍ତେ ॥ 42
ଯେ' ମୋତେ ଶ୍ରଦ୍ଧାରେ ପୂଜିବ । ସେ ନିତ୍ୟକର୍ମ ନ ତେଜିବ ॥ 43
କେବଳ ଈଶ୍ୱର-ଭାବନେ । ସଙ୍କଳ୍ପ କରି ଶୁଦ୍ଧମନେ ॥ 44
ଦାରୁ ପାଷାଣ ଧାତୁମୟୀ । ଲେପ ଲେଖନ ମଣିମୟୀ ॥ 45
ବାଲୁକାମୟୀ ମନୋମୟୀ । ଏମନ୍ତ ପ୍ରତିମା ଭିଆଇ ॥ 46
ଏ ଅଷ୍ଟପ୍ରକାରେ ପ୍ରତିମା । ସୁନ୍ଦର ସ୍ୱରୂପ ଉତ୍ତମା ॥ 47
ଏ ବେନିମୂର୍ତ୍ତି ଚଳାଚଳ । ବିଷ୍ଣୁର ପୂଜାର ମନ୍ଦିର ॥ 48
ନିର୍ମାଣ କରି ବିଷ୍ଣୁରୂପେ । ନିଶ୍ଚଳେ ପୂଜିବ ସମୀପେ ॥ 49
ଯେ ଆବାହନ ବିସର୍ଜନ । ଚଳ-ପ୍ରତିମାର ଅର୍ଚ୍ଚନ ॥ 50
ଅଚଳେ ନ କରି ଏମନ୍ତ । ଏ ବୁଧଜନଙ୍କର ମତ ॥ 51
ଲେପ-ଲେଖନେ ଯେତେ ହୋଇ । ସ୍ନାନ ମାର୍ଜନା ନ କରାଇ ॥ 52
ସ୍ନାନ-ମାର୍ଜନେ ଇଚ୍ଛା ଯେବେ । ଦର୍ପଣେ କରାଇବ ତେବେ ॥ 53
ଯତ୍ନେ ଉତ୍ତମଦ୍ରବ୍ୟ ଆଣି । ପବିତ୍ର ଗନ୍ଧ ପୁଷ୍ପ ପାଣି ॥ 54
ମାୟା ନ ଥିବ ଦେହ ମଧ୍ୟେ । ବିଧାନେ ପୂଜିବ ଆନନ୍ଦେ ॥ 55
ଯଦ୍ୟପି ଭକତ ଅଗ୍ରତେ । ଯେ କିଛି ଲଭେ ଅଯାଚିତେ ॥ 56
ତେଣେ ପୂଜିବ ନରହରି । ହୃଦେ ଭକତିଭାବ ଭରି ॥ 57
ଦିବ୍ୟ-ପ୍ରତିମା ପୂଜି ଯେବେ । ନାନା ଉପହାର ସ୍ୱଭାବେ ॥ 58
ଚନ୍ଦନ ବସ୍ତ୍ର ଅଳଙ୍କାର । ଭକ୍ଷ୍ୟ-ଭୋଜନ ମନୋହର ॥ 59
ସ୍ଥଣ୍ଡିଳେ ଯେବେ ପୂଜା କରି । ମନ୍ତ୍ରବେଭାରେ ନ୍ୟାସ କରି ॥ 60
ଅନଳେ ପୂଜିବ ଯେ ମୋତେ । ହୋମ କରିବ ମୂଳମନ୍ତ୍ରେ ॥ 61
ରବି ପୂଜିବ ଅର୍ଘ୍ୟଜଳେ । ମୁଁ ଥାଇ ଆଦିତ୍ୟ-ମଣ୍ଡଳେ ॥ 62
ଏଣୁ ରସାଳ ଦ୍ରବ୍ୟ ଯେତେ । ଦେବ-ଆଦିତ୍ୟ ମୁଖେ ମୋତେ ॥ 63
ଜଳେ ପୂଜିବ ଜଳଦ୍ରବ୍ୟେ । ଏ ମୋର ପୂଜାର ସ୍ୱଭାବେ ॥ 64



ଦରିଦ୍ର ପ୍ରାଣୀ ଯେବେ ମୋତେ । ଦୃଢ଼େ ପୂଜଇ ଭାବ-ଚିତ୍ତେ ॥ 65
ତାହାର ଜଳପୁଷ୍ପ ମୁହିଁ । ଅଣୁ ପ୍ରମାଣେ ଯେବେ ପାଇ ॥ 66
ସନ୍ତୋଷେ କରଇ ଆହାର । ଯେଣୁ ଭକତ ବନ୍ଧୁ ମୋର ॥ 67
ସେ ଯେବେ ଅଣୁମାତ୍ରେ ଦେଇ । ମୁଁ ତାହା ବହୁତେ ଘେନଇ ॥ 68
ଯେ ମେରୁତୁଲ୍ୟ ନାନାଦ୍ରବ୍ୟେ । ମୋତେ ସମର୍ପଇ ଅଭାବେ ॥ 69
ଶ୍ରଦ୍ଧା ନ ଥାଇ ଅନ୍ତର୍ଗତେ । ମୁଁ ତାହା ଛୁଇଁବି କେମନ୍ତେ ॥ 70
ସୁଗନ୍ଧ ପୁଷ୍ପ ଧୂପଦୀପ । ବସ୍ତ୍ର ଭୂଷଣ ରତ୍ନକଳ୍ପ ॥ 71
ତେଣେ ମୋ' ନାହିଁ ମନଶୁଦ୍ଧି । ଏବେ ହୋ ଶୁଣ ପୂଜାବିଧି ॥ 72
ଯେ ଭାବେ ଯେମନ୍ତେ ପୂଜିଲେ । ଜୀବ ନିସ୍ତାର ଲଭେ ଭଲେ ॥ 73
ପବିତ୍ର ଜଳେ ସ୍ନାନ କରି । ବସ୍ତ୍ର ତିଳକ କୁଶ ଧରି ॥ 74
ସକଳ ଦ୍ରବ୍ୟ ଅବଧାନେ । ଘେନି ମିଳିବ ପୂଜାସ୍ଥାନେ ॥ 75
ବ୍ରାହ୍ମଣ ପୂଜେ ଯେବେ ମୋତେ । ଅଖଣ୍ଡ କୁଶ ଘେନି ହସ୍ତେ ॥ 76
ମନ୍ତ୍ର ଉଚ୍ଚାରି ପୂର୍ବ ଅଗ୍ରେ । କୁଶ ସ୍ଥାପିବ ଭୂମିଭାଗେ ॥ 77
ପୂର୍ବ-ଦିଗକୁ ମୁଖକରି । ବସିବ ଆସନ ଆବୋରି ॥ 78
ଅଙ୍ଗ ଶୋଧିବ ଅଙ୍ଗନ୍ୟାସେ । ମନ୍ତ୍ର ଉଚ୍ଚାରି ବେନିପାଶେ ॥ 79
ମନ୍ତ୍ର ସୁମରି କୁଶ ନୀରେ । ମାର୍ଜନା କରି ଆତ୍ମଶିରେ ॥ 80
ପୂଜାର ଦ୍ରବ୍ୟ ପୂଜାଭୂମି । ମାର୍ଜିବ ଆପଣା ମୂର୍ଦ୍ଧନି ॥ 81
ବାହ୍ୟ-ପବିତ୍ର କରି ଗାତ୍ର । ସମ୍ମୁଖେ ସ୍ଥାପି ତିନିପାତ୍ର ॥ 82
କ୍ରମେ ସ୍ଥାପିବ ତିନିସ୍ଥାନ । ଯେ ପାଦ୍ୟ ଅର୍ଘ୍ୟ ଆଚମନ ॥ 83
ଓଁକାର ପୂର୍ବ ନମୋ ମନ୍ତ୍ରେ । ଶୋଧନ କରି ପାଦ୍ୟପାତ୍ରେ ॥ 84
ସ୍ୱାହା ସୁମରି ଅର୍ଘ୍ୟପାତ୍ରେ । ପ୍ରୋକ୍ଷଣ କରିବ ପବିତ୍ରେ ॥ 85
ତୃତୀୟ ଆଚମନ ପାତ୍ରେ । ଜଳକ୍ଷେପିବ ଶିଖାମନ୍ତ୍ରେ ॥ 86
ଗାୟତ୍ରୀ ମନ୍ତ୍ରେ ସର୍ବ ଦ୍ରବ୍ୟେ । ଜଳ ସିଞ୍ଚିବ ଶୁଦ୍ଧଭାବେ ॥ 87
ସଂପୁଟେ ଯୋଡ଼ି ବେନିକର । ଚିନ୍ତିବ ହୃଦସ୍ଥ-କମଳ ॥ 88
ମନ ପବନ କରି ସ୍ଥିରେ । ବସିବ ପଦ୍ମ ଆସନରେ ॥ 89
ପରମଆତ୍ମା ଦିବ୍ୟମୂର୍ତ୍ତି । ହୃଦସ୍ଥପଦ୍ମ ମଧ୍ୟେ ଚିନ୍ତି ॥ 90
ଲବ ନିମିଷ ଦଣ୍ଡମାତ୍ରେ । ମୂର୍ତ୍ତି ନିଶ୍ଚଳ କରି ଗାତ୍ରେ ॥ 91

ଏମନ୍ତ ଧ୍ୟାନ-ପୂଜା ସାରି । ପଛେ ମଣ୍ଡଳେ ପୂଜା କରି ॥ 92
ସ୍ୱମନ୍ତ୍ରେ ଆବାହନ କରି । ଦେହେ ସ୍ଥାପିବ ମୁଦ୍ରା ଧରି ॥ 93
ହୃଦୟସ୍ଥ ଆଦି ଚାରିଦେଶେ । ନ୍ୟାସ କରିବ ମନ୍ତ୍ରନ୍ୟାସେ ॥ 94
ବିବିଧ-ଦ୍ରବ୍ୟ ଉପହାରେ । ପୂଜା ପ୍ରକାଶିବ ବେଭାରେ ॥ 95
ଯେ ପାଦ୍ୟ ଅର୍ଘ୍ୟ ଆଚମନ । ମନ୍ତ୍ରେ କରିବ ନିବେଦନ ॥ 96
ଧର୍ମାଦି ଅଷ୍ଟମୂର୍ତ୍ତି ଧ୍ୟାନେ । ମନ୍ତ୍ରେ ସ୍ଥାପିବ ଯଥାସ୍ଥାନେ ॥ 97
ବିମଳା ଆଦି ନବଶକ୍ତି । ନ୍ୟାସେ ପୂଜିବ ଯଥାସ୍ଥିତି ॥ 98
ମଧ୍ୟେ କଳ୍ପିବ ଅଷ୍ଟଦଳ । କୋମଳ ଉଜ୍ଜ୍ୱଳ କମଳ ॥ 99
କର୍ଣ୍ଣିକା କେଶର ସହିତେ । ବେଦ ଆଗମ ମନ୍ତ୍ରତନ୍ତ୍ରେ ॥ 100
ଏମନ୍ତେ ପୂଜିବ ବିଧାନେ । ଯେପରି ଭେଦ ଅନୁମାନେ ॥ 101
ଶଙ୍ଖ ଚକ୍ର ଗଦା କମଳ । ପୂଜିବ ଲାଙ୍ଗଳ ମୁଷଳ ॥ 102
ଖଡ଼ଗ ବାଣ ଶରାସନ । ଯେ ବିଧି ଅସ୍ତ୍ରପୂଜାମାନ ॥ 103
ଶ୍ରୀବତ୍ସ ବନମାଳା ମଣି । ଧ୍ୟାନେ ପୂଜିବ ସ୍ଥାନ ଜାଣି ॥ 104
ସମ୍ପୂର୍ଣ୍ଣ ପାରିଷଦବୃନ୍ଦ । ସୁବଳ ନନ୍ଦ ଯେ ସୁନନ୍ଦ ॥ 105
ପ୍ରଚଣ୍ଡ ମହାବଳ ଚଣ୍ଡ । ସୁବୀର ଗରୁଡ଼ ଉଦ୍ଦଣ୍ଡ ॥ 106
କୁମୁଦ କୁମୁଦଲୋଚନ । ପାର୍ବତ୍ୟ ପାର୍ବତୀନନ୍ଦନ ॥ 107
ପୂଜିବ ବ୍ୟାସ ବିଶ୍ୱକ୍‌ସେନ । ଗୁରୁଙ୍କ ତୁଲେ ଦେବଗଣ ॥ 108
ସମସ୍ତ ପାର୍ଷଦ ବିଧାନେ । ପୂଜିବ ନିଜ ନିଜ ସ୍ଥାନେ ॥ 109
କର୍ପୂର ଉଶୀର ଚନ୍ଦନ । କୁଙ୍କୁମ ଗୋଳା ଜଳେ ସ୍ନାନ ॥ 110
ଦିବ୍ୟ ଉପହାର ଘଟନେ । ନିଗମ ପୁରାଣ ବଚନେ ॥ 111
ସୁଗନ୍ଧ ବସ୍ତ୍ର ଅଳଙ୍କାର । ଯଜ୍ଞୋପବୀତ ଉପହାର ॥ 112
ଲେପନ ସୁଗନ୍ଧ ଚନ୍ଦନ । ବକ୍ଷଗଣ୍ଡରେ ସୁମଣ୍ଡନ ॥ 113
କୁସୁମ ପାଦ୍ୟ ଅର୍ଘ୍ୟଦାନ । ପବିତ୍ର ଜଳେ ଆଚମନ ॥ 114
ସୁମନୋହର ଧୂପଦୀପ । ଶ୍ରଦ୍ଧାରେ ଦେବ ମୋ' ସମୀପ ॥ 115
ଗୁଡ଼ ପାୟସ ଘୃତପାକ । ନାନାପ୍ରକାର ଯେ ମୋଦକ ॥ 116
ଅନ୍ନ ବ୍ୟଞ୍ଜନ ନାନାପାକ । ପିଷ୍ଟ ପ୍ରପାନ ସୂପ ଶାକ ॥ 117
କ୍ଷୀର ବିକାର ଯେତେ ମିଳେ । ସୁଗନ୍ଧ ସୁଶୀତଳ ଜଳେ ॥ 118



ବିଭବ କ୍ରମେ ମିଳେ ଯେତେ । ଥୋଇବ ମୋହର ଅଗ୍ରତେ ॥ 119
ସୁଗନ୍ଧ ତଇଳେ ଅଭ୍ୟଙ୍ଗ । ମର୍ଦ୍ଦନ କରି ମୋର ଅଙ୍ଗ ॥ 120
ମୋ'ର ମଙ୍ଗଳ ଅଭିଷେକ । ବିଧିପ୍ରକାରେ ଏକ ଏକ ॥ 121
ଆନନ୍ଦେ ମୋର ପୂଜା ସାରି । ପ୍ରମୋଦେ ନୃତ୍ୟ-ଗୀତ କରି ॥ 122
ମୋତେ ପୂଜିବ ବାରେବାରେ । ଯଥା ବିଭବ ଅନୁସାରେ ॥ 123
ପୂଜାର ଅନ୍ତେ ଅଗ୍ନିକୁଣ୍ଡେ । ହୋମ କରିବ ଘୃତଖଣ୍ଡେ ॥ 124
ଅନଳ ମଧ୍ୟେ ରୂପ ମୋ'ର । ଦେଖିବ ଏମନ୍ତ ପ୍ରକାର ॥ 125
ତପ୍ତ-କାଞ୍ଚନ ମନୋହର । ଅତି ରୁଚିର କଳେବର ॥ 126
ନିଜ ଆୟୁଧ ଚାରିଭୁଜେ । ପୀତବସନ କଟୀ ମାଝେ ॥ 127
କିରୀଟ କୁଣ୍ଡଳ ବିରାଜେ । ରତ୍ନ ମେଖଳା କଟୀ ସାଜେ ॥ 128
ମର୍କତ କେୟୂର କଙ୍କଣ । ହୃଦରେ ଶ୍ରୀବତ୍ସର ଚିହ୍ନ ॥ 129
କୌସ୍ତୁଭମଣି ଶୋହେ ଗଳେ । ସୁନ୍ଦର ଦିଶେ ବନମାଳେ ॥ 130
ଏ ଦିବ୍ୟରୂପ ଅଗ୍ନିମଧ୍ୟେ । ଧ୍ୟାନେ ଚିନ୍ତିବ ହୃଦପଦ୍ମେ ॥ 131
ଘୃତ ଆହୁତି ମୂଳମନ୍ତ୍ରେ । ହୋମ କରିବ ବେଦତନ୍ତ୍ରେ ॥ 132
ଯେ ନାମ-ଗୋତ୍ର ଉଚ୍ଚାରିଣ । ପୂଜିବ ପାରିଷଦଗଣ ॥ 133
ପ୍ରଣାମ କରି ଜଣେଜଣେ । ପୂଜିବ ବେଦ ଉଚ୍ଚାରଣେ ॥ 134
ଏ ଅନ୍ତେ ପାରିଷଦଗଣେ । ବଳି କରିବ ସମର୍ପଣେ ॥ 135
ନିଶ୍ଚଳେ ମୂଳମନ୍ତ୍ର ଜପି । ବ୍ରହ୍ମ ସ୍ମରଣେ ଚିତ୍ତ ସ୍ଥାପି ॥ 136
ଧ୍ୟାନେ ଭୋଜନ ଶେଷ ଜାଣି । ସମର୍ପି ଆଚମନ ପାଣି ॥ 137
ମୋର ନିର୍ମାଲ୍ୟ ଶେଷଭାଗ । ବିଶ୍ୱକସେନେ ତାହା ଦେବ ॥ 138
କର୍ପୂର ଗନ୍ଧଫଳ ମିଶ୍ରେ । ତାମ୍ବୁଳ ଦେବ ମୁଖବାସେ ॥ 139
ସୁଗନ୍ଧ ପୁଷ୍ପ ଘେନିକରେ । ତ୍ରିବାର ଦେବ ମୋ'ର ଶିରେ ॥ 140
ମୋ'ର ପବିତ୍ର-ଯଶଗୁଣ । ମଙ୍ଗଳ ନାମ ଉଚ୍ଚାରଣ ॥ 141
ନୃତ୍ୟ କରିବ ଉଚ୍ଚେ ଭଣି । କର୍ଣ୍ଣେ ମୋହର କଥା ଶୁଣି ॥ 142
ଯତ୍ନେ କରିବ ଅଭିନୟ । ମୋହର କର୍ମ-ସମୁଦାୟ ॥ 143
ମୋ' କଥା ଶୁଣି ଶୁଣାଇଣ । ଏକାଗ୍ରଭାବ କରି ମନ ॥ 144
ବିଷୟ ଦ୍ୱନ୍ଦ୍ୱ ଅବଧାନେ । ଯେବେ ନ ପାର ମୋ ପୂଜନେ ॥ 145

ସ୍ତୁତି ପଠନେ ମୋ'ର ମନ । ସ୍ତବନେ କରାଇ ପ୍ରସନ୍ନ ॥ 146
ବେଦପୁରାଣେ ସ୍ତୁତି ଯେତେ । ଆନନ୍ଦେ ପଢ଼ି ମୋ ଅଗ୍ରତେ ॥ 147
ନମସ୍ତେ ଲକ୍ଷ୍ମୀଦେବୀକାନ୍ତ । ଉଚ୍ଚାରି ଯୋଡ଼ି ବେନିହସ୍ତ ॥ 148
ତ୍ରିବାର କରି ପ୍ରଦକ୍ଷିଣ । ଦଣ୍ଡ ପ୍ରଣାମ ପୁଣପୁଣ ॥ 149
ମୋ'ର ଚରଣେ ଶିର ଦେଇ । ବୋଲିବ କୃଷ୍ଣ ତ୍ରାହି ତ୍ରାହି ॥ 150
ଅନାଦି ଧର୍ମ-ନିରାକାର । ଭବ-ସାଗରୁ କର ପାର ॥ 151
ଏ ରୂପେ ନମସ୍କାର କରି । ପୂଜା-ଉଦକ ଶିରେ ଧରି ॥ 152
ପଛେ କରିବ ବିସର୍ଜନ । ଦେଖି ସକଳଭୂତେ ପୂର୍ଣ୍ଣ ॥ 153
ଏମନ୍ତ ରୂପ ମୋର ଯେତେ । ମୂର୍ତ୍ତି କରାଇ ଶୁଦ୍ଧଚିତ୍ତେ ॥ 154
ମୋତେ ପୂଜିବ ପ୍ରିୟଭାବେ । ଯେ ବିଧି ପୂଜାର ପ୍ରସ୍ତାବେ ॥ 155
ଏମନ୍ତ ଭାବେ ନିତ୍ୟେ ନିତ୍ୟେ । ଯେ ପ୍ରାଣୀ ପୂଜୁଥାନ୍ତି ମୋତେ ॥ 156
ସର୍ବ ସମ୍ପଦ ଅନୁକୂଳ । ଲଭନ୍ତି ପରମ ମଙ୍ଗଳ ॥ 157
ମୋର ପ୍ରତିମା କରି ବେଶ । ଦୃଢ଼-ମନ୍ଦିରେ ଦେଇ ବାସ ॥ 158
ସୁଗନ୍ଧ-ପୁଷ୍ପ-ଉପବନ । ନାନା ପ୍ରକାରେ କ୍ରୀଡ଼ାସ୍ଥାନ ॥ 159
ମୋହର ଉତ୍ସବ ସମସ୍ତ । କରିବ ଶକ୍ୟ ଅନୁମତ ॥ 160
ମୋର ଉତ୍ସବ ପର୍ବାପର୍ବେ । ଭାବେ ପୂଜିବ ନାନାଦ୍ରବ୍ୟେ ॥ 161
ଏମନ୍ତେ ପୂଜି ବହୁବିଧେ । ବଞ୍ଚିବ ଉତ୍ସବ ଆନନ୍ଦେ ॥ 162
କୃଷି ବାଣିଜ୍ୟ ବ୍ୟବହାରେ । ଜୀବିକା ଉପାୟ ପ୍ରକାରେ ॥ 163
ନିବାସ ପୁର ଗ୍ରାମ ଆଦି । ଯେ ଅବା ସମ୍ପଦ ପ୍ରସିଦ୍ଧି ॥ 164
ସମର୍ପି ମୋହର ଚରଣେ । ମୋ' ନାମ ଉଚ୍ଚାରି ବଦନେ ॥ 165
ସାଲୋକ୍ୟ-ମୁକ୍ତିପଦ ତା'ର । ନିବାସ ଲଭେ ମୋ'ର ପୁର ॥ 166
ଏ ମୋର ପୂଜାର ଲକ୍ଷଣ । ଉଦ୍ଧବ ଏକମନେ ଶୁଣ ॥ 167
ଯେ ମୋତେ ଦ୍ୟନ୍ତି ଗୃହ ଦାନ । ହେଲେ ଲଭନ୍ତି ତ୍ରିଭୁବନ ॥ 168
ମୋତେ ମଣ୍ଡପେ ସ୍ଥାପି ଯେବେ । ପ୍ରତିଷ୍ଠା କରେ ପ୍ରିୟଭାବେ ॥ 169
ସପତଦ୍ୱୀପ ହୋଏ ରାଜା । ମୋହର ପ୍ରାୟେ ଲଭେ ପୂଜା ॥ 170
ଯେ ମୋତେ ପୂଜେ ଏ ସଂସାରେ । ଲଭନ୍ତି ଏ ତିନି ପ୍ରକାରେ ॥ 172
ଯେ ନିରପେକ୍ଷ ଭକ୍ତିଯୋଗ । ଆତ୍ମା ନିସ୍ତାର ସୁଖମାର୍ଗ ॥ 173



ମୋ'ର ଚରଣେ ଦୃଢ଼େ ଭଜେ । ମାୟା-ସଂସାର ଭ୍ରମ ତେଜେ ॥ 174
କେବଳ ଲାଭ ମୋ'ର ଧାମ । ସେ ପ୍ରାଣୀ ଲଭେ ପୂର୍ଣ୍ଣକାମ ॥ 175
ବିବିଧ-ସନ୍ତାପୁ ସେ ତରେ । ନ ବୁଡ଼େ ଘୋର ଅନ୍ଧକାରେ ॥ 176
ଏ ରୂପେ ମୋତେ ଯେ ପୂଜନ୍ତି । ହୃଦେ ଭକତିଭାବ ଚିନ୍ତି ॥ 177
ମୋର ସେବନେ ନିରବଧି । ସେ ପ୍ରାଣୀ ଲଭେ ସର୍ବସିଦ୍ଧି ॥ 178
ଶୁଣ ଉଦ୍ଧବ କହୁଁ ତୋତେ । ଯେ ପାପୀଜନ ଏ ଜଗତେ ॥ 179
ସ୍ୱଦତ୍ତ-ପରଦତ୍ତ-ବୃତ୍ତି । ଯେ ନର ଅଜ୍ଞାନେ ହରନ୍ତି ॥ 180
ଦେବ-ବ୍ରାହ୍ମଣ-ତାପ-ଶୋକେ । ସେ କାହିଁ ଥିବେ ନରଲୋକେ ॥ 181
ଜୀବନ ଅନ୍ତେ କୁମ୍ଭୀପାକେ । ପଡ଼ିବେ ବିଷ୍ଠା-କୃମିପାକେ ॥ 182
କେବଳ ନରକ ଆହାର । କରନ୍ତି ଲକ୍ଷେ ସମ୍ବତ୍ସର ॥ 183
ଯେ ଅବା କୃଷ୍ଣ-କର୍ମ କରେ । ଯେ ଅବା ସାହା ହୋନ୍ତି ତା'ରେ ॥ 184
ଯେବା ଆପଣେ ନ ପାରଇ । ପୂଜା କରାଇ ହେତୁ ହୋଇ ॥ 185
ଯେ ମୋର ପୂଜାକର୍ମ ଦେଖି । ସୁଖ-ଆନନ୍ଦେ ବୁଜେ ଆଖି ॥ 186
ଏ ଚାରିଜଣେ ସମଫଳ । ଲଭନ୍ତି କହିଲେ ଗୋପାଳ ॥ 187
ଉଦ୍ଧବ ଶୁଣି କୃତକୃତ୍ୟ । ନମଇଁ ଦାସ ଜଗନ୍ନାଥ ॥ 188

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟା ସଂହିତାୟାଂ
ଏକାଦଶସ୍କନ୍ଧେ ଅଷ୍ଟାବିଂଶ ଅଧ୍ୟାୟ ॥

## ଊନତ୍ରିଂଶ ଅଧ୍ୟାୟ

ଭଗବାନ ଉବାଚ

କହନ୍ତି ପ୍ରଭୁ ଭଗବାନ । ଉଦ୍ଧବ ସ୍ଥିର କର ମନ ॥ 1
ଏ ମାୟା-ନିର୍ମିତ ସଂସାରେ । ପ୍ରାଣୀ ସକଳ କର୍ମ କରେ ॥ 2
ନିଜ ସ୍ୱଭାବେ ଅଲଘିଂତ । ଏ ଘେନି ଯେ ହୋଏ ପଣ୍ଡିତ ॥ 3
ନିନ୍ଦା-ପ୍ରଶଂସା ନ କରନ୍ତି । ସାକ୍ଷୀଙ୍କ ପ୍ରାୟ ସେ ଦେଖନ୍ତି ॥ 4
ଏଣୁ ସାଧବ-ପ୍ରାଣୀଙ୍କର । ସଂସାରେ ନାହିଁ ନିଜ ପର ॥ 5
ସକଳ ଜନ୍ତୁ ଏକଭାବ । ପ୍ରକୃତି-ପୁରୁଷ ସମ୍ଭବ ॥ 6

ଯେ ଧର୍ମ ସ୍ୱଭାବ ଆଚାର । ନିନ୍ଦା-ପ୍ରଶଂସା ତାହାଙ୍କର ॥ 7
ଯେ କରେ ଜ୍ଞାନଭ୍ରଷ୍ଟ ପଣେ । ନିଷ୍ଠୁର ଅସତ୍ୟ-ଭାଷଣେ ॥ 8
ଅଜ୍ଞାନେ କଷ୍ଟେ ନାନାଅଙ୍ଗ । ଜୀବନ୍ତେ ନୋହେ ନିଦ୍ରାଭଙ୍ଗ ॥ 9
ଏଣୁ ହୋ ପର ଗୁଣ-ଦୋଷ । ବିଚାର ନ କରି ବିଶେଷ ॥ 10
ଉଦ୍ଧବ ଶୁଣୁ ଯେତେ କର୍ଣ୍ଣେ । ଯେ ଅବା ଦେଖୁ ତୁ ନୟନେ ॥ 11
ଯେ କିଛି ଉଚ୍ଚାରୁ ବଦନେ । ଯେ ଅବା ଚିନ୍ତୁ ମନେ ଧ୍ୟାନେ ॥ 12
ଯେ ଅବା ଭଲ-ମନ୍ଦ ଜନେ । ନ୍ୟାୟ-ବିଚାର ଅନୁମାନେ ॥ 13
ଏ ସର୍ବ ସତ୍ୟ ନୋହେ କିଛି । କେବଳ ମାୟା ମାତ୍ର ଲକ୍ଷ୍ୟ ॥ 14
ଆଭାସ ଛାୟା ପ୍ରତିସ୍ୱନ । ଅବସ୍ତୁଠାରେ ବସ୍ତୁଜ୍ଞାନ ॥ 15
ଭୟ-ମୋହକୁ ଜନମାନ୍ତି । ତେସନେ ଦେହ ଆଦି ଭ୍ରାନ୍ତି ॥ 16
ଏଣୁ ହୋ ମିଥ୍ୟା-ଜ୍ଞାନ ଲାଭେ । ଏ ଜୀବ ଜନ୍ମମୃତ୍ୟୁ ଲଭେ ॥ 17
ତୁ ଅବା ବୋଲିବୁ ଏମନ୍ତେ । ଏ ସର୍ବ ସତ୍ୟ ଶ୍ରୁତିପଥେ ॥ 18
ଦେବ ବଚନେ ଅନୁମାନେ । ସତ୍ୟ ନ କହେ ଆତ୍ମାବିନେ ॥ 19
ଏ ଆତ୍ମା ହର୍ତ୍ତାକର୍ତ୍ତା ଦାତା । ଆତ୍ମା ଈଶ୍ୱର ପିତାମାତା ॥ 20
ସୃଷ୍ଟି ପାଳନ ସଂହାରଣ । ଏ ସର୍ବ ଆତ୍ମାର ଭିଆଣ ॥ 21
ଏଣୁ ଅଶେଷ ଚରାଚରେ । ଆତ୍ମା ହୁଁ ସତ୍ୟ ନାହିଁ ପରେ ॥ 22
ପ୍ରକୃତି ନିର୍ମିତ ସଂସାର । ଏଣୁ ଏ ତ୍ରିବିଧ ପ୍ରକାର ॥ 23
ଆତ୍ମାର ସଙ୍ଗ ନାହିଁ ଏଣେ । ଏମନ୍ତ ବିଚାରିଣ ମନେ ॥ 24
ସକଳ ବୁଝି ଦୃଢଚିତ୍ତେ । ଏ ଭ୍ରମ ଛାଡ଼ନ୍ତି ପଣ୍ଡିତେ ॥ 25
ଏଣୁ ଏ ନିଜ ପର ଜ୍ଞାନ । ନ କରି ନିନ୍ଦନ ସ୍ତବନ ॥ 26
କେବଳ ଜ୍ଞାନ ଅନୁମାନେ । ଥିବ ଭାସ୍କର ଯେହ୍ନେ ଶୂନ୍ୟେ ॥ 27
ଆପଣେ କର ଅନୁମାନ । ପ୍ରତ୍ୟକ୍ଷେ ଦେଖିଣ ନୟନ ॥ 28
ଯେ ଅବା ବେଦର ବିଧାନ । ସୁମରି ମୋହର ବଚନ ॥ 29
ଯେ ଆଦି ମଧ୍ୟ ଅବସାନ । ଅସତ୍ୟ ଦେଖି ତ୍ରିଭୁବନ ॥ 30
ଏଣୁ ଅଶେଷ ଶଙ୍କା ତେଜି । ପଣ୍ଡିତ ରହେ ଜ୍ଞାନ ବୁଝି ॥ 31
ଏମନ୍ତ କୃଷ୍ଣମୁଖୁଁ ଶୁଣି । ଉଦ୍ଧବ କହେ ମଞ୍ଜୁବାଣୀ ॥ 32
ମନ ସଂଶୟେ କରଯୋଡ଼ି । କହେ ଗୋବିନ୍ଦ ପାଦେ ପଡ଼ି ॥ 33



ଉଦ୍ଧବ ଉବାଚ

ଶୁଣ ହେ ପ୍ରଭୁ ମାୟାଧର । ଏ ଯେବେ ଅସତ୍ୟ ସଂସାର ॥ 34
ନିର୍ଗୁଣ ନିର୍ବିକାର ଜୀବ । ସର୍ବ ବ୍ୟାପକ ସଦାଶିବ ॥ 35
ଏ ପଞ୍ଚଭୂତ କଳେବର । ନିର୍ମିତ କ୍ଷଣିକ ଭଙ୍ଗୁର ॥ 36
ଜନ୍ମ ମରଣ ଅନୁସରି । କେ ପୁଣ ସଂସାରେ ସଂସାରୀ ॥ 37
କହ ହେ ପ୍ରଭୁ ବିଶ୍ୱେଶ୍ୱର । ଏ ମୋର ଭ୍ରମ ଯାଉ ଦୂର ॥ 38
ଆତ୍ମା ନିର୍ଗୁଣ ନିରଞ୍ଜନ । ନିତ୍ୟ ସାତ୍ତ୍ୱିକମୟ ବ୍ରହ୍ମ ॥ 39
ଏ ଆତ୍ମା ସର୍ବଭୂତେ ବସେ । ଆଦିତ୍ୟ ଯେସନେ ଆକାଶେ ॥ 40
ଇନ୍ଧନ ମଧ୍ୟେ ଅଗ୍ନି ଯେହ୍ନେ । ଜଳନ୍ତେ ଦେଖି ଅନୁମାନେ ॥ 41
ଆତ୍ମା ପ୍ରକାଶ ଏହିମତେ । ପ୍ରତ୍ୟକ୍ଷେ ଦେଖି ଏ ଜଗତେ ॥ 42
ସ୍ୱଭାବେ ଆତ୍ମା ସର୍ବପୂର୍ଣ୍ଣ । ସାକ୍ଷୀ-ସ୍ୱରୂପ ନିରଞ୍ଜନ ॥ 43
ସେ ଯେବେ ରହେ ନିଜପୁରେ । ଜନ୍ମ ମରଣ କେ ସଞ୍ଚରେ ॥ 44
ଆତ୍ମା ଅଖଣ୍ଡ-ନିରଞ୍ଜନ । ସ୍ୱଭାବେ ଦେହ ଅଚେତନ ॥ 45
ଏଣୁ ଏ ସଂସାର କାହାର । ନିଶ୍ଚୟ କହ ଦାମୋଦର ॥ 46
ଉଦ୍ଧବ ବାକ୍ୟ ଶୁଣି ହସି । କହନ୍ତି ପ୍ରଭୁ ବ୍ରହ୍ମରାଶି ॥ 47

ଭଗବାନ ଉବାଚ

ଯାବତ ଦେହେ ଅହଙ୍କାର । ଇନ୍ଦ୍ରିୟ ପ୍ରାଣରେ ସଂଚାର ॥ 48
ତାବତ ଜୀବ ସଞ୍ଚରଇ । ଯେଣୁ ଏହାଙ୍କ ସଙ୍ଗେ ଥାଇ ॥ 49
ଆତ୍ମା ସ୍ୱଭାବେ ନିରଞ୍ଜନ । ନ ଦେଖି ସଂସାର-ଘଟନ ॥ 50
ଏହାଙ୍କ ସଙ୍ଗେ ମୂଢପଣେ । ସଂସାରେ ଭ୍ରମେ ଅକାରଣେ ॥ 51
ଜାଗ୍ରତ ପୁରୁଷ ଯେସନ । ବିଷୟ କରେ ନିତ୍ୟେ ଧ୍ୟାନ ॥ 52
ଶୟନ କାଳେ ସେ ସ୍ୱପନେ । ଦେଖେ ବିବିଧ ଅର୍ଥ ଯେହ୍ନେ ॥ 53
ଶୟନେ ସ୍ୱପ୍ନ ଯେବେ ଦେଖେ । ଅସତ୍ୟ ସତ୍ୟ କରି ଲେଖେ ॥ 54
ସେ ପୁଣି ନିଦ୍ରା ଅବସାନେ । ସକଳ ମିଥ୍ୟା କରି ମଣେ ॥ 55
ଏ ଘେନି ଲୋଭ ଭୟ କ୍ରୋଧ । ହରଷ ବିରସ ପ୍ରମାଦ ॥ 56
ଏ ଆଦି ବିବିଧ ପ୍ରକାରେ । ସର୍ବ ସମ୍ଭବ ଅହଙ୍କାରେ ॥ 57
ଜନମ-ମୃତ୍ୟୁ ଆଦି ଯେତେ । ଆତ୍ମାର ନୋହେ କଦାଚିତେ ॥ 58

ଦେହ ଇନ୍ଦ୍ରିୟ ମନ ପ୍ରାଣ । ଏଣେ ଯାହାର ଅଭିମାନ ॥ 59
ସେ ଜୀବ ରୂପେ ସୂକ୍ଷ୍ମ ଦେହେ । ତ୍ରିଗୁଣେ ଜନମୃତ୍ୟୁ ବହେ ॥ 60
କାଳର ବଳେ ଏ ସଂସାରେ । ଭ୍ରମେ ତ୍ରିଗୁଣ-ଅହଙ୍କାରେ ॥ 61
ଏ ଅହଙ୍କାର ବନ୍ଧ କହି । ନିବୃତ୍ତି ମୁକତି ବୋଲାଇ ॥ 62
ମୂଳ ଏହାର ଅପ୍ରକାଶ । ବିବିଧ ରୂପେ ହୋଏ ଦୃଶ୍ୟ ॥ 63
ମନ-ବଚନ-ଦେହ-ପ୍ରାଣେ । ପ୍ରକାଶ ହୋଏ ନାନା କର୍ମେ ॥ 64
ଯେ' ପାରେ ଗୁରୁ ଆଶ୍ରେ କରି । ଜ୍ଞାନ-ଖଡ଼ଗ କରେ ଧରି ॥ 65
ନିବୃତ୍ତି କରି ବୁଦ୍ଧିମାନ । ତେଜଇ ସେ ଦୃଢ-ବନ୍ଧନ ॥ 66
ତୃଷା ବର୍ଜିତ ନିର୍ବିକାରେ । ଆନନ୍ଦେ ଭ୍ରମଇଁ ସଂସାରେ ॥ 67
ବେଦ ତପସ୍ୟା ପ୍ରତ୍ୟକ୍ଷରେ । ଗୁରୁବଚନ ତର୍କଦ୍ୱାରେ ॥ 68
ବିଚାରି ଜାଣିବ ନିରୋଳେ । ଯେ ଥାଇ ଆଦି ଅନ୍ତଃକାଳେ ॥ 69
ଈଶ୍ୱର ସର୍ବହେତୁ ସେହି । ମଧ୍ୟେ ସେ ଜଗତ ବୋଲାଇ ॥ 70
ଏଣେ ବିବେକ ଯା'ର ହୋଇ । ଜାଣିବ ଜ୍ଞାନୀ ସେ ଅଟଇ ॥ 71
ସୁବର୍ଣ୍ଣେ ନାନା ଦ୍ରବ୍ୟ ଯେହ୍ନେ । ଧରଇ ନାନା ରୂପ ଭିନ୍ନେ ॥ 72
ରୂପ ବିନାଶେ ସେ ସୁବର୍ଣ୍ଣ । ଏ ଭାବେ ଜଗତ ଅଭିନ୍ନ ॥ 73
ମୋହର ତହୁଁ ସମ୍ଭବଇ । କାଳେ ପ୍ରବେଶ ମୋ'ର ତହିଁ ॥ 74
ଜାଗ୍ରତ-ସ୍ୱପ୍ନ-ସୁଷୁପ୍ତିରେ । କି ଅବା ସମାଧି ବିଧିରେ ॥ 75
କାର୍ଯ୍ୟକାରଣ କର୍ତ୍ତା ରୂପେ । ଜଗତ ମଧ୍ୟେ ଯେହୁ ବ୍ୟାପେ ॥ 76
ପରମବ୍ରହ୍ମ ସତ୍ୟ ସେହି । ଉଦ୍ଭବ ସାକ୍ଷୀରୂପେ ଥାଇ ॥ 77
ଆଗେ ନ ଥିଲା ପଛେ ନାହିଁ । ମଧ୍ୟରେ ନାମମାତ୍ର ଥାଇ ॥ 78
କର୍ତ୍ତା କାରଣୁଁ ସମ୍ଭବଇ । ଭିନ୍ନ ନାମରେ ପ୍ରକାଶଇ ॥ 79
ଉଦ୍ଭବ ଅସତ୍ୟ ସେ ଜାଣ । କର୍ତ୍ତା କାରଣୁ ନୋହେ ଭିନ୍ନ ॥ 80
ରାଜସ ବିକାର ଜଗତ । ସର୍ଜନା ଅଟେ ପଞ୍ଚଭୂତ ॥ 81
ବ୍ରହ୍ମା ଅଟନ୍ତି ସ୍ୱୟଂଜ୍ୟୋତି । ଏଣୁ ସେ ନିଜେ ପ୍ରକାଶନ୍ତି ॥ 82
ଇନ୍ଦ୍ରିୟ ଅର୍ଥ ଆତ୍ମା ମନ । ଏ ଆଦି ନୋହେ ବିଦ୍ୟମାନ ॥ 83
ତଥାପି ବ୍ରହ୍ମମୟ ଏହି । ଯେଣୁ ପ୍ରକାଶ ତା'ର ହୋଇ ॥ 84
ଏ ରୂପେ ବ୍ରହ୍ମ ବିବେକରେ । ଗୁରୁବଚନ ଧରି ଶିରେ ॥ 85



ଜାଣିଣ ବ୍ରହ୍ମକୁ ସାକ୍ଷାତେ । ଇନ୍ଦ୍ରିୟ ଭୋଗ ଛାଡ଼ି ଚିତ୍ତେ ॥ 86
ଦେହାତ୍ମଭାବ ପରିହରି । ବ୍ରହ୍ମ ଆନନ୍ଦେ ମୋଦଭରି ॥ 87
ଆତ୍ମସନ୍ଦେହ ତେଜି ଦୂରେ । ଆନନ୍ଦେ ଭ୍ରମିବ ସଂସାରେ ॥ 88
ଦେହ ଇନ୍ଦ୍ରିୟ ଦେହୀ ପ୍ରାଣ । ପବନ ଜଳ ହୁତାଶନ ॥ 89
କ୍ଷିତି ଗଗନ ଅହଂକୃତି । ବୁଦ୍ଧି ତନମାତ୍ରା ପ୍ରକୃତି ॥ 90
ଏ କେହି ଆତ୍ମା ନୋହେ ଜାଣ । ଅନ୍ନବିକାର ଏ ପ୍ରମାଣ ॥ 91
ଏଣେ ବିବେକ ଅଟେ ଯା'ର । ସେ ପ୍ରାଣୀ ଜ୍ଞାନବନ୍ତ ନର ॥ 92
ମୋ'ର ସ୍ୱରୂପ ହୃଦେ ଯା'ର । ପ୍ରକାଶ ହୋଏ ନିରନ୍ତର ॥ 93
ତାହାର ଇନ୍ଦ୍ରିୟ ସକଳେ । ଆୟତ୍ତ ହେଲେ ବା ନ ହେଲେ ॥ 94
ତହିଁରେ ତାର ଗୁଣଦୋଷ । କି ଅବା ହୋଇବ ପ୍ରକାଶ ॥ 95
ମେଘ ଢାଙ୍କଇ କିବା ନାହିଁ । ରବିର ହାନି ଲାଭ କାହିଁ ॥ 96
ଆକାଶେ ଯେହ୍ନେ ଅଗ୍ନି ଜଳେ । ପବନ ସେ ଆକାଶେ ଚଳେ ॥ 97
ଧୂଳିରେ ଧୂସର ଦିଶଇ । କି ଅବା ଜଳ ବରଷଇ ॥ 98
କି ଅବା ଷଡ଼ଋତୁ ଗୁଣ । ଉଷ୍ଣ ଶୀତଳ ଆଦି ପୁଣ ॥ 99
ଆକାଶେ ଗତାଗତ ହୋନ୍ତି । ଯେହ୍ନେ ଆକାଶେ ନ ଲାଗନ୍ତି ॥ 100
ତେହ୍ନେ ତ୍ରିଗୁଣ ଅହଙ୍କାର । ଯେବା ସଂସାର ବ୍ୟବହାର ॥ 101
ଏଣେ ମୋହର ସଙ୍ଗ ନାହିଁ । ଅକ୍ଷୟ ପରଂବ୍ରହ୍ମ ମୁହିଁ ॥ 102
ତଥାପି ଯାବତ ମୋ'ଠାରେ । ସୁଦୃଢ ଭକ୍ତିଯୋଗ ବଳେ ॥ 103
ରାଜସ-ରୂପ-ମନ-ମୂଳ । ନିବୃତ୍ତ ନୁହଁନ୍ତି ସକଳ ॥ 104
ତାବତ ମାୟାଗୁଣ ସଙ୍ଗ । ବିଷୟ କର ପରିତ୍ୟାଗ ॥ 105
ଯେସନେ ଦେହେ ବ୍ୟାଧିଶେଷ । ଅପଥ୍ୟେ ବଢଇ ବିଶେଷ ॥ 106
ତେସନେ ବିଷୟର ସଙ୍ଗ । କୁଯୋଗୀ ଯୋଗ କରେ ଭଙ୍ଗ ॥ 107
ଯେ ଯୋଗୀ ଯୋଗମାର୍ଗେ ଥା'ନ୍ତି । ଦେବେ ତାହାଙ୍କ ବିଘ୍ନ ଚିନ୍ତି ॥ 108
କପଟେ ମନୁଷ୍ୟ ରୂପରେ । ତାହାଙ୍କୁ ଯୋଗଭ୍ରଷ୍ଟ କରେ ॥ 109
ସେ ପୁଣି ପାଇ ଦେହାନ୍ତର । ପ୍ରାକ୍ତନ ବଳେ ବାରମ୍ବାର ॥ 110
ଯୋଗ ଅଭ୍ୟାସେ ହୋଇ ରତ । ନୁହଇ କେବେ କର୍ମତନ୍ତ୍ର ॥ 111
କର୍ମର ବଳେ ଜନ୍ମ ମୃତ୍ୟୁ । କର୍ମେ ସଂସାରେ ପଡ଼େ ଜନ୍ତୁ ॥ 112

ଯେବେ ତା ଜ୍ଞାନ ଉଦେ ହୋଇ । ପୁଣି ସଂସାରେ ନ ପଡ଼ଇ ॥ 113
ଛାଡ଼ଇ ଦେହାଦିର ଧର୍ମ । ଅଖଣ୍ଡ ସୁଖରେ ନିମଗ୍ନ ॥ 114
ଆସନ ଶୟନ ଗମନ । ମଳ ମୂତ୍ରାଦି ବିସର୍ଜନ ॥ 115
ଦର୍ଶନ ସ୍ପର୍ଶନ ଭୋଜନ । ଏ ଦେହ ସ୍ୱାଭାବିକ ଧର୍ମ ॥ 116
ଏଣେ ତା ଦୃଷ୍ଟି ହିଁ ନ ଥାଇ । ଆତ୍ମା ପ୍ରକାଶ ଯା'ର ହୋଇ ॥ 117
ଅସତ୍ୟ ଇନ୍ଦ୍ରିୟଙ୍କ ଅର୍ଥ । ଯେବେ ହୁଅଇ ଚିତ୍ତେ ଜାତ ॥ 118
ସ୍ୱପନେ ନାନାକାର ଯେହ୍ନେ । ଛାଡ଼ଇ ଅନୁମାନେ ତେହ୍ନେ ॥ 119
ଆତ୍ମା ବାହାରେ ଆନ ସତ୍ୟ । ନ ମଣେ ଯେ ଜନ ପଣ୍ଡିତ ॥ 120
ଆତ୍ମାର ବନ୍ଧନ ମୁକତି । ଅଜ୍ଞାନ ବଳରୁ ପ୍ରତୀତି ॥ 121
ଅଜ୍ଞାନ ନିବର୍ତ୍ତିଲେ ଜ୍ଞାନେ । ଆତ୍ମାକୁ ନିର୍ବିକାର ଜାଣେ ॥ 122
ସୂର୍ଯ୍ୟ ଉଦୟେ ତମ ନାଶେ । ଜଗତ ସ୍ୱରୂପେ ପ୍ରକାଶେ ॥ 123
ନ ଥାଏ କିଛି ତା' ବିକାର । କେବଳ ପ୍ରକାଶ ମାତର ॥ 124
ତେସନେ ମୋର କୃପାଦୃଷ୍ଟି । ଖଣ୍ଡଇ ସକଳ ଅରିଷ୍ଟି ॥ 125
ଅଜ୍ଞାନ ତମ ଯାଏ ଦୂର । ଦିଶଇ ଆତ୍ମା ନିର୍ବିକାର ॥ 126
ଏ ଆତ୍ମା ସ୍ୱୟଂ ଜ୍ୟୋତିଷ୍ମନ୍ତ । ଅଜ ଅପ୍ରମେୟ ଅନନ୍ତ ॥ 127
ଯେ ଦେଶକାଳ-ପରିଛିନ୍ନ । ନାହିଁ ଯା' କ୍ଷୟବୃଦ୍ଧିମାନ ॥ 128
ଏକ ଦ୍ୱିତୀୟ ନାହିଁ ଯା'ର । ମନ ବଚନେ ଅଗୋଚର ॥ 129
ତା'ର ଚାଳନେ ବାକ୍ୟ ପ୍ରାଣ । ସଂସାରେ ସଂଚରନ୍ତି ଜନ ॥ 130
ଯେ ଏକଆତ୍ମା ବ୍ରହ୍ମରୂପ । ତା' ଠାରେ କରନ୍ତି ବିକଳ୍ପ ॥ 131
ଯେତେ ଏ ବିକଳ୍ପ ସଞ୍ଚାର । ଆତ୍ମା ଆଶ୍ରୟ ଏହାଙ୍କର ॥ 132
ରଜତ ଭ୍ରମ ପ୍ରାଣୀ ମନେ । କାହୁଁ ହୋଇବ ଶୁକ୍ତି ବିନେ ॥ 133
ଏଣୁ ଏ ଆତ୍ମା ସତ୍ୟଧାମ । ବିକଳ୍ପ ମନର ଯେ ଭ୍ରମ ॥ 134
ନାମ ରୂପ ଯେ ପଞ୍ଚଭୂତ । ଏଣେ ଯେ ଶରୀର ନିର୍ମିତ ॥ 135
ତାହାକୁ ସତ୍ୟ ମନେକରି । ବେଦାନ୍ତ ତତ୍ତ୍ୱ ନ ବିଚାରି ॥ 136
ପଣ୍ଡିତ ପଣେ ଅହଙ୍କାରେ । ବିଅର୍ଥେ ଅର୍ଥବାଦ କରେ ॥ 137
ଅପକ୍ୱ ଯୋଗ-ଯୋଗୀଙ୍କର । ଯେ ବିଘ୍ନ ଶରୀରୁ ବାହାର ॥ 138
ସେ ବିଘ୍ନ ଯେଣେ ନାଶ ଯାଇ । ସେ ବିଧି ଶୁଣ ମୁଁ କହଇ ॥ 139



ଶୀତ ତପତି ଦେହକ୍ଲେଶ । ଯେ ଅବା ବାତ ଆଦି ଦୋଷ ॥ 140
ନାଶିବ ଯୋଗ-ଧାରଣାରେ । ଯେ ପ୍ରଣାୟାମ ଆସନରେ ॥ 141
ତପରେ ତାପ ମନ୍ତ୍ରେ ଗ୍ରହ । ଔଷଧେ ସର୍ପ ଆଦି ଭୟ ॥ 142
ଏମନ୍ତେ ବିଘ୍ନକୁ ନିବାରି । ଯୋଗ ସାଧିବ ଯତ୍ନ କରି ॥ 143
ମୋ ଧ୍ୟାନ ନାମ ସଙ୍କୀର୍ତ୍ତନେ । ନାଶିବ କାମ ଆଦି ବିଘ୍ନେ ॥ 144
ଭକ୍ତ-ଯୋଗୀଙ୍କ ସେବା ଭାବେ । ନାଶିବ ମାନ-ମଦ-ଦମ୍ଭେ ॥ 145
କେ ଅବା ଏ ସବୁ ଉପାୟେ । ଦୃଢ଼ କରିଣ ଯୁବା ଦେହେ ॥ 146
ପ୍ରବେଶ ପରକାୟ ଆଦି । ଯୋଗେ ସାଧନ୍ତି ସର୍ବସିଦ୍ଧି ॥ 147
ଫଳର ପ୍ରାୟେ ଏ ଶରୀର । ବୃକ୍ଷର ପ୍ରାୟ ଆତ୍ମା ଚିର ॥ 148
ଏଣୁ ପଣ୍ଡିତମାନଙ୍କର । ଦେହରେ ନ ଥାଇ ଆଦର ॥ 149
ଦେହର ବିଘ୍ନନାଶ ଅର୍ଥେ । କେ ଅବା ସାଧଇ ନିରତେ ॥ 150
ଯେ ଅବା ବୁଦ୍ଧିମନ୍ତ ଜନେ । ନ କରି ଶ୍ରଦ୍ଧା ଦେହଧର୍ମେ ॥ 151
ଏ ଯୋଗେ ନ ବଳାଇ ଚିତ୍ତ । ଶରଣ ମୋ'ର ପାଦଗତ ॥ 152
ମୋ'ର ଆଶ୍ରୟ ହୋଇ ଯୋଗୀ । ଯୋଗସାଧନେ ଯେବେ ଲାଗି ॥ 153
ବିଘ୍ନ ତାହାକୁ ନ ଲାଗଇ । ପରମ ଆନନ୍ଦେ ରମଇ ॥ 154
ଏ ରୂପେ ଜ୍ଞାନଯୋଗ ହରି । ଉଦ୍ଧବେ କହିଲେ ବିସ୍ତାରି ॥ 155
ଚିତ୍ତେ ଯେ ଥିଲା ଅହଙ୍କାର । ଗୋବିନ୍ଦ ତାହା କଲେ ଦୂର ॥ 156
ପରମଜ୍ଞାନ-ଉପଦେଶେ । ଗୋବିନ୍ଦ ଖଣ୍ଡିଲେ ବିଶେଷେ ॥ 157
ସଂସାରଭାବ ଭାବଗ୍ରାହୀ । ଅଜ୍ଞାନ-କଳ୍ପିତ ବୁଝାଇ ॥ 158
ଉଦ୍ଧବ ଚିତ୍ତେ ମୋହପାଶି । ଜ୍ଞାନ ଖଡ଼ଗେ ତାହା ନାଶି ॥ 159
ଜ୍ଞାନ ବୁଝାଇ ଭାବବଶେ । ଭକତିଯୋଗ କହି ଶେଷେ ॥ 160
କୃଷ୍ଣଚରିତ ଭାଗବତ । କହଇ ଦାସ ଜଗନ୍ନାଥ ॥ 161
ସଂସାରଜନେ ଏହା ଶୁଣି । ତରିବେ ଭବତରଙ୍ଗିଣୀ ॥ 162

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଊନତ୍ରିଂଶୋଽଧ୍ୟାୟଃ ॥

## ତ୍ରିଂଶ ଅଧ୍ୟାୟ

ଯୋଗସାଧନ ତତ୍ୱବାଣୀ । ଉଦ୍ଧବ କୃଷ୍ଣମୁଖୁଁ ଶୁଣି ॥ 1
ସଂଶୟମନେ କରଯୋଡ଼ି । ବୋଲେ ଗୋବିନ୍ଦ ପାଦେ ପଡ଼ି ॥ 2

ଉଦ୍ଧବ ଉବାଚ

ଭୋ ନାଥ ପ୍ରଭୁ ଦାମୋଦର । ଶୁଣିଲି ଯୋଗର ବିଚାର ॥ 3
କ୍ଷଣଭଙ୍ଗୁର ଦେହ ଧରି । କେ ଅବା ପାରେ ସାଧ କରି ॥ 4
ସୁଖେ ଅଳପେ ସାଧ କରି । ତୋ' ମାୟା କେମନ୍ତେ ନିସ୍ତରି ॥ 5
ଅନେକ ଜନ୍ମେ ଯୋଗୀ ନରେ । ଯୋଗ ସାଧନ୍ତି ଏ ସଂସାରେ ॥ 6
ଧାନ-ଧାରଣା-ଦୃଢ଼ାସନେ । ଚିତ୍ତ ସଂଯମି ସାବଧାନେ ॥ 7
ସେ ଯୋଗ ସାଧି ଏ ସଂସାରେ । କେ ଅବା ପାରେ କେ ନ ପାରେ॥ 8
ଏଣୁ ସଂସାରେ କେବା ଜନ । ସାଧିବ ଯୋଗେ ତତ୍ତ୍ୱଜ୍ଞାନ ॥ 9
ଉପାୟ କହ ନାଥ ମୋତେ । ଏ ଜୀବ ନିସ୍ତରେ କେମନ୍ତେ ॥ 10
ସୂକ୍ଷ୍ମେ ଅଳପେ ସାଧ କରି । ତୋ' ମାୟାଘୋରୁ ଯିବି ତରି ॥ 11
ପଦ୍ମନୟନ ବିଶ୍ୱେଶ୍ୱର । ତୁ ନାଥ ଯଦୁବୀରବର ॥ 12
ତୋହର ଅଭୟପୟର । ବ୍ରହ୍ମ ଆନନ୍ଦ ସୁଖଘର ॥ 13
ସେ ପାଦପଦ୍ମ ଆଶ୍ରେ କଲେ । ଜୀବ ସଂସାରୁ ତରେ ଭଲେ ॥ 14
ସାର-ଅସାର ବିଚାରଣେ । ଭୟେ ଭାଜିଲେ ବୁଧଗଣେ ॥ 15
ଭକତିଯୋଗ ସାଧ କରି । ଭବୁଁ ଭକତେ ଯା'ନ୍ତି ତରି ॥ 16
ଯୋଗୀଏ ଯୋଗମାର୍ଗେ ଭ୍ରମି । ଫୁଟି ହୁଅନ୍ତି ପଥଶ୍ରମୀ ॥ 17
ଏ ତୋ ବିଚିତ୍ର ଗତି ମାୟା । କେ ଜାଣିପାରେ ପ୍ରଭୁ ଏହା ॥ 18
ଭୋ ନାଥ ମୋତେ କୃପାକର । ଏ ଘୋର ସଙ୍କଟୁ ଉଦ୍ଧର ॥ 19
ଅନ୍ୟ ଶରଣ ନାହିଁ ଯା'ର । ତୋତେ ଯେ ଭଜେ ନିରନ୍ତର ॥ 20
ତୁ ନାଥ ହେଉ ତା' ବିଶ୍ୱାସ । ଦଣ୍ଡେ ନ ଛାଡୁ ତା'ର ପାଶ ॥ 21
ଏ କଥା ଅଦ୍ଭୁତ କି ତୋତେ । ତୁ ଯେ ଭକତଜନ ହିତେ ॥ 22
ବାନର ଭାଲୁଙ୍କର ମେଳେ । ତୋ' ଅବତାର ମହୀତଳେ ॥ 23
ରାମ ସ୍ୱରୂପେ ନିଜ ଅଂଶେ । ତୋହର ଜନ୍ମ ରଘୁବଂଶେ ॥ 24
ସୁରେନ୍ଦ୍ର କିରୀଟ ଅଗ୍ରତ । ତୋ' ପାଦରେଣୁରେ ଭୂଷିତ ॥ 25



ଏମନ୍ତ ପ୍ରଭୁ ନିଜ ଅଙ୍ଗେ । ବାନର ଭାଲୁଙ୍କର ସଙ୍ଗେ ॥ 26
ଏଣୁ ତୋ ମହିମା ଅଦ୍ଭୁତ । କେ ମୁଖେ କହୁ ଗୋପୀନାଥ ॥ 27
ତୁ ନାଥ ଜଗତ ଜୀବନ । ଦରିଦ୍ର ପ୍ରାଣୀଙ୍କର ଧନ ॥ 28
ଅଶେଷ ଭୁବନ କାରଣ । ତୁ ନାଥ ଜଗତଧାରଣ ॥ 29
ତୁ ନାଥ ଭୂତତତ୍ତ୍ୱଜ୍ଞାତା । ଅଶେଷ କର୍ମଫଳଦାତା ॥ 30
ତୁ ପିତାମାତା ଦାଶରଥି । ଅଶେଷ ଜଗତର ପତି ॥ 31
ତୋ' ପାଦସେବା ପରିହରି । କେ ପାରେ ଭବସିନ୍ଧୁ ତରି ॥ 32
ଯେ ତୋ'ର ମହିମା ନ ଜାଣି । ଅନ୍ୟ ଦେବତା ପୂଜେ ଆଣି ॥ 33
ତପ ସମାଧି ଯୋଗବନ୍ଧେ । କି ଅବା ମୋକ୍ଷଧର୍ମ ସାଧେ ॥ 34
କେବଳ ଅଚେତନ ସେହି । ତାହାର କର୍ମସିଦ୍ଧି କାହିଁ ॥ 35
ମାୟା ମୋହିତ ରଜ ତମେ । ବିଧାତା ରହେ ତା'ର ବାମେ ॥ 36
ଯେ ଯେତେରୂପେ ଭଜେ ତୋତେ । ତୁ ଥାଉ ତାହାଙ୍କ ଅଗ୍ରତେ ॥ 37
କରୁ ତାହାଙ୍କ ଉପକାର । ଏଣୁ ଭକତେ ତୋ' କିଙ୍କର ॥ 38
ଏ ଭାବେ ବ୍ରହ୍ମଜ୍ଞାନୀ ଜନେ । ତୋ' ନାମ ଉଚ୍ଚାରି ବଦନେ ॥ 39
ରୋମ ହରଷେ ତୋତେ ଚିନ୍ତି । ଆନନ୍ଦ ସାଗରେ ଭାସନ୍ତି ॥ 40
ତୋ' ଗୁଣ ଖୋଜି କେ ପାରଇ । ବ୍ରହ୍ମା ଆୟୁଷେ ଦେହ ବହି ॥ 41
ତୋ' ପାଦପଦ୍ମ ସୁଧା ଆଶେ । ଭକତ ବନ୍ଧା ପ୍ରେମପାଶେ ॥ 42
ଭୋ ନାଥ ତୋ'ର ଅବତାର । ଅଶେଷ ପ୍ରାଣୀଙ୍କ ଉଦ୍ଧାର ॥ 43
ଏ ଘୋରମାୟା ମୋହ କଷ୍ଟେ । ଜୀବ ଉଦ୍ଧାରୁ ଗୁରୁ ରୂପେ ॥ 44
ତୁ ଅନ୍ତର୍ଯ୍ୟାମୀ ରୂପ ଧରି । ଦୁରିତ ଖଣ୍ଡୁ ନରହରି ॥ 45
ଏଣୁ ତୁ ଜଗତକାରଣ । ଅଶେଷେ ଜୀବ ତୋ' ଶରଣ ॥ 46

ଶୁକ ଉବାଚ

ଏମନ୍ତ ଉଦ୍ଧବର ବାଣୀ । ଶୁଣି ସନ୍ତୋଷ ଚକ୍ରପାଣି ॥ 47
ତ୍ରିମୂର୍ତ୍ତି ଧାରୀ ଯେ ଈଶ୍ୱର । ଜଗତ ଯାର ଖେଳଘର ॥ 48
ବିମ୍ବ ଅଧରେ ମନ୍ଦେ ହସି । ଉଦ୍ଧବେ କହନ୍ତି ଆଶ୍ୱାସି ॥ 49

ଭଗବାନ ଉବାଚ

ଶୁଣ ଉଦ୍ଧବ ସାଧୁ ଧୀର । ଯେ ଧର୍ମ ପରମ ମଙ୍ଗଳ ॥ 50

ଯେ ଧର୍ମ ଆଚରିଣ ନର । ହେଲେ ଖଣ୍ଡଇ ମୃତ୍ୟୁକାଳ ॥ 51
ମୋହର ଅର୍ଥେ କର୍ମ କର । ସର୍ବ ଆରମ୍ଭ ଛାଡ଼ି ସ୍ମର ॥ 52
ନିର୍ମଳ କର ବୁଦ୍ଧି-ମନ । ମୋର ଚରଣେ କର ଧାନ ॥ 53
ପୀରତି କରି ଶ୍ରଦ୍ଧାଚିତ୍ତେ । କର୍ମ ତୁ କର ମୋର ଅର୍ଥେ ॥ 54
ପବିତ୍ର ଭୂମି ପୁଣ୍ୟଦେଶେ । ମୋର ଭକତଜନ ପାଶେ ॥ 55
ମୋର ଭକତ ବସେ ଯହିଁ । ସକଳତୀର୍ଥ ଥାନ୍ତି ତହିଁ ॥ 56
ଯେ ଧର୍ମ କରେ ମୋ ଭକତ । ଉଦ୍ଧବ କର ସେହି ମତ ॥ 57
ମୋ ଯାତ୍ରା-ପର୍ବ-ମହୋତ୍ସବ । ଆନନ୍ଦେ କର ହେ ଉଦ୍ଧବ ॥ 58
ନାମକୀର୍ତ୍ତନ ନୃତ୍ୟଗୀତେ । ମଙ୍ଗଳ କର ଅନୁବ୍ରତେ ॥ 59
ମୋର ମଙ୍ଗଳେ ସର୍ବସିଦ୍ଧି । ଯେ ମୋର ମହୋତ୍ସବ ବିଧି ॥ 60
ସକଳ କର୍ମଫଳ ତେଜ । ସର୍ବ ସମ୍ପୂର୍ଣ୍ଣେ ମୋତେ ଭଜ ॥ 61
ସକଳ ଭୂତେ ବାସ ମୋ'ର । ମୁଁ ସର୍ବ ଅନ୍ତର ବାହାର ॥ 62
ଉଦ୍ଧବ କର ମୋତେ ଧାନ । ମୋ ବିନୁ କିଛି ନାହିଁ ଆନ ॥ 63
ମୁଁ ନିରାଲମ୍ବ ନିରାଧାରେ । ବସଇ ସକଳ ଶରୀରେ ॥ 64
ସ୍ୱଭାବେ ମୁହିଁ ବିଶ୍ୱରୂପୀ । ଦେଖ ଗଗନ ଯେହ୍ନେ ବ୍ୟାପୀ ॥ 65
ଏଣୁ ମୁଁ ସର୍ବଭୂତେ ଥାଇ । ପର ଅପର ମୋ'ର ନାହିଁ ॥ 66
ଏ ଘେନି ସକଳ ସମାନେ । ଦେଖୁ ତୁ ପ୍ରେମ-ତତ୍ତ୍ୱଜ୍ଞାନେ ॥ 67
ବ୍ରାହ୍ମଣ କ୍ଷତ୍ରି ବୈଶ୍ୟ ଶୂଦ୍ର । ପତିତ ଚଣ୍ଡାଳ ବା କ୍ଷୁଦ୍ର ॥ 68
ସର୍ବ ସମାନ ଦେଖ ଚିତ୍ତେ । ଶୁଣ କହିବା କିଛି ମୋତେ ॥ 69
ଅଗ୍ନି କଣିକା ବଡ଼ସାନ । ଅନଳୁ ନୁହଇ ନା ଆନ ॥ 70
ରବି ଶଶାଙ୍କ ରଶ୍ମି ଯେତେ । ପ୍ରକାଶ ହୋନ୍ତି ଦିବାରାତ୍ରେ ॥ 71
ବିଚାରେ ଚନ୍ଦ୍ରସୂର୍ଯ୍ୟ ସେହି । ଏମନ୍ତେ ସର୍ବଭୂତେ ମୁହିଁ ॥ 72
କ୍ରୂର ଅକ୍ରୂର ଯେତେ ଜନ । ତାହାଙ୍କୁ ଦେଖିବ ସମାନ ॥ 73
ଏମନ୍ତ ଚିନ୍ତେ ଯା'ର ଚିତ୍ତ । ତାହାକୁ ବୋଲି ସୁପଣ୍ଡିତ ॥ 74
ମୁହିଁ ବସଇ ସର୍ବଭୂତେ । ଏମନ୍ତେ ଦେଖୁଥିବ ନିତ୍ୟେ ॥ 75
ମଦ ମାତ୍ସର୍ଯ୍ୟ ଅହଙ୍କାର । କ୍ରମେ ସକଳ ହୋନ୍ତି ଦୂର ॥ 76
ଶ୍ୱାନ ଚଣ୍ଡାଳ କୃମି ଖର । ଗୋ ଅଶ୍ୱ ବାନର ଶୂକର ॥ 77



ଏ ଆଦି ପ୍ରାଣୀ ସାନବଡ଼େ । ଯେ ଆସି ମିଳିବ ନିଆଡ଼େ ॥ 78
ଦେଖି କପୋଳେ କର ଦେଇ । ଭୂମିରେ ଦଣ୍ଡପ୍ରାୟ ଶୋଇ ॥ 79
ଦୂରେ ନିବେଶି ଲଜ୍ଜାମାନ । ଚରଣେ କରିବ ପ୍ରଣାମ ॥ 80
ତାହାଙ୍କ ଗୁଣ ଦୋଷ ଯେତେ । ମନେ ନ ଧରି କ୍ଷମ ଚିତ୍ତେ ॥ 81
ଈଶ୍ୱର ବସେ ସର୍ବଦେହେ । ଏ ଘେନି ନମିବ ନିର୍ଭୟେ ॥ 82
ସମସ୍ତ ଭୂତେ ମୋ'ର ଭାବ । ଯାବତ ନୋହିଛି ସମ୍ଭବ ॥ 83
ତାବତ ଉପାସନା ମୋ'ର । ମନ ବଚନ କାୟେ କର ॥ 84
ଏ ରୂପେ ଉପାସନ୍ତେ ମୋତେ । ଈଶ୍ୱର ଦେଖି ସର୍ବଭୂତେ ॥ 85
ଆତ୍ମା ସାକ୍ଷାତ ହୁଏ ଯେବେ । ଛାଡ଼ିବ ସର୍ବକାମ ତେବେ ॥ 86
ଏ ରୂପେ କରନ୍ତେ ବିଚାର । ଛାଡ଼ଇ ଭେଦ ତୋ'ର ମୋ'ର ॥ 87
କାୟରେ ମନ ବଚନରେ । ମୋ' ଭାବ ସର୍ବଭୂତେ କରେ ॥ 88
ଏହି ସେ ସର୍ବଧର୍ମସାର । ଏ ବାକ୍ୟ ସମ୍ମତ ମୋହର ॥ 89
ଉତ୍ତମ ଗତି ଏ ବୋଲାଇ । ଏମନ୍ତ ମାର୍ଗେ ମୋତେ ପାଇ ॥ 90
ଏ ଧର୍ମ ଅନୁଭବ ମାତ୍ରେ । ତିଳେ ବିଚ୍ଛେଦ ନୋହେ ଗାତ୍ରେ ॥ 91
କେବଳ କର୍ମଫଳ ତ୍ୟାଗେ । ରମିବ ମୋର ଅନୁରାଗେ ॥ 92
ଏ ଧର୍ମ ପରମ ମଙ୍ଗଳ । କେବେହେଁ ନାଶ ନାହିଁ ତା'ର ॥ 93
ମୁହିଁ ଏ ଧର୍ମ ଆଶ୍ରେ କରି । ସଂସାର ବହେ ଅବତରି ॥ 94
ଶୁଣ ଉଦ୍ଧବ ସାଧୁ ଧୀର । ଏ ଧର୍ମ ଆଚାର ମୋହର ॥ 95
ଏ ଧର୍ମ ନ ଜାଣି ଯେ ନର । କରଇ ଲୋକ-ବ୍ୟବହାର ॥ 96
ସେ ବ୍ୟର୍ଥ-କର୍ମେ କ୍ଳେଶ ପାଇ । ତା ଯେବେ ମୋତେ ସମର୍ପଇ ॥ 97
ସେ ନର ଭବସିନ୍ଧୁ ତରେ । ନ ପଡ଼େ ମୋହ-ଅନ୍ଧକାରେ ॥ 98
ଏ ଧର୍ମମାର୍ଗେ ବୁଧଜନ । ତରିଲେ ସଂସାର ଗହନ ॥ 99
ଏଣୁ ଅସତ୍ୟମୟ ଦେହେ । ଯେ ସତ୍ୟ ସାଧନ୍ତି ଉପାୟେ ॥ 100
କେବଳ ଲଭନ୍ତି ସେ ମୋତେ । ଶୁଣ ଉଦ୍ଧବ କହୁଁ ତୋତେ ॥ 101
ଏ ସର୍ବଧର୍ମ ବେଦସାର । ମୁନିଜନଙ୍କୁ ଅଗୋଚର ॥ 102
ଉଦ୍ଧବ କହିଲି ମୁଁ ସତ୍ୟ । ଏ ଯେ ପରମଜ୍ଞାନତତ୍ତ୍ୱ ॥ 103
ଏଣୁ ହୋ ଭବସିନ୍ଧୁ ତରି । ଯେବେ ତୁ ପାରୁ ଦୃଢ଼େ ଧରି ॥ 104

ଏହା ଯେ ଶ୍ରବଣେ ଶୁଣନ୍ତି । ସେ ମୋହଜାଲେ ନ ପଡ଼ନ୍ତି ॥ 105
ଅଶେଷ ପାପ କରିଥିଲେ । ତରନ୍ତି ଶ୍ରବଣେ ଶୁଣିଲେ ॥ 106
ଦୁଷ୍ଟ ପତିତ ଦୁରାଚାର । ସେ ଶୁଣି ଭବୁ ହୋନ୍ତି ପାର ॥ 107
ଏ ଧର୍ମ ବ୍ରହ୍ମ-ନିରୂପଣ । ଶୁଦ୍ଧ ଗୁପତ ସନାତନ ॥ 108
ଏ ଧର୍ମ ସାଧ ଥାଉଁ ଦୂରେ । ଯେ ପ୍ରାଣୀ ଶୁଣି ଶ୍ରଦ୍ଧା କରେ ॥ 109
ସକଳ ପାପୁଁ ସେ ତରଇ । ଅନ୍ତେ ପରମପଦ ପାଇ ॥ 110
ଏ ଧର୍ମ ପରମ ଆଖ୍ୟାନ । ଯେ ମୋର ଭକ୍ତେ କରେ ଦାନ ॥ 111
ଯେବା ଦିଅନ୍ତି ଉପଦେଶ । ଲଭନ୍ତି ଧର୍ମ ପୁଣ୍ୟ ଯଶ ॥ 112
ମୁଁ ତାକୁ ଦେଇ ଆତ୍ମପଦ । ଏଣେ ସେ ନିସ୍ତରେ ପ୍ରମାଦ ॥ 113
ଭକତେ କହେ ଯେ ବିସ୍ତାରି । ସେ ବ୍ରହ୍ମପଦେ ଅଧିକାରୀ ॥ 114
ପରମ ପବିତ୍ର ଏ ବାଣୀ । ସଂସାରୁ ତର ଏହା ଶୁଣି ॥ 115
ଏହା ଯେ ପଢନ୍ତି ଶୁଣନ୍ତି । ପଣ୍ଡିତ ପଣେ ବଖାଣନ୍ତି ॥ 116
ସେ ମୋର ଭକତ ବିଶ୍ୱାସ । ଛେଦଇ ଦୃଢବନ୍ଧ ପାଶ ॥ 117
ଏ ଧର୍ମ ପରମଗୁପତ । ଅନେକ ଜନ୍ମେ ପରାପତ ॥ 118
ବୋଲନ୍ତି ଶ୍ରୀମଧୁସୂଦନ । ବୋଲନ୍ତି ଧନ୍ୟ ତୋ' ଜୀବନ ॥ 119
ଏଣେ ତୁ କର ଦୃଢମନ । ହେଲେ ଲଭିବୁ ଭଗବାନ ॥ 120
ଯେ କାମ କ୍ରୋଧ ଶୋକ ମୋହ । ହେଲେ ଖଣ୍ଡିବୁ ଭବଭୟ ॥ 121
ସଂଶୟ ମୋହ ଜାଲ ସଙ୍ଗେ । ଦଣ୍ଡେ ନ ଥିବ ତୋ'ର ଅଙ୍ଗେ ॥ 122
ଶୁଣ ହୋ ସାବଧାନ ହୋଇ । ଯେମନ୍ତ ଲୋକେ ଏହା କହି ॥ 123
ସାଧୁ ଚରିତ ଲୋକପ୍ରିୟ । ଶୁଚି ପବିତ୍ର ପୁଣ୍ୟଦେହ ॥ 124
ବ୍ରାହ୍ମଣ-ଚରଣେ ଯେ ସେବେ । ଦୋଷ ନ ଧରେ ପରାଭବେ ॥ 125
ଏମନ୍ତ ପ୍ରାଣୀଙ୍କର ମଧ୍ୟେ । ଏ ଧର୍ମ କହିବ ଆନନ୍ଦେ ॥ 126
ଯେ ଶୂଦ୍ର ଭଜେ ମୋର ପଥେ । ମୋ' ନାମ ଜପେ ହୃଦଗତେ ॥ 127
ଯେ ନାରୀ ମୋର ଭାବେ ଥାଇ । ସ୍ୱାମୀସଙ୍ଗତେ ମୋତେ ଧ୍ୟାୟି ॥ 128
ମୋ' ନାମ ମୁଖେ ଯେହୁ ଜପେ । ହରଷେ କି ଅବା ବିଳାପେ ॥ 129
ସେ ପ୍ରାଣୀ ମୋହର ବିଶ୍ୱାସ । ତାହାକୁ ଦେଇ ଉପଦେଶ ॥ 130
ଦାମ୍ଭିକ ନାସ୍ତିକ କପଟୀ । କୁଟୀଳ ବିଷୟ ଲମ୍ପଟୀ ॥ 131



ଭକତି ଶୂନ୍ୟ ମତିହୀନ । ଯେ' ତମଯୁକ୍ତ ମୂଢଜନ ॥ 132
ତାହାଙ୍କୁ ଏ ଧର୍ମ ନ କହି । ଶୁଣ ଉଦ୍ଧବ ମନେଦେଇ ॥ 133
ଏ ଧର୍ମେ ଶ୍ରଦ୍ଧାଯୁକ୍ତ ନର । କି ଧର୍ମ ଅବଶେଷେ ତା'ର ॥ 134
ଯେବେ ଅମୃତ ପାନ କରେ । ଆନ ରସେ କି ମନ ସ୍ଫୁରେ ॥ 135
ଯେ ଜ୍ଞାନକର୍ମ ଯୋଗବୃତ୍ତି । ଯେ ଅବା ଧର୍ମ ଦଣ୍ଡନୀତି ॥ 136
ସାଧନେ ଯେ ଫଳ ପ୍ରତ୍ୟକ୍ଷ । ଯେ ଧର୍ମ ଅର୍ଥ କାମ ମୋକ୍ଷ ॥ 137
ଏ ସର୍ବ ସାଧନେ ଯେ ଲାଭ । ସେ ସର୍ବ ମୁଁ ତୋ'ର ଉଦ୍ଧବ ॥ 138
ଏ ଜ୍ଞାନକର୍ମ ଭକ୍ତିଯୋଗ । ଶୁଣନ୍ତେ ଖଣ୍ଡେ ଭବରୋଗ ॥ 139
ଏ ଧର୍ମ ବୃକ୍ଷରୂପ ହୋଇ । ଭକତଜନ ହୃଦେ ଥାଇ ॥ 140
ଭକତି ଫଳଇ ପ୍ରତ୍ୟକ୍ଷେ । ଯେ ଧର୍ମ ଅର୍ଥ କାମ ମୋକ୍ଷେ ॥ 141
ଏ ଧର୍ମ ଜୀବ ଯେବେ ଭଜେ । ମୋର ଚରଣେ ସର୍ବ ତେଜେ ॥ 142
ନିର୍ବାଣପଦ ତତକ୍ଷଣେ । ଲଭଇ ମୋହର ସ୍ମରଣେ ॥ 143
ତାର ସଂସାର-ମୋହ ତୁଟେ । ସେ ଥାଇ ମୋହର ନିକଟେ ॥ 144

**ଶୁକ ଉବାଚ**

ଉଦ୍ଧବ କୃଷ୍ଣମୁଖୁଁ ଶୁଣି । ତକ୍ଷଣେ ଯୋଡ଼େ ବେନିପାଣି ॥ 145
ପ୍ରେମେ କୁଣ୍ଠିତ କଣ୍ଠଦ୍ୱାର । କାତରେ କମ୍ପଇ ଶରୀର ॥ 146
ପୁଲକେ ଅଙ୍ଗ ତାର ପୂରେ । ବଦନୁ ବଚନ ନ ସ୍ଫୁରେ ॥ 147
କ୍ଷଣକେ ହୋଏ ହତଜ୍ଞାନ । କ୍ଷଣକେ ଚିତ୍ତ ସାବଧାନ ॥ 148
ଆନନ୍ଦେ ଶିରେ କରଦେଇ । ବୋଲଇ କୃଷ୍ଣ ତ୍ରାହି ତ୍ରାହି ॥ 149
ବିକଳେ କୁଣ୍ଠିତବଚନ । ବୋଲଇ ଶୁଣ ଭଗବାନ ॥ 150

**ଉଦ୍ଧବ ଉବାଚ**

ଏ ମାୟା ମୋହ ଅନ୍ଧକାର । ତୋ'ର ପ୍ରସନ୍ନେ ହେଲା ଦୂର ॥ 151
ତୋ'ର ଅଭୟପାଦ ତଳେ । ମୁଁ ଯେ ବୁଡ଼ିଲି ଭାବଭୋଳେ ॥ 152
ଅଗ୍ନି ସମ୍ମୁଖେ ଭାବଗ୍ରାହୀ । କ୍ଷଣେ ନ ପାରେ ଶୀତ ରହି ॥ 153
ମୋର ଅଜ୍ଞାନ ସେହିମତେ । ତୋ' ଆଗେ ରହିବ କେମନ୍ତେ ॥ 154
ତୁ ମୋତେ ଭୃତ୍ୟ ଦେଖି ହରି । ଏ ଭାବେ ଅନୁଗ୍ରହ କରି ॥ 155

ଅଜ୍ଞାନ-ଅନ୍ଧକାର ମୋର । ଜ୍ଞାନେ ଗୋବିନ୍ଦ କଲୁ ଦୂର ॥ 156
ଅଶେଷଜନ୍ମ ପୁଣ୍ୟଫଳେ । ପ୍ରାଣୀ ତୋ ଚରଣକମଳେ ॥ 157
ତୋ' ଅନୁଗ୍ରହେ କରେ ସେବା । ସେ ନ ଜାଣଇ ଅନ୍ୟ ଦେବା ॥ 158
ଏ ଦୃଢ ମୋହଜାଲ ମୋର । ତୋ' ଅନୁଗ୍ରହେ ଗଲା ଦୂର ॥ 159
ପୁତ୍ର କଳତ୍ର ବନ୍ଧୁଜନ । ଏ ବନ୍ଧୁ ତୁଟିଲା ମୋ' ମନ ॥ 160
ନମୋ ଗୋବିନ୍ଦ ତୋ' ଚରଣ । ଯେ ପାଦ ପରମ କାରଣ ॥ 161
ମୁନୀନ୍ଦ୍ରଗଣେ ଯାହା ଚିନ୍ତି । ଏ ଘୋର ସଂସାରୁ ତରନ୍ତି ॥ 162
ମୋତେ ବୁଝାଇ ଉପଦେଶେ । ବୋଲୁ ଯେ ନ ଥା ମୋର ପାଶେ॥ 163
ନ ଦେଖି ଅଭୟ ଚରଣ । କେମନ୍ତେ ଧରିବି ମୁଁ ପ୍ରାଣ ॥ 164
ଏ ଦୁଷ୍ଟ ଚଞ୍ଚଳ ମୋ' ଚିତ୍ତ । ତୋ'ର ଚରଣେ ଜଗନ୍ନାଥ ॥ 165
ନିଶ୍ଚଳେ ରଖିବି ଯେମନ୍ତେ । ଶ୍ରୀମୁଖେ ଆଜ୍ଞା ହେଉ ମୋତେ ॥ 166

## ଭଗବାନ ଉବାଚ

ଶୁଣି ବୋଲନ୍ତି ଭାବଗ୍ରାହୀ । ଉଦ୍ଧବ ବେଗେ ଚଳ ତୁହି ॥ 167
ବଦରୀ-ନାରାୟଣାଶ୍ରମେ । କାନନେ ଚଳ ଯଥାକ୍ରମେ ॥ 168
ମୋ'ର ଚରଣଜଳେ ଯାଇ । ଶୀଘ୍ର ପଖାଳ ତୋ'ର ଦେହୀ ॥ 169
ଆନନ୍ଦେ ସ୍ନାନ ପାନ କର । ସକଳ ପାପରୁ ନିସ୍ତର ॥ 170
ଯେ ପାପ ଅଛି ତୋର ମନେ । ଖଣ୍ଡିବୁ ଗଙ୍ଗା ଦରଶନେ ॥ 171
ସ୍ନାନେ ନିର୍ମଳ ଚିତ୍ତ କରି । ମୋ' ନାମ ହୃଦୟେ ସୁମରି ॥ 172
ଭକ୍ଷିବୁ ଶାକ-କନ୍ଦମୂଳ । ପିନ୍ଧିବୁ ବୃକ୍ଷର ବକଳ ॥ 173
ଶୀତ ବରଷା ଗ୍ରୀଷ୍ମକାଳେ । ବସିବୁ ସମାଧି ନିଶ୍ଚଳେ ॥ 174
ଶାନ୍ତ ସଂଯତ ସାଧୁ ହୋଇ । ମୋର ଚରଣେ ଚିତ୍ତ ଦେଇ ॥ 175
ଜ୍ଞାନ ବିଜ୍ଞାନ ସମମତି । ମୋ' ପାଦେ ମନ ବୁଦ୍ଧି ଚିନ୍ତି ॥ 176
ମୁଁ ଯାହା କହିଅଛି ତୋତେ । ବିଚାର କରି ତା' ସୁଚିତ୍ତେ ॥ 177
ମୋତେ ସମର୍ପି ବାକ୍ୟ-ମନ । ନିରତେ ସାଧି ମୋର ଧର୍ମ ॥ 178
ତ୍ରିଗୁଣ ତେଜି ଅନ୍ତଃକାଳେ । ପଶିବୁ ମୋ' ପାଦକମଳେ ॥ 179
ଏବେ ତୁ ଶୀଘ୍ର ଚଳ ଏକା । ଆଶ୍ରମ ନାମ ବଦରିକା ॥ 180



## ଶୁକ ଉବାଚ

ତକ୍ଷଣେ ଆଜ୍ଞା ଶିରେ ଧରି । କୃଷ୍ଣଙ୍କୁ ପ୍ରଦକ୍ଷିଣ କରି ॥ 181
ଭାବେ ସେ କଲା ନମସ୍କାର । କାନ୍ଦେ ଚରଣେ ଦେଇ ଶିର ॥ 182
ପଡ଼ି ଲୋଟଇ ଭୂମିଗତେ । ଅଜ୍ଞାନ ମୋହାଚ୍ଛନ୍ନ ଚିତ୍ତେ ॥ 183
ଦେହ-ଜୀବନ ଜ୍ଞାନ ନାହିଁ । କାତରେ କମ୍ପେ ତା'ର ଦେହୀ ॥ 184
କ୍ଷଣକେ ବିଚ୍ଛେଦ-କାତରେ । ରୋଦନ କରେ ଉଚ୍ଚସ୍ୱରେ ॥ 185
କୃଷ୍ଣଙ୍କୁ ଚାହିଁ କମ୍ପେ ଦେହୀ । ବଦନୁ ବାକ୍ୟ ନ ସ୍ଫୁରଇ ॥ 186
ଉଠି କୃଷ୍ଣଙ୍କୁ ବୋଲେ ବାଣୀ । ମୋତେ କି ଭଣ୍ଡୁ ଚକ୍ରପାଣି ॥ 187
ସକଳ ତୀର୍ଥ ତୋ'ଚରଣେ । ବଦ୍ରିକା ଯିବି କି କାରଣେ ॥ 188
ଆଶ୍ରମ ନାମ ବଦରିକା । ସେ କି ତୋ' ଚରଣୁଁ ଅଧିକା ॥ 189
ତୋତେ ନ ଦେଖି ନରହରି । ଜୀବନ ନ ପାରିବି ଧରି ॥ 190
କୃଷ୍ଣ ବୋଲନ୍ତି ପୁଣପୁଣି । ଉଦ୍ଧବ କାନ୍ଦେ ତା ନ ଶୁଣି ॥ 191
ଦେଖି ଉଦ୍ଧବର କାତର । ଦୟାସାଗର ଦାମୋଦର ॥ 192
ରତ୍ନପାଦୁକା ପାଦୁଁ ଫେଇ । ଉଦ୍ଧବ କରେ ଦେଲେ ନେଇ ॥ 193
ବୋଇଲେ ପ୍ରଭୁ ବନମାଳୀ । ଉତ୍ତରପଥେ ଯାଅ ଚଳି ॥ 194
ଏ ପାଦତଳେ ତପ ଦାହି । ଅନ୍ତେ ପାଇବୁ ମୋତେ ତୁହି ॥ 195
ଏମନ୍ତ କହୁଁ ନାରାୟଣ । ଉଦ୍ଧବ କଲା ପ୍ରଦକ୍ଷିଣ ॥ 196
ବେନି ପାଦୁକା ମୁଣ୍ଡେ ଧରି । ଉଦ୍ଧବ ଶୋକ ହୃଦେ ଭରି ॥ 197
ତକ୍ଷଣେ ଛାଡ଼ି ମୋହ-ପାଶ । ଧନ କୁଟୁମ୍ବ ଦାରା ଦାସ ॥ 198
ପ୍ରାଣ ଆକୁଳ ଶୋକଭରେ । ଉଦ୍ଧବ ଗଲା ଧୀରେ ଧୀରେ ॥ 199
ହରିଙ୍କ ହୃଦୟ-କମଳେ । ଆରାଧି ଜ୍ଞାନଯୋଗ ବଳେ ॥ 200
ଉତ୍ତରମୁଖେ ଚଳିଯା'ନ୍ତେ । ନୟନୁ ଅଶ୍ରୁ ଗଳେ ପଥେ ॥ 201
କୃଷ୍ଣର ବିଚ୍ଛେଦ-କାତରେ । କରଯୁଗଳ ତାଡ଼େ ଶିରେ ॥ 202
ବିକଳେ ଉଦ୍ଧବ ଚଳନ୍ତେ । ମିଳିଲା ବଦରିକା ତୀର୍ଥେ ॥ 203
ତପଆରାଧି ବନବାସେ । ଯେମନ୍ତେ କୃଷ୍ଣ ଉପଦେଶେ ॥ 204
ତପ ସମାଧି ଯୋଗବଳେ । ଭକତି ବିସ୍ତାରି ଶୟଳେ ॥ 205
ଭକତ ମଧ୍ୟେ ଶ୍ରେଷ୍ଠ ହୋଇ । ଅନ୍ତେ ପରମଗତି ପାଇ ॥ 206

ଦସ୍ଯାଗାସର ନରହରି । ସ୍ୱଯଶ ଜଗତେ ବିସ୍ତାରି ॥ 207
ସ୍ୱଭାବେ କୃଷ୍ଣ ଧର୍ମସେତୁ । ସଂସାର-ଉଦ୍ଧାରଣ ହେତୁ ॥ 208
ତା'ର ଇଙ୍ଗିତ କେବା ଜାଣେ । ମହିମା ନିଗମ ବଖାଣେ ॥ 209
କହନ୍ତି ବ୍ୟାସଙ୍କର ସୁତ । ଶୁଣ ହୋ ରାଜା ପରୀକ୍ଷିତ ॥ 210
ଗୋବିନ୍ଦ ନିଜଭୃତ୍ୟ ଅର୍ଥେ । ଯାହା କହିଲେ ଜ୍ଞାନପଥେ ॥ 211
ଅମୃତରସମୟ ବାଣୀ । ଉଦ୍ଧବ ନିସ୍ତରିଲା ଶୁଣି ॥ 212
ଯେ ପ୍ରାଣୀ ଶୁଣେ ଏହା କର୍ଣ୍ଣେ । ହୃଦେ ଭକତି ଅନୁମାନେ ॥ 213
ଆନନ୍ଦରସ ସୁଧାନିଧି । ଏଥେ ଯେ ବୁଡ଼େ ନିରବଧି ॥ 214
ଶ୍ରଦ୍ଧା-ଭକତି-ଭାବେ ନିତି । ଶୁଣନ୍ତେ ନ ଲାଗେ ଦୁର୍ଗତି ॥ 215
ସୁଖେ ସେ ଭବସିନ୍ଧୁ ତରେ । ତା'ସଙ୍ଗେ ସଂସାରୁ ନିସ୍ତରେ ॥ 216
ନିଜ ଭକତଜନ ଅର୍ଥେ । ଭୃଙ୍ଗର ପ୍ରାୟ ବେଦପଥେ ॥ 217
ସାର ଉଦ୍ଧାରି ଦାମୋଦର । ଉଦ୍ଧବେ ଦେଲେ ସୁଧାଧାର ॥ 218
ଜ୍ଞାନ-ବିଜ୍ଞାନ-ସାର ଯେତେ । ଉଦ୍ଧବ ସଞ୍ଚିଲା ଜଗତେ ॥ 219
ଏ ଯେ ଶ୍ରୀକୃଷ୍ଣ ମୁଖସୁଧା । ପିବନ୍ତେ ତୁଟେ ଭବବାଧା ॥ 220
ସେ ଆଦି-ଅନାଦି-ନିଧାନ । ସ୍ୱଭାବେ ପୁରୁଷ ଉତ୍ତମ ॥ 221
ସେ ନନ୍ଦନନ୍ଦନର ପାଦେ । ଭକତି ଲଭେ ଅପ୍ରମାଦେ ॥ 222
ବୋଲଇ ବିପ୍ର ଜଗନ୍ନାଥ । ଶ୍ରୀଏକାଦଶେ ଭାଗବତ ॥ 223
ଉଦ୍ଧବ ଗଲେ ଯେଉଁ ଦାଣ୍ଡେ । ସେ ରେଣୁ ପଡୁ ମୋର ମୁଣ୍ଡେ ॥ 224
ଭକତଜନ ପାଦେ ପଡ଼ି । ଏ ବର ମାଗେ କରଯୋଡ଼ି ॥ 225
ପାମର ହୀନଜ୍ଞାନ ମୋର । ସୁଜନେ ଦୋଷ କ୍ଷମାକର ॥ 226
କୃଷ୍ଣଚରଣେ ନାନାମତେ । ଭକତି ହେଉ ଦୃଢଚିତ୍ତେ ॥ 227
ଭକତେ ଏହି ଭାବେ ମିଶ । ପାଇବ କୃଷ୍ଣ-ସୁଧା-ରସ ॥ 228

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ତ୍ରିଂଶୋଽଧ୍ୟାୟଃ ॥



## ଏକତ୍ରିଂଶ ଅଧ୍ୟାୟ

ପରୀକ୍ଷ ଶୁକମୁନି ଚାହିଁ । ବୋଲଇ ଶିରେ କର ଦେଇ ॥ 1

### ପରୀକ୍ଷିତ ଉବାଚ

ଉଦ୍ଧବ କୃଷ୍ଣର ବଚନେ । ଗଲେ ଯେ ବଦରିକାଶ୍ରମେ ॥ 2
ପୁଣି କି କଲେ ଚକ୍ରପାଣି । ବିସ୍ତାରି କହ ମୁନିମଣି ॥ 3
ଯେ କାଳରୂପେ ଅବତରେ । କୋଟି ବ୍ରହ୍ମାଣ୍ଡ ରୋମେ ଧରେ ॥ 4
ବ୍ରାହ୍ମଣଶାପେ ଯଦୁବଂଶ । ଶରୀର ତୁଲେ କଲେ ନାଶ ॥ 5
ଅଶେଷ-ଜଗତ-ମଙ୍ଗଳ । ଯେ ରୂପ ଦେଖି କାମ ଭୋଳ ॥ 6
ଜନଲୋଚନ ମନୋହର । ଅଶେଷ ଭୁବନ ସୁନ୍ଦର ॥ 7
ଯେ ନାରୀଦୃଷ୍ଟି ଅଙ୍ଗେ ପଡ଼େ । ମନମୋହନ ଚିତ୍ତ ଜଡ଼େ ॥ 8
ଆସି ନ ପାରେ ମନ ଛାଡ଼ି । ପ୍ରେମଲାଳସ ସୁଖେ ବୁଡ଼ି ॥ 9
ଯେ ରୂପଗୁଣ ସାଧୁଗଣେ । କେବଳ ଶୁଣିଲେ ଶ୍ରବଣେ ॥ 10
ସର୍ବ ବିଷୟ ପାସୋରନ୍ତି । ଗୃହ-ଦେହକୁ ନ ସ୍ମରନ୍ତି ॥ 11
ଆଜାନୁ ଲମ୍ବେ ଚାରିକର । ବଚନ-ଅମୃତ-ମଧୁର ॥ 12
ଏ ରୂପ ଅର୍ଜ୍ଜୁନର ରଥେ । ଦେଖି ମରିଲେ ଯୁଦ୍ଧେ ଯେତେ ॥ 13
ନିଜ ଶରୀର ପାସୋରିଲେ । ତାହାର ଶରୀରେ ପଶିଲେ ॥ 14
ଏ ଦେହ ତେଜିଲେ କି ଅର୍ଥେ । ଯଶ ବିସ୍ତାରି ଏ ଜଗତେ ॥ 15
ସେ କଥା କହ ମୁନିମଣି । କୃତାର୍ଥ ହେବି ତାହା ଶୁଣି ॥ 16
ବୋଲନ୍ତି ଶୁକମୁନିବର । ଶୁଣ ହୋ ମହିମା କୃଷ୍ଣର ॥ 17

### ଶୁକ ଉବାଚ

କୃଷ୍ଣର କାଳଚକ୍ରଘାତେ । ଦ୍ୱାରକା କମ୍ପିଲା ଅଦ୍ଭୁତେ ॥ 18
ବିବିଧ ଉତ୍ପାତ ପ୍ରତ୍ୟକ୍ଷେ । ଭୂମି-ଗଗନ-ଅନ୍ତରୀକ୍ଷେ ॥ 19
ତା'ଦେଖି ଦେବକୀନନ୍ଦନ । ନିକଟେ ରାଇ ବନ୍ଧୁଜନ ॥ 20
ଉଗ୍ରସେନର ତୁଲେ ହରି । ସୁଧର୍ମା ମଧ୍ୟେ ବିଜେ କରି ॥ 21

### ଭଗବାନ ଉବାଚ

ବୋଲନ୍ତି ପ୍ରଭୁ ଦାମୋଦର । ଶୁଣ ସକଳ ଯଦୁବୀର ॥ 22

ଦେଖ ଉତ୍ପାତ ଏ ପ୍ରତ୍ୟକ୍ଷେ । ଭୂମି-ଗଗନ-ଅନ୍ତରୀକ୍ଷେ ॥ 23
ଏ ଧୂମକେତୁ ଭୟଙ୍କର । ଦେଖ ଦିବସେ ଅନ୍ଧକାର ॥ 24
ଅବନୀ କମ୍ପେ ଘନଘନ । ଅଦ୍ଭୁତ ଶୁଭେ ଘୋରସ୍ୱନ ॥ 25
ଘୋର ପ୍ରଚଣ୍ଡ ଅଦ୍ଭୁତ । ଏ ପୁରେ ରହିବା କେମନ୍ତ ॥ 26
ନିଶ୍ଚୟେ ସର୍ବେ ଯିବା ନାଶ । ଏ ପୁରେ ନ କରି ବିଶ୍ୱାସ ॥ 27
ଦଣ୍ଡେ ନ ଥିବା ଦ୍ୱାରକାଏ । ମୋତେ ଲାଗଇ ମହାଭୟେ ॥ 28
ପ୍ରଭାସତୀର୍ଥେ ଚାଲ ଯିବା । ଏଠାରେ ନିମିଷେ ନ ଥିବା ॥ 29
ଯେ ତୀର୍ଥେ ପ୍ରାଚୀ ସରସ୍ୱତୀ । ସ୍ନାନେ ସକଳ ରିଷ୍ଟଶାନ୍ତି ॥ 30
ବୃଦ୍ଧ ବାଳକ ନାରୀଗଣ । ରାତ୍ରହୁଁ କରନ୍ତୁ ପ୍ରସ୍ଥାଣ ॥ 31
ଦ୍ୱାରକା ଆଶା ଛାଡ଼ି ଦୂରେ । କେହି ନ ରହ ଏହୁ ପୁରେ ॥ 32
ସେ ଜଳେ ସ୍ନାନ କରି ତୋଷେ । ଦିନ ବଂଚିବା ଉପବାସେ ॥ 33
ଘେନି ସକଳ ଉପହାର । ସେ ତୀର୍ଥେ ସ୍ନାନ ଦାନ କର ॥ 34
ପିତୃ ଦେବତା ଋଷିଗଣେ । ବେଦଙ୍କ ଉତ୍ତମ ବ୍ରାହ୍ମଣେ ॥ 35
ଆନନ୍ଦେ କରି ନାନା ଦାନ । ସୁବର୍ଣ୍ଣ ତିଳ ବସ୍ତ୍ର ଅନ୍ନ ॥ 36
ଅଶ୍ୱ କୁଞ୍ଜର ଭୂମି ରଥ । ଗୋରୁ ମହିମା ଯୂଥ ଯୂଥ ॥ 37
ଏ ଯେ ଉତ୍ତମ ବିଧିସାର । ସକଳ-ମଙ୍ଗଳ-ବେଭାର ॥ 38
ପିତୃ-ଦେବତା-ଗୋ-ବ୍ରାହ୍ମଣ । ଏ ପୂଜା ପରମ କାରଣ ॥ 39
ଅରିଷ୍ଟଖଣ୍ଡନ ଏ ବିଧି । ନିଗମ ଆଗମ ପ୍ରସିଦ୍ଧି ॥ 40
ଏଣୁ ସକଳ ଯଦୁଜନ । ରିଷ୍ଟଖଣ୍ଡନେ ଦେବା ଦାନ ॥ 41
ଏମନ୍ତେ କୃଷ୍ଣର ବଚନେ । ଯାଦବେ ଭାଳି ଏକମନେ ॥ 42
ବୋଲନ୍ତି ଧନ୍ୟ କୃଷ୍ଣକଥା । ଏଣେ ଖଣ୍ଡିବ ରିଷ୍ଟବ୍ୟଥା ॥ 43
ଏମନ୍ତ ଭାଳି ଏକଚିତ୍ତେ । ଯାନ ଆରୋହି ଯେଝାମତେ ॥ 44
ରାତ୍ରହୁଁ ଗଲେ ଯୂଥେ ଯୂଥେ । ମିଳିଲେ ସରସ୍ୱତୀ ତୀର୍ଥେ ॥ 45
ଆନନ୍ଦେ ପଶି ପୁଣ୍ୟଜଳେ । କରନ୍ତି ସ୍ନାନ ଦାନ ଭୋଳେ ॥ 46
ଯେ ବିଧି କୃଷ୍ଣ ଉପଦେଶେ । ଦିନ ବଞ୍ଚିଲେ ଉପବାସେ ॥ 47
ନାନା ପ୍ରକାରେ ଦେଇ ଦାନ । ତୋଷିଲେ ବିପ୍ରଙ୍କର ମନ ॥ 48
ଦିବସ ଅବଶେଷ କାଳେ । ସକଳେ ବସି ଏକମେଳେ ॥ 49



ଦଇବଯୋଗେ ହତଜ୍ଞାନେ । ଯାଦବେ କାଦମ୍ବରୀ ପାନେ ॥ 50
କୃଷ୍ଣ ମାୟାରେ ବିମୋହିତ । ହୋଇଲେ ସର୍ବେ ମହାମତ୍ତ ॥ 51
ଫଳିଲା ବ୍ରହ୍ମଶାପ ଫଳ । ଅଦ୍ଭୁତେ ଉଠିଲା କନ୍ଦଳ ॥ 52
ବେଣୁ ଘର୍ଷଣେ ଅଗ୍ନି ଯେହ୍ନେ । ତକ୍ଷଣେ ଉଠେ ଘୋରବନେ ॥ 53
ଶୂନ୍ୟେ ପଡ଼ିଲା ଥାଟେ ହୁରି । ଯାଦବେ କରେ ଶସ୍ତ୍ର ଧରି ॥ 54
ଗଦା ମୁଦ୍‌ଗର ଅସିବର । ଧନୁକ ଭୁଷଣ୍ଡି ତୋମର ॥ 55
ଏମନ୍ତେ ନାନା ଶସ୍ତ୍ର ଧରି । ଧାଇଁଲେ ଘୋରନାଦ କରି ॥ 56
ଡ଼ାକନ୍ତି ଅତି ଭୟଙ୍କରେ । ଘୋର ସମର ନଦୀତୀରେ ॥ 57
ରଥେ କେ ଯୁଝେ ରଣମଧ୍ୟେ । କେ ଗୋରୁ ମହିଷର କନ୍ଧେ ॥ 58
ଖର ଉଷ୍ଟ୍ରର କନ୍ଧେ ବସି । କେ ଯୁଝେ ଘୋରରଣେ ପଶି ॥ 59
ଗଜର କନ୍ଧେ କେ ଯୁଝନ୍ତି । ଅଶ୍ୱର ପୃଷ୍ଠେ ଆରୋହନ୍ତି ॥ 60
ମୁଷଳ ମୁଦ୍‌ଗର ପ୍ରହାରେ । ରଜନୀ ଘୋର ଅନ୍ଧକାରେ ॥ 61
ଅଦ୍ଭୁତ ମୁଷଳ ସମରେ । ମୁଖ ନ ଦିଶେ ଅନ୍ଧକାରେ ॥ 62
ସ୍ୱଭାବେ ମହାବୀରଗଣ । ରୋଷେ କରନ୍ତି ଘୋରରଣ ॥ 63
ରୁକ୍ମିଣୀସୁତ ଶାମ୍ବ ସଙ୍ଗେ । ଘୋର ଗର୍ଜନ ରଣରଙ୍ଗେ ॥ 64
ସାତ୍ୟକି ଅନିରୁଦ୍ଧ ବେନି । ଭୋଜ ଅକ୍ରୂର ଅନ୍ୟୋଅନ୍ୟି ॥ 65
ସଂଗ୍ରାମଜିତ ଭଦ୍ରସେନ । ରୋଷେ କରନ୍ତି ଘୋର ରଣ ॥ 66
ସହସ୍ରଜିତ ଶତଜିତ । ସୁମିତ୍ର ସଙ୍ଗରେ ସୁରଥ ॥ 67
ଦୁର୍ମଦ ଅନ୍ଧ ଯଦୁଗଣ । ଅନ୍ୟୋନ୍ୟେ କଲେ ଘୋରରଣ ॥ 68
ଶ୍ରୀକୃଷ୍ଣ ମାୟା ବିମୋହିତ । ଯୁଦ୍ଧ କରିଣ ହେବେ ହତ ॥ 69
ମାଥୁର ଶୂରସେନ ମଧୁ । ଭୋଜ ସାତ୍ୱତ ବୃଷ୍ଣି ଯଦୁ ॥ 70
ଦୁର୍ମଦ ମତ୍ତ ଘୋରରଣେ । ଯୁଦ୍ଧ କରନ୍ତି ଜଣେ ଜଣେ ॥ 71
ରୋଷେ ଯୁଝନ୍ତି ପିତାପୁତ୍ରେ । ଦୁର୍ମଦ ଅନ୍ଧ ମିତ୍ର ମିତ୍ରେ ॥ 72
ସୁହୃଦ ସୁହୃଦେ ନ ଚିହ୍ନି । ଯୁଝନ୍ତି ଅହଙ୍କାର ଘେନି ॥ 73
କୋପେ ଯୁଝନ୍ତି ବେନିଭାଇ । କେ ପିତା ବନ୍ଧୁ ନ ଜାଣଇ ॥ 74
ମାତୁଳ ଭଗିନୀକୁମରେ । ଯୁଝନ୍ତି ଜ୍ଞାତି ସହୋଦରେ ॥ 75
ଲଜ୍ଜା ପୀରତି ତେଜି ଦୂରେ । ଯୁଝନ୍ତି ଘୋର ଅନ୍ଧକାରେ ॥ 76

ଦୁଃସହ ପ୍ରହାର ପ୍ରଚଣ୍ଡ । ଶସ୍ତ୍ରେ ଭାଜିଲେ ଖଣ୍ଡଖଣ୍ଡ ॥ 77
ବିନ୍ଧୁ ତୁଟିଲା ଧନୁଶର । ଗଦା ଖଡ଼ଗ ହେଲା ଚୂର ॥ 78
ଅରୁଣ ପ୍ରକାଶ ଗଗନେ । ମିଳିଲେ ଏରକାର ବନେ ॥ 79
ବ୍ରାହ୍ମଣଶାପେ ଲୌହୁ ଜାତ । ତୀକ୍ଷ୍ଣ ତ୍ରିଶିର ବଜ୍ରବତ ॥ 80
କରେ ଧରନ୍ତି ମୁଷ୍ଟିମୁଷ୍ଟି । ପ୍ରହାରେ ଛିଡ଼େ କୋଟିକୋଟି ॥ 81
ଏରକାବନେ ଘୋରରଣେ । ସଂଗ୍ରାମେ ମଲେ ଜଣେ ଜଣେ ॥ 82
ଗଗନେ ଆଦିତ୍ୟ ପ୍ରକାଶେ । ଯେ ଅବା ଥିଲେ ଯେଉଁ ଦେଶେ ॥ 83
ପ୍ରବେଶ ହେଲେ ତହିଁ ଆସି । ଯୁଦ୍ଧ କରନ୍ତି ରଣେ ପଶି ॥ 84
ଦେଖି ଧାଇଁଲେ ଗଦାଧର । ଡ଼ାକନ୍ତି ସମର ନ କର ॥ 85
ଯାଦବେ ମଦେ ଅଚେତନ । ନ ଶୁଣି ଗୋବିନ୍ଦ ବଚନ ॥ 86
ନାନା ଆୟୁଧ ଧରି କରେ । କୃଷ୍ଣଙ୍କୁ ବେଢ଼ିଲେ ସମରେ ॥ 87
ବିନ୍ଧନ୍ତି ନାନା ଶସ୍ତ୍ର ଧରି । ଦେଖି ଧାଇଁଲେ ହଳଧାରୀ ॥ 88
ରାମ ଗୋବିନ୍ଦ କୋପଭରେ । ଯୁଝନ୍ତି ଭୀଷଣ-ସମରେ ॥ 89
ଗଦା ମୁଷଳେ ଯୁଦ୍ଧ କଲେ । କେ ନିଜ ପର ନ ଜାଣିଲେ ॥ 90
ଏରକାମୁଷ୍ଟି ବଜ୍ରାଘାତେ । ବୀରେ ପଡ଼ିଲେ ଯୂଥେଯୂଥେ ॥ 91
ମାୟାଭିଆଣ ଭଗବାନ । ଯାଦବେ କଲେ ନିସୂଦନ ॥ 92
ବ୍ରାହ୍ମଣଶାପ କୋପାନଳ । ହେଲେ ଦହିଲା ଯଦୁକୁଳ ॥ 93
ବେଣୁ ଅନଳେ ବେଣୁ ଯେହ୍ନେ । ଯାଦବେ ନାଶ ଗଲେ ତେହ୍ନେ ॥ 94
ପୁଣି ପ୍ରଦ୍ୟୁମ୍ନେ କୃଷ୍ଣ ଦେଖି । ଚକ୍ର ପେଷିଲେ ପଦ୍ମଆଖି ॥ 95
ପ୍ରଦ୍ୟୁମ୍ନ ନାଶି ଚକ୍ର ଗଲା । ଶ୍ରୀକୃଷ୍ଣ କରକୁ ନ ଇଲା ॥ 96
ସେ କାଳରୂପୀ ଭଗବାନ । ଦେଖି ସାନନ୍ଦ କଲେ ମନ ॥ 97
ଏମନ୍ତେ ନିଜ କୁଳ ହରି । କନ୍ଦଳ ବ୍ୟାଜେ ନାଶ କରି ॥ 98
ବୋଲନ୍ତି ପ୍ରଭୁ ନନ୍ଦବଳା । ଏବେ ଅବନୀଭାର ଗଲା ॥ 99
ଯାଦବବଳ ନଷ୍ଟ ଦେଖି । ରାମ ବୁଜିଲେ ବେନି ଆଖି ॥ 100
ତକ୍ଷଣେ ନିଜ ଯୋଗବଳେ । ଅନନ୍ତ ପଶିଲେ ପାତାଳେ ॥ 101
ଅନନ୍ତ-ମହିମା ଯାହାର । ଛାଡ଼ିଲେ ନିଜ କଳେବର ॥ 102
ରାମର ଦେଖି ଅବସାନ । ତକ୍ଷଣେ ପ୍ରଭୁ ଭଗବାନ ॥ 103



ଅଶ୍ୱତ୍ଥ ତରୁମୂଳେ ବସି । ନିଜ ମହିମା ପରକାଶି ॥ 104
ସୁନ୍ଦର ଦିଶେ ଚତୁର୍ଭୁଜ । କୋଟିଏ ରବି ଜିଣି ତେଜ ॥ 105
ଅନ୍ଧାର ଦଶଦିଶ ଗଞ୍ଜେ । ଶ୍ୟାମସୁନ୍ଦର ରୂପ ତେଜେ ॥ 106
ଶ୍ରୀବତ୍ସ ଚିହ୍ନ ହୃଦେ ଶୋହେ । ମଣିକଙ୍କଣ ମନ ମୋହେ ॥ 107
ପୀତବସନ ପରିଧାନ । ସକଳ ମଙ୍ଗଳ ନିଧାନ ॥ 108
ସୁନ୍ଦର ସ୍ମିତହାସମୁଖ । କୁଟୀଳ କୁନ୍ତଳ ସୁରେଖ ॥ 109
ବିକଚ ପୁଣ୍ଡରୀକ ପ୍ରାୟେ । କୃଷ୍ଣନୟନଯୁଗ ଶୋହେ ॥ 110
ଶ୍ରବଣେ ମକର କୁଣ୍ଡଳ । ସୁନ୍ଦର ଅଳକା କପୋଳ ॥ 111
ଯଜ୍ଞୋପବୀତ କନ୍ଧେ ସାଜେ । ରତ୍ନମେଖଳା କଟିମାଝେ ॥ 112
ଲଲାଟେ କିରୀଟ ଉଭାରି । ସୁବର୍ଣ୍ଣ ମୁଦ୍ରିକା ଅଙ୍ଗୁଳି ॥ 113
ଉରେ କୌସ୍ତୁଭ ବନମାଳ । ମୋହନ ରୂପ ନନ୍ଦବାଳ ॥ 114
ନିଜ ଆୟୁଧ ମୂର୍ତ୍ତିମନ୍ତେ । ଦିଶନ୍ତି କୃଷ୍ଣର ଅଗ୍ରତେ ॥ 115
ବାମଚରଣ ଟେକି ଧୀରେ । ଦକ୍ଷିଣ ଜାନୁର ଉପରେ ॥ 116
ଶରୀରୁ ଶ୍ରମଝାଳ ଗଲେ । କୃଷ୍ଣ ବସିଲେ ତରୁମୂଳେ ॥ 117
ପଦ୍ମ-ଅରୁଣ-ବର୍ଣ୍ଣ ପ୍ରାୟେ । ସେ ପାଦ ଅତି ଶୋଭାପାଏ ॥ 118
ଏମନ୍ତେ ଶୁଣ ନରନାଥ । ଜାରାଶବର ଉପଗତ ॥ 119
ମୁଷଳ ଅବଶେଷ ଖଣ୍ଡେ । ଫଳା ନିର୍ମିତ ତା'ର କାଣ୍ଡେ ॥ 120
ବନେ ବୁଲନ୍ତେ ମୃଗ ମାରି । ମିଳିଲା କରେ ଧନୁ ଧରି ॥ 121
ଲତା ଗହନ ବୃକ୍ଷମୂଳେ । ଦେଖିଲା ଚରଣ ନିରୋଳେ ॥ 122
ମୃଗର କର୍ଣ୍ଣ ପ୍ରାୟ ମଣି । ବାଣ ବିନ୍ଧିଲା ଗୁଣ ଟାଣି ॥ 123
ବିନ୍ଧି ଧାଇଁଲା ଅତି ଖରେ । ଦେଖିଲା ଲତାର ଭିତରେ ॥ 124
କୋଟି-ଆଦିତ୍ୟ ଜିଣି ତେଜ । ସୁନ୍ଦର ଶୋହେ ଚତୁର୍ଭୁଜ ॥ 125
ଦେଖି ଚକିତ ବ୍ୟାଧ ମନେ । ଧନୁ ପକାଇ ତତକ୍ଷଣେ ॥ 126
କାତରେ ବେନିକର ଯୋଡ଼ି । କୃଷ୍ଣଚରଣ-ତଳେପଡ଼ି ॥ 127
ଉଠି କପାଳେ ମାରି କର । ବୋଲଇ ମୁହିଁ ଦୁରାଚାର ॥ 128
ନ ଜାଣି କଲି ଏଡ଼େ କର୍ମ । କେ ମୋତେ କଲା ମତିଭ୍ରମ ॥ 129
ମୁଁ ଯେ ପାମର ଦୁରାଚାର । ନରକେ ନିବାସ ମୋହର ॥ 130

ତୁ ନାଥ ଜଗତ-ସୋଦର । ଏ ଅପରାଧ କ୍ଷମା କର ॥ 131
ତୋ ନାମ ଚିତ୍ତେ ଯେ ସୁମରେ । ଘୋର ସଂସାରୁ ଦୁଃଖୁଁ ତରେ ॥ 132
ତୋତେ ଯେ ନୟନେ ଦେଖଇ । ଅଜ୍ଞାନ-ତିମିର ନାଶଇ ॥ 133
ଶବର ଜାତିହୀନ ମୁହିଁ । ବିଶେଷ ତୋର ମାୟାମୋହି ॥ 134
ସ୍ୱଭାବେ ପତିତ କୁତ୍ସିତ । ହୀନ ପାମର ମୋର ଚିତ୍ତ ॥ 135
ତୋର ସ୍ୱହସ୍ତେ ଦାମୋଦର । ଖଡ଼ଗେ ଛେଦ ମୋର ଶିର ॥ 136
ସର୍ବପାତକ ମୋର ଯାଉ । ଏ ଜାତି ମଧ୍ୟେ ଜନ୍ମ ନୋହୁ ॥ 137
ଦୁରିତ ନ କରେ ଯେମନ୍ତେ । ଏମନ୍ତ ଆଜ୍ଞା ହେଉ ମୋତେ ॥ 138
ତୋ ମାୟାଗତି ଦାମୋଦର । ନ ଜାଣେ ବିରଞ୍ଚି ଶଙ୍କର ॥ 139
ବେଦବଚନେ ମୁନିଜନେ । ଭ୍ରମନ୍ତି ତୋର ଅନୁମାନେ ॥ 140
ତୋ ମାୟାବଳେ ଗୋପୀନାଥ । ଅଶେଷଜନ ବିମୋହିତ ॥ 141
ମୁଁ ପାପୀ ଜାଣିବି କେମନ୍ତେ । ଅଜ୍ଞାନେ ଭ୍ରମଇ ଜଗତେ ॥ 142
ବ୍ୟାଧ ବିକଳ କର୍ଣ୍ଣେ ଶୁଣି । ବୋଲନ୍ତି ପ୍ରଭୁ ଚକ୍ରପାଣି ॥ 143
ଉଠ ଶବର ଛାଡ଼ ଭୟ । ମନେ ତୁ ନ କର ବିସ୍ମୟ ॥ 144
ମୋହର ବାଞ୍ଛିତ ଏ କର୍ମ । ଜାରା ନ କର ମତିଭ୍ରମ ॥ 145
ମୋର ବଚନେ ତୁ ନିର୍ମଳ । ଏହି ଶରୀରେ ସ୍ୱର୍ଗେ ଚଳ ॥ 146
କୃଷ୍ଣର ଆଜ୍ଞା ପାଇ ବେଗେ । ବ୍ୟାଧ ଚଳିଲା ସ୍ୱର୍ଗମାର୍ଗେ ॥ 147
ଜାରାଶବର ସ୍ୱର୍ଗେ ଯାନ୍ତେ । ପଥେ ମିଳିଲା ଦିବ୍ୟରଥେ ॥ 148
କି ଅବା ଦେବା ପଟାନ୍ତର । ଗଞ୍ଜଇ ଚନ୍ଦ୍ର-ଦିବାକର ॥ 149
ଦେଖି ଶବର ତୋଷମନେ । ତକ୍ଷଣେ ବସିଲା ବିମାନେ ॥ 150
କୃଷ୍ଣ ବଚନେ ସ୍ୱର୍ଗେ ଗଲା । ତକ୍ଷଣେ ଦାରୁକ ମିଳିଲା ॥ 151
ଲତାଗହନେ କୃଷ୍ଣପାଶେ । ମିଳିଲା ଦିବ୍ୟଗନ୍ଧବାସେ ॥ 152
ଦାରୁକ ଦେଖେ ଯଦୁପତି । କୋଟି ଆଦିତ୍ୟ ପ୍ରାୟେ ଜ୍ୟୋତି॥ 153
ଜଗମୋହନ ରୂପରାଶି । ଅଶ୍ୱତ୍ଥ ତରୁମୂଳେ ବସି ॥ 154
ଦାରୁକ ରୋମାଞ୍ଚ ଶରୀର । ପ୍ରେମେ ନୟନୁ ବହେ ନୀର ॥ 155
ତକ୍ଷଣେ ରଥ ସେହୁ ଛାଡ଼ି । କୃଷ୍ଣଚରଣ ତଳେ ପଡ଼ି ॥ 156
ହା କୃଷ୍ଣ ଜୀବନ ମୋହର । ଭୋ ନାଥ ମୁହିଁ ତୋ କିଙ୍କର ॥ 157



ବିକଳେ କାନ୍ଦେ ଉଚ୍ଚ ତୁଣ୍ଡେ । କରଯୁଗଳ ତାଡ଼ି ମୁଣ୍ଡେ ॥ 158
ଭୋ ନାଥ ଛାଡ଼ି ମୋତେ ଦୟା । କିମ୍ପା ଦେଖାଉ ଏଡ଼େ ମାୟା ॥ 159
ନୟନ ନାହିଁ ମୋ ଶରୀରେ । ଆଜ ପଡ଼ିଲି ତମଘୋରେ ॥ 160
ନ ଦିଶେ ଦଶଦିଶ ମୋତେ । ତୋର ଚରଣ ଶସ୍ତ୍ରାଘାତେ ॥ 161
ତୋତେ ନ ଦେଖି ଦାମୋଦର । ଜୀବନ ଥିବ କି ମୋହର ॥ 162
ଏମନ୍ତେ ଦାରୁକ କାନ୍ଦନ୍ତେ । ରଥ ଚଳିଲା ଶୂନ୍ୟପଥେ ॥ 163
ଭୂଷଣ ବାହନ ସହିତେ । ଗରୁଡ଼ ଲାଞ୍ଛନ ସଂଯୁତେ ॥ 164
କୋଟିଏ ସୂର୍ଯ୍ୟ ପ୍ରାୟ ଦିଶି । ଗଗନମାର୍ଗେ ଗଲା ପଶି ॥ 165
ତାହାର ପଛେ ଶସ୍ତ୍ରଗଣେ । ତକ୍ଷଣେ ଗମିଲେ ଗଗନେ ॥ 166
ଦାରୁକେ ବୋଲନ୍ତି ମୁରାରି । ଦ୍ୱାରକା ଯାଅ ବେଗ କରି ॥ 167
ତାତ ଜନନୀଙ୍କର ଆଗେ । ବାରତା କହ ଯାଇ ବେଗେ ॥ 168
ଜ୍ଞାତି ବାନ୍ଧବଜନ ରାଇ । ମୋ ତାତ ଜନନୀ ବସାଇ ॥ 169
ଘୋର ସମରେ ଯଦୁବଂଶ । ପ୍ରଭାସତୀର୍ଥେ ଗଲେ ନାଶ ॥ 170
ତା ଦେଖି ପ୍ରଭୁ ବଳରାମ । ଯୋଗେ ଚଳିଲେ ନିଜ ଧାମ ॥ 171
ମୋର ଜୀବନେ ନାହିଁ ଆଶା । ଦାରୁକ ଦେଖ ମୋର ଦଶା। ॥ 172
ଆମ ରଜନୀ ମଧ୍ୟଗତେ । ମୁଁ ପୁଣି ଯିବି ନିଜପଥେ ॥ 173
ମୋର ଶରୀର ଅବସାନେ । ସମୁଦ୍ର ଘୋରନାଦସ୍ୱନେ ॥ 174
ଗ୍ରାସିବ ଦ୍ୱାରକାଭୁବନ । ଜଳେ ବୁଡ଼ିବେ ସର୍ବଜନ ॥ 175
ଆଜ ନ ଥାନ୍ତୁ କେହି ପୁରେ । ରଜନୀମୁଖେ ଯାନ୍ତୁ ତୀରେ ॥ 176
ତାତ-ଜନନୀ-ନାରୀ ସଙ୍ଗେ । ଇନ୍ଦ୍ରପ୍ରସ୍ଥେ ତୁ ଯାଅ ବେଗେ ॥ 177
ଅର୍ଜୁନ ଅଛି ମୋ ଭୁବନେ । ଆବୋରି ନିଅ ବେନିଜନେ ॥ 178
ତୁ ଏବେ ହୁଅ ଜ୍ଞାନପର । ସକଳଭ୍ରମ କର ଦୂର ॥ 179
ସଂସାର ମୋହ ଛାଡ଼ି ଚିତ୍ତେ । ରହ ତୁ ମୋର ଧର୍ମପଥେ ॥ 180
ଯେତେ ତୁ ଦେଖୁ ଜୀବଲୋକ । ଏ ସର୍ବ ଦୁଃଖ ମହାଶୋକ ॥ 181
ମୋର ମାୟାରେ ଏ ଚଳନ୍ତି । ମୋତେ ତୁ ଭଜ ଏହା ଚିନ୍ତି ॥ 182
କୃଷ୍ଣର ଶୁଣି ଏ ବଚନ । ଦାରୁକ ହୋଇ ହତଜ୍ଞାନ ॥ 183
କୃଷ୍ଣଚରଣେ ଶିର ଦେଇ । ନମିଲା ଦଣ୍ଡପ୍ରାୟ ହୋଇ ॥ 184

ପ୍ରଣାମ କରି ପୁଣପୁଣ । ନମିଲା ଅଭୟ ଚରଣ ॥ 185
ଚରଣରେଣୁ ଶିରେ ଧରି । କାନ୍ଦଇ ଉଚ୍ଚେ ନାଦ କରି ॥ 186
ପଥ ନ ଦିଶେ ଦୁଃଖଶୋକେ । ଦ୍ୱାରକା ଚଳିଲା ଦାରୁକେ ॥ 187
ବୋଲଇ ଦାସ ଜଗନ୍ନାଥ । ମୁଁ ଏବେ ହୋଇଲି ଅନାଥ ॥ 188

ଇତି ଶ୍ରୀମଦ୍ ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଏକତ୍ରିଂଶୋଦ୍ଧ୍ୟାୟଃ ॥

## ଦ୍ୱାତ୍ରିଂଶ ଅଧ୍ୟାୟ

### ଶୁକ ଉବାଚ

ଏବେ ହୋ ପରୀକ୍ଷିତ ଶୁଣ । ବିଧାତା ଆଦି ଦେବଗଣ ॥ 1
ରଜନୀମୁଖେ ଦିନ ଅନ୍ତେ । ମିଳିଲେ କୃଷ୍ଣର ଅଗ୍ରତେ ॥ 2
ତ୍ରିଦଶନାଥ ପୁରନ୍ଦର । ମିଳିଲେ ଗଉରୀଶଙ୍କର ॥ 3
ସିଦ୍ଧ ଗନ୍ଧର୍ବ ପିତୃଗଣ । ପିଶାଚ କିନ୍ନର ଚାରଣ ॥ 4
ଯକ୍ଷ ଗୁହ୍ୟକ ବିଦ୍ୟାଧର । ଘେନାଇ ନାନା ଉପହାର ॥ 5
କୃଷ୍ଣଗମନ ଖେଳା ଦେଖି । ମିଳିଲେ ଭୁବନ ଉପେକ୍ଷି ॥ 6
କୃଷ୍ଣର ଜନ୍ମକର୍ମମାନ । ଆନନ୍ଦେ କରନ୍ତି ଗାୟନ ॥ 7
ଦିବ୍ୟକୁସୁମ ବରଷନ୍ତି । ଜୟଶବଦେ କରି ସ୍ତୁତି ॥ 8
ନିକଟେ ଦେଖି ଦେବଗଣ । ମନେ ଚିନ୍ତିଲେ ନାରାୟଣ ॥ 9
ଦେବଙ୍କ ମନ୍ଦିରେ ମୋ' ବାସ । ଏଣୁ ଏ ମୋହର ବିଶ୍ୱାସ ॥ 10
ଏହାଙ୍କ ଅର୍ଥେ ଅବତରି । ମୁହିଁ ଧରଣୀଭାର ହରି ॥ 11
ମୁହିଁ ମୋହର ମହୀତଳେ । ବିହରେ ନାନା ଯୋଗବଳେ ॥ 12
ମୋତେ ନ ପାରେ କେହି ଲକ୍ଷ୍ୟ । ଯେଣୁ ମୁଁ ସର୍ବଭୂତେ ସାକ୍ଷୀ ॥ 13
ମୁଁ ଆଜ ସମାଧି ପ୍ରବେଶେ । ଶରୀର ଛାଡ଼ି ନିଜ ଅଂଶେ ॥ 14
ପଶିବି ଦେଖନ୍ତୁ ଏ କ୍ଷଣ । ଏତେ ବିଚାରି ନାରାୟଣ ॥ 15
ଦୟାସାଗର ଭଗବାନ । ତକ୍ଷଣେ ବୁଜିଲେ ନୟନ ॥ 16
ସମାଧି ବସି ଦୃଢାସନେ । ପ୍ରାଣ ସଂଯମନ ପବନେ ॥ 17



ଧାରଣା ଅଗ୍ନି ସନ୍ଦୀପନେ । ଦେବସମୂହ ଅବଧାନେ ॥ 18
ନିଜ ଭୁବନେ ଗଲେ ହରି । ଜୟଶବଦେ ଦିଗ ପୂରି ॥ 19
ଶ୍ୟାମସୁନ୍ଦର କଳେବର । ଅଶେଷଜନ୍ତୁ ସୁଖ ଘର ॥ 20
ଧାନ-ଧାରଣା-ସ୍ତୁତିସ୍ଥାନ୍ । ମହୀମଙ୍ଗଳ ଅଭିରାମ ॥ 21
ସଂସାର ତରେ ଯାହା ଦେଖି । ହରି ଚଳିଲେ ତା ଉପେକ୍ଷି ॥ 22
ଦୁନ୍ଦୁଭି ବାଜେ ସୁରପୁରୀ । ନୃତ୍ୟ କରନ୍ତି ଅପସରୀ ॥ 23
ଆନନ୍ଦେ ପାରିଜାତମାଳା । ଦେବେ ବରଷି କଲେ ଖେଳା ॥ 24
ଶୂନ୍ୟ ଶବଦ ଶୁଣି କର୍ଣ୍ଣେ । ଦେବେ ବୋଲନ୍ତି ଅନ୍ୟଅନ୍ୟେ ॥ 25
ଚାଲ ହେ ଏହିପଥେ ଯିବା । କୃଷ୍ଣର ଚରଣେ ପୂଜିବା ॥ 26
ଏମନ୍ତ କରି ସେ ବିଚାର । ଘେନାଇ ନାନା ଉପହାର ॥ 27
କୃଷ୍ଣର ପଥେ ଯା'ନ୍ତି ଦେବେ । ପୂରିତ ଆନନ୍ଦ ଉସ୍ୱବେ ॥ 28
ଯେବଣ ପଥେ କୃଷ୍ଣ ଗଲେ । କେବେହେଁ ଦେବେ ନ ଜାଣିଲେ ॥ 29
ପରମଜ୍ୟୋତି ଶୂନ୍ୟେ ମିଶେ । ମେଘେ ବିଜୁଳି ଯେହ୍ନେ ଦିଶେ ॥ 30
ନ ଦେଖି କୃଷ୍ଣର ପୟର । ମନେ ପାଇଲେ ଚମତ୍କାର ॥ 31
ଭବ ବିରଞ୍ଚି ଆଦି ସୁରେ । ଶୂନ୍ୟେ ଚଳିଲେ ଯେଝାପୁରେ ॥ 32
ଜୀବ ଯେ ସର୍ବଭୂତେ ଥାଇ । ତାହାକୁ କେହି ନ ଦେଖଇ ॥ 33
ହରିଙ୍କି ଦେଖିବେ ସେ କାହିଁ । ଯାହାର ଆଦିଅନ୍ତ ନାହିଁ ॥ 34
ଆତ୍ମାକୁ ଆପଣେ ସୃଜଇ । ଆତ୍ମାରେ ଆତ୍ମା ପ୍ରବେଶଇ ॥ 35
ଆତ୍ମାରେ ଆତ୍ମାଭାବେ ରହେ । ଜନ୍ତୁଗୋଚର ଆତ୍ମା ନୋହେ ॥ 36
ଆତ୍ମାକୁ ଆତ୍ମବଳେ ବହେ । ଏଣୁ ସକଳ ଆତ୍ମାମୟେ ॥ 37
ଏଣୁ ଏ ଜନ୍ମ-ସ୍ଥିତି ମୃତ୍ୟୁ । ଯାହାର ମାୟା ଅଟେ ହେତୁ ॥ 38
ନଟର ପ୍ରାୟେ କ୍ରୀଡ଼ା କରେ । ଦେଖାଇ ପୁଣି ତା' ସଂହରେ ॥ 39
ଶୁଣ ହୋ ପରୀକ୍ଷିତ ତୁହି । ଯମର ଘରୁ ଭାବଗ୍ରାହୀ ॥ 40
ଗୁରୁକୁମର ଆଣି ଦେଲେ । ତୋତେ ହେଁ ଗର୍ଭେ ସେ ରଖିଲେ ॥ 41
ଯେ ହର ଅନ୍ତେ ଅନ୍ତଃ କରେ । ପ୍ରଳୟ କରେ ଯେ ସଂସାରେ ॥ 42
ସମରେ ହେଲେ ତାକୁ ଜିଣି । ମହାମହିମ ଚକ୍ରପାଣି ॥ 43
ଚରଣେ ବିନ୍ଧିଲା ଯେ ବ୍ୟାଧ । ଖଣ୍ଡିଲେ ତା'ର ଅପରାଧ ॥ 44

ଦେଖାଇ ଦରଶନ ଗତି । ତାହାଙ୍କୁ ଦେଲେ ସ୍ୱର୍ଗେ ସ୍ଥିତି ॥ 45

ଏମନ୍ତ ମହିମା ଯାହାର । ସେ ନୋହେ ନରଅବତାର ॥ 46

ଆପଣା ତନୁ ସେ ନ ରଖେ । ଏ କଥା ମୂର୍ଖଜନ ଲେଖେ ॥ 47

ସୃଷ୍ଟି ପାଳନ ସଂହାରଣ । ଏ ଲୀଳା ଯାହାର ଭିଆଣ ॥ 48

ଏ ଲୀଳା ଖେଳା ମାତ୍ର କରେ । ତେଣୁ ଅଶେଷ ଶକ୍ତି ଧରେ ॥ 49

ତଥାପି ଯଦୁବଂଶ ମାରି । ଧରଣୀଭାର ହେଲେ ତାରି ॥ 50

ବିଚାରେ କାହିଁ ପ୍ରୟୋଜନ । ତେଣୁ ସେ ଗଲେ ନିଜ ସ୍ଥାନ ॥ 51

ଅନାଦି ପ୍ରଭୁ ନାରାୟଣ । ଯେ ବିଷ୍ଣୁ ପରମକାରଣ ॥ 52

ସେ ଦେବଦେବଙ୍କର ପତି । ଦେଖାଇ ତାଙ୍କୁ ଦିବ୍ୟଜ୍ୟୋତି ॥ 53

ଯେସନେ ନଟ ଲୀଳା କରେ । ସେ ନିଜ ମାୟାରେ ବିହରେ ॥ 54

ଏମନ୍ତେ ଗୋବିନ୍ଦର ଗତି । ଏବେ ହୋ ଶୁଣ ନରପତି ॥ 55

ତା'ର ଚରିତ ଏ ଶୟନେ । ଯେ ପ୍ରାଣୀ ଉଠି ପ୍ରାତଃକାଳେ ॥ 56

କରଇ ଶ୍ରବଣ କୀର୍ତ୍ତନ । ଭାବେ ଭକତିବଳେ ପୁଣ ॥ 57

ସୁମରି ଗୋବିନ୍ଦର ଗତି । ନିର୍ମଳ ହୁଏ ତା'ର ମତି ॥ 58

ସଂସାର ତାପ ନ ଲାଗଇ । ଅନ୍ତେ ପରମଗତି ପାଇ ॥ 59

ଏବେ ହୋ ଶୁଣ କୃଷ୍ଣଲୀଳା । ଦାରୁକ ଦ୍ୱାରକା ଯେ ଗଲା ॥ 60

ରୋଦନ କରି ଉଚ୍ଚସ୍ୱରେ । ପଶିଲା ଦ୍ୱାରକା ନଗରେ ॥ 61

ଦେବକୀ ବସୁଦେବ ପାଦେ । ପଡ଼ିଲା ଦୁଃଖଶୋକନାଦେ ॥ 62

ଶୁଣି ମିଳିଲା ଉଗ୍ରସେନ । ଦେଖି ଦାରୁକ ଆଗମନ ॥ 63

ଦାରୁକ କହି ଶୋକନାଦେ । ପଡ଼ିଲା ଉଗ୍ରସେନ ପାଦେ ॥ 64

ଯାଦବବଳ ନାଶ କଥା । ରାମ ଗୋବିନ୍ଦଙ୍କ ବ୍ୟବସ୍ଥା ॥ 65

ଦାରୁକ ମୁଖୁଁ ତାହା ଶୁଣି । କୃଷ୍ଣର ଯେତେକ କାମିନୀ ॥ 66

ଶୋକେ ହୋଇଲେ ମୂରୁଛିତ । ଧରଣୀ ପଡ଼ି ମୋହଗତ ॥ 67

ସକଳେ ମିଳି ଏକସ୍ଥାନେ । ରୋଦନ କରି ଉଚ୍ଚସ୍ୱନେ ॥ 68

ଶିରେ ବଦନେ କର ତାଡ଼ି । କାନ୍ଦନ୍ତି ମହୀତଳେ ପଡ଼ି ॥ 69

ରାମ ଗୋବିନ୍ଦ ତନୁତ୍ୟାଗେ । ପ୍ରାଣ କେ ଧରେ ହୃଦଭାଗେ ॥ 70

ଦେବକୀ ରୋହିଣୀର କୋଳେ । ହା ହା ଗୋବିନ୍ଦ ବୋଲି ଭୋଳେ ॥ 71



ପଡ଼ି ଛାଡ଼ିଲେ ନିଜ ପ୍ରାଣ । ଦେଖି ବସୁଦେବ ତକ୍ଷଣ ॥ 72

ଚକିତେ ଚଉଦିଗେ ଚାହିଁ । କାତରେ କମ୍ପେ ତା'ର ଦେହୀ ॥ 73

ଡ଼ାକିଲା ଟେକି ବେନିକର । ଆସ ଗୋବିନ୍ଦ ହଳଧର ॥ 74

ଦେଖାଅ ସୁନ୍ଦର ବଦନ । ବୋଲି ଛାଡ଼ିଲା ନିଜ ପ୍ରାଣ ॥ 75

ବସୁଦେବର ଯେତେ ନାରୀ । ସ୍ୱାମୀ ଚରଣ ଦୃଢେ ଧରି ॥ 76

ଅନଳେ ହୋଇଲେ ଦହନ । ଗଲେ ସେ ବୈକୁଣ୍ଠ ଭୁବନ ॥ 77

ରେବତୀ ରାମମାର୍ଗ ଚିନ୍ତି । ଅଗ୍ନିରେ ଦଗଧ ହୁଅନ୍ତି ॥ 78

କୃଷ୍ଣନନ୍ଦନ ନାରୀଗଣେ । ଅଗ୍ନିପ୍ରବେଶ ଜଣେ ଜଣେ ॥ 79

କୃଷ୍ଣର ଶ୍ରେଷ୍ଠ ଅଷ୍ଟନାରୀ । ରୁକ୍ମିଣୀଦେବୀ ଆଦିକରି ॥ 80

ତୁଣ୍ଡେ ଉଚ୍ଚାରି ଭଗବାନ । ଅନଳେ ହୋଇଲେ ଦହନ ॥ 81

ଅର୍ଜୁନ ଦେଖି ତା' ନୟନେ । ସୁମରି କୃଷ୍ଣକଥା ମନେ ॥ 82

ଅନିତ୍ୟ ଦେଖି ଏ ସଂସାର । ଚିନ୍ତି ହୃଦୟ କଲା ସ୍ଥିର ॥ 83

କୃଷ୍ଣ ନ ଦେଖି ବନ୍ଧୁଗଣେ । ପ୍ରାଣ ଛାଡ଼ିଲେ ଜଣେ ଜଣେ ॥ 84

ଅର୍ଜୁନ ନେଇ ତା' ଅନଳେ । ଦହନ କଲା ସିନ୍ଧୁକୂଳେ ॥ 85

ଯେ ଅବା ରହିଲେ ଜୀବନେ । କୃଷ୍ଣର ଯେତେ ନାରୀଗଣେ ॥ 86

ତାହାଙ୍କୁ ଘେନାଇ ଅର୍ଜୁନ । ପୁରେ ଯେ ଥିଲେ ପ୍ରଜାଜନ ॥ 87

ସକଳ ଘେନି ଏକମେଳେ । ତୀରେ ମିଳିଲେ ରାତ୍ରକାଳେ ॥ 88

ଦେଖନ୍ତି ସର୍ବଲୋକ ତୁଲେ । ତକ୍ଷଣେ ସମୁଦ୍ର ଉଲ୍ଲୋଳେ ॥ 89

ବୁଡ଼ିଲା ଦ୍ୱାରକା ନଗର । ଛାଡ଼ି କୃଷ୍ଣର ନିଜ ପୁର ॥ 90

ଯେଣୁ ସେ କୃଷ୍ଣ-ସନ୍ନିଧାନେ । ରହେ ପ୍ରଳୟ ଅବସାନେ ॥ 91

ଏଣୁ ସେ ଦ୍ୱାରକା ନଗର । ସୁପୁଣ୍ୟ ଈଶ୍ୱର ମନ୍ଦିର ॥ 92

ପରମ ପବିତ୍ର ମଙ୍ଗଳ । ଯହିଁ ବିଜୟ ଆଦିମୂଳ ॥ 93

ଶୁଣ ସୁମନେ ପରୀକ୍ଷିତ । ଥିଲା ଯେ ଅନିରୁଦ୍ଧ ସୁତ ॥ 94

ବାଳକ ବଜ୍ର ତା'ର ନାମ । ସୁନ୍ଦର ତନୁ ଗୁଣଧାମ ॥ 95

ତାହାକୁ କଲେ ତହିଁ ରାଜା । ସୁଖେ ପାଳିଲା ଜନପ୍ରଜା ॥ 96

ଅର୍ଜୁନ ଛତ୍ର ଦେଇ ଶିରେ । ସେ ରାଜା ଦ୍ୱାରକା ନଗରେ ॥ 97

ମଙ୍ଗଳ ଅଭିଷେକ କରି । କୃଷ୍ଣ ବିଧବା ଯେତେ ନାରୀ ॥ 98

ସକଳ ପାରିଷଦ ଯୁତେ । ଅର୍ଜୁନ ଗଲା ଇନ୍ଦ୍ରପ୍ରସ୍ଥେ ॥ 99
ପଥେ ସେ ଗଲା ଦୁଃଖଶୋକେ । କୃଷ୍ଣ-ବିଚ୍ଛେଦେ ଅଶ୍ରୁମୁଖେ ॥ 100
ଶୁଣ ହୋ ରାଜା ପରୀକ୍ଷିତ । ଅର୍ଜୁନଠାରୁ ବନ୍ଧୁହତ ॥ 101
ଶୁଣି ତୋ' ପିତାମହଗଣେ । ରାଜ୍ୟ ଛାଡ଼ିଲେ ତତକ୍ଷଣେ ॥ 102
ତୋ' ଶିରେ ଅଭିଷେକ କରି । ତୁ ଯେ ପାଣ୍ଡବ ବଂଶଧାରୀ ॥ 103
ଉତ୍ତରେ ହିମଗିରି ଗଲେ । ଅନ୍ତେ ସେ ବୈକୁଣ୍ଠେ ବସିଲେ ॥ 104
ଶୁଣ ହୋ ଅଭିମନ୍ୟୁବଳା । ଯେତେ କହିଲି କୃଷ୍ଣଲୀଳା ॥ 105
କୃଷ୍ଣର ଯଶଗୁଣଗାଥା । ନିରତେ ଯେ କରନ୍ତି ଚିନ୍ତା ॥ 106
ଏହା ଯେ ଶ୍ରଦ୍ଧାକରି ଜନ । କରନ୍ତି ଶ୍ରବଣ କୀର୍ତ୍ତନ ॥ 107
ସେ ନର ତ୍ରିଭୁବନେ ଧନ୍ୟ । ଦେବେ କରନ୍ତି ତା'କୁ ମାନ୍ୟ ॥ 108
ହେଲେ ତରଇ ଭବବାରି । ଜଗତମଧ୍ୟେ ଯଶ ପୂରି ॥ 109
ଅତି ପତିତ ଦୁରାଚାର । ଯେ ଅବା ପାପିଷ୍ଠ ପାମର ॥ 110
ସେ ହରିକଥା କର୍ଣ୍ଣେ ଶୁଣି । ତରନ୍ତି ଭବତରଙ୍ଗିଣୀ ॥ 111
ଶ୍ରଦ୍ଧା ବିହୀନେ ଅବହେଳେ । ଯେ ପ୍ରାଣୀ ଶୁଣେ ଏକବେଳେ ॥ 112
ଭକତି ଲଭେ କୃଷ୍ଣପାଦେ । ନ ପଡ଼େ ଭବ-ପରମାଦେ ॥ 113
ପ୍ରାଣ ବିୟୋଗେ ବ୍ରହ୍ମସ୍ଥେ । ପଶଇ ନାରାୟଣ ଦେହେ ॥ 114
ପରୀକ୍ଷେ କହେ ବ୍ୟାସସୁତ । ଶ୍ରୀଏକାଦଶେ ଭାଗବତ ॥ 115
ଏଣେ ଜୀବର ପରିତ୍ରାଣ । ସୁଜନେ ନିତ୍ୟେ ଏହା ଶୁଣ ॥ 116
ଭକତି କୃଷ୍ଣପାଦେ ଲଭ । ମନୁଷ୍ୟ-ଜନ୍ମର ଏ ଲାଭ ॥ 117
ବୋଲଇ ଦାସ ଜଗନ୍ନାଥ । ମୁଁ ତୁମ୍ଭ ଭୃତ୍ୟଙ୍କର ଭୃତ୍ୟ ॥ 118

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଏକାଦଶସ୍କନ୍ଧେ ଦ୍ୱାତ୍ରିଂଶୋଽଧ୍ୟାୟଃ ॥
ଅତିବଡ଼ୀ ଜଗନ୍ନାଥଦାସକୃତ